ମେହେର କାବ୍ୟାଦର୍ଶ

ଡକ୍ଟର୍ ରବୀନ୍ଦ୍ରନାଥ ଆଚାର୍ଯ୍ୟ

Digitized by srujanika@gmail.com

ମେହେର କାବ୍ୟାଦର୍ଶ

ଡକ୍ଟର ରବୀନ୍ଦ୍ରନାଥ ଆଚାର୍ଯ୍ୟ
ଏମ୍. ଏ, ପି ଏଚ୍. ଡ. (ଉତ୍କଳ)

Digitized by srujanika@gmail.com

ମେହେର କାବ୍ୟାଦର୍ଶ

ଡକ୍ଟର ରବୀନ୍ଦ୍ରନାଥ ଆଚାର୍ଯ୍ୟ
ଏମ୍. ଏ., ପିଏଚ୍. ଡି. (ଉତ୍କଳ)

ପ୍ରକାଶକ :
ଡକ୍ଟର ରବୀନ୍ଦ୍ରନାଥ ଆଚାର୍ଯ୍ୟ
ଗ୍ରା : ରାଇପୁର, ପୋ : ନାଢ଼ବଣି
ଜିଲ୍ଲା : ବାଲେଶ୍ୱର

ପ୍ରଥମ ସଂସ୍କରଣ :
ଶ୍ରୀ ଗଣେଶ ଚତୁର୍ଥୀ, ୧୯୯୮

ପ୍ରାପ୍ତିସ୍ଥାନ :
ସାହୁ ବୁକ୍ ଷ୍ଟୋର
ଲଙ୍ଗଳେଶ୍ୱର, ବାଲେଶ୍ୱର

ବୀଣାପାଣି ପୁସ୍ତକାଳୟ
ଲଙ୍ଗଳେଶ୍ୱର

ନବ ଷ୍ଟୁଡେଣ୍ଟସ୍ ଷ୍ଟୋର
ବିନୋଦ ବିହାରୀ, କଟକ - ୭୫୩ ୦୦୨

ମୁଦ୍ରକ :
ପୁଷ୍ପିତା ପ୍ରେସ୍
କାଜି ବଜାର, କଟକ - ୭୫୩ ୦୦୧

ମୂଲ୍ୟ [illegible] ଟଙ୍କା ମାତ୍ର

Digitized by srujanika@gmail.com

ଉତ୍ସର୍ଗ

ବିଶିଷ୍ଟ ଶିକ୍ଷାବିତ୍ ତଥା ମୋର ପଥପ୍ରଦର୍ଶକ
ଡକ୍ଟର ଭୀମ ଦାଶ, ଏମ୍. ଏ., ଡି. ଲିଟ୍.ଙ୍କ
କରକମଳରେ ଗଭୀର ଭକ୍ତି ଓ ଶ୍ରଦ୍ଧାର
ନିବେଦନ ।

—ରବୀନ୍ଦ୍ର

Digitized by srujanika@gmail.com

ସୂଚିପତ୍ର

ପଦେ କଥା — ୧

୧ । ପୂର୍ବାଭାଷ — ୩

୨ । ଗଙ୍ଗାଧରଙ୍କ ଶିକ୍ଷା — ୫

୩ । ଗଙ୍ଗାଧରଙ୍କର ସଂକ୍ଷିପ୍ତ ଜୀବନୀ — ୭

୪ । ଗଙ୍ଗାଧରଙ୍କର ସୃଷ୍ଟି ସମ୍ଭାରର ସଂକ୍ଷିପ୍ତ ପରିଚୟ — ୧୦

୫ । ଗୀତି କବିତାରେ ଗଙ୍ଗାଧର — ୧୨

ଜାତୀୟତା ଭାବମୂଳକ କବିତା—ସଂସ୍କାରମୂଳକ କବିତା — ଶୋକମୂଳକ କବିତା — ପ୍ରକୃତି ବର୍ଣ୍ଣନାମୂଳକ କବିତା—ଭକ୍ତିମୂଳକ କବିତା—ଲୋକଗୀତିମୂଳକ କବିତା ।

୬ । ମେହେରଙ୍କ ସାହିତ୍ୟରେ ପ୍ରକୃତି ରୂପାୟନ — ୨୧

୭ । ମେହେରଙ୍କ ସାହିତ୍ୟରେ ଦେଶାତ୍ମବୋଧ — ୩୭

୮ । ଗଙ୍ଗାଧରଙ୍କର ଗଦ୍ୟ ରଚନା — ୪୧

୯ । ମେହେରଙ୍କ ଆଦ୍ୟପ୍ରୟାସ ଇନ୍ଦୁମତୀ — ୪୩

୧୦ । ଉତ୍କଳ ଲକ୍ଷ୍ମୀ — ୪୬

୧୧ । କୀଚକବଧ (ବିଭିନ୍ନ ମହାଭାରତରେ କୀଚକବଧର ସୂଚନା) — ୪୭

(ରାଜା କୃଷ୍ଣସିଂହଙ୍କ ମହାଭାରତ — ଟୀକା ମହାଭାରତ — ସାରଳା ମହାଭାରତ — ଗଙ୍ଗାଧରଙ୍କ କୀଚକବଧର ବିଷୟବସ୍ତୁ)

କୀଚକବଧର ଚରିତ୍ର ଚିତ୍ରଣ (ଚପଳା, ସୁଦେଷ୍ଣା, ସୈରନ୍ଧ୍ରୀ, କୀଚକ) — ୫୩

କୀଚକବଧରେ ପ୍ରକୃତି ଚିତ୍ରଣ—କୀଚକବଧରେ କବିଙ୍କ ପ୍ରତିଭା ।

Digitized by srujanika@gmail.com

୧୨ । ଅଯୋଧ୍ୟା ଦୃଶ୍ୟ ୭୪

୧୩ । ଅର୍ପଣ ପୁଷ୍ପାଞ୍ଜଳି ୭୭

୧୪ । ପ୍ରଣୟ ବଲ୍ଲରୀ (ମହାଭାରତରେ ବର୍ଣ୍ଣିତ କଥାବସ୍ତୁ, ଅଭିଜ୍ଞାନ ଶକୁନ୍ତଳମ୍‌ର ବିଷୟବସ୍ତୁ) ୭୧

ଚରିତ୍ର ଚିତ୍ରଣ (ଶକୁନ୍ତଳା, ପ୍ରିୟମ୍ବଦା ଓ ଅନସୂୟା, ଦୁଷ୍ମନ୍ତ) ୯୪

ପ୍ରଣୟ ବଲ୍ଲରୀରେ ପ୍ରକୃତି ବର୍ଣ୍ଣନା—ପ୍ରଣୟ-ବଲ୍ଲରୀରେ ଆଶ୍ରମ ଚିତ୍ର ।

୧୫ । କବିଙ୍କ ମାନସନନ୍ଦିନୀ ତପସ୍ୱିନୀ ୧୦୯

ତପସ୍ୱିନୀ ନାମକରଣରେ ସାର୍ଥକତା—ତପସ୍ୱିନୀ କାବ୍ୟରେ କବିଙ୍କ ଜୀବନ ଦର୍ଶନ—ତପସ୍ୱିନୀରେ ପ୍ରକୃତି (ବହିଃପ୍ରକୃତି ଓ ଅନ୍ତଃପ୍ରକୃତିର ସମନ୍ୱୟ) —ତପସ୍ୱିନୀରେ ପ୍ରାଚ୍ୟ-ପାଶ୍ଚାତ୍ୟ ଶୈଳୀ—ତପସ୍ୱିନୀ କାବ୍ୟରେ ତପୋବନର ସୌନ୍ଦର୍ଯ୍ୟ ଓ ତପସାଧନା—ତପସ୍ୱିନୀରେ କରୁଣ ରସ ।

ଚରିତ୍ର ଚିତ୍ରଣ (ରାମଚନ୍ଦ୍ର, ବାଲ୍ମୀକି, ଅରୁନ୍ଧତୀ, ସୀତା) ୧୩୩

□□□

Digitized by srujanika@gmail.com

ପଦେ କଥା

ଆଜକୁ ଦୀର୍ଘଦିନ ଧରି ମେହେରଙ୍କ ଉପରେ ପଦେ ଅଧେ କିଛି ଲେଖିବା ପାଇଁ ମନକୁ ଯେତେ ଆଗେଇ ନେଉଥାଏ ଆର୍ଥିକ ଅନଟନ, ସାଂସାରିକ ଜଞ୍ଜାଳ, କାର୍ଯ୍ୟବ୍ୟସ୍ତତା ମୋତେ ପଛକୁ ସେତେ ଓଟାରି ଧରୁଥାଏ । ଗଙ୍ଗାଧରଙ୍କର ପ୍ରତିଭାର ମୂଲ୍ୟାୟନ ଅନେକ ସମାଲୋଚକ କରିଯାଇଛନ୍ତି । କିଛିଟା ଅଭାବ ପରିଲକ୍ଷିତ ହେବା ଦେଖି ମୁଁ ତାଙ୍କ ଉପରେ ଲେଖଣୀ ଚାଳନା କରିବାକୁ ବାଧ୍ୟ ହୋଇଛି । ଓଡ଼ିଶାର ସାରସ୍ୱତ କ୍ଷେତ୍ରରେ ଗଙ୍ଗାଧରଙ୍କର ଅବଦାନ ଅବିସ୍ମରଣୀୟ । ସେ ଯେ କେବଳ ସ୍ରଷ୍ଟା ରୂପେ ଗୌରବାନ୍ୱିତ, ତାହା ମଧ୍ୟ ନୁହେଁ । ଉତ୍କଳର ଜାତୀୟ ଐକ୍ୟ ପ୍ରତିଷ୍ଠା ଦିଗରେ ପ୍ରତିଭାନ୍ୱିତ । ତାଙ୍କର ସ୍ଥୂଳ କାବ୍ୟାଦର୍ଶ ଉପରେ ଆଲୋଚନା-ସମାଲୋଚନା କରିବା ମୋ ଭଳି ସ୍ୱଳ୍ପଜ୍ଞାନବାନ୍ ବ୍ୟକ୍ତି ପକ୍ଷରେ ଧୃଷ୍ଟତା ମାତ୍ର । ୧୮୭୨-୯୨ ସାଲ ମଧ୍ୟରେ ମେହେରଙ୍କ ସାହିତ୍ୟ ବିକାଶର ପର୍ଯ୍ୟାପ୍ତ କାଳ । ଏହି ସମସ୍ତ ଉପରେ ସମ୍ୟକ୍ ଧାରଣା ନ ରହିଲେ ମେହେରଙ୍କ କାବ୍ୟ-କବିତା ଉପରେ ଆଲୋକପାତ କରିବା ଦୁଃସାଧ୍ୟ । ତାଙ୍କର କାବ୍ୟଗୁଡ଼ିକ ଯେପରି ମହିମାନ୍ୱିତ ସେହିପରି ଗୀତିକବିତାଗୁଡ଼ିକ ଶିକ୍ଷିତ ମହଲରେ ବେଶ୍ ଆଦୃତ । ରାଧାନାଥ ଗଙ୍ଗାଧରଙ୍କର କବିଗୁରୁ ଥାଇ ସେ ଯେପରି ପାଶ୍ଚାତ୍ୟ ସାହିତ୍ୟର ପ୍ରେମିକ ଥିଲେ ସେହିପରି ଗଙ୍ଗାଧର ପ୍ରାଚ୍ୟ-ସାହିତ୍ୟ ସମନ୍ୱୟର ବାର୍ତ୍ତାବହ ଥିଲେ । ଏ ଉଭୟ କବିଙ୍କର କାବ୍ୟ-ସୃଷ୍ଟି କୌଶଳ ମଧ୍ୟ ଥିଲା ଏକ । ପାଶ୍ଚାତ୍ୟ କିମ୍ବା ପ୍ରାଚ୍ୟ ସାହିତ୍ୟର ବିଷୟବସ୍ତୁ ଓ ଭାବଧାରାକୁ ଅନୁକରଣ କରି ଏକ ଏକ ସ୍ୱତନ୍ତ୍ର ମୌଳିକ କାବ୍ୟ ସୃଷ୍ଟି କରିବା ଉଭୟ କବିଙ୍କର ଥିଲା ଲକ୍ଷ୍ୟ । ମୌଳିକ କଳ୍ପନା, ମାର୍ଜିତ ଭାଷା, ଓଡ଼ିଶାର ସମାଜ ଓ ସଂସ୍କୃତି, ପଟପଟାଣି, ଚାଲିଚଳନ ଆଦିକୁ ଲକ୍ଷ୍ୟକରି ତାଙ୍କର କାବ୍ୟ-କବିତାରେ ସେଗୁଡ଼ିକୁ ରୂପ ଦେଇଯାଇଛନ୍ତି । ସେଇଥିପାଇଁ ରାଧାନାଥ ଓ ଗଙ୍ଗାଧର ସର୍ବାଧିକ ଲୋକପ୍ରିୟତା ଅର୍ଜନ କରିଛନ୍ତି । ଗଙ୍ଗାଧରଙ୍କ ସାହିତ୍ୟରେ ରାଧାନାଥଙ୍କ ସାହିତ୍ୟର ଅସାମାଜିକ ପ୍ରସଙ୍ଗ ନଥି, ବିଜାତୀୟ କଥାବସ୍ତୁ ନାହିଁ । ତାଙ୍କ ରଚନାରେ ଅଛି ଆଦର୍ଶମୟ ମାନବୀୟ ପ୍ରେମର ମହତ୍ତ୍ୱ । ତାଙ୍କ ଜୀବନୀ ପର୍ଯ୍ୟାଲୋଚନା କଲେ ଯେ କୌଣସି ପାଠକଙ୍କ ଚିତ୍ତରେ ହତାଶାର ଛାୟା ସୃଷ୍ଟି ହୁଏ । କିନ୍ତୁ ତାଙ୍କର ସାଧନା ଓ ପ୍ରତିଭା ପର୍ଯ୍ୟାଲୋଚନା କଲେ ଅଧିକ ବିସ୍ମିତ ହେବାକୁ ପଡ଼େ ଯେ, ସେ କିପରି ଏଭଳି ଦାରିଦ୍ର୍ୟ ନିଷ୍ପେଷିତ ଜୀବନଯାପନ ଭିତରେ ଏତେବଡ଼ ପ୍ରତିଭାର ଅଧିକାରୀ ହୋଇପାରିଲେ ?

ଗଙ୍ଗାଧରଙ୍କର କାବ୍ୟାକୃତି ଉପରେ ଆଲୋକପାତ କରିବାକୁ ଯାଇ ମୁଁ ପୂର୍ବବର୍ତ୍ତୀ ସମୀକ୍ଷକ ଡକ୍ଟର ନଟବର ସାମନ୍ତରାୟ, ଡକ୍ଟର ଅସିତ କବି, ଡକ୍ଟର ନଗେନ୍ଦ୍ର ନାଥ ପ୍ରଧାନ, ଅଧ୍ୟାପକ ହେମନ୍ତ କୁମାର ଦାସ, ୮ ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ମହାନ୍ତି ତଥା

Digitized by srujanika@gmail.com

ବିଭିନ୍ନ ପତ୍ର ପତ୍ରିକାର ସାହାଯ୍ୟ ନେଇଛି ଏବଂ ଆବଶ୍ୟକ ସ୍ଥଳେ ତହିଁରୁ ଉଦାହରଣ ମଧ୍ୟ ଉଦ୍ଧାର କରିଛି । ପୂର୍ବ ସାଧକମାନଙ୍କର ଅସାଧାରଣ ପାଣ୍ଡିତ୍ୟ ତୁଳନାରେ ମୁଁ ଜଣେ ବିଦ୍ୟାର୍ଥୀ ମାତ୍ର । ସାର୍ଥକ ସାହିତ୍ୟ ସମୀକ୍ଷକ ହେବା ଏକ ଦୁରୁହ ବ୍ୟାପାର । ଯେକୌଣସି ସାହିତ୍ୟ ସମୀକ୍ଷା କରିବାକୁ ହେଲେ ସମୀକ୍ଷକଙ୍କର ଅସୀମ ଧୈର୍ଯ୍ୟ, ସ୍ଥିର ବିଚାର ତଥା ଅସାଧାରଣ ପ୍ରତିଭା ଦରକାର । ଏ କ୍ଷେତ୍ରରେ ଏହା ମୋର ପ୍ରାଥମିକ ଉଦ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମେହେରଙ୍କ କାବ୍ୟ କବିତାଗୁଡ଼ିକୁ ଆଲୋଚନା କରିବାକୁ ଯାଇ ମୋର ବହୁତ ସମୟ ବିତିଯାଇଛି । ମେହେରଙ୍କ ସାହିତ୍ୟ ଉପରେ ଦେଇଥିବା ଅଭିମତ ମୋର ମୌଳିକ ହେଲେହେଁ ତାହା ଯଥାର୍ଥ କି ଅସତ୍ୟ ପ୍ରିୟ ପାଠକ ପାଠିକା ତାହା ବିଚାର କରିବେ । ପୁସ୍ତକ ପ୍ରକାଶନରେ ମୁଦ୍ରଣ ଜନିତ ତ୍ରୁଟି ବହୁକ୍ଷେତ୍ରରେ ପରିଦୃଷ୍ଟ ହୋଇଥାଏ । ସୁଧୀ ପାଠକ-ପାଠିକାବୃନ୍ଦ ଉକ୍ତ ତ୍ରୁଟିକୁ ସୁଧାରି ନେଇ ସମୀକ୍ଷକଙ୍କୁ ଦର୍ଶାଇ ଦେଲେ ପରବର୍ତ୍ତୀ ସଂସ୍କରଣରେ ମୁଁ ତାକୁ ସଂଶୋଧନ କରିବାକୁ ସଚେଷ୍ଟ ହେବି ।

ଉକ୍ତ ପୁସ୍ତକଟି ପାଣ୍ଡୁଲିପି ଆକାରରେ ରହିଥିବା ବେଳେ ଅନେକ ସହୃଦୟ ଶିକ୍ଷାପ୍ରେମୀ ବନ୍ଧୁ ଏହାକୁ ପ୍ରକାଶ କରିବାକୁ ବହୁ ଅନୁରୋଧ କରିଥିଲେ । ସେହି ବନ୍ଧୁମାନଙ୍କର ବହୁମୂଲ୍ୟ ସମୟ, ନିଷ୍ଠା ଓ ଉତ୍ସାହ ଏହି କ୍ଷୁଦ୍ର ପୁସ୍ତକଟିର ପ୍ରକାଶନ ସମ୍ଭବ କରିପାରିଛି, ସେଥିପାଇଁ ମୁଁ ତାଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଅଛି ।

ଏ ଆଲୋଚନା ମୋର ପ୍ରିୟ ପାଠକ-ପାଠିକାଙ୍କର ସାମାନ୍ୟ ଉପକାର କରି ପାରିଲେ ମୋର ଶ୍ରମ ସାର୍ଥକ ହେଲାବୋଲି ଜାଣିବି ।

ରାଇପୁର, ବାଲେଶ୍ୱର ।
ଶ୍ରୀ ଗଣେଶ ପୂଜା, ୧୯୯୮

ରବୀନ୍ଦ୍ରନାଥ ଆଚାର୍ଯ୍ୟ

Digitized by srujanika@gmail.com

ପୂର୍ବାଭାଷ

ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ କ୍ଷେତ୍ରରେ ଗଙ୍ଗାଧରଙ୍କର ଅବଦାନ ଅବିସ୍ମରଣୀୟ । କୌଣସି କବିଙ୍କ ବିଷୟରେ ସମୀକ୍ଷା କରିବାକୁ ହେଲେ ସେ ସମୟର ସାହିତ୍ୟ, କଳା, ଦର୍ଶନ ଉପରେ ସମ୍ୟକ୍ ଅନୁଶୀଳନ କରିବା ସଙ୍ଗେ ସଙ୍ଗେ ସାମାଜିକ ଓ ରାଜନୈତିକ ବିବର୍ତ୍ତନ ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ । ଓଡ଼ିଆ ସାହିତ୍ୟରେ ଗଙ୍ଗାଧରଙ୍କର କାବ୍ୟିକ ପ୍ରତିଭା ତାଙ୍କୁ ଯୁଗେ ଯୁଗେ ଅମର କରି ରଖିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ହଜାରେ ବର୍ଷ ତଳେ ଚଉରାଶି ସିଦ୍ଧାଚାର୍ଯ୍ୟଙ୍କର ଗୀତିକା ସମୂହ 'ବୌଦ୍ଧଗାନ ଦୋହା' ନାମରେ ସଂଗୃହୀତ ହୋଇ ଓଡ଼ିଆ ପଦ୍ୟ ସାହିତ୍ୟର ଆଦିମତମ ସୃଷ୍ଟି ଭାବରେ ପରିଚିତ ହୋଇଥିଲା । ଆଲୋଚନାର ସୁବିଧା ଦୃଷ୍ଟିରୁ ଓଡ଼ିଆ ସାହିତ୍ୟକୁ କେତୋଟି ଯୁଗଧାରାରେ ବିଭକ୍ତ କରାଗଲେ ଆଦି ଯୁଗ ସାରଳା ଦାସଙ୍କ ପୂର୍ବକୁ ପ୍ରାକ୍ ସାରଳା ବା ବୌଦ୍ଧଗାନ ଦୋହା ନାମରେ ଅଭିହିତ କରାଯାଇପାରେ । ଏହା ପଞ୍ଚଦଶ ଶତାବ୍ଦୀର ପୂର୍ବଯୁଗ । ପଞ୍ଚଦଶ ଶତାବ୍ଦୀରେ ସାରଳା ଦାସ ହେଉଛନ୍ତି ଶ୍ରେଷ୍ଠ କବି । ହିନ୍ଦୁ ପୁରାଣରୁ କଥାବସ୍ତୁ ସଂଗ୍ରହ କରି ସାରଳା ଦାସ ମହାଭାରତ, ବିଲଙ୍କା ରାମାୟଣ ଓ ଚଣ୍ଡୀ ପୁରାଣ ରଚନା କରି ଯାଇଛନ୍ତି । ସାରଳା ଠାକୁରାଣୀଙ୍କର ଆଶୀର୍ବାଦ ଲାଭ କରି ସେ ବିଶିଷ୍ଟ କବି ହୋଇପାରିଥିଲେ । ଷୋଡ଼ଶ ଶତାବ୍ଦୀରେ ଓଡ଼ିଆ ପଦ୍ୟ ସାହିତ୍ୟରେ ବୈଷ୍ଣବ ଯୁଗର ଅଭ୍ୟୁଦୟ । ବଳରାମ, ଜଗନ୍ନାଥ, ଯଶୋବନ୍ତ, ଅଚ୍ୟୁତ ଓ ଅନନ୍ତ ଏ ଯୁଗର ସର୍ବଶ୍ରେଷ୍ଠ କବି । ପଞ୍ଚସଖା ନାମରେ ଅଭିହିତ । ୧୫୧୦ ଖ୍ରୀ:ଅ:ରେ ଚୈତନ୍ୟଦେବଙ୍କ ଓଡ଼ିଶା ଆଗମନରେ ସାରା ଉତ୍କଳରେ ବୈଷ୍ଣବ ଧର୍ମ ଏକ ନୂତନ ରୂପରେଖ ଲାଭ କଲା । ତାଙ୍କର ଭକ୍ତିଧାରାରେ ଉତ୍କଳର ପୁରପଲ୍ଲୀରେ ବାସ କରୁଥିବା ଆବାଳ ବୃଦ୍ଧ ବନିତା ଉଦ୍‌ବୁଦ୍ଧ ହୋଇ-ଉଠିଲେ । ଧର୍ମ କ୍ଷେତ୍ରରେ ଉତ୍କଳୀୟ ଓ ଗୌଡ଼ୀୟ ବୈଷ୍ଣବ ଏହି ଦୁଇ ଧାରା ପ୍ରବାହିତ ହୋଇ ଜନସାଧାରଣଙ୍କ ମନରେ ନବଜାଗରଣ ସୃଷ୍ଟି କଲା ।

ସପ୍ତଦଶ ଶତାବ୍ଦୀ ହେଉଛି ଓଡ଼ିଆ ଇତିହାସରେ ଏକ ଅବିସ୍ମରଣୀୟ ଯୁଗ । ମୁସଲମାନମାନଙ୍କର ଶାସନ ତଥା ହିନ୍ଦୁ ବିଦ୍ୱେଷୀ କଳାପାହାଡ଼ର ଓଡ଼ିଶା ଆକ୍ରମଣ ଫଳରେ ଓଡ଼ିଶାରେ ଯେଉଁ ଧ୍ୱଂସଲୀଳା ପ୍ରବାହିତ ହୋଇଛି, ସେଥିରେ ପୂର୍ବ ଯୁଗର ଭକ୍ତି ରସାଶ୍ରିତ ସାହିତ୍ୟର ପରିପ୍ରସାର ସମ୍ପୂର୍ଣ୍ଣ ବ୍ୟାହତ ହୋଇଯାଇଛି । ହେଲେ ମଧ୍ୟ ଏହି ସଙ୍କଟମୟ ପରିସ୍ଥିତି, ଘୁମୁସର ରାଜବଂଶ ସମ୍ଭୂତ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଓଡ଼ିଆ ସାହିତ୍ୟକୁ ଯୁଗେ ଯୁଗେ ଅମର ରଖିବାକୁ ଯାଇ ଓଡ଼ିଆ ପଦ୍ୟ ସାହିତ୍ୟରେ କାଲ୍ପନିକତାର

Digitized by srujanika@gmail.com

ସୃଷ୍ଟି କରି ରାଜକୁମାର, ରାଜକୁମାରୀଙ୍କୁ ନାୟକ ନାୟିକା ଭାବରେ ଚିତ୍ରଣ କରିଛନ୍ତି । ସମଗ୍ର ଓଡ଼ିଆ କାବ୍ୟ ସାହିତ୍ୟରେ ଏହି ଯୁଗର କାବ୍ୟକାରଗଣ ନୂତନ ଧାରା ପ୍ରବର୍ତ୍ତନ କରି ଯାଇଛନ୍ତି । ଏଯୁଗର ପଦ୍ୟ ସାହିତ୍ୟ ଅଳଙ୍କାର, ଛନ୍ଦ, ସ୍ୱର ଶୃଙ୍ଖଳାରେ ଭାରାକ୍ରାନ୍ତ ।

ଊନବିଂଶ ଶତାବ୍ଦୀରେ ଓଡ଼ିଶା ଇଂରେଜମାନଙ୍କ ଶାସନାଧୀନ ଥିଲା । ୧୮୨୨ ଖ୍ରୀ:ଅ:ରେ ମିଶନାରୀ ଶିକ୍ଷାର ପ୍ରବର୍ତ୍ତନ । Dr. Sutton ସାହେବ ହେଉଛନ୍ତି ମିଶନାରୀ-ମାନଙ୍କ ମଧ୍ୟରେ ପ୍ରଥମ ଲେଖକ । ମିଶନାରୀମାନଙ୍କର ଉଦ୍ଦେଶ୍ୟ ଥିଲା ଖ୍ରୀଷ୍ଟ ଧର୍ମକୁ ପ୍ରଚାର କରିବା ଓ ତତ୍ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ସାହିତ୍ୟ ଏ ଦେଶରେ ପ୍ରଚାର କରିବା । ଊନବିଂଶ ଶତାବ୍ଦୀର ଦ୍ୱିତୀୟ ପର୍ଯ୍ୟାୟରେ ସାରା ଭାରତ ବର୍ଷରେ ଯେଉଁ ଅଭିନବ ରାଜନୈତିକ ଜାଗରଣ ସୃଷ୍ଟି ହେଲା ସେହି ଜାଗରଣରେ ଜାଗରୂକ ହୋଇ ଉଠିଲେ ଦୂରଦ୍ରଷ୍ଟା ମନୀଷୀ-ଗଣ । ସେମାନେ ସୃଷ୍ଟି କଲେ ଅଭିନବ ବିପ୍ଳବ । ଇନ୍ଧନ ଯୋଗାଇଲା ପାଶ୍ଚାତ୍ୟ ଚିନ୍ତାଧାରା । ଏହି ପାଶ୍ଚାତ୍ୟ ଚିନ୍ତାଧାରା ନେଇ ଉତ୍କଳରେ ଦେଖାଦେଲେ ଯୁଗଜନ୍ମା ସାହିତ୍ୟିକ ଗଣ । ଯେତେବେଳେ ଏହି ଅନ୍ଧକାର ରୂପୀ ଘନ ତମିସ୍ରାକୁ ଧ୍ୱଂସକରି ଉଦୟାଚଳରେ ନୂତନ ସୂର୍ଯ୍ୟଙ୍କର ଆବିର୍ଭାବ ହୁଏ ସେତେବେଳେ ହଜାରେ ଧରିତ୍ରୀର ସବୁକିଛି । ଉଦ୍ଭାସିତ ହୁଅନ୍ତି ନବଶ୍ରୀ ମହୀରୁହ । ସେହି ମହୀରୁହ ମଧ୍ୟରୁ ଗଙ୍ଗାଧର ଅନ୍ୟତମ । ଓଡ଼ିଆ ସାହିତ୍ୟରେ ପ୍ରାଚୀନ ସୂର୍ଯ୍ୟର ଅନ୍ତିମ ରଶ୍ମି ନିର୍ବାପିତ ହେବା ପୂର୍ବରୁ ଆଧୁନିକ ସୂର୍ଯ୍ୟର ଉଦୟ ବାର୍ତ୍ତା । ଯେଉଁ ବାର୍ତ୍ତାବହ ରୂପେ ଦେଖା ଦେଇଥିଲେ—ରାଧାନାଥ, ମଧୁସୂଦନ, ଫକୀରମୋହନ ଓ ଗଙ୍ଗାଧର ।

ରାଧାନାଥ ଓ ମଧୁସୂଦନ ଉଭୟେ ପାଶ୍ଚାତ୍ୟ ଶିକ୍ଷାରେ ଦକ୍ଷତା ହାସଲ କରିଥିବାରୁ ଶିକ୍ଷା ବିଭାଗରେ ଉଚ୍ଚ କର୍ମଚାରୀ ପଦରେ ନିଯୁକ୍ତି ପାଇଥିଲେ । ତେଣୁ ଉଭୟଙ୍କ ଲେଖନୀରୁ ପାଶ୍ଚାତ୍ୟକୁ ଦର୍ଶନ ଭିତ୍ତିକ ସାହିତ୍ୟିକ ଆଦର୍ଶ ଓଡ଼ିଆ ସାହିତ୍ୟରେ ଦେଖା ଦେଇଥିଲା । ରାଧାନାଥ ଉଚ୍ଚ ଶିକ୍ଷା ଲାଭ କରି ଥିବାରୁ ତାଙ୍କ ସାହିତ୍ୟରେ ଅଭିନବ ଦୃଷ୍ଟିଭଙ୍ଗୀ ଦେଖା ଦେଲା । ଆମ ଦେଶର ଜାତୀୟ ପରମ୍ପରାକୁ ଗ୍ରହଣ ନ କରି ବିଜାତୀୟ ଭାବଧାରା ପାର୍ବତୀ, ଉଷା, କେଦାରଗୌରୀଙ୍କୁ ପରିପୁଷ୍ଟ କରିବା ଫଳରେ ଆଲୋଚକମାନଙ୍କ ଦ୍ୱାରା ନିଷ୍ଠୁର ଭାବରେ ସମାଲୋଚିତ ହେଲେ । ଯେଉଁ ସାହିତ୍ୟ ଗୋଷ୍ଠୀ ଭକ୍ତୀୟ ଭାବଧାରାକୁ ଗ୍ରହଣ କରୁଥିଲେ ସେମାନେ ରାଧାନାଥ ସାହିତ୍ୟକୁ ସମାଲୋଚନା କଲେ । ୧୮୯୩ ମସିହା ଅଗଷ୍ଟ ୧୭ ତାରିଖରେ 'ଇନ୍ଦ୍ରଧନୁ' ପତ୍ରିକା ରାଧାନାଥଙ୍କୁ ସମାଲୋଚନା କଲାବେଳେ ଠିକ୍ ଏହି ମାସ ପରେ ଅର୍ଥାତ୍ ୧୮୯୩ ମସିହା ସେପ୍ଟେମ୍ବର ୧୭ ତାରିଖରେ 'ବିଜୁଳି' ପ୍ରକାଶିତ ହୋଇ ରାଧାନାଥ ସାହିତ୍ୟର ବଳିଷ୍ଠତା ଘୋଷଣା କଲା । ପ୍ରାଚୀନତା ଓ ଆଧୁନିକତାର ସଂଘର୍ଷ କାଳରେ ରଙ୍ଗାଙ୍କର ଗଙ୍ଗାଧରଙ୍କର ସାହିତ୍ୟ ଜନ୍ମ । ଗଙ୍ଗାଧରଙ୍କର ସାହିତ୍ୟ ସମଗ୍ର ପଦ୍ୟ ସାହିତ୍ୟରେ ଏକ ଅଭୂତ ସୃଷ୍ଟି । ସେ ପ୍ରାଚୀନ ସାହିତ୍ୟାଦର୍ଶକୁ ଗ୍ରହଣ କରି ନାହାନ୍ତି କିମ୍ବା ଆଧୁନିକ ସାହିତ୍ୟର ଆଧୁନିକତାକୁ ମଧ୍ୟ ଗ୍ରହଣ କରି ନାହାନ୍ତି । ଏହି ପ୍ରାଚୀନତା ଓ ଆଧୁନିକତା ମଧ୍ୟରୁ ଯେଉଁଟା ତାଙ୍କ ପକ୍ଷରେ ଲୋଭନୀୟ ହୋଇଛି

Digitized by srujanika@gmail.com

ତାହା ସେ ଗ୍ରହଣ କରିଛନ୍ତି । ଏଣୁ ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରାଚୀନତା ଓ ଆଧୁନିକତାର ମନୋଜ୍ଞ ସମ୍ମିଶ୍ରଣ ଓ କବିତ୍ୱ ଓ ପାଣ୍ଡିତ୍ୟର ଅପୂର୍ବ ସମନ୍ୱୟ । ଦାରିଦ୍ର୍ୟତାର ତନ୍ତ୍ର ଶୃଙ୍ଖଳା ଭିତରେ ପଣ୍ଡିତ ସଂସ୍କୃତ କବିମାନଙ୍କର ସାହିତ୍ୟାଦର୍ଶକୁ ଅନୁସରଣ କରି ତାଙ୍କ ସାହିତ୍ୟରେ ଆଧୁନିକତା ଭର୍ତ୍ତି କରୁଥିଲେ । ଓଡ଼ିଶାର ଏକ ଅବହେଳିତ ପଲ୍ଲୀରେ ଜନ୍ମ ଗ୍ରହଣ କରି ଓଡ଼ିଶାର ପାଣି, ପବନ, ଗୋରୁ, ବାଲି ପ୍ରତ୍ୟେକଟିକୁ ସାଉଁଟିବା ପାଇଁ ସେ ଯେଉଁ ଉଦ୍ୟମ କରିଛନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମୋଟ ଉପରେ କହିବାକୁ ଗଲେ ଗଙ୍ଗାଧରଙ୍କର ଓଡ଼ିଆ ପଦ୍ୟ ଓ ଗଦ୍ୟ ଓଡ଼ିଶାର ପ୍ରତ୍ୟେକ ପାଠକ ପାଠିକାଙ୍କ ମନକୁ ମୁଗ୍ଧ କରିଛି, ଏଥିରେ ସନ୍ଦେହର ଅବକାଶ ନାହିଁ ।

□□□

ଗଙ୍ଗାଧରଙ୍କର ଶିକ୍ଷା

ଯେଉଁ ପୁଣ୍ୟ ଶ୍ଳୋକ ମହାମନୀଷୀ ବୃନ୍ଦ ଉତ୍କଳର ସାରସ୍ୱତ ଭଣ୍ଡାରକୁ ତାଙ୍କର ପ୍ରତିଭା ବଳରେ ବିକଶିତ କରି ଯାଇଛନ୍ତି ସେମାନଙ୍କ ମଧ୍ୟରେ ସ୍ୱଭାବ କବି ଗଙ୍ଗାଧର ଅନ୍ୟତମ । ଏହି ଶକ୍ତିଶାଳୀ ସଂସ୍କୃତିମନା କବି ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ଦିନ ସମ୍ବଲପୁର ଜିଲ୍ଲା ବରପାଲିର ଏକ ଦରିଦ୍ର ତନ୍ତୁବାୟ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଏହି ପରିବାରଟି 'ଭୁଲିଆ' ନାମକ ଏକ ଅସ୍ପୃଶ୍ୟ ଗୋଷ୍ଠୀର ଅନ୍ତର୍ଗତ ଥିଲା । ତାଙ୍କର ପିତାଙ୍କ ନାମ ଥିଲା ଚୈତନ୍ୟ ମେହେର । ଗଙ୍ଗାଧର ଜନ୍ମ ହେବାର ସାତ ବର୍ଷଠାରୁ କୋଡ଼ିଏ ବର୍ଷ ବୟସ ପର୍ଯ୍ୟନ୍ତ ଏହି ତେର ବର୍ଷ ତାଙ୍କୁ ବାଧାବିଘ୍ନ ଅତିକ୍ରମ କରି ବିଦ୍ୟା ଶିକ୍ଷା କରିବାକୁ ପଡ଼ିଥିଲା । ପିଲାଦିନେ ସେ ଯେଉଁ ଗ୍ରାମ ଚାଟଶାଳୀରେ ବିଦ୍ୟା-ଶିକ୍ଷା କରିଥିଲେ ତାହା ଆଧୁନିକ ଶିକ୍ଷା ଜଗତରେ କିଛି ନୁହେଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେତେବେଳେ ସରକାରୀ ସ୍କୁଲରେ ପାଠ ପଢ଼ିବା ଏକ ବାଧ୍ୟତାମୂଳକ ଶିକ୍ଷା ଥିବାରୁ ଗଙ୍ଗାଧରଙ୍କୁ ୧୮୬୫ ମସିହାରୁ ପୁଣି ପଢ଼ିବାକୁ ପଡ଼ିଥିଲା । ସେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଥିଲେ । ତାଙ୍କର ଆର୍ଥିକ ଅବସ୍ଥା ଏତେ ଶୋଚନୀୟ ଥିଲା ଯେ ତାଙ୍କର ଆତ୍ମଜୀବନୀରେ ସେ ସମସ୍ତ ବର୍ଣ୍ଣନା କରିଛନ୍ତି ।

"ମୋର ପିତାଙ୍କର ଆର୍ଥିକ ଅବସ୍ଥା ବଡ଼ ଶୋଚନୀୟ ଥିଲା । ମୁଁ ସ୍କୁଲରେ ଶିକ୍ଷା ଶେଷ କରିବା ପର୍ଯ୍ୟନ୍ତ ସାମାନ୍ୟ କୁରୁତା ଖଣ୍ଡେ କରିପାରି ନଥିଲି । ଖଣ୍ଡେ ଶାନ୍ତିପୁରୀ ଚଦରର ଅତିମ୍ଳାନ ହେବା ପର୍ଯ୍ୟନ୍ତ ବ୍ୟବହାର କରିବାକୁ ପଡ଼ିଥିଲା । ହାକିମ ଆସିବା

Digitized by srujanika@gmail.com

ଦିନ ସମସ୍ତେ କୁରୁତା ଲଗାଇ ଥିଲେ । ମୋ ଭାଗ୍ୟରେ ତାହା କେବେ ଘଟି ନଥିଲା । ଭଲ ଧୋତି ନ ଥିବାରୁ ପିତାମାତାଙ୍କଠାରେ ଅଳି କଲାବେଳେ ମୋର ପିତୃବ୍ୟ ତାଙ୍କର ଖଣ୍ଡେ କୋରା ଧୋତି ବାହାର କରି ଦେଉଥିଲେ । ଥରେ ଇନ୍‌ସପେକ୍ଟର ଜେନେରାଲ ଆସିବାରୁ ଅନେକ ଛାତ୍ର କୋଟ୍ ଚପକନ ପ୍ରସ୍ତୁତ କରାଇଲେ । ତାଙ୍କ ସଙ୍ଗେ ମୋର ପିତାଙ୍କଠାରୁ ଟ ୧। ବା ଟ ୧୲ ନେଇ ଶିକ୍ଷକ ମହାଶୟ ଲଂକ୍ଲଥ କିଣି ଦରଜୀଙ୍କୁ ଦେଲେ । ଦରଜୀ ତାହା ପୂର୍ଣ୍ଣରୂପେ ସିଲାଇ କରିନଥିଲା । ସାହେବ ଆସିଗଲେ । କଞ୍ଚା ସିଲାଇ ଅବସ୍ଥାରେ ସେହି ଚପକନ ଲଗାଇ ସାହେବଙ୍କଠାରେ ପରୀକ୍ଷା ଦେଲି । ସେହି ଚପକନଟି ଆଉ ପୂର୍ଣ୍ଣ ସିଲାଇ ହୋଇପାରିଲା ନାହିଁ । ପରେ ଥରେ ମୁଁ ହାତରେ ସିଇଁ ନେଇଥିଲି ।"

(ଗଙ୍ଗାଧର ଗ୍ରନ୍ଥାବଳୀ—ଆତ୍ମଜୀବନୀ)

ଗଙ୍ଗାଧରଙ୍କ ଜନ୍ମ ହେବା ପୂର୍ବରୁ ତାଙ୍କର ପିତା ନିଜ ଘରେ ଗୋଟିଏ ଚାଟଶାଳୀ କରି ଅନେକ ପିଲାଙ୍କୁ ପଢ଼ାଉଥିଲେ । ଭାଗବତ ପାଠ, କିଛି ଛାନ୍ଦ ଗ୍ରନ୍ଥ ଓ ପଟଣ ଖଡ଼ା ପଣିକିଆ ଶେଷ ହେଉଥିଲା । ଗଙ୍ଗାଧରଙ୍କର ୬ ବର୍ଷ ବେଳକୁ ଘରେ ହେଉଥିବା ଚାଟଶାଳୀ ଭାଙ୍ଗି ଯାଇଥିଲା । ଘର ନିକଟସ୍ଥ ଜଣେ ଜ୍ଞାତିଙ୍କ ଘରେ ସେ ପାଠପଢ଼ା ଆରମ୍ଭ କରିଥିଲେ । ରୂପ ପଞ୍ଚାଧ୍ୟାୟର ୩।୪ ଅଧ୍ୟାୟ ପଢ଼ିଲା ପରେ ଚାଟଶାଳୀ ଭାଙ୍ଗି ଯିବାରୁ ତାଙ୍କ ପିତାଙ୍କ ଦ୍ୱାରା ସେ ନାମରତ୍ନ ଗୀତା, ଭାଗବତ ଏବଂ ମଥୁରାମଙ୍ଗଳ ଆଦି ସାଧାରଣ ଛାନ୍ଦ ଗ୍ରନ୍ଥ ଶିକ୍ଷା କରିଥିଲେ ।

୧୮୬୫ ମସିହାରେ ବରପାଲିରେ ୰ ଘନଶ୍ୟାମ ମିଶ୍ର ତାଙ୍କର ଶିକ୍ଷକ ଥିଲେ । ସେ ସମୟରେ ସ୍କୁଲରେ ଯେଉଁ ପୁସ୍ତକମାନ ପ୍ରଚଳନ କରାଯାଉଥିଲା ତାହା ନିମ୍ନରେ ବର୍ଣ୍ଣନା କରାଗଲା ।

୧ମ ଶ୍ରେଣୀରେ—ବର୍ଣ୍ଣ ପରିଚୟ (ଘନଶ୍ୟାମ ମିଶ୍ର ପ୍ରଣୀତ) ଗଣିତ; ପଟଣ ଖଡ଼ା ପଣିକିଆ, ଯୋଗ ବିୟୋଗ, ଗୁଣନ, ହରଣ ।

୨ୟ ଶ୍ରେଣୀରେ—ବୋଧୋଦୟ ଓ ଗଣିତ ମିଶ୍ର ଯୋଗ ଓ ବିୟୋଗ ।

୩ୟ ଶ୍ରେଣୀ—ସାହିତ୍ୟ-ଚାରୁପାଠ (୧ମ ଭାଗ) ଇତିହାସ ୨ୟ ଭାଗର ଅର୍ଦ୍ଧାଂଶ ଭୂଗୋଳ ସୂତ୍ରରୁ ମଧ୍ୟପ୍ରଦେଶ ଓ ମଧ୍ୟପ୍ରଦେଶର ନକ୍‌ସା, ଉତ୍କଳ ବ୍ୟାକରଣ ସଂକ୍ଷେପ ସନ୍ଧି ପର୍ଯ୍ୟନ୍ତ, ଗଣିତ ମିଶ୍ର ଗୁଣନ ହରଣ, ସାଧାରଣ ତ୍ରୈରାଶିକ ଲଘିଷ୍ଠ-ଗରିଷ୍ଠ ଇତ୍ୟାଦି ।

୪ର୍ଥ ଶ୍ରେଣୀ—ସାହିତ୍ୟ-ଚାରୁପାଠ (୨ୟ ଭାଗ) କାଦମ୍ବରୀରୁ ଅର୍ଦ୍ଧେକ ଇତିହାସ (୨ୟ ଭାଗ)ର ଶେଷାଂଶ, ଉତ୍କଳ ବ୍ୟାକରଣ-ସଂକ୍ଷେପ ସମ୍ପୂର୍ଣ୍ଣ ରୂପେ ସମସ୍ତ ପ୍ରକାର ତ୍ରୈରାଶିକ, ବହୁରାଶିକ, ଭଗ୍ନାଂଶାଦି ଓ ଭାରତ ବର୍ଷର ନକ୍‌ସା ସହିତ ଭୂଗୋଳ ।

୫ମ ଶ୍ରେଣୀ—ସାହିତ୍ୟ-ଚାରୁ ପାଠ (୩ୟ ଭାଗ) ବ୍ୟାକରଣ ଉପକ୍ରମଣିକା, କାଦମ୍ବରୀର ଶେଷାଂଶ, ଇତିହାସ-୩ୟ ଭାଗ, ଗଣିତ-କୁସୀଦ ବ୍ୟବହାର, ଚକ୍ରବୃଦ୍ଧି, ଡିସ୍‌କାଉଣ୍ଟ ବର୍ଗମୂଳ, ଘନମୂଳ ଇତ୍ୟାଦି ।

Digitized by srujanika@gmail.com

ଦ୍ୱିତୀୟ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପଢ଼ିବା ପର୍ଯ୍ୟନ୍ତ ଗଙ୍ଗାଧର ଗୋଟିଏ ଓଳି ବସ୍ତ୍ରବୁନ କାର୍ଯ୍ୟରେ ପିତାଙ୍କୁ ସାହାଯ୍ୟ କରୁଥିଲେ । ପାଞ୍ଚଗୋଟି ଶ୍ରେଣୀରେ ଯେତେ ପୁସ୍ତକ ପଢ଼ା ହେଉଥିଲା ଗଙ୍ଗାଧର ତହିଁରେ ପ୍ରାୟ ୨ଟଙ୍କା ପର୍ଯ୍ୟନ୍ତ ପୁସ୍ତକ କିଣିବାରେ ତାଙ୍କର ଖର୍ଚ୍ଚ ହୋଇଥିଲା । ଅବଶିଷ୍ଟ ସମସ୍ତ ପୁସ୍ତକ ଗ୍ରାମମାନଙ୍କଠାରୁ ମାଗିଆଣି ପଢ଼ୁଥିଲେ ଓ ପଢ଼ା ସରିବା ପରେ ତାହା ଫେରସ୍ତ ଦେଉଥିଲେ । ୧୮୮୨ ଖ୍ରୀ:ଅ:ରେ ତାଙ୍କୁ ସମ୍ବଲପୁର ଯାଇ ପରୀକ୍ଷା ଦେବାକୁ ପଡ଼ିଥିଲା । ସେ ଆତ୍ମଜୀବନୀରେ ଲେଖିଛନ୍ତି—

"ମରହଟ୍ଟା ଡେପୁଟି ଇନ୍‌ସପେକ୍ଟର ପ୍ରଶ୍ନ ଡାକୁଥିଲେ, ତହିଁରେ ଆର୍ଯ୍ୟ ଶବ୍ଦ "ଆଶଓ" ଉଚ୍ଚାରିତ ହୋଇଥିଲା । ଗଣିତ ପ୍ରଶ୍ନ ସମ୍ବଲପୁର ଜେଲର ପଥର ଛାପା ଅଙ୍କମାନ ସ୍ପଷ୍ଟ ଚହ୍ଲା ପଡ଼ୁ ନଥିଲା । ମୋଟ ମାର୍କ ୪୦୦ରୁ ୨୦୦ ପାଶ୍ ହୋଇଥିଲେ ମଧ୍ୟ ଗଣିତରେ ଉପଯୁକ୍ତ ନମ୍ବର ପାଶ୍ ହୋଇପାରି ନଥିବାରୁ ଭର୍ନାକୁଲର ସ୍କୁଲରେ ପାଶ୍ ନହୋଇ ଦେଶୀୟ ପାଠଶାଳାର ସାର୍ଟିଫିକେଟ୍ ମିଳିଲା ।"

ପୁଣି ସମ୍ବଲପୁର ସେତେବେଳେ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ଥିବାରୁ ସେଠାରେ ଯେଉଁ ପାଠ୍ୟ ପୁସ୍ତକ ପ୍ରଚଳନ କରାଯାଉଥିଲା ତାହା ସ୍ୱତନ୍ତ୍ର ଥିଲା । ଏହି ସ୍ୱଳ୍ପ ଶିକ୍ଷା ମଧ୍ୟରେ କବି ପ୍ରତିଭାର ଯେଉଁ ଅମ୍ଳାନ ଆଲେଖ ସେ ଆମ୍ଭମାନଙ୍କ ଆଗରେ ଉପସ୍ଥାପନ କରି ଯାଇଛନ୍ତି ତାହା ଯୁଗେ ଯୁଗେ ତାଙ୍କୁ ଅମର କରି ରଖିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

□□□

ଗଙ୍ଗାଧରଙ୍କର ସଂକ୍ଷିପ୍ତ ଜୀବନୀ

ସେଦିନ ଥିଲା ଶ୍ରାବଣ ପୂର୍ଣ୍ଣିମା ବା ରକ୍ଷୀ ପୂର୍ଣ୍ଣିମା । ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଦିନ ସମ୍ବଲପୁର ଜିଲ୍ଲା ବରପାଲି ଗ୍ରାମର ଏକ ତନ୍ତୀ ପରିବାରକୁ ଚନ୍ଦ୍ରାଲୋକରେ ଉଦ୍ଭାସିତ କରି ପୁଣ୍ୟ ଶ୍ଳୋକ ଗଙ୍ଗାଧର ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଥିଲା ଚୈତନ୍ୟ ମେହେର । ସେ ଅତ୍ୟନ୍ତ ଦରିଦ୍ର ଓ ଧର୍ମାନୁରାଗୀ ଥିଲେ । ତାଙ୍କର ବାଲ୍ୟଜୀବନ ଦୁଃଖ କଷ୍ଟର ଅଗ୍ନିଦାହ ମଧ୍ୟରେ ଅତିବାହିତ ହୋଇଥିଲା । ତାଙ୍କର ପରିବାର ତଥା ବଂଶ ସମ୍ବନ୍ଧରେ ସେ ଆତ୍ମଜୀବନୀରେ ଲେଖିଛନ୍ତି—

"ମୋର ଅତି ପ୍ରାଚୀନ ପୂର୍ବପୁରୁଷମାନେ ସମ୍ବଲପୁର ସହରରେ ବାସ କରୁଥିବାର କିମ୍ବଦନ୍ତୀ ଶୁଣିଥିଲି । ମୋର ପ୍ରପିତାମହ କେଶବ ମେହେର ବରପାଲିରେ ଥିଲେ । ତାଙ୍କର ପାଞ୍ଚପୁତ୍ର, ସେହି ଭାଇଭାଇ ବିଶିଷ୍ଟ ପରିବାରକୁ ଲୋକେ ପାଞ୍ଚଭାୟା ଘର ବୋଲି ନାମ

Digitized by srujanika@gmail.com

ଦେଉଥିଲେ । ତାଙ୍କ ଘର ନିକଟରେ ଗୋଟିଏ "ଗୁଡ଼ି" ବା ଭାଗବତ ମଣ୍ଡପ ଥାଇ ସାଧାରଣଙ୍କର ବୈଠକ ଓ ସାଧୁସନ୍ଥ ସନ୍ନ୍ୟାସୀଙ୍କର ସାମୟିକ ଅବସ୍ଥାନ ରୂପେ ବ୍ୟବହୃତ ହେଉଥିଲା । ସେହି ହେତୁରୁ ଲୋକେ ତାଙ୍କୁ ଗୁଡ଼ିଖୋଲିଆ ଘରବୋଲି ବୋଲୁଥିଲେ । ମୋର ପିତାମହ ସେହି ପାଞ୍ଚଭାଇର ସର୍ବ କନିଷ୍ଠ । ତାଙ୍କର ନାମଥିଲା ସଦାଶିବ । କିନ୍ତୁ ପିତାମାତା ଓ ଅଗ୍ରଜମାନଙ୍କର ସସ୍ନେହ ଡାକିବା ଅନୁସାରେ ସୁରୁବାବୁ ନାମରେ ଅଭିହିତ ହେଉଥିଲେ । ବସ୍ତ୍ରବୟନ ତାଙ୍କର ମୁଖ୍ୟକର୍ମ ଓ ବୈଦ୍ୟପଣ ଗୌଣ କର୍ମଥିଲା । ଖଡ଼ି ଦେଖିବାରେ ଜ୍ୟୋତିଷମତେ ଶୁଭାଶୁଭ ଦିନବାର ଗଣନାରେ ସାହାର ଦିନ ଶୁଦ୍ଧାଦି ନିର୍ଣ୍ଣୟ କରିବାରେ ମଧ୍ୟ ସେ ଅଭ୍ୟସ୍ତ ଥିଲେ । ମୋର ପିତା ଚୈତନ୍ୟ ଜ୍ୟେଷ୍ଠଥିଲେ । ସୁବିଦ୍ୱାନ୍ ସାଧାରଣ ଭାବରେ ବସ୍ତ୍ରବୟନାଦି ଦ୍ୱାରା ପରିବାର ପୋଷଣରେ ସମର୍ଥ ହେଲାରୁ ସଦାଶିବଙ୍କ ବସ୍ତ୍ରବୟନ କାର୍ଯ୍ୟ ବନ୍ଦହୋଇ ବୈଦ୍ୟ ବ୍ୟବସାୟ ମୁଖ୍ୟ ହେଲା, ଧାନ ଓ ଟଙ୍କା ଋଣ ଦେବାର, ଗୋଧନ ବୃଦ୍ଧି କରିବାର, ବଳଦ ବିକା ହେବାର, ଭୂଲିଆମାନଙ୍କ ବ୍ୟବସାୟର ଗୋଟିଏ ପ୍ରଧାନ ଅଙ୍ଗ । ମୋର ପ୍ରପିତାମହଙ୍କର ସେହି ବ୍ୟବସାୟ ଉତ୍ତମ ରୂପେ ଚଳୁଥିଲା ବୋଲି ମୁଁ ଶୁଣିଅଛି । କେତେକ ନିଦର୍ଶନ ମଧ୍ୟ ଦେଖିଅଛି ମୋର ପିତାମହଙ୍କ ସମୟରୁ । ତାହା କ୍ରମଶଃ ହ୍ରାସ ହୋଇ ଆସିଲା । ମୋର ପିତା ପୈତୃକ ବିଦ୍ୟା ଓ ବ୍ୟବସାୟରେ ଅଭ୍ୟସ୍ତ ହେଲେ ।"

ଗଙ୍ଗାଧରଙ୍କର ପିତା ନିଜଘରେ ଗୋଟିଏ ଚାଟଶାଳୀ ବସାଇଥିଲେ । ଗଙ୍ଗାଧରଙ୍କୁ ୭ ବର୍ଷ ବେଳେ ଉକ୍ତ ଚାଟଶାଳୀଟି ଭାଙ୍ଗିଗଲା । ସେହି ଚାଟଶାଳୀରେ ଗଙ୍ଗାଧର ରାସ ପଞ୍ଚାଧ୍ୟାୟର ଦୁଇଟି ଅଧ୍ୟାୟ ପୋଠାରେ ପଢ଼ିଥିଲେ । ପିତାଙ୍କର ପ୍ରଚେଷ୍ଟାରେ କବି ନାମ-ରତ୍ନ ଗୀତା ପାଠ କରିଥିଲେ । କବି ନିଜ ଉଦ୍ୟମରେ ଭାଗବତ, ରାମାୟଣ ପଢ଼ା ଶେଷ କରିଥିଲେ । ୧୮୭୦ ସାଲ ପରେ ଓଡ଼ିଶାରେ ବହୁ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ପାଠ ପଢ଼ାରେ ବହୁତ ଗୋଳମାଳ ସୃଷ୍ଟି ହେଲାରୁ ପୁଣି ତାଙ୍କୁ ବିଦ୍ୟାଳୟରେ ନାମ ଲେଖି ପାଠ ପଢ଼ିବାକୁ ପଡ଼ିଲା । କବିଙ୍କର ସେ ସମୟରେ ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ସେ ଶିକ୍ଷା କ୍ଷେତ୍ରରେ ମାତ୍ର ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ । ୧୮୮୨ ମସିହାରେ ତାଙ୍କୁ ଦେଶୀୟ ପାଠଶାଳା ସାର୍ଟିଫିକେଟ ମିଳିଲା । ପରେଇ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଆଉ ବେଶି ପାଠ ପଢ଼ିପାରିଲେ ନାହିଁ । ତତ୍କାଳୀନ ବରପାଲି ଭର୍ଣ୍ଣାକୁଲରର ହେଡ଼ ପଣ୍ଡିତ ଘନଶ୍ୟାମ ମିଶ୍ରଙ୍କ ସୌଜନ୍ୟତାରେ ଅଳ୍ପ କେତେକ ସଂସ୍କୃତ ଶିକ୍ଷା ଲାଭ କରିଥିଲେ । ହିନ୍ଦୀ ଓ ବଙ୍ଗଳା ଭାଷାକୁ ସେ ଭଲଭାବରେ ଆୟତ୍ତ କରି ପାରିଥିଲେ । କିନ୍ତୁ ଇଂରାଜୀରେ ସେ ଅଳ୍ପଜ୍ଞାନ ଲାଭ କରିଥିଲେ ।

ଆର୍ଥିକ ଅବସ୍ଥା ଅତି ଦୟନୀୟ ଯୋଗୁଁ ସେ ଆଉ ବେଶି ପାଠ ପଢ଼ି ପାରିଲେ ନାହିଁ । ଶିକ୍ଷା ଜୀବନରେ ତାଙ୍କର ଏହିଠାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ତାଙ୍କୁ ପରିବାର ପ୍ରତିପୋଷଣ ଭାର ପଡ଼ିଲା । ପୈତୃକ ବୃତ୍ତି ତନ୍ତ ଚାଳନାରେ ନିୟୁକ୍ତ ହୋଇ ପରିବାରକୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଓ ସଂସ୍କୃତ କାବ୍ୟରୁ ଶ୍ଳୋକମାନ କଣ୍ଠସ୍ଥ କରି

Digitized by srujanika@gmail.com

ତଥା ଭଞ୍ଜୀୟ କାବ୍ୟାଦର୍ଶରେ ଅନୁପ୍ରାଣୀତ ହୋଇ 'ରସ ରତ୍ନାକର' ନାମକ ଖଣ୍ଡିଏ ପଦ୍ୟ ପୁସ୍ତକ ପ୍ରଣୟନ କରିଥିଲେ ।

୧୮୮୫ ଖ୍ରୀ: ଅ: ରୁ ଗଙ୍ଗାଧରଙ୍କର କର୍ମମୟ ଜୀବନ ଆରମ୍ଭ ହେଲା । ମାସକୁ ୨ଟଙ୍କା ବେତନରେ ବରପାଲିର ଜମିଦାର ଲାଲ ନୃପରାଜ ସିଂହଦେବଙ୍କ ସିରସ୍ତାରେ ଗଙ୍ଗାଧରଙ୍କୁ କର୍ମଚାରୀ ଭାବରେ ନିଯୁକ୍ତ ଦେଇଥିଲେ । ୧୯୦୧ ମସିହା ପର୍ଯ୍ୟନ୍ତ ସେହି ଜମିଦାରଙ୍କ ଅଧୀନରେ ସେ ଚାକିରି କରିଥିଲେ । ୧୯୦୧ ମସିହାରୁ ୧୯୧୨ ମସିହା ପର୍ଯ୍ୟନ୍ତ ସମ୍ବଲପୁରର ଡେପୁଟି କମିସନରଙ୍କ ଅଦାଲତରେ ୧୯୧୩ ରୁ ୧୪ ପର୍ଯ୍ୟନ୍ତ ବର୍ଗଡ଼ର ଅନରାରି ମାଜିଷ୍ଟ୍ରେଟଙ୍କ ଅଦାଲତରେ କର୍ମଚାରୀ ଭାବରେ କାର୍ଯ୍ୟକରି ୧୯୧୪ ମସିହାରେ ପଦ୍ମପୁରକୁ ବଦଳି ହେଲା । ୧୯୧୭ ମସିହାରେ ସରକାରୀ ପେନ୍‌ସନ ନେଇ କିଛିଦିନ ଯାଏ ସେ ପଦ୍ମପୁରରେ ରହିଥିଲେ । ବରପାଲିରେ ତାଙ୍କର ଦରମା ମାସକୁ ୧୫ ଟଙ୍କାକୁ ବୃଦ୍ଧି ପାଇଥିଲା । ତାପରେ ୧୫ ଟଙ୍କାରୁ ୨୦ ଟଙ୍କା ପର୍ଯ୍ୟନ୍ତ ବଢ଼ି ଶେଷରେ ଟ୫୮.୦୦ ପର୍ଯ୍ୟନ୍ତ ହୋଇଥିଲା ।

ଗଙ୍ଗାଧରଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ବିଳାସବ୍ୟସନ, ସୁଖ ସ୍ୱାଚ୍ଛନ୍ଦ୍ୟ କ'ଣ ଜାଣି ନ ଥିଲେ । ସାହିତ୍ୟ ସାଧନା ତାଙ୍କ ଜୀବନର ସର୍ବଶ୍ରେଷ୍ଠ ବ୍ରତ ଥିଲା । ପୁରସ୍କାର ଅର୍ଥରେ ପ୍ରଲୋଭିତ ହୋଇ ନିଜର ବିଳାସ ବ୍ୟସନ ପାଇଁ ତାହା ନିୟୋଜିତ କରିବାକୁ ସେ ଇଚ୍ଛା କରୁ ନ ଥିଲେ । ଏ ସମ୍ବନ୍ଧରେ ନିଜର ମତ ଦେବାକୁ ଯାଇ ସେ କହିଛନ୍ତି—
"ମୁଁ କହେଁ ସାହିତ୍ୟ ନିମିତ୍ତ ପୁରସ୍କାର ଅର୍ଥ ମୋର ବିଳାସିତାରେ ବ୍ୟୟ କରିବା ମୋର ଅଭିପ୍ରାୟ ନାହିଁ । ତାହା କେବଳ ସାହିତ୍ୟ ଉନ୍ନତିରେ ଲଗାଇ ପାରିଲେ ସାହିତ୍ୟ ଚର୍ଚ୍ଚା ରୂପକ ମହାପାପର ପ୍ରାୟଶ୍ଚିତ୍ତ ହୋଇପାରନ୍ତା ।

ଏଠାରେ ମାନହାନିର କିଛି ଆଶଙ୍କା ନାହିଁ । ଯାହାର ମାନ ଥାଏ ତାହାର ମାନ ହାନି ହୁଏ, ଯାହାର ମାନ ଆଦୌ ନାହିଁ, ତାହାର ହାନି ହେବ କ'ଣ ? ମୋତେ ଯେତେବେଳେ ଯେଉଁ ମାନଟିକକ ମିଳେ ମୁଁ ତତ୍‌କ୍ଷଣାତ୍ ତାକୁ ଦୂର କରିଦିଏଁ । ତାହା ସବୁ ମୋଠାରେ ରହୁଥାନ୍ତା ତେବେ ତାହା ହାନି ହୁଅନ୍ତା ।

ମୁଁ ରାଜ ସେବାର ଲାଳସୀ ନୁହେଁ । ଇଂରେଜ ଠାରୁ ବଳିକି ରାଜା କିଏ ଅଛି ? ଯେତେବେଳେ ସେ ରାଜାଙ୍କ ସେବାରେ ବୈରାଗ୍ୟ ଜନ୍ମି ଆସିଲାଣି ଅନ୍ୟ କେଉଁ ରାଜାଙ୍କ ସେବାକୁ ଇଚ୍ଛା କରିବ ।"

କବି ପଦ୍ମପୁରରୁ ବ୍ରଜ ମୋହନ ପଣ୍ଡାଙ୍କ ପାଖକୁ ଲେଖିଥିବା ପତ୍ରର ଏକ ଅଂଶରେ ଏହା ବର୍ଣ୍ଣନା କରାଯାଇଛି । ଏଥିରୁ କବିଙ୍କର ଗଭୀର ଉଦାରତାର ପରିଚୟ ପ୍ରଦାନ କରେ । ସେ ଭାରି ଧର୍ମାନୁରାଗୀ ଥିଲେ । ପିଲାଦିନେ ତାଙ୍କ ପିତାମହଙ୍କ ସହିତ ସକାଳ ଓ ସନ୍ଧ୍ୟାରେ ଜଗନ୍ନାଥ ଦର୍ଶନ କରିବାକୁ ଯାଉଥିଲେ । ଏତେ ଅଭାବ ଅନାଟନ ମଧ୍ୟରେ ରହିସୁଦ୍ଧା ସାହିତ୍ୟ ସାଧନାକୁ ସେ କେବେ ମାନସ ପଟରୁ ଭୁଲି ପାରି ନଥିଲେ । ସେ କମ୍ ଶିକ୍ଷାଲବ୍ଧ

Digitized by srujanika@gmail.com

କରିଥିଲେ ମଧ୍ୟ ସାହିତ୍ୟ କ୍ଷେତ୍ରରେ ସେ ଯେଉଁ ପ୍ରତିଷ୍ଠିତ ଆସନ ଲାଭ କରିଛନ୍ତି ତାହା ତାଙ୍କୁ ଯୁଗେ ଯୁଗେ ଅମର କରି ରଖିବ । ତାଙ୍କ ରଚିତ କବିତା କଲ୍ଲୋଳ, ଅର୍ଘ୍ୟଥାଳି, ପ୍ରଣୟବଲ୍ଲରୀ, କୀଚକବଧ, ଅଯୋଧ୍ୟା ଦୃଶ୍ୟ, ତପସ୍ୱିନୀ, ଉତ୍କଳ ଲକ୍ଷ୍ମୀ, ଇନ୍ଦୁମତୀ, ଭକ୍ତି ଉପହାର, ପଦ୍ମିନୀ, ଅହଲ୍ୟାସ୍ତବ, ଭାରତୀ ଭାବନା, କୁମାର ଜନ୍ମୋତ୍ସବ, କୃଷକ ସଙ୍ଗୀତ ଆଦି ରଚନା ତାଙ୍କ କବିତ୍ୱର ଶ୍ରେଷ୍ଠତା ନିଦର୍ଶନ କରେ । ଏତଦ୍ ବ୍ୟତୀତ ଆତ୍ମଜୀବନୀ, ନୃପରାଜ ସିଂହ, ପୁରାଣ କବି ଫକୀର ମୋହନ, ସ୍ୱର୍ଗୀୟ କାଶୀନାଥ ପଣ୍ଡା, ଏହାକ ପୃଥିବୀର ଶିଦ ଏବଂ ଶିକ୍ଷିତ ଅଶିକ୍ଷିତ ଶିକ୍ଷାଭିମାନୀ ଆଦି ଗଦ୍ୟ ରଚନା ଗଙ୍ଗାଧରଙ୍କର ବଳିଷ୍ଠ ସାହିତ୍ୟିକ ନିଦର୍ଶନ ।

୧୯୨୪ ମସିହା ଏପ୍ରିଲ ୪ ତାରିଖରେ କବି ଇହଧାମ ତ୍ୟାଗ କରିଛନ୍ତି । ଓଡ଼ିଶାର ପବିତ୍ର ଗୋଡ଼ି, ମାଟି ପବନରେ ତାଙ୍କର ଆତ୍ମା ଯେପରି ପୂରି ରହିଛି । କବିଙ୍କର କାବ୍ୟ ଗୁଡ଼ିକ ଯଦିଓ ମୌଳିକ ପରିକଳ୍ପନା ପ୍ରସୂତ ନୁହେଁ ତଥା କଥାବସ୍ତୁରେ ତାଙ୍କର ମୌଳିକତା ପ୍ରଦର୍ଶନ ହୋଇଥିଲା ପରି ଜଣାପଡ଼େ । ରାଧାନାଥଙ୍କର ଇଂରାଜୀ ଭାଷାରେ ପାଣ୍ଡିତ୍ୟ ଥିବାରୁ ସେ କାବ୍ୟ ପାଇଁ କଥାବସ୍ତୁ ପାଶ୍ଚାତ୍ୟ ସାହିତ୍ୟରୁ ସଂଗ୍ରହ କରିଛନ୍ତି । କିନ୍ତୁ ଗଙ୍ଗାଧର ଭାରତୀୟ ପ୍ରାଚୀନ କାବ୍ୟ ପୁରାଣରୁ କଥାବସ୍ତୁ ସଂଗ୍ରହକରି ଆଧୁନିକ ରୁଚିର ଅନୁକୂଳ ଭାବନାରେ କବିପ୍ରତିଭାର ମୌଳିକତା ପ୍ରଦର୍ଶନ କରିଛନ୍ତି । ଏହା ତାଙ୍କ ପକ୍ଷରେ କମ୍ ଗୌରବର କଥା ନୁହେଁ ।

□□□

ଗଙ୍ଗାଧରଙ୍କର ସୃଷ୍ଟି ସମ୍ପଦର ସଂକ୍ଷିପ୍ତ ପରିଚୟ

ସ୍ରଷ୍ଟାଙ୍କର ଅସୀମ ବୈଚିତ୍ର୍ୟକୁ ଭେଦକରି ନିତ୍ୟ ନୂତନ ରୂପଦେଇ କବି ସୃଷ୍ଟି କରେ ଅସଂଖ୍ୟ କବିତା । ତା'ର ସୃଷ୍ଟି ସମ୍ପଦ ଅପୂର୍ବଶ୍ରୀରେ ମଣ୍ଡିତ ହୁଏ । ନୈତିକ ଆଦର୍ଶ ଆଉ ଆତ୍ମିକ, ଆଙ୍ଗିକ ବିଭବରେ ବିଭବାନ୍ୱିତ ହୋଇ ବିଷୟବସ୍ତୁ ହୁଏ ଉନ୍ନତ ରୁଚିର । ସେହିପରି ଗଙ୍ଗାଧରଙ୍କର ସୃଷ୍ଟି ସମ୍ପଦ ହୋଇଛି ଚିର ଅମ୍ଳାନ । ଯୋଗୀ ପାଇଁ ଯେପରି ନୈତିକ ଆଦର୍ଶ ରହିଛି ବିଷୟାସକ୍ତ ଭୋଗୀ ପାଇଁ ମଧ୍ୟ ସେହିପରି ରସାଳ ଚିନ୍ତା ଚେତନାର ଔଷଧି ମଧ୍ୟ ରହିଛି । ଇଂରାଜି ସାହିତ୍ୟରେ ତାଙ୍କର ପ୍ରତିଷ୍ଠା ନଥିବାରୁ ଦୃଷ୍ଟି ଆବଦ୍ଧ ଥିଲା ପ୍ରାଚୀନ ଭାରତୀୟ ସାହିତ୍ୟ ଉପରେ । ପ୍ରାଚୀନ ଓ ଆଧୁନିକ ଭାଷାର ସମନ୍ୱୟରେ ଗଢ଼ିଉଠିଲା ଗଙ୍ଗାଧରଙ୍କର କାବ୍ୟାଦର୍ଶ । ରାଧାନାଥଙ୍କର ଆଧୁନିକ ଶୈଳୀ ଓ

Digitized by srujanika@gmail.com

ଭକ୍ତଙ୍କର ବିଷୟବସ୍ତୁକୁ ହିଁ କାବ୍ୟରେ ରୂପଦେବା ଥିଲା ତାଙ୍କର ଅଭିଳାଷ । ଚରିତ୍ର ସୃଷ୍ଟି ପାଇଁ ସଂସ୍କୃତ ସାହିତ୍ୟର ଭବଭୂତିଙ୍କର ଉତ୍ତର ରାମଚରିତ, କାଳିଦାସଙ୍କର ଅଭିଜ୍ଞାନ ଶକୁନ୍ତଳମ୍, ରଘୁବଂଶ, ଓଡ଼ିଆ ସାହିତ୍ୟର ସାରଳା ଦାସଙ୍କ ମହାଭାରତ, ଦାଣ୍ଡି ରାମାୟଣ ଓ ଛନ୍ଦ ତଥା ଅଳଙ୍କାର ପାଇଁ ଭଞ୍ଜ ତଥା ଅନ୍ୟାନ୍ୟ କବିଙ୍କୁ ସେ ଅନୁସରଣ କରିଛନ୍ତି । ଓଡ଼ିଆ ସାହିତ୍ୟରେ ଉପଧା ମିଳନ (ଅନ୍ତ୍ୟାନ୍ତ୍ୟ ସ୍ୱରଂ ଉପଧା) ରାଧାନାଥ ଯୁଗର ଏକ ଆଦରଣୀୟ ତଥା ଶ୍ରୁତିମଧୁର ଆଙ୍ଗିକ ବିନ୍ୟାସ । ଗଙ୍ଗାଧର ତାଙ୍କ କାବ୍ୟରେ ରାଧାନାଥଙ୍କ ଶୈଳୀକୁ ଅନୁସରଣ କରିଥିଲେ ମଧ୍ୟ ବହୁସ୍ଥଳରେ ତାହାର ବ୍ୟତିକ୍ରମ ଦେଖାଯାଇଥାଏ । ଗଙ୍ଗାଧରଙ୍କର ସୃଷ୍ଟିକୁ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରାଯାଏ ଯଥା — ଗଦ୍ୟ ଓ ପଦ୍ୟ । ଅର୍ଘ୍ୟଥାଳି, କବିତା କଲ୍ଲୋଳ, କବିତାମାଳା ଓ କୃଷକ ସଂଗୀତ ଆଦି ପ୍ରଥମ ଭାଗ ଓ ରସ ରତ୍ନାକର, ଅହଲ୍ୟାସ୍ତବ, ଇନ୍ଦୁମତୀ, ଉତ୍କଳ ଲକ୍ଷ୍ମୀ, କୀଚକ ବଧ, ପ୍ରଣୟବଲ୍ଲରୀ, ତପସ୍ୱିନୀ, ପଦ୍ମିନୀ, ଅଯୋଧ୍ୟା ଦୃଶ୍ୟ ଆଦି ଦ୍ୱିତୀୟ ଭାଗର ଅନ୍ତର୍ଭୁକ୍ତ । ପାଶ୍ଚାତ୍ୟ ସାହିତ୍ୟରୁ ଭାବଧାରା ଓ ବିଷୟବସ୍ତୁ ଗ୍ରହଣ କରି ରାଧାନାଥ ଜାତୀୟ ପରମ୍ପରା ବିରୋଧୀ ଭାର୍ପିକରି ସମାଲୋଚିତ ହୋଇଛନ୍ତି । କିନ୍ତୁ ଗଙ୍ଗାଧର ଦେଶପ୍ରତି ସଚେତନ ରହି ଭାରତୀୟ ସାହିତ୍ୟରୁ ଭାବଧାରା ବିଷୟବସ୍ତୁ ଗ୍ରହଣରେ ଗଙ୍ଗାଧରଙ୍କର କାବ୍ୟ କବିତାଠାରୁ ଚରିତ୍ର ଚିତ୍ରଣ ଏପରିକି ପ୍ରକୃତି ବର୍ଣ୍ଣନା ପର୍ଯ୍ୟନ୍ତ ଆଦର୍ଶ ଓ ଜୀବନ୍ତ ହୋଇଛି । ମନସ୍ତାତ୍ତ୍ୱିକ ଦୃଷ୍ଟି-କୋଣରୁ ମଧ୍ୟ ଗଙ୍ଗାଧରଙ୍କର କାବ୍ୟକବିତା ଉନ୍ନତ ଓ ମାର୍ଜିତ । କାର୍ଲମାର୍କସଙ୍କ ସମାଜବାଦ ଓ ପୁଞ୍ଜିବାଦ ସମସ୍ୟା ବିଷୟରେ କବିଙ୍କର ଧାରଣା ନ ଥିଲେ ମଧ୍ୟ କୃଷି ଓ ଗୋରକ୍ଷଣ ଆଦି ବିଷୟ ସମ୍ପର୍କରେ ସେ ଯେଉଁ ମତ ଉପସ୍ଥାପନ କରିଛନ୍ତି ତାହା ବାସ୍ତବିକ ପ୍ରଶଂସାର୍ହ । ପୂର୍ବକାଳରେ ପ୍ରଚଳିତ ଥିବା ଆପ୍ତବଚନ ଓ ଖଣାବାଣୀ, ସୂକ୍ତ ପ୍ରବଚନ, ଜ୍ୟୋତିର୍ବିଦ୍ୟା ସମ୍ବନ୍ଧୀୟ ଧାରଣା ଆଦି ଲୋକ ସାହିତ୍ୟ ରୂପେ ପରିଗଣିତ, ତାହା ଗଙ୍ଗାଧର ତାଙ୍କ କାବ୍ୟ କବିତାଦିରେ ଉପସ୍ଥାପନ କରି ଲୋକପ୍ରିୟ ହୋଇପାରିଛନ୍ତି ।

ଗଦ୍ୟ ରଚନା ଆଧୁନିକ ସାହିତ୍ୟର ଗୋଟିଏ ମୁଖ୍ୟ ବିଭବ । ଊନବିଂଶ ଶତାବ୍ଦୀରେ ଗଦ୍ୟ ସାହିତ୍ୟର ପରିମାର୍ଜିତ ରୂପ ମଧୁସୂଦନ ଓ ଫକୀର ମୋହନଙ୍କ ଦ୍ୱାରା ପ୍ରସାରିତ ହୋଇଥିଲା । ଗଙ୍ଗାଧରଙ୍କର ଗଦ୍ୟର ପ୍ରଶଂସା ମଧ୍ୟ କମ୍ ନୁହେଁ ।

ମେହେର ୧୮୮୨ ମସିହାରେ ସ୍କୁଲଛାଡ଼ି ୧୮୮୫ ମସିହାରେ ଚାକିରି ଜୀବନ ଆରମ୍ଭ କଲେ । ପ୍ରାୟ ୩୦ ବର୍ଷ ମଧ୍ୟରେ ଘରେ ତନ୍ତ ଚାଳନା କରୁଥିବା ସମୟରେ ଭଞ୍ଜ, ଦୀନକୃଷ୍ଣ ପ୍ରଭୃତିଙ୍କର କାବ୍ୟ ସମୂହ ସେ ପାଠ କରିଥିଲେ । କବିଙ୍କର 'ରସ ରତ୍ନାକର'ର ଭାଷା, ପ୍ରକାଶଭଙ୍ଗୀ ଇତ୍ୟାଦିରୁ ଜଣାଯାଏ ଯେ, ଏହା ୧୮୯୦ ମସିହା ପରେ ରଚିତ । କବିଙ୍କର 'ଅହଲ୍ୟାସ୍ତବ' ସଂସ୍କୃତ ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦରେ ରଚିତ । ୧୮୯୧ ମସିହାରେ କବି ତାହାକୁ ରାଧାନାଥଙ୍କ ପାଖକୁ ପଠାଇ ଥିଲେ । ନୂତନ ପ୍ରେରଣା ଓ ଉଦ୍ଦୀପନା ଲାଭକରି କବି ଅହଲ୍ୟାସ୍ତବକୁ 'ବଙ୍ଗଳାଶ୍ରୀ' ରାଗରେ ପରିବର୍ତ୍ତନ କରିଥିଲେ । ତାପରେ ୧୮୯୩ ମସିହାରେ ରଚନା କଲେ ଇନ୍ଦୁମତୀ, ଉତ୍କଳ ଲକ୍ଷ୍ମୀ, (୧୮୯୪ ଅସମ୍ପୂର୍ଣ୍ଣ ଭାବରେ)

Digitized by srujanika@gmail.com

ରଚିତ ହୋଇ ସମ୍ପୂର୍ଣ୍ଣ ହେଲା ୧୯୧୪ ମସିହାରେ । କୀଚକ ବଧ (୧୯୦୪) ଏହି ଉକୋଟି ରଚନା ପରେ କବିଙ୍କ ଲେଖନୀ ପ୍ରାୟ ସ୍ତିମିତ ହୋଇଯାଇଥିଲା କିଛିଦିନ ପାଇଁ । ତା'ପରେ ତାଙ୍କ ରଚନାର ଦ୍ୱିତୀୟ ପର୍ଯ୍ୟାୟ ଦେଖାଦେଲା ୧୯୧୦ ମସିହାରେ । ଅଯୋଧ୍ୟା ଦୃଶ୍ୟ (୧୯୧୦), ପଦ୍ମିନୀ (୧୯୧୧), ତପସ୍ୱିନୀ (୧୯୧୦), ପ୍ରଣୟବଲ୍ଲରୀ (୧୯୧୫), କବିତା କଲ୍ଲୋଳ (୧୯୧୨), ଅର୍ଘ୍ୟଥାଳି (୧୯୧୮) ।

ଗଙ୍ଗାଧର ଥିଲେ ଜଣେ ପ୍ରଗତିବାଦୀ କବି । ତାଙ୍କର ପ୍ରତିଭାଦୀପ୍ତ ଲେଖନୀ ତାଙ୍କ ସୃଷ୍ଟିର ଚରିତ୍ରକୁ ଭାବରେ ରସାଣିତ କରି ଶିକ୍ଷା ଓ ସମାଜର ପଥ ପରିଷ୍କାର କରି ଦେଇଛି । ସୀତା, ଶକୁନ୍ତଳା, ଇନ୍ଦୁମତୀ, ରାମଚନ୍ଦ୍ର, ଅଜ, ଦୁଷ୍ମନ୍ତ ଆଦି ଚରିତ୍ର ମହାଭାରତୀୟ ଜୀବନର ମୂର୍ତ୍ତିମନ୍ତ ପ୍ରତୀକ । କବି ଗଙ୍ଗାଧର ଉକ୍ତ ଚରିତ୍ରଗୁଡ଼ିକୁ ମହାଭାରତୀୟ ସ୍ତରରୁ ଆଣି ମାନବ ଜୀବନର ମହନୀୟ ଆଦର୍ଶ ରୂପେ ଆମ ଆଗରେ ଉପସ୍ଥାପନ କରି ଯାଇଛନ୍ତି । ଦକ୍ଷତାଳୀର ମୌଳିକ ଚିନ୍ତନ ସଙ୍ଗେ ସଙ୍ଗେ ଭାବଗାମ୍ଭୀର୍ଯ୍ୟ ଦୃଷ୍ଟିକୋଣର ଅନ୍ତର୍ମୁଖୀନତା କାବ୍ୟଗୁଡ଼ିକୁ ବାସ୍ତବିକ ମହନୀୟ ଆଦର୍ଶ କରିପାରିଛି । କବିଙ୍କ କାବ୍ୟପ୍ରତିଭା କେଉଁଠି ସଂସ୍କାରପ୍ରୟାସୀ ହୋଇଛି ତ କେଉଁଠି ଦେଶାତ୍ମବୋଧରେ ଅନୁପ୍ରାଣୀତ ହୋଇ ବୈପ୍ଳବିକ ସ୍ୱର ତୋଳିଛି, ପୁଣି କେଉଁଠି ଭାବ ବିହ୍ୱଳିତ ହୋଇ ଅଶ୍ରୁ ଗଡ଼ାଇଛି ତ କେଉଁଠି ରସଗର୍ଭିତ ଧ୍ୱନିରେ ଭକ୍ତିର ତରଙ୍ଗକୁ ଉନ୍ମୀଳନ କରିଛି । କବିଙ୍କର ସୃଷ୍ଟି ସମ୍ଭାର ମଧୁର ରସାଣିତ, ମନୋଜ୍ଞ ଓ ଆହ୍ଲାଦଦାୟକ ।

□□□

ଗୀତି କବିତାରେ ଗଙ୍ଗାଧର

ଗୀତିକବିତା ଓଡ଼ିଆ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗ । ଗଙ୍ଗାଧର ମେହେର ଯେଉଁ କବିତାଗୁଡ଼ିକ ରଚନା କରିଥିଲେ ସେମାନଙ୍କର ଆଙ୍ଗିକ ବୈଚିତ୍ର୍ୟ ନ ଥିଲେ ସୁଦ୍ଧା ପୁରାତନ ଛନ୍ଦ ପରିହାର କରି କେତେକ ଆଧୁନିକ ଛନ୍ଦର ବୈଶିଷ୍ଟ୍ୟରେ ଭୂଷିମନ୍ତ ହେଲା ପରି ଜଣା ପଡ଼ୁଥାଏ । ପାଲ୍ଲି ଝିଅ ବୋହୂମାନଙ୍କର କାନ୍ଦଣାଠାରୁ ଆରମ୍ଭ କରି ଶଗଡ଼ିଆମାନଙ୍କ ମୁଖରେ ଯେଉଁ ରସାଳ ସଙ୍ଗୀତ ଗାନ ହେଉଥିଲା ତାହା ପ୍ରାଣର ଆବେଗ ଓ ଆବେଦନରେ ଭରପୂର ଥିଲା । ଏଗୁଡ଼ିକ ଚିରକାଳ ଲୋକ ମୁଖରେ ଜୀବନ୍ତ ରହିବ ଏଥିରେ ସନ୍ଦେହର ଅବକାଶ ନାହିଁ । ଗଙ୍ଗାଧରଙ୍କର କାବ୍ୟ ରଚନାର ଆରମ୍ଭ ୧୮୯୨ ମସିହାରୁ ହୋଇଥିବାର ଅନେକ ସମାଲୋଚକ ମତ ଦେଇଥାନ୍ତି । ମଧୁସୂଦନ, ନନ୍ଦକିଶୋର, ପଦ୍ମଚରଣ ପ୍ରଭୃତି କବିମାନେ ଅନେକ ଗୀତି କବିତା ସୃଷ୍ଟି କରିଥିଲେ । ଏମାନଙ୍କ କବିତାର ଆଙ୍ଗିକ ରୂପ ନୂତନତାରେ ବିମଣ୍ଡିତ ହୋଇଥିଲା । ଦୀର୍ଘକାଳ ଧରି ଗଜପତି ରାଜାମାନଙ୍କର ସୁଶାସନ

Digitized by srujanika@gmail.com

ଓ ଶାନ୍ତିମୟ ଜୀବନ ଯାପନ କବିମାନଙ୍କୁ ଗୀତିକବିତା ସୃଷ୍ଟି ପାଇଁ ପ୍ରେରଣା ଯୋଗାଇଥିଲା । ଓଡ଼ିଆ ଜାତିର ପ୍ରାଣକେନ୍ଦ୍ରରେ ପ୍ରତିଷ୍ଠିତ ଦେବତା ଜଗନ୍ନାଥଙ୍କୁ ନେଇ ଅସଂଖ୍ୟ ଭଜନ, ଜଣାଣ, ଗଉଡ଼ଣୀ, ଚମ୍ପୂ, ଚୌପଦୀ ଓ କୋଇଲି ଆଦି ଗୀତି କବିତା ଆକାରରେ ପ୍ରକାଶ ଲାଭ କରିଛି । ଭଜନ ଓ ଜଣାଣରେ ଗୀତି କବିତାର ଧର୍ମ ବଜାୟ ରହିବା ସଙ୍ଗେ ସଙ୍ଗେ କବି ସାଂସାରିକ ବିଷୟ ବାସନା ପ୍ରତି ବିତୃଷ୍ଣା ରହି ସର୍ବନିୟନ୍ତା ପରମେଶ୍ୱରଙ୍କ ପଦାରବିନ୍ଦରେ ନିଜର ନିବେଦନ ନୈବେଦ୍ୟ ଅର୍ପିତ କରୁଣ ସ୍ୱରରେ ଜଣାଇ ଦେଇଛନ୍ତି । ଗଙ୍ଗାଧରଙ୍କର କବିତାଗୁଡ଼ିକ କବିତା କଲ୍ଲୋଳ ଓ ଅର୍ଘ୍ୟଥାଳିରେ ପ୍ରକାଶିତ । କବିଙ୍କର ଅର୍ଘ୍ୟଥାଳି ୩୯ ଗୋଟି କବିତାର ସମଷ୍ଟି । ଏଗୁଡ଼ିକ ଭିନ୍ନ ଭିନ୍ନ ସମୟରେ ଲେଖାଯାଇଥିଲା । ତନ୍ମଧ୍ୟରୁ 'ଭକ୍ତି' କବିତାଟି ସମାଲୋଚକମାନଙ୍କଠାରୁ ଉଚ୍ଛ୍ୱସିତ ପ୍ରଶଂସା ଲାଭକରିଛି । ମେହେରଙ୍କ କବିତାଗୁଡ଼ିକୁ ନିମ୍ନଲିଖିତ ଭାବରେ ବିଭକ୍ତ କରାଯାଇପାରେ । (କ) ଜାତୀୟତା ଭାବମୂଳକ କବିତା, (ଖ) ସଂସ୍କାର ମୂଳକ କବିତା, (ଗ) ଶୋକ ମୂଳକ କବିତା, (ଘ) ପ୍ରକୃତି ବର୍ଣ୍ଣନା ମୂଳକ କବିତା, (ଙ) ଭକ୍ତିମୂଳକ କବିତା, (ଚ) ଲୋକଗୀତି ମୂଳକ କବିତା ।

ଅର୍ଘ୍ୟଥାଳିରେ ସନ୍ନିବେଶିତ କେତେକ କବିତା ବ୍ୟତିରେକେ 'ଉତ୍କଳ ଲକ୍ଷ୍ମୀ' ଓ 'ଭାରତୀ ଭାବନା' କବିତାରୁ ମେହେରଙ୍କର ଦେଶାତ୍ମବୋଧକତାର ସ୍ପଷ୍ଟ ପରିଚୟ ମିଳିଥାଏ । ଉତ୍କଳଲକ୍ଷ୍ମୀ ୧୮୯୪ ଖ୍ରୀ: ଅ: ରେ ପ୍ରଥମେ ପ୍ରକାଶିତ ହୋଇ ୧୯୧୪ ଖ୍ରୀ: ଅ:ରେ ସମାପ୍ତ ହୋଇଥିଲା । କବିଙ୍କ ଚକ୍ଷୁରେ 'ଉତ୍କଳ ଲକ୍ଷ୍ମୀ' ବସୁଧାରେ ଏକ ସୁନ୍ଦରୀ । ଅଙ୍ଗରେ ତାର ପ୍ରାକୃତିକ ଶୋଭା ସୁଶୋଭିତ । ପୃଷ୍ଠଦେଶରେ ମୃଗନୟନୀମାନେ ଅବାଧ ବିଚରଣରେ ଆହ୍ଲାଦିତ, ଶାଳିପଲ୍ଲ ନବଦୂର୍ବାଦଳ ଶୋଭିତ ଶ୍ୟାମଳା ଧରଣୀରେ ତନ୍ତ୍ରକୁଳ ଆତ୍ମତୃପ୍ତି ଲାଭ କରିବା ଆଦି ଉତ୍କଳ ଲକ୍ଷ୍ମୀଙ୍କ ଅଙ୍ଗାଭରଣ ରୂପେ ଚିତ୍ରିତ । ରାଧାନାଥଙ୍କର 'ଚନ୍ଦ୍ରଭାଗା'ର ପ୍ରେରଣା ଲାଭକରି ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ କବି ରଚନା କରିଥିଲେ "ଉତ୍କଳ ଲକ୍ଷ୍ମୀ" 'ଭାରତୀ ଭାବନା' କବିତାରେ କବି ବିଦେଶୀ ବ୍ରିଟିଶମାନଙ୍କୁ ପରୋକ୍ଷରେ କଠୋର ସମାଲୋଚନା କରିଛନ୍ତି । ବ୍ରିଟିଶମାନେ ଏ ଦେଶକୁ ବଣିକ ରୂପରେ ଆସି ସ୍ଥାୟୀ ବାସିନ୍ଦା ହୋଇ ଭାରତବାସୀଙ୍କ ଉପରେ ଅତ୍ୟାଚାର କରିଥିଲେ । କବି ଭାରତବାସୀଙ୍କ ଦୁଃଖ, ଅପମାନ, ଲାଞ୍ଛନା ନିଜ ଆଖିରେ ସହ୍ୟକରି ନ ପାରି କବିତା ମାଧ୍ୟମରେ ବ୍ରିଟିଶମାନଙ୍କୁ ପରୋକ୍ଷରେ ସମାଲୋଚନା କରିଥିଲେ । ଉକ୍ତ କବିତାରୁ କବିଙ୍କର ମହାଭାରତୀୟ ପ୍ରେମ ସୂଚିତ ହୋଇଥାଏ । ଉକ୍ତ କବିତାରେ କବି କୃଷ୍ଣ ଓ ଗୋପାଙ୍ଗନାଙ୍କ ଲୀଳା ଖେଳା ବାହ୍ୟ ଅର୍ଥରେ ସୂଚିତ କରି ଇଂରେଜମାନଙ୍କୁ କଠୋର ସମାଲୋଚନା କରିଛନ୍ତି ।

୩୯ ଗୋଟି ପାଖୁଡ଼ାରେ ଅର୍ଘ୍ୟଥାଳି-କୁସୁମ ସୁଶୋଭିତ । କବି "ଅର୍ଘ୍ୟଥାଳି ଭୂମିକା"ରେ ଲେଖିଛନ୍ତି—ମୋର ହୃଦୟ ନିବିଡ଼ ଅରଣ୍ୟ ତୁଲ୍ୟ; କିନ୍ତୁ ପ୍ରଶସ୍ତ ନୁହେଁ, କ୍ଷୁଦ୍ର । ତହିଁରେ ଅଭ୍ୟନ୍ତରକୁ ସଭ୍ୟତା ଲୋକ ପ୍ରବିଷ୍ଟ ହୋଇପାରି ନାହିଁ । ତେବେ ସମଗ୍ର

Digitized by srujanika@gmail.com

ଧରଣୀରେ ଯେତେବେଳେ ଅଲୋକ ବିକୀର୍ଣ୍ଣ ହେଉଅଛି, ଅରଣ୍ୟର ଉପଶାଖାଗ ଆଲୋକିତ ହେବା ସ୍ୱାଭାବିକ । ରନ୍ଧ୍ର ପଥରେ ମଧ୍ୟ ଅଭ୍ୟନ୍ତରକୁ ଆଲୋକର ପ୍ରବେଶ ଅବାରଣୀୟ । ଗଛଟିଏ ହେଲେ ଅବଶ୍ୟ ତହିଁରେ ଫୁଲ ଫୁଟେ, ତେବେ ଅରଣ୍ୟରେ ସୁପୁଷ୍ପ ଫୁଟେ ନାହିଁ । ମୋର ହୃଦୟରେ ନାନା ସମୟରେ ଯେ ନାନାଭାବ ଉଦିତ ହୋଇଥାଏ, ତହିଁରେ କେତେକ ପଦ୍ୟାକାରରେ ଲେଖି ପତ୍ର ପତ୍ରିକାମାନଙ୍କରେ ପ୍ରକାଶ କରିଥିଲି । ତାହା ସୁଗନ୍ଧ ହେଉ ବା ନିର୍ଗନ୍ଧ ହେଉ ପୁଷ୍ପ ରୂପେ ଗଣ୍ୟ । ତତ୍ ପ୍ରତି ବହୁଦର୍ଶୀମାନଙ୍କର ଦୃଷ୍ଟି ଆକୃଷ୍ଟ ହୋଇଥିବାର ବୋଧହୁଏ ମୋ ପ୍ରତି ଉଦୀୟମାନ ଯଶସ୍ୱୀ ଶ୍ରୀମାନ ପାରଳାଧିପତି ମହୋଦୟଙ୍କର ଶୁଭଦୃଷ୍ଟି ପତିତ ହୋଇଥିବାର ତଦୀୟ ନବର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକ ମହାଶୟଙ୍କ ପତ୍ରରୁ ଅବଗତ ହୋଇ ମହାରାଜଙ୍କ ଛାମୁରେ ଅର୍ପଣ କରିବାକୁ ସେହି ସମସ୍ତ ପୁଷ୍ପରେ ଏହି "ଅର୍ଘ୍ୟଥାଳି" ପ୍ରସ୍ତୁତ କରିଅଛି ।

ଜାତୀୟତା ଭାବମୂଳକ କବିତା :

ଯେଉଁ ଦେଶରେ ଆମର ଜନ୍ମ, ଯେଉଁ ଦେଶର ମାଟି, ଜଳବାୟୁ ଓ ପାଣି ପିଇ ଆମେ ପରିବର୍ଦ୍ଧିତ ତା' ପ୍ରତି ଗଭୀର ମନୋବେଦନା ବ୍ୟକ୍ତକରିବା ଆମର କର୍ତ୍ତବ୍ୟ । ସାହିତ୍ୟିକମାନେ ସାହିତ୍ୟ ସୃଷ୍ଟି ମାଧ୍ୟମରେ ସ୍ୱଦେଶପ୍ରୀତି ବା ଜାତୀୟ ଭାବାପନ୍ନ ହୋଇ ନିଜର ଭାବ ପ୍ରକାଶ କରିବା ପାଇଁ ସ୍ୱଦେଶର ମହିମାଗାନ କରିଥାନ୍ତି । ଦେଶ ପରାଧୀନ ଥିଲା ବେଳେ ପରାଧୀନତାରୁ ମୁକ୍ତିଲାଭ କରିବା ପାଇଁ କବି, ସାହିତ୍ୟିକମାନେ ବିଭିନ୍ନ କବିତା, ଗଦ୍ୟ ଓ ନାଟକର ପ୍ରଚୁର ମାଧ୍ୟମରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଉଥିଲେ । ଦେଶବାସୀଙ୍କ ପ୍ରତି ଗଭୀର ଉଦ୍ଦୀପନା, ସ୍ୱଜାତିଙ୍କ ପ୍ରତି ଗଭୀର ଆବେଗ ଓ ପ୍ରେରଣା ଯୋଗାଇବା ଥିଲା ତାଙ୍କର ଲକ୍ଷ୍ୟ । ପ୍ରାଚୀନଠାରୁ ଅର୍ବାଚୀନ ଓଡ଼ିଆ ସାହିତ୍ୟରେ ଓଡ଼ିଶାର କୋଣାର୍କ, ଚନ୍ଦ୍ରଭାଗା, କପିଳାସ, ଏକାମ୍ରକାନନ ଆଦି ତୀର୍ଥର ମହିମା ବର୍ଣ୍ଣିତ ହୋଇଥିବା ବେଳେ ଦୀନକୃଷ୍ଣ, ଭଞ୍ଜ ଓ ସାମନ୍ତସିଂହାର ଆଦିଙ୍କ କାବ୍ୟରେ ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ମହିମା କୀର୍ତ୍ତିତ । ରାଧାନାଥ, ମଧୁସୂଦନ, ଫକୀରମୋହନ ଓ ଗଙ୍ଗାଧରଙ୍କ ରଚନାରେ ଜାତୀୟତା ଭାବ ମଧ୍ୟ ସୁସ୍ପଷ୍ଟ । 'ଉତ୍କଳ ଲକ୍ଷ୍ମୀ' କବିତାରେ କବି ମଞ୍ଜୁଳ ପ୍ରାକୃତିକ ପରିବେଶର ବର୍ଣ୍ଣନା ଦେଇ ଉତ୍କଳ ଲକ୍ଷ୍ମୀଙ୍କର ବନ୍ଦନା କରିଛନ୍ତି । ଉତ୍କଳର ବିଶିଷ୍ଟ ସାହିତ୍ୟ ସେବୀ ରାଧାନାଥ, ରାମଚନ୍ଦ୍ର ଭଞ୍ଜ ଓ ବାସୁଦେବ ସୁଢ଼ଳ ଦେବଙ୍କ କୀର୍ତ୍ତି ଉତ୍କଳ ଲକ୍ଷ୍ମୀରେ ଉଦ୍‌ଘୋଷିତ । 'ଭାରତୀ ଭେଦନ' ଶୀର୍ଷକ କବିତାଟି ଗଙ୍ଗାଧରଙ୍କର ଦେଶାତ୍ମବୋଧିକତାର ଆଦ୍ୟ ନିଦର୍ଶନ । 'ଉଦ୍‌ବୋଧନ' ଓ 'ଉତ୍କଳ ଭାରତୀଙ୍କ ଉକ୍ତି' ଏ ଦୁଇଟି ମଧ୍ୟ ଜାତୀୟତା ଭାବାପନ୍ନ କବିତା । ଉଦ୍‌ବୋଧନ କବିତାରେ କବି ଉତ୍କଳ-ବାସୀଙ୍କୁ ଜ୍ଞାନ ଓ କର୍ମର ସମନ୍ୱିତ ପ୍ରେରଣା ଯୋଗାଇଛନ୍ତି । ଭାରତର ବିଭିନ୍ନ ପ୍ରଦେଶରେ ଭାଷା ଓ ସାହିତ୍ୟର ଉନ୍ନତି ଦେଖି କବି ଉତ୍କଳୀୟଙ୍କୁ ସଚେତନଶୀଳ କରାଇ ଦେଇଛନ୍ତି । "ଉତ୍କଳ ଭାରତୀଙ୍କ ଉକ୍ତି" ଲିପି ସଂସ୍କାର ଆନ୍ଦୋଳନ ସମୟରେ ରଚିତ ହୋଇଛି ବୋଲି ତାଙ୍କ ଗ୍ରନ୍ଥାବଳୀରେ ଉଲ୍ଲେଖ କରାଯାଇଛି । ଉକ୍ତ କବିତାରେ ଆଧୁନିକ

Digitized by srujanika@gmail.com

ଯୁଗର ବିକାଶଧାରାର ପରିବର୍ତ୍ତନ ସେ ଗ୍ରହିଛନ୍ତି ପରମ୍ପରାକୁ ଲକ୍ଷ୍ୟ କରି । ମଧ୍ୟ-ଯୁଗରେ ଓଡ଼ିଆ ସାହିତ୍ୟାକାଶରେ ଯେତେବେଳେ 'ଇନ୍ଦ୍ରାଣୀନୁ' ଓ ବିଜୁଳିର ବିବାଦ ସୃଷ୍ଟି ହୋଇଥିଲା ସେତେବେଳେ ଗଙ୍ଗାଧର ଅବା ବସିବେ କିପରି ? ତାଙ୍କର ଏହି କ୍ଷୁଦ୍ର କବିତାଟି ସେହି ସମୟର ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଏକ ଆକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ । କବି ଉତ୍କଳ ଜନନୀଙ୍କର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଭାରତୀଙ୍କ ମୁଖରେ ଗାଇଛନ୍ତି —

> "ଛନ୍ଦବାକୁ ମୋର   କୋମଳ ବଦନ
>   ଅଙ୍ଗକୁ ସହିବରେ ନ ହେବ ପୀଡ଼ା
> ଦେବ ଦେଲେ ଦଅ   ଏମନ୍ତ ଭୂଷଣ
>   ଯାହା ଯେଣେ ମୋର ନ ହେବ ବ୍ରୀଡ଼ା ।
>
> ×   ×   ×
>
> ମସ୍ତକେ ମୋ ଟୋପି   ନ ଦେବ ବାବାରେ
>   ନ କାଢ଼ିବ ମୋର କରୁ କଙ୍କଣ
> ସିନ୍ଦୂର ବିନ୍ଦୁ ମୋ   ଭାଲେ ରଖିବାରେ
>   ନିରନ୍ତର ମନେ ଥିବ ସ୍ମରଣ ।"

କବି ଗଙ୍ଗାଧର ଉତ୍କଳଭାରତୀଙ୍କୁ ଆଧୁନିକତା କରିବା ପାଇଁ କେମ୍ଭା ତାଙ୍କ ମସ୍ତକରେ ସାହେବୀ ଟୋପି ଦେଇ ହସ୍ତରୁ କଙ୍କଣ ଶୂନ୍ୟକରି, ମସ୍ତକରୁ ସିନ୍ଦୂର ବିନ୍ଦୁ ପୋଛି ଦେଇ ବିଳାତି ମହିଳା ରୂପେ ସଜ୍ଜିତା କରିବାକୁ ସେ ପ୍ରତିବାଦ କରିଛନ୍ତି । ନାନା ଦେଶ ବିଦେଶରୁ ତରୁବଲ୍ଲୀ ଆଣି ଉଦ୍ୟାନକୁ ସୁଶୋଭିତ ତଥା ସୁରଭିତ କରିବାକୁ ସେ ଚାହିଁଛନ୍ତି । ପ୍ରାଚୀନତା ଓ ନୂତନତାକୁ ବିସ୍ମରକରି ବିଶ୍ୱ ସାହିତ୍ୟରୁ ଭାଷା ସାହିତ୍ୟ-ରତ୍ନ ଆହରଣ କରି ଉତ୍କଳ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସେ ପ୍ରେରଣା ଦେଇଛନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ପ୍ରାଚ୍ୟ-ପାଶ୍ଚାତ୍ୟ, ପୁରାତନ-ନୂତନ, ଜାତୀୟ-ବିଜାତୀୟ ସବୁ ସାହିତ୍ୟ ମାଧ୍ୟମରେ ଏକ ସମନ୍ୱୟ ସ୍ଥାପନ କରି ଐକ୍ୟ ଭାବ ସୃଷ୍ଟି କରିବା ।

କବି ମାତୃଭୂମି ଓ ମାତୃଭାଷାକୁ ସଦାବେଳେ ଉଚ୍ଚ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । "ମାତୃଭୂମି" କବିତାରେ କବିଙ୍କର ବିଶ୍ୱମାନବିକତାର ଭାବ ପ୍ରକାଶିତ ହୋଇଛି । ଅଧିକାଂଶ ସମୟରେ ଲୋକମାନେ ମାତୃଭୂମି ପ୍ରତି ଉଦାସୀନ ରହି ତାହାର ଅମଙ୍ଗଳ କାମନା କରିଥାନ୍ତି । ପୁନଶ୍ଚ ଯେ ନିଜ ପରିବାର, ଗ୍ରାମ, ଦେଶ ଓ ଜାତିକୁ ନ ଚିହ୍ନି ଅପରର ମନତୁଷ୍ଟି ପାଇଁ ନିଜ ଉପରେ କୁଠାରଘାତ କରିଥାନ୍ତି ସେ ପଶୁ ରୂପେ ବିବେଚିତ ହୋଇଥାଏ ! ତେଣୁ ନିଜର ଦେଶ, ଜାତି ତଥା ବିଶ୍ୱର କଲ୍ୟାଣ ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେବା ସଙ୍ଗେ ସଙ୍ଗେ କବି ସ୍ୱଦେଶ ପ୍ରେମକୁ ଉଚ୍ଚ ଆସନ ଦେଇଛନ୍ତି । ନିଜକୁ ଚିହ୍ନି ଅପରକୁ ଚିହ୍ନିବା ଓ ନିଜ ଦେଶକୁ ଉଚ୍ଚ ଆସନ ଦେଇ ବିଶ୍ୱର ହିତପାଇଁ ଅଭିଯାନ ଚଳାଇବା ହିଁ କବିଙ୍କର ଆଦର୍ଶ । ସେଥିପାଇଁ ସେ ଲେଖିଛନ୍ତି —

Digitized by srujanika@gmail.com

ଜ୍ଞାନବଳେ ଯେବେ ଜାଣେ ସମସ୍ତଙ୍କ
ଜନକ ଜଗତ ପତି
ସହୋଦର ଜନ କରେ ଅବନୀର
ମାନବ ସମାଜ ପ୍ରତି
"ତେବେ ସେ ଜାଣଇ ସେ କରଇ ଯେତେ
ଲୋକଙ୍କର ଉପକାର
ବିଶ୍ୱପତଙ୍କର ବିଶ୍ୱ ଗୃହେ ଅଟେ
ସେ ତେତେ ଯୋଗ୍ୟ କୁମାର ।"

ପୁଣି କବିଙ୍କ ମନରେ ମାତୃଭୂମି, ମାତୃଭାଷା ପ୍ରତି ଯାହାର ହୃଦୟରେ ମମତା ନାହିଁ ସେ ଜ୍ଞାନୀ ନୁହେଁ ଅଜ୍ଞାନୀ ।

"ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ ?"

ଜାତୀୟ ଭାବାପନ୍ନ କବିତା ଗଙ୍ଗାଧରଙ୍କର "ଭାରତୀ ରୋଦନ" ୧୩।୧୦।୧୮୯୪ ସାଲ ଅକ୍ଟୋବର ୩ ତାରିଖ "ସମ୍ବଲପୁର ହିତୈଷିଣୀ" ସଂଖ୍ୟାରେ ପ୍ରକାଶ ପାଇଥିଲା । ସମ୍ବଲପୁର ଅଞ୍ଚଳର ମାତୃଭାଷାକୁ ବିଲୋପକରି ହିନ୍ଦୀ ଭାଷା ପ୍ରଚଳନ କରିବା ଉକ୍ତ ଅଞ୍ଚଳର ଲୋକମାନଙ୍କର ଦୁର୍ଭାଗ୍ୟ ବ୍ୟତୀତ ଆଉ କ'ଣ ବା ହୋଇପାରେ । ଏହାର ବିରୋଧରେ ଜାତୀୟତା ଭାବ ଉଦ୍ରେକ ହେବା ଅସମୀଚୀନ ନୁହେଁ । ତେଣୁ କବି କର୍ତ୍ତବ୍ୟ ସମ୍ପାଦନରେ ଯନ୍ତ୍ରି ନକରି ମାନ୍ଦଳ ବଳିଷ୍ଠ ଲେଖନୀ ଶରତ୍ ଗଙ୍ଗାଧରର ଗର୍ଜି ଉଠିଛି । ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ଉକ୍ତ କବିତା ଜନତାଙ୍କ ମନରେ ଆଣି ଦେଇଥିଲା ଜାତୀୟବାଦୀ ଚେତନା । ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ଉତ୍କଳ ସମ୍ମିଳନୀର ଆହ୍ୱାନ ବାସ୍ତବିକ ଆନ୍ଦୋଳନାତ୍ମକ ଏକ ସୁଦୃଢ଼ ଅନୁଷ୍ଠାନ ।

'ଭାରତୀ ଭାବନା' କବିତାଟି ଗଙ୍ଗାଧର ମେହେରଙ୍କର ଜାତୀୟବାଦୀ କବିତାର ଅନ୍ୟ ଏକ ଜ୍ୱଳନ୍ତ ଆଲେଖ୍ୟ । ସତରଟି ପଦରେ ରଚିତ ଏହି କବିତାଟି କଲ୍ୟାଣ ଆହାରୀ ରାଗରେ ରଚିତ । ଉକ୍ତ କବିତାରେ କବି ଗୋପୀ ଓ କୃଷ୍ଣଙ୍କ ପ୍ରତି ଏବଂ ଅନ୍ୟ ଅର୍ଥରେ ବୈଦେଶିକ ଶାସନ ଫଳରେ ଦେଶମାତୃକାର ବ୍ୟାକୁଳତା ଭାବନା ବର୍ଣ୍ଣନା କରିଛନ୍ତି । ଡ଼ ଗୋପାଳଚନ୍ଦ୍ର ପ୍ରହରାଜ ଉକ୍ତ କବିତା ସମ୍ପର୍କରେ ଲେଖିଛନ୍ତି—"ଏହି କବିତାଟି ଦୁଇଗୋଟି ଅର୍ଥରେ ଲିଖିତ ହୋଇଛି । ଏକ ଅର୍ଥରେ ଉତ୍କଳ ଭାରତୀ (ଗୋପୀ ରୂପରେ) ଶ୍ରୀକୃଷ୍ଣଙ୍କୁ ଆପଣା ଦୁଃଖ ଗୁହାରି କରିଛନ୍ତି ଓ ଅନ୍ୟ ଅର୍ଥରେ ଦେଶର ଆଧୁନିକ ରାଜନୈତିକ ଅବସ୍ଥା ଉତ୍କଳମାତା ପ୍ରକାଶ କରିଛନ୍ତି ।" ଉତ୍କଳର ଦୁର୍ଦ୍ଦଶା ପ୍ରତି କବିଙ୍କର ଚିନ୍ତାଧାରା ସୀମିତ ନ ହୋଇ ସମଗ୍ର ଭାରତର ଦୁର୍ଦ୍ଦଶା ପ୍ରତି ସେ ବ୍ୟଥିତ ହୋଇ ପଡ଼ିଥିବାର ସୂଚନା ମିଳେ । ଉକ୍ତ କବିତାରେ କବି ବ୍ରିଟିଶମାନଙ୍କୁ ସମାଲୋଚନା କରି ଲେଖିଛନ୍ତି—

Digitized by srujanika@gmail.com

"ଷଣ୍ଢ ମାରିବାର ଧରମ ତୁମର
ବିଷ କୁଣ୍ଟ କର ଆହାର
ତୁମ୍ଭ ପୁତନାଙ୍କ- ମହିମା କରଇ
ନାଶି ଗଉରବ ପ୍ରସାର,
ତୁମ୍ଭର, ଗର୍ଭ କଲିବାର ଦୁଷ୍କର
ବନ୍ଧୁବୋଲି ଯାକୁ ସେନାବଳ ଦେଲ
ପ୍ରାଣ ନରହିଲା ତାଙ୍କର ।"

ଉକ୍ତ କବିତାରେ କେତେକ ଶ୍ଳିଷ୍ଟ ଶବ୍ଦର ବ୍ୟବହାର ହୋଇଥିବାରୁ ଏହା ଦ୍ୱିଅର୍ଥବୋଧକ ସୂଚିତ ହୋଇଥାଏ । ଉତ୍କଳ ଭାରତୀ (ଗୋପୀ ରୂପରେ) ଶ୍ରୀକୃଷ୍ଣଙ୍କୁ ନିଜର ହାରି ଗୁହାରି ଜଣାଇଛନ୍ତି । ଗୋପୀଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଏବଂ ଅନ୍ୟ ଅର୍ଥରେ ଭାରତ ମାତାଙ୍କର ଇଂରେଜ ଶାସକଙ୍କ ପ୍ରତି ପ୍ରଯୁଜ୍ୟ ହୋଇଛି ।

ବେଦବ୍ୟାସ କବିତାରେ କବିଙ୍କର ଜାତୀୟତାବାଦୀ ଚେତନାର ଆସ୍ୱାଦ ମିଳିଥାଏ । କବିତା କଲ୍ଲୋଳର ଏହା ଆଦ୍ୟ କବିତା । ପଶ୍ଚିମ ଓଡ଼ିଶାର ରମଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସ୍ମରଣ କରାଇ ଦେଇଛନ୍ତି ।

ସଂସ୍କାରମୂଳକ କବିତା :

ସମାଜରେ କୁସଂସ୍କାର—ଆବର୍ଜନାମୟ ଆବିଲତା, ଜାତି ଅଜାତିର ବାଡ଼ବତା ଓ ଅନ୍ଧବିଶ୍ୱାସକୁ ବିତାଡ଼ିତ କରିବା ପାଇଁ ତାଙ୍କର ବଳିଷ୍ଠ ଲେଖନୀ ଶତଜିହ୍ୱ ହୋଇ ଉଠିଛି । ରୋମାଣ୍ଟିକ ଯୁଗୀୟ ଇଂରେଜ କବି ସମାଜର ଆବର୍ଜନା ଓ କଳୁଷକୁ ଦୂରୀଭୂତ କରିବା ପାଇଁ ଯେପରି ପଶ୍ଚିମା ପବନକୁ ଆହ୍ୱାନ କରିଥିଲେ ସେହିପରି କବି ଗଙ୍ଗାଧର "ମଳୟ ଆବାହନ" କବିତାରେ ଆଶା କରିଛନ୍ତି ସଂସ୍କାର, ନୂତନତା, ବିପ୍ଳବ ଓ ମଙ୍ଗଳ । ମଳୟକୁ ମଙ୍ଗଳର ପ୍ରତୀକ ରୂପେ ବର୍ଣ୍ଣନା କରି ଲେଖିଛନ୍ତି—

"ସତ୍ୱର ଫିଟାଇ ପଦ୍ମ ପରିମଳ ମଲ୍ଲିକା ମଧୁର ବାସ
ଢଅ ଢଅ ଜ୍ୟୋତି ପ୍ରକାଶିନୀ ବଟି ମ୍ଲାନ ହେବ ବେଗେ ନାଶ
ପ୍ରାଣ ଆମୋଦନ ରସ ପ୍ରଦାନରେ ବିଲମ୍ବ ନକରି ଆଉ
ଦେଇ ପ୍ରେମାଞ୍ଜନ ପ୍ରେମ ଆଲିଙ୍ଗନ କର ହେ ପ୍ରସାରି ବାହୁ ।"

ତତ୍କାଳୀନ ସମାଜର ନରରକ୍ତ ଶୋଷକ ଜମିଦାର ଓ ପୁରୋହିତ ଗଣ୍ଡଧର୍ମ ଓ ସତ୍ୟର ମିଥ୍ୟା ଆସ୍ଫାଳନ କରି ସମାଜକୁ ନାନାଭାବରେ ନଷ୍ଟ ଭ୍ରଷ୍ଟ କରି ପକାଉଥିଲେ । ସେମାନଙ୍କ ଅତ୍ୟାଚାରରେ ଜନସାଧାରଣ ଉତ୍ପୀଡ଼ିତ ହେଉଥିଲେ । ତତ୍କାଳୀନ ସମାଜର ଦୋଷ ତ୍ରୁଟିକୁ ଧରି ପକାଇ ଦେବାପାଇଁ ତାଙ୍କର ବଳିଷ୍ଠ ଲେଖନୀ "ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର" କବିତାରେ ଗାଇ ଉଠିଛି—

"ମନ ଯାର ବ୍ୟସ୍ତ ସଦା ପରସ୍ୱ ହରଣେ
ଧନ ଯାର ବଦଳିତ ଗଣିକା ଚରଣେ

Digitized by srujanika@gmail.com

ଜୀବନ ଯା ଲକ୍ଷ ଲକ୍ଷ ଲୋକଙ୍କର ସ୍ୱର
ତାଙ୍କୁ ମଧ୍ୟ ବୋଲଥାନ୍ତି ଧର୍ମ ଅବତାର ।"

ସୁରା, ଗଣିକା ଓ ସ୍ୱର୍ଣ୍ଣର ଉପଭୋଗ ପାଇଁ ଅତ୍ୟାଗ୍ରହୀ ଧନିକ ସମ୍ପ୍ରଦାୟ ସମାଜରେ ନାନା ଅତ୍ୟାଚାର କରି ନିରୀହ ଲୋକଙ୍କୁ ବିଭିନ୍ନ ଫାନ୍ଦରେ ପକାଇ ନାନା ଆଘାତ କରୁଥିଲେ । ତାହାର ଏକ ସ୍ପଷ୍ଟ ସ୍ୱରୂପ ଉକ୍ତ କବିତାରେ ପ୍ରତିଫଳିତ । ସେହିପରି ପଞ୍ଚାୟତ କବିତାଟିକୁ ମଧ୍ୟ ସଂସ୍କାରମୂଳକ କବିତା ଭାବରେ ଗ୍ରହଣ କରାଯାଇପାରେ । ପୂର୍ବକାଳରେ ପଞ୍ଚାୟତ ଶାସନ ଯୋଗୁଁ ଭାରତର ପରମ୍ପରା ଥିଲା ସୁଶୃଙ୍ଖଳିତ । ଯେଉଁଦିନ ଏହି ପ୍ରଥା ଲୋପ ପାଇଗଲା, ସେହିଦିନ ଠାରୁ ଭାରତରେ ଦେଖାଦେଲା ପରାଧୀନତା । ମହାମାନବ ଗାନ୍ଧୀ ଏହି ପଞ୍ଚାୟତରାଜକୁ ରାମ ରାଜ୍ୟ ରୂପେ ପ୍ରତିଷ୍ଠା କରିବା ପାଇଁ କଳ୍ପନା କରିଥିଲେ । ସମାଜର ହିଂସା, ଦ୍ୱେଷ, ଘୃଣା, ପ୍ରତିବାଦ, ଅଭାବ ଅନାଟନକୁ ଦୂରୀଭୂତ କରି ଏକ ସିଢ଼ି ପ୍ରସ୍ତୁତ କରିଥିଲେ ଏହି 'ପଞ୍ଚାୟତ' କବିତାରେ ।

ଶୋକମୂଳକ କବିତା :

ସାଧାରଣତଃ ଓଡ଼ିଆ ସାହିତ୍ୟର ଐତିହ୍ୟ ପଞ୍ଚସଖା ଯୁଗରୁ ହିଁ ବଳିଷ୍ଠ ରହିଛି । ଯାହା ଆକାଂକ୍ଷିତ, ଯାହା କମନୀୟ, ଯାହା ଆଦର୍ଶ ତାହା କବିର ସାମଗ୍ରୀ । ଯୁଗର ପରିବର୍ତ୍ତନଶୀଳ ପ୍ରଣାଳୀକୁ ଅନୁସରଣ କରି କବି ତା'ର କର୍ତ୍ତବ୍ୟ ପଥରେ ଅନୁଧାବନ କରେ । ପ୍ରତ୍ୟେକ ଯୁଗର କବିମାନେ ସେ ଯୁଗର ପ୍ରତିଭାସମ୍ପନ୍ନ ବ୍ୟକ୍ତି ତଥା କାବ୍ୟଗୁରୁଙ୍କୁ ଅନୁସରଣ କରିଥାନ୍ତି । ରୀତିଯୁଗୀୟ କବି ଅଭିମନ୍ୟୁ ଯେପରି ନିଜର କାବ୍ୟଗୁରୁ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ବାରମ୍ବାର ସ୍ମରଣ କରି ତାଙ୍କର କାବ୍ୟପ୍ରତିଭା ଗାନ କରିଛନ୍ତି ସେହିପରି ଗଙ୍ଗାଧର, ରାଧାନାଥ, ଫକୀର ମୋହନ, ସ୍ୱର୍ଗୀୟା କୃଷ୍ଣାକୁମାରୀ, ମଧୁସୂଦନ ରାଓ, ବଳରାମ ଦେବ, ଧନଞ୍ଜୟ ସିଂହ ଓ କାଶୀନାଥ ପଣ୍ଡା ପ୍ରଭୃତିଙ୍କ ମୃତ୍ୟୁରେ ଶୋକ କବିତାମାନ ରଚନା କରିଛନ୍ତି ।

ପ୍ରକୃତି ବର୍ଣ୍ଣନାମୂଳକ କବିତା :

ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟକୁ ଅବଲୋକନ କରି ଆଧୁନିକ କବିମାନେ ଯେପରି ତାହାର ଗୁରୁତ୍ୱ ଆରୋପ କରିଛନ୍ତି ସେହିପରି ପ୍ରାଚୀନ କବିମାନେ ତାଙ୍କ କାବ୍ୟରେ ପ୍ରକୃତିକୁ ସେପରି ନ ଦେଖି ରସବ୍ୟଞ୍ଜକ ଭାବରେ ଯୁବକ ଯୁବତୀର ବିଭିନ୍ନ ଅବସ୍ଥାର ଉପମା ରୂପରେ ଉପସ୍ଥାପନ କରିଛନ୍ତି । ପ୍ରକୃତିର ଅପୂର୍ବ ଚିତ୍ର କବି ରାଧାନାଥଙ୍କ ଯୁଗରୁ ହିଁ ଆରମ୍ଭ ହୋଇଛି । କବିବର ଗଙ୍ଗାଧର ତାଙ୍କର 'କବିତା କଲ୍ଲୋଳ'ରେ ପ୍ରକୃତିର ଅଭିନବ ଦୃଶ୍ୟ ମୂଲ୍ୟାୟନ କରିଛନ୍ତି । 'ଚନ୍ଦ୍ର ରଜନୀ' ତାଙ୍କର ଏକ ପ୍ରକୃତି ଚିତ୍ର ମୂଳକ କବିତା । ଏଥିରେ ବସନ୍ତ ଶୁକ୍ଳପକ୍ଷ ରଜନୀର ପ୍ରାକୃତିକ ଚିତ୍ର ପ୍ରତିଫଳିତ । 'ବର୍ଷାଚିତ୍ର' ଏକ ବର୍ଣ୍ଣନାମୂଳକ କବିତା ହେଲେ ହେଁ ଏଥିରେ ରାଧାନାଥଙ୍କ ପରି ବର୍ଣ୍ଣାଢ୍ୟ ସୁଲଭ ଅଳଙ୍କାର ନାହିଁ । ଏଥିରେ ଗଙ୍ଗାଧର ପ୍ରକୃତିର ବିବିଧ ବିଭାବକୁ ପ୍ରାଣବନ୍ତ କରି

Digitized by srujanika@gmail.com

ତୋଳିଛନ୍ତି । 'ବସନ୍ତ ବାସର' କବିତାରେ ମେହେରଙ୍କର ପ୍ରାକୃତିକ ଚିତ୍ର ବାସ୍ତବିକ୍ ପ୍ରାଣସ୍ପର୍ଶୀ ହୋଇଛି । ତପନ ଦେବଙ୍କର ଝୁଲିମୁଣା ଧରି ମଧୁଭିକ୍ଷା କରିବା, ସନ୍ଧ୍ୟା ନିକଟରେ ମଧୁ ପ୍ରାର୍ଥନା କରିବା, ବଟ ବୃକ୍ଷାଦି ତରୁ ନିଜର ପତ୍ନୀ ଲତାଙ୍କୁ ଆଲିଙ୍ଗନ ପୂର୍ବକ କର ପ୍ରସାରଣ କରିବା ଆଦି ଦୃଶ୍ୟ ବାସ୍ତବିକ୍ ଜୀବନ୍ତ ପରି ପ୍ରତିଭାତ ହୋଇଥାଏ । ସମଗ୍ର 'କବିତା କଲ୍ଲୋଳ' ପ୍ରାକୃତିକ ଦୃଶ୍ୟରାଜିରେ ଯେ ବିମଣ୍ଡିତ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଭକ୍ତିମୂଳକ କବିତା :

ମେହେରଙ୍କର ଭକ୍ତିମୂଳକ କବିତା ମଧ୍ୟରେ 'ଭକ୍ତି', 'ଅମୃତମୟ', 'ମଧୁମୟ' କବିତା ଆଦି ଶ୍ରେଷ୍ଠ । ଈଶ୍ୱରଙ୍କ ପ୍ରତି ଗଭୀର ବିଶ୍ୱାସ, ଭଗବତ୍ ଦର୍ଶନ ଉପରୋକ୍ତ କବିତା-ଗୁଡ଼ିକରେ ସୁସ୍ପଷ୍ଟ । ପ୍ରତ୍ୟେକ କବି ତାଙ୍କର କବିତା ଓ କାବ୍ୟ ଆଦିରେ ଭଗବାନଙ୍କର ସତ୍ତା ଉପଲବ୍ଧି କରି ଯାଇଛନ୍ତି । ସାରଳା ପଞ୍ଚସଖାଠାରୁ ଆରମ୍ଭ କରି ରୀତିଯୁଗୀୟ ସାହିତ୍ୟ ତଥା ଆଧୁନିକ ଯୁଗୀୟ କାବ୍ୟ କବିତାରେ ଭଗବତ୍ ସତ୍ତା ବିଦ୍ୟମାନ । ଭକ୍ତିମୂଳକ କବିତା ସାଧାରଣତଃ ପ୍ରାଚୀନ ସାହିତ୍ୟରେ ଭଜନ, ଜଣାଣ, ସ୍ତୁତି, ଚଉତିଶା ଆଦିକୁ କେନ୍ଦ୍ରକରି ଗଢ଼ି ଉଠିଛି । କବିଙ୍କର 'ମଧୁମୟ' ଓ 'ଅମୃତମୟ' କବିତାକୁ ଛାଡ଼ିଦେଲେ 'ପ୍ରଭାତ ପ୍ରାର୍ଥନା', 'ଭରସା', 'ଅର୍ପଣ' ଆଦି କବିତା ଭକ୍ତିରସରେ ଆପ୍ଲୁତ । ଭକ୍ତି କବିତା-ଗୁଡ଼ିକରେ ଅନ୍ତର୍ନିହିତ ଭକ୍ତ ଭାବର ଚରମ ଉତ୍କର୍ଷତା ଲାଭ କରିଛି । ଗଙ୍ଗାଧର ତାଙ୍କର କବିତା ମଧ୍ୟରେ ସାଯୁଜ୍ୟ ମୁକ୍ତିର କାମନା କରି ନାହାନ୍ତି । ଭକ୍ତି କବିତାରେ କବିଙ୍କର ଜୀବନ ଦର୍ଶନ ଲାଭ କରିବା ସଙ୍ଗେ ସଙ୍ଗେ ଭଗବାନଙ୍କର ସାନ୍ନିଧ୍ୟ ଲାଭ କରିବା ପାଇଁ ତାଙ୍କର ଅନ୍ତରାତ୍ମା ବିକଳି ଉଠିଛି । 'ଭକ୍ତି' କବିତାକୁ ଶ୍ରୀଯୁକ୍ତ ରାଘବ ମିଶ୍ର ଶ୍ରେଷ୍ଠ କବିତା ରୂପେ ତାଙ୍କର ସଂକ୍ଷିପ୍ତ ଜୀବନୀ ମଧ୍ୟରେ ବ୍ୟକ୍ତ କରିଛନ୍ତି ।

ଲୋକ ଗୀତମୂଳକ କବିତା :

ଗାଁ ଗହଳର ବୃଦ୍ଧ-ବୃଦ୍ଧାମାନଙ୍କ ଠାରୁ ଯେଉଁ ଅସଂଖ୍ୟ ଲୋକଗୀତ ଆମର ଶ୍ରୁତି-ଗୋଚର ହୁଏ ତାହାର ରଚୟିତା ଯେ କିଏ ତାହା ଆମକୁ ଅଜ୍ଞାତ । ବହୁ ଅପ୍ରବଚନ, ଛଗଡ଼ମାଳି, କୃଷକ ସଙ୍ଗୀତ, ନୀତି ପ୍ରବଚନ, ଲୋକଗୀତ ଓ ଲୋକ କାହାଣୀ ବହୁ ଆଦିମ ଯୁଗରୁ ଏହା ସୃଷ୍ଟି ହୋଇଛି ବୋଲି ସମାଲୋଚକମାନେ କହିଥାନ୍ତି । ଗାଁ ଗହଳର କୃଷକମାନଙ୍କର ଉପକାର ପାଇଁ ମେହେରଙ୍କର 'କୃଷକ ସଙ୍ଗୀତ' ଏକ ମହନୀୟ ଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅପ୍ର ବଚନଗୁଡ଼ିକ ବନ୍ଧନବୁଟା, ଧାନ ଅମଳ, ବଳଦ କିଣା ପାଇଁ ଉଦ୍ଦିଷ୍ଟ । କୃଷକମାନେ ହଳ ଚାଳନ କରୁଥିବା ବେଳେ ଅଶ୍ଳୀଳ, ଅଶୁଦ୍ଧ ଭାଷାରେ ଗୀତ ଗାଇ ଗାଇ ବଳଦମାନଙ୍କୁ ଉତ୍ତେଜିତ କରିଥାନ୍ତି । କୃଷକମାନଙ୍କୁ ବିଭିନ୍ନ ଗୀତ ମାଧ୍ୟମରେ ଉତ୍ସାହିତ କରିବା, ତାଙ୍କର ସହଜ ସରଳ ମନରେ ଆମୋଦ ଲାଭ କରିବା ପାଇଁ ବୋଡ଼ା ସମ୍ବର ଧରାଧୀଶ୍ୱର ରାୟବାହାଦୁର ଶ୍ରୀମାନ ଲାଲ ରାଜେନ୍ଦ୍ର ସିଂହ ବରିହା ମହୋଦୟଙ୍କର ସକୌତୁହଳ ଆଗ୍ରହ ଜାତ ହେବାରୁ ତଦୀୟ ଆଦେଶ ଓ

Digitized by srujanika@gmail.com

ଉପଦେଶାନୁସାରେ ମେହେର ଏହି କବିତାଗୁଡ଼ିକ ୪ । ୯ । ୧୯୬୧ ସାଲରେ ରଚନା କରିଥିଲେ ।

କୃଷି ଓ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ଗବେଷଣା ପ୍ରସୂତ ତଥ୍ୟ କବି ରଚନା କରିଛନ୍ତି । ତନ୍ମଧ୍ୟରୁ 'ଅନ୍ନର ମହିମା' 'କୃଷିର ଗୌରବ', 'କୃଷକର ଆତ୍ମକଥା' ଆଦି ପ୍ରଧାନ । କୃଷକର ଆତ୍ମକଥାରେ କବି ପଣ୍ଡିତମାନଙ୍କୁ ବ୍ୟଙ୍ଗୋକ୍ତି ଛଳରେ କହିଛନ୍ତି—

"ହାଣିଥାନ୍ତି ପଣ୍ଡାରେ ଅପସରି ମନ
କେବେ ସ୍କୁଲ ଘରକୁ କରନ୍ତି ଗମନ
ଚଷାଗ୍ରର କେମନ୍ତେ ବୁଝିବ ସେ ମିଠା
କାମ କରେଁ ଶରୀରେ ଧରିରେ, ଖାଇଣ
ପୋଡ଼ପିଠା ।"

(କୃଷକ ଆତ୍ମକଥା)

ଏହିପରି ଅନେକ ପଂକ୍ତି କବି ରଚନା କରିଛନ୍ତି । 'କୃଷିର ଗୌରବ' କବିତାରେ କବି ଅଳସୁଆ ଲୋକଙ୍କୁ ଏପରି ଉଦ୍‌ବୋଧନ ଦେଇଛନ୍ତି ଯେ, ତାହା ପଢ଼ିଲ ମାତ୍ରକେ ସେ ଅଳସତା ତ୍ୟାଗକରି କୃଷିରେ ମନୋନିବେଶ ନ କରି ରହି ପାରିବ ନାହିଁ ।

ଛାଡ଼ିଦେଲେ କୃଷିକି ସବୁ ହେବ ନାଶ
ନ ମିଳିବ ଗ୍ରାସ ଯେ ନ ମିଳିବ ବାସ
କାହିଁ ଯିବ ସଭ୍ୟତା ଭବ୍ୟତା ସକଳ
ଅନାହାରେ ମାନବ ମରିବ ହୋଇଣ
କଲବଲ ହେ ।

(କୃଷିର ଗୌରବ)

ଏତଦ୍ ବ୍ୟତୀତ କେତେକ ଗବେଷଣାମୂଳକ ମାଟି ଓ ବୃକ୍ଷ ବନ୍ଧନ ସମ୍ବନ୍ଧୀୟ କବିତା କବି ରଚନା କରିଛନ୍ତି । ବୃକ୍ଷ ଜାଣି ନଥିବା ଲୋକ ଏହା ପାଠକରି ନୀରବ ନ ହୋଇ ଅବସର ସମୟରେ କିଛିନା କିଛି କୃଷିକାର୍ଯ୍ୟ କରିବାକୁ ମନବଳାଇବ । ବିରି, ମୁଗ, ଧାନ, ପାନ, ଆଖୁ, କଦଳୀ, କୋବି, ଓଲ, ଗହମ, ମକା, ବାଇଗଣ, ଲଙ୍କାମରିଚ, ପୋଟଳ, ସାରୁ, ଛଣ, କପା ଆଦି ବୃକ୍ଷ ବିଷୟରେ କବି ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିଛନ୍ତି । ପୁଣି ଉଦ୍ଭିଦ ରୋଗର ପ୍ରତିକାର, ଗୋ-ରକ୍ଷଣାବେକ୍ଷଣ ସମ୍ବନ୍ଧରେ ତଥ୍ୟ-ଭିତ୍ତିକ ଆଲୋଚନା କବିତା ମାଧ୍ୟମରେ କବି ଉପସ୍ଥାପନ କରି କୃଷି ଜଗତରେ ସ୍ୱନାମ-ଧନ୍ୟ ହୋଇପାରିଛନ୍ତି ।

□□□

Digitized by srujanika@gmail.com

ମେହେରଙ୍କ ସାହିତ୍ୟରେ ପ୍ରକୃତି ରୂପାୟନ

"A thing of Beauty is a joy for ever
It's lovelyness increases
It will never pass in to nothingness." (Keats)

"ଦୃଷ୍ଟ ପୂର୍ବ ହୋଇ ଅପୂର୍ବ ପ୍ରତୀତ
ସୁନ୍ଦର ପଣର ଚିରନ୍ତନ ରୀତି
ସୁନ୍ଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।" (ରାଧାନାଥ)

ଉପରୋକ୍ତ ଉଦ୍ଧୃତି ଦୁଇଟି ମନରେ ପଢ଼ିଲେ ପ୍ରକୃତିର ସୁମଧୁର ଲାବଣ୍ୟମାଳିମା ଯେ ଚିରନ୍ତନ ଶାଶ୍ୱତ ତାହା ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ରାଧାନାଥ ଯେତେବେଳେ ପ୍ରକୃତିର ବାହ୍ୟ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଉତ୍କଳର ନଦନଦୀ, କାନ୍ତାର- କନ୍ଦର, ପର୍ବତର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ପାଇଁ ସତତ ବ୍ୟାକୁଳ, ମଧୁସୂଦନ ପ୍ରକୃତିର ଅଫୁରନ୍ତ ଆଧାର ମଧ୍ୟରେ ଭଗବନ୍ତ ଶକ୍ତିର ପରିଚୟ ଦେବା ପାଇଁ ଉଦ୍ୟତ, ଠିକ୍ ସେତିକିବେଳେ ଗଙ୍ଗାଧର ପ୍ରକୃତି ମଧ୍ୟରେ ଜୀବନ୍ତ ଶକ୍ତିର ସନ୍ଧାନ ପାଇବାଲାଗି ଉମକ୍ଷମାନ । ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରକୃତିର ଜୀବନୀ ଶକ୍ତି ଅଛି, ମାନବପରି ସୁଖଦୁଃଖ, ଅଭବ-ଅନୁଭବ, ସ୍ନେହ-ସହାନୁଭୂତି ରହିଛି । ପ୍ରାକୃତିକ ଚିତ୍ର ସନ୍ଦର୍ଶନ କରି ରଙ୍ଗାଜିବ ଗଙ୍ଗାଧର ତାଙ୍କର ଅମର ତୂଳିକାରେ ଯେଉଁସବୁ କାବ୍ୟ କବିତା ପ୍ରଣୟନ କରିଛନ୍ତି ତାହା ଏଠାରେ ଆଲୋଚନାର ବିଷୟ । ତାଙ୍କ ରଚିତ କବିତାମାନଙ୍କ ମଧ୍ୟରୁ 'କବିତା-କଲ୍ଲୋଳ'ର କବିତା-ଗୁଡ଼ିକ ସର୍ବଶ୍ରେଷ୍ଠ । ପ୍ରକୃତି ପୁରୋଧା କବି ରାଧାନାଥଙ୍କ ହସ୍ତ ପ୍ରକୃତି ଚିତ୍ରଣରେ ଯେଉଁଠି ହୋଇଛି ମ୍ଳାନ, ସେହିଠାରେ ଗଙ୍ଗାଧରଙ୍କର ତୂଳିକା ହୋଇଛି ଉଜ୍ଜ୍ୱଳ, ଅମ୍ଳାନ । ଇନ୍ଦୁମତୀ, ବେଦବ୍ୟାସ, ତପସ୍ୱିନୀ, ପ୍ରଣୟବଲ୍ଲରୀରେ ପ୍ରକୃତି ଚିତ୍ରଣରେ ମୌଳିକ ପ୍ରତିଭା ପ୍ରଦାନ କରି କବି ଗଙ୍ଗାଧର ଓଡ଼ିଆ ସାହିତ୍ୟରେ ରଖିଯାଇଛନ୍ତି ଅମର ଆଦର୍ଶ । ଚିଲିକାର ଉପସଂହାରରେ କବି ରାଧାନାଥ ଓଡ଼ିଶାର ଗୁଣୀ ସନ୍ତାନମାନଙ୍କର ଗୁଣ ଚିନ୍ତନ କରି ଲେଖିଥିଲେ—

"ପାହିଲାଣି ଘୋର ତାମସୀ ଯାମିନୀ
ଫୁଟିବ ଉତ୍କଳ ଭାଗ୍ୟ କମଳିନୀ ।"

ଉପରୋକ୍ତ ଉକ୍ତିର ସତ୍ୟତା ମର୍ମେ ମର୍ମେ ପ୍ରତିଫଳିତ ହୋଇଛି ଭବିଷ୍ୟତରେ ।

Digitized by srujanika@gmail.com

'ଚନ୍ଦ୍ରରଜନୀ'—ମେହେରଙ୍କର ପ୍ରକୃତି ଚିତ୍ରଣମୂଳକ କବିତା । ଏଥିରେ ବସନ୍ତ ଶୁକ୍ଳପକ୍ଷ ରଜନୀର ମନୋରମ ପ୍ରାକୃତିକ ଚିତ୍ର ପ୍ରତିଫଳିତ । କୁମାର-କୁମାରୀମାନଙ୍କର ଚନ୍ଦ୍ରମଣ୍ଡଳ ଦର୍ଶନରେ ବିହ୍ୱଳିତ ହେଲାବେଳେ ଅଞ୍ଜନାଶ୍ରିତ ନୟନ ଚଞ୍ଚଳ ହେବା ଅଯତନବଦ୍ଧ ଖୋସା ଫିଟିଯାଇ ମଧୁର ଗଞ୍ଜନା କରିବା, ରାଜପୁରରେ ରାଜସୁତା, ସାମନ୍ତ ଭବନରେ ସାମନ୍ତ ନନ୍ଦିନୀ, କ୍ଷେତ୍ରାଗତ କୃଷକ ପୁତ୍ରକୁ କୋଳରେ ଧରି ଜ୍ୟୋତ୍ସ୍ନାରେ ଫୁଲ ବଦନ ଚୁମ୍ବନ କରିବା, ଗାଡ଼ିଚାଳକ ଗାଡ଼ିଚଲାଇ ଗୀତ ବୋଲିବା, ଯାତ୍ରୀଦଳ 'ଜୟ ଜଗନ୍ନାଥ ଜୟ' ବୋଲି ଚାନ୍ଦିନୀ ରାତିରେ ଯାତ୍ରା କରିବା ଆଦି ବର୍ଣ୍ଣନା ମେହେରଙ୍କ ତୂଳୀରେ ଜୀବନ୍ତ ରୂପ ଲାଭ କରିଛି ।

'ବର୍ଷାଚିତ୍ର' ଏକ ବର୍ଣ୍ଣନାମୂଳକ କବିତା ହେଲେ ମଧ୍ୟ ଏଥିରେ ବର୍ଣ୍ଣାଢ୍ୟ ଅଳଙ୍କାର ସୁଲଭ ବର୍ଣ୍ଣନା ନାହିଁ । କେବଳ ପ୍ରକୃତିର ବିବିଧ ବିଭବ ପ୍ରାଣବନ୍ତ ଓ ରସବନ୍ତ କରି ଜଣାଯାଇଥାଏ । ଜଡ଼ ପ୍ରକୃତିର ରୂପ ବୈଭବକୁ ରସବନ୍ତ ଓ ଜୀବନ୍ତ କରି ତୋଳିବା ଭାବରେ ବାସର ଓ ରଜନୀ ଉଭୟେ ଏକ ଚିତ୍ରପଟ୍ଟ ପାଠକର ମାନସପଟରେ ଉଦ୍ଭାସିତ ହୋଇଥାଏ । ବସୁମତୀ ରାଣୀ ଅଙ୍ଗରୁ ପୀତାମ୍ବର କାଢ଼ି ନବଘନ ଶ୍ୟାମ ଶାଢ଼ୀ ପିନ୍ଧାଇବା, ନୀଳମେଘ ସନ୍ଦର୍ଶନରେ ମୟୂର ମୟୂରୀ ଶୈଳର ଶିଖର ଦେଶରେ ନୃତ୍ୟରତ ହେବା କଦମ୍ବ କୁଟଜ ପଦ୍ମ ଆଦି ପୁଷ୍ପଗୁଡ଼ିକ ବର୍ଷାଲାଭ କରି ଅତୁଳନୀୟ ସୌନ୍ଦର୍ଯ୍ୟରେ ବିମଣ୍ଡିତ ହେବା, ଆକାଶର ନିମ୍ନଦେଶରେ ବକ ମାଳମାଳ ହୋଇ ଉଡ଼ିଗଲାବେଳେ ଗଜ ବେକରେ ରଜତ ଘାଘୁଡ଼ି ପରି ବୋଧ ହେବା ଆଦି ଦୃଶ୍ୟ ମେହେରଙ୍କ ତୂଳୀରେ ଜୀବନ୍ତ ହୋଇଉଠିଛି । ପୁଣି କବିତାର ପ୍ରାନ୍ତଭାଗରେ ବର୍ଷା ରଜନୀରେ ଘଡ଼ଘଡ଼ି ଶବ୍ଦ ହେଲେ ଦୁଃଖ-ଦାବାନଳ-ଦଗ୍ଧ ମାନବର ବିକଳ ପ୍ରାଣତନ୍ତ୍ରୀରେ ଆଘାତ ଦେଲାବେଳେ ସେହି ବିକଳିତ ପ୍ରାଣ ବୃଷ୍ଟିକୁ ଘୃଣା କରିବା ଆଦି କବିଙ୍କର ଗଭୀର ଅନୁଭୂତିର ପରିଚାୟକ । ରାଧାନାଥଙ୍କ 'ତୁଳସୀ ସ୍ତବକ' ଏକ ପାଣ୍ଡିତ୍ୟପୂର୍ଣ୍ଣ କବିତା ହେଲେ ମଧ୍ୟ ଗଙ୍ଗାଧର ପ୍ରକୃତିର ବହିଃରଙ୍ଗକୁ ଅତି ସୁନ୍ଦର ଭାବରେ ଏହି ବର୍ଷା ଚିତ୍ରରେ ପ୍ରଦାନ କରିଛନ୍ତି ।

ନିତ୍ୟ ଶୋଭାବନ୍ତ ଓ ନୂତନତ୍ୱର ପରିପ୍ରକାଶ ପ୍ରେମର ନିସର୍ଗ ସୁନ୍ଦର ଚିତ୍ରପଟ୍ଟ ଅଙ୍କନରେ ପଟୁତା ପ୍ରଦର୍ଶନ କରି ସ୍ୱୀୟ ପ୍ରତିଭାକୁ ଚିରଞ୍ଜୀବୀ କରିବା ମେହେରଙ୍କର ଉଦ୍ଦେଶ୍ୟ । ପ୍ରକୃତି ଚିତ୍ରଣ କରିବାରେ ସେ ସିଦ୍ଧହସ୍ତ ଓ ଏକ ପ୍ରଭାବପୁଷ୍ଟ ବ୍ୟକ୍ତିତ୍ୱ । ସେ ପ୍ରଥମେ ରାଧାନାଥ ଓ ନନ୍ଦକିଶୋରଙ୍କ ଦ୍ୱାରା ପ୍ରଭାବିତ ଓ ପରେ ନିଜର ମୌଳିକ ପ୍ରତିଭାରେ ପ୍ରତିଷ୍ଠିତ । ଗଙ୍ଗାଧରଙ୍କର କାବ୍ୟ ମାନସ ଏକ ସୁରଭିତ କୃତ୍ରିମ କୁସୁମ ଉଦ୍ୟାନ । ତାଙ୍କ କାବ୍ୟର ଭାଷା କାଳିଦାସ, ମାଘ ଆଦି କବିଙ୍କ ପରି ଉଦାତ୍ତ ଗମ୍ଭୀର ନୁହେଁ, ଲଳିତ ମଧୁର । ସେ ରାଧାନାଥଙ୍କ ପରି ପ୍ରାକୃତିକ ଦୃଶ୍ୟର ରୂପ ଅଙ୍କନ କରି ସ୍ୱଶକ୍ତିର ପରିଚୟ ପ୍ରଦାନ କରିଛନ୍ତି । ଅତି ଯୁଗୀୟ କବିମାନଙ୍କ ପରି ପ୍ରକୃତି ଉପରେ ନାରୀଭାବ କିମ୍ବା ମାନବିକ କିମ୍ବା ଆରୋପ ସେ କରି ନାହାନ୍ତି । ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ପ୍ରସୂତ ସ୍ୱଭାବ ବର୍ଣ୍ଣନା ଜରିଆରେ ସେ ପ୍ରକୃତିର ସୁଷମାକୁ ଫୁଟାଇ ଦେବା ତାଙ୍କର ଲକ୍ଷ୍ୟ ।

Digitized by srujanika@gmail.com

"ବସନ୍ତ ବାସର" କବିତାଟିରେ ମେହେରଙ୍କର ପ୍ରାକୃତିକ ଚିତ୍ର ବାସ୍ତବିକ୍ ପ୍ରାଣସ୍ପର୍ଶୀ ହୋଇଛି । ତପନ ଦେବଙ୍କର ଝୁଲିମୁଣାଧରି ମଧୁଭିକ୍ଷା କରିବା, ପଦ୍ମିନୀ ନିକଟରେ ମଧୁ ପ୍ରାର୍ଥନା କରିବା, ବଟ ବୃକ୍ଷାଦିଙ୍କୁ ନିଜର ପତ୍ନୀ ଗ୍ରୀଷ୍ମାଙ୍କୁ ଆଲିଙ୍ଗନ ପୂର୍ବକ କର ପ୍ରସାରଣ କରିବା ଆଦି ଦୃଶ୍ୟ ନିମ୍ନ ପଙ୍କ୍ତିରୁ ଜଣାପଡ଼େ ।

"ଏହିକାଳେ କମଳିନୀ ଚାହିଁ ପତି ମୁଖ
ସଜଳ ନୟନ ହୋଇ ଦେଖାଇଲି ଦୁଃଖ
କହି ନ ପାରିଲି ଚିରସ୍ଥିତ ବେଦନା
ମଧୁ କର ଆସି ସବୁ କଥା କଲି ଜଣା

× × ×

ମୁଁ ଦୀନ ଭିକ୍ଷୁକ ନିତି ଦ୍ୱାରେ ଦ୍ୱାରେ ବୁଲି
ମଧୁ ଭିକ୍ଷା କରୁଥାଏଁ କାନ୍ଧେ ଧରି ଝୁଲି
କମଳିନୀଠାରେ ମୋର ବଡ଼ ଆଶା ଥାଏ
ତା ମୁଷ୍ଟି ମଧୁରେ ଝୁଲି ଗୋଟି ଭରିଯାଏ

× × ×

ଗତ କାଲି ଆସୁଥିଲି ଏହି ସରୋବରେ
ବଡ଼ ବଟବୃକ୍ଷଟିଏ ଦେଖିଲି ବାଟରେ
ତା ମୂଳରେ ଲୋକମାନେ ଦେଇ ଦେଇ ଜଳ
ଶୀତଳ ଗ୍ରୀଷ୍ମାକୁ କରୁଥିଲେ ସୁଶୀତଳ

× × ×

ଗ୍ରୀଷ୍ମା କରିଥିଲି ଯେତେ ଭୂମି ଅଧିକାର
କ୍ରମରେ ହରିଲେ କରି ସ୍ୱକର ବିସ୍ତାର
ସ୍ୱାମୀ ଅବାଧିତା ଚାହିଁ ଗ୍ରୀଷ୍ମା ଅପସରି
ରହିଗଲି ପାଦ ତାର ତଳ ଆଶ୍ରା କରି ।"

ସମଗ୍ର 'କବିତା କଲ୍ଲୋଳ' ପ୍ରାକୃତିକ ଦୃଶ୍ୟପଟଳରେ ପରିପୂର୍ଣ୍ଣ ହେଲେ ମଧ କବିଙ୍କର ସର୍ବସ୍ୱତା ମଧ୍ୟରେ ସ୍ୱଭାବ ସୁଲଭ ଗୁଣ ଯେ ପରିସ୍ଫୁଟ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଗଙ୍ଗାଧରଙ୍କର କାବ୍ୟ ପର୍ଯ୍ୟବେକ୍ଷଣ କଲେ ଅଫୁରନ୍ତ ପ୍ରକୃତିର ଉଦାତ୍ତ ଆହ୍ୱାନ ମିଳିପାରିବ । 'କୀଚକ ବଧ' ତାଙ୍କର ଏକ ପୌରାଣିକ କାବ୍ୟ । ମହାଭାରତ ପୁରାଣ ବିରାଟ ପର୍ବର ଘଟଣାବଳୀକୁ ଅନୁସରଣ କରି କବି କାବ୍ୟଟି ରଚନା କରିଛନ୍ତି । ନିଜର ପ୍ରତିଭା ବଳରେ କବି ଉକ୍ତ କାବ୍ୟରେ ପ୍ରକୃତି ବର୍ଣ୍ଣନାକୁ ଅତି ସ୍ୱାଭାବିକ କରିପାରିଛନ୍ତି । ଉକ୍ତ କାବ୍ୟଟି ସାତୋଟି ସର୍ଗରେ ରଚିତ । ପ୍ରଥମ ସର୍ଗରେ କବି ନଗରର ସାଜସଜ୍ଜା ଓ

Digitized by srujanika@gmail.com

ଋତୁଙ୍କ ଧର୍ମମାନଙ୍କର ସୂଚନା ପ୍ରଦାନ କରିଛନ୍ତି । ନଗରର ଚତୁର୍ଦ୍ଦିଗର ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି—

"ନଗରର ଚଉଦିଗେ ରମ୍ୟ ସହକାରବନ
ସୁନ୍ଦର ଶ୍ୟାମଳ ପତ୍ର ତହିଁ ତରୁଗଣ
ଗାଢ଼େ ଆଲିଙ୍ଗନ କରି ଶାଖା ପରସ୍ପର
ନିଜନିଜ ତନୁ କରିଥାନ୍ତି ଘନତର
ଘନ ତରୁ ରନ୍ଧ୍ର ଭେଦି ପ୍ରଭାକର କର
ବିଚ୍ଛୁରିତ ହୋଇ ଛାୟା ଭଙ୍ଗିରେ ସୁନ୍ଦର
ଅନନ୍ତ ମସ୍ତକେ ଯେହ୍ନେ ମଣି ସମୁଜ୍ଜ୍ୱଳ
ଯମୁନା ବକ୍ଷରେ କିବା ଶ୍ୱେତ ଶତଦଳ ।"

ବନ ମଧ୍ୟସ୍ଥ ବୃକ୍ଷଲତାର ବର୍ଣ୍ଣନା, ରଙ୍ଗିମାରଞ୍ଜିତ ପୁଷ୍ପର କମନୀୟ କାନ୍ତି, ବିବିଧ ବିହଙ୍ଗମାନଙ୍କର କଳକାକଳି ପ୍ରତି କବିଙ୍କର ସୂକ୍ଷ୍ମଦୃଷ୍ଟି ଫେରିଆସିଛି । ସହକାର ବନର ଛାୟାତଳେ କୃଷ୍ଣସାର ଚକ୍ଷୁମୁଦ୍ରିତ କରି ଖାଦ୍ୟ ଖାଇବାର ତତ୍ପରତା, ସନ୍ଧିରେ ପୁଷ୍କରିଣୀରେ କୁମୁଦର ହାସ୍ୟ ଓ ଦିବସରେ ପ୍ରସ୍ଫୁଟିତ ପଦ୍ମରେ ଭ୍ରମରର ଗୁଣୁଗୁଣୁ ଗୁଞ୍ଜନ, ନିଶୀଥରେ ଆକାଶରେ ନକ୍ଷତ୍ରମାନଙ୍କର ମିଞ୍ଜିମିଞ୍ଜି ଆଲୋକ ପ୍ରଦାନ ଆଦି କବିଙ୍କର ବର୍ଣ୍ଣନା ବୈଶିଷ୍ଟ୍ୟର ପରିଚୟ ପ୍ରଦାନ କରେ ।

ଦ୍ୱିତୀୟ ସର୍ଗରେ ଋତୁରାଜ ବସନ୍ତର ଆଗମନ ବାର୍ତ୍ତା ପ୍ରଚାର କଲା କୋକିଳ ପାଦପ ଆଶ୍ରିତ ପତ୍ର ପାଠ ମାଧ୍ୟମରେ ।

ବସନ୍ତ ବିଜୟ ବାରତା ପ୍ରଚାରିଲା ଭୁବନେ
ପାଦପ ଆଶ୍ରିତ ପତର ପରଭୃତ ପଠନେ
ଗନ୍ଧବାହ କର୍ଣ୍ଣେ ପଡ଼ିଲା ଋତୁ ସମ୍ରାଟ ଭାଷା
ଗମିଲେ ସରଳ ପଥରେ ତ୍ୟଜି ଦକ୍ଷିଣ ଆଶା

ଋତୁ ସମ୍ରାଟଙ୍କ ଭାଷା ଶୁଣି ଭୀତତ୍ରସ୍ତ ହେଲେ ଗ୍ରହପତି ସୂର୍ଯ୍ୟ । ତେଣୁ ସେ ଦକ୍ଷିଣାୟନ ପରିତ୍ୟାଗ କରି ସରଳ ମାର୍ଗରେ ଗତି କଲେ । ଶୀତ ଋତୁରେ ସୂର୍ଯ୍ୟପତ୍ନୀ ଦିବସ କ୍ଷୀଣ ବପୁ ଥିଲା । ଏବେ ସୂର୍ଯ୍ୟଙ୍କର ସରଳଗତି ଦେଖି ନିଜର ବକ୍ଷକୁ ସ୍ଫୀତ କଲା । ଏହି ମର୍ମରେ ମେହେର ଲେଖିଲେ—

"ପତି-ନିଜପତି-ଦୁଃଖରେ କ୍ଷୀଣ ଥିଲା ବାସର
ଫୁଲ୍ଲାଇଲା ମୁଦେ ଶରୀର ମୁଖକରି ସୁନ୍ଦର ।"

ଏହି ଋତୁର ଆଗମନ ସଙ୍ଗେ ସଙ୍ଗେ କୋକିଳର କୁହୁ କୁହୁ କୂଜନ ବିବିଧ ବର୍ଣ୍ଣ କୁସୁମର ପରିସ୍ଫୁଟନ, ମୃଦୁମନ୍ଦ ମଳୟ ଚଳନ ଆଦିର ଏକ ନିଖୁଣ ବାସ୍ତବ ଚିତ୍ର କବି ପ୍ରଦାନ କରିଛନ୍ତି ।

Digitized by srujanika@gmail.com

"ପୁଷ୍ପଗନ୍ଧା ସ୍ନିଗ୍ଧ ସୁରମ୍ୟ ପୁଷ୍ପମୟ ମାର୍ଗରେ
ଆସି ବିହରିଲେ କୁସୁମ କୁଞ୍ଜେ ଅନୁରାଗରେ
ବିକଶିତ ନବମାଳିକା ଅର୍ଘ୍ୟ ଧରି ସମ୍ମୁଖେ
ଚନ୍ଦ୍ରିକା ସୁନ୍ଦରୀ ସ୍ୱାଗତ କଲା ଚକୋର ମୁଖେ
ଉଜ୍ଜ୍ୱଳ ବସନ ଭୂଷଣ ମନୋହର ବେଶରେ
ସୁକାନ୍ତ ସୁମୁଖୀ ସତ୍ୱର ମିଳିଗଲା ପାଶରେ
ସୁକୁମାର ଚନ୍ଦ୍ର ବିଜୟୀ ଅନୁପମ ସୁନ୍ଦର
ପୁଷ୍ପମୟ ବେଶେ ମିଳିଲେ ତହିଁ କୁସୁମଶର
ପାଞ୍ଚଜଣ ମିଶି ଆମୋଦେ ବିରଚିଲେ ତାଣ୍ଡବ
ତାଣ୍ଡବ ନୁହେଁ ତା ସରସ ଫଳ ପୂର୍ଣ୍ଣ ଖାଣ୍ଡବ ।"

ଏହିପରି ବନଦୁର୍ଗା ପୂଜାର ଅବ୍ୟବହିତ ପୂର୍ବରୁ ଗଙ୍ଗାଧର ବସନ୍ତ ପ୍ରକୃତିର ଏକ ମଞ୍ଜୁଳ ବର୍ଣ୍ଣନା ପ୍ରଦାନ କରିଛନ୍ତି । ତୃତୀୟ ସର୍ଗରେ କବି ପ୍ରଥମେ ସନ୍ଧ୍ୟା ବର୍ଣ୍ଣନା ପରେ ନିଶୀଥର ବର୍ଣ୍ଣନା ପ୍ରଖ୍ୟାପନ କରିଛନ୍ତି । କାମଜ୍ୱାଳାରେ କୀଚକ ସୈରିନ୍ଧ୍ରୀକୁ ଅପେକ୍ଷା କରି ବସିବା ଭିତରେ ଗଭୀର ରାତ୍ରି ଆସିଯାଇଛି । କବିଙ୍କ ଭାଷାରେ—

"ଦିନ ଅଭିନୟ ଅବସାନ ହେଲା
ସନ୍ଧ୍ୟା ଯବନିକା ପାତ
ଦିବସ ବେଶକୁ ଭିନ୍ନ ଭିନ୍ନ କରି
ବିଶ୍ୱବର୍ତ୍ତୀ ସମାହୃତ
ପ୍ରକୃତି ଯନ୍ତ୍ରରେ ଖଣ୍ଡ ଖଣ୍ଡ କରି
ପ୍ରଭାକର ମହାମଣି
ନିଜ ଅବୟବ ଅଲଙ୍କୃତ କଲା
ସତୀ ତାରା ନିଶାମଣି
ଜ୍ୟୋତ୍ସ୍ନା ଉଦ୍ଭାସିତ ପରିଷ୍କୃତମୀଳ
ବିଦାୟେ ସେ ସୁଧାକର
କ୍ଷୀରାର୍ଣ୍ଣବ ଶେଷ ମଣି ମଧ୍ୟେ ବିଷ୍ଣୁ
କୌସ୍ତୁଭବତ ସୁନ୍ଦର ।"

ଏହିପରି ସନ୍ଧ୍ୟା ଓ ନିଶୀଥିନୀର ବର୍ଣ୍ଣନାରେ କବି ସିଦ୍ଧହସ୍ତର ପରିଚୟ ଦେଇଯାଇଛନ୍ତି । ଏଥିରେ ସୂର୍ଯ୍ୟ ଓ ଚନ୍ଦ୍ରର ବର୍ଣ୍ଣନା ବାସ୍ତବିକ୍ ଜୀବନ୍ତ ଓ ଉପଭୋଗ୍ୟ ।

ଚତୁର୍ଥ ସର୍ଗରେ କାବ୍ୟର ଉପାଖ୍ୟାନ ଅନୁଯାୟୀ କବି ପ୍ରକୃତିର ସ୍ଥଳ ବର୍ଣ୍ଣନା ପ୍ରସଙ୍ଗରେ ଦର୍ଶାଇଛନ୍ତି—

"ପଡ଼ିଲା ପୁଣି ଉପବନ ସରଣୀ
ଝୁଲିଲେ ଧନଞ୍ଜୟ ମଣ୍ଡି ଧରଣୀ

Digitized by srujanika@gmail.com

ଦୂରୁ ଦେଖିଲା ଜନେ ଭାବିବେ ମନେ
ଚଳେ କି ରାଜହଂସୀ ନଳିନ ବନେ
ତନ୍ତୁ ଉଡ଼ାଲେ ରହି ନ କ୍ଷଣେ ଅରେ
ତତକ୍ଷଣେ ଖେଳେ ପୁଣି ନେହ ପଥରେ
ଚଳନ୍ତ ଖଣ୍ଡଖଣ୍ଡ ମେଘ ପୃଷ୍ଠରେ
ଲୁଚି ଦିଶଇ ତାରା ଯଥା ପୃଷ୍ଟରେ ।"

ପଞ୍ଚମ ସର୍ଗରେ ଚାତକ ସୌଦାମିନୀକୁ ପାଇବା ପାଇଁ ବ୍ୟାକୁଳ । ପୌର୍ଣ୍ଣମାସୀ ରଜନୀ—ଆକାଶରେ ପୂର୍ଣ୍ଣଚନ୍ଦ୍ର । ସମଗ୍ର ପୃଥିବୀ ବକ୍ଷରେ ଜ୍ୟୋତ୍ସ୍ନା ବିଚ୍ଛୁରିତ ହୋଇପଡ଼ୁଛି । ପକ୍ଷୀର ନିଶୀଥିନୀର ନୀରବତା ଭେଦକରି କୋକ ଦମ୍ପତିର କରୁଣ ବିଳାପ ଭାସିଆସୁଛି । ଶୁଷ୍କକଣ୍ଠ ଚାତକର ଆତୁର ଆହ୍ୱାନ କର୍ଣ୍ଣରେ ଆଘାତ ଦେଉଛି । ଏହି ପରପ୍ରେକ୍ଷୀରେ କବିଙ୍କର ପ୍ରାକୃତିକ ଚିତ୍ରଣ ହୋଇଛି ମଞ୍ଜୁଳ ଓ ରସୋଦୀପ୍ତ ।

"ବସନ୍ତ ନିଶୀଥ ବ୍ୟୋମେ ରାଜିତ ଚନ୍ଦ୍ରମା
ଖେଳଇ ପ୍ରକୃତି କୋଳେ ଜ୍ୟୋତ୍ସ୍ନା ମନୋରମା
ଚନ୍ଦ୍ରିକା ମାଧୁରୀ ମୁଗ୍ଧ ଅନନ୍ତ ଗଗନ
ଆସମୁଦ୍ର କୁଞ୍ଜ ପୁଞ୍ଜ ମଣ୍ଡିତ ଗହନ
ସୁଧାକର-କର-ଧୌତ ପାଦପ ପତର
ମଳୟ ମରୁତେ ହଲି କରେ ମର ମର
ଶୁଭେ କୋକ ଦମ୍ପତିର କରୁଣ କ୍ରନ୍ଦନ
ଶୁଷ୍କ କଣ୍ଠ ଚାତକର କରୁଣ କ୍ରନ୍ଦନ
କାହିଁ ରବ ବୁଲୁଥାଏ ଚେଣ୍ଡୋଇ ଗଗନେ
ସେ ଜାଣଇ ସୁଖ କିବା ଦୁଃଖ ତାର ମନେ
କାହିଁ ବା ସୁଧୀରେ କଳନାଦକ ସରିତ
ବୁଲୁଛି ନାୟକ ପାଶେ ଗାଇ ଗାଇ ଗୀତ ।"

ତଟିନୀ ବହି ବୁଲୁଛି ତାର ସର୍ପିଳ ପଥରେ । କାହାର ପ୍ରତି ତା'ର ଭ୍ରୂକ୍ଷେପ ନାହିଁ । ପ୍ରକୃତିର ଶାନ୍ତ ପରିବେଶ ଭିତରେ କବି ନିଜର କର୍ମ କୁଶଳତା ଓ ବାଙ୍ମୟ ପଟୁତା ପ୍ରଦାନ କରିଛନ୍ତି ।

ଷଷ୍ଠ ସର୍ଗରେ ସୌଦାମିନୀର ଆଗମନକୁ ଅପେକ୍ଷା କରିଛି ଚାତକ । ଏହି ବର୍ଣ୍ଣନାକୁ ଅଧିକ ମନୋଜ୍ଞ ଓ ରସାଳ କରିବାକୁ ଯାଇ କବି ପ୍ରକୃତି ବର୍ଣ୍ଣନାର ଆଶ୍ରୟ ନେଇଛନ୍ତି ।

କାବ୍ୟର ସପ୍ତମ ସର୍ଗରେ ମୃତ ଚାତକର କ୍ଲାନ୍ତିଦାହର ଚିତ୍ର ପରିବେଶିତ । ରାତି ପାହି ସକାଳ ଆସିଛି । ପ୍ରସ୍ଫୁଟିତ ପୁଷ୍ପଗୁଚ୍ଛରେ ଭ୍ରମର ଗୁଣୁ ଗୁଣୁ ଗୁଞ୍ଜନ କରି ମଧୁ ଆହରଣ କରିବାରେ ଲାଗିଛି । ଏହି ବର୍ଣ୍ଣନାକୁ ଆସିବା ପୂର୍ବରୁ କବି ଉଷା ଆଗମନର ଚିତ୍ର ଦେଇ ଲେଖିଛନ୍ତି—

Digitized by srujanika@gmail.com

ଅଇଲ୍ଲ ଲ୍ଭଷା ଘୋଷିତ   କୁସୁମେ ହୋଇ ଭୂଷିତ
ଭ୍ରମର-ଅନ୍ତ ନାହ୍ଲୃତ ପଦ୍ମନୟନା ।
ଚନ୍ଦ୍ରଙ୍ଗ ସ୍ତନ କଙ୍କିଣି   ନିକ୍ୱଣିଲ୍ଲ କଣି କଣି
ଜବ ଚନ୍ଦ୍ର ନେଲ୍ଲ କଣି କୁନ୍ଦଦଶନା
ଅରୁଣ ଚରଣ ସୁନ୍ଦର
ପ୍ରକ୍ଷତି ତାରକା ମଥା ମଣି ଶ୍ରୀସ୍ୱର ।”

ଏହିପରି ସମସ୍ତ କାବ୍ୟଟିକୁ ଅନୁଧ୍ୟାନ କଲେ ବିଭିନ୍ନ ବର୍ଣ୍ଣନା ମଧ୍ୟରେ କବି ଗଙ୍ଗାଧରଙ୍କର ପ୍ରକୃତି ରୂପାୟନର ବୈଶିଷ୍ଟ୍ୟ ପାଠକକୁ ମନ୍ତ୍ରମୁଗ୍ଧ କରେ । ପୁଣି କାବ୍ୟ ନିର୍ମାଣ ନିମିତ୍ତ ପ୍ରକୃତିର ବହିଃରଙ୍ଗ ଓ ଅନ୍ତରଙ୍ଗକୁ କବି ଯେଉଁ ସୁନ୍ଦର ଦୃଷ୍ଟିରେ ଦୃଷ୍ଟିମନ୍ତ କରିଛନ୍ତି, ତାହା ତାଙ୍କ ଅସାଧାରଣ ପ୍ରତିଭାର ଅନବଦ୍ୟ ଅଭିବ୍ୟକ୍ତି ପ୍ରଦାନ କରିଥାଏ ।

ପ୍ରଣୟବଲ୍ଲରୀର ପରିପୂର୍ଣ୍ଣ ପ୍ରକାଶ ପୂର୍ବରୁ ତପସ୍ୱିନୀ ଆତ୍ମପ୍ରକାଶ କରିଥିଲା । କବିଙ୍କର ମାନସ ନନ୍ଦିନୀ ତପସ୍ୱିନୀରେ ପ୍ରକୃତି ହୋଇଛି ପୂଜ୍ୟା ଓ ଚିର ବନ୍ଦନୀୟା । ଉକ୍ତ କାବ୍ୟରେ ପ୍ରକୃତି ଯେପରି କବିଙ୍କ ସମବେଦନା ଜ୍ଞାପନ କରିବାକୁ ସତତ ବ୍ୟାକୁଳ ହୋଇ ଉଠିଛି, କବି ପ୍ରକୃତିର ବାହ୍ୟ ରୂପକୁ ରୂପ ଦେବା ସଙ୍ଗେ ସଙ୍ଗେ ଅନ୍ତରୂପକୁ ମଧ୍ୟ ତୁଳିକାରେ ଚିତ୍ରଣ କରିବାକୁ ପାସୋରି ନାହାନ୍ତି । କାଳିଦାସଙ୍କ ରଘୁବଂଶର ଅନୁସରଣରେ କବି ରଚନା କରିଛନ୍ତି ତପସ୍ୱିନୀ । ତପସ୍ୱିନୀ କାବ୍ୟଟି ଏକାଦଶ ସର୍ଗରେ ପରିସମାପ୍ତି ଲାଭ କରିଛି । ଇଂରାଜୀ ସାହିତ୍ୟରେ ଉଇଲିୟମ୍ ଓ୍ୱାର୍ଡ଼ସ୍‌ଓ୍ୱାର୍ଥ, ସେଲି, କୀଟସ୍, ବାଇରନ, ଟେନିସନ ପ୍ରଭୃତି ଯେପରି ପ୍ରକୃତି ଦେହରେ ବ୍ୟକ୍ତିତ୍ୱ ଆରୋପ କରି ପ୍ରକୃତିର ସନ୍ଧାନ ପାଇଛନ୍ତି, ସେହିପରି ଗଙ୍ଗାଧର ମଧ୍ୟ ପ୍ରକୃତି ଦେହରେ ବ୍ୟକ୍ତିତ୍ୱ ଆରୋପ କରିଛନ୍ତି ।

ପ୍ରଥମ ସର୍ଗରେ କବି ସୀତାଙ୍କର ଦୋହଦ ପୂରଣ ନିମିତ୍ତ ଆଜ୍ଞାବଦ୍ଧ ଅନୁଜ ଲକ୍ଷ୍ମଣଙ୍କ ଦ୍ୱାରା ରାମ-ହୃଦ-ଜ୍ୟୋତ୍ସ୍ନା ବୈଦେହୀଙ୍କୁ ନିର୍ଜ୍ଜନ ଅରଣ୍ୟାନୀରେ ବିସର୍ଜ୍ଜନ ଦେବା କଥା ବର୍ଣ୍ଣନା କରିଛନ୍ତି । ଏକାକିନୀ ସୀତା ଅରଣ୍ୟରେ ବିଳାପ ମୁଖରିତା ହୋଇ ମୂର୍ଚ୍ଛା ଯିବା ଫଳରେ ବନପକ୍ଷୀମାନେ ସୀତାଙ୍କ ଦୁଃଖରେ କାନ୍ଦି ଉଠିଥିଲେ । ସୀତାଙ୍କ ପ୍ରତି ରାମଚନ୍ଦ୍ରଙ୍କର ଏହି ଅବିଚାର ଉପଲବ୍ଧି କରି ନିୟତି ସହିତ ପ୍ରକୃତିର ବିଦ୍ରୋହ ଘୋଷଣା କବି ଲେଖନୀରେ ଅତି ଜୀବନ୍ତ ହୋଇ ଉଠିଛି ।

“କରିବାକୁ ନିୟତିର ସହିତ ସମର
ଭୁଜ ରାଜ ଖଡ୍ଗ-କରେ ଗର୍ଜ୍ଜିଲ ପ୍ରଖର
ବାୟୁ। ବସା ଭୁଣ୍ଡୀରକୁ ଝାଡ଼ି ବାରମ୍ବାର
ପତଙ୍ଗଙ୍କ ପକ୍ଷ କଲା କ ଅବା ବାହାର
କମ୍ପିତ ସରିତ-ବୀଚ ଉତ୍ଥିତ ଶୀକର
ପଡ଼ିଲ୍ଲ ପୁଲିନେ ତେଜ ତରଙ୍ଗ ଶିଖର ।”

Digitized by srujanika@gmail.com

ପୁଣି ସୀତାଙ୍କ ଦୁଃଖରେ ଦୁଃଖୀ ଭାଗୀରଥୀ ନିସ୍ତବ୍ଧ ସହିତ ସଂଗ୍ରାମ ଆରମ୍ଭ କରିଦେଲା ।

"ଭରିକି ସୀସକ-ଗୁଳି ତରଙ୍ଗର ତୋପେ
ନିସ୍ତବ୍ଧକୁ ଭାଗୀରଥୀ ପ୍ରହାରିଲା କୋପେ ।"

ଦ୍ୱିତୀୟ ସର୍ଗରେ କବି ଆଶ୍ରମର ବର୍ଣ୍ଣନା ଅତି ବାସ୍ତବ ଭାବରେ ଚିତ୍ରଣ କରିଛନ୍ତି । ବାଲ୍ମୀକି ଆଶ୍ରମ ନିକଟରେ ପ୍ରବାହିତ ତମସାର ଶୋଭା ଅତୀବ ରମଣୀୟ । ସେଠାରେ ସର୍ବଦା ଶାନ୍ତି ରାଜତ୍ୱ କରେ । କବିଙ୍କ ଲେଖନୀରେ—

"ବାଲ୍ମୀକି ଆଶ୍ରମ ରାଜ୍ୟରେ ଶାନ୍ତି ରାଜତ୍ୱ କରେ
କୋଷ ପୂର୍ଣ୍ଣ କରି ପାଦପ ଦତ୍ତ ସୁଶ୍ରୂଷା କରେ
ଅକପଟେ ତାହା ଦିଅନ୍ତି, ସେହି ପାଦପ ମାନେ
ଅଯାଚିତେ ନିଜ ଶରୀର ମାନଦଣ୍ଡର ମାନେ ।"

ନିଘଞ୍ଚ ବନାନ୍ତରେ ସୀତା ବିଳାପ କରୁଥିବା ଭିତରେ ନୟନରୁ ଝରି ପଡ଼ୁଥାଏ ଅବିରଳ ଅଶ୍ରୁ । ଶୋଭା ପାଉଥାଏ ଅପରୂପ ଲାବଣ୍ୟ । ପ୍ରକୃତି କବିଙ୍କ ଦୃଷ୍ଟିରେ ଦେଖାଯାଉଥାନ୍ତି—

କରକା ପରସ୍ପେ କରୁଣା କମ୍ପ୍ରା ସ୍ୱର୍ଗରୁ ଗଳି
ପର ଦୁଃଖ ତାପେ କ୍ରମଶଃ ଭବେ ଯାଉଛୁ ଗଳି ?
ନ ହେଲେ ଏ ଘନ କୁନ୍ତଳା ଘନ ସହିତ ତାରା
ଖସି ପଡ଼ିବାରୁ ଧରାରେ ବହିଯାଉଛି ଧାରା
ହୋଇଥାନ୍ତା ଯଦି ରୋଦନ ଧ୍ୱନି ଚମକ ପ୍ରଦା
ବୋଲନ୍ତୁ ଆସିଛୁ ଜଳଦ ସଙ୍ଗେ ଏ ଶତ ହ୍ରଦା
ଶିଶିର-ବର୍ଷିଣୀ ଚନ୍ଦ୍ରିକା ପିକସ୍ୱର ମୁଖର
କାହିଁ, କାହିଁ ଝିଲ୍ଲୀ-ରାବଣୀ ଖର ନିନାଦ ଖର ?

ଶୋକସନ୍ତପ୍ତା ମହାସତୀ ସୀତାଙ୍କ ସହିତ ମହାମତି ବାଲ୍ମୀକି କଥାବାର୍ତ୍ତା କଲାବେଳେ ବିହଙ୍ଗ ଦଳ କଳ ନ କରି ଶ୍ରବଣ କରୁଥିଲେ । ତତ୍ପରେ ସୀତାଙ୍କ ସହିତ ମୁନି ଆଶ୍ରମ ଅଭିମୁଖରେ ଗଲାବେଳେ କବି ପ୍ରକୃତିର ଏକ ଅପୂର୍ବ ବର୍ଣ୍ଣନା ଏଠାରେ ପ୍ରଖ୍ୟାପନ କରିଛନ୍ତି ।

"ପାଦପେ ଝୁଲିଲା ପଲ୍ଲବ ଶୋଭି ପୁଷ୍ପ ସ୍ତବକେ
ଧାଡ଼ି ଧାଡ଼ି ଶ୍ୱେତ ପତାକା ତହିଁ ହୋଇଲେ ବକେ
ମଧୁରେ ଗାଇଲେ କୋକିଳ-କୁଳ ମଙ୍ଗଳ ଗୀତ
ଅଳି ସ୍ୱନେ ଜୟ-ଶଙ୍ଖର ଧ୍ୱନି ହେଲା ବ୍ୟଞ୍ଜିତ
ବାରମ୍ବାର ଉଡ଼ି ବୃକ୍ଷରୁ ହୋଇ ମୁକୁଳିତ ମୁଷ୍ଟି
ଶୁକ ସାରୀ ଦଳ ମାର୍ଗରେ କଲେ କୁସୁମ ବୃଷ୍ଟି

Digitized by srujanika@gmail.com

ବନ୍ଧାବନା ଧୀପ ଜଳାଲ୍ ଏଣେ ଗୋଧୂଳି ତାର
ବିରାଜିଲେ ଋଷି ଆଶ୍ରମେ ରାମ ନୟନ ତାର ।”

ତୃତୀୟ ସର୍ଗରେ ରାମଚନ୍ଦ୍ରଙ୍କର ବିରହ ଭାବନା ପ୍ରକାଶ ପାଇଛି । ଏଥିରେ ପ୍ରକୃତ ରୂପାୟନ ଟିକେ ସୀମିତ । ଚତୁର୍ଥ ସର୍ଗର ପ୍ରଥମ ଭାଗରେ ସୀତାଙ୍କର ତପସ୍ୱିନୀ ଜୀବନକୁ ସ୍ୱାଗତ ଜଣାଇବା ପାଇଁ ଆଲୋକ କନ୍ୟା ଉଷା ପ୍ରକୃତ ରାଜ୍ୟରେ ଖେଳାଇ ଦେଇଛି ବୈଦ୍ୟୁତିକ ତରଙ୍ଗ ।

ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ ଭୂଷା
ଜାନକୀ ଦର୍ଶନ ତୃଷା ହୃଦୟେ ଭରି
କର ପଲ୍ଲବେ ନୀହାର ମୁକ୍ତାଧର ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି
କଲକଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତୀ ରାତି ପାହିଲା ।

ଅରୁଣ କଷାୟବାସ ପରିହିତା ଉଷା କୁସୁମ କାନ୍ତିରେ ସୁଶୋଭିତା ହୋଇ ସ୍ୱର୍ଗପୁରରୁ କେଉଁ ଯୋଗେଶ୍ୱରୀ ଭାବରେ ମର୍ତ୍ତ୍ୟକୁ ଅବତରଣ କରି ସୀତାଙ୍କର ଦୁଃଖ ଉପଶମ ପାଇଁ ଆସୁଥାନ୍ତି । ଏହି ସମୟରେ କବିଙ୍କ ଭାଷାରେ—

ସମୀର ସଙ୍ଗୀତ ଗାଏ ଭ୍ରମର ବୀଣା ବଜାଏ
ସୁରଭି ନର୍ତ୍ତକୀ ନେ ଥାଏ ଉଷାଙ୍କ ଦେଶେ
କୁମ୍ଭାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତବପାଠ
କଳିଙ୍ଗ ଆଇଲା ପାଟ ମାଗଧ ବେଶେ
ଲଳିତ ମଧୁରେ କହିଲା
ଉଠ ସତୀ ରାଜରାଣୀ ରାତି ପାହିଲା ।

ଉଷାର ନିର୍ଦ୍ଦେଶରେ ସମୀର ସଙ୍ଗୀତ ଗାଇଲାବେଳେ ଭ୍ରମର ବୀଣା ବଜାଇଲା, କଳଲପାରି ଭାଟ ହେଲାବେଳେ କୁମ୍ଭାଟୁଆ ସ୍ତବପାଠ କଲା । ଓଁକାର ବେଦମନ୍ତ୍ରର ରସାପ୍ଲୁତ ସଙ୍ଗୀତ ଧ୍ୱନି ଧାରା ମୁନି କଣ୍ଠରୁ ଭାସି ଆସିଲା । ସୀତା ଶଯ୍ୟାତ୍ୟାଗକରି ତମସାକୁ ସ୍ନାନ କରିବାକୁ ଗଲାବେଳେ ତମସା ଆଉ ନଦୀ ନହୋଇ ଜନନୀ ଭାବରେ ସୀତାଙ୍କୁ କୋଳରେ ଧରି ସେ ଧନ୍ୟା ହେବା ଅପର ଦୃଶ୍ୟ କବିଙ୍କ ଲେଖନୀରେ ହୋଇଛି ସୁମଧୁର ସୁଲଳିତ ।

ପଞ୍ଚମ ସର୍ଗରେ କବିଙ୍କର ଉପବନର ଶୋଭା ଅତୀବ ମନୋମୁଗ୍ଧକର ହୋଇଛି । ସୀତା ଆଶ୍ରମରେ ଥିବା ସଖୀମାନଙ୍କ ଗହଣରେ ଜଳ ଦେବାକୁ ଯାଇ ତନ୍ମୟ ହୋଇ ଉଠିଛନ୍ତି । ବସନ୍ତ କାଳ ପ୍ରଭାତରେ କାନନରେ ବାଳ-ଭାନୁ ହେମକର ପତିତ ହୋଇ ଅପରୂପ ସୁଷମା ମଣ୍ଡିତ ହୋଇଛି ତାହା ନିମ୍ନ ପଙ୍‌କ୍ତିରୁ ପ୍ରତିଭାତ ହୋଇଥାଏ ।

Digitized by srujanika@gmail.com

"ଏବେତ ମଧୁର ବସନ୍ତ କାଳ   ବାଳସ୍ତନୁ ହେମ କରଣ ଜାଳ
ପ୍ରସର ଶିଶିର ଜର୍ଜର ପତ୍ରେ   ମ୍ଳାନ କରୁଅଛୁ ବିବିଧ ବର୍ଣ୍ଣେ
ଶିଶିର ବିନ୍ଦୁରେ ପଡ଼ି
ସ୍ୱର୍ଣ୍ଣ ମାଳା ମୋତି   ମାଣିକ୍ୟ ପଟଳ
ବିଚଣ ଦେଉଛୁ ଗଢ଼ି ।"

ମହାସତୀ ସୀତା କାନନସ୍ଥ ପାଦପ ମୂଳରେ ପାଣି ଦେବାକୁ ଗଲାବେଳେ ବିବିଧ ଫୁଲ-ଫଳ ବୃକ୍ଷମାନ ସତୀଙ୍କୁ ଅଭିନନ୍ଦନ ଜଣାଉଥିଲେ । କବିଙ୍କ ଭାଷାରେ—

"ହସି ହୋଇଥିଲେ ରମ୍ଭା ସୁନ୍ଦରୀ
ପଂକ୍ତି ପଂକ୍ତି ପତ୍ର ପତାକା ଧରି
ସ୍ଥିରୁ ମୁଚୁକୁନ୍ଦ କୁନ୍ଦ ବକୁଳ
ନଆଳୀ ମାଧବୀ ବଲ୍ଲରୀ କୁଳ
ସ୍ପୃହୁଁ ଥିଲେ ଧରି ଫୁଲ
ନବୀନା ନବୀନା   ଥିଲ ତାଙ୍କ ପାଶେ
କୁସୁମେ ସଜାଇ ଚୂଳ ।"

ଷଷ୍ଠ ଓ ସପ୍ତମ ସର୍ଗରେ ରଘୁମଣିଙ୍କ ବିରହ ଜନିତ ବ୍ୟଥା ଭିତରେ ଅତୀତ ଦିନର ହରଧନୁଭଙ୍ଗ, କଷ୍ଟୁରି ଗିବଂର ନାବିକାସ୍ଥ ପ୍ରବୃତ୍ତିର ଇତିହାସ ମୁନି କୁମାରୀ ଗହଣରେ ସତୀ ସୀତାଙ୍କୁ ଦଗ୍ଧୀଭୂତ କରି ଦେଉଛି । ଅଷ୍ଟମ ସର୍ଗରେ ବସନ୍ତ ଋତୁ କ୍ରମେ ବିଦାୟ ନେବା ଭିତରେ ଗ୍ରୀଷ୍ମଋତୁ ଆସି ଯାଉଛି । କବିଙ୍କ ତୂଳୀରେ—

"ଜୀବନ ଯଉବନ ବଢ଼ିଲ ସମ
ବସନ୍ତ ବଢ଼ି କ୍ରମେ ହେଲ ଗ୍ରୀଷମ
ଯୁବା ଶଳଭ ଯଥା ହୁଏ ପ୍ରଖର
ପ୍ରଚଣ୍ଡତର ହୋଇ ଆସିଲ ଖର
ସୁଖ ବିଷମ୍ଭ ଭୋଗ ତୃଷ୍ଣାର ପରି
ସଞ୍ଚାର କଲ ମୃଗ-ତୃଷ୍ଣା ସୁନ୍ଦରୀ
ତୂଳା ଉଡ଼ିଲ ତେଜି ଶାଳ୍ମଳୀ ତରୁ
କୃପଣ ଧନ କାଳେ ଉଡ଼େ ଖାତରୁ ।"

ଏହିପରି ଆଶ୍ରମସ୍ଥ ଉଦ୍ୟାନର ଫଳ ପୁଷ୍ପ ବୃକ୍ଷରେ ଜଳସେଚନ ଚର୍ଯ୍ୟା କରି ତପସୀ-ମାନଙ୍କ ଗହଣରେ ଦଗ୍ଧାତୀତକୁ ଭୁଲି ଯାଇଛନ୍ତି । ତପସା ପୁଳିନରେ କୌଣସି ଏକ ଚନ୍ଦ୍ରାଙ୍କିତ ରଜନୀରେ ଚକ୍ରବାଳର କରୁଣ କ୍ରନ୍ଦନ ମୂର୍ଚ୍ଛନା ଶୁଣି ପ୍ରିୟ ସଖୀଗଣ ସୀତାଙ୍କୁ ତା'ର କାରଣ ପଚାରିବାରୁ ସୀତା ତାଙ୍କ ଅତୀତର ଦୀର୍ଘତମ ଇତିହାସର ଅବିଚ୍ଛିନ୍ନ ପୃଷ୍ଠା ଉନ୍ମୋଚନ କରିଛନ୍ତି ।

Digitized by srujanika@gmail.com

ନବମ ସର୍ଗରେ ସୀତାଙ୍କ ଗର୍ଭରୁ ଜନ୍ମଲାଭ କରିଛନ୍ତି ଲବ-କୁଶ ନାମକ ଦୁଇ ଯମଜ କୁମାର । ଧାତ୍ରୀମାନଙ୍କ ଶ୍ରୀବଦନରେ ବଜ୍ରନିର୍ଘୋଷ-ତୋପ ନାଦରେ ନିନାଦିତ ହୋଇଛି ଚତୁର୍ଦ୍ଦିଗ । ଆଶ୍ରମରେ ବୃଷ୍ଟି ହେଲା କୁସୁମର ଅଜସ୍ର ଧାରା । ଉତ୍ଫୁଲ୍ଲିତ ହୋଇ ମୟୂର-ମୟୂରୀ, ପିକ, ରାଜହଂସ ଆଦି ପ୍ରଚାର କଲେ ପୁତ୍ରଜନ୍ମର ବାର୍ତ୍ତା । କବିଙ୍କ ଭାଷାରେ—

ଦିଗଙ୍ଗନାଙ୍କର ହୁଳହୁଳି ସଙ୍ଗେ
ଘନ ଘନ ଉଡ଼ି ମିଶି ଗଲା ରଙ୍ଗେ
ତ୍ରିଭୁବନ ହେଲେ କୁସୁମ-ବରଷୀ
ନାଚଲେ କେଦାର ସରତ ସରସୀ
ସୀତା କୁମାରଙ୍କ ଦର୍ଶନ ଲୋଲୁପ
ଜୀମୂତେ ଖସିଲେ ଧରି ଧାରା ରୂପ

ତପସ୍ୱିନୀ କାବ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଏହାରି ଭିତରେ ସୀମିତ । କବିଙ୍କର ଶେଷ ଦୁଇ ସର୍ଗ ହୋଇ ଉଠିଛି ଗଳ୍ପଧର୍ମୀ । ମାତ୍ର ଶେଷ ସର୍ଗରେ କବିଙ୍କର ସନ୍ଧ୍ୟା ବର୍ଣ୍ଣନା ତାଙ୍କର ମୌଳିକତାର ପରିଚୟ ପ୍ରଦାନ କରିଥାଏ । ମାତ୍ର ଏଠାରେ ଅନୁଚିନ୍ତନ କରିବାର କଥା, ଯେଉଁ ପ୍ରକୃତି ଓ ଆଶ୍ରମବାସୀଗଣ ସୀତାଙ୍କ ପ୍ରତି ସମ୍ବେଦନଶୀଳ ଥିଲେ ସେମାନେ ଲବ-କୁଶଙ୍କ ଜନ୍ମ ପରେ ଅପସରି ଯାଇଛନ୍ତି । କବିଙ୍କ ଲେଖନୀ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ତାହା ସଫଳ ହୋଇପାରି ନାହିଁ । ଏଥିରେ ସେ ନୈସର୍ଗିକ ସୌନ୍ଦର୍ଯ୍ୟର ପରାକାଷ୍ଠା ନାହିଁ ତାହା ନୁହେଁ, ନିଃସହାୟା ସୀତାଙ୍କ ଶେଷ ଜୀବନରେ ପ୍ରିୟବାନ୍ଧବୀ ସହିତ ଓ ସମ୍ବେଦନଶୀଳା ପ୍ରକୃତି ଆନନ୍ଦ ଉପଭୋଗରେ ଅଂଶ ଗ୍ରହଣ କରିଥିଲେ । କାବ୍ୟଟି ଆହୁରି ରସାଳ ଓ ଜୀବନ୍ତ ହୋଇଥାନ୍ତା ବୋଲି ଅନୁମିତ ହୁଏ । ମୋଟ ଉପରେ ତପସ୍ୱିନୀ କାବ୍ୟରେ ଜଡ଼ ପ୍ରକୃତି ଦେହରେ ମାନବୀୟ ପ୍ରକୃତିର ସ୍ପନ୍ଦନକୁ ଅନୁଭବ କରି କବି ତାଙ୍କର ସିଦ୍ଧହସ୍ତର ପରିଚୟ ପ୍ରଦାନ କରିଛନ୍ତି ।

ଇନ୍ଦୁମତୀ ହେଉଛି କବିଙ୍କର ଆଦ୍ୟ ସାଧନା । କାଳିଦାସଙ୍କ ରଚିତ ରଘୁବଂଶର ୫ମ ସର୍ଗଠାରୁ ୮ମ ସର୍ଗ ମଧ୍ୟରେ ଥିବା ବିଷୟବସ୍ତୁର ପରିକଳ୍ପନାକୁ ନେଇ କବି ମେହେର ଇନ୍ଦୁମତୀ କାବ୍ୟର ରୂପ ଦେଇଛନ୍ତି । ଇନ୍ଦୁମତୀ କାବ୍ୟର ରଚନା ସମ୍ବନ୍ଧରେ ରାଧାନାଥଙ୍କର ବହୁମୁଖୀ ପ୍ରତିଭା ଚତୁର୍ଦ୍ଦିଗେ ପରିବ୍ୟାପ୍ତ ହୋଇପାରିଲାଣି । ରାଧାନାଥଙ୍କ ପରି ଗଙ୍ଗାଧରଙ୍କର ଶିକ୍ଷାଗତ ଯୋଗ୍ୟତା ନଥିବାରୁ ସେ ଅଙ୍ଗ୍ଲ ପାଶ୍ଚାତ୍ୟ ସାହିତ୍ୟ ଗ..ନ କରି ପାରିନଥିଲେ । ସଂସ୍କୃତ ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ଅନୁରକ୍ତି ଥିବା ତାଙ୍କ ରଚିତ ଗ୍ରନ୍ଥମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ଇନ୍ଦୁମତୀ କାବ୍ୟ ଯେ ରଘୁବଂଶର ଅନୁବାଦ ଏହା ନୁହେଁ—କେବଳ ବିଷୟବସ୍ତୁ ଗ୍ରହଣ ତାଙ୍କର ଏକମାତ୍ର ପରିଚୟ । ପିତାଳୟରେ ରାଜକେମା ଇନ୍ଦୁମତୀର ସ୍ୱୟମ୍ବର ନିମନ୍ତେ ଆୟୋଜନ ଓ ପରୀକ୍ଷା ପରିପ୍ରେକ୍ଷୀରେ ପ୍ରସ୍ତୁତି ନବାଗତ ଆଦି ବର୍ଣ୍ଣନା କବି ଅତି ଅବାସ୍ତବ ଭାବରେ ଚିତ୍ରଣ କରିଛନ୍ତି । ଏଥିରୁ ତାଙ୍କର ମୌଳିକ ପ୍ରତିଭା ପ୍ରତିଭାତ ହୋଇଥାଏ । ରାଜନ୍ୟ ବର୍ଗଙ୍କ ସହିତରୁ ଅଜଙ୍କୁ ପ୍ରେୟସୀ ରୂପେ ବରଣ କରିବା ସମୟରେ

Digitized by srujanika@gmail.com

ଅନ୍ୟ କୁମାରମାନଙ୍କ ମାନସିକ ଅବସ୍ଥା ମଧ୍ୟ କବି ବର୍ଣ୍ଣନା କରିଛନ୍ତି । ଯେତେବେଳେ ରାଜନ୍ୟବର୍ଗ ସଭାମଣ୍ଡନ କରିଛନ୍ତି କବିଙ୍କ ଭାଷାରେ—

ଜଣେ ଜଣେ ହୋଇ ସଭାଗତ ହେଲେ
କ୍ରମେ ସବୁ ନରପତି
ସନ୍ଧ୍ୟା ଦେବୀ କୋଳେ ଉଠି ଆସିଲେ କି
ଉଜ୍ଜ୍ୱଳ ତାରକା ପଂକ୍ତି ।

× × ×

ଅବା ଅକର୍ଷିତ ସ୍ୱଚ୍ଛଜଳର ଫୁଲ୍ଲ
କୁମୁଦ ଶୋଭିତ ସରେ
ବାଳାର୍କ ମଣ୍ଡଳ ପ୍ରତିବିମ୍ବ ଆସି
ପଡ଼ିଗଲା ତରତରେ ।
ପୂର୍ଣ୍ଣ କଳାକର ସମୁଦିତ ହେଲେ
ତାରାକୁଳ ଯଥା ମ୍ଳାନ
ଅଜ ଆଗମନେ ନୃପମାନଙ୍କର
ହ୍ରାସ ହେଲା ଅଭିମାନ ।

ଅଜ ଇନ୍ଦୁମତୀଙ୍କୁ ନେଇ ନିଜ ରାଜ୍ୟକୁ ଫେରିଲାବେଳେ ନରପତିମାନେ ଅପମାନରେ କ୍ରୋଧାନ୍ୱିତ ହୋଇ ଅଜଙ୍କ ଉପରେ ଆକ୍ରମଣ କରିବାର ଏକ ବର୍ଣ୍ଣନା ପ୍ରାକୃତିକ କ୍ରମରେ ଚର୍ଚ୍ଚିତ ହୋଇଛି । କବିଙ୍କ ଭାଷାରେ—

ଖଡ୍‌ଗ ତଲବାର ଚପଳା ଝଲକେ
ଧ୍ୱନିତ ଗଜ ଗର୍ଜ୍ଜନ
ପତାକା ଉଡ୍‌ଡ଼ୀନ ବକ ପନ୍ତି ସେନା
ତର୍ଜନ ଡାହୁକ ସ୍ୱନ
କେତକୀ ଶାଣିତ କରବାଳ ପୁଣି
ଧନୁଇନ୍ଦ୍ର ଶରାସନ
ଯେହ୍ନ ଅଜ-ଭାନୁ ଗ୍ରାସ ଲାଳସରେ
ଧାଇଁଛନ୍ତି ସୈନ୍ୟ-ଘନ ।

ଅଜ ଇନ୍ଦୁମତୀଙ୍କର ଦାମ୍ପତ୍ୟ ଜୀବନ ସୁଖ ସ୍ୱାଚ୍ଛନ୍ଦ୍ୟରେ କଟିଯାଉଥିବାବେଳେ ଦିନେ ପୁଷ୍ପୋଦ୍ୟାନରେ ଭ୍ରମଣ କରୁ କରୁ ସ୍ୱର୍ଗଚ୍ୟୁତ ପୁଷ୍ପ ହାରଟିଏ ଇନ୍ଦୁମତୀଙ୍କର ବକ୍ଷସ୍ଥଳରେ ପଡ଼ିଲା । ତାଙ୍କର ପ୍ରାଣବାୟୁ ଉଡ଼ିଗଲା । କବିଙ୍କ ଭାଷାରେ—

ଧରଣୀ ଶରୀର ସେବା ଅର୍ଥେ ଆସି
ବସନ୍ତ ପ୍ରବେଶ ହେଲା
ଲୋହିତ କୋମଳ ପଲ୍ଲବ ଦୁକୂଳେ
ଆଗତନ୍ତୁ ମଣ୍ଡି ଦେଲା ।

Digitized by srujanika@gmail.com

ଲଲାଟରେ ଲତା   ଅଳକା ବଲୀକ
  ଅତି ଯତନରେ ସାଜ
ମଣ୍ଡି ଦେଲା ଶିରେ   ନବ ବିକଶିତ
  ମଞ୍ଜୁଳ କୁସୁମ ରାଜ !
ରଜନୀରେ ଦିଏ   ଲମ୍ବାଇ ହୃଦୟେ
  ହିମବିନ୍ଦୁ-ମୋତିମାଳୀ
କରି ପ୍ରସାଧନା   ହରି ନେଉଥାନ୍ତି
  ପ୍ରଭାତରେ କରମାଳୀ
ଦକ୍ଷିଣ ସାଗର-   ତରଙ୍ଗ ଶୀକର-
  ସିକ୍ତ-ଶୀତ-ମୃଦୁବାତେ
ମଳୟ ଶରୀରୁଁ   ସୁଗନ୍ଧକ ହରି
  ବିଞ୍ଚୁଥାଏ ମସ୍ତି ଗାଜେ
ଗାଇଲେ ସଗୀତ   ମଧୁ ମତ୍ତ ମଧୁ
  କଣ୍ଠଏ ମଧୁର ଭାବେ
ବନ ଉପବନ   ମଧୁରିତ ହେଲା
  କଲକଣ୍ଠ କଳ ରବେ ।

ଋତୁରାଜ ବସନ୍ତର ମୋହମୟ ଯାଦୁକରୀ ସ୍ପର୍ଶରେ ସମସ୍ତ ଜଗତ ଉଲ୍ଲସିତ ହେଉଥିବା ବେଳେ ଇନ୍ଦୁମତୀଙ୍କର ବିଦାୟ ବେଳା ଜନଙ୍କ ପ୍ରାଣତନ୍ତ୍ରୀରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି । ଇନ୍ଦ୍ରଙ୍କ ଆଦେଶରେ ତପସ୍ୱୀ ତୃଣବିନ୍ଦୁଙ୍କ ତପଭଙ୍ଗ ପାଇଁ ଏକ ଅପ୍ସରା ପ୍ରୟାସ କଲାବେଳେ ଅଭିଶାପଗ୍ରସ୍ତା ହୋଇ ମର୍ତ୍ତ୍ୟରେ ମାନୁଷୀ ରୂପରେ ଇନ୍ଦୁମତୀ ଜନ୍ମଗ୍ରହଣ କରିଥିଲେ । ଅଭିଶାପରୁ ମୁକ୍ତ ପାଇବା ପାଇଁ ଅପ୍ସରା ତପସ୍ୱୀଙ୍କୁ ବିନମ୍ର ନିବେଦନ କଲାରୁ ତପସ୍ୱୀ ନାରଦଙ୍କ ବୀଣାଗ୍ରରୁ କୁସୁମ ମାଳ ଖସିଲେ ତାଙ୍କର ମାନୁଷୀତନୁ ମର୍ତ୍ତ୍ୟରୁ ତ୍ୟାଗ କରିବା କଥା ଜଣାଇଥିଲେ । ସେହି ଅଭିଶପ୍ତା ଅପ୍ସରା ଇନ୍ଦୁମତୀ ବ୍ୟତୀତ ଅନ୍ୟ କେହି ନୁହେଁ । ନୈସର୍ଗିକ ପ୍ରତିଭାର ଅଧିକାରୀ ଗଙ୍ଗାଧର ପ୍ରକୃତିର ଅସୀମ ସୁନ୍ଦର ରୂପ ସମ୍ପଦରେ ଦେଖି କାବ୍ୟମାନଙ୍କରେ ଯେଉଁ ବର୍ଣ୍ଣନା କରି ଯାଇଛନ୍ତି, ସେ କେହି ତାଙ୍କୁ ଜଣେ ଉଚ୍ଚକୋଟୀର କବି ଭାବରେ ସ୍ୱୀକୃତ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ମହାଭାରତ ଓ ପଦ୍ମ ପୁରାଣରୁ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ପ୍ରେମମୂଳକ ଆଖ୍ୟାନକୁ କାଳିଦାସ ନାଟକ ଆକାରରେ ଅଭିଜ୍ଞାନ ଶକୁନ୍ତଳମ୍ ନାମ ଦେଲାବେଳେ ଗଙ୍ଗାଧର ମେହେର କାବ୍ୟ ରୂପରେ ତା'ର ନାମକରଣ କରିଥିଲେ ପ୍ରଣୟ ବଲ୍ଲରୀ । ବିଶ୍ୱ ବିଖ୍ୟାତ କବି କାଳିଦାସଙ୍କ ଅଭିଜ୍ଞାନମ୍ ଶକୁନ୍ତଳମ୍‌କୁ ହୃଦୟଙ୍ଗମ କରି ମହାକବି ଜର୍ମାନ ସାହିତ୍ୟାକାଶର ଉଜ୍ଜ୍ୱଳତମ ଜ୍ୟୋତିଷ୍କ ମହାତ୍ମା ଗେଟେ ମୁକ୍ତ କଣ୍ଠରେ କହିଥିଲେ—

"Wouldst thou the young years blossoms
and the fruits of its decline

Digitized by srujanika@gmail.com

And all by which the soul is charmed
enraptured feasted fed
Wouldst thou the earth and heaven
itself in one solename combine ?
I name thee, O Sakuntala
and all at once is said."

ପ୍ରଣୟବଲ୍ଲରୀ କାବ୍ୟରେ ଦୁଷ୍ମନ୍ତ ଶକୁନ୍ତଳାଙ୍କର ପ୍ରେମକୁ ଗୋଟିଏ ତରୁ ରୂପେ ପରିକଳ୍ପନା କରି ତା'ର ବିଭିନ୍ନ ବିକାଶକୁ ଅଙ୍କୁର, ପଲ୍ଲବ, ମୁକୁଳ ଓ ଫଳ ରୂପେ କାଳିଦାସଙ୍କ ପରିକଳ୍ପନା ପ୍ରତିଭାତ ହୋଇଥାଏ । କାଳିଦାସଙ୍କ ଅଭିଜ୍ଞାନମ୍ ଶକୁନ୍ତଳମ୍‌ର ସୌନ୍ଦର୍ଯ୍ୟଚିତ୍ର ଯଦିଓ ପ୍ରଣୟବଲ୍ଲରୀ କାବ୍ୟରେ ବ୍ୟତିକ୍ରମ ହୋଇଛି ତଥାପି ପ୍ରକୃତିର ଅନ୍ତଃ-ସୌନ୍ଦର୍ଯ୍ୟକୁ ଉପଭୋଗ କଲପରି କାବ୍ୟର ସରସତାକୁ ବହୁଗୁଣରେ ବଢ଼ାଇ ଦେଇଛି । ପ୍ରକୃତି ସହିତ ପଲ୍ଲୀର ଅନ୍ତଃ ଓ ବାହ୍ୟ ପ୍ରକୃତି ମଣିଷକୁ ବାସ୍ତବ କ୍ଷେତ୍ରରେ ପ୍ରଲୁବ୍ଧ କରିଛି । ରାଧାନାଥଙ୍କ ପ୍ରଥମ ପ୍ରକୃତି କବି ହିସାବରେ ଚିଲିକାର ପଶ୍ଚିମ ତୀର ଅନୁପ୍ରାଣିତ କରିଥିଲା-ବେଳେ ଗଙ୍ଗାଧରଙ୍କ ତପସ୍ୱୀଙ୍କ ବିହାରସ୍ଥଳୀ ଆଶ୍ରମ ପ୍ରକୃତି ପ୍ରଲୁବ୍ଧ କରିଛି । ମଣିଷ ସୁଖ ଦୁଃଖ ଉଭୟ ଉପଭୋଗ କରୁଥିଲା ବେଳେ ପ୍ରକୃତିର ମଧ୍ୟ ସୁଖ ଦୁଃଖ ମଣିଷକୁ ଇଙ୍ଗିତ ଦେଇଥାଏ । ତେଣୁ ଉଭୟ ମଣିଷ ଓ ପ୍ରକୃତି ପରସ୍ପର ପ୍ରତି ସମ୍ବେଦନଶୀଳ ।

ପ୍ରଣୟବଲ୍ଲରୀର ପ୍ରଥମ ସର୍ଗ ୧୯୧୧ ସାଲ ଓ ଅବଶିଷ୍ଟାଂଶ ୧୯୧୪ରେ 'ତପସ୍ୱିନୀ' ପରେ ରଚିତ ବୋଲି ଡକ୍ଟର ନଟବର ସାମନ୍ତରାୟ ଦର୍ଶାଇଛନ୍ତି । ମହାଭାରତରେ ବର୍ଣ୍ଣିତ ଦୁଷ୍ମନ୍ତ ଶକୁନ୍ତଳାଙ୍କ ଉପାଖ୍ୟାନ ଅପେକ୍ଷା କାଳିଦାସଙ୍କର 'ଅଭିଜ୍ଞାନମ୍ ଶକୁନ୍ତଳମ୍' ଅଧିକ ଚିତ୍ତାକର୍ଷକ ଓ ମନୋଜ୍ଞ । କାଳିଦାସଙ୍କ ସୃଷ୍ଟିର ପରିକଳ୍ପନା ଯେପରି ନୂତନ ଅସାଧାରଣ ସେହିପରି ମଧ୍ୟ ଚିତ୍ତାକର୍ଷକ । ମହାଭାରତରେ ଶକୁନ୍ତଳାଙ୍କର ପରିଚୟ ଦେବାକୁ ଯାଇ କଣ୍ୱ ଋଷି କହିଛନ୍ତି—

"ନିର୍ଜ୍ଜନେ ତୁ ବନେ ଯସ୍ମାତ୍ ଶକୁନ୍ତୈଃ ପରିରକ୍ଷିତା
ଶକୁନ୍ତଳେତି ନାମାସ୍ୟାଃ କୃତଞ୍ଚାପି ତତୋମୟା ।"

ନିର୍ଜ୍ଜନ ବନରେ ଶକୁନ୍ତ ପକ୍ଷୀମାନଙ୍କ ଦ୍ୱାରା ଲାଳନ ପାଳନ ହୋଇଥିବାରୁ ତାଙ୍କର ନାମ ଶକୁନ୍ତଳା ରଖାଯାଇଛି । ପ୍ରକୃତି ଚିତ୍ରଣ କ୍ଷେତ୍ରରେ ଗଙ୍ଗାଧରଙ୍କର ହସ୍ତ କାଳିଦାସଙ୍କୁ ବଳିଯାଇ ନ ଥିଲେ ମଧ୍ୟ କେତେକ କ୍ଷେତ୍ରରେ ବର୍ଣ୍ଣନାଗୁଡ଼ିକ ଏଡ଼େ ରସାଳ ଓ ମନୋଜ୍ଞ ହୋଇଛି ଯେ ଶକୁନ୍ତଳାଙ୍କ ରୂପକୁ ପୁଷ୍ପିତା ନଅଳୀର ନବ ଯୌବନ ବ୍ୟଞ୍ଜନା କରି ଉଠିଛି ।

ପ୍ରଥମ ସର୍ଗରେ ଦୁଷ୍ମନ୍ତ ଶକୁନ୍ତଳାଙ୍କ ଅପରୂପ ରୂପ ସୌନ୍ଦର୍ଯ୍ୟ ଦର୍ଶନରେ ଆତ୍ମହରା ହୋଇଛନ୍ତି । ଆଶ୍ରମରେ ବିବାହ ଉତ୍ସବର ଆୟୋଜନ ପାଇଁ ଶଙ୍ଖ, ମୃଦଙ୍ଗ, ବିଭିନ୍ନ

Digitized by srujanika@gmail.com

ରଙ୍ଗାନ୍ୱିତ ମଶାଲ, ବାଣ, ହାଉଇ କିଛି ନଥାଏ । ତପସ୍ୱିନୀ ଜୀବନରେ ବିବାହର ଉପଭୋଗ ପାଇଁ କବି ଗଙ୍ଗାଧର ସଖୀ ମୁଖରେ ଏକ ସୁନ୍ଦର ବର୍ଣ୍ଣନା ଚର୍ଚ୍ଚିତ କରିଛନ୍ତି—

"ତାରା ଖଚିତ ସ୍ୱଚ୍ଛ ଚନ୍ଦ୍ରାତପ
ଲମ୍ବିତ ହେବ ଉପରେ
ମସ୍ତଧର ଗଣ ଚୌଦିଗେ ରହିବେ
ପ୍ରଦୀପ୍ତ-ଦହୁଡ଼ି-କରେ ।
ଫୁଟୁଥିବ ବାଣ ଗଗନେ ଉଠି
ଥିବ ଉଲ୍‌କା ରୂପେ ନଭେ
ହୁଳହୁଳି ପଡ଼ୁ- ଥିବ ମଞ୍ଜୀ ରବେ
ମଧୁପ ମଧୁର ରବେ ।
ଚକୋର ଚେଣ୍ଡୋଇ କରୁଥିବେ ମୋଦେ
ମଙ୍ଗଳ-ସଙ୍ଗୀତ ଗାନ
ସେକାଳେ ଅଞ୍ଜଳି- କର ଚୂତକରେ
ସମର୍ପିବେ ପବମାନ ।"

ଋତୁ ବର୍ଣ୍ଣନା ପ୍ରସଙ୍ଗରେ କବିଙ୍କର ଷଷ୍ଠ ସର୍ଗରେ ମୌଳିକତା ସୁସ୍ପଷ୍ଟ । କବି ଅତି ସୁନ୍ଦର ଭାବରେ ବାସ୍ତବ ଚିତ୍ର ପ୍ରଦର୍ଶନ କରିଛନ୍ତି । ଶିଶିର ସଦନରେ ନନ୍ଦନ ଜନ୍ମିବାବେଳେ କବି ଯେଉଁ ଛବିଳ ବର୍ଣ୍ଣାଢ୍ୟ ସୁଷମା ଉପସ୍ଥାପନ କରିଛନ୍ତି ତାହା ବାସ୍ତବିକ୍ ବିସ୍ମୟ ।

"ଶିଶିର ସଦନେ ଜନ୍ମିଲ ନନ୍ଦନ
ମନୋହର ରୂପବନ୍ତ
ତା ଦେଖି ଶିଶିର ଆନନ୍ଦେ ଅଧୀର
ହେଲା ଯେସନ୍ତେ ଉନମତ୍ତ ।
ସ୍ଥୂଳ ଉର୍ଣ୍ଣବାସ ବାଛି ବାଛି ଦେଲା
ସେଢ଼ି ସକଳଙ୍କୁ ଦାନ
ସୁପକ୍ୱ ଗୋଧୂମ ରାଶି ଦାନେ କଲା
ଦାତ୍ର ଭୋକ ସମାଧାନ ।
ଦଗେ ଦଗେ ଦେଲା ହରିଦ୍ରା ରଞ୍ଜିତ
ମଧୁମସ୍ତ ଶୁଭ୍ର ପତ୍ର
ଆତପ-ତାପିତ ବନେ ବିତରିଲା
ଲକ୍ଷ ଲକ୍ଷ ଆତପତ୍ର ।
ସୁନାରୀ ଖର୍ଜ୍ଜୁର ରହିଲେ ସୁବର୍ଣ୍ଣ
ହାର ସଗଠନେ ବ୍ୟସ୍ତ
ଚନ୍ଦ୍ରାତପ ପାଇଁ ଶାଳ୍ମଳୀଏ ହେଲେ
ଅହୋ ରାତ୍ର ସୁଚେଷ୍ଟ ।

Digitized by srujanika@gmail.com

ସହ ଗାଁ ବନ ନଗର ଉଦ୍ୟାନ
ଜନପଦ୍ରୁ ତରୁଲତା
ଶିଶିର ମନ୍ଦରେ ଉପଗତ ହେଲେ
ହୃଦେ ଭରି ପ୍ରଫୁଲ୍ଲିତା ।"

ଉପରୋକ୍ତ ବର୍ଣ୍ଣନାଗୁଡ଼ିକରୁ କଳାକୁଶଳୀ ଗଙ୍ଗାଧରଙ୍କର ବର୍ଣ୍ଣନା ପାଟବର ଜ୍ୱଳନ୍ତ ନିଦର୍ଶନ ପ୍ରତିଫଳିତ ହୋଇଥାଏ ।

□□□

ମେହେରଙ୍କ ସାହିତ୍ୟରେ ଦେଶାତ୍ମବୋଧ

ଊନବିଂଶ ଶତାବ୍ଦୀର ଅନ୍ତିମ ପର୍ଯ୍ୟାୟଟି ହେଉଛି ଦେଶାତ୍ମବୋଧ ବା ଜାତୀୟତାବାଦୀ ଚେତନାର ପ୍ରାରମ୍ଭର ବେଳ । ସେତେବେଳେ ଭାରତ ପରାଧୀନ ଥାଇ ପାଶ୍ଚାତ୍ୟ ରାଷ୍ଟ୍ରର ଶାସନରେ ଶାସିତ ହୋଇ ନିଜକୁ ଅତିଷ୍ଠ ମଣୁଥିଲାବେଳେ ପ୍ରାକ୍ତନ ପୁରୋଧା କବି ରାଧାନାଥଙ୍କ ସାହିତ୍ୟରେ ପ୍ରଥମେ ଦେଖା ଦେଇଥିଲା ଦେଶାତ୍ମବୋଧ ବା ଜାତୀୟତାବାଦ ଚିନ୍ତାଧାରା । କବି ମଧୁସୂଦନ ଓ ରାଧାନାଥ ଶିକ୍ଷା କ୍ଷେତ୍ରରେ ଉଚ୍ଚ ଶିକ୍ଷା ଲାଭ କରିଥିବାରୁ ତାଙ୍କ ସାହିତ୍ୟରେ ଦେଶାତ୍ମବୋଧ ଅତି ଉଚ୍ଚକୋଟୀର ଥିଲା । ଓଡ଼ିଶାର ନଦନଦୀ, ପର୍ବତ, ହ୍ରଦ, ମନ୍ଦିରମାନଙ୍କରେ ସୁନ୍ଦର ଚିତ୍ର ସେ ଅଙ୍କନ କରିଛନ୍ତି । ଓଡ଼ିଶାର ନରପତିମାନଙ୍କର ଗୌରବାବହ ଐତିହ୍ୟ ସହିତ ଓଡ଼ିଶାର ଇତିହାସ ଓ ଭୂଗୋଳ ତାଙ୍କ କାବ୍ୟ କବିତାରେ ରୂଢ଼ିମନ୍ତ । ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଜନ୍ ଷ୍ଟୁଆର୍ଟ ମିଲ, ହାର୍ବାର୍ଟ ସ୍ପେନସର ପ୍ରଭୃତି ଦାର୍ଶନିକମାନେ ମାନବର ଦାୟିତ୍ୱ ପ୍ରତି ସମ୍ବେଦନଶୀଳ ରହି ମାନବର କଲ୍ୟାଣ, ମହିମା ଆଦି ବାର୍ତ୍ତା ସାହିତ୍ୟ ମାଧ୍ୟମରେ ପ୍ରଚାରକରି ଦେଶବାସୀଙ୍କ ମନରେ ଖେଳାଇ ଦେଲେ ଅପୂର୍ବ ଉତ୍ସାହ । କବି ଓ ସାହିତ୍ୟ ସ୍ରଷ୍ଟାମାନେ ମାତୃଭୂମି ଓ ମାତୃଭାଷା ପ୍ରତି ମମତା ରଖି ତା'ର ସାହିତ୍ୟ, ସଂସ୍କୃତି ଓ ଗୌରବମୟ ଆଲେଖ୍ୟ ଚିତ୍ରଣ କଲେ । ବହୁ ନିର୍ଯ୍ୟାତନା ବରଣ କରି ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ପ୍ରଭାବରେ ଭାରତରେ ମହାମନିଷୀ, କବି, ଦାର୍ଶନିକ ତଥା ସାହିତ୍ୟିକମାନେ ସେହି ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଉଠିଲେ । ଦେଶାତ୍ମବୋଧିକତା ଭାରତବାସୀ ପ୍ରଥମେ ପାଶ୍ଚାତ୍ୟ ରାଷ୍ଟ୍ରରୁ ଗ୍ରହଣ କରିଥିଲେ । ଇଂରେଜମାନଙ୍କର ଇଂରାଜୀ ଭାଷାର ପ୍ରଚଳନ ଫଳରେ ଏ ଦେଶ ଜନତାଙ୍କ ମଧ୍ୟରେ ଦେଖାଦେଲା ନବ ଜାଗରଣ । ପାଶ୍ଚାତ୍ୟ ଦର୍ଶନ, ପାଶ୍ଚାତ୍ୟ ସାହିତ୍ୟ ଓ ସଂସ୍କୃତିର

Digitized by srujanika@gmail.com

ସନ୍ଧର୍ଭରେ ଆସି ଭାରତର ନବ୍ୟ ଶିକ୍ଷିତଗଣଙ୍କ ହୃଦୟରେ ସୃଷ୍ଟି ହେଲା ଜାତୀୟବାଦୀ ଚିନ୍ତା ବା ଦେଶାତ୍ମବୋଧର ଉଦ୍‌ବେଳ ତରଙ୍ଗ । ଏହି ନବ୍ୟଶିକ୍ଷିତ ଗୋଷ୍ଠୀଙ୍କ ମଧ୍ୟରେ ରାଧାନାଥ ହେଉଛନ୍ତି ଅନ୍ୟତମ । ଇଂରେଜମାନଙ୍କ ଶାସନ କାଳରେ ମୋଗଲ ଓ ମରହଟ୍ଟାମାନଙ୍କ ରାଜନୈତିକ ଐତିହ୍ୟ ଓ ସମୃଦ୍ଧି ପ୍ରାୟ ନଷ୍ଟ ହୋଇଯାଇଥିଲା । ଗଙ୍ଗାଧରଙ୍କ ଘର ସମ୍ବଲପୁର ଜିଲ୍ଲାର ବରପାଲି ମଧ୍ୟ ଛୋଟନାଗପୁର ସହିତ ମିଶି କରିଥିଲା । ୧୮୯୪ ସାଲ ଅକ୍ଟୋବର ୩ ତାରିଖ "ହିତୈଷିଣୀ" ସଂଖ୍ୟାରେ ଗଙ୍ଗାଧରଙ୍କର "ଭାରତୀ ରୋଦନ" ଶୀର୍ଷକ କବିତାଟି ପ୍ରକାଶ ପାଇଥିଲା । ଏହା ହେଉଛି ଗଙ୍ଗାଧରଙ୍କର ଦେଶାତ୍ମବୋଧକତାର ଆଦ୍ୟ ନିଦର୍ଶନ ସ୍ୱରୂପ । ଯଦିଓ କବିଙ୍କର ଦେଶାତ୍ମବୋଧକତା ତାଙ୍କ କାବ୍ୟମାନଙ୍କରେ ରାଧାନାଥ ଓ ମଧୁସୂଦନଙ୍କ ପରି ଜୀବନ୍ତ ନୁହେଁ ତଥାପି ମହାଭାରତୀୟ ଚିନ୍ତାଧାରା କବିଙ୍କ ଲେଖାରେ ଯେ ପ୍ରତିଫଳିତ ନୁହେଁ ଏକଥା କେହି ଅସ୍ୱୀକାର କରିବେ ନାହିଁ । ଘୋର ଅର୍ଥାଭାବର ସମ୍ମୁଖୀନ ହୋଇ କୌଳିକ ବୃତ୍ତି ଚାଲନା କରିବା ଭିତରେ ପ୍ରାଚୀନ ଓଡ଼ିଆ ସାହିତ୍ୟ, ସଂସ୍କୃତ, ବଙ୍ଗଳା ଓ ହିନ୍ଦୀ ଭାଷା ବ୍ୟତିରେକେ ଅନ୍ୟ କୌଣସି ବିଷୟରେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ପଦକ୍ଷେପ ନଥିଲା । ଏହି ସମୟରେ କେବଳ ରାଧାନାଥ ଓ ମଧୁସୂଦନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭକରି ପାରିଥିଲେ । ଏତଦ୍‌ବ୍ୟତୀତ ବୈକୁଣ୍ଠନାଥ ଦେ, ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୌରୀଶଙ୍କର ରାୟ, ବିଶ୍ୱନାଥ କର, ରାଜା ସୁଢ଼ଳଦେବ ପ୍ରଭୃତି ସ୍ୱଦେଶପ୍ରେମୀଙ୍କର ସ୍ୱଦେଶବତ୍ସଳତା ଉତ୍କଳ ଗଠନ ପାଇଁ ଇନ୍ଧନ ଯୋଗାଇଥିଲା । ୧୮୯୫ ମସିହା ଜାନୁଆରୀ ୩୦ ତାରିଖରେ "ହିତୈଷିଣୀ"ରେ ପ୍ରକାଶିତ ହୋଇଥିବା ଉକ୍ତିଟି ସମ୍ବଲପୁର ପ୍ରତି ବିପଦ ସଙ୍କେତ ରୂପେ ଦେଖା ଦେଇ-ଥିଲା । ୧୮୯୬ ସାଲ ଜାନୁଆରୀ ପହିଲାଠାରୁ ସମ୍ବଲପୁରର ରାଜକୀୟ କାର୍ଯ୍ୟରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରବର୍ତ୍ତନ ହେବା କଥା ୧୮୯୫ ସାଲ ଜାନୁଆରୀ ୧୯ ତାରିଖରେ ମଧ୍ୟପ୍ରଦେଶ ଗେଜେଟରେ ପ୍ରକାଶିତ ହୋଇଥିବାରୁ ସମ୍ବଲପୁର ଅଞ୍ଚଳ ପ୍ରତି ଏହା ଯେ ଏକ ବଡ଼ ଦୁର୍ଭାଗ୍ୟର ବିଷୟ ନୁହେଁ ଏହା କିଏ କହିବ ? ୨୪ । ୮ । ୧୮୯୪ ମସିହାରେ ପ୍ରକାଶିତ "ଉତ୍କଳଲକ୍ଷ୍ମୀ"ରେ କବିଙ୍କର ଦେଶାତ୍ମବୋଧକତା ପ୍ରକାଶିତ ହୋଇଥିଲା । ଉତ୍କଳଲକ୍ଷ୍ମୀ ବିଜାତୀୟମାନଙ୍କ ଅତ୍ୟାଚାରରେ ଆର୍ତ୍ତନାଦ କରୁଥିଲାବେଳେ କବିଙ୍କର ଏହା ଶୁଭଙ୍କର ସ୍ଫୁରଣ ବୋଲି ମନେହୁଏ । ୧୮୯୬ ସାଲ ଜାନୁଆରୀ ୧ ତାରିଖରେ ହିତୈଷିଣୀରେ ଏହା ଏକ ଅସମ୍ପୂର୍ଣ୍ଣ କାବ୍ୟରୂପେ ସମାଲୋଚିତ ହୋଇ-ଥିଲା । ଏହାର ପ୍ରକାଶକ ଥିଲେ ସୂର୍ଯ୍ୟ କୁମାର ମିଶ୍ର । ୧୯୦୫ ମସିହାରେ ସମ୍ବଲପୁରର କିୟଦଂଶ ସମ୍ବଲପୁର ନାମରେ ବାଲେଶ୍ୱର, କଟକ, ପୁରୀ ସହିତ ମିଶି ଶାସିତ ହେଲା ଏବଂ ୧୯୧୪ରେ ଉକ୍ତ କାବ୍ୟର ପ୍ରକାଶନ ସମାପ୍ତ ହେଲା । କାବ୍ୟ ଆରମ୍ଭ କରିବାକୁ ଯାଇ କବି ମଣ୍ଡଳ ପ୍ରାକୃତିକ ପରିବେଶର ବର୍ଣ୍ଣନା ଦେଇ କବି ଉତ୍କଳଲକ୍ଷ୍ମୀର ବନ୍ଦନା କରିଛନ୍ତି । ଏ ବନ୍ଦନା ତାଙ୍କର ବୋଲି ମନେ ହୁଏ ନାହିଁ । ଏହା ରାଧାନାଥଙ୍କ ସାହିତ୍ୟର ଏକ ପ୍ରତିଧ୍ୱନି ମାତ୍ର । ୨୪ । ୮ । ୧୮୯୪ ମସିହାରେ ଉତ୍କଳଲକ୍ଷ୍ମୀ

Digitized by srujanika@gmail.com

ରାଧାନାଥଙ୍କ ଦ୍ୱାରା ସଂଶୋଧିତ ହୋଇଥିବା କଥା କେତେକ କ୍ଷେତ୍ରରୁ ଜଣାଯାଏ । ତତ୍କାଳୀନ ଉତ୍କଳର ବିଶିଷ୍ଟ ସାହିତ୍ୟପ୍ରେମୀ ରାଧାନାଥ ରାୟ, ମହାରାଜା ରାମଚନ୍ଦ୍ରଭଞ୍ଜ ଦେଓ ଓ ବାସୁଦେବ ସୁଡ଼ଳ ଦେବଙ୍କ କୀର୍ତ୍ତିର ବର୍ଣ୍ଣନା ଉତ୍କଳଲକ୍ଷ୍ମୀରେ ସୂଚିତ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏ ଉତ୍କଳ । ଏହି ଅନିନ୍ଦ୍ୟ ସୁନ୍ଦର ରୂପ ଉତ୍କଳ ଲକ୍ଷ୍ମୀଙ୍କ ସେବା ପାଇଁ ସତତ ଉଦ୍ଦିଷ୍ଟ ।

ଏହି ପରକାରେ ବିଶ୍ୱ ଶୋଭା ରାଶି
କରୁଛନ୍ତି ତୋତେ ସେବା
ତୋହି ସଙ୍ଗେ ବିଶ୍ୱେ ତୁଳନୀୟ ହେବ
ଭାଗ୍ୟବତୀ ଅଛୁ କେବା ?"

ଉତ୍କଳ ଲକ୍ଷ୍ମୀ ରଚନା ସମୟରେ ଇନ୍ଦ୍ରଧନୁ ଓ ବିଜୁଳିର ସାହିତ୍ୟିକ ବିବାଦ ଲାଗିଥିଲା । ଯେଉଁମାନେ ରାଧାନାଥଙ୍କ ପକ୍ଷ ଗ୍ରହଣ କରି ତାଙ୍କ ସାହିତ୍ୟିକ ଗୌରବକୁ ଗୌରବାନ୍ୱିତ କରିଥିଲେ ତାଙ୍କ ମଧ୍ୟରେ ଗଙ୍ଗାଧର ଅନ୍ୟତମ । "ଉତ୍କଳଲକ୍ଷ୍ମୀ" ହିଁ ସେହି ଗୌରବାବହ ସୃଷ୍ଟି ସମ୍ପଦ ।

ମାର୍ଗଶିର ମାସର ଏକ ପୌର୍ଣ୍ଣମାସୀ ବିଭାବରୀ । କବି କଡ଼ାଛପର ପରେ ଚିନ୍ତିତ ମାନସରେ ଉପବେଶନ କରିଛନ୍ତି । ଶିବାଗଣ ମଧ୍ୟାହ୍ନ ପ୍ରହରର ସୂଚନା ଉତ୍କଳର ଗୂଢ଼ ରହସ୍ୟ ଗୋଟିଏ ଦେଖାଇବା ପାଇଁ ତାଙ୍କୁ ନେଇଯାଇଛନ୍ତି । ପ୍ରଥମେ ମନ୍ଦିରରେ ପହଞ୍ଚି ଏକ ଯୁବକ ଓ ଚନ୍ଦନ ଗଢ଼ା ଏକ ଯୁବତୀକୁ ଦେଖାଇ ଚନ୍ଦ୍ର ଓ ରୋହିଣୀ ବୋଲି ଅଭିହିତ କରାଇଛନ୍ତି । ଚନ୍ଦ୍ର (ରାମଚନ୍ଦ୍ର ଭଞ୍ଜ ଦେଓ) ଓ ରୋହିଣୀ (ଉତ୍କଳ ପ୍ରଭା) ବୋଲି ଅନୁମାନ କରାଯାଏ । ସେମାନେ ମର୍ତ୍ତ୍ୟରେ ଜନ୍ମ ଗ୍ରହଣ କରିବାର ବୃତ୍ତାନ୍ତ କବି ସେମାନଙ୍କ ଠାରୁ ଶୁଣିବାକୁ ପାଇଛନ୍ତି ।

"କାବ୍ୟହିଁ ଗଲେଣି କାବ୍ୟ ରଚିବାକୁ ରାଧାନାଥ ନାମ ବହି
ତାହାଙ୍କ ଭାରତୀ ବଳେ ହେବ ଖ୍ୟାତ ଭାରତେ ଉତ୍କଳ ମହୀ ।"

ତତ୍ପରେ ଉତ୍କଳ ଲକ୍ଷ୍ମୀଙ୍କର ଏକ ମୂର୍ତ୍ତି କବିଙ୍କର ଦୃଷ୍ଟିଗୋଚର ହୋଇଛି । ଜଣେ ଭକ୍ତ ସେହି ଦେବୀଙ୍କୁ ବନ୍ଦନା କରୁଥିବାର ବର୍ଣ୍ଣନା କବି ଉପସ୍ଥାପନା କରିଛନ୍ତି । ରାଧାନାଥଙ୍କ ଲେଖନୀ ମୂନରେ ଜୀବନ୍ତ ହୋଇ ପଡ଼ିରହିଥିବା ନଦୀ-ନଦୀ, ଗିରି-କାନନ ଆଦି ସଜୀବନ୍ତ ହୋଇ ଉଠିଛନ୍ତି ।

"ଉଦ୍‌ବୋଧନ" ଓ "ଉତ୍କଳ ଭାରତୀଙ୍କ ଚିତ୍ର" ଏ ଦୁଇଟି କବିତା ମଧ୍ୟ ଦେଶାତ୍ମବୋଧକ କବିତା ଭାବରେ ପରିଚିତ । ଏଥିରେ ଆଧୁନିକ ସଭ୍ୟତାର ଫେସନ ନେଇ ଜୀବନଧାରା ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ଭାଷା-ଜନନୀ ରୁଷ୍ଟହୋଇ ଉଠିଛନ୍ତି । ଜ୍ଞାନ ଓ କର୍ମଯୋଗର ସାଧନା ଆବଶ୍ୟକ । ତେଣୁ କବି ଉତ୍କଳୀୟଙ୍କୁ ଉଭୟ ଜ୍ଞାନ ଓ କର୍ମଯୋଗର ସାଧନା ପାଇଁ ଉଦ୍‌ବୋଧନ ଦେଇ କହିଛନ୍ତି—

Digitized by srujanika@gmail.com

“ଦେଖ ବହୁଛୁ ହେ ଈଶ୍ୱର ଆଶିଷଧାର
ଜ୍ଞାନ କର୍ମ ଗଙ୍ଗା ଯମୁନା ପ୍ରବାଏ
ଭବୁ କରିବାକୁ ପାର ।

× × ×

କୁଳ୍ପା ଖୋଲି ହୋଇ ନ ପାରିବ ଭାଇ
ଦୁଇ ଗୁଣ ଜଣକରେ
ଲୋକ ଲକ୍ଷ ଲକ୍ଷ ନ ବାନ୍ଧିଲେ ସଖ୍ୟ
ନ ମିଳିଲେ ପରସ୍ପରେ ।”

ସୁପ୍ତ ଜନତାର ମନକୁ ଉତ୍‌ଥିତ କରି କୁଳ୍ପା ଖଳନରେ ଐକ୍ୟବଦ୍ଧ ହେବାକୁ କବି ଉତ୍କଳବାସୀଙ୍କୁ ପ୍ରେରଣା ଦେଇଛନ୍ତି । ଉକ୍ତ କବିତାଟି ‘ଉତ୍କଳ ସମ୍ମିଳନୀ’ର ସମ୍ବଲପୁର ଅଧିବେଶନରେ ପଠିତ ହୋଇଥିଲା । ଏହା ଏକ ଦେଶାତ୍ମବୋଧକ ପ୍ରାଣସ୍ପର୍ଶୀ କବିତା ।

“ଉତ୍କଳ ଭାରତୀଙ୍କ ଉକ୍ତି” କବିତାରେ ଆଧୁନିକ ଯୁଗ ବିକାଶଧାରାର ପରିବର୍ତ୍ତନ ସେ ଗ୍ରହିଁଛନ୍ତି ପରମ୍ପରାକୁ ଲକ୍ଷ୍ୟକରି । କବି ପରିବର୍ତ୍ତନକୁ ବିରୋଧ ନ କରି ପରମ୍ପରାର ମର୍ଯ୍ୟାଦା ରକ୍ଷାକରିବା ପାଇଁ ଭାରତୀଙ୍କ ମୁଖରେ ଗାଇଛନ୍ତି—

“ଛନ୍ଦ ବାବୁ ମୋର କୋମଳ ବସନ
ଅଙ୍ଗକୁ ଯହିଁରେ ନ ହେବ ପୀଡ଼ା
ଦେବ ଦେଲେ ଦିଅ ଏମନ୍ତ ଭୂଷଣ
ଯାହା ଯେନ ମୋର ନ ହେବ ବ୍ରୀଡ଼ା ।”

× × ×

ପାଇଥିଲେ ଦିଅ ବିକଚ ପ୍ରସୂନ
ଥାଏ ଯଦି ତହିଁ କିଛୁ ସୌରଭ
ସୌରଭ ନଥିଲେ କାନ୍ତିରେ ରଞ୍ଜନ
ନ ଥିଲେ ବଢ଼ିବ ସିନା ଗୌରବ !
ମସ୍ତକେ ମୋ ଟୋପି ନ ଦେବ ବାବାରେ
ନ କାଢ଼ିବ ମୋର କରୁ କଙ୍କଣ
ସିନ୍ଦୂର ବିନ୍ଦୁ ମୋ ଭାଲେ ରଖିବାରେ
ଚିରନ୍ତର ମନେ ଥିବ ସ୍ମରଣ ।”

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ପ୍ରାଚ୍ୟ-ପାଶ୍ଚାତ୍ୟ ପୁରାତନ-ନୂତନ, ଜାତୀୟ-ବିଜାତୀୟ ସବୁ ସାହିତ୍ୟ ମଧ୍ୟରେ ଏକ ସମନ୍ୱୟ ସ୍ଥାପନ କରି ଐକ୍ୟ ଭାବ ସୃଷ୍ଟି କରିବା ।

କବି ମାତୃଭୂମି ଓ ମାତୃଭୂମିକୁ ସଦାବେଳେ ଉଚ୍ଚ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । “ମାତୃଭୂମି” କବିତାରେ କବି ମାନବ ହୃଦୟର ସଙ୍କୀର୍ଣ୍ଣତାକୁ

Digitized by srujanika@gmail.com

ବିଲୋପ କରିବାକୁ ଦେଶବାସୀଙ୍କୁ ସୂଚନା ଦେଇଛନ୍ତି । "ଭାରତୀ ଭାବନା" ଓ "ବେଦବ୍ୟାସ" କବିଙ୍କର ଜାତୀୟତାବାଦୀ କବିତାର ଜ୍ୱଳନ୍ତ ଉଦାହରଣ । ବେଦବ୍ୟାସ କବିତାରେ ପଶ୍ଚିମ ଓଡ଼ିଶାରେ ବିରାଜିତ ଥିବା ପ୍ରାକୃତିକ ଦୃଶ୍ୟ ସମ୍ପଦକୁ କବି ସ୍ମରଣ କରାଇ ଦେଇଛନ୍ତି । "ଭାରତୀ ଭାବନା" କବିତାରେ କବି ବାହ୍ୟ ଅର୍ଥରେ କୃଷ୍ଣ ଓ ଗୋପୀଙ୍କର ଲୀଳାଖେଳା ବିଷୟ ଉପସ୍ଥାପନ କରିଛନ୍ତି । ଉକ୍ତ କବିତାରେ ଇଂରେଜ-ମାନଙ୍କୁ କଠୋର ସମାଲୋଚନା ଭଙ୍ଗିରେ ଜ୍ୱାଳାମୟୀ ଭାବଧାରା ପ୍ରଦାନ କରି ଦେଶାତ୍ମବୋଧକତାର ପରିଚୟ ଦେଇଛନ୍ତି । ସ୍ୱାର୍ଥାନ୍ୱେଷୀ ଇଂରେଜମାନଙ୍କୁ ସମାଲୋଚନା କରି କବି ଲେଖିଛନ୍ତି—

"ତାକ ତ ନଥିଲୁ ତୁମ୍ଭ ଘର ଯାଇ
ଆସିଥିଲ ନିଜ ଲାଭରେ
ସରଳ ହୃଦୟ ମଣି ସିନା ଆଦରେ
ରଖିଲୁ ଅତି ସ୍ନେହାଦରେ
ଗୋପେନ୍ଦ୍ର, କହିବ କଲ ଉପକାର
ଯାହା କରି ଅଛୁ ନିଜ ସ୍ୱାର୍ଥ ପାଇଁ
ନଥିଲା ଆମ୍ଭ ଦରକାର ।

× × ×

ଷଣ୍ଢ ମାରିବାର ଧରମ କୁମର
ବିଷକୁମ୍ଭ କର ଆହାର
ତୁମ୍ଭ ପୁତ ନାଞ୍ଚି- ମହିମା କରଇ
ନାସ୍ତି ଗଉରବ ପ୍ରସାର
ତୁମ୍ଭର, ଗର୍ଭ କଲାବାର ଦୁସ୍ତର
ବନ୍ଧୁ ବୋଲି ଯାକୁ ସେନାବଳ ଦେଲ
ପ୍ରାଣ ନ ରହିଲା ତାଙ୍କର ।"

'ଭାରତୀ ଭାବନା' କବିତାରେ କବିଙ୍କର ପ୍ରକୃତ ଦେଶପ୍ରେମ ସୂଚିତ ହୋଇଛି । ଉକ୍ତ କବିତାରେ କେତେକ ଶ୍ଳିଷ୍ଟ ଶବ୍ଦର ବ୍ୟବହାର ହୋଇଥିବାରୁ ଏହା ଦ୍ୱିଅର୍ଥ ବୋଧକ ସୂଚିତ ହୋଇଥାଏ । "ଉତ୍କଳ ଭାରତୀ"କୁ ଗୋପୀ ଭାବରେ ଶ୍ରୀକୃଷ୍ଣଙ୍କୁ ନିଜର ହାରି ଗୁହାରି ଜଣାଇଛନ୍ତି । ଗୋପୀଙ୍କର ଶ୍ରୀକୃଷ୍ଣ ପ୍ରତି ଏବଂ ଅନ୍ୟ ଅର୍ଥରେ ଭାରତ ମାତାଙ୍କର ଇଂରେଜ ଶାସକଙ୍କ ପ୍ରତି ପ୍ରଯୁଜ୍ୟ ହୋଇଛି । କବିଙ୍କର ସ୍ୱଳ୍ପଶିକ୍ଷା ମଧ୍ୟରେ ପୁଣି ଦାରିଦ୍ର୍ୟର କଷାଘାତ ଭିତରେ ଉତ୍କଳ ଭାରତୀଙ୍କ ଆରାଧନା କରିବାକୁ ଯାଇ ସେ ଯେ, ଜଣେ ସାଧକର ପରିଚୟ ଦେଇପାରିଛନ୍ତି ଏହା ଭାବିଲେ ବିସ୍ମୟ ଲାଗେ ।

ଏହା ବ୍ୟତୀତ କବିଙ୍କର ପୌରାଣିକ ଗ୍ରନ୍ଥ "ପ୍ରଣୟ ବଲ୍ଲରୀ" ଓ ଉପନ୍ୟାସରେ ସ୍ୱଦେଶପ୍ରେମର ପରିଚୟ ମିଳିଥାଏ । ପ୍ରଣୟବଲ୍ଲରୀ କାବ୍ୟର ସର୍ଗ ପ୍ରଶସ୍ତି ପ୍ରସଙ୍ଗରେ

Digitized by srujanika@gmail.com

ନୀଳାଚଳସ୍ଥ ମହୋଦଧି କୂଳରେ ଦେବ କନ୍ୟା ଓ ଦାନବ କନ୍ୟାଙ୍କ ସଂଘର୍ଷ କରି ସୃଷ୍ଟି କରାଇଛନ୍ତି । ଉତ୍କଳ ହେଉଛି ଶାନ୍ତି, ଦୟା, କ୍ଷମାର ବିହାରସ୍ଥଳୀ । ଜଗନ୍ନାଥ ଉତ୍କଳର ଦେବତା ହୋଇ ପ୍ରଥମେ ଶବର ଘରେ ପୂଜିତ ହେଉଥିଲେ । ଶବରମାନେ ହିଂସା ପରାୟଣ । ପଶୁପକ୍ଷୀ ମାରିବା ତାଙ୍କର ଜୀବିକା । କ୍ଷମା-ଶାନ୍ତି ଆଦି ଦେବକନ୍ୟା ଓ ହିଂସା କ୍ରୋଧ ଆଦି ଅସୁର କନ୍ୟାଙ୍କ ସଂଘର୍ଷ ସ୍ୱାଭାବିକ । କ୍ରୋଧ, ହିଂସାଦି ଦାନବଗଣଙ୍କୁ ଦୟା-କ୍ଷମା, ଶାନ୍ତି ଆଦି ଦେବଗଣ ଦମନ ଅସମ୍ଭବ । ଏଣୁ ମାନବରୂପୀ ବୀର ଦୁଷ୍ମନ୍ତଙ୍କୁ ନିମନ୍ତ୍ରଣ କରାଇ କ୍ରୋଧାଦି ଅସୁରମାନଙ୍କୁ ଜୟ କରାଉଥିଲେ ।

ତପସ୍ୱିନୀ କାବ୍ୟର ଦ୍ୱିତୀୟ ଓ ଅଷ୍ଟମ ସର୍ଗରେ ଭବ, ତେଲ ଇତ୍ୟାଦିର ନାମୋଲ୍ଲେଖ ସହିତ ମହାନଦୀର ଗୌରବଗାନ କରି ସେ ସ୍ୱଦେଶପ୍ରେମର ପରିଚୟ ଦେଇଛନ୍ତି । ଏହିପରି ଅତୀତ ଉତ୍କଳର ଗୌରବାବହ ଇତିହାସ ସହିତ କରି ତଦାନୀନ୍ତନକୁ ତୁଳନାକରି ଅତୀତ ଗୌରବରେ ମୁଗ୍ଧ ହୋଇ ଯେଉଁ ଦୁଃସାହସିକତା ସହିତ ବିଭିନ୍ନ ବର୍ଣ୍ଣନା ମାଧ୍ୟମରେ ଦେଶ ପ୍ରେମର ପରିଚୟ ଦେଇଛନ୍ତି, ତାହା ଯୁଗେ ଯୁଗେ ତାଙ୍କୁ ଚିର ସ୍ମରଣୀୟ କରି ରଖିବ । ଏଥିରେ ସନ୍ଦେହର ଅବକାଶ ନାହିଁ ।

□□□

ଗଙ୍ଗାଧରଙ୍କର ଗଦ୍ୟରଚନା

ଗଙ୍ଗାଧର ମେହେର କହିଲେ ଆମେ ସାଧାରଣତଃ ତପସ୍ୱିନୀ, ପ୍ରଣୟବଲ୍ଲରୀ, କୀଚକବଧ, ଇନ୍ଦୁମତୀ ପ୍ରଭୃତି କାବ୍ୟର ରଚୟିତା ଭାବରେ ଚିହ୍ନିଥାଉ । ତାଙ୍କର କାବ୍ୟ କବିତା ଆଦିକୁ ଛାଡ଼ିଦେଲେ ଓଡ଼ିଆ ସାହିତ୍ୟରେ ସେ ଯେଉଁ କେତୋଟି ଗଦ୍ୟ ସୃଷ୍ଟି କରି ଯାଇଛନ୍ତି ତାହା ମଧୁସୂଦନଙ୍କ ପରି ଉନ୍ନତ ଓ ମାର୍ଜିତ ନ ହେଲେ ମଧ୍ୟ ତାହାର କୃତୀତ୍ୱ ଯେ ବିରଳ; ଏଥିରେ ସନ୍ଦେହର ଅବକାଶ ନାହିଁ । ଗଙ୍ଗାଧରଙ୍କର ଗଦ୍ୟ ସାହିତ୍ୟ ଉପରେ ବେଶି ଆଲୋଚନା ବା ସମୀକ୍ଷା ନ ହେଲେ ମଧ୍ୟ ତହିଁରେ ଯେଉଁ ରହସ୍ୟ ବିଦ୍ୟମାନ ରହିଛି ତାହା ଗୁଣୀ ପାଠକ ବ୍ୟତୀତ ଅନ୍ୟ କେହି ତାହା ଉପଲବ୍ଧି କରିପାରିବେ ନାହିଁ । ନିଜର ଆତ୍ମଜୀବନୀ ବ୍ୟତୀତ କେତେକ ମନୀଷୀଙ୍କର ଜୀବନୀ ଉପରେ ସେ ଆଲୋକପାତ କରିଛନ୍ତି । ତାହା ଉନ୍ନତ ଓ ପରିମାର୍ଜିତ । ତନ୍ମଧ୍ୟରେ ତାଙ୍କ ଆତ୍ମଜୀବନୀ, ଶ୍ରୀ ନୃପରାଜସିଂହ, ପୂର୍ଣ୍ଣକବି ଫକୀରମୋହନ, ସ୍ୱର୍ଗୀୟ କାଶୀନାଥ ପଣ୍ଡା । ଏହି ଆତ୍ମଜୀବନୀ-ମୂଳକ ପ୍ରବନ୍ଧର ପ୍ରକାଶ ସମୟ ଡକ୍ଟର ଅସିତ କବି ତାଙ୍କର "ଓଡ଼ିଆ ସାହିତ୍ୟରେ ଗଙ୍ଗାଧର" ପୁସ୍ତକରେ ନିମ୍ନମତେ ଉଲ୍ଲେଖ କରିଛନ୍ତି । "ଅସମ୍ପୂର୍ଣ୍ଣ ଆତ୍ମଜୀବନୀ 'ବ' ଭେଦ (ସମ୍ବଲପୁର ହିତୈଷିଣୀ—୧୦ । ୩ । ୧୮୯୬), 'ହ୍ର' ଓ 'ହ୍ରୁ' ଭେଦ (ସମ୍ବଲପୁର

Digitized by srujanika@gmail.com

ହିତୈଷିଣୀ—୧୩।୮।୧୮୯୮) ଏହାକି ପୃଥିବୀର ଶବ୍ଦ (ଉତ୍କଳ ସାହିତ୍ୟ—୪।୭ ଶ୍ରାବଣ ୧୩୦୭) ଶ୍ରୀ ନୃପରାଜସିଂହ, ପୁରାଣ କବି ଫକୀରମୋହନ, ସ୍ୱର୍ଗୀୟ କାଶୀନାଥ ପଣ୍ଡା—(୭ ଅପ୍ରେଲ ୧୯୧୨) ଏହାକି ପୃଥିବୀର ଶବ୍ଦ (ଉତ୍କଳ ସାହିତ୍ୟ ୧୩୦୭ ସପ୍ତମ ସଂଖ୍ୟା) ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ (ଉତ୍କଳ ସାହିତ୍ୟ ୧୩୦୬ ପ୍ରଥମ ସଂଖ୍ୟା ଏହାହିଁ ଗଙ୍ଗାଧରଙ୍କର ଗଦ୍ୟ ଶୈଳୀର ସୁପରିଚୟ।"

ଫକୀରମୋହନ ତାଙ୍କର ଆତ୍ମଜୀବନୀ ଲେଖି ଯେତିକି ଯଶସ୍ୱୀ ହୋଇପାରିଛନ୍ତି ଗଙ୍ଗାଧର ସେପରି ହୋଇପାରି ନାହାନ୍ତି। ବନ୍ଧୁ ବ୍ରଜମୋହନଙ୍କର ଅନୁରୋଧରେ ସେ ନିଜର ଆତ୍ମଜୀବନୀ ଲେଖିଥିଲେ। ଫକୀରମୋହନଙ୍କ ସମ୍ପର୍କରେ ସେ ନାଟକୀୟ ଭଙ୍ଗୀରେ ଆଶା ଓ ନୈରାଶ୍ୟର ସଂଳାପ ଥୋଇଛନ୍ତି। ଜଣାଯାଏ ତାହା ଯେପରି ଏକ କ୍ଷୁଦ୍ର ଏକାଙ୍କିକା। ତନ୍ମଧ୍ୟରେ ବିଭିନ୍ନ ପ୍ରକାରର ସୃଷ୍ଟି ନିର୍ମିତ ହେବା ସଙ୍ଗେ ସଙ୍ଗେ ଐତିହାସିକ ଓ ଦାର୍ଶନିକ ଭାବର ଉନ୍ମେଷ ସୂଚିତ ହୋଇଥାଏ। ଫକୀରମୋହନଙ୍କ ମୃତ୍ୟୁରେ ଶୋକାଭିଭୂତ ହୋଇ ସେ ଲେଖିଛନ୍ତି—"ହା ଫକୀରମୋହନ ! ତୁମ୍ଭର ଜ୍ଞାନ ଜ୍ୟୋତିପୂର୍ଣ୍ଣ ପ୍ରଶାନ୍ତ ମୂର୍ତ୍ତି ଅବଲୋକନ କରି ମନପ୍ରାଣ ସ୍ନିଗ୍ଧ ଓ ପବିତ୍ର ହେଉଥିଲା। ତୁମ୍ଭେ ମହର୍ଷି ରୂପେ ଉତ୍କଳରେ ପ୍ରତିଷ୍ଠିତ ଥାଇ ଜାତିର ମାନ ମହତ ବୃଦ୍ଧି କରୁଥିଲ। ଆଜି ତୁମ୍ଭଙ୍କୁ ହରାଇ ଆଶା ଓ ନୈରାଶ୍ୟର ଅନାହ୍ଲାଦନୀୟ ବିବାଦରେ ହୃଦୟ କମ୍ପିତ ହେଉଅଛି।" × × ×

'ସ୍ୱର୍ଗୀୟ କାଶୀନାଥ ପଣ୍ଡା' ଗଙ୍ଗାଧରଙ୍କର ଏକ ଆଦର୍ଶ ପ୍ରବନ୍ଧ। ସମ୍ବଲପୁର ଜିଲ୍ଲାର ପଲ୍ଲୀ ଗ୍ରାମ ଲରମ୍ବାରେ ତାଙ୍କର ପ୍ରତିକୃତି ଉନ୍ମୋଚନ ଉତ୍ସବରେ ଗଙ୍ଗାଧରଙ୍କର ପ୍ରଦତ୍ତ ଭାଷଣ ହିଁ ପ୍ରବନ୍ଧର ବିଷୟବସ୍ତୁ।

"ଏହାକି ପୃଥିବୀର ଶବ୍ଦ" ? ପ୍ରବନ୍ଧଟି ୧୩୦୭ ଉତ୍କଳ ସାହିତ୍ୟ ସପ୍ତମ ସଂଖ୍ୟାରେ ପ୍ରକାଶିତ ହୋଇ ଖ୍ୟାତି ଲାଭ କରିଥିଲା। "କୌଣସି ନିର୍ଜନ ନିସ୍ତବ୍ଧ ସ୍ଥାନରେ ଅବା ଜୀବ କୋଳାହଳ ଶୂନ୍ୟ ପ୍ରାନ୍ତରରେ ଏବଂ ସର୍ବଦା ସର୍ବସ୍ଥାନରେ ନିଶୀଥ ସମୟରେ ଯେ, ଏକ ନିରବଚ୍ଛିନ୍ନ 'ସାଇଁ ସାଇଁ' ଶବ୍ଦ ଶ୍ରୁତି ପଥରେ ପ୍ରବେଶକରେ, ସେ ଶବ୍ଦ କାହାର ? × × × ଏହାକି ପୃଥିବୀର ଶବ୍ଦ ? ଉକ୍ତ ପ୍ରବନ୍ଧଟି ମେହେରଙ୍କର ବିଜ୍ଞାନ ସମ୍ପର୍କୀୟ ଏକ ଅନୁଶୀଳନ।

"ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ" ମଧ୍ୟ କବିଙ୍କର ଏକ ଉଚ୍ଚକୋଟୀର ପ୍ରବନ୍ଧ। ଏଥିରେ ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀର ଚରିତ୍ର ପ୍ରତି ସମାଲୋଚନା କରାଯାଇଛି। ଶିକ୍ଷାଭିମାନୀ ସର୍ବଦା ବ୍ୟଙ୍ଗ ବା ବିଦ୍ରୂପର ପାତ୍ରହୁଏ। ଆଜିର ସମାଜରେ ଏହିଭଳି ଶିକ୍ଷାଭିମାନୀ ବ୍ୟକ୍ତି ବହୁଳଭାବରେ ପରିଲକ୍ଷିତ ହୁଅନ୍ତି। ଉକ୍ତ ପ୍ରବନ୍ଧଟିରେ କବି ସମାଜ ପ୍ରତି ସଂସ୍କାରକାମୀ ମନୋବୃତ୍ତିର ପରିଚୟ ଦେଇଛନ୍ତି।

ଗଙ୍ଗାଧର ମେହେର ଗଦ୍ୟ ଆକାରରେ କୌଣସି ପୁସ୍ତକ ରଚନା କରିନଥିଲେ ମଧ୍ୟ ଏହି କେତୋଟି ପ୍ରବନ୍ଧ ତାଙ୍କ କୃତିତ୍ୱର ପରିଚୟ ପ୍ରଦାନ କରିଥାଏ।

□□□

Digitized by srujanika@gmail.com

ମେହେରଙ୍କ ଆଦ୍ୟପ୍ରୟାସ—ଇନ୍ଦୁମତୀ

ଦାରିଦ୍ର୍ୟ ନିଷ୍ପେଷିତ ଦୁର୍ବିସହ ଅବସ୍ଥାଭୁକ୍ତ ଚିରକାଙ୍ଗାଳ ମେହେରଙ୍କ ଜୀବନ ଇତିହାସ ପଠନ କଲେ ପାଠକ-ପାଠିକାଙ୍କ ହୃଦୟରେ ତାଙ୍କ ପ୍ରତି ସ୍ୱତଃ ଅନୁକମ୍ପା ଜାଗ୍ରତ ହୋଇଥାଏ । କବିଙ୍କ ପୁସ୍ତକ ଆଲୋଚନା ସମୟରେ ତାଙ୍କର ଦାରିଦ୍ର୍ୟକୁ ଅକ୍ଷି ଆଗରେ ରଖି ଆଲୋଚକ ବିଷୟବସ୍ତୁର ମୂଲ୍ୟ ନିର୍ଣ୍ଣୟ କରିଥାନ୍ତି । ଗଙ୍ଗାଧର ସ୍କୁଲ ଛାଡ଼ିବା ପରଠାରୁ କାବ୍ୟ କବିତା ରଚନା ଉପରେ ମନୋନିବେଶ କରିଛନ୍ତି । ସେ ସମୟରେ କବିବର ରାଧାନାଥ ସାହିତ୍ୟ ଗୋଷ୍ଠୀଙ୍କ ସଂଖ୍ୟା ଅତ୍ୟଳ୍ପ ଥିବାରୁ ବେଶି ସଂଖ୍ୟକ ପୁରାତନ ପନ୍ଥୀ ପାଠକପାଠିକା ମଧ୍ୟଯୁଗୀୟ କାବ୍ୟ-ସାହିତ୍ୟକୁ ପ୍ରଶଂସା କରୁଥିବାର ସ୍ପଷ୍ଟ ପ୍ରମାଣିତ ହୋଇଥାଏ । କେବଳ ସୂର୍ଯ୍ୟକୁମାର ମିଶ୍ରଙ୍କ ସଂସ୍ପର୍ଶରେ ଆସି ଗଙ୍ଗାଧର ଆଧୁନିକ ପରିବେଶ ଆଡ଼କୁ ମନୋନିବେଶ କରିଛନ୍ତି । ଦୁଃଖ ଦୈନ୍ୟ ମଧ୍ୟରେ କାଳାତିପାତ କରି ସୁଦ୍ଧା କବିଙ୍କର ମନ କାବ୍ୟକବିତା ରଚନାପ୍ରତି ଆକୃଷ୍ଟ ହୋଇଛି । ସେ ୨୨।୨୩ ବର୍ଷ ବୟସରେ ଇନ୍ଦୁମତି କାବ୍ୟ ରଚନା କରିଛନ୍ତି । ଇନ୍ଦୁମତୀ କାବ୍ୟର କଥାବସ୍ତୁ ରଘୁବଂଶ ୫ମ ସର୍ଗ ୩୯ ଶ୍ଳୋକରୁ ଆରମ୍ଭକରି ୮ମ ସର୍ଗର ଶେଷପର୍ଯ୍ୟନ୍ତ କବି ଗଙ୍ଗାଧର ଗ୍ରହଣ କରିଛନ୍ତି । ଇନ୍ଦୁମତୀଙ୍କର ସ୍ୱୟମ୍ବର ସଭାକୁ ଅଜଙ୍କର ଆଗମନ (୫ମ ସର୍ଗ) ଇନ୍ଦୁମତୀଙ୍କର ସ୍ୱୟମ୍ବର ସଭାର ବର୍ଣ୍ଣନା (୬ଷ୍ଠ ସର୍ଗ) ଇନ୍ଦୁମତୀଙ୍କର ବିବାହ (୭ମ ସର୍ଗ) ଇନ୍ଦୁମତୀଙ୍କର ମୃତ୍ୟୁ (୮ମ ସର୍ଗ) ଆଦି ଘଟଣାଗୁଡ଼ିକରେ ମେହେର କାଳିଦାସଙ୍କ କଥାବସ୍ତୁରେ କେତେକ ନୂତନ ରୂପ ପ୍ରବର୍ତ୍ତନ କରି ସାହିତ୍ୟ ଜଗତରେ ପୂଜ୍ୟ ହୋଇପାରିଛନ୍ତି । କେତେକ ସ୍ଥାନରେ ମୂଳ ଶ୍ଳୋକର ଶବ୍ଦକୁ ଗ୍ରହଣ କରିଥିଲା ବେଳେ କେତେକ ସ୍ଥାନରେ ପୂର୍ଣ୍ଣ ବର୍ଜ୍ଜନ କରି କାବ୍ୟର ଶୋଭା ନଷ୍ଟ କରିଛନ୍ତି । ଇନ୍ଦୁମତୀ କାବ୍ୟ ପାଠକରି କବିବର ରାଧାନାଥ ଓ ପଲ୍ଲୀକବି ନନ୍ଦକିଶୋର ମେହେରଙ୍କର ରଚନାଶୈଳୀର ଭୂୟସୀ ପ୍ରଶଂସା କରିଛନ୍ତି ।

ବିଦର୍ଭାଧିପତି ତାଙ୍କ ଅନୁଜା ଇନ୍ଦୁମତୀଙ୍କର ସ୍ୱୟମ୍ବର ସଭା ଆୟୋଜନ କରିଛନ୍ତି । ଅନେକ ଦେଶରୁ ନୃପକୁମାରବୃନ୍ଦ ଉକ୍ତ ସଭାକୁ ଆହୂତ ହୋଇ ଆସିଛନ୍ତି । ଜେମାଙ୍କୁ ସୁବେଶ କରିବା ନିମିତ୍ତ ସଖୀବୃନ୍ଦ ଚନ୍ଦନ, କସ୍ତୁରୀ, ପୁଷ୍ପମାଳାରେ ସୁସଜ୍ଜିତା କରି ନାନା ରଙ୍ଗରେ ରଞ୍ଜିତ ପାଟଶାଢ଼ୀ ପିନ୍ଧାଇ ସଭାସ୍ଥଳକୁ ଆନୟନ କରିଛନ୍ତି । ଇନ୍ଦୁମତୀ ହସ୍ତରେ ବରମାଲ୍ୟଧରି ସଖୀ ସୁନନ୍ଦାଙ୍କ ସହିତ ପ୍ରଥମେ ମଗଧ ରାଜାଙ୍କ ପାଖକୁ ଆଣିଛି । ସଖୀ ସୁନନ୍ଦା ମଗଧ ରାଜାଙ୍କର ସମସ୍ତ ପରିଚୟ କରାଇବା ପରେ ଇନ୍ଦୁମତୀ ସେହି ରାଜାଙ୍କ ପ୍ରତି ଯେଉଁ ତାଚ୍ଛଲ୍ୟ ପ୍ରକାଶ କରିଛନ୍ତି ତାହା ଏଠାରେ ଦ୍ରଷ୍ଟବ୍ୟ—

"ମୁହଁ ମୋଡ଼ି ଦେଇ   ସେଠାରୁ ଗମନ
କଲା ସେ ଗଜଗାମିନୀ

Digitized by srujanika@gmail.com

ନିଶାକର ଠାରେ   କେବେ କି ପ୍ରସନ୍ନା
ହୋଇଅଛି କମଳିନୀ" ?

ଏଠାରେ ବକ୍ତବ୍ୟ ଯେ, ଇନ୍ଦୁମତୀ ବେଶ ପରିବେଶ ପୂର୍ବକ ସ୍ୱୟମ୍ବର ସଭାକୁ ଆସିବା ବେଳେ ନୃପକୁମାରମାନଙ୍କ ଚରିତ୍ର ଚଞ୍ଚଳତା ତଥା ବିବିଧ ଶୃଙ୍ଗାର ସଙ୍କେତ ଆଦି କବିଙ୍କ ଲେଖନୀରେ ପ୍ରତିଫଳିତ ହୋଇ ନାହିଁ । ଏହା କାଳିଦାସଙ୍କ ଲେଖନୀରେ କମନୀୟ ରୂପ ଲାଭକରି କାବ୍ୟକୁ ରସବନ୍ତ କରିଛି । ପ୍ରକୃଷ୍ଟ କମଳିନୀ ନିଶାକରଠାରେ ପ୍ରସନ୍ନ ନ ହୋଇ-ପାରେ; କିନ୍ତୁ ମୁହଁ ମୋଡ଼ି ଦେଇ ଜଣେ ରାଜକୁମାର ପାଖରୁ ଅନ୍ୟ ଜଣେ ରାଜକୁମାର ପାଖକୁ ଯିବା ରାଜକୁମାରୀଙ୍କର ସୌଜନ୍ୟୋଚିତ ବ୍ୟବହାର ନୁହେଁ । କିନ୍ତୁ ରଘୁବଂଶର (୬/୨୫) ଶ୍ଳୋକରେ ଇନ୍ଦୁମତୀ ସରଳ ପ୍ରଣାମ କରି ନୀରବ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହିମାନରେ ଏକ ରାଜକୁମାର ପାଖରୁ ଅନ୍ତର୍ହିତ ହୋଇ ଯେତେବେଳେ ଇନ୍ଦୁମତୀ ସୁନନ୍ଦାଙ୍କ ସହିତ ଅଜଙ୍କ ସମ୍ମୁଖରେ ପହଞ୍ଚିଛନ୍ତି ସେତେବେଳେ ରାଜକୁମାରୀ ଇନ୍ଦୁମତୀ ଲଜ୍ଜା ପରିତ୍ୟାଗ କରି ପ୍ରସ୍ଫୋଟିତପ୍ରଫୁଲ୍ଲ ନୟନକଟାକ୍ଷ ଦ୍ୱାରା ସୁନନ୍ଦାଙ୍କୁ ବରଣମାଳା ପ୍ରଦାନ କରିଛନ୍ତି । ଏଠାରେ ରଘୁବଂଶର (୬/୮୦ ଓ ୮୧) ଶ୍ଳୋକ ଦ୍ରଷ୍ଟବ୍ୟ । ମେହେର ସୁନନ୍ଦାଙ୍କ ଦ୍ୱାରା ଅଜଙ୍କ ପରିଚୟ କରାଇଦେବା ପରେ ଇନ୍ଦୁମତୀ ନିଜର ପ୍ରେମାଭିଳାଷ ଯେପରି ପ୍ରକାଶ କରିଛନ୍ତି ତାହା ଅବଶ୍ୟ ହୃଦୟସ୍ପର୍ଶୀ ହୋଇଛି । କିନ୍ତୁ କାଳିଦାସଙ୍କ କଳ୍ପନାବିଳାସ ଅତିନ୍ଦ୍ରିୟ ସୌନ୍ଦର୍ଯ୍ୟ ବୋଧ, ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ମେହେରଙ୍କ ଦୃଷ୍ଟିଭଙ୍ଗୀଠାରୁ ସ୍ୱତନ୍ତ୍ର ଓ ଉଚ୍ଚକୋଟୀର । ଇନ୍ଦୁମତୀଙ୍କୁ ଘେନି ଅଜ ନିଜରାଜ୍ୟ ଅଭିମୁଖେ ଯାତ୍ରା କଲାବେଳେ ସ୍ୱୟମ୍ବର ସଭାରେ ଅପମାନିତ ରାଜକୁମାରମାନେ ତାଙ୍କୁ ଆକ୍ରମଣ କରିଛନ୍ତି । ମାତ୍ର ଅଜ ପ୍ରସ୍ୱାପନ ବାଣଦ୍ୱାରା ଶତ୍ରୁମାନଙ୍କୁ ନିଦ୍ରାଭିଭୂତ କରି ଇନ୍ଦୁମତୀଙ୍କ ସହିତ ନିଜ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଅଜଙ୍କର ଏହି ବାଣ ପ୍ରାପ୍ତି ବିଷୟ (୫/୫୭) ଶ୍ଳୋକରେ ନିହିତ । ଡକ୍ଟର ନଟବର ସାମନ୍ତରାୟଙ୍କ "ଗଙ୍ଗାଧରଙ୍କ ସାହିତ୍ୟ ସମୀକ୍ଷା" ପୁସ୍ତକରେ ଇନ୍ଦୁମତୀ ଶୀର୍ଷକ ଆଲୋଚନାରେ 'ପ୍ରସ୍ୱାପନ ବାଣ' ଉପରେ କୌଣସି ଧାରଣା ପାଠକର ନ ଆସିବା ସ୍ୱତଃ ସ୍ୱୀକାର୍ଯ୍ୟ ।

ଏହିପରି ଭାବରେ କିଛିକାଳ କଟିଯାଇଛି । ଅଯୋଧ୍ୟାପତି ଅଜଙ୍କୁ ରାଜ୍ୟଭାର ଅର୍ପଣ କରି ବାନପ୍ରସ୍ଥ ଗ୍ରହଣ କରିଛନ୍ତି । ଅଜ ଓ ଇନ୍ଦୁମତୀଙ୍କ ଦାମ୍ପତ୍ୟଜୀବନ ସୁଖ ସ୍ୱାଚ୍ଛନ୍ଦ୍ୟରେ ଅତିବାହିତ ହେଉଥିଲା ବେଳେ ଇନ୍ଦୁମତୀଙ୍କର ଗର୍ଭସଞ୍ଚାର ହୋଇଛି । ଯଥାସମୟରେ ଅଜ ପୁତ୍ରରତ୍ନ ଲାଭ କରିଛନ୍ତି । ଏହି ନବଜାତ କୁମାରଙ୍କର ରଥ ଦଶଦିଗକୁ ଗମନ କରିବ ଭାବି ରାଜା ତାଙ୍କର ନାମ ଦଶରଥ ରଖିଛନ୍ତି । ଦିନେ ଅଜ ଓ ଇନ୍ଦୁମତୀ ପୁଷ୍ପୋଦ୍ୟାନରେ ଭ୍ରମଣ କରୁଥିବା ବେଳେ ସ୍ୱର୍ଗଚ୍ୟୁତ ପୁଷ୍ପହାରଟିଏ ଇନ୍ଦୁମତୀଙ୍କର ବକ୍ଷସ୍ଥଳରେ ପଡ଼ିଛି । ସେହି ସ୍ୱର୍ଗଚ୍ୟୁତ ଦିବ୍ୟ କୁସୁମହାର ସନ୍ଦର୍ଶନ କରିବା ମାତ୍ରେ ଇନ୍ଦୁମତୀଙ୍କର ପ୍ରାଣପକ୍ଷୀ ଉଡ଼ିଯାଇଛି । କେବଳ ମାଟିପିଣ୍ଡ ହିଁ ଧରା ବକ୍ଷରେ ପଡ଼ିରହିଛି । ଋତୁରାଜବସନ୍ତର ଯାଦୁକାଠି ସ୍ପର୍ଶରେ ସମଗ୍ରଜଗତ ଉଲ୍ଲସିତ ହେଉଥିଲା ବେଳେ ଇନ୍ଦୁମତୀଙ୍କ ବିଦାୟ ବେଦନା ଅଜଙ୍କ ପ୍ରାଣତନ୍ତ୍ରୀରେ ଗମ୍ଭୀର ଆଲୋଡ଼ନ ସୃଷ୍ଟି କରିଛି । ଏହି ଦାରୁଣ ସମ୍ବାଦ ଶ୍ରବଣ କରି ରାଜକନ୍ୟାବର୍ଗ

Digitized by srujanika@gmail.com

ଇନ୍ଦୁମତୀଙ୍କ ମରଶରୀର ଅଜଙ୍କ କୋଳରୁ ଛଡ଼ାଇ ନେଇ ଚନ୍ଦନ ସମିଧ ବିରଚିତ ଚିତାଗ୍ନିରେ ପୋଡ଼ି ପାଉଁଶ କରି ଦେଇଛନ୍ତି । ହେଲେ ଅଜଙ୍କ ଶରୀର ଦିନକୁଦିନ କ୍ଷୀଣ ହେବାକୁ ଲାଗିଛି । କୁଳଗୁରୁ ମୁନି ବଶିଷ୍ଠ ଅଜଙ୍କୁ ପ୍ରବୋଧନା ଦେବା ପାଇଁ ଜନୈକ ଶିଷ୍ୟଙ୍କୁ ତାଙ୍କ ନିକଟକୁ ପଠାଇ ଇନ୍ଦୁମତୀଙ୍କର ଜନ୍ମ ରହସ୍ୟ ପ୍ରକାଶ କରିଛନ୍ତି । ଇନ୍ଦ୍ରଙ୍କ ଆଦେଶରେ ତପସ୍ୱୀ ତୃଣବିନ୍ଦୁଙ୍କ ତପଭଙ୍ଗ ପାଇଁ ଏକ ଅପ୍ସରା ପ୍ରୟାସ କଲାବେଳେ ମୁନିଙ୍କ ଅଭିଶାପରେ ମର୍ତ୍ତ୍ୟରେ ମାନୁଷୀ ରୂପରେ ଇନ୍ଦୁମତୀ ଜନ୍ମଗ୍ରହଣ କରିଛନ୍ତି । ଅଭିଶାପରୁ ମୁକ୍ତ ପାଇବା ପାଇଁ ଅପ୍ସରା ମୁନିଙ୍କୁ ପ୍ରାର୍ଥନା କଲାରୁ ତପସ୍ୱୀ ନାରଦଙ୍କ ବୀଣାଗ୍ରରୁ କୁସୁମ ମାଳ ଖସି ତାଙ୍କ ବକ୍ଷସ୍ଥଳରେ ପଡ଼ିଲେ ତାହା ଦର୍ଶନ କରିବା ମାତ୍ରେ ତାଙ୍କର ମାନୁଷୀତନୁ ମର୍ତ୍ତ୍ୟରୁ ତ୍ୟାଗ କରିବ ତାହା ଦର୍ଶାଇଛନ୍ତି । ସେହି ଅଭିଶପ୍ତା ଅପ୍ସରା ଇନ୍ଦୁମତୀ ଭିନ୍ନ ଅନ୍ୟ କେହି ନୁହେଁ । ଋଷି ଶିଷ୍ୟଙ୍କ କଥାରେ ଅଜଙ୍କର ଅନ୍ତରାତ୍ମା ପରିତୃପ୍ତ ହୋଇନାହିଁ । ସେ ପୁତ୍ର ଦଶରଥଙ୍କୁ ରାଜ୍ୟଭାର ଅର୍ପଣ କରି ଜାହ୍ନବୀ-ସରଯୂର ସଙ୍ଗମସ୍ଥଳକୁ ଯାତ୍ରାକରି ତାଙ୍କର ମର ଶରୀରକୁ ବିସର୍ଜନ କରିଛନ୍ତି । ଏହିଠାରେ ହିଁ ଇନ୍ଦୁମତୀ କଥାବସ୍ତୁର ପରିସମାପ୍ତି ଘଟିଛି । ଈଶ୍ୱରଙ୍କ ସୃଷ୍ଟିରେ ଯାହା ଘଟିବାର କଥା ତାହା ଅବଶ୍ୟ ଘଟିବ । ଅନେକ ରୂପଲୋଭୀ ରାଜା ଓ ତପସ୍ୱୀ ଇନ୍ଦ୍ରଙ୍କ ପ୍ରେରିତ ଅପ୍ସରାଙ୍କ ରୂପ ଲାବଣ୍ୟରେ ମୁଗ୍ଧ ହୋଇ ନିଜର ବହୁମୂଲ୍ୟ ଜୀବନକୁ କଳୁଷିତ କରିଛନ୍ତି । ମେହେର ଇନ୍ଦୁମତୀ କାବ୍ୟ ରଚନା କଲାବେଳେ କବିଗୁରୁ ରାଧାନାଥଙ୍କର ପାର୍ବତୀ କାବ୍ୟର ସ୍ପଷ୍ଟ ପ୍ରତିଧ୍ୱନି ଗ୍ରହଣ କରିଥିବା କଥା ନିମ୍ନ ପଙ୍କ୍ତିରୁ ସୂଚିତ ହୋଇଥାଏ ।

"ଭବିତବ୍ୟ ଯାହା ଅବଶ୍ୟ ଘଟିବ କିଏ ତା କରିବ ଆନ ।" (ପାର୍ବତୀ)

"ଭବେ ଭବିତବ୍ୟ ଅବଶ୍ୟ ଘଟଇ
ନହୁଏ କେବେ ଅନ୍ୟଥା
ମୂଢ଼ ଜନେ ଚିନ୍ତା ତହିଁ ପାଇଁ ବୃଥା
ହୃଦେ ପୋଷୁଥାନ୍ତି ବ୍ୟଥା ।"

ଯେଉଁ ସମୟରେ ସୁରୁଚିପୂର୍ଣ୍ଣ କାବ୍ୟ କବିତା ରଚନା କରିବାର ପ୍ରୟାସ କବିମାନଙ୍କ ଚିତ୍ତକୁ ଦୋହଲାଉଥିଲା, ସେହି ସମୟରେ ମେହେର ରଚନା କରିଥିଲେ ଇନ୍ଦୁମତୀ । ମନେହୁଏ କବିବର ରାଧାନାଥ କାବ୍ୟର ଅଭିନବ ଭାଷା ଓ ଭାବରେ ସନ୍ତୁଷ୍ଟ ହୋଇଥିବେ । କିନ୍ତୁ ଏ ଅଭିମତ ତତ୍କାଳୀନ ପାଠକପାଠିକାଙ୍କ ଚିତ୍ତର ପ୍ରତୀକ ସ୍ୱରୂପ ହୋଇପାରିଥାଏ । କିନ୍ତୁ ମହାକବି କାଳିଦାସଙ୍କ ସୂକ୍ଷ୍ମ ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ଧ୍ୱନି ଗର୍ଭିତ ସନ୍ଦେଶ, ତୁଙ୍ଗ କବି କଳ୍ପନା, ସୂତୀକ୍ଷ୍ଣ ସୌନ୍ଦର୍ଯ୍ୟବୋଧ ଭାଷା ଓ ଭାବ, କାବ୍ୟିକ ରସ ତଥା ବର୍ଣ୍ଣନା ପରିପାଟୀ ମେହେରଙ୍କ ଇନ୍ଦୁମତୀରେ ନାହିଁ । ମାତ୍ର, 'ରଘୁବଂଶ'କୁ ସମ୍ମୁଖରେ ରଖି ତାହାର ଭାବ ଓ ଭାଷାର ପ୍ରାଞ୍ଜଳ ଅର୍ଥ ପ୍ରକାଶ କରି କାବ୍ୟ ରଚନାରେ ବ୍ରତୀ ହୋଇ ଯେଉଁ ଶବ୍ଦଶିଳ୍ପ ଓ ସ୍ୱଚ୍ଛନ୍ଦ କବିତ୍ୱ ପ୍ରକାଶ କରିଛନ୍ତି ତାହା ତାଙ୍କୁ ଯୁଗେ ଯୁଗେ ଅମର କରି ରଖିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

□□□

Digitized by srujanika@gmail.com

ଉତ୍କଳଲକ୍ଷ୍ମୀ

ଓଡ଼ିଆ ସାହିତ୍ୟରେ ଇନ୍ଦ୍ରଧନୁ ଓ ବିଜୁଳି ବିବାଦର ଶେଷ ମୁହୂର୍ତ୍ତରେ ମେହେରଙ୍କ 'ଉତ୍କଳଲକ୍ଷ୍ମୀ' ଅର୍ଥାତ୍ ୧୭-୮-୯୪ରେ ବିଜୁଳି ବନ୍ଦ ହେବାର ଘୋଷଣା ପରେ ୨୪-୮-୯୪ ରେ ରାଧାନାଥ ସଂଶୋଧନ କରିଥିବା କଥା ବିଭିନ୍ନ ଆଲୋଚନା ପୁସ୍ତକରେ ସୂଚିତ ହୋଇଥାଏ । ରାଧାନାଥଙ୍କ ସାହିତ୍ୟିକ ଗୋଷ୍ଠୀ ବିଜୁଳିର ସପକ୍ଷରେ ଗଲାବେଳେ ଭଞ୍ଜଙ୍କ ସମର୍ଥକମାନେ 'ଇନ୍ଦ୍ରଧନୁ'ର ସ୍ୱର ଉତ୍ତୋଳନ କଲେ । ବାମଣ୍ଡା ରାଜଦରବାର ଥିଲା ଆଧୁନିକ ସାହିତ୍ୟ ଚର୍ଚ୍ଚାର ପ୍ରଧାନ ପୀଠ ଓ ବାମଣ୍ଡା ଦରବାର ପ୍ରେସରୁ 'ବିଜୁଳି' ଆତ୍ମପ୍ରକାଶ କରୁଥିବାବେଳେ ଭଞ୍ଜ ସାହିତ୍ୟର ପକ୍ଷ ସମର୍ଥନକାରୀ ବୃନ୍ଦ କଟକରୁ 'ଇନ୍ଦ୍ରଧନୁ' ପ୍ରକାଶ କରୁଥିଲେ । ପ୍ରକୃତରେ 'ଇନ୍ଦ୍ରଧନୁ' (୧୭-୫-୯୩) ଓ ବିଜୁଳି (୧୭-୫-୮୯୩)ର ବିବାଦ ସମୟର ଶେଷକୁ ଉତ୍କଳଲକ୍ଷ୍ମୀ ରଚିତ ହୋଇସାରିଥିଲା । 'ଇନ୍ଦୁମତୀ' ରଚନା ପାଠ କରି ରାଧାନାଥ 'ଉତ୍କଳଲକ୍ଷ୍ମୀ' ରଚନା କରିବାକୁ ଗଙ୍ଗାଧରଙ୍କୁ ପ୍ରେରଣା ଦେଇଥିବା ସ୍ପଷ୍ଟ ସୂଚୀତ ହୋଇଥାଏ । ଉତ୍କଳର ପ୍ରାକୃତିକ ବିଭବ ସ୍ୱରୂପ ଗିରିବନ କାନ୍ତାର କନ୍ଦର, ନଦନଦୀ ଆଦି ରାଧାନାଥଙ୍କ ରଚନାରେ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ । 'ଉତ୍କଳଲକ୍ଷ୍ମୀ'ରେ ଗଙ୍ଗାଧରଙ୍କର ପ୍ରାକୃତିକ ବର୍ଣ୍ଣନା ଉପଲବ୍ଧ ହୋଇଥିଲେହେଁ ଏ ବର୍ଣ୍ଣନା ପ୍ରକୃତରେ ରାଧାନାଥଙ୍କର ବୋଲି ଆଲୋଚକବୃନ୍ଦ ମତପ୍ରକାଶ କରିଥାନ୍ତି ।

ମାର୍ଗଶିର ମାସ । ପୂର୍ଣ୍ଣିମା ରଜନୀ । ଅର୍ଦ୍ଧରାତ୍ର ସମୟରେ ପ୍ରଜ୍ଞାଦେବୀ କବିଙ୍କୁ ଉତ୍କଳର ଗୂଢ଼ ରହସ୍ୟ ଦେଖାଇବା ପାଇଁ ନେଇଯାଇଛନ୍ତି । ପ୍ରଥମେ ଗୋଟିଏ ମନ୍ଦିରରେ ଜଣେ ଯୁବକ (ଚନ୍ଦ୍ର) ଅନ୍ୟ ଜଣେ କାନ୍ଦୁଥିବା ଯୁବତୀ (ରୋହିଣୀ)କୁ ସେମାନେ ଦେଖିଛନ୍ତି । ଚନ୍ଦ୍ର (ରାମଚନ୍ଦ୍ର) ମୟୂରଭଞ୍ଜ ମହାରାଜା ଓ ରୋହିଣୀ ଉତ୍କଳ ପ୍ରଜା ରୂପରେ ପୃଥିବୀରେ ଜନ୍ମ ହେବାର ବୃତ୍ତାନ୍ତ କବି ସେମାନଙ୍କଠାରୁ ଶୁଣିବାକୁ ପାଇଛନ୍ତି ।

"କାବ୍ୟହିଁ ଗଲେଣି କାବ୍ୟ ରଚିବାକୁ ରାଧାନାଥ ନାମ ବହି
ତାହାଙ୍କ ଭାରତୀ-ବଳେ ହେବ ଖ୍ୟାତ ଭାରତେ ଉତ୍କଳ ମହୀ ।"

ଏଠାରେ "କାବ୍ୟ ହିଁ ଗଲେଣି କାବ୍ୟ ରଚିବାକୁ ରାଧାନାଥ ନାମ ବହିରେ"— 'କାବ୍ୟ' ଡାକ ରାଧାନାଥଙ୍କ ଠାରେ ପ୍ରଯୁକ୍ତ । ରାଧାନାଥଙ୍କ ସାହିତ୍ୟର ବୈଶିଷ୍ଟ୍ୟ ହେଉଛି ଉତ୍କଳର ପ୍ରକୃତି ଚିତ୍ରଣ । "ମହାଯାତ୍ରା"ର 'ଅଗ୍ନିଦେବ' ଓ 'ଉତ୍କଳଲକ୍ଷ୍ମୀ'ର ପ୍ରଜ୍ଞାଦେବୀ ଏ ଉଭୟଙ୍କର କାର୍ଯ୍ୟ ପ୍ରାୟ ସମାନ । କିନ୍ତୁ 'ମହାଯାତ୍ରା'ର ଅଗ୍ନିଦେବ କାବ୍ୟର ପ୍ରଥମାର୍ଦ୍ଧରେ ସକ୍ରିୟ ଅଂଶ ଗ୍ରହଣ କରିଥିବାବେଳେ 'ଉତ୍କଳଲକ୍ଷ୍ମୀ'ରେ ପ୍ରଜ୍ଞାଦେବୀ ଦୁର୍ବଳ । ଅସମ୍ପୂର୍ଣ୍ଣ 'ଉତ୍କଳଲକ୍ଷ୍ମୀ'ର ପ୍ରକାଶକ ଥିଲେ ସୂର୍ଯ୍ୟକୁମାର ମିଶ୍ର । ୧୮୯୭ ସାଲ ଜାନୁଆରୀ ୧ ତାରିଖରେ 'ହିତୈଷିଣୀ'—ଉତ୍କଳଲକ୍ଷ୍ମୀ ଗୋଟିଏ ଅସମ୍ପୂର୍ଣ୍ଣ କାବ୍ୟ ବୋଲି ପ୍ରଥମେ ଘୋଷିତ

Digitized by srujanika@gmail.com

ହୋଇଥିଲା । ପୁଣି ତାହା ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇ ୧୯୧୪ ମସିହାରେ ଲୋକଲୋଚନକୁ ଆସିଲା । କବିଙ୍କ କଳ୍ପନାରେ ଉତ୍କଳଲକ୍ଷ୍ମୀ ଏକ ଲାବଣ୍ୟମୟୀ ନାରୀ । ଅଙ୍ଗ ତା'ର ପ୍ରାକୃତିକ ସୁଷମା ବିମଣ୍ଡିତ । ତା'ର ବାସ ପାଇଁ ରହିଛି ତୁଙ୍ଗ ସୁନ୍ଦର ଶୈଳ ଶିଖର । ତମ୍ମୂଳେ ଭୂଖଣ୍ଡରେ ପ୍ରିୟ ମୃଗମୃଗୀମାନେ ନିର୍ଭୟରେ ଭ୍ରମଣରତ । ମତ୍ତ ମାତଙ୍ଗ ଓ ଧେନୁପଲ ଦଳ ଦଳ ହୋଇ ନବଦୂର୍ବାଦଳ ଶ୍ୟାମଳ ବୁକୁରେ ବିଚରଣ କରୁଛନ୍ତି । ଏହିପରି ଉତ୍କଳଲକ୍ଷ୍ମୀଙ୍କର ବିଭିନ୍ନ ଅଙ୍ଗାଭରଣ ରୂପରେ ଚିତ୍ରିତ । 'ଉତ୍କଳଲକ୍ଷ୍ମୀ'ରେ ଉତ୍କଳର ସାଧାରଣ ଦୃଶ୍ୟ ବର୍ଣ୍ଣିତ । କବିଙ୍କ ରଚନା ସ୍ଥାନେ ସ୍ଥାନେ ଖୁବ୍ ସୁନ୍ଦର ଓ ମଧୁର ହୋଇଛି ବୋଲି ଜଣାପଡ଼ୁଥାଏ । 'ଉତ୍କଳଲକ୍ଷ୍ମୀ' ଭୂମିକାରେ କବି ଲେଖିଛନ୍ତି—"ପୁରାତନ ଅଂଶରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ନୂତନ ଅଂଶରେ ଉଲ୍ଲେଖ ହୋଇଥିବା କେତେକ ପର୍ବତାଦିର ନାମ ତତ୍କାଳ ଗେଜେଟିଅରରୁ ସଂଗୃହୀତ ହୋଇଛି ।"

□□□

କୀଚକ ବଧ

ଓଡ଼ିଆ ସାହିତ୍ୟକୁ ସ୍ୱଭାବକବି ଗଙ୍ଗାଧରଙ୍କର ଦାନ ଅବିସ୍ମରଣୀୟ । ୧୮୯୭ ସାଲ ଜାନୁଆରି ୧ ତାରିଖରେ "ହିତୈଷିଣୀ" ଯେତେବେଳେ ସମାଲୋଚନା କଲା—'ଉତ୍କଳଲକ୍ଷ୍ମୀ' ଏକ ଅସମ୍ପୂର୍ଣ୍ଣ କାବ୍ୟ ବୋଲି ସେତେବେଳେ ଗଙ୍ଗାଧର ନିରୁତ୍ସାହ ହୋଇ ଦୀର୍ଘ ଅଠବର୍ଷ ପର୍ଯ୍ୟନ୍ତ ଲେଖନୀ ଚାଳନା ବନ୍ଦ କରିଥିଲେ । ତାଙ୍କ ରଚିତ କାବ୍ୟ କବିତା ଆଦିରେ ନୂତନ କଥାବସ୍ତୁର ସଂଯୋଜନା, ନୂତନ ଛନ୍ଦ ଓ ବର୍ଣ୍ଣନାର ଅପୂର୍ବ ସମାବେଶ ଅର୍ଥାଲଙ୍କାର ଓ ଶବ୍ଦ ଯୋଜନାର ଚମତ୍କାରିତା ବାସ୍ତବିକ୍ କବିଙ୍କୁ ଜଣେ ଯୁଗାନ୍ତକାରୀ ସ୍ରଷ୍ଟା ରୂପେ ଅଭିହିତ କରିଥାଏ । ତାଙ୍କର ପ୍ରକୃତି ଚିତ୍ରଣ ବାସ୍ତବିକ୍ ମୌଳିକ ଓ ଅର୍ବାଚୀନ । ନୂତନ ସାହସ ଓ ଉଦ୍ଦୀପନା ନେଇ ୧୯୦୪ ମସିହାରେ ଯେତେବେଳେ "କୀଚକ ବଧ" ଆତ୍ମପ୍ରକାଶ କଲା, କାବ୍ୟର ବର୍ଣ୍ଣନା ପାଟବ, ବିଷୟବସ୍ତୁର ଅପୂର୍ବ ସମାବେଶ ପାଠକଙ୍କୁ ପୁଣି ପ୍ରଲୁବ୍ଧ କଲା । "କୀଚକ ବଧ" ହେଉଛି ମେହେରଙ୍କ କବି ପ୍ରତିଭାର ଏକ ଜ୍ୱଳନ୍ତ ନିଦର୍ଶନ । ସାରଳା ଦାସଙ୍କ ମହାଭାରତରୁ କୀଚକ ବଧର ଆଖ୍ୟାନକୁ ଗ୍ରହଣ କରି ବିଭିନ୍ନ ସର୍ଗରେ ରଚନା କଲେ "କୀଚକ ବଧ" । ସାତୋଟି ସର୍ଗ ବିଶିଷ୍ଟ କାବ୍ୟଟିରେ ପ୍ରାଚୀନ ରାଗରାଗିଣୀ ପ୍ରସଙ୍ଗ ନିୟୋଜିତ । ଉପେନ୍ଦ୍ରଭଞ୍ଜ ଓ ଅଭିମନ୍ୟୁଙ୍କ ପରି ମଧ୍ୟଯୁଗୀୟ ଶୈଳୀରେ ଦୁଇ ଅର୍ଥବୋଧକ ଶବ୍ଦ କାବ୍ୟଟିରେ ପରିଲକ୍ଷିତ । ତତ୍କାଳୀନ ସୁପ୍ରତିଷ୍ଠିତ କବି ରାଧାନାଥଙ୍କ ପ୍ରେରଣାରେ ଅହଲ୍ୟା ସ୍ତବ, ଇନ୍ଦୁମତୀ ଓ ଉତ୍କଳଲକ୍ଷ୍ମୀରେ ବଙ୍ଗଳାଶ୍ରୀ ବୃତ୍ତ ପ୍ରୟୋଗ କରି ଗଙ୍ଗାଧର ଆଦର୍ଶବାଦିତାର ପରିଚୟ ପ୍ରଦାନ କରିଛନ୍ତି ।

Digitized by srujanika@gmail.com

କବିଙ୍କର କୀଚକ ବଧ ପଠନ କରି କବିବର ରାଧାନାଥ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ନିମ୍ନରେ ଦିଆଯାଏ—

"ଗଙ୍ଗାଧର ଉଚ୍ଚ ଶ୍ରେଣୀର କବି, କି ବହିଃପ୍ରକୃତି, କି ଅନ୍ତଃପ୍ରକୃତି ଉଭୟର ଯଥାଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ । ଗ୍ରନ୍ଥାଧ୍ୟୟନ କରି ଲୋକେ ପଣ୍ଡିତ ହୋଇପାରନ୍ତି; ମାତ୍ର କବି ହେବାକୁ ହେଲେ କେବଳ ଗ୍ରନ୍ଥାଧ୍ୟୟନ ପର୍ଯ୍ୟାପ୍ତ ନୁହେଁ, ପ୍ରକୃତି ଗ୍ରନ୍ଥାଧ୍ୟୟନ ମଧ୍ୟ ଅପରିହାର୍ଯ୍ୟ ରୂପେ ଆବଶ୍ୟକ । ଗଙ୍ଗାଧର ଯେତେବେଳେ ଯାହା ଲେଖନ୍ତି ପ୍ରକୃତିକୁ ପ୍ରତ୍ୟକ୍ଷରେ ଦେଖି ଲେଖନ୍ତି । ଏହି ହେତୁରୁ ତାହାଙ୍କର ଉକ୍ତିଗୁଡ଼ିକ ଭାବପ୍ରଧାନ ନ ହୋଇ ରସପ୍ରଧାନ ହୁଏ । ଏହାର ଭୂରି ଭୂରି ପ୍ରମାଣ ତାହାଙ୍କ ରଚନାରେ ସୁଲଭ । ତାହାଙ୍କର ପ୍ରଭାତ ବର୍ଣ୍ଣନା, ସନ୍ଧ୍ୟା ବର୍ଣ୍ଣନା ଓ ଋତୁ ବର୍ଣ୍ଣନା ପ୍ରଭୃତି ବହିଃପ୍ରକୃତିର ଆଲେଖ୍ୟଗୁଡ଼ିକ ଯେମନ୍ତ ଉଜ୍ଜ୍ୱଳ ଏବଂ ମନୋହର, ତାହାଙ୍କର ମନୁଷ୍ୟ ଚରିତ୍ର ଚିତ୍ର ମଧ୍ୟ ତଦପେକ୍ଷା କୌଣସି ଅଂଶରେ ମ୍ଳାନକଳ୍ପ ନୁହେଁ । "କୀଚକ ବଧ"ରେ କୀଚକର ବୀର୍ଯ୍ୟୋନ୍ମାଦ ସୁଲଭ ଦାମ୍ଭିକତା ଏବଂ ଲମ୍ପଟତା, କୀଚକ ଦୂତୀର ଶମ୍ଭଳୀ ସୁଲଭ ନାରକୀୟ ବୃତ୍ତି, ଦ୍ରୌପଦୀଙ୍କର ସେବା ଧର୍ମର କର୍ତ୍ତବ୍ୟଜ୍ଞାନ ସହିତ ସାଧ୍ୱୀ ସୁଲଭ ଜାଗରୂକତା, ବିରାଟର ଅବିବେଚିତ ସ୍ୱାର୍ଥୈକଦର୍ଶିତା, ସୁଦେଷ୍ଣାଙ୍କର ରମଣୀସୁଲଭ କୋମଳତା ଏବଂ ଧର୍ମଭୀରୁତା ସହିତ ଅଯଥା ଭ୍ରାତୃବତ୍ସଳତା କିପରି ନୈପୁଣ୍ୟ ସହକାରେ ଚିତ୍ରିତ ହୋଇଅଛି, ସହୃଦୟ ପାଠକ ପାଠମାନେ ତାହା ବୁଝିପାରିବେ ।

(ଗଙ୍ଗାଧର ଗ୍ରନ୍ଥାବଳୀ—'କୀଚକ ବଧ' ଉପରେ ରାଧାନାଥଙ୍କ ମନ୍ତବ୍ୟ)

ବିଭିନ୍ନ ମହାଭାରତରେ କୀଚକ ବଧର ସୂଚନା :

କବିଙ୍କର କୀଚକ ବଧ ଗଳ୍ପାଂଶ ମହାଭାରତର ବିରାଟ ପର୍ବରୁ ଗୃହୀତ । ପାଣ୍ଡବମାନଙ୍କର ଅଜ୍ଞାତବାସ ସମୟରେ ବିରାଟ ରାଜ୍ୟରେ ଦ୍ରୌପଦୀଙ୍କ ସହିତ ପ୍ରବେଶ କରି ବିଭିନ୍ନ ରୂପ ଧାରଣ ପୂର୍ବକ ବିରାଟ ରାଜାଙ୍କ ପ୍ରାସାଦରେ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଏହି ସମୟରେ ବିରାଟ ରାଜାଙ୍କ ଶାଳକ ପ୍ରତାପୀ କୀଚକ ଦ୍ରୌପଦୀଙ୍କ ସହିତ ପାପାଶକ୍ତ ହୋଇ ଦ୍ରୌପଦୀଙ୍କୁ ଲାଭ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲା । ଦୁର୍ଭାଗ୍ୟକ୍ରମେ ମହାପରାକ୍ରମଶାଳୀ ଭୀମ ହସ୍ତରେ ତା'ର ନିଧନ ହୋଇଥିଲା । ଏହା ହେଉଛି କୀଚକ ବଧର କଙ୍କାଳ । ଏହି ବିଷୟବସ୍ତୁ ଆଧାରିତ ଉପାଖ୍ୟାନଟି ସାରଳା ଦାସଙ୍କ ମହାଭାରତ, ରାଜା କୃଷ୍ଣସିଂହଙ୍କ ମହାଭାରତ, ଗୋପୀନାଥ ଦାସଙ୍କ ଟୀକା ମହାଭାରତରେ ସୁସ୍ପଷ୍ଟ ।

ରାଜା କୃଷ୍ଣସିଂହଙ୍କ ମହାଭାରତ :

ରାଜା କୃଷ୍ଣସିଂହଙ୍କ କୃତ ମହାଭାରତ ବ୍ୟାସଦେବଙ୍କ ମହାଭାରତର ସାର୍ଥକ ଅନୁବାଦ । ଉକ୍ତ ଗ୍ରନ୍ଥର ବର୍ଣ୍ଣନାନୁସାରେ ପାଣ୍ଡବମାନେ ଦ୍ରୌପଦୀଙ୍କ ସହିତ ବିରାଟ ରାଜ୍ୟରେ ପ୍ରବେଶ କରି ଯୁଧିଷ୍ଠିର କଙ୍କ ନାମ ଧାରଣ ପୂର୍ବକ ରାଜସଭାରେ ନିଯୁକ୍ତ, ଭୀମ ରନ୍ଧନ

Digitized by srujanika@gmail.com

କାର୍ଯ୍ୟରେ ନିଯୁକ୍ତ, ଅର୍ଜୁନ ନପୁଂସକ ବେଶରେ ବିରାଟ ରାଜଦୁହିତା ଉତ୍ତରାର ନୃତ୍ୟ ଶିକ୍ଷକ ରୂପେ, ନକୁଳ ବିରାଟରାଜାଙ୍କ ଅଶ୍ୱଶାଳାର ଅଶ୍ୱରକ୍ଷକ ରୂପେ, ସହଦେବ ରାଜପୁରର ଗୋପାଳକ ରୂପେ, ଦ୍ରୌପଦୀ ସୈରିନ୍ଧ୍ରୀ ନାମ ଧାରଣ କରି ବିରାଟ ରାଜମହିଷୀ ସୁଦେଷ୍ଣାଙ୍କ ପରିଚାରିକା ରୂପରେ ନିଯୁକ୍ତା ହୋଇ ସ୍ୱ ସ୍ୱ କାର୍ଯ୍ୟ ସମ୍ପାଦନା କରୁଥିଲେ । ସେନେ କୀଚକ ଦ୍ରୌପଦୀଙ୍କ ରୂପରେ ପ୍ରଲୁବ୍ଧ ହୋଇ ଦ୍ରୌପଦୀଙ୍କୁ ଲାଭ କରିବା ପାଇଁ ଉଦ୍‌ଗ୍ରୀବ ହୋଇ ଭଗିନୀ ସୁଦେଷ୍ଣାଙ୍କ ନିକଟରେ ନିଜର ଅଭିଳାଷ ପୋଷଣ କଲା । ରାଜମହିଷୀ ସୁଦେଷ୍ଣା ଭାଇର ଅଭିଳାଷ ଚରିତାର୍ଥ କରିବା ପାଇଁ କୀଚକକୁ ତା'ର ବାସଭବନରେ ଏକ ଉତ୍ସବ ଆୟୋଜନର ଉପଦେଶ ଦେଇ ସୁଦେଷ୍ଣା ମଦ୍ୟପାନ ଲାଗି ଏକ ପାନପାତ୍ର ସହ କୀଚକ ନିକଟକୁ ସୈରିନ୍ଧ୍ରୀଙ୍କୁ ଯିବାକୁ ଅନୁରୋଧ କଲେ । ଏହା ପୂର୍ବରୁ ସୈରିନ୍ଧ୍ରୀ ପାପାସକ୍ତ କୀଚକର ଅଭିଳାଷ ପ୍ରତି ଅବଗତ ଥିଲେ । ସୁଦେଷ୍ଣାଙ୍କ ବାରମ୍ବାର ଅନୁରୋଧ କ୍ରମେ ସୈରିନ୍ଧ୍ରୀ ପାନପାତ୍ର ହସ୍ତରେ କୀଚକର ବାସଭବନକୁ ଯାଇଥିଲେ । ପାପାଶକ୍ତ କୀଚକ ଦ୍ରୌପଦୀର ଅପରୂପ ଲାବଣ୍ୟରେ ପ୍ରଲୁବ୍ଧ ହୋଇ , ଦ୍ରୌପଦୀଙ୍କୁ ବଳାତ୍କାରରେ ଅଟକାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ଲଜ୍ଜିତା, ଅପମାନିତା ସୈରିନ୍ଧ୍ରୀ କୀଚକର ପ୍ରତିଶୋଧ ନେବାପାଇଁ ଭୀମଙ୍କୁ ଅନୁରୋଧ ଜଣାଇଲେ । ଭୀମ ଓ ଦ୍ରୌପଦୀଙ୍କ ମନ୍ତ୍ରଣାକ୍ରମେ ବିରାଟ ସହରର ଉପକଣ୍ଠସ୍ଥ ଏକ ଅଭିସାର ସ୍ଥଳରେ ଗୋପନରେ ଗଭୀର ତମିସ୍ରାର ନିର୍ଜନ କୋଳରେ ଭୀମ ଛଦ୍ମବେଶରେ ନାରୀ ରୂପରେ କୀଚକକୁ ଶାସ୍ତି ଦେବାର ସ୍ଥିରୀକୃତ ହେଲା । ଏହି ମନ୍ତ୍ରଣାନୁସାରେ ସୈରିନ୍ଧ୍ରୀ (ଦ୍ରୌପଦୀ) କୀଚକକୁ ଉପଯୁକ୍ତ ସମୟରେ ଅଭିସାରସ୍ଥଳକୁ ଯିବାକୁ ଇଙ୍ଗିତ ଦେଲେ । ଆନନ୍ଦରେ ଉଦ୍‌ଗ୍ରୀବ ହୋଇ କୀଚକ ଅନୁପମ ରୂପରେ ସଜ୍ଜିତ ହୋଇ ପ୍ରମୋଦ ଭବନରେ ପହଞ୍ଚିବା ପୂର୍ବରୁ ଭୀମ କୀଚକକୁ ଅପେକ୍ଷା କରି ରହିଥିଲା । ପ୍ରେମୋନ୍ମତ୍ତ କୀଚକ ଭୀମଙ୍କୁ ସୈରିନ୍ଧ୍ରୀ ମନେ କରି ସ୍ପର୍ଶ କଲାପରେ ଭୀମ ଭୀଷଣଙ୍କର ଗର୍ଜନ କରି ସେଠାରେ କୀଚକର ପ୍ରାଣନାଶ କଲେ । ଏହାହିଁ କୃଷ୍ଣ ସିଂହଙ୍କ ମହାଭାରତର କୀଚକ ବଧ ଉପାଖ୍ୟାନର ବିଷୟବସ୍ତୁ ।

ଟୀକା ମହାଭାରତ :

ଗୋପୀନାଥ ଦାସଙ୍କ ଟୀକା ମହାଭାରତ ସାରଳା ଦାସଙ୍କ ମହାଭାରତର ସଂକ୍ଷିପ୍ତ ସଂସ୍କରଣ । ସାରଳାଙ୍କ ମହାଭାରତର କୀଚକବଧ ଉପାଖ୍ୟାନଟି ସଂକ୍ଷେପରେ ଏଥିରେ ବର୍ଣ୍ଣିତ । ଏଥିରେ ସାରଳା ଦାସଙ୍କ ପରି ଚନ୍ଦନ ଯାତ୍ରାରେ ସୈରିନ୍ଧ୍ରୀଙ୍କ ସହିତ କୀଚକର ସାକ୍ଷାତ୍ ହେବାରେ ସୈରିନ୍ଧ୍ରୀଙ୍କ ରୂପଲାବଣ୍ୟରେ ମୁଗ୍ଧ ହୋଇ କୀଚକ ତାଙ୍କୁ ପାଇବା ପାଇଁ ପାପାସକ୍ତ ହୋଇ କରୁଣା ଦାସୀ ନିକଟରେ ନିଜର ଅଭିପ୍ସା ପୋଷଣ କରିଛି । କରୁଣାଦାସୀ କୀଚକର ବିବାହ ପ୍ରସ୍ତାବ ସୈରିନ୍ଧ୍ରୀଙ୍କ ନିକଟରେ ଉପସ୍ଥାପନ କରିଛି । ଏଥିରେ ବିଫଳ ହୋଇ କରୁଣାଦାସୀ ସୁଦେଷ୍ଣାଙ୍କ ନିକଟରେ ଅବରେମାତ୍ର ସୈରିନ୍ଧ୍ରୀଙ୍କୁ କୀଚକ ନିକଟକୁ ପଠାଇବା ପାଇଁ ଅନୁରୋଧ ଜଣାଇଛି । ତହିଁ ଉତ୍ତାରେ ସୁଦେଷ୍ଣାଙ୍କର ପରାମର୍ଶରେ ସୈରିନ୍ଧ୍ରୀ କୀଚକ ଗୃହକୁ ଗମନ କରିଛି ଏବଂ ଶେଷରେ ଭୀମଙ୍କ ଦ୍ୱାରା କୀଚକର ମୃତ୍ୟୁ ସଂଘଟନ ଉକ୍ତ ଟୀକା ମହାଭାରତରେ ସାରଳା ଦାସଙ୍କ ମହାଭାରତର ବର୍ଣ୍ଣନାନୁଯାୟୀ

Digitized by srujanika@gmail.com

ସମାପ୍ତି ଘଟିଛି । ଉକ୍ତ ମହାଭାରତରେ ସାରଳା ଦାସଙ୍କପରି ପ୍ରକ୍ଷିପ୍ତ ବର୍ଣ୍ଣନା ନାହିଁ । ଏହା ସଂକ୍ଷେପ ମହାଭାରତ ହୋଇଥିବାରୁ ବିସ୍ତୃତ ବର୍ଣ୍ଣନା ଏଥିରେ ଦେଖାଯାଏ ନାହିଁ ।

ସାରଳା ଦାସଙ୍କ ମହାଭାରତ :

ପଞ୍ଚଦଶ ଶତାବ୍ଦୀର କବି ସାରଳା ଦାସଙ୍କ ମହାଭାରତ ବ୍ୟାସଦେବଙ୍କ ମହାଭାରତର ଆକ୍ଷରିକ ଅନୁବାଦ ନୁହେଁ । ଏହା ସଂସ୍କୃତ ମହାଭାରତର ଗଳ୍ପାଂଶର କଙ୍କାଳ ମାତ୍ର । କବି ସାରଳା ଦାସ ତାଙ୍କ ମହାଭାରତରେ ନିଜର ମୌଳିକତା ପ୍ରଦର୍ଶନ କରି ଘଟଣାଟିକୁ ରଚନା କରିଛନ୍ତି । ତାଙ୍କର ବିରାଟ ପର୍ବରେ କୀଚକ ବଧର ବର୍ଣ୍ଣନା ପ୍ରସଙ୍ଗ ନିହିତ । ପାଣ୍ଡବମାନେ ରାଜ୍ୟହରା ହୋଇ ସତ୍ୟ ପାଳନ ନିମିତ୍ତ ଦ୍ୱାଦଶ ବର୍ଷ ବନବାସ କରିବା ପରେ ଏକ ବର୍ଷ ଅଜ୍ଞାତବାସ ବିରାଟ ରାଜାଙ୍କ ପ୍ରାସାଦରେ ଛଦ୍ମବେଶ ଧାରଣ ପୂର୍ବକ ରହିଥିଲେ ଏବଂ ଦ୍ରୌପଦୀ ସୈରିନ୍ଧ୍ରୀ ନାମ ଧାରଣ ପୂର୍ବକ ବିରାଟ ମହିଷୀଙ୍କ ପାଖରେ ନିଯୁକ୍ତା ହୋଇଥିବାର ବର୍ଣ୍ଣନା ସଂସ୍କୃତ ମହାଭାରତର ବର୍ଣ୍ଣନା ସହିତ ମିଶିଥାଏ । କିନ୍ତୁ ସୈରିନ୍ଧ୍ରୀ ସହିତ କୀଚକର ସାକ୍ଷାତଠାରୁ କୀଚକ ବଧ ପର୍ଯ୍ୟନ୍ତ ବର୍ଣ୍ଣନାରେ ସାରଳା ଦାସଙ୍କ ମୌଳିକ ପ୍ରତିଭା ପ୍ରତିଭାତ ହୋଇଥାଏ । ସାରଳା ଦାସଙ୍କ ମହାଭାରତରେ ବିରାଟନଗର ଉପକଣ୍ଠସ୍ଥ ଏକ ସରୋବରରେ ଚନ୍ଦନ ଯାତ୍ରା ଉତ୍ସବ ସମାହିତ ହୋଇଛି । ଏଥିରେ ଛଦ୍ମବେଶୀ ଯୁଧିଷ୍ଠିର (କଙ୍କ) ଉତ୍ସବର ସମସ୍ତ ଆୟୋଜନ କରିଛନ୍ତି । ସୈରିନ୍ଧ୍ରୀଙ୍କର ଅପରୂପ ସୌନ୍ଦର୍ଯ୍ୟ କୀଚକକୁ ପ୍ରଲୁବ୍ଧ କରିଛି । ସାରଳା ଦାସଙ୍କ ଲେଖନୀରେ—

"ଯାତ୍ରା ଦେଖି ଯାଉଛନ୍ତି ସଙ୍ଗେ ଯାଜ୍ଞସେନୀ
ସର୍ବଜନ ମୋହିନୀ ସେ ମରାଳ ଗାମିନୀ
ସମସ୍ତେ ମୋହିତ ହେଲେ ତାଙ୍କ ମୁଖ ଦେଖି
ନାଦେ ଥାଇଣ କୀଚକ ଗୃହିଁଲା ନିରେଖି ।"

(ବିରାଟ ପର୍ବ-ପୃଷ୍ଠା-୫୭)

ଚନ୍ଦନ ଯାତ୍ରା ଉତ୍ସବରେ ସାରଳା ଦାସ ସୈରିନ୍ଧ୍ରୀଙ୍କ ସହ କୀଚକର ସାକ୍ଷାତ୍ କରାଇଛନ୍ତି । ପରିଚାରିକା କରୁଣାକୁ ଡାକି ନିଜ ମନର ପ୍ରେମାକାଙ୍‌କ୍ଷା ଦର୍ଶାଇ କୀଚକ ତାଙ୍କୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଛି । ପରିଚାରିକା କରୁଣା ତା'ର ଯଥାସାଧ୍ୟ ମତେ ସୈରିନ୍ଧ୍ରୀଙ୍କୁ ଆଣିବାକୁ ଯାଇ ନିରାଶ ହୋଇଛି । ପୁନର୍ବାର କରୁଣାକୁ ଡାକି କୀଚକ ଏକ ଉପାୟ ପାଞ୍ଚି ତତ୍‌ଭଗ୍ନୀ ସୁଦେଷ୍ଣାଙ୍କଠାରେ ନିଜ ମନର ଅଭିଳାଷ ଜଣାଇବାକୁ ପ୍ରବର୍ତ୍ତାଇଛି । ଜଟିଳ ରୋଗରୁ ମୁକ୍ତି ପାଇବା ପାଇଁ ଏକମାତ୍ର ସୈରିନ୍ଧ୍ରୀର ଦର୍ଶନ ଲାଭ ହିଁ କୀଚକର ଆଶା, ଏହା ବ୍ୟକ୍ତକରି ପରିଚାରିକା କରୁଣା ସୁଦେଷ୍ଣାର ଅନୁରୋଧରେ ସୈରିନ୍ଧ୍ରୀ କୀଚକ ନିକଟକୁ ଏକ ପତ୍ର ହସ୍ତରେ ଗମନ କରିଛି ।

"ମା'ଗୋ ତୋହର କରେ ମୁଁ ଦେଉଛି ଲେଖାଟି
କୀଚକ ପୁରରେ ଦେଇ ଆସ ତୁ ଲେଉଟି

Digitized by srujanika@gmail.com

କୀଚକର ଭଗ୍ନୀନାମ ଅଟେ ସୁରଭିକା
ତାହାର ଗୋଚର ଲେଖା ଗୋଟି ନେଇ ଦେଖା
କୀଚକକୁ ଗୁପ୍ତେ ଦେବୁ ଏହି କଥା ବୋଲି
ବନ୍ଧନ ହୋଇ ଆସିବୁ ସେଠାବରୁ ଚଳି ।"

(ବିରାଟ ପର୍ବ ପୃଷ୍ଠା-୬୩)

କାମାନ୍ଧ କୀଚକ ସମ୍ମୁଖରେ ସୈରନ୍ଧ୍ରୀଙ୍କୁ ପାଇ ବ୍ୟାକୁଳ ହୋଇ ପାଶବିକ କବଳରେ କବଳିତ କରିବାକୁ ଯାଇ ବ୍ୟର୍ଥ ହୋଇଛି । ସୈରନ୍ଧ୍ରୀ ଫେରିଯାଇଛନ୍ତି । କୀଚକ ମଧ୍ୟ ତାଙ୍କର ଅନୁଧାବନ କରିଛି । କୀଚକର ମନୋଭାବ ଜାଣି ବିରାଟ ରାଜା ସୈରନ୍ଧ୍ରୀଙ୍କୁ କୀଚକ ସହିତ ଶୁଭ ପରିଣୟ ପାଇଁ ପରାମର୍ଶ ଦେଇଛନ୍ତି । ମାତ୍ର ସୈରନ୍ଧ୍ରୀ କୀଚକର ପାଶବିକ ଅତ୍ୟାଚାରର ବିବରଣୀ ଯୁଧିଷ୍ଠିରଙ୍କୁ ଜଣାଇ ନିଜକୁ କୀଚକଠାରୁ ମୁକ୍ତ କରିବାକୁ ଅନୁରୋଧ କରନ୍ତେ ଯୁଧିଷ୍ଠିର ଭୀମର ସାହାଯ୍ୟ ନେବା ପାଇଁ ପରାମର୍ଶ ଦେଇଛନ୍ତି । ଯୁଧିଷ୍ଠିରଙ୍କର ପରାମର୍ଶ ଗ୍ରହଣ କରି ଭୀମ କୀଚକକୁ ମାରିବା ପାଇଁ ଦୃଢ଼ସଂକଳ୍ପ ହୋଇଛନ୍ତି । ଭୀମଙ୍କର ମନ୍ତ୍ରଣାକ୍ରମେ ସୈରନ୍ଧ୍ରୀ ନଗର ଉପକଣ୍ଠସ୍ଥ ଉତ୍ସବକୁ ନିର୍ଜନ ନିଶିଥରେ ଗୋପନ ଅଭିସାର ପାଇଁ କୀଚକକୁ ନିମନ୍ତ୍ରଣ କରିଛନ୍ତି । କାମାନ୍ଧ କୀଚକ ନଗର ଉତ୍ସବରେ ଉପସ୍ଥିତ ହେବା ପୂର୍ବରୁ ନାରୀ ଛଦ୍ମବେଶୀ ଭୀମ ସେଠାରେ ଉପସ୍ଥିତ ହୋଇଛନ୍ତି । ନିର୍ଜନ ନିଶିଥରେ ପ୍ରେମୋନ୍ମତ୍ତ କୀଚକ ଭୀମଙ୍କୁ ସୈରନ୍ଧ୍ରୀ ମନେକରି ସ୍ପର୍ଶ କରିବାକୁ ବ୍ୟାକୁଳ ହୁଅନ୍ତେ ପ୍ରବଳ ପରାକ୍ରମୀ ଭୀମ କୀଚକ ଉପରକୁ ବିରାଟ ଗର୍ଜନ କରି ଲମ୍ଫ ପ୍ରଦାନ କରିଛନ୍ତି । ଭୀମର ଭୀମ ମୁଷ୍ଟିର ଆଘାତରେ କୀଚକର ଦେହାବସାନ ଘଟିଛି । ଏହାହେଉଛି ସାରଳାଦାସଙ୍କ ମହାଭାରତରେ ଥିବା "କୀଚକ ବଧ"ର ଉପାଖ୍ୟାନ ।

ଗଙ୍ଗାଧରଙ୍କ କୀଚକବଧର ବିଷୟବସ୍ତୁ :

ଗଙ୍ଗାଧର ମେହେରଙ୍କର କୀଚକବଧ କାବ୍ୟର ବିଷୟବସ୍ତୁ ସାରଳାଦାସଙ୍କ ମହାଭାରତର ବିରାଟ ପର୍ବର କୀଚକବଧ ଉପାଖ୍ୟାନ ଅବଲମ୍ବନରେ ରଚିତ । ଗଙ୍ଗାଧରଙ୍କ ରଚିତ କୀଚକବଧରେ ପ୍ରକୃତି ବର୍ଣ୍ଣନା, ଶବ୍ଦାଳଙ୍କାର ପ୍ରୟୋଗ, ସୌନ୍ଦର୍ଯ୍ୟାଙ୍କନ ଅପୂର୍ବ ପ୍ରେମଚିତ୍ରଣ, ଆଦର୍ଶ ଚରିତ୍ର ରୂପାୟନ ଆଦି କବିଙ୍କର ମୌଳିକ ନିଦର୍ଶନ । କୀଚକବଧ କାବ୍ୟର ପ୍ରାରମ୍ଭରେ କବି ବିରାଟ ନଗରୀର ଏକ ବିସ୍ତୃତ ଶୋଭା ବର୍ଣ୍ଣନାଦେଇ ବିଷୟବସ୍ତୁ ଉପରକୁ ଗମନ କରିଛନ୍ତି । ପାଣ୍ଡବମାନେ ରାଜ୍ୟହରା ହୋଇ ସତ୍ୟପାଳନ ନିମନ୍ତେ ଦ୍ୱାଦଶ ବର୍ଷ ବନବାସର ଅନ୍ତିମ ପର୍ଯ୍ୟାୟରେ ପୁଣି ଏକ ବର୍ଷ ବିରାଟରାଜାଙ୍କ ପ୍ରାସାଦରେ ଅଜ୍ଞାତବାସ କରିଥିଲେ । ସେଠାରେ ଯୁଧିଷ୍ଠିର କଙ୍କ ନାମ ଧାରଣ କରି ସଭାସଦ୍ ରୂପରେ, ଭୀମ ଜଣେ ସୂପକାର ଭାବରେ, ଅର୍ଜୁନ ବର୍ଷବର ଭାବରେ, ନକୁଳ ଓ ସହଦେବ ଅଶ୍ୱ ଓ ଗୋଧନ ରକ୍ଷକ ଭାବରେ ଓ ପାଣ୍ଡବବଧୂ ଦ୍ରୌପଦୀ ସୈରନ୍ଧ୍ରୀ ନାମ ଧାରଣ କରି ବିରାଟ ରାଣୀ ସୁଦେଷ୍ଣାଙ୍କର ପରିଚାରିକା ରୂପେ ଆତ୍ମଗୋପନ କରିଥିଲେ ।

ମନଭୁଲା ବସନ୍ତର ଆଗମନରେ ପୃଥିବୀରେ ଦେଖାଦେଇଛି ମଙ୍ଗଳ ଉତ୍ସବ । ବିରାଟ ରାଜ୍ୟରେ ମଙ୍ଗଳବାରରେ ସଙ୍ଘଟିତ ହୋଇଛି ବନଦୁର୍ଗା ପୂଜା । ସହର ଉପକଣ୍ଠରେ

Digitized by srujanika@gmail.com

ଥିବା ଏକ ଆମ୍ରବନ ପୁଷ୍କରଣୀରେ ଅନୁଷ୍ଠିତ ବନଦୁର୍ଗା ପୂଜା ଦେଖିବାକୁ ନାଟ୍ୟ ଗଳ୍ପରେ ରାଣୀ ସୁଦେଷ୍ଣାଙ୍କ ସହ ସୈରନ୍ଧ୍ରୀ ଉପସ୍ଥିତ ହୋଇଛନ୍ତି । ବିପୁଳ ଜନସମାଗମରେ ସ୍ଥାନଟି ମୁଖରିତ ହୋଇଉଠିଛି । ସୁଦେଷ୍ଣାଙ୍କ ଭାଇ କୀଚକ ମଧ୍ୟ ସେଠାରେ ଉପସ୍ଥିତ ଥାଇ ସୈରନ୍ଧ୍ରୀଙ୍କର ରୂପଲାବଣ୍ୟ ଦର୍ଶନରେ ଆତ୍ମହରା ହୋଇ ସୈରନ୍ଧ୍ରୀଙ୍କୁ ଲାଭ କରିବା ପାଇଁ ବ୍ୟାକୁଳ ହୋଇ ଉଠିଛି । ପାପଲାଳସାର ଚରିତାର୍ଥ ପାଇଁ କୀଚକ ଖୋଜୁଛି ବିବିଧ ଉପାୟ । ପୂଜା ସମାପ୍ତି ପରେ ସମସ୍ତେ ଯେ ଯାହାର ଗୃହକୁ ପ୍ରତ୍ୟାବର୍ତ୍ତନ କରିବା ଭିତରେ କାମାନ୍ଧ କୀଚକ ଭୋଗିଛି ନାଶିଅରେ ତୀବ୍ର ଅଶାନ୍ତ । ତହିଁ ପରଦିନ ପ୍ରତ୍ୟୁଷରେ ଚପଳା ନାମ୍ନୀ ଏକ ଦାସୀ ମୁଖ ପ୍ରକ୍ଷାଳନ ପାଇଁ ସୁବାସିତ ଜଳ ଓ ବିବିଧ ଉପକରଣ ସହ କୀଚକ ସମ୍ମୁଖରେ ଉପସ୍ଥିତ ହେବାମାତ୍ରେ କୀଚକ ସୈରନ୍ଧ୍ରୀଙ୍କୁ ପାଇବା ପାଇଁ ବ୍ୟାକୁଳ ହୋଇ ଉଠିଛି । ପରିଚାରିକା ଚପଳା କୀଚକର ମନୋଭିଳାଷ ପୂର୍ଣ୍ଣ କରିବାର ପ୍ରତିଶ୍ରୁତି ଦେଇ ନିଜ କାର୍ଯ୍ୟରେ ଅଗ୍ରସର ହୋଇଛି । ଏହି ପ୍ରଲୋଭନରେ କୀଚକର ହୀନବାସନା ପ୍ରବଳରୁ ପ୍ରବଳତର ହୋଇ ଉଠିଛି ।

ଏହାପରେ ସୈରନ୍ଧ୍ରୀଙ୍କୁ ଜଣେ ସାଧାରଣ ମହିଳା ଜ୍ଞାନ କରି ଚପଳା ତାଙ୍କଠାରେ ପ୍ରକାଶ କରିଛି କୀଚକ ମନର ଅଭିଳାଷ । କିନ୍ତୁ ସୈରନ୍ଧ୍ରୀଙ୍କଠାରୁ କଠିଣ ନିର୍ମମ ଉତ୍ତର ପାଇ ଚପଳା ମହିଷୀ ସୁଦେଷ୍ଣାଙ୍କ ଠାରେ ପ୍ରକାଶ କରିଛି ସହୋଦର କୀଚକର ଅଭିପ୍ରାୟ । ରାଣୀ ସୁଦେଷ୍ଣାଙ୍କ ମନରେ ସୃଷ୍ଟି ହୋଇଛି ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱ । ସେ ରାଣୀ ନୁହନ୍ତି, ସେ ନାରୀ, ସୈରନ୍ଧ୍ରୀର ଆଶ୍ରୟଦାତ୍ରୀ; ପୁଣି ଏକ ଦିଗରେ ଭ୍ରାତୃସ୍ନେହ ଓ ସେନାପତି ସ୍ୱଭାବରେ ଅମାପ ଶକ୍ତି, ଅପର ଦିଗରେ ନାରୀପ୍ରତି ନାରୀର କର୍ତ୍ତବ୍ୟ, ଏହି ଉଭୟ ଦ୍ୱନ୍ଦ୍ୱାଭିମୁଖୀନତାରେ ପଡ଼ିଛନ୍ତି ସୁଦେଷ୍ଣା । ଅବଶେଷରେ ଭାଇର ଅନୁରୋଧ ଓ ସୈରନ୍ଧ୍ରୀଙ୍କର ସତୀତ୍ୱ ଉପରେ ସମ୍ପୂର୍ଣ୍ଣ ଭରସା ରଖି ସେ ସୈରନ୍ଧ୍ରୀଙ୍କୁ କୀଚକ ନିକଟକୁ ମଧୁ ଚଷକ ହସ୍ତରେ ପଠାଇଛନ୍ତି ।

ସକଳ ଅନିଚ୍ଛା ସତ୍ତ୍ୱେ ସୁଦେଷ୍ଣାଙ୍କର ଅନୁରୋଧ କ୍ରମେ ସୈରନ୍ଧ୍ରୀ ମଧୁଚଷକ ହସ୍ତରେ କୀଚକ ପୁରରେ ପ୍ରବେଶ କରନ୍ତେ କାମୋନ୍ମତ୍ତ କୀଚକ ସୈରନ୍ଧ୍ରୀଙ୍କୁ ଆଲିଙ୍ଗନ କରିବା ପାଇଁ ଉଦ୍ୟତ ହୋଇଛି । କୀଚକ କବଳରୁ ରକ୍ଷା ପାଇଁ ସୈରନ୍ଧ୍ରୀ ଦ୍ରୁତ ବେଗରେ ନିଜ ବିଶ୍ରାମାଗାରରେ ଉପସ୍ଥିତ ହୋଇଛନ୍ତି । ମାତ୍ର କାମାନ୍ଧ କୀଚକ ତାଙ୍କର ଅନୁଧାବନ କରିବା ଭିତରେ ପଥ ମଧ୍ୟସ୍ଥ ଏକ ବୃକ୍ଷରେ ଧକ୍କାଲାଗି ଭୂପତିତ ହୋଇ ଗର୍ଜ୍ଜିଉଠିଛି ଓ ବୃକ୍ଷଟିକୁ ଉପାଡ଼ି ଦେଇଛି ।

ଅପମାନିତ କୀଚକ ଅପମାନର ଚରମ ପ୍ରତିଶୋଧ ନେବାକୁ ପ୍ରତିଜ୍ଞା କରିଛି ଓ ସୁଯୋଗକୁ ଅପେକ୍ଷା କରି ରହିଛି । ବିରାଟ ସଭାରେ ଏ ସମ୍ବାଦ ପ୍ରଚାରିତ ହେବାମାତ୍ରେ ସୈରନ୍ଧ୍ରୀ ଆଶୁବିପଦର ଆଶଙ୍କା କରିଛନ୍ତି । ଭୟାତୁରା ସୈରନ୍ଧ୍ରୀ ବିରାଟ ରାଜାଙ୍କ ସମ୍ମୁଖରେ ଆତ୍ମବେଦନା ପ୍ରକାଶ କରନ୍ତେ ରାଜା ସୈରନ୍ଧ୍ରୀଙ୍କୁ କୀଚକର ଅଙ୍କଶାୟିନୀ ହେବାକୁ ପରାମର୍ଶ ଦେଇଛନ୍ତି । କିନ୍ତୁ କଙ୍କରୂପୀ ଧର୍ମରାଜ ଯୁଧିଷ୍ଠିର ସୈରନ୍ଧ୍ରୀଙ୍କୁ "ଦ୍ୱିତୀୟ

Digitized by srujanika@gmail.com

ସ୍ୱାମୀଙ୍କୁ" ଭଜନ କରିବା ପାଇଁ ଉପଦେଶ ଦେଇ ରାଜାଙ୍କ ନିର୍ଦ୍ଦେଶର ସ୍ୱୀକୃତ କରାଇଛନ୍ତି ।

"ଏ ରାଜ୍ୟରେ ନାହିଁ ତୋର ଅନ୍ୟ ପ୍ରତିକାର
ଦ୍ୱିତୀୟ ସ୍ୱାମୀଙ୍କୁ ଭଜ ଏ ସେ ମୋ ବିଚାର ।"

ବିରାଟ ରାଜା ଯୁଧିଷ୍ଠିରଙ୍କର କୌଶଳ ବୁଝିପାରି ନଥିଲେ । ସୈରିନ୍ଧ୍ରୀ ଯୁଧିଷ୍ଠିରଙ୍କର ନିର୍ଦ୍ଦେଶାନୁକ୍ରମେ ରାତ୍ରିର ନିଶିଥନେ ଭୀମସେନଙ୍କୁ ସବୁ ବିଷୟ ଅବଗତ କରିବାରୁ ଭୀମ ଏହାର ଦୃଢ଼ ପ୍ରତିକାର କରିବେ ବୋଲି ତାଙ୍କୁ ଜଣାଇଛନ୍ତି । ଭୀମଙ୍କର ପ୍ରସ୍ତାବ କ୍ରମେ ସୈରିନ୍ଧ୍ରୀ ଚପଳାଠାରୁ ଫେରିଆସି ଗୁପ୍ତ ଅଭିସାରର ଆୟୋଜନ ପାଇଁ ପରାମର୍ଶ ଦେଇଛନ୍ତି । ରାଜ୍ୟର ସୀମାନ୍ତରେ ଥିବା ମିଳନର ଗୁପ୍ତସ୍ଥାନ ରୂପେ ଗୋଟିଏ ଘର ନିର୍ଦ୍ଦିଷ୍ଟ ହୋଇଛି । ସୈରିନ୍ଧ୍ରୀଙ୍କ ଠାରୁ ଉକ୍ତ ସମ୍ବାଦ ନେଇ ଚପଳା କୀଚକକୁ ସେଠାରେ ରାତ୍ରିଯାପନ କରିବାକୁ କହିବାରୁ କୀଚକ ଉତ୍କଣ୍ଠିତ ହୋଇ ଉଠିଛି । ରାତ୍ରିର ନିଶିଥକାଳର ନିର୍ଜ୍ଜନ ମୁହୂର୍ତ୍ତରେ କୀଚକ ନିର୍ଦ୍ଦେଶିତ ସ୍ଥାନରେ ପହଞ୍ଚିବା ପୂର୍ବରୁ ନାରୀ ଛଦ୍ମବେଶୀ ଭୀମ ଉକ୍ତ ସ୍ଥାନରେ ପହଞ୍ଚି କୀଚକକୁ ଅପେକ୍ଷା କରିଛନ୍ତି । କାମାନ୍ଧ କୀଚକ ପ୍ରମୋଦ ଗୃହ ମଧ୍ୟରେ ପ୍ରବେଶ କରି ଭୀମଙ୍କୁ ସୈରିନ୍ଧ୍ରୀ ମନେକରି ଆଲିଙ୍ଗନ କରିବାକୁ ଉଦ୍ୟତ ହେବାରୁ ଭୀମ ଭୀଷଣ ଗର୍ଜ୍ଜନ କରି କୀଚକ ଉପରେ ମୁଷ୍ଟିଘାତ କରିଛନ୍ତି । ମାତ୍ର କୀଚକ ଭୀମ ହସ୍ତରୁ ମୁକ୍ତିଲାଭ କରିବାକୁ ପ୍ରବଳ ଉଦ୍ୟମ କରିଥିଲେ ସୁଦ୍ଧା ସେଥିରୁ ସେ ନିସ୍ତାର ପାଇ ନାହିଁ । ରାତ୍ରିର ଅବସାନ ପୂର୍ବରୁ ଭୀମ ତାଙ୍କର ଯଥାସ୍ଥାନରେ ପହଞ୍ଚି ନିଜ କାର୍ଯ୍ୟରେ ଯୋଗ ଦେଇଛନ୍ତି । ପ୍ରଭାତରେ ଗୃହରକ୍ଷୀ ବିରାଟ ରାଜାଙ୍କ ଆଗରେ କୀଚକର ମୃତ୍ୟୁ ଖବର ଦିଅନ୍ତେ ବିରାଟ ରାଜା କୀଚକର ମୃତଶବ ଦେଖି ମର୍ମାହତ ହୋଇଛନ୍ତି । କୀଚକର ଅନେକ୍ୱତ ଭ୍ରାତା ସୈରିନ୍ଧ୍ରୀ ହିଁ କୀଚକ ମୃତ୍ୟୁର କାରଣ ଚିନ୍ତାକରି କୀଚକର ଚିତାଗ୍ନିକୁ ସୈରିନ୍ଧ୍ରୀଙ୍କର କୁନ୍ତଳ ଆକର୍ଷଣ କରି ନେବା ବେଳେ ଭୀମ ଶରୀରରେ ହାଣ୍ଡିକଲା ବୋଲିହୋଇ ବଜ୍ରମୁଷ୍ଟି ଘାତରେ କୀଚକର ଭାଇମାନଙ୍କୁ ବଧ କରିଛନ୍ତି । କୀଚକ ଓ ତା'ର ଭାଇମାନଙ୍କ ମୃତ୍ୟୁରେ ବିରାଟରାଜ୍ୟ ସେମାନଙ୍କ ଦୌରାତ୍ମ୍ୟରୁ ଶାନ୍ତିପାଇଛି ।

□□□

କୀଚକବଧର ଚରିତ୍ର ଚିତ୍ରଣ

ଗଙ୍ଗାଧରଙ୍କର କୀଚକବଧର କାହାଣୀ ସାରଳାଦାସଙ୍କ ମହାଭାରତର କାହାଣୀ ଅବଲମ୍ବନରେ ରଚିତ । ଏଣୁ ପୁରାଣ ବର୍ଣ୍ଣିତ ବିଷୟବସ୍ତୁର ଚରିତ୍ର କାବ୍ୟରେ ସ୍ଥାନ ପାଇବା ସ୍ୱାଭାବିକ । ଗଙ୍ଗାଧର ତାଙ୍କର କାବ୍ୟରେ ଚରିତ୍ରଗୁଡ଼ିକୁ ଏପରି ଚିତ୍ରିତ କରିଛନ୍ତି ଯେ, କାବ୍ୟଟି ପାଠ କଲାବେଳେ ଚରିତ୍ରଗୁଡ଼ିକ ପାଠକ ସମ୍ମୁଖରେ ଜୀବନ୍ତପରି ଜଣାପଡ଼ିଥାଏ ।

Digitized by srujanika@gmail.com

ଯେଉଁମାନଙ୍କୁ ଗଙ୍ଗାଧର କାବ୍ୟରେ ଆଦର୍ଶ ମଣିଷ ରୂପରେ ଚିତ୍ରଣ କରିଛନ୍ତି, ଆଧ୍ୟାତ୍ମିକ ଜଗତରେ ସେହିମାନେ ଅତି ଉଚ୍ଚତର ସୋପାନରେ ଅଧିରୂଢ଼ ହୋଇଥାନ୍ତି । ସେମାନେ ଜଗତରେ କାହାରି ସହିତ ଶତ୍ରୁମିତ୍ର ଆଚରଣ କରନ୍ତି ନାହିଁ । ଶାନ୍ତସରଳ, କମନୀୟ ପ୍ରକୃତି କୋଡ଼ରେ ସାଧନାରତ ଥାଇ ମାନବର କଲ୍ୟାଣ ପାଇଁ ସଦାସର୍ବଦା ଚିନ୍ତିତ । ସେମାନେ ହେଲେ ବାଲ୍ମୀକି, କଣ୍ୱ, ଅନୁକମ୍ପା, ଗୌତମୀ ଓ ତାପସ-ତାପସୀ ବୃନ୍ଦ । ସୀତା, ଶକୁନ୍ତଳା, ସୈରିନ୍ଧ୍ରୀ, ଇନ୍ଦୁମତୀ, ପଦ୍ମିନୀ, ରାମ, ଦୁଷ୍ମନ୍ତ, ଅଜ ଓ ପଞ୍ଚପାଣ୍ଡବ କେହି ହେଲେ ଗଙ୍ଗାଧରଙ୍କର କପୋଳକଳ୍ପିତ ନାୟକ ନାୟିକା ନୁହନ୍ତି । ଏମାନେ ସମସ୍ତେ ଏ ଦେଶ ପୁରାଣ ବା ଇତିହାସର । କେବଳ ଆଦର୍ଶ ଚରିତ୍ରକୁ ନେଇ କବି ତା'ର କାବ୍ୟ ରଚନା କରିପାରେନା, ଦୁଷ୍ଟ-ଆଦର୍ଶ ସମସ୍ତଙ୍କୁ ହିଁ ସେଥିରେ ସ୍ଥାନ ଦେଇଥାଏ । ଦୁର୍ବାସା, କୈକେୟୀ ନିର୍ମମ ସ୍ୱାର୍ଥପର ଭାବରେ କାବ୍ୟରେ ସ୍ଥାନ ପାଇଥିଲା ବେଳେ ଚପଳା ଓ ଲୀଳା ଆଦି ନଷ୍ଟସ୍ୱଭାବା ନାରୀ ପାପ କର୍ମର ଅନୁସାରିଣୀ । ସେମାନେ ନୀଚଦାସୀ, ପରିଚାରିକା ହେଲେ ମଧ୍ୟ କର୍ତ୍ତବ୍ୟପରାୟଣା । କାବ୍ୟରେ ଗଙ୍ଗାଧର ଏମାନଙ୍କର ପରିଣତି ସ୍ୱରୂପ କୌଣସି ଶାସ୍ତି ବିଧାନ କରି ନାହାନ୍ତି ବରଂ ଆତ୍ମରୋପନ କରାଇଛନ୍ତି । ଗଙ୍ଗାଧର ଜଣେ ଅସାଧାରଣ ତଥା ପ୍ରତିଭାବାନ କବି ହୋଇଥିବାରୁ କାବ୍ୟରେ ରୂପାୟିତ ଚରିତ୍ର ଚିତ୍ରଣରେ ତାଙ୍କର ପ୍ରତିଭା ସୁସ୍ପଷ୍ଟ । କୀଚକବଧ କାବ୍ୟର ଚରିତ୍ର ଚିତ୍ରଣ ଉପରେ ମନ୍ତବ୍ୟ ଦେବାକୁ ଯାଇ ରାଧାନାଥ ଲେଖିଛନ୍ତି—"କୀଚକବଧରେ କୀଚକର ଯୌବନୋନ୍ମାଦସୁଲଭ ନାରକୀୟ ପ୍ରବୃତ୍ତି, ଦ୍ରୌପଦୀଙ୍କର ସେବାଧର୍ମର କର୍ତ୍ତବ୍ୟ ଜ୍ଞାନ ସହିତ ସାଧ୍ୱୀ ସୁଲଭ ଜାଗରୁକତା, ବିରାଟର ଅବିବେଚିତ ସ୍ୱାର୍ଥୈକଦର୍ଶିତା ସୁଦେଷ୍ଣାଙ୍କର ରମଣୀ ସୁଲଭ କୋମଳତା ଏବଂ ଧର୍ମଭୀରୁତା ସହିତ ଅଯଥା ଭ୍ରାତୃବତ୍ସଳତା କିପରି ନୈପୁଣ୍ୟ ସହକାରେ ଚିତ୍ରିତ ହୋଇଛି ସହୃଦୟ ପାଠକ ପାଠମାନେ ହିଁ ତାହା ବୁଝିପାରିବେ ।"

ଚପଳା :

କୀଚକବଧ କାବ୍ୟରେ ଏହା ଏକ ନାରୀଚରିତ୍ର । ଚପଳା ହେଉଛି ବିରାଟ ରାଜପୁରରେ ନିଯୁକ୍ତା ଏକ ସାମାନ୍ୟ ପରିଚାରିକା । କିନ୍ତୁ ଗଙ୍ଗାଧର ଏହି ଦାସୀର ଚରିତ୍ରକୁ ଉଚ୍ଚସ୍ଥାନ ଦେବା ସଙ୍ଗେ ସଙ୍ଗେ ଖୁବ୍ ଜୀବନ୍ତ ଭାବରେ ଚିତ୍ରଣ କରିଛନ୍ତି । ସେ ବୁଦ୍ଧିମତୀ, ଚତୁରୀ; ତେଣୁ ତା'ର ପରିମାପକରେ ତୁଳିବାକୁ ଚେଷ୍ଟା କରିଛି ସୈରିନ୍ଧ୍ରୀ ଦ୍ରୌପଦୀଙ୍କୁ । ଦ୍ରୌପଦୀଙ୍କର ପଞ୍ଚପତି ଥିଲେ ମଧ୍ୟ ତା'ର ଦୁର୍ବୁଦ୍ଧି କୀଚକକୁ ଜଣେ ଉପପତି କରାଇବାର ପ୍ରଚେଷ୍ଟା ଅଧିକ ପ୍ରତିଭାତ ହୋଇଥାଏ । କୀଚକର ଅନ୍ନରେ ସେ ପ୍ରତିପାଳିତା । ବନଦୁର୍ଗା ଉତ୍ସବର ପରଦିନ ପ୍ରତ୍ୟୁଷରେ ମୁଖ ପ୍ରକ୍ଷାଳନ ପାଇଁ ଚପଳା ଯେତେବେଳେ ଜଳହସ୍ତରେ କୀଚକ ସମ୍ମୁଖରେ ଉପସ୍ଥିତ ହୋଇଛି ସେତେବେଳେ କୀଚକ ଚପଳା ନିକଟରେ ପ୍ରକାଶ କରିଛି ନିଜ ଅନ୍ତରର ବ୍ୟାକୁଳତା ।

"× × × ମୁଖ ପ୍ରକ୍ଷାଳନ ପାଇଁ ସୁବାସିତ ପାଣି
ସୁବର୍ଣ୍ଣ ଝରିରେ କୀଚକ ପାଶକୁ ଦାସୀ ଏକ ଦେଲା ଆଣି ।

Digitized by srujanika@gmail.com

ସେହି ଦାସୀ କି ସେ ଯୋଗ୍ୟ ଦୂତୀମଣି ବୋଇଲା "ଆଲୋ ଚପଳେ !
ମୋ ତପ୍ତ-ତନୁରେ ଶୀତଳ ଚନ୍ଦନ ବୋଳି ପାରିବୁକି ପଲେ ?"

ଚପଳା ଦାସୀ ତା'ର ହୀନବୃତ୍ତି ହେତୁ କୀଚକର କଥାକୁ ସେ ଅମୂଲ୍ୟବାନ୍ ଜ୍ଞାନକରି କାର୍ଯ୍ୟ କରିବାକୁ ଆଗଭର ହୋଇଛି । ପରୋପକାର ପରିବର୍ତ୍ତେ ସ୍ୱାର୍ଥ ସାଧନରେ ବଶୀଭୂତା ହୋଇ ସେ ହୀନ ଚକ୍ରାନ୍ତ କରିବାକୁ କୁଣ୍ଠାବୋଧ କରି ନାହିଁ ।

"ଚପଳା ବୋଇଲା, "ଏକ ଚମତ୍କାର ଆଜ୍ଞା ହେଲେ ଏକ ପଲେ
ମଣ୍ଡି ଦେଇପାରେ ଶ୍ରୀଅଙ୍ଗେ ଚନ୍ଦନ କର୍ପୂର ବାସ ଉତ୍ପଳେ ।"

ସାରଳା ମହାଭାରତର "କଳୁଣୀ" ଜଣେ ସାମାନ୍ୟ ଦାସୀ; କିନ୍ତୁ ଗଙ୍ଗାଧରଙ୍କର କୀଚକବଧର 'ଚପଳା' ଜଣେ ସାମାନ୍ୟ ଦାସୀ ନୁହେଁ । କୀଚକର ଦକ୍ଷିଣହସ୍ତ ହୋଇ ମହିଷୀ ସୁଦେଷ୍ଣାଙ୍କୁ ନିଜର କୌଶଳ କ୍ରମେ ଛଳନାରେ ଭୁଲାଇପାରିଛି । ଚପଳାର ହୀନଚକ୍ରାନ୍ତ ମୂଳରେ ଅଛି ଅପରିମିତ ଅର୍ଥଲାଳସା ଓ ରାଜପୁରରେ ଅଧିକ ପ୍ରତିପତ୍ତି ହେବାର ବାସନା । ଏହି ସ୍ୱାର୍ଥ ପାଇଁ ସେ ଅଳଙ୍କାର ଓ ପାଟଶାଢ଼ୀ ପରିଧାନର ଆକାଂକ୍ଷା ପୋଷଣ କରି ନାହିଁ ।

"ଯାଉଛି ରସିକ, ସୁନ୍ଦରୀ ମଣିକି ଛଳେ ବଳେ କଉଶଳେ
ବାନ୍ଧି ରଖିଦେବି ପ୍ରଣୟ ଫାଶରେ ତୁମ୍ଭଙ୍କ ଚରଣ ତଳେ
କିନ୍ତୁ ଏ ପ୍ରସଙ୍ଗ ଲବ ମାତ୍ର ଜାଣି
ନ ପାରିବେ ସାଆନ୍ତାଣୀ
ତାଙ୍କ କର୍ଣ୍ଣେ ଏହା ପଡ଼ିଲେ ମୋହର ଛଡ଼ିଯିବ ଦାନାପାଣି
ଅଳଙ୍କାର କିଛି ନ ନେବି ତୁମ୍ଭରୁ ନ ପିନ୍ଧିବି ପାଟଶାଢ଼ୀ
ସାଆନ୍ତାଣି ଯଦି ସେ ବେଶ ଦେଖିବେ
ମୋ ମୁଣ୍ଡେ ପଡ଼ିବ ବାଡ଼ି ।"

ଛଳନାମୟୀ ଦାସୀ ଚପଳା ଛଳନାରେ ସୈରିନ୍ଧ୍ରୀ ଓ ସୁଦେଷ୍ଣାଙ୍କୁ ଭୁଲାଇବାକୁ ଚେଷ୍ଟାକରି ପରିଶେଷରେ ସଫଳକାମୀ ହୋଇପାରିଛି । ପ୍ରଥମତଃ ସେ ସୈରିନ୍ଧ୍ରୀଙ୍କ ନିକଟରେ ଉପସ୍ଥିତ ହୋଇ କୌଶଳପୂର୍ଣ୍ଣ ଇଙ୍ଗିତରେ କୀଚକର ପ୍ରତିପତ୍ତି ଏପରିକି ଧନ, ମାନ, ଯଶ, ଖ୍ୟାତି ରୂପ, ଗୁଣ ବର୍ଣ୍ଣନା କରି ତାଙ୍କୁ କୀଚକ ନିକଟକୁ ଓଟାରି ଆଣିବାକୁ ଚେଷ୍ଟା କରିଛି । ଏଥିରୁ ଚପଳାର ଚତୁରପଣିଆ ତଥା ରାଜନୀତିକତା ଅନୁଭବ କରାଯାଇପାରେ । ପ୍ରଥମତଃ ସୈରିନ୍ଧ୍ରୀ ବିଫଳ ମନୋରଥ ହୋଇ ଫେରିଲା ପରେ ଚପଳା ଅଧିକ ଯୋଜନା ପ୍ରସ୍ତୁତ କରି ରାଣୀ ସୁଦେଷ୍ଣାଙ୍କ ପାଖରେ କୀଚକର ମନୋଭିଳାଷ ପ୍ରକାଶ କରିଛି । ରାଣୀ ସୁଦେଷ୍ଣା କୀଚକର ପାପାଭିଳାଷ ଜାଣିପାରିଥିଲେ ମଧ୍ୟ ସୈରିନ୍ଧ୍ରୀର ସତୀତ୍ୱ ଉପରେ ସମ୍ପୂର୍ଣ୍ଣ ଭରସା ରଖି ସୈରିନ୍ଧ୍ରୀଙ୍କୁ ମଧୁଚଷକ ହସ୍ତରେ କୀଚକ ନିକଟକୁ ପ୍ରେରଣ କରିଛନ୍ତି । ଚପଳା ଏକ ଦୁଷ୍ଟା ତଥା ଦୁଷ୍ଟମନା ନାରୀ ହେଲେ ମଧ୍ୟ ମେହେର

Digitized by srujanika@gmail.com

ତା' ପ୍ରତି ଦୟା କରିବା ବ୍ୟତିରେକେ କୌଣସି ଦଣ୍ଡ ବା ଶାସ୍ତି ବିଧାନ କରି ନାହାନ୍ତି । ରାଜପରିବାରରେ ସ୍ୱୀକାର କରି ନିଜର ପେଟପାଟଣା ନିମିତ୍ତ ପରିସ୍ଥିତିର ରୂପରେ ପଡ଼ି ପ୍ରଭୁଙ୍କ ମନ ତୋଷ ପାଇଁ ଏହିଭଳି ଅସତ୍ ଉପାୟ ଅବଲମ୍ବନ କରିଥିବାରୁ ବୋଧହୁଏ କବି ତା' ପ୍ରତି ଅନୁକମ୍ପା ପ୍ରଦର୍ଶନ କରିଛନ୍ତି ।

ସୁଦେଷ୍ଣା :

କୀଚକବଧ କାବ୍ୟରେ ସୁଦେଷ୍ଣା ହେଉଛନ୍ତି ବିରାଟ ରାଜପୁରର ମହିଷୀ । ତାଙ୍କ ନିର୍ମଳ ଚରିତ୍ର ଭାବରେ ଗଣ୍ୟ କରାଗଲେ ମଧ୍ୟ ସେ ଏକ ଦୁର୍ବଳା ରମଣୀ । ରାଜ୍ୟରେ ସଂଘଟିତ ହୋଇଥିବା ବନଦୁର୍ଗା ଉତ୍ସବ ଦର୍ଶନ ପାଇଁ ସୈରିନ୍ଧ୍ରୀଙ୍କ ସହିତ ରାଣୀ ସୁଦେଷ୍ଣା ନଗର ଉପକଣ୍ଠକୁ ଯାଇଛନ୍ତି । ସେହିଠାରେ କାମାନ୍ଧ କୀଚକ ସୈରିନ୍ଧ୍ରୀର ରୂପଲାବଣ୍ୟରେ ମୁଗ୍ଧହୋଇ ଚପଳା ଦାସୀଠାରେ ସୈରିନ୍ଧ୍ରୀଙ୍କୁ ପାଇବା ପାଇଁ ବ୍ୟଗ୍ର ହୋଇଉଠିଛି । କୀଚକ ସହିତ ସୈରିନ୍ଧ୍ରୀଙ୍କର ସାକ୍ଷାତ୍ ପାଇଁ ବାର୍ତ୍ତାବହ ରୂପେ ଚପଳା ଯେତେବେଳେ ସୁଦେଷ୍ଣାଙ୍କ ସମ୍ମୁଖରେ ଉପସ୍ଥିତହୋଇ ଆଲୋଚନା କରିଛି, ସେତେବେଳେ ସୁଦେଷ୍ଣା ଜଣେ ବିବାହିତା ନାରୀଙ୍କୁ କାମାନ୍ଧ ପିଶାଚକୁ ଅର୍ପଣ କରିବା ନୀତି ବିରୁଦ୍ଧ ବୋଲି ସେ ନିଜେ ଉପଲବ୍ଧି କରିଛନ୍ତି ।

"ସୈରିନ୍ଧ୍ରୀ ନାମ ଶୁଣି ବିରାଟ ରାଣୀ
ଜିହ୍ୱା କାମୋଡ଼ି ଦେଲେ କର୍ଣ୍ଣରେ ପାଣି
ବୋଇଲେ, "ଏତ ହେବା ବଡ଼ ଦୁରୂହ
ଏକଥା ଛାଡ଼ି ଅନ୍ୟ ଉପାୟ କୁହ ।"

ଉପରୋକ୍ତ ଉକ୍ତିରୁ ରାଣୀ ସୁଦେଷ୍ଣାଙ୍କର ଆଦର୍ଶ ଚରିତ୍ରର ପରିଚୟ ମିଳିଥାଏ । ଉତ୍ତରରେ ହୀନମତି ଚପଳା ସୁଦେଷ୍ଣାଙ୍କୁ ଥରେମାତ୍ର ଦର୍ଶନାଭିଳାଷୀ କୀଚକର ଆକୁଳତା ବ୍ୟକ୍ତ କରି ରାଜି କରାଇଲାବେଳେ ସୁଦେଷ୍ଣା ମୁକ୍ତକଣ୍ଠରେ ସତୀତ୍ୱର ଗରିମା ପ୍ରକାଶକରି କହିଛନ୍ତି –

"ରାଣୀ ବୋଇଲେ, ଏଥୁ ହୋଇଲେ ଆନ
ଦେଖ ଚପଳେ ! ତୋ ନ ବଞ୍ଚିବ ପ୍ରାଣ
ସାମାନ୍ୟ ନୁହେଁ ପତିବ୍ରତା ମହିମା
ରହି ନପାରେ ତହିଁ କାହା ଗରିମା ।"

ଜଣେ ବିବାହିତା ନାରୀର କର୍ତ୍ତବ୍ୟ ଓ ଧର୍ମ ରାଣୀ ସୁଦେଷ୍ଣାଙ୍କୁ ମଧ୍ୟ ଅଜଣା ନୁହେଁ । ବିଭିନ୍ନ ସଦୁପଦେଶ ମାଧ୍ୟମରେ ରାଣୀ ସୁଦେଷ୍ଣା ଚପଳାକୁ ସେ ପଥରୁ ନିବର୍ତ୍ତାଇବା ପାଇଁ ଚେଷ୍ଟା କଲେ ମଧ୍ୟ ଚପଳା ସେଥିରୁ କ୍ଷାନ୍ତ ନ ହୋଇ ପୁନର୍ବାର ସୁଦେଷ୍ଣାଙ୍କଠାରୁ ସୈରିନ୍ଧ୍ରୀଙ୍କୁ ପଠାଇବା ପାଇଁ ଅନୁରୋଧ ଜଣାଇ ପରିଶେଷରେ ବିଜୟିନୀ ହୋଇଛି । ସୁଦେଷ୍ଣା ସୈରିନ୍ଧ୍ରୀଙ୍କୁ ବହୁତ ବୁଝାଇ ଶୁଝାଇ ପଠାଇଛନ୍ତି । ନାରୀମାନେ ହିଁ ଦୁର୍ବଳା । ପୁଣି କୀଚକ ଏକ ଅପରିମିତ ଶକ୍ତିଶାଳୀ ଭ୍ରାତା । ସହୋଦର ରକ୍ତର ଆକର୍ଷଣ ପୁଣି

Digitized by srujanika@gmail.com

ସତୀ ସୈରିନ୍ଧ୍ରୀଙ୍କର ସତୀତ୍ୱ ରକ୍ଷଣ, ଏହି ଉଭୟ କଥା ଚିନ୍ତାକରି ସୁଦେଷ୍ଣା ଅନୁଚିତକୁ ଉଚିତ ମନେକରି ଦୁର୍ବଳ ଚିତ୍ତରେ ମଧୁଚଷକ ହସ୍ତରେ କୀଚକଠାକୁ ସୈରିନ୍ଧ୍ରୀଙ୍କୁ ପ୍ରେରଣ କରିଛନ୍ତି ।

ରଙ୍ଗାଙ୍ଗବ ଗଙ୍ଗାଧର କୀଚକ ବଧ କାବ୍ୟରେ ସୁଦେଷ୍ଣାଙ୍କ ଚରିତ୍ରରେ ସମାଲୋଚନାର ଶରବ୍ୟ ହୋଇଛନ୍ତି । ପୁରାଣ ବର୍ଣ୍ଣିତ କାହାଣୀକୁ ଉପଜୀବ୍ୟ କରି । ସୁଦେଷ୍ଣାଙ୍କର ମାତୃ-ସୁଲଭ ଗୁଣ ଓ ସରଳତା ଭ୍ରାତୃତ୍ୱର ମୋହରେ ହରାଇ ଦେଇଛି ତା'ର ସମସ୍ତ ସୌନ୍ଦର୍ଯ୍ୟ ।

ସୈରିନ୍ଧ୍ରୀ :

ଆଲୋଚ୍ୟ କାବ୍ୟରେ କବି ଗଙ୍ଗାଧର ସୈରିନ୍ଧ୍ରୀଙ୍କ ଚରିତ୍ରକୁ ଜଣେ ସତୀ, ସାଧ୍ୱୀ, ପତିପରାୟଣା ନାରୀ ଭାବରେ ଚିତ୍ରଣ କରିଛନ୍ତି । ସେ ପାଣ୍ଡବ ପଞ୍ଚଭର୍ତ୍ତାଙ୍କ ମନୋହାରିଣୀ ହୋଇ ଅନ୍ୟ କାହାରିକୁ ସେ ଭର୍ତ୍ତା ଭାବରେ ଗ୍ରହଣ କରି ନାହାନ୍ତି । କୀଚକକୁ ଷଷ୍ଠ ଭର୍ତ୍ତା ହିସାବରେ ସେ ତାଙ୍କର ମାନସପଟରେ କେବେହେଲେ ଗ୍ରହଣ କରି ନାହାନ୍ତି । ବିଭିନ୍ନ ଚକ୍ରାନ୍ତ କରି ଚପଳା ଓ କୀଚକ ପରିଶେଷରେ ଉପହସିତ ହୋଇଛନ୍ତି । କାମାନ୍ଧ କୀଚକ ପାଖରୁ ମୁକୁଳିବା ପାଇଁ ସେ ଭଗବାନଙ୍କଠାରେ ନିଜର ଆକୁଳତା ଜଣାଇ କହି ଉଠିଛନ୍ତି—

'ବୋଇଲେ,'' ଧନ୍ୟ ପ୍ରଭୁ ଆରତତ୍ରାଣ
ବହିଛ ଏକ କରେ କୃପା କୃପାଣ
ସେ ଯୁଗ ଯୁଗପତ ପ୍ରୟୋଗ କରି
ଦୀନ ଦରିଦ୍ର ଦୁଷ୍ଟ ଗରବ ହରି ।''

ଅମିତ ଯୌବନଶାଳୀ କୀଚକର ପାପ ପଙ୍କିଳ ବାସନା ଚରିତାର୍ଥ କରିବା ପାଇଁ ଚପଳା ଦାସୀ ଯେତେବେଳେ ସୈରିନ୍ଧ୍ରୀଙ୍କଠାରେ ପ୍ରବେଶ କରିଛି ଓ ଅଯଥାରେ ତାଙ୍କର ପ୍ରଶଂସା ବାଢ଼ିଛି, ସେତେବେଳେ ସୈରିନ୍ଧ୍ରୀ ଚପଳାର ଛଳନାପୂର୍ଣ୍ଣ ଉକ୍ତି ଅନୁଭବ କରି ତାକୁ ଭର୍ତ୍ସନା କରିଛନ୍ତି ।

''ସୈରିନ୍ଧ୍ରୀ ବୋଇଲେ ଜାଣି ପାରିଲି ମୁଁ
ତୋ ମତି ନୁହଇ ଭଲ
ଆଉ ମୋ ପାଖକୁ ନ ଆସିବୁ କେବେ
ଆଜ ଏବେ ଶୀଘ୍ର ଚଲ ।''

ଏଥିରୁ ସୈରିନ୍ଧ୍ରୀଙ୍କର ଆଦର୍ଶ ଚରିତ୍ରବତ୍ତ୍ୱର ପ୍ରମାଣ ପ୍ରକଟିତ ହୁଏ । ସେ ଯଦିଓ ବିରାଟ ରାଜମହିଷୀ ସୁଦେଷ୍ଣାଙ୍କର ଅନ୍ନରେ ପ୍ରତିପାଳିତା ତଥାପି ତାଙ୍କର ଅନୁରୋଧ ଏଡ଼ି ନପାରି ମଧୁଚଷକ ହସ୍ତରେ କାମୁକ କୀଚକ ପାଖକୁ ବାଧ୍ୟହୋଇ ଯାଇଛନ୍ତି । ଯିବା ପଥରେ ସେ ସୂର୍ଯ୍ୟଦେବତାଙ୍କୁ ସ୍ତୁତି ପ୍ରାର୍ଥନା କରିଛନ୍ତି—

Digitized by srujanika@gmail.com

"ଉର୍ଦ୍ଧ୍ୱେ ଅନାଇ ସତୀ ହୋଇ ବିକଳ
ବୋଇଲେ, "ଧର୍ମ, ତୁମ୍ଭେ ଅବଳାବଳ
ବନ୍ଧୁ ଛ ଆସି ଅନ୍ୟ ବସନେ ଯାର
ସାହସ ଦିଅ ଆଜ୍ଞା ପାଳିବ ତା'ର ।"

ବ୍ୟାସଦେବଙ୍କ ପ୍ରଣୀତ ମହାଭାରତରେ ଏକ କଥା ଉଲ୍ଲେଖ ଅଛି । ସୈରନ୍ଧ୍ରୀଙ୍କ ପ୍ରାର୍ଥନାରେ ସୂର୍ଯ୍ୟଦେବ ଜଣେ ରାକ୍ଷସକୁ ଆହ୍ୱାନକରି ତାଙ୍କୁ ରକ୍ଷା କରିବା ପାଇଁ ଆଦେଶ ଦେଇଛନ୍ତି ।

ଅନ୍ତର୍ହିତଂ ତତଃ ସ୍ୟୋ ରକ୍ଷୋ ରକ୍ଷାର୍ଥଂ ଆଦିଶତ୍
ତ ଚୈନାଂ ନାଜହାତ୍ ତତ୍ର ସ୍ୱ ସର୍ବାବସ୍ଥା ଅନିନ୍ଦିତାମ୍ ।

ଏହାପରେ ରାକ୍ଷସଟି ମର୍ତ୍ତ୍ୟକୁ ଆସି ସୈରନ୍ଧ୍ରୀଙ୍କ ପଛେ ପଛେ ଜଗି ରହିଛି । ତା'ପରେ ସୈରନ୍ଧ୍ରୀ ହୃଦସ୍ଥରେ ସାହସ ବାନ୍ଧି କୀଚକପାଖରେ ଉପସ୍ଥିତ ହୋଇଛନ୍ତି । ଲମ୍ପଟ କୀଚକ ପାପଲାଳସା ଚରିତାର୍ଥ କରିବା ପାଇଁ ବାହୁ ପ୍ରସାରଣ କରି ବ୍ୟର୍ଥ ହୋଇଛି । ଦ୍ରୁତ ଗତିରେ ନିଜକୁ ରକ୍ଷା କରି ସୈରନ୍ଧ୍ରୀ ନିଜ ବିଶ୍ରାମ କକ୍ଷରେ ଉପସ୍ଥିତ ହୋଇଛନ୍ତି । ଯୁଧିଷ୍ଠିରଙ୍କଠାରୁ ଆଦେଶ ପାଇ ସୈରନ୍ଧ୍ରୀ ଗଭୀର ରାତିରେ ଭୀମଙ୍କ ଶୟନ କକ୍ଷରେ ଉପସ୍ଥିତ ହୋଇଛନ୍ତି । ଭୀମ ସେହି ଲମ୍ପଟ କୀଚକକୁ ସୈରନ୍ଧ୍ରୀର ଛଦ୍ମବେଶରେ ହତ୍ୟା କରିଛନ୍ତି । ଏହିଠାରେ ହିଁ ସୈରନ୍ଧ୍ରୀର ଚରିତ୍ର ପରିସମାପ୍ତି ଘଟିଛି । ଜଣେ ଆଦର୍ଶ-ସ୍ଥାନୀୟା ପତ୍ନୀ ହିସାବରେ ତାଙ୍କର କର୍ତ୍ତବ୍ୟ ପାଳନ କରିବାକୁ ସେ କୁଣ୍ଠାବୋଧ କରି ନାହାନ୍ତି । ତାଙ୍କର ପ୍ରତ୍ୟେକଟି କାର୍ଯ୍ୟକଳାପ ଭିତରେ ଚିନ୍ତା, ଅଭାବ, ଅନୁଭୂତି, ସ୍ନେହ, ଭକ୍ତି, ସହାନୁଭୂତି, ସତ୍ୟ ନିଷ୍ଠା ଆଦି ପରିପାଳିତ ।

କୀଚକ :

ଏକ ଅମିତ ବିକ୍ରମଶାଳୀ ବୀର ବିରାଟ ରାଜାଙ୍କର ଶାଳକ । ଯାହାର ବାହୁବଳରେ ବିରାଟ ରାଜାଙ୍କର ପ୍ରତିପତ୍ତି ବର୍ଦ୍ଧିତ । ହେଲେ ମଧ୍ୟ ସେ ଏକ ନିମ୍ନସ୍ତରୀୟ ପ୍ରେମିକ, କାମାନ୍ଧ, ଧୂର୍ତ୍ତ । ତାହାର ସମସ୍ତ ଶକ୍ତି, ବୀରତ୍ୱ ପରାଭୂତ ହୋଇଛି ପାପଲାଳସା ଚରିତାର୍ଥ ପାଇଁ । ପାଣ୍ଡବମାନଙ୍କ ଅଜ୍ଞାତବାସ ସମୟରେ ଦ୍ରୌପଦୀଙ୍କ ସହିତ ସେମାନେ ବିରାଟ ରାଜ-ପ୍ରାସାଦରେ ଛଦ୍ମନାମ ଧରି ଆତ୍ମଗୋପନ କରିଥିଲେ । ସଂସ୍କୃତ ମହାଭାରତ, ସାରଳାଦାସଙ୍କ ମହାଭାରତରୁ ଗଙ୍ଗାଧର ବିଷୟବସ୍ତୁକୁ କଙ୍କାଳ ରୂପେ ଗ୍ରହଣ କରିଥିଲେ ମଧ୍ୟ କେତେକ କ୍ଷେତ୍ରରେ ନିଜର ମୌଳିକତା ପ୍ରଦର୍ଶନ କରିବା ପାଇଁ ନୂତନ କଥାବସ୍ତୁ ଗ୍ରହଣ କରିଛନ୍ତି । ବିରାଟ ରାଜ୍ୟର ବନଦୁର୍ଗା ଉତ୍ସବରେ ଦ୍ରୌପଦୀଙ୍କର ଅପରୂପ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଛି କୀଚକ ନିଜର ଅଙ୍ଗଲାଳସା ଚରିତାର୍ଥ କରିବା ପାଇଁ । ଉତ୍ସବର ଅବସାନରେ କୀଚକ ନିଜ ବାସଭବନକୁ ଫେରିଯାଇ ଅନେକ ଚିନ୍ତା କରିଛି ସୈରନ୍ଧ୍ରୀଙ୍କ ପାଇଁ । ମାନସିକ ଭାବନା ତା'ର ଜଟିଳରୁ ଜଟିଳତର ହୋଇଛି । ନିଜକୁ ମଧ୍ୟ ଅତି ଘୃଣ୍ୟ ବିବେଚନା କରି କହିଛି—

Digitized by srujanika@gmail.com

"ଆଉ ଅନ୍ୟ କଥା ହୁଏ ଯଦି ତାର ପ୍ରୀତି ପାଇଁ ପ୍ରୟୋଜନ
କୁଣ୍ଠିତ ନ ହେବି କଦାପି ଜୀବନ କରିବାକୁ ବିସର୍ଜନ ।"

ଏହାପରେ ରାତ୍ରି ପାହିଯାଇଛି । ପରିଚାରିକା ଚପଳା କୀଚକର ମୁଖ ପ୍ରକ୍ଷାଳନ ପାଇଁ ସୁବାସିତ ଜଳ ହସ୍ତରେ କୀଚକ ବାସଭବନରେ ଉପସ୍ଥିତ ହୋଇଛି । ଉକ୍ତ କାବ୍ୟରେ ବର୍ଣ୍ଣିତ ନାୟକ କୀଚକ କାମାନ୍ଧ ପୁରୁଷ ରୂପରେ ପ୍ରମାଣିତ । ସେ ଚପଳାକୁ ନିଜର ନାରକୀୟ ବାସନା ଚରିତାର୍ଥ କରିବା ପାଇଁ ସୈରିନ୍ଧ୍ରୀଙ୍କ ନିକଟକୁ ପଠାଇଛି । ପ୍ରଥମତଃ ଚପଳା ସୈରିନ୍ଧ୍ରୀଙ୍କୁ ଆଣିବା ପାଇଁ ଯାଇ ବ୍ୟର୍ଥ ହୋଇଛି । ପରେ ଚପଳା ବିବିଧ ଚକ୍ରାନ୍ତ ଦ୍ୱାରା କାର୍ଯ୍ୟ ହାସଲ କରିବା ପାଇଁ ଦୃଢ଼ପ୍ରତିଜ୍ଞ ହୋଇ ସୈରିନ୍ଧ୍ରୀଙ୍କୁ କୀଚକଙ୍କଠାରେ ପହଞ୍ଚାଇଛି ।

ରାଧାନାଥଙ୍କର ପାର୍ବତୀ, ଚନ୍ଦ୍ରଭାଗା ଓ ଗଙ୍ଗାଧରଙ୍କର କୀଚକବଧ ଏବଂ ପଦ୍ମିନୀରେ ସତୀନାରୀ ଉପରେ କାମୁକର ଅତ୍ୟାଚାର ବାସ୍ତବିକ ପ୍ରଣିଧାନଯୋଗ୍ୟ । ଗଙ୍ଗେଶ୍ୱରଙ୍କର ଆକ୍ରମଣରୁ କୌଶଲ୍ୟା, କାମୁକ ସୂର୍ଯ୍ୟଙ୍କ ଆକ୍ରମଣରୁ ଚନ୍ଦ୍ରଭାଗାଙ୍କ ସତୀତ୍ୱ ରକ୍ଷା କରିବାକୁ ରାଧାନାଥ ସଚେଷ୍ଟ ହୋଇ ପାରିନାହାନ୍ତି । କିନ୍ତୁ ଗଙ୍ଗାଧର ସତୀତ୍ୱ ରକ୍ଷାକରିବାକୁ ସଚେଷ୍ଟ ହୋଇ କାମୁକ କୀଚକର ମୃତ୍ୟୁ ଘଟାଇଛନ୍ତି । ଅର୍ଥାତ ପାପ ନିକଟକୁ ଧର୍ମର ଗମନ ଫଳରେ ପାପର ପରିଣାମ ମୃତ୍ୟୁରେ ପରିଣତ ହୋଇଛି ।

ସୈରିନ୍ଧ୍ରୀ ମଧୁଚଷକ ହସ୍ତରେ ଯେତେବେଳେ କୀଚକ ସମ୍ମୁଖରେ ଉପସ୍ଥିତ ହୋଇଛନ୍ତି ସେତେବେଳେ ସୈରିନ୍ଧ୍ରୀଙ୍କୁ ସ୍ପର୍ଶ କରିବା ଲାଗି ଉତ୍କଣ୍ଠିତ ହୋଇପଡ଼ିଛନ୍ତି ।

"ଆସନୁ ଉଠି ବୋଲେ ରହ ସଙ୍ଗିନୀ
କୃପାରେ ନେଉ କନା ଦାସକୁ କିଣି
ସେ ରୀତି ବୁଝି ସତୀ ଅତି ଚଞ୍ଚଳ
ଗୁଞ୍ଜିଲେ ବେଗ ବେଗ ଧରି ଅଞ୍ଚଳ ।"

ଜୀବନ ଦେଇ ସୈରିନ୍ଧ୍ରୀ ବେଗଗାମିନୀ ହୋଇ ପଳାଇ ଆସିଛନ୍ତି ବିରାଟ ରାଜପ୍ରାସାଦକୁ । ସେଠାରେ ବିରାଟ ରାଜ ସମସ୍ତ ବିଷୟ ଅବଗତ ହୋଇ ସୈରିନ୍ଧ୍ରୀଙ୍କୁ କୀଚକର ଅଙ୍କଶାୟିନୀ ହେବା ପାଇଁ ପରାମର୍ଶ ଦେଇଛନ୍ତି । କିନ୍ତୁ କୀଚକ ସୈରିନ୍ଧ୍ରୀଙ୍କୁ ଅନୁଧାବନ କଲାବେଳେ ବୃକ୍ଷରେ ବାଧାପ୍ରାପ୍ତ ହୋଇ ଭୂପତିତ ହୋଇ ଗର୍ଜନ କରି ଉଠି ବୃକ୍ଷକୁ ଉପାଡ଼ି ଦେଇଛି । ତା'ପରେ ଚପଳାର ସ୍ୱୀୟ ଚକ୍ରାନ୍ତରେ କୀଚକ ଯେତେବେଳେ ଶୁଣିବାକୁ ପାଇଛି ଯେ, ନିଶିଥିନୀର ନିର୍ଜନ ପ୍ରକୋଷ୍ଠରେ ସୈରିନ୍ଧ୍ରୀ କୀଚକକୁ ଧରିଦେବ ସେତେବେଳେ ସେ ଉତ୍ଫୁଲ୍ଲିତ ହୋଇଉଠିଛି । ଏଠାରେ କୀଚକର ଜୀବନ ଶେଷ ପର୍ଯ୍ୟନ୍ତ କବି ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । କାମାନ୍ଧ କୀଚକ କାମଜ୍ୱାଳାରେ ଅର୍ଦ୍ଧଦଗ୍ଧ ହୋଇ ସୈରିନ୍ଧ୍ରୀଙ୍କ ସହିତ ରତିକ୍ରୀଡ଼ା କରିବା ପାଇଁ ଗଭୀର ଅନ୍ଧକାର ମଧ୍ୟରେ ଉଦ୍ୟାନରେ ପ୍ରବେଶ କରିଛି ।

Digitized by srujanika@gmail.com

"କୀଚକ ଉଦ୍ୟାନେ ଭ୍ରମି ସୈରିନ୍ଧ୍ରୀ ନପାଇ
ପୁଣିଥରେ ଅନ୍ୱେଷିଲା ନୃତ୍ୟପୁରେ ଯାଇ
ମନ୍ଦିର ଭିତରେ ଦେଖି ଧବଳ ମୂରତ
ମୋ ପ୍ରାଣ ବାନ୍ଧବୀ ବୋଲି ଧଇଲା ତୁରିତ ।"

ରାତ୍ରିର ଅନ୍ଧକାରରେ କୀଚକ ନାରୀଛଦ୍ମବେଶୀ ଭୀମଙ୍କୁ ମୋ ପ୍ରାଣବାନ୍ଧବୀ ସୈରିନ୍ଧ୍ରୀ ବୋଲି ସମ୍ବୋଧନ କରୁଛି ଓ ତାଙ୍କୁ ଆଲିଙ୍ଗନରେ ବାନ୍ଧିରଖିବାକୁ ବ୍ୟଗ୍ର ହୋଇ ଉଠିଛି । ଏହିଠାରେ ହିଁ କୀଚକର ଯବନିକା ପତନ ହୋଇଛି । ଭୀମହସ୍ତରେ ତା'ର ପ୍ରାଣବାୟୁ ଉଡ଼ିଯାଇଛି ।

"କୀଚକବଧ" କାବ୍ୟରେ କବି ଗଙ୍ଗାଧର ଖଳ କୀଚକକୁ ନାୟକ ଭାବରେ ଚିତ୍ରଣ କରିଛନ୍ତି ସତ, କିନ୍ତୁ ସେ ହୋଇଛି କାମାନ୍ଧ ଲମ୍ପଟ । ସେ ସବୁବେଳେ ରୂପର ମୋହରେ ଆତ୍ମହରା । ସୈରିନ୍ଧ୍ରୀ ପାଇଁ ସେ ଭୁଲିଯାଇଛି ସମସ୍ତ କର୍ତ୍ତବ୍ୟ । ନିଜର ପରାକ୍ରମ, ଗୌରବ, ଯଶ, ଧନ ମାନର ଗରିମା ସବୁ ନିଜେ ପ୍ରକାଶ କରିଛି; କିନ୍ତୁ ଅବଶେଷରେ ପାଇଛି ପରାଭବ । ଗଙ୍ଗାଧରଙ୍କ କାବ୍ୟରେ ଏହିଠାରେ କୀଚକ ଚରିତ୍ରର ସମାପ୍ତି ଘଟିଛି ।

ପ୍ରକୃତି ଚିତ୍ରଣ :

ସୃଷ୍ଟି ପ୍ରାରମ୍ଭରୁ କବି, ଦାର୍ଶନିକ, ଋଷିମାନେ ପ୍ରକୃତି ମଧ୍ୟରେ ଭଗବାନଙ୍କର ସତ୍ତା ଉପଲବ୍ଧି କରିଛନ୍ତି । କାଳିଦାସଙ୍କ ଠାରୁ ଆରମ୍ଭକରି ଏ ଯାବତ୍ ପ୍ରତ୍ୟେକ କବି ଯୁଗୋପଯୋଗୀ କବିତା ରଚନା କରିଛନ୍ତି । ଇଂରେଜ କବି ଓ୍ୱାର୍ଡ଼ସ୍‌ଓ୍ୱାର୍ଥ ଯେପରି ପ୍ରକୃତି କବି ରୂପରେ ପରିଚିତ ହୋଇଛନ୍ତି ସେହିପରି ରାଧାନାଥ ଯୁଗରେ ରାଧାନାଥ ମଧ୍ୟ ପ୍ରକୃତି କବିରୂପେ ପୂଜିତ ଓ ସମ୍ମାନିତ ହୋଇଛନ୍ତି । ଗଙ୍ଗାଧର ମଧ୍ୟ ରାଧାନାଥଙ୍କ ସମସ୍ମର କବି । ମଧୁସୂଦନ ପ୍ରକୃତି ମଧ୍ୟରେ ଭଗବତ୍ ସତ୍ତା ଉପଲବ୍ଧି କରିଥିଲା ବେଳେ ରଙ୍ଗାଜୀବ ଗଙ୍ଗାଧର ମଧ୍ୟ ପ୍ରକୃତିର ଯଥାସମ୍ଭବ ବାସ୍ତବ ଚିତ୍ର ଅଙ୍କନ କରି ଅମର ହୋଇଛନ୍ତି । କୀଚକବଧ ଗୋଟିଏ ପୌରାଣିକ କାବ୍ୟ । ପୌରାଣିକ କାବ୍ୟରେ ପ୍ରକୃତି ଚିତ୍ରଣ ଯେତିକି ସମ୍ଭବ ଗଙ୍ଗାଧର ତାହା କରିବାକୁ ଭୁଲି ନାହାନ୍ତି । ପ୍ରକୃତି ଚିତ୍ରଣରେ ସେ ସୀମା ଅତିକ୍ରମ କରିନାହାନ୍ତି । ଉକ୍ତ କାବ୍ୟଟି ସାତୋଟି ସର୍ଗରେ ରୂପାୟିତ । ପ୍ରଥମ ସର୍ଗରେ କବି ବିରାଟ ନଗରର ରାଜସଭା ଓ ଉତ୍ତୁଙ୍ଗ ହର୍ମ୍ୟମାନଙ୍କର ସୂଚନା ଦେବାକୁ ଯାଇ ଲେଖିଛନ୍ତି—

ବିରାଟ ନଗର ମର୍ତ୍ତ୍ୟମଧ୍ୟେ ମନୋହର
ଭରି ମନୋରମା ରମା ଦେବୀ-କେଳିଘର
ରମଣୀ ସକଳ ଶୁଭ୍ର ସଉଧ ମାଳିନୀ
ରଜତ ପର୍ବତ ସମ ସୁଷମା ଶାଳିନୀ
ଧବଳ ପ୍ରସାଦ ମାନ ସ୍ୱର୍ଣ୍ଣକୁମ୍ଭ ଧରି
ହସନ୍ତି ବିଭୂତି ଅଙ୍ଗ ଚନ୍ଦ୍ର ଚୂଡ଼ ପରି

× × ×

Digitized by srujanika@gmail.com

ନଗର ଉତ୍ତରେ ରମ୍ୟ ଚନ୍ଦ୍ରକାରବନ
ସୁନ୍ଦର ଶ୍ୟାମଳ ପଣ ବର୍ଦ୍ଧି ତରୁ ଗଣ
ଗାଢ଼େ ଆଲିଙ୍ଗନ କରି ଶାଖା ପରସ୍ପର
ନିଜ ନିଜ ତନୁ କରିଥାନ୍ତି ଘନତର
ଘନ ତରୁ ରନ୍ଧ୍ର ଭେଦି ପ୍ରଭାକର କର
ବିଚୂର୍ଣ୍ଣିତ ହୋଇ ଛାୟା ଭୂମିରେ ସୁନ୍ଦର
ଅନନ୍ତ ମସ୍ତକେ ଯେହ୍ନେ ମଣି ସମୁଜ୍ଜ୍ୱଳ
ଯମୁନା ବକ୍ଷରେ କିବା ଶ୍ୱେତ ଶତଦଳ ।"

ଏହାପରେ କବିଙ୍କର ଦୃଷ୍ଟି ବସନ୍ତ ଋତୁ ଆଡ଼କୁ ଫେରିଆସିଛି । ଋତୁରାଜ ବସନ୍ତର ଆଗମନ ବାର୍ତ୍ତା କୋକିଳ ପ୍ରଚାର କରୁଛି । ବିବିଧ କୁସୁମ ପ୍ରସ୍ଫୁଟନ ସଙ୍ଗରେ ମନ୍ଦ ସମୀରଣ ତା'ର ସୌରଭକୁ ଚତୁର୍ଦ୍ଦିଗରେ ବିଞ୍ଚାଡ଼ି ଦେଉଛି । ଏଠାରେ କବି ପ୍ରକୃତିର ବାସ୍ତବରୂପ ବର୍ଣ୍ଣନା କରି ଜଣେ ପ୍ରତିଭାବାନ୍ କବି ହିସାବରେ ପରିଚୟ ଦେଇଛନ୍ତି ।

ବସନ୍ତ ବିଜୟ ବାରତା ପ୍ରଚାରିଲା ଭୁବନେ
ପାଦପ ଆନତ ପତର ପରଭୃତ ପଠନେ
ଋତୁ ରାଜ କଣ୍ଠେ ପଡ଼ିଲା ଋତୁ ସମ୍ରାଟ ଭୂଷା
ଗମିଲେ ସରଳ ପଥରେ ତ୍ୟଜି ଦକ୍ଷିଣ ଆଶା
ଶିଶିର ନାଶଇ ପଦ୍ମିନୀ ଧନ ରବିଙ୍କ ତ୍ରାସେ
ଏଣୁ ଋତୁ ପତି ନାମରେ ରବି ରହିଲେ ହାସେ
ଗ୍ରହ ରାଜ୍ୟ ହେଲା ପ୍ରସନ୍ନ ତହିଁ ଗ୍ରହସବବେ
ବିଳାସିଲେ ମଣ୍ଡି ବିରହ ରମ୍ୟ ପ୍ରଭା ବିଭବେ
ପତି-ମିତ ଗତି-ଦୁଃଖରେ କ୍ଷୀଣ ଥିଲା ବାସର
ଫୁଲ୍ଲିଲା ମୁଦେ ଶରୀର ମୁଖ କରି ସୁନ୍ଦର

ପୁଣି ସୂର୍ଯ୍ୟ ପ୍ରିୟା ପଦ୍ମ ଶିଶିରବନ୍ଧୁ ପାତରେ ହୋଇଥିଲା ବିଧ୍ୱସ୍ତ । ପୁଣି ବସନ୍ତଋତୁ ହେବାରୁ ପଦ୍ମର ପ୍ରସ୍ଫୁଟନ ଦେଖି କବି ଲେଖିଛନ୍ତି —

"ଭାନୁ ଯମାଳୟ ଗମନ ଦେଖି ପଦ୍ମିନୀ ସତୀ
ବିଷ୍ଣୁପଦ ସ୍ରୁତ ଜଳରେ ଝାସିଥିଲା ଝଟତି
ତପ ଫଳେ ଏବେ ସୁନ୍ଦରୀ ନବ ଜନମ ଲଭି
ଧ୍ରୁବ ସମ୍ମୁଖୀନ ପତିଙ୍କ ହେଲା ପ୍ରିୟ ବଲ୍ଲଭୀ ।"

ବନଦୁର୍ଗା ପୂଜାର ଅବ୍ୟବହିତ ପୂର୍ବରୁ ଗଙ୍ଗାଧର ବସନ୍ତଋତୁର ଏକ ମନୋଜ୍ଞ ବର୍ଣ୍ଣନା ପ୍ରଦାନ କରିଛନ୍ତି । ବସନ୍ତଙ୍କର ଆତିଥ୍ୟ ଗ୍ରହଣ କରିବା ପାଇଁ ପୃଥିବୀ ତରଭୁଜ, ଅମ୍ବ, ପଣସ ଆଦି ଖାଦ୍ୟ ସମ୍ଭାର ସଜାଡ଼ୁଛି । କେହି ସୁଫଳ ଭୁଞ୍ଜି ଆନନ୍ଦିତ ହୋଇଛି ତ କେହି ସୁଫଳ ଭୋଜନରୁ ବଞ୍ଚିତ ହୋଇ ବିପର୍ଯ୍ୟସ୍ତ ହୋଇଛି । ପଳାଶ ପୁଷ୍ପର ଅପରୂପ ସୌନ୍ଦର୍ଯ୍ୟ

Digitized by srujanika@gmail.com

ଲାଭକରି ବନ ଦେବୀଙ୍କର କାନ୍ତି ବୃଦ୍ଧି ଲାଭ କରିଥିଲା ବେଳେ ଚନ୍ଦ୍ରିକାର ନବପ୍ରସୂତି ବିଶ୍ୱବର୍ଣ୍ଣ ଦୁଃଖରେ ମ୍ରିୟମାଣ ହୋଇଛନ୍ତି । ସଂଯୋଗୀମାନେ ପ୍ରୀତି ଉପଭୋଗ କରିବା ଭିତରେ ସଂସାର ବିରାଗୀ ଯୋଗୀମାନେ ମଦନାନଳରେ ଦଗ୍ଧୀଭୂତ ହୋଇଛନ୍ତି । ଏହାପରେ ବିଶ୍ୱବର୍ଣ୍ଣ ଆସିଯାଇଛି ।

ଦିନ ଅନ୍ତିମରୁ ଅବସାନେ ହେଲ
ସନ୍ଧ୍ୟା ଯବନିକା ପାତ
ଦିବସ ବେଶକୁ ଭିନ୍ନ ଭିନ୍ନ କରି
ବିଶ୍ୱବର ସମାସ୍ଥିତ ।
ପ୍ରକୃତି ଯନ୍ତ୍ରରେ ଖଣ୍ଡ ଖଣ୍ଡ କରି
ପ୍ରଭାକର ମହାମଣି
ନିଜ ଅବୟବ ଅଲଙ୍କୃତ କଲ୍
ଗଢ଼ି ତାରା ନିଶାମଣି ।
ଜ୍ୟୋତ୍ସ୍ନା ଉଦ୍ଭାସିତ ସମ୍ବୁକ୍ତ ନୀଳ
ବିଦାମ୍ବ ସେ ସୁଧାକର
କ୍ଷୀରାର୍ଣ୍ଣବ ଶେଷ ମଣି ମଧ୍ୟେ ବସ୍ତୁ
କୌସ୍ତୁଭ ବଡ ସୁନ୍ଦର ।

ଏହିପରି ସନ୍ଧ୍ୟା ଓ ନିଶିଥିନୀର ବର୍ଣ୍ଣନାରେ କବି ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି । ଚତୁର୍ଥ ସର୍ଗରେ କବି ସ୍ୱଳ୍ପ ବର୍ଣ୍ଣନା ଦେଇ ପଞ୍ଚମ ସର୍ଗରେ ଉପନୀତ ହୋଇଛନ୍ତି । ପୌର୍ଣ୍ଣମାସୀ ରଜନୀ । ଆକାଶରେ ପୂର୍ଣ୍ଣଚନ୍ଦ୍ର । ସମଗ୍ର ପୃଥିବୀ ବକ୍ଷରେ ଜ୍ୟୋତ୍ସ୍ନା ବିଚ୍ଛୁରିତ । ଗମ୍ଭୀର ନିଶିଥିନୀର ନୀରବତା ଭେଦକରି ଚକ୍ରବାକର ହୃଦୟସ୍ଥ ସୁଖରନ୍ଧ୍ର ସମ୍ଭୂତ ହେଉଥିଲା ବେଳେ ଚନ୍ଦ୍ର ଉଦୟରେ ଚକୋରର ଆନନ୍ଦ ବାସ୍ତବିକ ସୁଖପ୍ରଦ । ପଦ୍ମବନରୁ ଲକ୍ଷ୍ମୀ ଶିବିରକୁ ଅପସାରଣ କରି ମଲ୍ଲିକା ବନରେ ଉତ୍ତୋଳନ କରିବା, ପୁଣି ସୂର୍ଯ୍ୟମୁଖୀର ମୁଖ ଲାବଣ୍ୟକୁ ନେଇ ନବମାଲିକାରେ ଭରିଦେବା ଆଦି ବର୍ଣ୍ଣନା କବି ଲେଖନୀରେ ଜୀବନ୍ତ ହୋଇଉଠିଛି । ଷଷ୍ଠ ସର୍ଗରେ ଗମ୍ଭୀର ରଜନୀରେ କୌତୁକ ଉଦ୍ୟାନରେ ଭ୍ରମଣ କରିବାର ସ୍ୱଳ୍ପ ବର୍ଣ୍ଣନା ଦେଇ କବି ଶେଷ ସର୍ଗରେ ଉପନୀତ ହୋଇଛନ୍ତି । ପ୍ରଭାତ ସମାଗତ । ଚତୁର୍ଦ୍ଦିଗରେ ପୁଷ୍ପ ପ୍ରସ୍ଫୁଟିତ, ଭ୍ରମରର ଗୁଣୁ ଗୁଣୁ ଗୁଞ୍ଜନରେ ଚତୁର୍ଦ୍ଦିଗ ପରିବ୍ୟାପ୍ତ । ଏହି କ୍ଷେତ୍ରରେ କବିଙ୍କର ଉଷାବର୍ଣ୍ଣନା ହୋଇଛି ପ୍ରତିଭାତ—

"ଅଇଲା ଉଷା ଯୋଷିତ
କୁସୁମେ ହୋଇ ଭୂଷିତ
ଭ୍ରମର-ଅଙ୍ଗନାଶ୍ରିତ ପଦ୍ମନୟନା
ବିହଙ୍ଗ ସ୍ୱନ କଙ୍କିଣି
କଳ୍ପଣିଲା କଣି କଣି
ଜୀବ ଚିତ୍ତ ନେଲା କଣି କୁନ୍ଦ ଦଶନା
ଅରୁଣ ଚରଣ ସୁନ୍ଦର
ପ୍ରଭାତି ତାରକା ମଥା ମଣି ଭାସ୍ୱର ।"

Digitized by srujanika@gmail.com

ସମଗ୍ର କାବ୍ୟଟିକୁ ଅନୁଧ୍ୟାନ କଲେ ଉପବନର ବର୍ଣ୍ଣନା, ବସନ୍ତର ବର୍ଣ୍ଣନା, ସନ୍ଧ୍ୟା, ପ୍ରଭାତ ଆଦି ବର୍ଣ୍ଣନାରେ କବିଙ୍କର ସିଦ୍ଧହସ୍ତ ପ୍ରକାଶିତ । ଏହା ଏକ ପୌରାଣିକ କାବ୍ୟ ହେଲେ ମଧ୍ୟ ଏଥିରେ ପ୍ରକୃତି ଚିତ୍ରଣର ବୈଶିଷ୍ଟ୍ୟ ପ୍ରତିଫଳିତ ହୋଇଥାଏ ।

କୀଚକବଧରେ କବିଙ୍କ ପ୍ରତିଭା :

ଗଙ୍ଗାଧର ଥିଲେ ରାଧାନାଥ ଯୁଗର କବି । ମଧ୍ୟଯୁଗୀୟ ସାହିତ୍ୟ ମୁଖ୍ୟତଃ ଅଳଙ୍କାର, ଛନ୍ଦ, ଉପମା ଆଦିରେ ଭରପୂର ହୋଇ ରହିଥିବା ବେଳେ ରାଧାନାଥ ଉକ୍ତ ଶୈଳୀକୁ ପରିହାର କରି ଆଧୁନିକତା ସୃଷ୍ଟିକରି କାବ୍ୟ କବିତାକୁ ଅଧିକ ଜୀବନ୍ତ ଓ ରସବନ୍ତ କରିପାରିଛନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁ ସାମନ୍ତସିଂହାର, ଦୀନକୃଷ୍ଣ ଦାସଙ୍କ କାବ୍ୟ ପାଠକରି ଗଙ୍ଗାଧର ରଚନା କରିଥିଲେ 'ରସ ରତ୍ନାକର' ନାମକ ଏକ ବିଶାଳ କାବ୍ୟଗ୍ରନ୍ଥ । ସଂସ୍କୃତ ଶାର୍ଦ୍ଦୂଳ ବିକ୍ରୀଡ଼ିତ ରାଗରେ ରଚନା କରିଥିଲେ 'ଅହଲ୍ୟାସ୍ତବ' । ଯୁଗ ସଚେତକ ବନ୍ଧୁ ସୂର୍ଯ୍ୟକୁମାର ମିଶ୍ରଙ୍କ ସହାୟତା ଓ ନିର୍ଦ୍ଦେଶନାରେ ସେ ନିର୍ଦ୍ଦେଶିତ ହୋଇଥିଲେ । ସେହି ସମୟରେ ପ୍ରମୁଖ କବିଗୁରୁ ରାଧାନାଥ ଅହଲ୍ୟାସ୍ତବ ପାଠକରି ତାକୁ "ବଙ୍ଗଳାଶ୍ରୀ" ରାଗରେ ରଚନା କରିବା ପାଇଁ ନିର୍ଦ୍ଦେଶ ଦେବାରୁ ଗଙ୍ଗାଧର ତାହା ପରିବର୍ତ୍ତନ କରିଥିଲେ । କିନ୍ତୁ କୀଚକବଧ କାବ୍ୟର ବିଷୟବସ୍ତୁ ମହାଭାରତ ପୁରାଣର ବିଷୟବସ୍ତୁ ଉପରେ ଆଧାରିତ । ଉକ୍ତ କାବ୍ୟରେ ଗଙ୍ଗାଧରଙ୍କର ରସ ପରିବେଷଣ ଶୈଳୀର ମୌଳିକତା ପ୍ରତିଫଳିତ ହୋଇଥାଏ । ରାଧାନାଥ ହେଉଛନ୍ତି ଉପଧା ମିଳନର ସ୍ରଷ୍ଟା । ଗଙ୍ଗାଧର ତାଙ୍କ କାବ୍ୟମାନଙ୍କରେ ଉପମା ମିଳନ ପ୍ରତି ଦୃଷ୍ଟି ଦେବାକୁ ଯାଇ କେତେକ କ୍ଷେତ୍ରରେ ଶୃଙ୍ଖଳା ବହିର୍ଭୂତ କାର୍ଯ୍ୟ କରିଛନ୍ତି ।

ଚରିତ୍ର ଚିତ୍ରଣରେ କବିଙ୍କର ଉଚ୍ଚକୋଟୀର ଚିନ୍ତା ସମନ୍ୱିତ । କୀଚକ, ସୈରନ୍ଧ୍ରୀ, ସୁଦେଷ୍ଣା, ଚପଳା, ଭୀମ, ଯୁଧିଷ୍ଠିର ଆଦି ପ୍ରତ୍ୟେକ ଚରିତ୍ର ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷିତ ଏବଂ ଅନ୍ତିମ ପରିଣତି ମଧ୍ୟ ଯଥାର୍ଥ । ଚରିତ୍ର ଚିତ୍ରଣ ମଧ୍ୟ କବି ମେହେରଙ୍କ ପ୍ରତିଭାର ଅନ୍ୟ ଏକ ବୈଶିଷ୍ଟ୍ୟ ।

ଉକ୍ତ କାବ୍ୟଟି ମଧ୍ୟଯୁଗୀୟ କାବ୍ୟାଦର୍ଶ ଉପରେ ପ୍ରତିଷ୍ଠିତ । ପ୍ରାଚୀନ ରାଗରାଗିଣୀକୁ ଆଶ୍ରୟକରି ଦୁଇ ଅର୍ଥବୋଧକ ଉକ୍ତି ପ୍ରୟୁକ୍ତିଦ୍ୱାରା କାବ୍ୟର ମୂଲ୍ୟାୟନ ବର୍ଦ୍ଧିତ ହୋଇଛି । ରୀତିଯୁଗୀୟ ଶୈଳୀ ପ୍ରତି ଗଙ୍ଗାଧରଙ୍କ ଶ୍ରଦ୍ଧାଥିବା ଏଥିରୁ ତାହା ପ୍ରମାଣିତ ହେଉଛି ।

ବାମା ନୁହେଁ ବାମ ବୋଲି ଗର୍ଜିଲା କୀଚକ
ପ୍ରଭଞ୍ଜନ ପ୍ରବାହରେ ଯେସନେ କୀଚକ ।

× × ×

"ସୁଧାକର ପ୍ରୀତି ପ୍ରଫୁଲ୍ଲ ବଦନା
ସୁଧାଂଶୁ ଚିତ୍ତ ମୋହନୀ
ଚନ୍ଦ୍ର ଅଭ୍ୟୁଦୟେ ତିମିର ସଙ୍ଗମେ
ନ ଫୁଟେ କି କୁମୁଦିନୀ

SIKSHASANDHAN
ACC No....2024
ND-7, VIP AREA, BBSR

Digitized by srujanika@gmail.com

କୀଚକବଧ କାବ୍ୟରେ ଗଙ୍ଗାଧରଙ୍କର ବର୍ଣ୍ଣନା ପରିପାଟୀ ମନୋହର ଓ ପ୍ରୀତିପ୍ରଦ । କାବ୍ୟର ସର୍ଗମାନଙ୍କରେ ପ୍ରକୃତି ବର୍ଣ୍ଣନା ସହିତ ବିଭିନ୍ନ ତୁଳନା ବାସ୍ତବିକ ପ୍ରଶଂସାର୍ହ । ପୁଣି କେତେକ ସ୍ଥଳରେ ସାଧୁଭାଷା ଓ ସରଳଭାଷା ପ୍ରୟୋଗ କରି କାବ୍ୟସ୍ଥ ସର୍ଗଗୁଡ଼ିକର ଭାରସାମ୍ୟ ରକ୍ଷାକରି ପାରିଛନ୍ତି । ପୁଣି କେତେକ ଯାବନିକ ଭାଷା ପ୍ରୟୋଗରେ କବିଙ୍କର ପ୍ରତିଭା ପ୍ରଶଂସାର୍ହ ।

> "ଦ୍ୱେଷି କୀଚକ ପ୍ରୀତି ତରଙ୍ଗେ ଭାସି
> ବୋଇଲ ଚପଳାର ବୁଝି ସାବାସି ।"

ପ୍ରୟୋଗ ହୋଇଥିବା "ସାବାସି" ଶବ୍ଦ ସାବାସ ଶବ୍ଦରୁ ସୃଷ୍ଟି । ପାଠ କଲାବେଳେ ପାଠକ ତାହା ସହଜରେ ଜାଣିପାରେ ନାହିଁ ।

କୀଚକବଧ କାବ୍ୟର ସାରମର୍ମ ହେଉଛି, ଅଧର୍ମ ଉପରେ ଧର୍ମର ବିଜୟ । ଏହା କେବଳ ଉପଦେଶ ନୁହେଁ ନୀତିବାଣୀ ନୁହ । ବିଷୟବସ୍ତୁର ମଧୁର ବିନ୍ୟାସ, ସର୍ଗ ମାଧ୍ୟମରେ କାବ୍ୟର ଗତି ଓ ପରିଣତି, କଥା ଓ ଭାବରେ ସଂକ୍ଷିପ୍ତତା, ସ୍ୱାଭାବିକ କମନୀୟତା, କପଟତାର ମାୟାଜାଲ ଖେଳାଇ ଅନ୍ତିମ ପରିଣତି ପ୍ରଦର୍ଶନ କରିବା, ରସାଳ ଛନ୍ଦର ଯଥାର୍ଥ ବ୍ୟବହାର, ଔଚିତ୍ୟ ବୋଧ ଓ ସଂଯମପ୍ରିୟତା ଆଦି ଗଙ୍ଗାଧରଙ୍କ କାବ୍ୟର କାବ୍ୟିକପ୍ରତିଭା ପ୍ରତିଭାତ ହୋଇଥାଏ ।

ପଣ୍ଡିତ ମାଧବ ମିଶ୍ର "କୀଚକବଧ"ର ଆଲୋଚନା ସମ୍ପର୍କରେ ଲେଖିଛନ୍ତି— "କୀଚକବଧ" ଉତ୍କଳ ସାହିତ୍ୟ ରତ୍ନାକରର ଏକ ଦୀପ୍ତିମାନ ରତ୍ନ । ଏଥିରେ ଗଙ୍ଗାଧରଙ୍କ କବି ପ୍ରସିଦ୍ଧି ସମଗ୍ର ଦେଶ ବ୍ୟାପିନୀ ହୋଇଅଛି ଓ ତାଙ୍କ ପ୍ରତି ଲୋକଙ୍କ ସଦନୁରାଗ ବଢ଼ିଅଛି । କୀଚକବଧ ରଚନାର ସମୟକୁ କବିଙ୍କ କ୍ଷେତ୍ରରେ କବିଙ୍କ ବୈଚିତ୍ର୍ୟ ସୃଷ୍ଟିର ଉଷାକାଳେ ବୋଲିଯାଇପାରେ ପ୍ରକୃତ ପକ୍ଷରେ ଏଥିରୁ ହିଁ ତାଙ୍କର ବିକାଶୋନ୍ମୁଖୀ ମୌଳିକ ପ୍ରତିଭାର ସମ୍ପୋଦ୍‌ଗମ ହୋଇଅଛି ।"

(ଗଙ୍ଗାଧର ଗ୍ରନ୍ଥାବଳୀ—ସଂକ୍ଷିପ୍ତ ଜୀବନୀ ଚରିତ)

□□□

ଅଯୋଧ୍ୟା ଦୃଶ୍ୟ

'ଅଯୋଧ୍ୟା ଦୃଶ୍ୟ' କବି ମେହେରଙ୍କର ତିନିଗୋଟି ସର୍ଗ ବିଶିଷ୍ଟ ଏକ ଦୀର୍ଘ କବିତା । ପ୍ରଥମ ସର୍ଗରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଭିତରେ ବନଗମନର ଦୁଃଖାବହ ଘଟଣା । ଦ୍ୱିତୀୟ ସର୍ଗରେ ଦଶରଥଙ୍କ ବିୟୋଗ ଏବଂ ତୃତୀୟ ସର୍ଗରେ ରାମଚନ୍ଦ୍ରଙ୍କର ଅଯୋଧ୍ୟା ପ୍ରତ୍ୟାଗମନର ଦୃଶ୍ୟ ବାସ୍ତବିକ୍ ଉପଭୋଗ୍ୟ । କବି ପୁରାଣରୁ ବିଷୟବସ୍ତୁ ଆହରଣ କରିଥିଲେ ହେଁ ଭାଷାର ସାବଲୀଳତା, ଚିନ୍ତା, କଳ୍ପନା ଆଦି ତାଙ୍କର ନିଜସ୍ୱ । ୧୯୧୦

Digitized by srujanika@gmail.com

ସାଲରେ ଅଯୋଧ୍ୟା ଦୃଶ୍ୟ ରଚିତ ହୋଇଥିଲା ବୋଲି 'ଗଙ୍ଗାଧର ପତ୍ରାବଳୀ'ର ତା ୧୩।୧୧।୧୯୧୦ ପତ୍ରରୁ ସୂଚନା ମିଳିଥାଏ। ରୀତିଯୁଗୀୟ ପ୍ରଭାବ ଏ ସମସ୍ତଙ୍କୁ କିଞ୍ଚିତ୍ ପ୍ରଭାବିତ କରିଥିବାର ଅନୁମାନ କରାଯାଏ। ରୀତିଯୁଗରେ ଯେପରି ମିଳନ, ବିଚ୍ଛେଦ ଇତ୍ୟାଦିର ଚିତ୍ର ପରିଲକ୍ଷିତ ହୋଇଥାଏ, ସେହିପରି ଅଯୋଧ୍ୟା ଦୃଶ୍ୟର ତିନୋଟି ସର୍ଗରେ ବିଚ୍ଛେଦ, ମିଳନ ଆଦିର ଚିତ୍ର ପ୍ରତିଫଳିତ।

'ଅଯୋଧ୍ୟା ଦୃଶ୍ୟ'ର ପ୍ରଥମ ସର୍ଗରେ କବି ପ୍ରଥମେ ମନୋରମ ପ୍ରାକୃତିକ ଦୃଶ୍ୟ ପରିବେଷଣ କରିଛନ୍ତି। ରାମଚନ୍ଦ୍ରଙ୍କର ଅଭିଷେକୋତ୍ସବର ବିରାଟ ଆୟୋଜନ ଶ୍ରବଣ କରି ପୁରବାସୀ ଅତି ଆଗ୍ରହ ଓ ଆନନ୍ଦ କୋଳାହଳ ଭିତରେ ଅପେକ୍ଷା କରିଥିବାବେଳେ ଅଭିଷେକ ଲଗ୍ନର ଉପସ୍ଥିତି ଜାଣି ମହର୍ଷି କୁଳଗୁରୁ ସୁମନ୍ତ୍ରଙ୍କୁ ରାମଚନ୍ଦ୍ରଙ୍କୁ ଆଣିବା ପାଇଁ ପଠାଇଛନ୍ତି। ଦୈବର ବିଧାନ ଦୁର୍ବାର। ପିତୃସତ୍ୟ ପାଳନ ନିମିତ୍ତ ରାମଚନ୍ଦ୍ର ରାଜାଲଙ୍କାର ପରିଧାନ ପରିବର୍ତ୍ତେ ବଲ୍କଲ ବସନ ପରିଧାନ କରି ଦଶରଥଙ୍କଠାରୁ ବିଦାୟ ନେଇ ଆସିଲାବେଳେ ଜନତାଙ୍କ ମନରେ ସୃଷ୍ଟି କରିଛି ବିରାଟ ନିସ୍ତବ୍ଧତା। ରାମଚନ୍ଦ୍ରଙ୍କର ବିଷଣ୍ଣ ବଦନ, ଲକ୍ଷ୍ମଣଙ୍କ ନୟନରୁ ଅନର୍ଗଳ ଅଶ୍ରୁକ୍ଷରଣ ଦେଖି ପୁଣି ରାଜପ୍ରାସାଦରେ ରମଣୀମାନଙ୍କ କଣ୍ଠରୁ କରୁଣ କ୍ରନ୍ଦନ ଧ୍ୱନି ଶ୍ରବଣ କରି ବିରାଟ ଜନତା ନିସ୍ତବ୍ଧ ହୋଇଯାଇଛି। ଚତୁର୍ଦ୍ଦିଗରେ ନୀରବ ନିସ୍ତବ୍ଧ ବିଷାଦ କାଳିମା ପରିବେଶକୁ ଗମ୍ଭୀର କରିଦେଇଛି। ଦଶରଥଙ୍କର ପୀଡ଼ିତାବସ୍ଥାରେ କୈକେୟୀଙ୍କ ସେବାରେ ସନ୍ତୁଷ୍ଟ ହୋଇ ସେ ଯେଉଁ ଦୁଇଟି ବର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ, ତା'ର ଫଳଲବ୍ଧ ସ୍ୱରୂପ କୈକେୟୀଙ୍କ ପୁତ୍ର ଭରତ ରାଜ୍ୟର ଅଧିକାରୀ ହେବେ ଏବଂ ରାମଚନ୍ଦ୍ର ଚତୁର୍ଦ୍ଦଶ ବର୍ଷ ବନଗମନ କରିବେ। ରାମଚନ୍ଦ୍ର ବନଗମନ କରିବା ସମୟରେ ପୁରବାସୀଙ୍କ ସମବେଦନା ଜ୍ଞାପନ କରିବା ପାଇଁ ବୃକ୍ଷରୁ ବିହଙ୍ଗମ ଦଳ, ପ୍ରାସାଦରୁ ମୟୂର-ମୟୂରୀ, ଗୋପବୃନ୍ଦ ଧେନୁପଲ ସହିତ ବସ୍ତ୍ରା, ଗୃହରେ ମାର୍ଜାରମାନେ କଳକଳ ବିଳାପମୁଖର ହେବା ଆଦି ସୁସ୍ପଷ୍ଟ। କବିଙ୍କର ବହିଃରଙ୍ଗ ଚିତ୍ରଣ ଅପେକ୍ଷା ଅନ୍ତରଙ୍ଗ ଚିତ୍ରଣ ବାସ୍ତବିକ୍ ମନୋମୁଗ୍ଧକର। ଜୀବଜଗତ ସହିତ ମାନବ ଜଗତକୁ ଜଡ଼ିତ କରି କବି ଯେଉଁ କାବ୍ୟମାନଙ୍କରେ ମନୋହର ପରିବେଶ ସୃଷ୍ଟି କରିଛନ୍ତି ତାହା ବାସ୍ତବିକ୍ ପ୍ରଣିଧାନଯୋଗ୍ୟ।

ଦ୍ୱିତୀୟ ସର୍ଗରେ ରାମଚନ୍ଦ୍ର ବନବାସ ଯିବା ପରେ ଦଶରଥଙ୍କ ମୃତ୍ୟୁ ଘଟିଛି। ରାଣୀମାନଙ୍କ ଲଲାଟପଟରୁ ସିନ୍ଦୂରବିନ୍ଦୁ ଅପସରିଯାଇଛି। ଦଶରଥଙ୍କ ବିୟୋଗ ଓ ପୁତ୍ର ରାମଚନ୍ଦ୍ରଙ୍କ ବନବାସ ଫଳରେ କୌଶଲ୍ୟାଙ୍କ ହୃଦୟର ଦୁଃଖ ଦାବାନଳ ଆଜି ନିର୍ବାପିତ ହୋଇନାହିଁ। ପ୍ରକୃତି ସହିତ ପ୍ରଜା, ପାଠକ ରାଜଅନ୍ତଃପୁରବାସୀଙ୍କର କରୁଣ ଚିତ୍ର ଫୁଟାଇବାରେ କବି ସିଦ୍ଧହସ୍ତର ପରିଚୟ ଦେଇଛନ୍ତି। ଷଡ଼ଯନ୍ତ୍ରକାରିଣୀ ମନ୍ଥରା ଦାସୀର ଷଡ଼ଯନ୍ତ୍ରରେ ଭୁଲି କୈକେୟୀ ପାଟମହାଦେଈ ହେବାର ଯେଉଁ ଆକାଶକୁସୁମ ପରିକଳ୍ପନା କରିଥିଲେ, ତାହା ଅଚିରେ ଧୂଳିସାତ୍ ହୋଇଯାଇଛି। ଭ୍ରାତୃଭକ୍ତ ଭରତ ଭ୍ରାତୃତ୍ୱର ପରାକାଷ୍ଠା ଦର୍ଶାଇ ନନ୍ଦିଗ୍ରାମଠାରେ ସନ୍ନ୍ୟାସୀପ୍ରାୟ ଜୀବନଯାପନ କରିବାକୁ କୈକେୟୀ

Digitized by srujanika@gmail.com

ଖରାପ ମଣୁଷ୍ୟଲେ ସୁଦ୍ଧା ଦୈବଚକ୍ରର ଦୁର୍ଣ୍ଣିବାକୁ ଏଡ଼ାଇବାରେ ସକ୍ଷମ ହୋଇପାରି ନାହାନ୍ତି । ପୁତ୍ରର ନିର୍ବାସନ ଚିନ୍ତାରେ ମାତା କୌଶଲ୍ୟାଙ୍କ ମନ ବିଳପି ଉଠିଛି । କବିଙ୍କ ଭାଷାରେ—

"ବାପଧନ ବନଗଲୁ ଜନକ ଆଜ୍ଞାରେ
ମାତାର ଦଶାକୁ କମ୍ପା ନ ଚାହିଁଲୁ ବାରେ
ଜୀବନ ଛାଡ଼ିଲେ ପିତା ତୋହର ବିରହେ
ନ ଦେଖିଲୁ ମୁଁ ଦୁଃଖିନୀ କି ଦୁଃଖରେ ରହେ ।

× × ×

ଦେହ ମାତ୍ର ଘରେ ଅଛୁ ତୋଠାରେ ଜୀବନ
ବେନି ନାବେ ପାଦ ଦେଇ ମରୁଅଛୁ ମନ
ମରୁ ଅଛୁ ମନ କିନ୍ତୁ ପାରୁ ନାହିଁ ମରି
କମ୍ପା ବୁଡ଼ି ଯାଉ ନାହିଁ ମୋ ଜୀବନ ତରି ।"

ଏହା ପରେ ଆରମ୍ଭ ହୋଇଛି ତୃତୀୟ ଦୃଶ୍ୟ । ବିଚ୍ଛେଦ ପରେ ମିଳନର ମନୋଜ୍ଞ ସନ୍ନିବେଶ । ରାମଚନ୍ଦ୍ରଙ୍କର ଚଉଦବର୍ଷ ବନବାସ ପରିସମାପ୍ତି ଘଟିଛି । ବିରହ ବିଧୁରା କୌଶଲ୍ୟା ପୁତ୍ର ବିରହରେ ଅଧୀରା ହୋଇ ବଶିଷ୍ଠଙ୍କୁ ରାମଚନ୍ଦ୍ରଙ୍କର ଆଗମନ ବାର୍ତ୍ତା ପଚାରୁଛନ୍ତି । କୌଶଲ୍ୟାଙ୍କ ପରି ଭରତଙ୍କ ମନ ମଧ୍ୟ ନନ୍ଦିଗ୍ରାମରେ ରାମଚନ୍ଦ୍ରଙ୍କ ଆଗମନ ପାଇଁ ଚଞ୍ଚଳ ହୋଇ ଉଠିଛି । ପୁନଶ୍ଚ ଭରତଙ୍କ ମନର ପରୀକ୍ଷା ପାଇଁ ହନୁମାନ ଛଦ୍ମବେଶରେ ଆସି ଭରତର ଭ୍ରାତୃଭକ୍ତିର ପରାକାଷ୍ଠା ପରୀମାପ କରି ନିଜକୁ ହନୁମାନ ବୋଲି ଚିହ୍ନାଇଛି । ପୁଷ୍ପକ ବିମାନରେ ରାମ, ଲକ୍ଷ୍ମଣ, ବିଭୀଷଣ, ଅଙ୍ଗଦ, ସୁଗ୍ରୀବ ଆଦି ଫେରିବାରେ ଅଯୋଧ୍ୟା-ବାସୀଙ୍କର ମନ ଉତ୍ଫୁଲ୍ଲିତ ହୋଇଉଠିଛି । ଅଭିଷେକର ଆୟୋଜନ ଆନନ୍ଦ ଉଚ୍ଛ୍ୱାସ ଭିତରେ କାବ୍ୟର ପରିସମାପ୍ତି ଘଟିଛି । ନିର୍ଜୀବ ନୀରସ କଥାବସ୍ତୁ କବିଙ୍କ ତୂଳିକାରେ ଅତି ରସବନ୍ତ ହୋଇ ଉଠିଛି । କୌଶଲ୍ୟା ଓ ଭରତଙ୍କ ଜୀବନ ଅତି ଦୁଃଖରେ ମ୍ରିୟମାଣ ହୋଇଥିବାବେଳେ ଶେଷ ପର୍ଯ୍ୟାୟଟି ପୁନଶ୍ଚ ଆନନ୍ଦ ଓ ମଧୁମୟ ହୋଇ କାବ୍ୟଟିକୁ ରସବନ୍ତ ତଥା ଜୀବନ୍ତ କରିପାରିଛି ।

କବିଙ୍କର 'ଅଯୋଧ୍ୟା ଦୃଶ୍ୟ' କାବ୍ୟଟି ଅଯୋଧ୍ୟାର ଦୃଶ୍ୟ ନୁହେଁ । ଏହା କୌଶଲ୍ୟାଙ୍କର ଚରିତ୍ର ଦୃଶ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦ୍ୱିତୀୟ ସର୍ଗରେ କବି ସ୍ପଷ୍ଟ ଭାବରେ କୌଶଲ୍ୟାଙ୍କର ଚରିତ୍ର ଦୃଶ୍ୟକୁ ଉଦ୍‌ଘାଟନ କରିଛନ୍ତି । ଏଥିରେ ଯେଉଁ ରସ ପରିବେଷଣ କରାଯାଇଛି ତାହା କାବ୍ୟିକ କରୁଣ ରସ ନୁହେଁ—ପୌରାଣିକ ରସ ଏବଂ ଏହା ମାର୍ଜିତ ରୂପରେ ପ୍ରକାଶିତ ।

Digitized by srujanika@gmail.com

ଅସମ୍ପୂର୍ଣ୍ଣ ପଦ୍ମିନୀ

ରଙ୍ଗାଜୀବ ଗଙ୍ଗାଧରଙ୍କର 'ପଦ୍ମିନୀ' ଏକ ଅସମ୍ପୂର୍ଣ୍ଣ କାବ୍ୟ । କବି ତାଙ୍କର ଉତ୍ତର ଜୀବନରେ ଅର୍ଥାତ୍ ୧୯୧୦ ଖ୍ରୀ: ଅ:ରେ ଉକ୍ତ କାବ୍ୟର ୫ଟି ସର୍ଗ ଲେଖି ପ୍ରାୟ ତାର ପୂର୍ଣ୍ଣତାପ୍ରାପ୍ତି ନିମିତ୍ତ ବହୁଦିନ ଅପେକ୍ଷା କରିଥିଲେ । 'ଅଯୋଧ୍ୟା ଦୃଶ୍ୟ' ରଚନା ପରେ ଏହା ଲେଖାଯାଇଥିବାର ପ୍ରକାଶ । କବିଙ୍କର ସମସ୍ତ କାବ୍ୟ ପୌରାଣିକ ଉପାଖ୍ୟାନ ଉପରେ ଆଧାରିତ ହୋଇଥିବାବେଳେ 'ପଦ୍ମିନୀ' ଏକ ଐତିହାସିକ ଘଟଣାବସ୍ତୁ ଉପରେ ପର୍ଯ୍ୟବସିତ । ପୌରାଣିକ କାବ୍ୟରେ ପୁରାଣର ଘଟଣା ବିନ୍ୟାସ ପରିଲକ୍ଷିତ ହେଉଥିବାବେଳେ ଏଥିରେ ରହିଛି ଇତିହାସର କଥାବସ୍ତୁ । ଇତିହାସର ଏକ ସୀମିତ ବିଷୟବସ୍ତୁ ଉପରେ ରଚିତ ଏହି "ପଦ୍ମିନୀ" ।

ତ୍ରୟୋଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀ ଭାରତ ଇତିହାସରେ ଏକ ଘଡ଼ସନ୍ଧି ମୁହୂର୍ତ୍ତ । ମୁସଲମାନମାନଙ୍କର ହିନ୍ଦୁମାନଙ୍କ ପ୍ରତି ନିର୍ଯ୍ୟାତନା ଭାରତର ଗଗନ ପବନକୁ ଅତିଷ୍ଠ କରି ପକାଇଛି । ମୁସଲମାନଙ୍କ ଅତ୍ୟାଚାରରୁ ତ୍ରାହି ପାଇବା ପାଇଁ ହିନ୍ଦୁମାନଙ୍କ ଭିତରେ ଜାତୀୟତାର ବନ୍ୟା ପ୍ରବଳ ବେଗରେ ମାଡ଼ିଆସିଛି । କାବ୍ୟ-କବିତା-ନାଟକମାନଙ୍କରେ ସେହି ସ୍ରୋତର ପ୍ଲାବନ ଏବେଯାଏ ଗଡ଼ିଆସିଛି । ରାଜସ୍ଥାନ ବିଶେଷତଃ ଚିତୋରର ବୀର ରାଜପୁତ ଓ ରାଜପୁତ ରମଣୀମାନେ ଯବନମାନଙ୍କ ପ୍ରବଳ ଆକ୍ରମଣରେ ମୁକାବିଲା କରି ହିନ୍ଦୁ ଜାତିର ଗୌରବ ରକ୍ଷା କରି ପାରିଛନ୍ତି । ଦେଶ ଓ ଜାତିର ଗୌରବାବହ ଘଟଣାପ୍ରବାହକୁ ଅତୀତ ଦିନରୁ କବି ନାଟ୍ୟକାରମାନେ ତାଙ୍କର କବିତାଦିରେ ସ୍ଥାନ ଦେଇଛନ୍ତି । ବୋଧହୁଏ ସେହି ଭାବକୁ ଭୁଲି ନପାରି କବି ଗଙ୍ଗାଧର ମେହେର ରଚନା କରିଛନ୍ତି 'ପଦ୍ମିନୀ' ଭଳି ଐତିହାସିକ କାବ୍ୟ ।

ନୃଶଂସ ଆଲ୍ଲାଉଦ୍ଦିନ ଦେବଗିରିରୁ ବହୁ ଧନରତ୍ନ ଧରି କାଡ଼ଯାତ୍ରା କରିଛନ୍ତି । ଏ ଖବର ପାଇ ଜଲାଲୁଦ୍ଦିନ ଆଲ୍ଲାଉଦ୍ଦିନଙ୍କୁ ଦେଖା କରିବାକୁ କାଡ଼ଯାତ୍ରା କରିଛନ୍ତି । ତାପରେ ଜଲାଲୁଦ୍ଦିନ ଆଲ୍ଲାଉଦ୍ଦିନଙ୍କୁ ଆଲିଙ୍ଗନ କଲାବେଳେ ଆଲ୍ଲାଉଦ୍ଦିନଙ୍କ ଇଙ୍ଗିତରେ ତାଙ୍କର ସୈନ୍ୟମାନେ ୧୨୯୬ ଖ୍ରୀ: ଅ: ଜୁଲାଇ ୧୯ ତାରିଖ ଦିନ ତାଙ୍କୁ ହତ୍ୟା କରିଛନ୍ତି । କିମ୍ବଦନ୍ତୀରୁ ଜଣାଯାଏ ଯେ, ଚିତୋରର ରାଣା ଭୀମ ସିଂହଙ୍କର ପରମା ସୁନ୍ଦରୀ ରାଣୀ ପଦ୍ମିନୀଙ୍କୁ ପାଇବା ଆଶାରେ ଆଲ୍ଲାଉଦ୍ଦିନ ଚିତୋର ଯାତ୍ରା କରିଛନ୍ତି । କିନ୍ତୁ ପଦ୍ମିନୀ ଓ ତାଙ୍କର ସହଚରୀଗଣ ଜହରବ୍ରତ ପାଳନ କରି ମୃତ୍ୟୁବରଣ କରିଛନ୍ତି ।

ମାତ୍ର ଏ ଐତିହାସିକ ଘଟଣା ସମ୍ବନ୍ଧରେ ସନ୍ଦେହ ଜାତ ହୁଏ । ଆଲ୍ଲାଉଦ୍ଦିନ ଦିଲ୍ଲୀରେ ସୁଲତାନ ଥିବାବେଳେ ଚିତୋରରେ ଭୀମ ସିଂହ ବୋଲି କୌଣସି ରାଣା ନଥିଲେ । ସେତେବେଳେ ରାଜା ଥିଲେ ରାଣା ରତନ ସିଂହ । କେତେକ ଐତିହାସିକ ମତ ପ୍ରଦାନ

Digitized by srujanika@gmail.com

କରିଛନ୍ତି ଯେ, ଆଲ୍ଲାଉଦ୍ଦିନ କେବଳ ରାଜ୍ୟ ବିସ୍ତାର କରିବା ପାଇଁ ଚିତୋର ଆକ୍ରମଣ କରିଥିଲେ ।

"It is said that his principal motive was to secure Padmini, the peerless queen of the reigning King Ratna Singh and reputed to be the most beautiful and accamplished woman in the country. Modern writers like G. H. Ojha, Dr. K. S. Lal and others have rejected this story as a later concoction."

(The Sultanate of Delhi — By Ashirbadilal Srivastava M. A. Ph.D., D. Litt (Luck) D. Litt (Agra) Sixth Edition 1969, Page—162.)

୧୫୪୦ ଖ୍ରୀ: ଅ:ରେ ମଲ୍ଲିକ ମହମ୍ମଦ ଜାୟସୀ ତାଙ୍କର 'ପଦ୍ମାବତ୍' କାବ୍ୟରେ ମଧ୍ୟ ପଦ୍ମିନୀଙ୍କ ସ୍ୱାମୀଙ୍କ ନାମ ରତ୍ନସେନ ବୋଲି ଉଲ୍ଲେଖ କରିଛନ୍ତି—

"ସିଂହଳ ଦ୍ୱୀପ ପଦ୍‌ମିନୀ ରାନୀ
ରତ୍ନସେନ ଚିତଉର ଗଢ଼ଆନୀ ।
ଆଲ୍ଲାଉଦ୍ଦିନ ଦେହଲୀ ସୁଲତାନୁ
ରାଘୋ ଚେତନ୍ କୀନ୍ହ ବଖାନୁ ।
ସୁନା ସାହି ଗଢ଼ ଛେଁକା ଆଇ
ହିନ୍ଦୁ ତୁରୁକନ୍ ଭଇଲ ଲରାଇ ।
ଆଦି ଅନ୍ତ ଜସ୍ ଗଥା ଅହେ
ଲିଖି ଭାଷା ଚୌ ପାଇ କହେ ।"

(ପଦ୍ମାବତ୍—ସ୍ତୁତିଖଣ୍ଡ, ଓଡ଼ିଆ ସାହିତ୍ୟରେ ଗଙ୍ଗାଧର
By
ଡକ୍ଟର ଅସିତ କବି—ପୃ: ୧୧୯
ନବ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ - ୨)

ଇତିହାସରୁ ଆଲ୍ଲାଉଦ୍ଦିନଙ୍କ ଚରିତ୍ରକୁ କାହାଣୀରୂପେ ଗ୍ରହଣ କରି କବି ଗଙ୍ଗାଧର ରଚନା କରିଛନ୍ତି "ପଦ୍ମିନୀ" କାବ୍ୟ । କୂଟ ଚକ୍ରାନ୍ତ କରି ଜଲ୍ଲାଲୁଦ୍ଦିନଙ୍କୁ ଦିଲ୍ଲୀରୁ କାରକୁ ଡକାଇ ଆଣି ହତ୍ୟାକରି ରାଜ୍ୟଲୋଭୀ ଆଲ୍ଲାଉଦ୍ଦିନ, ଶଇତାନୀ ଆଶା ପୂରଣ କରିବାରେ ସମର୍ଥ ହୋଇଛନ୍ତି । ତା'ପରେ ଅପୂରକ ଚରିତ୍ର ପୂର୍ଣ୍ଣ କରିବା ପାଇଁ ଉତ୍ସୁକ ହୋଇ ଉଠିଛନ୍ତି ଚିତୋର ରାଣୀ ପଦ୍ମିନୀଙ୍କୁ ଲାଭ କରିବା ପାଇଁ । ନାରୀ ରୂପ ଲୁବ୍ଧ ଶଇତାନ ଆଲ୍ଲାଉଦ୍ଦିନ ପଦ୍ମିନୀଙ୍କ ଅପରୂପ ଲାବଣ୍ୟ ଲୋକମୁଖରୁ ଶୁଣି ନିଜର କାମପିପାସା ଚରିତାର୍ଥ

Digitized by srujanika@gmail.com

କରିବା ପାଇଁ ଉଲ୍ଲସିତ ହୋଇ ଲୀଳା ନାମ୍ନୀ ଦାସୀକୁ ପଠାଇଛନ୍ତି ଚିତୋର ଅଭିମୁଖରେ । ରାଜପୁତ ବୀରମାନଙ୍କର ବୀରତ୍ୱପୂର୍ଣ୍ଣ କାହାଣୀ ବର୍ଣ୍ଣନ, ପଦ୍ମିନୀଙ୍କର ସୁକୁମାର ସତୀତ୍ୱ, ଭୀମସିଂହଙ୍କର ଅସୀମ ବୀରତ୍ୱ ଓ ରାଜନୀତିର ବିଚକ୍ଷଣତା ଆଦି ବର୍ଣ୍ଣନା କରିବାରେ ମେହେରଙ୍କ ଲେଖନୀ ବଳିଷ୍ଠ ହୋଇ ଉଠିଛି ।

ତା'ପରେ ଆଲ୍ଲାଉଦ୍ଦିନ ପଦ୍ମିନୀଙ୍କୁ ଲାଭ କରିବା ପାଇଁ ପତ୍ର ଲେଖି ଉପହାର ସହ ପଠାଇଛନ୍ତି ଲୀଳା ନାମ୍ନୀ ଦାସୀକୁ ଭୀମସିଂହଙ୍କ ପାଖକୁ । ଏହି ପତ୍ର ପାଠକରି ଭୀମସିଂହଙ୍କ ମନରେ ସୃଷ୍ଟି ହୋଇଛି କ୍ରୋଧ ଓ ସନ୍ଦେହ । ଭୀମସିଂହ ପତ୍ରଟିକୁ ଲକ୍ଷ୍ମଣ ସିଂହଙ୍କୁ ଦେଖାଇଛନ୍ତି । ତା'ପରଦିନ ଏହି ପତ୍ର ମନ୍ତ୍ରୀମାନଙ୍କ ଆଗରେ ପଢ଼ାଯିବାରୁ ସେମାନେ ଏହା ଏକ ରହସ୍ୟପୂର୍ଣ୍ଣ ଚିଠି ବୋଲି ମତବ୍ୟକ୍ତ କରିଛନ୍ତି । ଅମାତ୍ୟବର୍ଗଙ୍କ କଥିତାନୁସାରେ ପତ୍ରର ଉତ୍ତର ଲେଖାଯାଇଛି । ପୁଣି ଲୀଳା ଦାସୀ କୁଟୀଳଲୀଳା କରିବାକୁ ଯାଇ ପଦ୍ମିନୀଙ୍କ ବାକ୍ୟବାଣରେ କ୍ଷତବିକ୍ଷତ ହୋଇ ଫେରିଯାଇଛି ଆଲ୍ଲାଉଦ୍ଦିନଙ୍କ ନିକଟକୁ । ଉଭୟଙ୍କଠାରୁ ଭୀମସିଂହଙ୍କର ବୀରତ୍ୱ ଓ ପଦ୍ମିନୀଙ୍କ ସୌନ୍ଦର୍ଯ୍ୟର ବର୍ଣ୍ଣନା ଶୁଣି କ୍ରୋଧରେ ଜର୍ଜରିତ ହୋଇ ଭୀମସିଂହଙ୍କୁ ହତ୍ୟାକରି ପଦ୍ମିନୀଙ୍କୁ ଧରି ଆଣିବା ପାଇଁ ଯୁଦ୍ଧ ନିମିତ୍ତ ଆଲ୍ଲାଉଦ୍ଦିନ ସୈନ୍ୟସାମନ୍ତ ସହ ପ୍ରସ୍ତୁତ ହୋଇଛନ୍ତି ।

ସୁଦୂର ଚିତୋରର ଅନତିଦୂରରେ ଶିବିର ସ୍ଥାପନ କରି ଆଲ୍ଲାଉଦ୍ଦିନ ବାର୍ତ୍ତା ପଠାଇଛନ୍ତି ଯେ, ସ୍ୱଇଚ୍ଛାରେ ପଦ୍ମିନୀଙ୍କୁ ଭୀମସିଂହ ପଠାଇଲେ ସେ ଆଉ ଯୁଦ୍ଧ କରିବେ ନାହିଁ । ମାତ୍ର ଏ ଖବର ପାଇ ଭୀମସିଂହ କ୍ରୋଧରେ ଜଳି ଉଠିଛନ୍ତି—

"ସମ୍ରାଟଙ୍କୁ ଦେଲେ କ୍ରୋଧେ କର୍କଶ ଖବର
ଦେଖାଅ ତ ବଳଥିଲେ ଯବନ ବର୍ବର ।"

ତା'ପରେ ଯବନ ସୈନ୍ୟ ଚିତୋର ଦୁର୍ଗକୁ ଅବରୋଧ କରିବା ପାଇଁ ଶତଚେଷ୍ଟିତ ହୋଇ ନିଷ୍ଫଳ ହେବାର ଖବର ଆଲ୍ଲାଉଦ୍ଦିନଙ୍କୁ ଜଣାଇବାରେ ଆଲ୍ଲାଉଦ୍ଦିନ ନିଜେ ଚିତୋର ଅବରୋଧ ନିମିତ୍ତ ଦୃଢ଼ପ୍ରତିଜ୍ଞ ହୋଇ ଚିତ୍କାର କରି କହିଛନ୍ତି—

"ବୋଲୁଛି ନ ହେଲି ଲାଭ ରମଣୀ ରତନ
ଧିକ୍ ମୋ ସମ୍ରାଟ ପଣ ଧିକ୍ ମୋ ଜୀବନ ।"

ଏହା କହି ଚିତୋର ପଥରେ ପହଞ୍ଚି ଆଲ୍ଲାଉଦ୍ଦିନ ଶୁଣିଛନ୍ତି ଯେ ଦୁର୍ଗର ପ୍ରାଚୀର ଶିରରୁ ପଥର ବୃଷ୍ଟି ହେଉଛି । ସୈନ୍ୟମାନେ ଦୁର୍ଗ ଭିତରକୁ ପ୍ରବେଶ କରିପାରୁ ନାହାନ୍ତି । ସେତେବେଳେ କ୍ରୋଧରେ ପ୍ରକମ୍ପିତ ହୋଇ ନିଜ ଶିବିରକୁ ଫେରି ଆସିଛନ୍ତି ଆଲ୍ଲାଉଦ୍ଦିନ । ଏହାହିଁ ପଦ୍ମିନୀ କାବ୍ୟର ଅସମ୍ପୂର୍ଣ୍ଣ ବିଷୟବସ୍ତୁ । କିନ୍ତୁ ଇତିହାସରେ ପଦ୍ମିନୀ ଜହର ବ୍ରତ ପାଳନ କରି ମୃତ୍ୟୁବରଣ କରିଛନ୍ତି । ଗଙ୍ଗାଧରଙ୍କ 'ପଦ୍ମିନୀ' କାବ୍ୟରେ ଯବନ ସୈନ୍ୟଙ୍କ ସହିତ ରାଜପୁତ ବୀରଙ୍କର ଯୁଦ୍ଧ ବର୍ଣ୍ଣନା ନାହିଁ । କବିଙ୍କର 'ପଦ୍ମିନୀ' ଅସମ୍ପୂର୍ଣ୍ଣ ହେବାର ଅନ୍ୟ କାରଣ ମଧ୍ୟ ଥାଇପାରେ । କବି ଥିଲେ ଭାରତୀୟ ପରମ୍ପରାର ଆଧ୍ୟାତ୍ମିକତାର

Digitized by srujanika@gmail.com

ଚେତନଶୀଳ ସେବକ । 'କୀଚକବଧ' କାବ୍ୟରେ କୀଚକକୁ ଭୀମଙ୍କଦ୍ୱାରା ବଧ କରି ସୈରିନ୍ଧ୍ରୀର ମାନ ମହତ ରକ୍ଷାର କରିପାରି 'ପଦ୍ମିନୀ'ରେ ପଦ୍ମିନୀ ଭଳି ସତୀନାରୀର ମାନ, ଇଜ୍ଜତ ଓ ସମ୍ଭ୍ରମ ରକ୍ଷା କରିବା ପାଇଁ ଅପରାଜେୟ ଅଲ୍ଲାଉଦ୍ଦିନଙ୍କର ପ୍ରଥମତଃ ପରାଜୟ କରି କାବ୍ୟ ସମାପ୍ତି କରିଛନ୍ତି । ପୁନଶ୍ଚ ସେ ସମୟକୁ ତାଙ୍କର ମାର୍ଗଦର୍ଶକ ରାଧାନାଥଙ୍କ ମୃତ୍ୟୁ ହେତୁ ସେ ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଥିଲେ ଏବଂ ପ୍ରବନ୍ଧବଲ୍ଲରୀ ରଚନାର ପରିକଳ୍ପନାରେ ମନୋନିବେଶ କରିଥିବାରୁ ପଦ୍ମିନୀ ଅସମ୍ପୂର୍ଣ୍ଣ ରହିଯାଇଥିବା ଅନୁମାନ କରାଯାଇପାରେ ।

'ଅଯୋଧ୍ୟା ଦୃଶ୍ୟ' ଓ 'କୀଚକବଧ' କାବ୍ୟଭଳି କବିଙ୍କର 'ପଦ୍ମିନୀ' ଏକ କାବ୍ୟ । ଉକ୍ତ ଦୁଇ କାବ୍ୟ ସହିତ 'ପଦ୍ମିନୀ' କାବ୍ୟକୁ ତୁଳନା କଲେ କାବ୍ୟୋକ୍ତ ଗଠନ ପରିପାଟୀ, ରସସ୍ଫୁରଣ, କାବ୍ୟିକ ଶୈଳୀ ଆଦି 'ପଦ୍ମିନୀ'ରେ ପରିଲକ୍ଷିତ ହୁଏ ନାହିଁ । ପୁନଶ୍ଚ କାବ୍ୟରେ ସେହିଁ ପ୍ରକୃତିର ଅନ୍ତରଙ୍ଗ ଆଧାର, ମଞ୍ଜୁଳ ଶବ୍ଦ ପରିପାଟୀ ଛନ୍ଦର ଅପୂର୍ବ ସମାବେଶ, କାବ୍ୟର ଶିଳ୍ପନୈପୁଣ୍ୟ, ସଙ୍ଗତ ଓ ବୃତ୍ତର ଭାବ 'ପଦ୍ମିନୀ'ର ପାଠକ ଚିତ୍ତକୁ ଆମୋଦିତ କରେ ନାହିଁ । ଅସାମାନ୍ୟା କାବ୍ୟନାୟିକା ତଥା ଇତିହାସ ବନ୍ଦିତା ରୂପୈଶ୍ୱର୍ଯ୍ୟ ଶାଳିନୀ ପଦ୍ମିନୀ ଯାହାଙ୍କ ରୂପକୁ ପ୍ରତିବିମ୍ବ ରୂପେ ଦର୍ଶନ କରିବାକୁ ପ୍ରବଳ ପରାକ୍ରମୀ ପ୍ରତାପଶାଳୀ ଆଲ୍ଲାଉଦ୍ଦିନ ବ୍ୟାକୁଳ, ତାଙ୍କର ରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଗଙ୍ଗାଧର ନୀରବ । ଏହା ତାଙ୍କର ମାନସ ପୀଡ଼ିତ ବ୍ୟଥାର ଅନୁଭବ ବୋଲି ବିଶ୍ୱାସ କରାଯାଇପାରେ ।

ଆଧୁନିକ ଯୁଗର କାବ୍ୟସ୍ରଷ୍ଟାମାନେ କାବ୍ୟର ସନ୍ଧିସ୍ଥଳରେ ନୂତନ ଛନ୍ଦ ସୃଷ୍ଟିକରି କାବ୍ୟର ପରିବେଶକୁ ମଧୁମୟ କରିଥାଆନ୍ତି । "କୀଚକବଧ"ର ବିଷୟବସ୍ତୁ ପୁରାଣରୁ ଗୃହୀତ ଓ 'ପଦ୍ମିନୀ'ର ବିଷୟବସ୍ତୁ ଇତିହାସରୁ ସଂଗୃହୀତ । କିନ୍ତୁ ଏ ଦୁଇଟି କାବ୍ୟ ଭିତରେ ତୁଳନା କଲେ ବିବାହିତା ନାରୀଠାରୁ ପ୍ରେମାଶା ଚରିତାର୍ଥ କରିବାକୁ ଯାଇ କପଟ କୀଚକଭଳି ନରରାକ୍ଷସ ବ୍ୟର୍ଥ ହୋଇଛି ଏବଂ ସତୀର ସତୀତ୍ୱ ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ସତୀର ମର୍ଯ୍ୟାଦା ଓ ଗୌରବ ଅକ୍ଷୁଣ୍ଣ ରହିଛି । ତାହା ଗଙ୍ଗାଧର ଉକ୍ତ କାବ୍ୟରେ ଦର୍ଶାଇଥିଲେ ମଧ୍ୟ 'ପଦ୍ମିନୀ' କାବ୍ୟରେ ଦର୍ଶାଇ ନାହାନ୍ତି । ତେଣୁ ସୈରିନ୍ଧ୍ରୀ ଓ ପଦ୍ମିନୀ, କୀଚକ ଓ ଆଲ୍ଲାଉଦ୍ଦିନ, ଲୀଳା ଓ ଚପଳା ଏକ ପର୍ଯ୍ୟାୟଭୁକ୍ତ ହୋଇମଧ୍ୟ ବିଷୟବସ୍ତୁର ସଜ୍ଜୀକରଣ ଓ ପରିବେଷଣ କୌଶଳ 'ପଦ୍ମିନୀ' କାବ୍ୟରେ ବିରଳ । ଗଙ୍ଗାଧର ପୌରାଣିକ କାବ୍ୟର ଶ୍ରେଷ୍ଠ ସ୍ରଷ୍ଟା ଥାଇ ମଧ୍ୟ ଐତିହାସିକ କାବ୍ୟ ସୃଷ୍ଟିର ବ୍ୟର୍ଥତା ଆଦି ପାଠକଙ୍କ ଚିତ୍ତରେ ପ୍ରମାଦ ଘଟାଏ ।

□□□

Digitized by srujanika@gmail.com

ପ୍ରଣୟବଲ୍ଲରୀ

ଓଡ଼ିଶାର ସାରସ୍ୱତ ଭଣ୍ଡାରରେ 'ପ୍ରଣୟବଲ୍ଲରୀ'ର ସ୍ଥାନ ବହୁ ଊର୍ଦ୍ଧ୍ୱରେ । ଗଙ୍ଗାଧରଙ୍କର ସଦ୍ପୂର୍ବ ଅବସ୍ଥାନ କାଳରେ 'ପ୍ରଣୟାଙ୍କୁର' ନାମକ ଏକ କ୍ଷୁଦ୍ର କବିତା 'କବିତା କଲ୍ଲୋଳ'ରେ ସ୍ଥାନ ପାଇଥିଲା । ପ୍ରଣୟବଲ୍ଲରୀର ପ୍ରଥମ ସର୍ଗ ୧୯୧୧ ସାଲରେ ରଚିତ ହୋଇଥିବା ବେଳେ ଅନ୍ୟସର୍ଗଗୁଡ଼ିକ ୧୯୧୪ ସାଲରେ ରଚିତ ହୋଇଥିବାର ପ୍ରମାଣ ମିଳେ । ସାହିତ୍ୟପ୍ରେମୀ ୰ ଶ୍ରୀମାନ୍ ରାମନାରାୟଣ ମିଶ୍ର ଏମ୍. ଏ. ବି. ଏଲ୍ 'କବିତା କଲ୍ଲୋଳ'ର ପ୍ରଣୟାଙ୍କୁର ପାଠକରି ତା'ର ପରିବର୍ଦ୍ଧିତ ଆକାର ପାଇଁ ଅପେକ୍ଷା କରିଥିବା ବେଳେ ଏହା ପୁନଶ୍ଚ ପରିବର୍ଦ୍ଧିତ ହୋଇ 'ପ୍ରଣୟବଲ୍ଲରୀ' ନାମ ଧାରଣ କରି ୧୯୧୫ ମସିହାରେ ପୁସ୍ତକାକାରରେ ପ୍ରକାଶିତ ହେଲା । କବିଙ୍କର 'ପ୍ରଣୟାଙ୍କୁର' ପାଠକରି ନନ୍ଦକିଶୋର ଲେଖିଛନ୍ତି—ଆଜି 'ପ୍ରଣୟାଙ୍କୁର' ପାଇଁ ଏକାସନରେ ଶେଷ ନକରି ରହି ପାରିଲି ନାହିଁ । ଏହାଁ କବି ଗଙ୍ଗାଧରଙ୍କ ପ୍ରତିଷ୍ଠାର ଉପଯୁକ୍ତ ହୋଇଛି । 'ଶକୁନ୍ତଳା'ର ପ୍ରଥମ ସର୍ଗ ଅବଲମ୍ବନରେ ରଚିତ ହୋଇଥିଲେ ହେଁ ଭାଷାର ସୌନ୍ଦର୍ଯ୍ୟ ଓ ନିର୍ବାଚନ କୌଶଳ କବିଙ୍କ ନିଜସ୍ୱ—(ଗଙ୍ଗାଧର ପତ୍ରାବଳୀ-ପୃ : ୬୭) । ଶକୁନ୍ତଳା ଓ ଦୁଷ୍ମନ୍ତଙ୍କ ପ୍ରଣୟମୂଳକ ଉପାଖ୍ୟାନ ବ୍ୟାସଦେବଙ୍କ କୃତ ମହାଭାରତରେ ବର୍ଣ୍ଣିତ ହୋଇଛି । ମହାକବି କାଳିଦାସ ମଧ୍ୟ ଏହି ବିଷୟବସ୍ତୁକୁ ନାଟ୍ୟରୂପ ଦେଇ ରଚନା କରିଥିଲେ ସଂସ୍କୃତ ନାଟକ 'ଅଭିଜ୍ଞାନମ୍ ଶାକୁନ୍ତଳମ୍' । ପୃଥିବୀର ଅନ୍ୟତମ ମହାକବି ଜର୍ମାନ ସାହିତ୍ୟିକ ମହାତ୍ମା ଗେଟେ କାଳିଦାସଙ୍କର ଶକୁନ୍ତଳା ନାଟକର ଶକୁନ୍ତଳା ଚରିତ୍ରରେ ମୁଗ୍‌ଧ ହୋଇ ମୁକ୍ତ କଣ୍ଠରେ କହିଛନ୍ତି—

"Wouldst thou the young year's blossoms
and the fruits of its decline

And all by which the soul is charmed
enraptured feasted, fed '

Wouldst thou the earth and heaven
itself in one sole name combine ?

I name thee, O Sakuntala'
and all at once is said."

ପଦ୍ମପୁରାଣ, ମହାଭାରତ ଓ ଅଭିଜ୍ଞାନମ୍ ଶାକୁନ୍ତଳମ୍ ପଢ଼ିବାପରେ ଶକୁନ୍ତଳାଙ୍କର କରୁଣ ମଧୁର ଉପାଖ୍ୟାନଟି ମେହେରଙ୍କୁ ଆକୃଷ୍ଟ କରିଥିଲା । ପୁନଶ୍ଚ ଜର୍ମାନ କବି ଗେଟେଙ୍କ "ଅଭିଜ୍ଞାନମ୍ ଶାକୁନ୍ତଳମ୍" ନାଟକର ମନ୍ତବ୍ୟ ସେ ପଢ଼ିଥିବେ । ତେଣୁ ସେ ଦୁଷ୍ମନ୍ତ ଓ

Digitized by srujanika@gmail.com

ଶକୁନ୍ତଳା ଉପାଖ୍ୟାନ ଅବଲମ୍ବନରେ ରଚନା କରିଥିଲେ 'ପ୍ରଣୟବଲ୍ଲରୀ' କାବ୍ୟ । 'ଅଭିଜ୍ଞାନମ୍ ଶାକୁନ୍ତଳମ୍'ର ଦୁଷ୍ମନ୍ତ-ଶକୁନ୍ତଳା ଓ ମହାଭାରତର ଦୁଷ୍ମନ୍ତ-ଶକୁନ୍ତଳା ଏକ ନୁହନ୍ତି । କାଳିଦାସଙ୍କ ବର୍ଣ୍ଣିତ ଦୁଷ୍ମନ୍ତ-ଶକୁନ୍ତଳା ମହାଭାରତର ଚରିତ୍ର ଚିତ୍ରଠାରୁ ପ୍ରତିଭାବନ୍ତ ଓ ଜୀବନ୍ତ । ବାସ୍ତବିକ୍ ଏହା ଲକ୍ଷ୍ୟ କରିବା କଥା । ବ୍ୟାସଦେବଙ୍କ ଶକୁନ୍ତଳା ଚପଳା ଓ ପ୍ରଗଳଭା ହେଲେ ହେଁ କାଳିଦାସଙ୍କ ଶକୁନ୍ତଳା ପ୍ରଣୟମୁଗ୍ଧା । ଏଣୁ ଅନୁମାନ କରାଯାଏ, କାଳିଦାସଙ୍କ ଶକୁନ୍ତଳା କବିଙ୍କୁ ଅଧିକ ଚିତ୍ତାକର୍ଷକ, ପ୍ରାଣସ୍ପର୍ଶୀ ଓ ଆଶାନ୍ୱିତ କରିଛି । ଅଭିଜ୍ଞାନମ୍ (ଅଭି-ସମ୍ପୂର୍ଣ୍ଣ, ଜ୍ଞାନ-ଜାଣିବା) । ଶକୁନ୍ତଳା ସମ୍ପୂର୍ଣ୍ଣ ଅଚିହ୍ନା ହେବାରୁ ସ୍ମାରକଚିହ୍ନ ଦର୍ଶନରେ ପୁଣି ଚିହ୍ନିବାର ପ୍ରସଙ୍ଗ ଯେଉଁଥିରେ ବର୍ଣ୍ଣିତ ଅଛି—ତାହା 'ଅଭିଜ୍ଞାନମ୍ ଶାକୁନ୍ତଳମ୍' ନାମରେ ଅଭିହିତ । ଶକୁନ୍ତଳାଙ୍କର ପରିଚୟ ବ୍ୟାସଦେବଙ୍କ ମହାଭାରତରେ ନିମ୍ନ ପ୍ରକାରେ ଦିଆଯାଇଛି—

"ନିର୍ଜନେତୁ ବନେ ଯସ୍ମାତ୍ ଶକୁନ୍ତୈଃ ପରିରକ୍ଷିତା
ଶକୁନ୍ତଳେତି ନାମାସ୍ୟାଃ କୃତଞ୍ଚାପି ତତୋମୟା ।"

'ଶକୁନ୍ତନ୍ ଲାତି ରକ୍ଷକ ତ୍ୱେନ ଗୃହ୍ଣାତି' ଏହି ବ୍ୟୁତ୍ପତ୍ତି ଅନୁସାରେ କଣ୍ୱମୁନି କନ୍ୟାର ନାମ ଶକୁନ୍ତଳା ରଖିଥିବା ଜଣାଯାଏ । ନିର୍ଜନ ବନରେ ଶକୁନ୍ତ (ଶାଗୁଣାପକ୍ଷୀ)ମାନେ ତାଙ୍କୁ ଲାଳନ ପାଳନ କରି ରକ୍ଷା କରିଥିଲେ ଓ କଣ୍ୱଙ୍କୁ ଦେଖି କନ୍ୟାଟିକୁ ଅର୍ପଣ କରିଥିଲେ ।

ପିଚ୍ଛିଳ ପ୍ରଣୟମାର୍ଗକୁ ଆଖି ଆଗରେ ରଖି କାଳିଦାସ ଯେଉଁ ନାଟକ ରଚନାକରି ଯଶର ଅଧିକାରୀ ହୋଇଥିଲେ ସେହି ରଚନାରେ ମୁଗ୍ଧ ହୋଇ ଗଙ୍ଗାଧର କାବ୍ୟ ରୂପଦେଇ ରଚନାକଲେ 'ପ୍ରଣୟବଲ୍ଲରୀ' । ଆଦିରସ ଓ କରୁଣରସର ମିଳନରେ ମେହେରଙ୍କ କାବ୍ୟାଦର୍ଶ ସୃଷ୍ଟ । ପୂଜ୍ୟପୂଜାର ବ୍ୟତିକ୍ରମ ନ ଘଟାଇ ଆଦ୍ୟରେ ବ୍ୟାସଦେବଙ୍କୁ, ଦ୍ୱିତୀୟରେ କାଳିଦାସଙ୍କୁ ବନ୍ଦନା କରି ମେହେର କାବ୍ୟାରମ୍ଭ କରିଛନ୍ତି ଏବଂ ପ୍ରଣୟକୁ ଅଙ୍କୁର, ପଲ୍ଲବ, ପ୍ରସୂନ, ସୌରଭ ପ୍ରଭୃତି ଦ୍ୱାରା ନାମକରଣରେ ସର୍ଗୀକୃତ କରି 'ପ୍ରଣୟବଲ୍ଲରୀ' ନାମକରଣ କରିଛନ୍ତି । ପୁନଶ୍ଚ କବିଙ୍କର ସାତଗୋଟି ସର୍ଗ ମଧ୍ୟରୁ ଛଅଗୋଟି ସର୍ଗ ଆଦ୍ୟରେ 'ପ୍ରଣୟ' ଶବ୍ଦ ନାମିତ ହୋଇଥିବାରୁ କବି କାବ୍ୟର ନାମ 'ପ୍ରଣୟବଲ୍ଲରୀ' ରଖିଛନ୍ତି ।

ପ୍ରଥମ ସର୍ଗର ପ୍ରାରମ୍ଭରେ ରଙ୍ଗାର୍ଣ୍ଣବ ଗଙ୍ଗାଧର ପୁରାଣର ନିୟମାନୁସାରୀ ମଙ୍ଗଳାଚରଣ କରି ବ୍ୟାସଦେବ ଓ ବିଶ୍ୱ ବନ୍ଦନୀୟ କବି କାଳିଦାସଙ୍କ ପାଦପଦ୍ମରେ ଧ୍ୟାନରଖି ଶିକ୍ଷାଦାତ୍ରୀ ସରସ୍ୱତୀଙ୍କ ଚରଣାରବିନ୍ଦରେ ନିଜର ମନପ୍ରାଣ ଅଜାଡ଼ି ଦେଇଛନ୍ତି । ବ୍ୟାସଦେବ ଓ କାଳିଦାସ ଯେଉଁ ଭାବ ଅରଣ୍ୟର ପଥିକ ହୋଇ ଭାବ ସୁମନ ତୋଳିଛନ୍ତି, ସେହି ଭାବମାର୍ଗର ପଥିକ ହୋଇ କବି ମେହେର ଭାରତୀଙ୍କ କାନନରୁ ଚନ୍ଦ୍ରାକଳିକା ତୋଳି ଉତ୍କଳଜନନୀଙ୍କ କଣ୍ଠଦେଶକୁ ପୁଷ୍ପମାଳାରେ ଭୂଷିତା କରିବା ସଙ୍ଗେ ସଙ୍ଗେ ତାଙ୍କ ପାଦ-ପଦ୍ମରେ ଭକ୍ତିର ଅର୍ଘ୍ୟ ଅଜାଡ଼ିଦେବାକୁ ଦୃଢ଼ସଙ୍କଳ୍ପ ହୋଇଛନ୍ତି ।

Digitized by srujanika@gmail.com

ବନ୍ଦନାପରେ କବି ଅତି ଚମତ୍କାର ଭାବରେ ବିଷୟବସ୍ତୁର ଅବତାରଣା କରିଛନ୍ତି । ପୁରୁବଂଶ ନରପତି ଦୁଷ୍ମନ୍ତ ମୃଗୟାନିମିତ୍ତ ରଥାରୋହଣ କରି ଉଲ୍ଲାସ ମନରେ ମାର୍ଗରେ ଇତସ୍ତତଃ ଭ୍ରମଣ କରୁଥିବା ବେଳେ ଅକସ୍ମାତ୍ ଏକ ମୃଗ ରାଜାଙ୍କ ଦୃଷ୍ଟି ପଥାରୂଢ଼ ହୋଇଛି । ମୃଗଟି ନରେଶଙ୍କୁ ଦର୍ଶନକରି ଦ୍ରୁତ ଧାବମାନ ହେବାରୁ ରାଜା ସାରଥୀକୁ ମୃଗର ପଶ୍ଚାଦ୍ଧାବନ କରିବାକୁ ଆଦେଶ ଦେଇଛନ୍ତି । କିନ୍ତୁ ପଥ ଅସମତଳ ଥିବାରୁ ସାରଥୀର ରଥ ଚଳାଇବାରେ ବାଧା ଉପୁଜୁଥାଏ । ପ୍ରାଣ ଭୟରେ ମୃଗଟି ଏତେ ବେଗରେ ଦୌଡ଼ୁଥାଏ ଯେ ତା'ର ପାଦ ବନଭୂମିରେ ନ ପଡ଼ିଲାଭଳି ଜଣାପଡ଼ୁଥାଏ । କାଳିଦାସ ତାଙ୍କ ନାଟକର ପ୍ରଥମ ଅଙ୍କ ପ୍ରଥମ ଦୃଶ୍ୟର ବର୍ଣ୍ଣନାରେ ବ୍ୟାସଦେବଙ୍କ ମହାଭାରତର ମହାକାବ୍ୟ ବର୍ଣ୍ଣନାକୁ ପରିହାର କରି କୃଷ୍ଣସାରର ପଳାୟନ ଓ ରାଜାଙ୍କ ଅନୁଧାବନର ଯେଉଁ ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି ତାହା ଦେଖାଯାଉ—

"ଗ୍ରୀବା ଭଙ୍ଗା ଭିରାମଂ ମୁହୁରନୁପତତି ସ୍ୟନ୍ଦନେ ଦତ୍ତଦୃଷ୍ଟିଃ
ପଶ୍ଚାର୍ଦ୍ଧେନ ପ୍ରବିଷ୍ଟଃ ଶରପତନ ଭୟାଦ ଭୂୟସା ପୂର୍ବ କାୟମ୍
ଦର୍ଭୈରର୍ଦ୍ଧା ବଲୀଢ଼ୈ ଶ୍ରମ ବିବୃତ ମୁଖଭ୍ରଂଶି ଭିକୀର୍ଣ୍ଣବର୍ତ୍ମା
ପଶ୍ୟୋଦଗ୍ର ପ୍ଲୁତ ତ୍ୱାଦ୍ୱିୟତି ବହୁତରଂ ସ୍ତୋକ ମୁର୍ବ୍ୟାଂ ପ୍ରୟାତିଂ ।"

କାଳିଦାସଙ୍କର ଏହି ଭାବକୁ ଗ୍ରହଣକରି ରଙ୍ଗାଜୀବ ଗଙ୍ଗାଧର ନିମ୍ନ ପ୍ରକାରେ ବର୍ଣ୍ଣନା କରିଛନ୍ତି—

"ପୁଚ୍ଛଲ ପଟାଇ ଗ୍ରୀବ ସଙ୍କୁଚାଇ
ଆଶୁଗ ପତନ ଭୟେ
ଗ୍ରୀବା ଭାଙ୍ଗି ଅରେ ଅରେ ରଥେ ଚାହିଁ
ପଳାଏ ପୁଣି ଅଥ ସ୍ନେ ।
ଶରମ-ବିବୃତ- ମୁଖ-ଚ୍ୟୁତ-ଦର
କବଳିତ କୁଶମାନ,
ଗମନ ପଥରେ ଇତସ୍ତତଃ ପଡ଼ି
ଯାଉଥାଏ ସ୍ଥାନ ସ୍ଥାନ ।"

ପୁନଶ୍ଚ ହରିଣଟି ରାଜାଙ୍କର ଦୂରତ୍ୱ କଳନା ପାଇଁ ଅରେ ଅରେ କମନୀୟ ଭଙ୍ଗୀରେ ପୃଷ୍ଠକୁ ଚାହିଁ ଅତି ବିକଳରେ ଆତ୍ମରକ୍ଷା ପାଇଁ ଧାଉଁଥାଏ । ଦ୍ରୁତ ପଳାୟନର କ୍ଲାନ୍ତି ଯୋଗୁଁ ବିବୃତ ମୁଖରୁ ଅର୍ଦ୍ଧଭକ୍ଷିତ କୁଶଗୁଡ଼ିକ ଇତସ୍ତତଃ ପତିତ ହେଉଥାଏ । ସମତଳ ପଥ ଦୃଷ୍ଟ ହେବାରୁ ସାରଥି ଅଶ୍ୱର ଲଗାମ ହୁଗୁଳାକରି ଦେବାରୁ ମୃଗଟି ଦ୍ରୁତ ଧାବମାନ ହୋଇଛି । ରାଜାଙ୍କ ସମକ୍ଷରେ ଯେଉଁ ଦ୍ରବ୍ୟଗୁଡ଼ିକ କ୍ଷୁଦ୍ରରୂପେ ପରିଦୃଷ୍ଟ ହେଉଥାଏ ତାହା କ୍ରମେ କ୍ରମେ ବୃହତ୍ ଦେଖାଯାଇଛି । ରାଜା କୃଷ୍ଣସାରର ନିକଟବର୍ତ୍ତୀ ହୁଅନ୍ତେ ଶରସ-ଯୋଜନା କରିବାକୁ ଉଦ୍ୟତ ହେବାରୁ ଦୁଇଜଣ ତପସ୍ୱୀ ହଠାତ୍ ରାଜାଙ୍କ ସମ୍ମୁଖରେ ଦୃଶ୍ୟମାନ ହୋଇ "ମାରନା-ମାରନା ଆଶ୍ରମ ମୃଗଏ" କହିବାରେ ରାଜା ତପସ୍ୱୀ ଦ୍ୱୟଙ୍କୁ ଦେଖି ବିସ୍ମିତ ହୋଇଛନ୍ତି ।

Digitized by srujanika@gmail.com

ଶକୁନ୍ତଳା ନାଟକରେ ବର୍ଣ୍ଣିତ ଭାବକୁ ଗଙ୍ଗାଧର କପରି ଗ୍ରହଣ କରିଛନ୍ତି ତାହା ଦେଖାଯାଉ—

"ରାଜନ୍, ଆଶ୍ରମ ମୃଗୋଽୟଂ ନହନ୍ତବ୍ୟୋ, ନ ହନ୍ତବ୍ୟଃ
ନଖଳୁ ନଖଳୁ ବାଣଃ ସନ୍ନିପାତ୍ୟୋଽୟ ମସ୍ମିନ୍
ମୃଦୁନ ମୃଗ ଶରୀର ତୁଲରାଶା ବବାଗ୍ନି
କ୍ୱବତ ହରିଣ କାନାଂ ଜୀବତ ଙ୍କାତ ଲୋଲଂ
କ୍ୱ ଚ ନିଶିତ ନିପାତା ବଜ୍ରସାର ଶରାସ୍ତେ
ତତ୍ ସାଧୁ କୃତ ସନ୍ଧାନଂ ପ୍ରତି ସଂହାର ଶାୟକଂ
ଆର୍ତ୍ତତ୍ରାଣାୟ ବଃ ଶସ୍ତ୍ରଂ ନ ପ୍ରହର୍ତ୍ତୁ, ମନା ଗସି ।"

ଗଙ୍ଗାଧରଙ୍କ ପ୍ରଣୟବଲ୍ଲରୀରେ—

"ମାରନା ମାରନା ଆଶ୍ରମ ମୃଗଏ
ଏ କାଳେ ହେଲା ଏ ଶବ୍ଦ
ଶର ଲକ୍ଷ୍ୟକର ତପସ୍ୱୀ ଯୁଗଳ
ଦେଖି ରାଜା ହେଲେ ସ୍ତବ୍ଧ ।
ବୋଇଲେ "ହେନୃପ, ଆଶ୍ରମ ମୃଗଏ
ବଧ୍ୟ ନୁହେଁ ତୁମ୍ଭଙ୍କର
ତୁଳା କୁଢେ ବହ୍ନି ପ୍ରାୟ ମୃଦୁ-ମୃଗ
ଶରୀରେ ନ ଛାଡ଼ ଶର ।"

ଅତି ବିଲ୍ଲାସ ମନରେ ତପସ୍ୱୀଦ୍ୱୟ ରାଜାଙ୍କ ସମୀପକୁ ଆଗମନ କରି ତାଙ୍କୁ ଆଶୀର୍ବାଦ କରିଛନ୍ତି ଏବଂ ଏହା ଆଶ୍ରମ ମୃଗ; ତେଣୁ ଏହାକୁ ବଧକରିବା ଅନୁଚିତ ବୋଲି କହିଛନ୍ତି । ତୁଳାଗାଦିରେ ଅଗ୍ନିନିକ୍ଷେପ କଲେ ସେ ଯେପରି ମୁହୂର୍ତ୍ତକ ମଧ୍ୟରେ ଭସ୍ମୀଭୂତ କରିଥାଏ ସେହିପରି ତୁଳାକୁଢ଼ ପ୍ରାୟ ହରିଣ ଶରୀରରେ ତୀକ୍ଷ୍ଣ ବାଣ ନିକ୍ଷେପ କଲେ ସେ ତତ୍‌କ୍ଷଣାତ୍ ଧରାଶାୟୀ ହେବ । ଶର ପ୍ରତିସଂହାର କରି ରାଜା ଅତି ବିନୀତ ଭାବରେ ତପସ୍ୱୀଙ୍କୁ ପ୍ରଣାମ କରିବାବେଳେ ସେମାନେ ନିଖିଳ ବିଶ୍ୱ ଚକ୍ରବର୍ତ୍ତୀ ବୀରପୁତ୍ର ଲାଭ କରିବାର ଆଶୀର୍ବାଦ କଥା କାଳିଦାସ ତାଙ୍କ ନାଟକରେ ନିମ୍ନ ପ୍ରକାରେ ବର୍ଣ୍ଣନା କରିଛନ୍ତି—

"ଜନ୍ମ ଯସ୍ୟ ପୁରୋର୍ବଂଶେ ଯୁ କ୍ତ ରୂପ ମିଦଂ ତବ
ପୁତ୍ର ମେବଂ ଗୁଣୋ ପେତଂ ଚକ୍ରବର୍ତ୍ତିନ ମାପ୍ନୁହି ।"

ଗଙ୍ଗାଧରଙ୍କ ରଚନାରେ—

"ସାଧୁ ପୁରୁବଂଶ ଅବତଂସ କଲ
କୁଳ ଅନୁରୂପ କାମ
ଲଭ ପୁତ୍ର ରତ୍ନ ଶୂର ଚକ୍ରବର୍ତ୍ତୀ
ନିଖିଳ ସଦ୍‌ଗୁଣ ଧାମ ।"

Digitized by srujanika@gmail.com

ଏହାପରେ ତପସ୍ୱୀଦ୍ୱୟ ରାଜାଙ୍କୁ ମାଲିନୀ ନଦୀ ତୀରରେ ବହୁଥିବା ଆଶ୍ରମର ଅତିଥି ହେବାପାଇଁ ଅଭିନନ୍ଦନ କରି ପ୍ରସ୍ଥାନ କରନ୍ତି । ଆଶ୍ରମ ପିତା କଣ୍ୱମୁନି ତାଙ୍କ ଦୁହିତାଙ୍କୁ ଅତିଥି ସତ୍କାରର ଦାୟିତ୍ୱ ଦେଇ ତପଶ୍ଚରଣ ପାଇଁ ତୀର୍ଥ ଗମନ କରନ୍ତି । ରାଜା ଆତିଥ୍ୟ ଗ୍ରହଣ ନକଲେ ମୁନି ପ୍ରତ୍ୟାବର୍ତ୍ତନ ପରେ ରାଜାଙ୍କ ଆଗମନ ବାର୍ତ୍ତା ଶୁଣି କୁପିତ ହେବେ ।

ତା'ପରେ ଦୁଷ୍ମନ୍ତ ତାପସ ଦ୍ୱୟଙ୍କ ନିମନ୍ତ୍ରଣକୁ ସାଦରେ ଗ୍ରହଣକରି ଆଶ୍ରମ ଅଭିମୁଖେ ଯାତ୍ରା କରନ୍ତି । ଆଶ୍ରମରେ ପ୍ରବେଶ କରିବା ପରେ ସେ ଦେଖନ୍ତି ଯେ, ଶୁକପକ୍ଷୀର ମୁଖରୁ ଶସ୍ୟ ସ୍ଖଳିତ ହୋଇ ଏଣେ ତେଣେ ବିକ୍ଷିପ୍ତ ହେବା ସଙ୍ଗେ ସଙ୍ଗେ ପଦ୍ମରାଗ ମଣିର ଶୋଭାଧାରଣ କରୁଥିବା ଚଞ୍ଚଳଣୁ ପକ୍ଷୀର ଚଞ୍ଚୁ, ଇଙ୍ଗୁଦୀ ତୈଳ ସିଞ୍ଚିତ ଚିକ୍କଣ ପ୍ରସ୍ତରଖଣ୍ଡ, କେଉଁଠି ନିର୍ଭୟରେ ତାପସଙ୍କ ହସ୍ତରୁ ହରିଣ କୁଶାଙ୍କୁର ଭକ୍ଷଣରେ ବ୍ୟସ୍ତ ରହିଥାନ୍ତି । ରାଜା ମୃଗୟାବେଶ ତ୍ୟାଗ କରି ରଥରୁ ଅବତରଣ କରି ସାରଥି ହସ୍ତରେ ରଥଦେଇ ଆଶ୍ରମରେ ପ୍ରବେଶ କରନ୍ତି । ଉପରୋକ୍ତ ଘଟଣାମାନ କାଳିଦାସଙ୍କ ନାଟକରେ—

"ନୀବାରାଃ ଶୁକ ଗର୍ଭ କୋଟର ମୁଖ ଭ୍ରଷ୍ଟାସ୍ତରୂଣାମଧଃ
ପ୍ରସ୍ନିଗ୍ଧା କ୍ୱଚିଦିଙ୍ଗୁଦୀ ଫଳ ଭିଦଃ ସୂଚ୍ୟନ୍ତ ଏବୋ ପଳାଃ ।
ବିଶ୍ୱାସୋପଗମାଦ୍ ଅଭିନ୍ନ-ଗତୟଃ ଶବ୍ଦଂ ସହନ୍ତେ ମୃଗାମ୍
ତୋୟାଧାର ପଥାଶ୍ଚ ବଲ୍କଲ-ଶିଖା-ନିଷ୍ୟନ୍ଦ-ରେଖାଙ୍କିତାଃ ।"

ମେହେର ଲେଖିଛନ୍ତି—

"ତପୋବନ ମଧ୍ୟେ ଉପଗତ ହୋଇ
ଦେଖିଲେ ସକୌତୁହଳେ
ଶୁକ ମୁଖ ଭ୍ରଷ୍ଟ ତୃଣଧାନ୍ୟ ମାନ
ପଡ଼ିଛୁ ପାଦପ ତଳେ ।
ପୁଣି-ପଡ଼ି କେଉଁଠାରେ ଇଙ୍ଗୁଦୀ ନିର୍ମାସ
ସ୍ନିଗ୍ଧ-ଶିଳା-ଖଣ୍ଡଚୟ
ଦେଉଛନ୍ତି ଋଷି ହସ୍ତରେ ଇଙ୍ଗୁଦୀ
ବିଦାରଣ ପରିଚୟ ।"

ବ୍ୟାସଦେବ ତାଙ୍କ ମହାଭାରତରେ ଆଶ୍ରମର ମନୋରମ ଦୃଶ୍ୟ ନିମ୍ନ ମତେ ବର୍ଣ୍ଣନା କରିଛନ୍ତି—

"ଆଶ୍ରମ ପ୍ରବରଂରମ୍ୟଂ ଦଦର୍ଶଚ ମନୋରମଂ
ନାନା ବୃକ୍ଷ ସମାକୀର୍ଣ୍ଣଂ ସଂ ପ୍ରଜ୍ୱଳିତ ପାବକମ
ସଚ୍ଛୈବାଳ ପୁଳିନାଂ ପୁଷ୍ପଫେନ ପ୍ରବାହିନୀଂ
ସକିନ୍ନର ଗଣାବାସାଂ ବାନରର୍ଦ୍ଧନ ସେବିତାମ୍
ତସ୍ୟାସ୍ତୀରେ ଭଗବତଃ କାଶ୍ୟପସ୍ୟ ମହାତ୍ମନଃ

Digitized by srujanika@gmail.com

ଦୃଷ୍ଟ୍ୱା ଶ୍ରମ ପଦଂ ପୁଣ୍ୟଂ ମହର୍ଷି ଗଣ ସେବିତମ୍
ଚକାଙ୍କ୍ଷ ପ୍ରବେଶାୟ ମତିଂଚ ନୃପତି ସ୍ତଦା ।"

ଆଶ୍ରମର ପ୍ରାକୃତିକ ସୁଷମାରେ ମୁଗ୍ଧ ହୋଇ ରାଜା ରାଜଛତ୍ରସ୍ତମ୍ଭାଦିକୁ ଉନ୍ମୋଚନ କରିଛନ୍ତି । ଏହିପରି ଆଶ୍ରମର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ବେଳେ ତାଙ୍କ କର୍ଣ୍ଣରେ ଏକ ନାରୀର କଣ୍ଠସ୍ୱର ଶ୍ରୁତିଗୋଚର ହୋଇଛି । ରାଜା ତତ୍‌କ୍ଷଣାତ୍ ଦୃଷ୍ଟି ଫେରାଇ ପାଦପ ଉହାଳରୁ ତିନିଜଣ ନାରୀମୂର୍ତ୍ତି ଦେଖିଛନ୍ତି । କଥା ପ୍ରସଙ୍ଗରୁ ସେମାନଙ୍କର ନାମ ପ୍ରିୟମ୍ବଦା, ଅନସୂୟା ଓ ଶକୁନ୍ତଳା ବୋଲି ଜାଣିଛନ୍ତି । ତନ୍ମଧ୍ୟରେ ଶକୁନ୍ତଳା ହେଉଛନ୍ତି କଣ୍ୱମୁନିଙ୍କ କନ୍ୟା, ପ୍ରିୟମ୍ବଦା ଓ ଅନସୂୟା ହେଉଛନ୍ତି ତାଙ୍କ ସହଚରୀ ଦୁଇଜଣ । ଶକୁନ୍ତଳାଙ୍କର ଅପରୂପ ସୌନ୍ଦର୍ଯ୍ୟରେ ରାଜା ବିମୋହିତ ହୋଇ ଅନ୍ତଃପୁର ଶତନାରୀଙ୍କର ଶୋଭାରୁ ବିସ୍ମୃତ ହୋଇଛନ୍ତି । ବଳକଳ ପରିହିତା ଶକୁନ୍ତଳାଙ୍କର ରୂପ ମାଧୁରୀର ବର୍ଣ୍ଣନା କାଳିଦାସ ନିମ୍ନ ପ୍ରକାରେ କରିଛନ୍ତି –

"ସରସିଜମନୁବିଦ୍ଧଂ ଶୈବଳେନାପିରମ୍ୟଂ
ମଳିନ ମପିହିମାଂ ଶୋର୍ଲକ୍ଷ୍ମ ଲକ୍ଷ୍ମୀଂ ତନୋତି ।
ଇୟମଧିକ ମନୋଜ୍ଞା ବଲ୍‌କଲେ ନାପି ତନ୍ୱୀ
କିମିବହି ମଧୁରାଣାଂ ମଣ୍ଡନଂ ନାକୃତୀନାମ୍ ।"

ଗଙ୍ଗାଧରଙ୍କ ରଚନାରେ –

"ବଲ୍କଳାବୃତ ହୋଇ ପଡ଼ୁଛି ତଥାପି
ଲଳନା-ଲାବଣ୍ୟ ପ୍ରଭା
ଯଥା ଶିବ-ଜଟ- ଚନ୍ଦ୍ରିକା ଶୈବାଳ
ବେଷ୍ଟିତ-ପଦ୍ମିନୀ ଅବା ।
କଳଙ୍କ ହିଁ ଥାଇ କଳାକର କୋଳେ
କରଇ ନେତ୍ର ରଞ୍ଜନ
ସ୍ୱଭାବ ସୁନ୍ଦର ଅଙ୍ଗକୁ ଜଗତେ
ନହୁଏ କିସ ମଣ୍ଡନ ?"

ଶୈବାଳ ଦ୍ୱାରା ପରିବେଷ୍ଟିତ ହେଲେ ମଧ ପଦ୍ମିନୀର ଶୋଭା ଯେପରି ପରିବ୍ୟାପ୍ତ ହୁଏ, କଳଙ୍କ ଦ୍ୱାରା କଳୁଷିତ ହେଲେ ବି ଚନ୍ଦ୍ରର ସୌନ୍ଦର୍ଯ୍ୟ ଯେପରି ଅତୁଳନୀୟ ହୋଇଥାଏ, ଶିବଙ୍କ ଜଟାଦ୍ୱାରା ଆଚ୍ଛାଦିତ ହୋଇ ମଧ ଚନ୍ଦ୍ର ଯେପରି ତେଜୋଦୀପ୍ତ ହୋଇଥାନ୍ତି, ସେହିପରି ଶକୁନ୍ତଳାଙ୍କ ରୂପର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବଳିଗଲପରି ଦେଖାଯାଉଥାଏ ।

ସେତେବେଳେ ଶକୁନ୍ତଳା ବୃକ୍ଷରେ ଜଳ ଦେଉଥାନ୍ତି । ତାଙ୍କ ମୁଖରେ ବିନ୍ଦୁ ବିନ୍ଦୁ ଘର୍ମ ଦେଖାଦିବାର ଲକ୍ଷ୍ୟକରି ରାଜା ଶକୁନ୍ତଳାଙ୍କ ପରି କୁସୁମାଙ୍ଗୀଙ୍କୁ ଜଳ ଦେବାପରି କଠିନ କାର୍ଯ୍ୟରେ ନିୟୋଜିତ କରିବା ଠିକ୍ ହୋଇନାହିଁ ବୋଲି ଭାବିଛନ୍ତି । ତତ୍‌କ୍ଷଣାତ୍

Digitized by srujanika@gmail.com

ସଖୀଦ୍ୱୟ କ୍ଷୁଦ୍ର ବୃକ୍ଷମୂଳରେ ପାଣିଢାଳିଛନ୍ତି ଏବଂ ଶକୁନ୍ତଳା ଚୂତ ବୃକ୍ଷତଳେ ଉପନୀତ ହୋଇଛନ୍ତି । ସୌନ୍ଦର୍ଯ୍ୟମୟୀ ଶକୁନ୍ତଳାଙ୍କୁ ସନ୍ଦର୍ଶନ କରି ରାଜା ଅନେକ କଥା ଚିନ୍ତାକରିଛନ୍ତି । ନିଜମନକୁ ସାନ୍ତ୍ୱନାଦେଇ କହିଛନ୍ତି ଯେ, ଯାହାପାଇଁ ଏ ଫୁଲ (ଶକୁନ୍ତଳା) ଉଦ୍ଦିଷ୍ଟ, ସେହି ଫୁଲର ସୌନ୍ଦର୍ଯ୍ୟକୁ ଦୁଷ୍ମନ୍ତ ରୂପୀ ଭ୍ରମର ତ ମଧୁପାନ କରିପାରିବ । ଚୂତ ବୃକ୍ଷରେ ଲଟେଇଥିବା ନଆଳୀଟି ନବକୁସୁମିତ ହେବା ଦେଖି ଶକୁନ୍ତଳା ସଖୀଦ୍ୱୟଙ୍କୁ ଡାକି ତାହା ଦେଖାଇବା ବେଳେ ସେମାନେ ଶକୁନ୍ତଳାଙ୍କ ପ୍ରତି ବିଭିନ୍ନ ଆକ୍ଷେପ ଓ ମନ୍ତବ୍ୟ ପ୍ରକାଶକରି ମନ ଓ ବିବେକର ପରୀକ୍ଷା କରିଛନ୍ତି । ଶକୁନ୍ତଳା ନଆଳୀ ଲତିକା ମୂଳରେ ଜଳଦେବା ବେଳେ ପୁଷ୍ପସ୍ଥିତ ଭ୍ରମର ଶକୁନ୍ତଳାଙ୍କ ମୁଖ ମଣ୍ଡଳରେ ବାରମ୍ବାର ବିବ୍ରତ କରିଛି । ଶକୁନ୍ତଳା ନାନା ଭଙ୍ଗୀରେ ତାକୁ ବିତାଡ଼ିତ କରିବାର ବ୍ୟର୍ଥତା ଅନୁଭବ କରି ବ୍ୟାକୁଳ ହୋଇ 'ଆସ ଆସ ପ୍ରାଣମିତ' ବୋଲି ସଖୀଙ୍କୁ ଆହ୍ୱାନ କରିଛନ୍ତି । ପୁରୁରାଜ୍ୟରେ ପୁଣି ଦୁଷ୍ମନ୍ତଙ୍କ ଶାସନରେ ମଧୁବ୍ରତର ଗଞ୍ଜଣା ଅସମ୍ଭବ ବୋଲି ସଖୀଦ୍ୱୟ କହିବା ଭିତରେ ଦୁଷ୍ମନ୍ତ ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଅଭୟ ପ୍ରଦାନ କରିଛନ୍ତି । ଲଜକୁଳୀ ଲତାକୁ ସ୍ପର୍ଶ କଲେ ସେ ଯେପରି ଝାଉଁଳି ପଡ଼େ ସେହିପରି ଦୁଷ୍ମନ୍ତଙ୍କୁ ସମ୍ମୁଖରେ ଦେଖି ଶକୁନ୍ତଳା ଲଜ୍ଜାରେ ଅବନତମୁଖୀ ହୋଇ ଛିଡ଼ା ହୋଇଛନ୍ତି ଏବଂ ତାଙ୍କର ନୟନ ଯୁଗଳ ରାଜାଙ୍କ ରକ୍ତିମ ପଦଯୁଗଳରେ ଲାଖି ରହିଛି । ତତ୍ପରେ ଅନସୂୟା ଓ ପ୍ରିୟମ୍ୱଦା ସେଠାରେ ଉପସ୍ଥିତ ହୋଇ ସସମ୍ମାନେ ରାଜାଙ୍କୁ ବୃକ୍ଷତଳକୁ ଡାକିନେଇ ଏକ ପ୍ରସ୍ତର ଉପରେ ବସାଇ ଅତିଥି ସତ୍କାର କରିଛନ୍ତି । ରାଜା ସେହି ଅବସରରେ ଶକୁନ୍ତଳାଙ୍କ ଜନ୍ମର ବିବରଣୀ ପ୍ରିୟମ୍ୱଦାଙ୍କଠାରୁ ଶୁଣିଛନ୍ତି । ଶକୁନ୍ତଳାଙ୍କ ଦୃଷ୍ଟି ସମ୍ପୂର୍ଣ୍ଣ ଭାବରେ ଦୁଷ୍ମନ୍ତଙ୍କ ପ୍ରତି ଲାଖି ରହିଥାଏ । ତତ୍କ୍ଷଣାତ୍ ଏକ ଅଶୁଭ ମୁହୂର୍ତ୍ତ ଆସୀନ ହୋଇଛି । ବନହସ୍ତୀର ଭୟରେ ଚତୁର୍ଦ୍ଦିଗ ଚହଲି ପଡ଼ିସିବାରୁ ତା'ର ପ୍ରତିକାର ପାଇଁ ଦୁଷ୍ମନ୍ତ ଗମନୋଦ୍ୟତ ହୋଇଛନ୍ତି । ଅତିଥି ସତ୍କାର କରିନଥିବାରୁ ସଖୀଦ୍ୱୟ ତାଙ୍କୁ ପୁନର୍ବାର ଆସିବାକୁ ଅନୁରୋଧ କରନ୍ତେ ଚତୁର ରାଜା ତତ୍କ୍ଷଣାତ୍ ନିଜର ଅଙ୍ଗୁରୀୟ ହସ୍ତରୁ କାଢ଼ି ଶକୁନ୍ତଳାଙ୍କ ହସ୍ତରେ ସପ୍ରେମ ପିନ୍ଧାଇ ଆଗକୁ ଧାବିତ ହୋଇଛନ୍ତି । ସେ ମୁଦ୍ରିକାରେ ଦୁଷ୍ମନ୍ତଙ୍କ ନାମ ଖୋଦିତ ହୋଇଛି । ସଖୀଦ୍ୱୟ କୁଟୀର ଅଭିମୁଖେ ଯାତ୍ରାକଲାବେଳେ ଶକୁନ୍ତଳାଙ୍କ ଶରୀର ଅବସନ୍ନ ହେବା ସହିତ ମନ ରାଜାଙ୍କ ପ୍ରତି ଉଚ୍ଚାଟ ହୋଇଯାଇଛି । ଏହି ଭାବକୁ କାଳିଦାସ ଅତି ସତର୍କତାର ସହିତ ନିମ୍ନମତେ ବର୍ଣ୍ଣନା କରିଛନ୍ତି ।

"ଗଚ୍ଛତି ପୁରଃ ଶରୀରଂ ଧାବତି ପଶ୍ଚାଦ୍‌ସଂସ୍ଥିତ ଚେତଃ
ଚୀନାଂଶୁକମିବ କେତୋଃ ପ୍ରତି ବାତଂନୀୟମାନସ୍ୟ ।"

ଗଙ୍ଗାଧରଙ୍କ ରଚନାରେ—

"ଚଳିଲେ ନୃପତି   ତତ ତରେ କାନ୍ତି
ପଛକୁ ଘୂଞ୍ଚଇ ମନ
ପ୍ରଧାବିତ ରଥ-   ପଛକୁ ଉଡ଼ଇ
ଦୁକୂଳ ଧ୍ୱଜ ଯେସନ ।"

Digitized by srujanika@gmail.com

ତା'ପରେ ସଖୀଦ୍ୱୟ କୁଟୀର ଅଭିମୁଖେ ଯାତ୍ରା କରନ୍ତେ ଶକୁନ୍ତଳା ତାଙ୍କ ସହିତ ଯିବାକୁ ଇଚ୍ଛା କଲେ ହେଁ ତାଙ୍କ ମନ ରାଜାଙ୍କ ପ୍ରତି ଆକୃଷ୍ଟ ହୋଇଥିବାରୁ ତାଙ୍କର ପାଦରେ କୁଶାଗ୍ର ବିଦ୍ଧ ହୋଇଛି ଓ ଅଞ୍ଚଳ କୁରୁବକ ଶାଖାରେ ଲଗିଯିବାର ଛଳନା କରିଛନ୍ତି । କବି ଗଙ୍ଗାଧରଙ୍କ ବର୍ଣ୍ଣନା ଏଠାରେ ଚମତ୍କାରିତା ଲାଭ କରିଛି ।

"କୁରୁବକ କଣ୍ଟା ଲଗି ଗଲା ବୋଲି
ସଖୀଙ୍କି କହିଲା ଛଳି
ପ୍ରିୟମ୍ବଦା ବୋଲେ ପୁରୁବକ କଣ୍ଟା
ମୀନାକ୍ଷି ଗଲି କି ଗଲି ?"

ଶକୁନ୍ତଳାଙ୍କ ଦୃଷ୍ଟିପଥରୁ ଦୁଷ୍ମନ୍ତ ଅନ୍ତର୍ହିତ ହେବାରୁ ତାଙ୍କ ହୃଦୟରେ ପ୍ରଣୟର ଅଙ୍କୁରୋଦ୍‌ଗମ ହୋଇ ତାଙ୍କୁ ପ୍ରେମ ବିହ୍ୱଳିତ କରିଛି ।

ଦୁଷ୍ମନ୍ତ ଶିବିରକୁ ପ୍ରତ୍ୟାବର୍ତ୍ତନ କରି ଅଶ୍ୱ ଓ ହସ୍ତୀମାନଙ୍କୁ ଯତ୍ନସହକାରେ ଭୃତ୍ୟମାନଙ୍କୁ ବାନ୍ଧିରଖିବାକୁ ଆଦେଶ ଦେଇ ଶିବିର ମଣ୍ଡପରେ ଉପବେଶନ କରିଛନ୍ତି । ନିଜ ମୁଦ୍ରିକା ଶୂନ୍ୟ ଅଙ୍ଗୁଳିକୁ ଚୁମ୍ବି ଶକୁନ୍ତଳାଙ୍କ କରସ୍ପର୍ଶ ସୁଖ ଅନୁଭୂତି ପାଇଁ ପାଇଥିବାରୁ ଆନନ୍ଦିତ ହୋଇ ଆଶ୍ରମ ଉପବନରୁ ଆଣିଥିବା ପ୍ରିୟ ପୁଷ୍ପ ନିଅଳୀକୁ ଅତି ସ୍ନେହ ସହକାରେ ଆଘ୍ରାଣ କରିଛନ୍ତି । ଶକୁନ୍ତଳାଙ୍କ କରସ୍ପର୍ଶ ଲାଭ କରିଥିବା ପୁଷ୍ପଗୁଡ଼ିକୁ ବାରମ୍ବାର ଆଘ୍ରାଣକରି ରାଜା ମନରୁ ସମସ୍ତ ଦୁଃଖ ଓ ନୈରାଶ୍ୟକୁ ଦୂରୀଭୂତ କରିଛନ୍ତି । ତା'ପରେ ତାଙ୍କ ବିବେକ ଓ ମନମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ତାହା ତାଙ୍କ ମିଳନର ପ୍ରତୀକ ସ୍ୱରୂପ । ହାତ ବଢ଼ାଇବା ଦ୍ୱାରା ବିବେକର ଅଭିଳାଷ ପୂର୍ତ୍ତି ହେବା ସଙ୍ଗେ ସଙ୍ଗେ କୁରୁବକ କଣ୍ଟାଦ୍ୱାରା ବସନ ଛିଣ୍ଡିବା ମନର ଦମ୍ଭର ପ୍ରକାଶ ପାଇବାର ସଙ୍କେତ ପ୍ରଦାନ କରିଥାଏ । ଏହିପରି ମନ ଓ ବିବେକର ଦ୍ୱନ୍ଦ୍ୱ ପରିଲକ୍ଷିତ ହେବା ଭିତରେ ବିବେକ କଣ୍ୱମୁନିଙ୍କ କ୍ରୋଧ ସମ୍ବନ୍ଧରେ ମନକୁ ସଚେତନ କରାଇଛି । ହାତଗଣ୍ଠି ପଡ଼ିଲା—ହୁଳହୁଳି ନାହିଁ, ବ୍ରାହ୍ମଣ ଦ୍ୱାରା ବେଦ ଉଚ୍ଚାରିତ ହୋଇନି କିମ୍ବା ପାଣି ଢଳା ହୋଇନି । ମନ ଚତୁରତାର ସହିତ କହୁଛି—ମାଛିକା ହୁଳହୁଳି ଦେଉଛି । ବ୍ରହ୍ମା ଘର୍ମ ଛଳରେ ଜଳ ଢାଳିଛନ୍ତି । ବସନ୍ତ କୋକିଳ—'ଶ୍ରୀରାମଦ୍ୟ ଗୀତା' ଉଚ୍ଚାରଣ କରି ହାତଗଣ୍ଠି ପକାଇବା ଇତ୍ୟାଦି ବର୍ଣ୍ଣିତ । ଏହିପରି ମନ ଓ ବିବେକର ଉକ୍ତି-ପ୍ରତ୍ୟୁକ୍ତି ଗଙ୍ଗାଧର ତାଙ୍କ କାବ୍ୟରେ ପ୍ରସ୍ତୁତକରି କାବ୍ୟକୁ ରସବନ୍ତ କରିଛନ୍ତି ।

ରାଜାଙ୍କପରି ଶକୁନ୍ତଳା କୁଟୀରକୁ ଗମନକଲେ ସତ; କିନ୍ତୁ ଅଙ୍ଗୁରୀୟ ଦର୍ଶନ କରିବାରୁ ତାଙ୍କର ମନ ଅସ୍ଥିର ହେବା ସଙ୍ଗେ ସଙ୍ଗେ ପ୍ରେମର ପ୍ରଗାଢ଼ ଉଦ୍‌ବେଗ ଓ ଲଜ୍ଜାରେ ରାଜାଙ୍କ ମୁଖକମଳ ସ୍ମରଣରେ ଅଙ୍ଗ ପୁଲକିତ ହେଉଥାଏ । ସେହିଦିନଠାରୁ ଶକୁନ୍ତଳାଙ୍କର ଅନ୍ୟମନସ୍କତା ସଖୀଦ୍ୱୟ ଲକ୍ଷ୍ୟକରି ପରସ୍ପରକୁ ଇଙ୍ଗିତାଭିମୁଖୀ ହେଲେ । ଆଶ୍ରମର ବୃଦ୍ଧା ତପସ୍ୱିନୀ ଗୌତମୀଙ୍କୁ ଦୁଷ୍ମନ୍ତଙ୍କ ଆଗମନ ବାର୍ତ୍ତାର ସମ୍ବାଦ ଦେବାରୁ ଗୌତମୀ ସଖୀଦ୍ୱୟଙ୍କୁ ଶକୁନ୍ତଳାଙ୍କ ଦ୍ୱାରା ଅତିଥି ସତ୍କାର କରିବାକୁ ଉପଦେଶ ଦେଲେ । ଏହିପରି

Digitized by srujanika@gmail.com

କଥୋପକଥନ ଭିତରେ ସୂର୍ଯ୍ୟ ଅସ୍ତମିତ ହୋଇଛନ୍ତି । ପକ୍ଷୀମାନଙ୍କ ସହିତ ବାଲ୍ୟକ୍ରୀଡ଼ା କରିବାକଥା ଆଉ ତାଙ୍କୁ ସୁଖକର ବୋଧ ହେଉନ । ଥରେ ଲବଣ ଦ୍ୱାରା ସ୍ୱାଦୁ ଲାଭକରିବା ଜିହ୍ୱା ପୁନର୍ବାର ଅଲଣା ବ୍ୟଞ୍ଜନପ୍ରତି ଆଶାରଖି ନଥିବା ପରି ଶକୁନ୍ତଳାଙ୍କର ଅନେକ ଆଶା ଓ ଆକାଙ୍‌କ୍ଷାରେ ରଜନୀ ଅତିବାହିତ ହୋଇଛି । ଦୁଷ୍ମନ୍ତଙ୍କର ଅପରୂପ ରୂପ ଲାବଣ୍ୟ ଅଭିଳାଷରେ ପରିପ୍ଲାବିତ ହୃଦୟ ପ୍ରଣୟପଲ୍ଲବରେ ସୁଶୋଭିତ ହୋଇଛି ।

ଯୌବନୋନ୍ମତ୍ତ ରାଜାଙ୍କର ପ୍ରେମୋନ୍ମତ୍ତ ଚିନ୍ତାରେ ରଜନୀ ଉଦ୍‌ଯାପିତ ହୋଇଛି । ପ୍ରାତଃକୃତ୍ୟ ସମାପନ କରି ରାଜା କାନନ ଭ୍ରମଣ ଛଳରେ ବାହାରିଛନ୍ତି । ବିଗତ ଦିନରେ ଯାହା ସୁନ୍ଦର ଦିଶୁଥିଲା ତାହା ଆଜି ସୁନ୍ଦରତର ଦେଖାଯାଉଛି । ଯେକୌଣସି ସ୍ଥାନକୁ ରାଜା ଦୃଷ୍ଟିନିକ୍ଷେପ କରନ୍ତୁ ସେ ଯେପରି କହି ଦେଉଛି, "ଶକୁନ୍ତଳା ଏହି ବନରେ ଅଛି ।" ସୁନ୍ଦରୀ ଶକୁନ୍ତଳାଙ୍କ ମୂର୍ତ୍ତି ରାଜାଙ୍କ ହୃଦୟ ଦର୍ପଣରେ ଭାସିଯାଉଛି । କାଲି ଯେଉଁସବୁ ପ୍ରସ୍ତର କାନ୍ତ ରାଜାଙ୍କ ହୃଦୟକୁ ପବିତ୍ର ଭକ୍ତିମନ୍ତ୍ର ପ୍ରଦାନ କରୁଥିଲା, ଆଜି ତାହା ପ୍ରେମ ବହ୍ନିରେ ପ୍ରଜ୍ୱଳିତ କରୁଛି । ଯେଉଁ ଡାଳରେ ଶୁକପକ୍ଷୀ ବସି ତପସ୍ୱୀଙ୍କ କୀର୍ତ୍ତି ଗାନ କରୁଥିଲା, ଆଜି ସେହି ଡାଳରେ କପୋତ ନବଦମ୍ପତିଙ୍କର ସୌଭାଗ୍ୟ ବର୍ଣ୍ଣନା କରୁଛି । ଯେଉଁ ମୃଗ-ମୃଗୀ ତାପସୀ ସ୍ୱଭାବ ପ୍ରକାଶ କରୁଥିଲେ ସେମାନେ ଆଜି ଦାମ୍ପତ୍ୟ ପ୍ରେମ ବନ୍ଧନରେ ବନ୍ଧା । ଏହିପରି କୀଟପତଙ୍ଗ, ପଶୁ-ପକ୍ଷୀ, ବୃକ୍ଷଲତା ସମସ୍ତେ ପ୍ରେମାଳାପରେ ବିଭୋର । ରାଜା ମାଲିନୀ ନଦୀ ତୀର ଦେଇ ମନ୍ଥର ଗତିରେ ଶୋଭା ନିରୀକ୍ଷଣ କରି ଯାଉଥିବାବେଳେ ହଠାତ୍ ତାଙ୍କ ମନ ଚଞ୍ଚଳ ହୋଇଉଠିଛି । ନିକଟସ୍ଥ ବଣ କୁଞ୍ଜର ଛାୟା ଶୀତଳ ସ୍ନିଗ୍ଧ ପରିବେଶ ରାଜାଙ୍କୁ ମୁଗ୍ଧ କଲାବେଳେ ତା' ମଧ୍ୟକୁ କେତୋଟି ପଦଚିହ୍ନ ପଡ଼ିଥିବାର ଦେଖି ଏକ ଚିକ୍‌କଣ ପ୍ରସ୍ତର ଉପରେ ଉପବେଶନ କରିଛନ୍ତି । ତତ୍‌କ୍ଷଣାତ୍ ଅଦୂରରୁ ଏକ ସଙ୍ଗୀତର ସ୍ୱର ଭାସି ଆସିବାର ଲକ୍ଷ୍ୟ କରିଛନ୍ତି । ସୂର୍ଯ୍ୟ ଓ ପଦ୍ମର ପ୍ରଣୟ ସଙ୍କେତ ମାଧ୍ୟମରେ ରାଜା ଓ ଶକୁନ୍ତଳାଙ୍କ ପ୍ରଣୟ ବିଳାସ ବର୍ଣ୍ଣିତ । ସଙ୍ଗୀତର ଅପୂର୍ବ ଝଙ୍କାରରେ ନଦୀର କଳକଳ ସ୍ୱନ ମିଶ୍ରିତ, ସେ ସଙ୍ଗୀତ ଶ୍ରବଣ କରି ଚକ୍ରବାକ-ଚକ୍ରବାକୀର ମୁଖକୁ ଅନାଉଛି । ଡାହୁକ ତା'ର ପ୍ରିୟ ବାନ୍ଧବୀକୁ ସଙ୍ଗୀତ ଶୁଣିବାକୁ ଆହ୍ୱାନ କରୁଛି । ସଙ୍ଗୀତ ଶ୍ରବଣ କରି କପୋତ କିଛିକ୍ଷଣ ନୀରବ ରହି ପୁଣି ନିଜର ସ୍ୱର ତାଳ ଦେଉଛି । କୋକିଳ କୁହୁ କୁହୁ ତାନରେ ସଙ୍ଗୀତକୁ ଅଭିନନ୍ଦନ ଜଣାଉଛି । ବକୂଳକୁ ଏବେ ଅନୁସରଣ କଲାପରି ରାଜା ପ୍ରେମ ବଶରେ ସଙ୍ଗୀତର ଧ୍ୱନିକୁ ଅନୁସରଣ କରି ନିକୁଞ୍ଜର ନିକଟବର୍ତ୍ତୀ ହୋଇଛନ୍ତି । ଅନ୍ତରାଳରୁ ରାଜା ଲକ୍ଷ୍ୟକରି ଦେଖିଛନ୍ତି ଯେ, ଅନସୂୟା ଫୁଲହାର ଗୁନ୍ଥିବାରେ ବ୍ୟସ୍ତଥିବା-ବେଳେ ଶକୁନ୍ତଳା ଅନ୍ୟମନସ୍କ ଥିବାପରି ଜଣାପଡ଼ୁଛି । ପ୍ରିୟମ୍ବଦା ଗୀତ ବନ୍ଦକରି ଅନସୂୟାକୁ ହାର ଗୁନ୍ଥା ବନ୍ଦକରି ଗୀତ ଗାଇବାକୁ ଅନୁରୋଧ କରୁଛି ।

"ଅନସୂୟା ହସି ବୋଇଲା, "ତୋ ଗୀତ
ପରିଲୁହଇ ମୋ ଗୀତ
ମୁଁ ଗୀତ ଗାଇଲେ ପରାଣ ଦେବତା
ହୋଇ ଯିବେ ଉପନୀତ ।"

Digitized by srujanika@gmail.com

ହାର ନ ଗୁନ୍ଥିଲେ ଶକୁନ୍ତଳା କ'ଣ ଦେଇ ପ୍ରାଣେଶ୍ୱରଙ୍କର ପୂଜା ଅର୍ଚ୍ଚନା କରିବ ? ଶକୁନ୍ତଳା ଅନ୍ୟମନସ୍କ ଥିବାର ଦେଖି ପ୍ରିୟମ୍ବଦା ଶକୁନ୍ତଳାଙ୍କର କେଶ ଓ କଣ୍ଠ ପୁଷ୍ପରେ ମଣ୍ଡନ କରିଛନ୍ତି । ତା'ପରେ ଅନସୂୟା ଗାନ ଆରମ୍ଭ କରିଛନ୍ତି । ତାଙ୍କ ଗାନର ସାରାର୍ଥ ଏହି ଯେ, ପ୍ରକୃତ ପ୍ରେମିକ ଯେ, ସେ କେବେ ବିଶ୍ୱାସଘାତକତା କରନ୍ତି ନାହିଁ । ଅମୃତ କେବେ ବିସ୍ୱାଦ ଲାଗେନା । ଏହିପରି ପ୍ରିୟମ୍ବଦା ଛଳନାକରି କଥା ପ୍ରକାଶ କଲାବେଳେ ଦୁଷ୍ମନ୍ତ ସେଠାରେ ଯେ ଉପସ୍ଥିତ ହେଲେଣି ତାହା ଶକୁନ୍ତଳାଙ୍କୁ ଅଜଣା । ହଠାତ୍ ଶକୁନ୍ତଳା ଦୃଷ୍ଟି ଦେଖିଲେ ଯେ, ରାଜା ନିକୁଞ୍ଜର ଦ୍ୱାରଦେଶରେ ଦଣ୍ଡାୟମାନ । ଅବନତ ମସ୍ତକରେ ଉନ୍ନକରି ରାଜାଙ୍କୁ ଦେଖି ଉଭା ହୋଇଛନ୍ତି । ପ୍ରିୟମ୍ବଦା ରାଜାଙ୍କ ପଦଧୌତ କରିବାକୁ ଶକୁନ୍ତଳାଙ୍କୁ ସଙ୍କେତ ଦେବାରୁ ଶକୁନ୍ତଳା ସଲଜ୍ଜ ତଥା ପ୍ରେମକମ୍ପିତ ହସ୍ତରେ ରାଜାଙ୍କ ପଦଧୌତ କରିଛି । ପ୍ରିୟମ୍ବଦା କଅଁଳ ପଲ୍ଲବରେ ଆସନ ପାରି ଦେଇଛନ୍ତି । ତାଙ୍କ ନିର୍ଦ୍ଦେଶରେ ଶକୁନ୍ତଳା ରାଜାଙ୍କ କଣ୍ଠରେ ଫୁଲହାର ଲମ୍ବାଇ ଦେଇଛନ୍ତି । ପ୍ରିୟମ୍ବଦା ସହାସ୍ୟ ବଦନରେ ପରିହାସ ଛଳରେ କହୁଛି ଯେ, ଶକୁନ୍ତଳା ଋଷିକୁମାରୀ ହୋଇଥିବାରୁ କ'ଣ ଦେଇ ସେ ରାଜାଙ୍କୁ ପୂଜା କରିବ ? କାଳି ହସ୍ତଧାରଣରୁ ଜାଣିଛୁ ଯେ ତୁମ୍ଭେ ସ୍ୱଭାବରେ ଉଦାର । ହେ ଉଦାର ! ଆମ୍ଭେ ବାହୁଲ୍ୟମାନ କହୁଅଛୁ । ଏ ତପୋବନରେ କେବଳ ଫୁଲହାର ବ୍ୟତୀତ ଅନ୍ୟ କିଛି ନାହିଁ । ଏହାଦ୍ୱାରା ସନ୍ତୁଷ୍ଟ ହୋଇ ତୁମ୍ଭେ ତପସ୍ୱିନୀଙ୍କୁ ଧନ୍ୟ କର । ରାଜାଙ୍କ ଅନ୍ତଃପୁରସ୍ଥ ଉଦ୍ୟାନରେ ସୁନ୍ଦର ସୁନ୍ଦର ଫୁଲ ଥାଉଥାଉ ବନଫୁଲ ଆଦରଣୀୟ ହେବ ତ ? ଅନ୍ୟ ପକ୍ଷରେ ରାଜାଙ୍କ ଅନ୍ତଃପୁରରେ ବହୁ ଶ୍ରେଷ୍ଠା ସୁନ୍ଦରୀ ଥିବାବେଳେ ବନଫୁଲ ରୂପୀ ଶକୁନ୍ତଳା ସମାଦର ପାଇବେ ତ ? ପୁଣି ଜଣେ ସଖୀ ଅନ୍ୟ ସଖୀଙ୍କୁ କହୁଛି ଯେ, ନଦୀ, ନଖୀ ଓ ନରପତିଙ୍କୁ ବିଶ୍ୱାସ କରିବା ଅନୁଚିତ । ତେଣୁ ଶକୁନ୍ତଳାଙ୍କର ସନ୍ତାନର ଭବିଷ୍ୟତ କ'ଣ ? ରାଜା ପ୍ରତ୍ୟୁତ୍ତରରେ ଶକୁନ୍ତଳାଙ୍କର ପୁତ୍ର ତାଙ୍କର ପରବର୍ତ୍ତୀ ଅଧିକାରୀ ହେବ ବୋଲି କହିଛନ୍ତି । ସବୁ ଜାଣି କିଛି ନଜାଣିଲପରି ଆନନ୍ଦ ସହିତ ଲଜ୍ଜାବନତ ବଦନରେ ସେଠାରେ ଥିବାବେଳେ ଅନସୂୟା ଓ ପ୍ରିୟମ୍ବଦା ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କୁ ଅଳାପର ସୁଯୋଗଦେଇ ସେଠାରୁ ଚାଲିଯାଇଛନ୍ତି । ଉଭୟ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ପ୍ରୀତିପୂର୍ଣ୍ଣ କଥୋପକଥନରେ ସମୟ ଅତିବାହିତ ହେଉଥିବାବେଳେ ସୂର୍ଯ୍ୟ ନିଜର ଉଗ୍ରତା ତ୍ୟାଗକରି ସ୍ନିଗ୍ଧ କମନୀୟ ମୂର୍ତ୍ତି ଧାରଣ କରିଛନ୍ତି । ସୂର୍ଯ୍ୟ ଅସ୍ତାଚଳଗାମୀ ହେବାରୁ ପ୍ରିୟମ୍ବଦା ସନ୍ଧ୍ୟାର ଆଗମନ ବାର୍ତ୍ତା ଜଣାଇ କହିଛନ୍ତି ଯେ, ପଦ୍ମକୁ ଛାଡ଼ି ସୂର୍ଯ୍ୟ ଓ ଚକ୍ରବାକୀକୁ ଛାଡ଼ି ଚକ୍ରବାକ ଗଲେଣି ।

ଅଭିଜ୍ଞାନମ୍ ଶକୁନ୍ତଳମ୍‌ରେ ମା'ଠାରୁ ବିଚ୍ଛିନ୍ନ ହୋଇଥିବା ମୃଗଶିଶୁକୁ ତା'ର ମା' ନିକଟରେ ପହଞ୍ଚାଇ ଦେବାପାଇଁ ପ୍ରିୟମ୍ବଦା ଅନସୂୟାଙ୍କୁ ଡାକି ସେ ସ୍ଥାନ ତ୍ୟାଗ କରିଥିବାବେଳେ ଗଙ୍ଗାଧରଙ୍କ ଉପସ୍ଥାପନରେ ଉକ୍ତ କଥୋପକଥନ ଶ୍ଳେଷ ସ୍ୱଭାବାପନ୍ନହୋଇ କାବ୍ୟକୁ ରସବନ୍ତ କରିଛି । ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ନିଭୃତ ପ୍ରେମାଳାପରେ ନେପଥ୍ୟରୁ "ଚକ୍ରବାକ ବଧୂକେ ଆମନ୍ତ୍ରୟସ୍ୱ ସହଚରମ୍, ଉପସ୍ଥିତା ରଜନୀ"-ଧ୍ୱନି ଆସିଛି । ଶକୁନ୍ତଳାଙ୍କର ଅସୁସ୍ଥତା ସମ୍ବାଦ ପାଇ ଗୌତମୀ ଆସୁଛନ୍ତି ଜାଣି ଶକୁନ୍ତଳା

Digitized by srujanika@gmail.com

ରାଜାଙ୍କୁ ଆତ୍ମଗୋପନ କରିବାକୁ ଇଙ୍ଗିତ ଦେଇ ସେ ସ୍ଥାନ ପରିତ୍ୟାଗ କରିଛନ୍ତି । କେହି କେହି ସମୀକ୍ଷକ ଏ ରଜନୀ ଗୌତମୀଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି ବୋଲି କହିଥାନ୍ତି । କିନ୍ତୁ ରାଜା ସେ ସ୍ଥାନ ତ୍ୟାଗକରି ପାରି ନାହାନ୍ତି । ମେହେର ଏହାକୁ କିପରି ମନୋଜ୍ଞ ଭାଷାରେ ବର୍ଣ୍ଣନା କରିଛନ୍ତି ଦେଖାଯାଉ—

"ଏ ରୂପେ ବିବିଧ କୌତୁକେ ବିନୋଦେ
ବେଳ ହେଲା ଅବସାନ
କୁଞ୍ଜ-ରନ୍ଧ୍ର-ପଥେ ରବି ତାଙ୍କ କର
ସ୍ନିଗ୍ଧ ହେଲେ ବିବସ୍ୱାନ ।

× × ×

ଅଦୂର କାନନେ ପ୍ରିୟମ୍ବଦା ତେଣେ
ଇଙ୍ଗିତରେ ଦେଲା ଡାକ
ନଳିନୀକି ତେଜି ମିହିର ଗଲେଣି
ଚକ୍ରବାକ ଚକ୍ରବାକୀ ।"

କିନ୍ତୁ ପ୍ରଣୟବଲ୍ଲରୀରେ ଗୌତମୀଙ୍କ ଆଗମନର କୌଣସି ସୂଚନା ପରିଲକ୍ଷିତ ହୁଏ ନାହିଁ ।

ଦୁଷ୍ମନ୍ତ ନିଜ ଶିବିରକୁ ଯିବା ପରେ ପ୍ରେମମୁଗ୍ଧା ଶକୁନ୍ତଳା ନିଜ କୁଟୀରକୁ ଫେରି ଆସିଛନ୍ତି । ରାତିସାରା ରାଜାଙ୍କର ମୂର୍ତ୍ତି ସ୍ମରଣ କରି ବିଷାଦ ମନରେ ଶକୁନ୍ତଳା ରାତିଯାପନ କରିଛନ୍ତି । ତପୋବନରେ କିଛିଦିନ ରହି ଦୁଷ୍ମନ୍ତ ପରେ ଶକୁନ୍ତଳାଙ୍କୁ ନେଇଯିବା ପାଇଁ ଆଶ୍ୱାସନା ଦେଇ ନିଜ ରାଜ୍ୟକୁ ଫେରି ଯାଇଛନ୍ତି ।

ତା'ପରେ ରାଜା ନିଜ ନଗରୀକୁ ଚାଲିଯିବା ପରେ ଭାଗ୍ୟକୁ ନିନ୍ଦି ଶକୁନ୍ତଳା ଆଶ୍ରମରେ ଅବସ୍ଥାନ କରିଛନ୍ତି । ରାଜାଙ୍କର ବିଳାସ ବ୍ୟସନାଦି ସମସ୍ତ କଥା ସୁନ୍ଦରୀ ମନରେ ବାରମ୍ବାର ବ୍ୟାଘାତ ସୃଷ୍ଟି କରିଛି । ଚିରାଚରିତ କର୍ମରେ ମଧ୍ୟ ତାଙ୍କର ଅବହେଳା ପ୍ରଦର୍ଶିତ ହୋଇଛି । ରାଜପୁରର ରାଜବିଭବ ଅଶ୍ୱ, ଗଜ, ଦାସ, ଦାସୀ ଆଦିଙ୍କ କଥା ବନବାସିନୀର ମାନସ ପଟରେ ବାରମ୍ବାର ଆନ୍ଦୋଳିତ ହେବା ଫଳରେ ପତିପୁର ଯିବା ପାଇଁ ମନ ଉଚ୍ଛନ୍ନ ହୋଇଅଛି । ପୁନଶ୍ଚ ଚିରସଙ୍ଗିନୀ ପ୍ରିୟମ୍ବଦା ଓ ଅନସୂୟାଙ୍କ ଭବିଷ୍ୟତ କଥା ଚିନ୍ତା କରିବା ପରେ ସମସ୍ତ ଅତିବାହିତ ହୋଇଛି । ଏକଦା ଅନ୍ୟମନସ୍କ ଭାବରେ ଶକୁନ୍ତଳା ପଶୁପକ୍ଷୀ, ବନଲତା, ମୃଗମୃଗୀମାନଙ୍କ କଥା ଚିନ୍ତା କରିବା ତଥା ରାଜାଙ୍କ ମିଳନ ଦିନର ଘଟଣାଗୁଡ଼ିକ ପ୍ରତି ଧ୍ୟାନ ରଖିଥିବା ସମୟରେ ମହାକୋପୀ ଦୁର୍ବାସା ଆସି କୁଟୀରରେ ଉପସ୍ଥିତ ହୋଇଛନ୍ତି । ସେ ସମୟରେ ସଖୀ ପ୍ରିୟମ୍ବଦା, ଅନସୂୟା କିମ୍ବା ଅନ୍ୟ ତାପସ ତାପସୀ ଆଶ୍ରମରେ ଅନୁପସ୍ଥିତ ଥାଆନ୍ତି । ଋଷିଙ୍କୁ କୁମାରୀ କିଛି ସମ୍ଭାଷଣ ଦେଇ ନାହାନ୍ତି । "ମୁଁ ଅତିଥି"— ବୋଲି କହିବା ସତ୍ତ୍ୱେ ଶକୁନ୍ତଳା ତାଙ୍କ ପ୍ରତି କର୍ଣ୍ଣପାତ ନ କରିବାରୁ ପୁନଶ୍ଚ ମୁନି

Digitized by srujanika@gmail.com

ଆଶ୍ରମରେ ଥାଇ ଆଶ୍ରମର ନୀତିନିୟମ ତଥା କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିବାରୁ ଦୁର୍ବାସା ନିଜକୁ ଅପମାନିତ ବୋଧକରି ତାଙ୍କୁ ଅଭିଶାପ ଦେଇଛନ୍ତି ଯେ—ସେ ଯାହାଙ୍କଠାରେ ଧ୍ୟାନ ରଖିଛନ୍ତି, ପରିଚୟ ଦେଲେ ମଧ୍ୟ ସେ ଚିହ୍ନିବ ନାହିଁ । ତା'ପରେ ସଖୀଦ୍ୱୟ ଫୁଲ ତୋଳୁଥିବାବେଳେ ଅଭିଶାପ କଥା ଜାଣିପାରି ମହର୍ଷିଙ୍କ ପାଦତଳେ ପଡ଼ି ଶକୁନ୍ତଳାଙ୍କ ପ୍ରତି ସଦୟ ହେବାପାଇଁ କାକୁତି ମିନତି କରିଛନ୍ତି । ତାପସୀ ସଖୀ ଦ୍ୱୟଙ୍କ କରୁଣାରେ ମୁନିଙ୍କ କୋପ ଶୀତଳ ହୋଇଛି । ମହର୍ଷି କହିଛନ୍ତି "ଶକୁନ୍ତଳା ଯାହାଠାରେ ମନୋନିବେଶ କରିଛି ଯଦି ତା'ର କିଛି ନିଦର୍ଶନ ଥାଏ ତାହା ଦେଖାଇଲେ ସେ ଚିହ୍ନିବ ।" ରାଜାଙ୍କ ପ୍ରଦତ୍ତ ସୁବର୍ଣ୍ଣ ମୁଦ୍ରିକା କଥା ମନେପଡ଼ିବାରୁ ସେହି ଅଙ୍ଗୁରୀୟ ବିଲୁପ୍ତ ସ୍ମୃତି ଉଦ୍‌ଥାନ କରିବ ଭାବି ସଖୀଦ୍ୱୟ ଆଶ୍ୱସ୍ତି ଲାଭ କରିଛନ୍ତି ।

ଅଭିଜ୍ଞାନମ୍ ଶକୁନ୍ତଳମ୍‌ରେ କାଳିଦାସ ଦୁର୍ବାସାଙ୍କ ମୁଖରେ କ୍ରୋଧ ଜର୍ଜରିତ ଅଭିଶାପ ନିମ୍ନ ପ୍ରକାରେ ବର୍ଣ୍ଣନା କରିଛନ୍ତି—

"ବିଚିନ୍ତୟନ୍ତୀ ଯମନନ୍ୟ ମାନସା
ତପୋଧନଂ ବେତ୍ସିନ୍ ମାମୁପସ୍ଥିତମ୍
ସ୍ମରିଷ୍ୟତି ତ୍ୱାଂନସ ବୋଧିତୋଽପିସନ୍
କଥାଂ ପ୍ରମତ୍ତଃ ପ୍ରଥମ କୃତାମିବ ।"

କିନ୍ତୁ ଗଙ୍ଗାଧର ମେହେରେ ଏହି ପ୍ରମତ୍ତ ବ୍ୟକ୍ତିର ଦୃଷ୍ଟାନ୍ତ ପରିହାର କରି ଦୁର୍ବାସାଙ୍କ ମୁଖରେ ଫୁଟାଇଛନ୍ତି—

"ଯେଉଁ ପୂଜ୍ୟପୂଜା ବ୍ୟତିକ୍ରମ ଫଳ
ଯା' ଠାରେ ରଖିଛୁ ଲକ୍ଷ୍ୟ
ସେ ତୋତେ ଚିହ୍ନିବ ନାହିଁ ତୁ ଦେଲେ ହେଁ
ଆପଣାର ପରିଚୟ ।"

ସଖୀଦ୍ୱୟଙ୍କ କାତର ମିନତିରେ ଦୁର୍ବାସାଙ୍କ କୋପ ଶୀତଳ ହେବାରୁ ତା'ର ପ୍ରତିକାର ସ୍ୱରୂପ ସେ ପୁନରାବୃତ୍ତି କରି କହିଛନ୍ତି—"ସେ ବଚନ ମନ୍ୟଥା ଭବିତୁଂ'ନାର୍ହତି କିନ୍ତୁ ଅଭିଜ୍ଞାନା ଭରଣ ଦର୍ଶନେନ ଶାପେ ନିବର୍ତ୍ତିଷ୍ୟତେ ।" ତାଙ୍କର ବାକ୍ୟ କେବେ ଅନ୍ୟଥା ହେବ ନାହିଁ; କିନ୍ତୁ ନିଦର୍ଶନ ସ୍ୱରୂପ କୌଣସି ଅଳଙ୍କାର ଦର୍ଶାଇଲେ ଅଭିଶାପ ଖଣ୍ଡିତ ହେବ । ମେହେରଙ୍କ ପ୍ରଣୟବଲ୍ଲରୀରେ—

"ବୋଇଲେ ମହର୍ଷି ଯା'କୁ ଚିନ୍ତୁଥିଲୁ
ଥିଲେ ତାର ନିଦର୍ଶନ
ପୁଣି ପରିଚୟ ପାଇବ ତାହାକୁ
କଲେ ତାହା ପ୍ରଦର୍ଶନ ।"

Digitized by srujanika@gmail.com

ସତରେ କାଳିଦାସଙ୍କ ବର୍ଣ୍ଣନା ବର୍ଣ୍ଣାଢ୍ୟ ଓ ଭାବଗର୍ଭକ ତଥାପି ଗଙ୍ଗାଧର ସମସ୍ତଙ୍କର ଅବବୋଧ ନିମିତ୍ତ ଅତି ସରଳ ଭାଷା ଓ ଭାବ ପ୍ରଦାନ କରି ପାଠକଙ୍କର ହୃଦୟକୁ ଜୟକରି ପାରିଛନ୍ତି ।

କିଛିଦିନ ଅତିବାହିତ ହେବା ପରେ କଣ୍ୱମୁନି ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରିବାରୁ ଶକୁନ୍ତଳା ଋଷିଙ୍କୁ ପ୍ରଣାମ କରି ସଲଜ ବଦନରେ ତାଙ୍କ ପାଖରୁ ଅନ୍ତର୍ହିତ ହୋଇଛନ୍ତି । ଅନ୍ୟ ତାପସମାନେ ମୁନିଙ୍କୁ ମଧ୍ୟ ପ୍ରଣାମ କରି ସ୍ୱ ସ୍ୱ କାର୍ଯ୍ୟରେ ପ୍ରବୃତ୍ତ ହୋଇଛନ୍ତି । ଶକୁନ୍ତଳାଙ୍କ ବ୍ୟବହାର ମୁନିଙ୍କୁ ସନ୍ଦେହତା ପ୍ରଦାନ କରିବାରୁ ମୁନି ଚିନ୍ତିତ ହେଲେବେଳେ ହଠାତ୍ ବୃକ୍ଷାରୂଢ଼ କାକ କଣ୍ଠ ନିଃସୃତ ସ୍ୱରରୁ ସମସ୍ତ ଘଟଣା ଅବହିତ ହୋଇ ଆନନ୍ଦ ପ୍ରକାଶ କରିଛନ୍ତି ଏବଂ ଶକୁନ୍ତଳା ଅନ୍ତଃସତ୍ତ୍ୱା ହେବା ଜାଣି ଗୌତମୀଙ୍କୁ ଡାକି ଦୁଇଜଣ ତାପସଙ୍କ ଦ୍ୱାରା ଶକୁନ୍ତଳାଙ୍କୁ ହସ୍ତିନାରେ ଛାଡ଼ି ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଜ୍ଞାନମ୍ ଶକୁନ୍ତଳମ୍‌ରେ ବର୍ଣ୍ଣନା ଅଛି — କଣ୍ୱମୁନି ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଅଗ୍ନି ଗୃହକୁ ପ୍ରବେଶ କରିବା ମାତ୍ରେ ଛନ୍ଦୋମୟ ଅଶରୀରୀ ବାଣୀ ଝଙ୍କୃତ ହୋଇଛି "ହେ ବ୍ରାହ୍ମଣ, ଅଗ୍ନିଗର୍ଭା ଶମୀ ବୃକ୍ଷପରି ତୁମର କନ୍ୟା ପୃଥିବୀର ମଙ୍ଗଳ ପାଇଁ ଦୁଷ୍ମନ୍ତଙ୍କ ତେଜ ଧାରଣ କରିଛନ୍ତି ।" ଏହା ଶ୍ରବଣକଲା ଉତ୍ତାରେ କଣ୍ୱମୁନି ଶକୁନ୍ତଳାଙ୍କୁ ଋଷିକୁମାରଙ୍କ ସହିତ ସ୍ୱାମୀ ଗୃହକୁ ଅତିଶୀଘ୍ର ପ୍ରେରଣ କରିବା ପାଇଁ ବନ୍ଦୋବସ୍ତ କରିଛନ୍ତି । ସମଗ୍ର ତପୋବନରେ ବିଦାୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ରାତ୍ରିର ଅବସାନ ପରେ କଣ୍ୱମୁନିଙ୍କ ଆଦେଶରେ ଋଷିକୁମାର ଅଳଙ୍କାରପୂର୍ଣ୍ଣ ଥାଳିଟିଏ ଆଣି ଥୋଇଛନ୍ତି । ଅଳଙ୍କାର ଦେଖି ସମସ୍ତେ ବିସ୍ମିତ ହୋଇଛନ୍ତି । କିଏ ଭାବୁଛି, ଏହା ଅପ୍ସରା ମେନକାଙ୍କ ଦ୍ୱାରା ପ୍ରେରିତ । କିଏ କହୁଛି, ଋଷି ଏହା ଆଗରୁ ସଂଗ୍ରହ କରିଛନ୍ତି । ପୁଣି କିଏ ଭାବୁଛି, ତପସ୍ୱୀଙ୍କ ପାଖକୁ ଅଳଙ୍କାରଗୁଡ଼ିକ ପବିତ୍ର ହେବାପାଇଁ ଆସିଛି । ପୁଣି କିଏ ଭାବୁଛି, ରାଜାମାନେ ମୁନିଙ୍କୁ ଏହା ସବୁ ଦାନ କରିଛନ୍ତି, ଏହିପରି ଅନେକ କିଛି । ଅନଭିଜ୍ଞା ତପସ୍ୱିନୀଗଣ କେଉଁଠାରେ କେଉଁ ଅଳଙ୍କାର ଖଞ୍ଜିବେ ଜାଣି ନ ପାରିବାରୁ ଜଣେ ପରିବ୍ରାଜିକା ସେସବୁ ଅଳଙ୍କାର ଧାରଣରେ ନିର୍ଦ୍ଦେଶ ପ୍ରଦାନ କରିଛି । ଶାଶୁ, ନଣନ୍ଦ, ପୁରନାରୀ ତଥା ଗୁରୁଜନମାନଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରିବାକୁ ହେବ ତାହା ଅତିରେ ମୁନି ଶକୁନ୍ତଳାଙ୍କୁ ଉପଦେଶ ପ୍ରଦାନ କରିଛନ୍ତି । ବିଦାୟର ଅନ୍ତିମ ବେଳାରେ ପ୍ରିୟମ୍ବଦା ଶକୁନ୍ତଳାଙ୍କୁ ପ୍ରେମର ସଙ୍କେତ ସ୍ୱରୂପ ଅଙ୍ଗୁରୀୟଟି ଅତି ଯତ୍ନ ସହକାରେ ବସ୍ତ୍ରାଞ୍ଚଳରେ ବାନ୍ଧିଦେଇ ଅଭିଶାପର ବୃତ୍ତାନ୍ତ ଜଣାଇ ଦେଇଛନ୍ତି । ତତ୍ପରେ କଣ୍ୱମୁନି ପତ୍ରଟିଏ ଲେଖି ଶାରଦ୍ୱତଙ୍କୁ ଦେଇଛନ୍ତି । ପୁନଶ୍ଚ କେବେ ଆଉ ଶକୁନ୍ତଳା ମୁନିଙ୍କର ଚରଣ କମଳ ଦର୍ଶନ କରିବାକୁ ଆଗ୍ରହୀ ହେବେ ବୋଲି ଜିଜ୍ଞାସା କରିବାରୁ ମୁନି କହିଛନ୍ତି, ଯେଉଁଦିନ ଶକୁନ୍ତଳାଙ୍କ ପୁତ୍ର ରାଜା ହେବେ ଏବଂ ଦୁଷ୍ମନ୍ତ ବାନପ୍ରସ୍ଥ ଅବଲମ୍ବନ କରିବାକୁ ଆସି ଏହି ବନରେ ମୋକ୍ଷଲାଭ କରିବେ, ସେତେବେଳେ ତାଙ୍କ ପଦ ସେବା ପାଇଁ ଶକୁନ୍ତଳା ଅନୁଗାମୀ ହୋଇ ଆସିବେ । ଶକୁନ୍ତଳାଙ୍କୁ ବିଦାୟ ଦେଇ କଣ୍ୱମୁନି ବେଦନାହତ ଚିତ୍ତରେ ତାପସ ତାପସୀଙ୍କ ସହ ନିଜ ନିଜ କର୍ମରେ ବ୍ୟାପୃତ ରହିଛନ୍ତି ।

Digitized by srujanika@gmail.com

ଧର୍ମପରାୟଣ, ବିଶ୍ୱରବନ୍ଦ୍ୟ, ନ୍ୟାୟାଧୀଶ ପାରିଷଦ ମଣ୍ଡଳୀଙ୍କ ଦ୍ୱାରା ପରିଶୋଭିତ ରାଜା ଦୁଷ୍ମନ୍ତ ରତ୍ନ ସିଂହାସନରେ ଆସୀନ ଥିବାବେଳେ ଜଣେ ପ୍ରତିହାରୀ ରାଜାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ କଣ୍ୱମୁନିଙ୍କ ଆଶ୍ରମରୁ ଏକ ପତ୍ନୀସହ ଦୁଇଜଣ ଋଷିଙ୍କ ଶିଷ୍ୟ ଓ ଦୁଇଜଣ ନାରୀ ରାଜାଙ୍କ ଦର୍ଶନପ୍ରାର୍ଥୀ ଅଛନ୍ତି ବୋଲି ଜଣାଉଛନ୍ତି । ନାରୀ ଦୁଇଜଣଙ୍କ ମଧ୍ୟରେ ଜଣେ ବୃଦ୍ଧା ଓ ଅନ୍ୟଜଣେ ତରୁଣୀ ଅଟନ୍ତି । ତରୁଣୀଟି ଋଷିକନ୍ୟା ନ ହୋଇ ଅପ୍ସରା ସଦୃଶ ପ୍ରତୀୟମାନା । ରାଜା ସେମାନଙ୍କୁ ଅଗ୍ନି ଗୃହରେ ସାକ୍ଷାତ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି । ପ୍ରତୀକ୍ଷିତା ଶକୁନ୍ତଳାଙ୍କ ମନରେ ଅସୁମାରି ମଧୁର କଳ୍ପନା । ରାଜା ଅଗ୍ନି ଭବନରେ ଦେଖିଛନ୍ତି ଯେ ପାଷାଣ ମଧ୍ୟରେ ପ୍ରଜ୍ୱଳିତ ସ୍ୱର୍ଣ୍ଣ ବିଗ୍ରହିଳ ପରି ରୂପବତୀ ରମଣୀ ବିଦ୍ୟମାନା । ପ୍ରଥମତଃ ରାଜା ସମସ୍ତଙ୍କର କୁଶଳ ଜିଜ୍ଞାସା କରି ଆଗମନର କାରଣ ଜାଣିଛନ୍ତି । ଶାରଦ୍ୱତ କଣ୍ୱଙ୍କ ପ୍ରେରିତ ପତ୍ର ରାଜାଙ୍କୁ ପ୍ରଦାନ କରିବା ପରେ ରାଜା ତାହା ପାଠକରି ବିସ୍ମିତ ହୋଇଛନ୍ତି ଏବଂ କଣ୍ୱମୁନିଙ୍କ ପତ୍ରକୁ ପ୍ରବଞ୍ଚନା ପୂର୍ଣ୍ଣ ମନେକରି ଧିକ୍କାର କରିଛନ୍ତି । ଶକୁନ୍ତଳା ଅନ୍ତଃସତ୍ତ୍ୱା ବା ବିବାହିତା ନ ହୋଇଥିଲେ ମୁନିଙ୍କ ଆଦେଶ ପାଳନ କରିଥାନ୍ତେ । ଶାରଦ୍ୱତଙ୍କ ସହିତ କଥୋପକଥନ ଓ ଯୁକ୍ତି ବିନିମୟ ଭିତରେ ଶାରଦ୍ୱତ ଶକୁନ୍ତଳାଙ୍କୁ ରାଜାଙ୍କ ସ୍ମୃତି ଚିହ୍ନ (ମୁଦ୍ରିକା) ଦେଖାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରେମର ନିଦର୍ଶନ ସ୍ୱରୂପ ମୁଦ୍ରିକାଟି ବନ୍ଧାଯାଇଥିବା ଅଞ୍ଚଳରେ ନପାଇ ଶକୁନ୍ତଳା ମୂର୍ଚ୍ଛିତା ହୋଇଛନ୍ତି । ରାଜା ଏସବୁକୁ ଅଭିନୟ ମନେକରି ଶିଷ୍ୟ ଦ୍ୱୟଙ୍କୁ ଅପମାନିତ କରିଛନ୍ତି । ପୂର୍ବର ସ୍ୱେଚ୍ଛାଚାରୀ ଆଚରଣ ପାଇଁ ଶକୁନ୍ତଳାଙ୍କ ଭାଗ୍ୟରେ ଆସିଛି ଦାରୁଣ ପୀଡ଼ନ । ବ୍ୟଭିଚାରିଣୀ, ମିଥ୍ୟାବାଦିନୀ ରୂପେ ଲାଞ୍ଛିତା ହୋଇ ଭୋଗ କରିଛନ୍ତି ନିଜର କର୍ମଫଳ । ମହାଭାରତରେ ବ୍ୟାସଦେବ ରାଜାଙ୍କ ଦ୍ୱାରା ଶକୁନ୍ତଳାଙ୍କର ଅପମାନିତା ଅବସ୍ଥା ବର୍ଣ୍ଣନା କରି ଲେଖିଛନ୍ତି —

> "ସୈବ ମୁକ୍ତା ବଚରୋହା ବ୍ରୀଡ଼ା ଚୈବ ତପସ୍ୱିନୀ
> ନ ସଙ୍କେବତ ଦୁଃଖେନ ତ ସ୍ତୋମ୍ଭ ଚୈବ ନିଷ୍ଠଳା,
> ସଂରମ୍ଭ ମର୍ଷଣ ମ୍ରାକ୍ଷୀ ସ୍ଫୁରମାଣୋଷ୍ଠ ସମ୍ପୁଟ ।" ଇତ୍ୟାଦି ।

ତା'ପରେ ଶକୁନ୍ତଳା କ୍ଷୁବ୍ଧା ହୋଇ ରାଜାଙ୍କୁ କହିଛନ୍ତି —

> "ଜାନନ୍ନପି ମହାରାଜ କସ୍ମାଦେବ ପ୍ରଭାଷ ସେ
> ନ ଜାନାମୀତି ନିଃଶଙ୍କ ଯଥାନ୍ୟ ପ୍ରାକୃତୋ ଜନଃ ।"
>
> "ଯୋଽନ୍ୟଥା ସନ୍ତମାତ୍ମାନ ମନ୍ୟଥା ପ୍ରତିପଦ୍ୟତେ
> କିଂ ତେନ ନ କୃତଂ ପାପଂ ଚୌରେଣାତ୍ମାପ ହାରିଣା ।
> ଏକୋଽହ ମସ୍ମୀ ତିତତ ମନ୍ୟସେ ତ୍ୱଂ ନ ହୃଚ୍ଛୟଂ ବେତ୍ସି ମୁନି ପୁରାଣମ୍
> ଯୋ ବେଦିତା କର୍ମଣଃ ପାପକସ୍ୟ ତସ୍ୟାନ୍ତି କେ ତ୍ୱଂ ବୃଜିନଂ କରୋଷି ।
>
> ଯଦିମେ ଯାଚମାନାୟା ବଚନଂନ କରିଷ୍ୟସି
> ଦୁଷ୍ମନ୍ତ ! ଶତଧା ମୂର୍ଦ୍ଧା ତତ ସ୍ତେଽଦ୍ୟ ସ୍ଫୁଟି ଷ୍ୟତି ।"

Digitized by srujanika@gmail.com

ଦୁଷ୍ମନ୍ତଙ୍କ ନାମାଙ୍କିତ ମୁଦ୍ରିକାଟି ଶଚୀତୀର୍ଥ ନାମକ ଜଳାଶୟରେ ସ୍ନାନ କରୁଥିବା ବେଳେ ହସ୍ତରୁ ଖସି ପଡ଼ିଥିବା ବ୍ୟତୀରେକେ ଅନ୍ୟ କାହାରିକୁ ଜଣାନାହିଁ । ଦୁର୍ବାସାଙ୍କ ଅଭିଶାପ-ଅଭିଜ୍ଞାନ ଥିଲେ ଦୁଷ୍ମନ୍ତଙ୍କ ପତ୍ନୀରୂପେ ଚିହ୍ନିତା ହେବ । ମଧୁର ଅତୀତ ବର୍ତ୍ତମାନ ବିସ୍ମୃତ । ଦୁଷ୍ମନ୍ତ କର୍ତ୍ତବ୍ୟବିମୂଢ଼ ହୋଇ ଶକୁନ୍ତଳାଙ୍କୁ ଗ୍ରହଣ କରିପାରୁ ନାହାନ୍ତି କିମ୍ବା ବଳପ୍ରୟୋଗ କରି ପାଖରୁ ତଡ଼ିଦେଇ ପାରୁନାହାନ୍ତି । ଏହିପରି ଏକ ଦ୍ୱନ୍ଦ୍ୱର ସମାଧାନ ହୋଇ ସାହାଯ୍ୟ ନେଉଛନ୍ତି ପୁରୋହିତଙ୍କର । ସ୍ଥିତପ୍ରଜ୍ଞ ପୁରୋହିତ କିଛିକ୍ଷଣ ଚିନ୍ତାକରି ଦୁଷ୍ମନ୍ତଙ୍କର ଜଣେ ରାଜଚକ୍ରବର୍ତ୍ତୀ ଚିହ୍ନଯୁକ୍ତ ପୁତ୍ର ହେବା କଥା କେତେ ମୁନି କେତେ ଗଣକ କହିଥିବାରୁ ଉଲ୍ଲେଖ କରି ପ୍ରସବକାଳ ପର୍ଯ୍ୟନ୍ତ ତାଙ୍କ ଗୃହରେ ରହିବା ପାଇଁ ଚାହିଁଛନ୍ତି । ପ୍ରସବ ପରେ ଏହା ସତ ଅନ୍ୟଥା ହୁଏ ତାହାହେଲେ ତାଙ୍କ ପିତାଙ୍କ ନିକଟକୁ ପଠାଇ ଦିଆଯିବ । ଯଦି ସତ୍ୟହୁଏ ତାହାହେଲେ ଦୁଷ୍ମନ୍ତଙ୍କ ଦ୍ୱାରା ଅଭିନନ୍ଦିତା ହେବେ । ନିଜର ଭାଗ୍ୟଫଳ ଭୋଗକରି ଶକୁନ୍ତଳା ଗୌତମୀଙ୍କ ସହ ସେ ସ୍ଥାନ ତ୍ୟାଗକରି ଅଳ୍ପଦୂର ଆସିଲା ପରେ ଏକ ଅପ୍ସରା ସ୍ୱନ୍ଦୀ ନାମ୍ନୀ ତାଙ୍କ ସମ୍ମୁଖରେ ଆବିର୍ଭୂତା ହୋଇ ଶକୁନ୍ତଳାଙ୍କୁ ତାଙ୍କ ବାସସ୍ଥାନକୁ ନେଇଯାଇଛି । ହଠାତ୍ ପୁରୋହିତ ଫେରିଆସି ରାଜାଙ୍କୁ ଉକ୍ତ ବିଷୟ କହିବାରେ ସଭାସଦ୍‌ମାନେ ବିସ୍ମିତ ହୋଇଛନ୍ତି । ରାଜା ଏହା ମଧ୍ୟ ଶୁଣିଛନ୍ତି; କିନ୍ତୁ ଜାଣି-ପାରିନାହାନ୍ତି ଯେ, ପ୍ରଣୟ ବକ୍ଷରେ କୀଟ ପ୍ରବେଶ କରିଛି ।

ଶିଶିର ସଦନରେ ବସନ୍ତ ନାମଧେୟ ସୁନ୍ଦର ରୂପଶ୍ରୀ ପୁତ୍ର ଜନ୍ମ ଲାଭ କରିବାରୁ ଚତୁର୍ଦ୍ଦିଗରେ ଖେଳିଯାଇଛି ଆନନ୍ଦ ଉତ୍ସବ । ବସନ୍ତର ଆଗମନରେ ପୃଥିବୀର ରୂପଶ୍ରୀ ବୃଦ୍ଧି ପାଇ ବର୍ଣ୍ଣାଢ଼୍ୟ ସୁଷମାରେ ମଣ୍ଡିତ ହୋଇଛି । କ୍ରମେ ବସନ୍ତର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଶିଶିର ବାର୍ଦ୍ଧକ୍ୟରେ ଉପନୀତ ହୋଇ ବସନ୍ତକୁ ରାଜ୍ୟଭାର ଅର୍ପଣକରି ବିଦାୟ ନେଇଛି । ବସନ୍ତର ଶୋଭା ସନ୍ଦର୍ଶନ କରୁଥିବା ବେଳେ ରାଜା ଦୁଷ୍ମନ୍ତ ହଠାତ୍ ଏକ ରମଣୀର କଣ୍ଠସ୍ୱର ଶୁଣି ପାଖକୁ ଯାଇ ଦେଖିଛନ୍ତି ଯେ, ଜଣେ ରମଣୀ ତା'ର ସନ୍ତାନକୁ କୋଳରେ ଧାରଣ କରିଛି ଏବଂ ଅନ୍ୟଜଣେ ତରୁଣୀ ଗୀତ ଗାଉଛି । କିଛି ସମୟ ପରେ ନାନାବିଧ ପୁଷ୍ପ ହସ୍ତରେ ଜଣେ କାନ୍ତିମାନ ପୁରୁଷ ଆସିବାରୁ ପିଲାଟି ତାଙ୍କୁ 'ବାବା-ବାବା' ଡାକି ଦୋଳମଣ୍ଡନ କରିଛି । ଏହି ଦୃଶ୍ୟ ଦେଖି ସମସ୍ତ ରାଜୈଶ୍ୱର୍ଯ୍ୟ ରାଜାଙ୍କୁ ବିଷାଦ ବୋଧ ହୋଇଛି । ଦିବାରାତ୍ର ବିଭିନ୍ନ ଚିନ୍ତାରେ ତାଙ୍କୁ ବିଷପରି ଲାଗିଛି ।

ବାହାର ମଣ୍ଡପରେ ରାଜା ଉପବେଶନ କରିଥିବାବେଳେ ଜଣେ ନଗରରକ୍ଷକ ମୁଦ୍ରିକାଟିଏ ଆଣି ରାଜାଙ୍କ ହସ୍ତରେ ଦେଇ ପ୍ରଣାମ କରିଛି ଓ ନଗର ଭ୍ରମଣ ସମୟରେ ଅପହୃତ ମୁଦ୍ରିକା ସହିତ ଧୀବରକୁ ମଧ୍ୟ ଧରି ଆଣିଥିବା କଥା ଜଣାଇଛି । ଧୀବରର କଥିତାନୁସାରେ ଶଚୀତୀର୍ଥ ଜଳରେ ମୀନ ମାରିବା ସମୟରେ ତା'ର ପେଟରୁ ଏହି ମୁଦ୍ରିକାଟି ପାଇଛି । ମୁଦ୍ରିକାଟି ଆମିଷ ଗନ୍ଧ କରୁଛି ଏବଂ ସେଥିରେ ପ୍ରଭୁଙ୍କର ନାମ ଖୋଦିତ ହୋଇଛି । ରାଜା ମୁଦ୍ରିକାଟିକୁ ଦେଖିବା ମାତ୍ରକେ ତାଙ୍କର ଅତୀତର ସ୍ମୃତି ଜାଗରୂକ ହୋଇଉଠିଛି । କଣ୍ୱମୁନି ଯାହା ପତ୍ରରେ ଲେଖିଥିଲେ ତାହା ଅକ୍ଷରେ ଅକ୍ଷରେ ସତ୍ୟ । ଧୀବର ରାଜାଙ୍କ ସମ୍ମୁଖକୁ ଆସି ସତ୍ୟ ଘଟଣା ପ୍ରକାଶ କରି କହିଛି ଯେ, ମୀନ ଗର୍ଭରୁ

Digitized by srujanika@gmail.com

ଏହି ମୁଦ୍ରିକା ସେ ପ୍ରାପ୍ତ ହୋଇଛି । ରାଜା ତତ୍କ୍ଷଣାତ୍ କୋଷାଧ୍ୟକ୍ଷଙ୍କୁ ଶହେ ସ୍ୱର୍ଣ୍ଣମୁଦ୍ରା ଆଣିବାକୁ କହିବାରୁ ଧୀବର ନିଜକୁ ଶହେ ସ୍ୱର୍ଣ୍ଣମୁଦ୍ରା ଦଣ୍ଡସ୍ୱରୂପ ଦେବାକୁ ହେବ ବୁଝି ତାହା ନେବାକୁ ଅକ୍ଷମମଣି କାରାଗାର ବରଣ କରିବା ପାଇଁ ପ୍ରସ୍ତୁତ ହୋଇଛି । କୋଷାଧ୍ୟକ୍ଷ ଶହେ ସ୍ୱର୍ଣ୍ଣମୁଦ୍ରା ଆଣି ନଗରରକ୍ଷକ ହସ୍ତରେ ଦେବାରୁ ସେ ସ୍ୱର୍ଣ୍ଣ ମୁଦ୍ରାତକ ଧୀବରକୁ ପ୍ରଦାନ କରିଛି ଏବଂ ଧୀବର ହର୍ଷୋତ୍ଫୁଲ୍ଲ ହୃଦୟରେ ଗୃହକୁ ପ୍ରତ୍ୟାଗମନ କରିଛି । ଅଙ୍ଗୁରୀୟ ପାଇ ରାଜାଙ୍କୁ ରାଜକାର୍ଯ୍ୟ, ଆମୋଦ ପ୍ରମୋଦ ସବୁ ଉତ୍କଟ ବୋଧ ହୋଇଛି । ରାଜସିଂହାସନରେ ବସିଲେ ବେଳେ ସିଂହାସନ ଉପ୍ସର୍ଗ କରିଛି । ଘରେ ଘରେ କହୁଛି— ଘରକୁ ପରକରିଛି, ନିଶାଜେ କଣ୍ଠଳପାତ ଦୁଷ୍ମନ୍ତଙ୍କ ଦୋଷଗାନ କରିଛି, ପ୍ରଭାତରେ ପୁଷ୍ପରେ ଭ୍ରମର ଦୁଷ୍ମନ୍ତଙ୍କୁ ବଣ୍ୱାପରାତକ ସମ୍ବୋଧନ କରିଛି । ଏହିପରି ବିଭିନ୍ନ ମୁଖରୁ ବିଦ୍ରୂପୋକ୍ତି ଶ୍ରବଣ କରି ରାଜା ଶକୁନ୍ତଳାଙ୍କୁ ଅପବାଦ ଦେଇ ନିଜ ପାଖରୁ ଅନ୍ତର୍ହିତ କରିଥିବାରୁ ଭବାନଣି ଅନୁଶୋଚନାରେ ଦଗ୍ଧୀଭୂତ ହୋଇଛନ୍ତି ।

ପ୍ରଣୟବଲ୍ଲରୀର ସପ୍ତମ ସର୍ଗ (ପ୍ରଣୟ ତ୍ରୁଟ୍ଯା)ରେ ବର୍ଣ୍ଣିତ ଦେବାସୁର କନ୍ୟାମାନଙ୍କର କଳହର ପରିକଳ୍ପନା ଗଙ୍ଗାଧରଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । କାଳିଦାସଙ୍କର "ଅଭିଜ୍ଞାନମ୍ ଶକୁନ୍ତଳମ୍"ରେ କିମ୍ବା ବ୍ୟାସଦେବଙ୍କ 'ମହାଭାରତ'ରେ ଏ ବର୍ଣ୍ଣନା ନାହିଁ । ମୁଁ ଏଠାରେ ଏକ ଉଦ୍ଧୃତ ଡଃ ଅସିତକବିଙ୍କର 'ଓଡ଼ିଆ ସାହିତ୍ୟରେ ଗଙ୍ଗାଧର' ପୁସ୍ତକର ପୃଷ୍ଠା ୭୦-୭୧ ରୁ କବି ଗଙ୍ଗାଧର ପଦ୍ମପୁରରୁ ବ୍ରଜମୋହନବାବୁଙ୍କୁ ଯେଉଁ ପତ୍ର ଲେଖିଥିଲେ, ତାହା ଉଦ୍ଧାର କରୁଛି ।

"ଦେବ କନ୍ୟା ଓ ରାକ୍ଷସ କନ୍ୟା ବିଷୟରେ ମୋର ଅଭିପ୍ରାୟ ଏହିକି ଯେ, 'ପ୍ରଣୟବଲ୍ଲରୀ' ଉତ୍କଳ କବିଙ୍କ ଦ୍ୱାରା ବିରଚିତ । ତହିଁରେ ଉତ୍କଳର କଥା କହୁହେଲେ ରହିବା ଆବଶ୍ୟକ । ଦୁଷ୍ମନ୍ତ ତ ଅସୁର-ଦମନ ନିମନ୍ତେ ସ୍ୱର୍ଗକୁ ଯାଇଥିଲେ । ଦେବାସୁରଙ୍କ ମଧ୍ୟରେ କଳି କିପରି ହେଲା, ତାହା ପ୍ରକଟ ହେବା ଆବଶ୍ୟକ । ଅତଏବ ଉତ୍କଳ ଭୂମିକୁ ନେଇ ଏହି କଳହ ହୋଇଥିବା ରଚନା କଲି । ଉତ୍କଳ ଶାନ୍ତି, ଦୟା, କ୍ଷମା, ଶ୍ରଦ୍ଧାର ବିହାର-ସ୍ଥଳୀ ଥିଲା । ସେମାନେ ଉତ୍କଳର ଗିରି କନ୍ଦରବାସୀ ମୁନିମାନଙ୍କ ହୃଦୟରେ ବିଚରଣ କରୁଥିଲେ । ଶବରମାନେ ମଧ୍ୟ ଉତ୍କଳର ଆଦିମନିବାସୀ ଅଟନ୍ତି । ଜଗନ୍ନାଥ ପ୍ରଥମେ ଶବର ଗୃହରେ ଗୁପ୍ତ ଭାବରେ ପୂଜିତ ହେଉଥିଲେ । ପଶୁପକ୍ଷୀ ମାରଣ ଶବରମାନଙ୍କର ଜୀବିକା । ସୁତରାଂ ସେମାନଙ୍କର ହୃଦୟ ହିଂସାର ବିହାର ସ୍ଥଳ । ଶ୍ରଦ୍ଧା, ଶାନ୍ତି ଆଦି ଦେବକନ୍ୟାଙ୍କ ସହିତ ଅସୁରକନ୍ୟା ହିଂସାର ସଂଘର୍ଷ ଅତି ସ୍ୱାଭାବିକ । ସେମାନଙ୍କର କଳହରେ ଦେବ ଦାନବର କଳହ ହେଲା । କୋଧ ଆଦି ଅସୁରଙ୍କୁ ଉଦାରଧର୍ମୀ ଦେବଗଣ ଦମନ କରିବା ଅସହଜ । ତହିଁରେ ମାନବ ହୃଦୟର ବୀରତ୍ୱ ନିତାନ୍ତ ଦରକାର । ସେହି ହେତୁରୁ ଦେବସ୍ୱଭାବ ବୀରଧର୍ମୀ ଦୁଷ୍ମନ୍ତଙ୍କୁ ନିମନ୍ତ୍ରଣ କରିବାକୁ ହୋଇଥିଲା । ଦୁଷ୍ମନ୍ତ, ଶ୍ରଦ୍ଧା, ପ୍ରୀତି, ଶାନ୍ତି ଆଦିର ବିପଦ ବରଣ ଏବଂ କୋଧାଦିଦମନର ଦୃଷ୍ଟାନ୍ତ ନିଜ ଜୀବନରେ ଦେଖାଇଥିଲେ ।

Digitized by srujanika@gmail.com

× × × ଆଉ ଏକ କଥା, ଶେଷରେ ଉତ୍କଳରୁ ହିଂସା ନିର୍ବାସିତା ହୋଇ ଅହିଂସାଧର୍ମ (ବୌଦ୍ଧଧର୍ମ)ର ଆଧିପତ୍ୟ ପ୍ରତିଷ୍ଠିତ ହେଲା । ସମସ୍ତର ସାର୍ଥକତା ହାସଲ କରିବାକୁ ମାନବର ଏକବର୍ଷରେ ଦେବତାଙ୍କର ଏକଦିନ ଗଣିବାର ଉପାୟ ଅଛି ।''

(ଗଙ୍ଗାଧର ପତ୍ରାବଳୀ—ପୃ : ୧୯୪-୯୫)

ସିନ୍ଧୁ ବେଳାରେ ଅବସ୍ଥିତ ନୀଳାଚଳ ଧାମ । ଏହା ଉତ୍କଳର ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ର ରୂପେ ପରିଚିତ । ଶାନ୍ତି, ଶ୍ରଦ୍ଧା, ଦୟା, କ୍ଷମା, ଭକ୍ତି, ଧୃତି ଆଦି ଦେବକନ୍ୟାଗଣ ଉଲ୍ଲାସ ମନରେ ମଲ୍ଲୀ, ମାଧବୀ, ନିଆଳି ଆଦି ପୁଷ୍ପ ଚୟନରେ ରତଥିବାବେଳେ ତାହା କଣ୍ଠରୁ ମଧୁର ସଙ୍ଗୀତ ଶ୍ରବଣ କରି ଅନ୍ୟ ସଙ୍ଗିନୀମାନେ ଉଲ୍ଲସିତ ହେଉଥାନ୍ତି । ଝିନ ବସନ ପରିହିତା ଦେବକନ୍ୟାଗଣଙ୍କର ପ୍ରଲମ୍ବିତ କେଶଗୁଚ୍ଛ, କୋକନଦ ସଦୃଶ ପାଦ, ତେଜୋଦୀପ୍ତ ତନୁ, ସମଗ୍ର ବନଭୂମିକୁ ଆକର୍ଷିତ କରୁଥାଏ । ପଶୁ-ପକ୍ଷୀ, ବୃକ୍ଷଲତାମାନେ ତାଙ୍କୁ ସାଦର ସମ୍ଭାଷଣ ଜଣାଉଥିବା ଭିତରେ ରକ୍ଷରାଜକନ୍ୟା ହିଂସା ଆସି ସେଠାରେ ଉପସ୍ଥିତ ହୋଇଛି । ଶ୍ୟେନ ଚଞ୍ଚୁ ସଦୃଶ ତାର ନଖ ପଙ୍‌କ୍ତି, ବ୍ୟାଘ୍ର ସଦୃଶ ଦନ୍ତ, ଉଲ୍‌କ ପରି ଆଖି, ପେଚକ ପରି କର୍କଶ ସ୍ୱରରେ ଦୟା ନିକଟରେ ତାର ଦମ୍ଭ ଓ ଆଧିପତ୍ୟ ପ୍ରକାଶ କରିଛି । ରାକ୍ଷସୀ ତନୟାକୁ ଅବଲୋକନ କରି ଖଗମୃଗଗଣ ଇତସ୍ତତଃ ପଳାୟନ କରିଛନ୍ତି । ଦେବକନ୍ୟାଗଣ ଏକଜୁଟ ହୋଇ ରକ୍ଷକୁମାରୀଙ୍କୁ ଭର୍ତ୍ସନା କଲାବେଳେ ସେ ଦେବକନ୍ୟା-ଗଣଙ୍କୁ କ୍ଷତବିକ୍ଷତ କରି ପକାଇବାରୁ କ୍ଷମାର ପ୍ରବୋଧନାରେ ସମସ୍ତେ କ୍ଷାନ୍ତ ହୋଇ ନିଜ ନିଜର ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ରକ୍ଷକନ୍ୟା ଯାଇ ରକ୍ଷରାଜଙ୍କୁ ଏ ସମସ୍ତ ବୃତ୍ତାନ୍ତ ଜଣାଇବାରୁ ରକ୍ଷରାଜ ତଥା ମନ୍ତ୍ରୀ ଓ କାମ, ଲୋଭ, ମଦ, ଆଳସ୍ୟ, ବିଳାସ ଆଦି ସଭାସଦବର୍ଗ କ୍ରୋଧରେ ଜର୍ଜରିତ ହୋଇ ଦେବଗଣଙ୍କୁ ଆକ୍ରମଣ କରିବା ପାଇଁ ଅମରାବତୀରେ ପହଞ୍ଚିଛନ୍ତି । ଇନ୍ଦ୍ର ଉତ୍ସାହ, ସାହସ, ଧୈର୍ଯ୍ୟ, ବୁଦ୍ଧି, ପରାକ୍ରମ ପ୍ରଭୃତି ଯୋଦ୍ଧୃବୃନ୍ଦଙ୍କୁ ଅସୁର-ମାନଙ୍କ ସହିତ ଯୁଦ୍ଧ କରିବାକୁ ପ୍ରେରଣ କରିଛନ୍ତି । କିନ୍ତୁ ଯୁଦ୍ଧରେ ଦେବତାବୃନ୍ଦଙ୍କ ମଧ୍ୟରୁ କିଏ ଭୟରେ ନାରୀର ଅଞ୍ଚଳ ତଳେ ଆତ୍ମଗୋପନ କରିଛି, କିଏ ବାହିନୀ ବଣରେ ପଡ଼ି ଛଟପଟ ହେଉଛି; ଆଉ କାହାର ବକ୍ଷରେ, କାହାର ଶିରରେ, କାହାର ଶରୀରରେ ବିଷ ଦଗ୍ଧ ଶରମାନ ଗଳିବା ଫଳରେ ସେମାନେ ଚିତ୍କାର କରିଛନ୍ତି । ଅଶ୍ୱିନୀ କୁମାରଙ୍କ ଚିକିତ୍ସାରେ ମଧ୍ୟ କୌଣସି ଫଳ ହୋଇନାହିଁ । ଦେବ ସେନାପତି ଯାଇ ଇନ୍ଦ୍ରଙ୍କ ପାଖରେ ଯୁଦ୍ଧର ବୃତ୍ତାନ୍ତ କହିବାରୁ ଦେବଗଣ ଭୟଭୀତ ହୋଇ ଏହାର ପ୍ରତିକାର ନିମିତ୍ତ ବୃହସ୍ପତିଙ୍କୁ ଜଣାଇଛନ୍ତି । ଦେବଗୁରୁ ବୃହସ୍ପତି ଜ୍ଞାନଚକ୍ଷୁ ଦେଇ କହିଛନ୍ତି ଯେ, ବିଶ୍ୱାମିତ୍ରଙ୍କ ପରି ସାଧୁଙ୍କୁ ମାୟା-ପ୍ରଲୋଭନରେ ତପସ୍ୟା ଭଙ୍ଗ କରାଯାଇଥିବାରୁ ତାହାର ଫଳ ସ୍ୱରୂପ ଏହା ଘଟିଛି । ନାରୀମାନଙ୍କର ଦେବତାତୁଲ୍ୟ ହେଉଛି ସ୍ୱାମୀ । ସ୍ୱାମୀ ଚିନ୍ତାରେ ଚିନ୍ତାନ୍ୱିତା ଶକୁନ୍ତଳାଙ୍କୁ ନ ଜାଣି ନ ଶୁଣି ଦୁର୍ବାସା କୋପାବିଷ୍ଟ ହୋଇ ଅଭିଶାପ ଦେବା ହେତୁ ଧାର୍ମିକ ଶ୍ରେଷ୍ଠ ରାଜା ଦୁଷ୍ମନ୍ତ ନିଜର ବିରହ ଦୁଃଖ ଭୋଗ କରୁଛନ୍ତି । ଦୈବୀଶକ୍ତି ନିପୁଣ ରାଜା ଦୁଷ୍ମନ୍ତଙ୍କୁ ଆଦର ଅଭ୍ୟର୍ଥନା କରି ଆଣିଲେ ରାକ୍ଷସମାନେ ତାଙ୍କଠାରେ ପରାସ୍ତ ହେବେ ।

Digitized by srujanika@gmail.com

ବୃହସ୍ପତିଙ୍କ ମୁଖରୁ ଦେବରାଜ ଏହା ଶୁଣି ମାତଳିଙ୍କୁ ତାଙ୍କ ସୁସଜ୍ଜିତ ରଥରେ ଅବନୀର ଶ୍ରେଷ୍ଠ ନରପତି ଦୁଷ୍ମନ୍ତଙ୍କ ରଥାରୋହଣ ପୂର୍ବକ ସସମ୍ମାନେ ସ୍ୱର୍ଗକୁ ଆଣିବାକୁ ଆଦେଶ ଦେଉଛନ୍ତି । ଇନ୍ଦ୍ରଙ୍କ ଆମନ୍ତ୍ରଣରେ ରାଜା ଦୁଷ୍ମନ୍ତ ଶୁଚିବନ୍ତ ହୋଇ ରଥାରୋହଣ କରି ସ୍ୱର୍ଗପୁରର ପୂର୍ବଦ୍ୱାରରେ ପହଞ୍ଚିଛନ୍ତି । ସେଠାରେ ପୂର୍ବରୁ ଦେଖା ହୋଇଥିବା ଜଣେ ନାରୀ, ତାର ସହଚରୀ, ଶିଶୁ ଓ ଯୁବକକୁ ଦେଖି ମାତଳିଙ୍କୁ ସେମାନଙ୍କର ପରିଚୟ ମାଗିବାରୁ ମାତଳି ଯୁବକର ନାମ ପ୍ରେମ, ଯୁବତୀର ନାମ ପ୍ରୀତି, ପୁତ୍ରର ନାମ ସୁଖ ଓ ସଖୀର ନାମ ମୈତ୍ରୀ ବୋଲି ଜଣାଇଛି । ମର୍ତ୍ତ୍ୟରେ ନିର୍ମଳ ଓ ପବିତ୍ର ସ୍ଥାନ ଦେଖିଲେ ଭ୍ରମଣ ଉଦ୍ଦେଶ୍ୟରେ ଏମାନେ ମର୍ତ୍ତ୍ୟକୁ ଗମନ କରିବା କଥା ମାତଳି ଦୁଷ୍ମନ୍ତଙ୍କୁ ଜଣାଇଛି ।

ତାପରେ ଇନ୍ଦ୍ର ଦୁଷ୍ମନ୍ତଙ୍କର ଆଗମନ ସମ୍ବାଦ ପାଇ ସସମ୍ମାନେ ସମାଦର ପୂର୍ବକ ଦିବ୍ୟ ଚନ୍ଦ୍ରକାନ୍ତ କରି ଆସନରେ ବସାଇଛନ୍ତି ଏବଂ ରାକ୍ଷସମାନଙ୍କର ଆକ୍ରମଣର ବିବରଣୀ ଜଣାଇଛନ୍ତି । ଦୁଷ୍ମନ୍ତ ଇନ୍ଦ୍ରଙ୍କ ମୁଖରୁ ଆକ୍ରମଣ ସମ୍ବାଦ ଶୁଣି ତତ୍‌କ୍ଷଣାତ୍ ଅସୁର ଦଳନ ପାଇଁ ପ୍ରସ୍ତୁତ ହୋଇଛନ୍ତି । ଅସୁର ନାଶନ ପାଇଁ ମର୍ତ୍ତ୍ୟରୁ ରାଜା ଦୁଷ୍ମନ୍ତ ଆସିଥିବାର ସମ୍ବାଦ ଅସୁର ଚରର ଅସୁରରାଜଙ୍କୁ ଜଣାଇବାରୁ ଅସୁରରାଜ ତାଙ୍କର ଗୁରୁ ଶୁକ୍ରାଚାର୍ଯ୍ୟଙ୍କଠାରେ ଅଭିମତ ନେଉଛନ୍ତି । ଶୁକ୍ରାଚାର୍ଯ୍ୟ କହୁଛନ୍ତି ଯେ, ଦେବଗଣ ଅସୁରମାନଙ୍କ ଠାରେ ପରାଜିତ ହେଲେ ଦୈବବଳ ଦେଇ ମର୍ତ୍ତ୍ୟରୁ ମାନବଙ୍କର ସାହାଯ୍ୟ ନେଉଥାନ୍ତି । ମହାପ୍ରତାପୀ ଦଶାନନ ଦେବତାମାନଙ୍କୁ ଆକ୍ରମଣ କରି ଜୟ କରିଛି; କିନ୍ତୁ ମର୍ତ୍ତ୍ୟବାସୀ ରାମଚନ୍ଦ୍ରଙ୍କ ଶରରେ ପ୍ରାଣତ୍ୟାଗ କରିଛି । ତା ମୂଳରେ ହେଉଛି ତାର ଭଉଣୀ ସୂର୍ପଣଖା । ହେତୁପରି ଏ କଳିହର ମୂଳ କାରଣ ହିଁ ତାଙ୍କର ସ୍ତ୍ରୀଅ ହିଂସା । ଏହା ଶୁଣି ରକ୍ଷରାଜ ଗୁରୁ ମାନବଙ୍କ ସହିତ ଯୁଦ୍ଧ କରିବାକୁ ଇଚ୍ଛା ନ କରି ବିଜୟ ବାଦ୍ୟ ବଜାଇ ପତାକା ଉଡ଼ାଇ ନିଜ ଦେଶକୁ ବାହୁଡ଼ି ଯାଇଛନ୍ତି । ଦେବତାଙ୍କ ଉପର ମଧ୍ୟ ଇନ୍ଦ୍ରଙ୍କଠାରେ ଅସୁରଙ୍କ ପ୍ରତ୍ୟାବର୍ତ୍ତନ ପ୍ରକାଶ କରିବାରୁ ଦୁଷ୍ମନ୍ତଙ୍କ ଅଭିଯାନ ଉତ୍ସବରେ ପରିଣତ ହୋଇଛି ଏବଂ ଦୁଷ୍ମନ୍ତଙ୍କ ଶିରରେ ଦେବବାଳାଗଣ ପୁଷ୍ପ ବର୍ଷଣ କରିଛନ୍ତି । ଅପ୍ସରାମାନଙ୍କ ନର୍ତ୍ତନ ଓ କନ୍ୟାମାନଙ୍କ ଗାନରେ ସ୍ୱର୍ଗପୁର ମଧୁମୟ ହୋଇଛି । ଦୁଷ୍ମନ୍ତଙ୍କ ପୂର୍ବପୁରୁଷ ଯଯାତି ଓ ପୁରୁ ଆନନ୍ଦରେ ତାଙ୍କୁ ଆଶୀର୍ବାଦ କରିଛନ୍ତି । ଇନ୍ଦ୍ର ମଧ୍ୟ ନିଜ କୋଳରୁ ଜୟନ୍ତଙ୍କୁ ଓହ୍ଲାଇ ଦୁଷ୍ମନ୍ତଙ୍କୁ କୋଳ କରିଛନ୍ତି ଏବଂ ନିଜ ବକ୍ଷରୁ ହାର କାଢ଼ି ଦୁଷ୍ମନ୍ତଙ୍କ କଣ୍ଠରେ ଉଲ୍ଲାସରେ ଲମ୍ବାଇ ଦେଇଛନ୍ତି । ପ୍ରେମ ଓ ପ୍ରୀତି ଦୁଇଜଣ ଦୁଷ୍ମନ୍ତଙ୍କ ନିକଟକୁ ଆସି ତାଙ୍କୁ ଆଲିଙ୍ଗନ କରିଛନ୍ତି ଏବଂ ମର୍ତ୍ତ୍ୟରେ ସୁଖଲାଭ କରିବା ପାଇଁ ଜଣାଇଛନ୍ତି । ଇନ୍ଦ୍ରଙ୍କ ପଦରେ ପ୍ରଣାମ କରି ତାଙ୍କଠାରୁ ମେଲାଣି ନେଇ ଦୁଷ୍ମନ୍ତ ମାତଳିଙ୍କ ଦ୍ୱାରା ରଥାରୋହଣ ପୂର୍ବକ ନନ୍ଦନବନ ଦର୍ଶନ କରିବା ଭିତରେ ଏକ ଶ୍ଳୋକ ଦୁଷ୍ମନ୍ତଙ୍କ କୀର୍ତ୍ତିଗାନ ସମ୍ପର୍କରେ ଲକ୍ଷିତ ହୋଇଥିବାର ଦେଖିବାକୁ ପାଇଛନ୍ତି । ନଦୀ ପୁଳିନରେ ଶାମୁକା ରଚିତ "ଧନ୍ୟ-ଧନ୍ୟ ପୁରୁବଂଶ" ପାଠକରି ରାଜହଂସଗଣ ତାଙ୍କୁ ଘୋଷୁଥିବାର ଶୁଣିବାକୁ ପାଇଛନ୍ତି ଏବଂ ନିଜ ଭାଗ୍ୟକୁ ମଧ୍ୟ ପ୍ରଶଂସା କରିଛନ୍ତି । ନିର୍ମଳ ମରୁତ ମଣ୍ଡଳକୁ ଅତିକ୍ରମ କରି ରଥ ହେମକୂଟ ପର୍ବତରେ ପହଞ୍ଚିଛି । ହେମକୂଟ ପର୍ବତର ପ୍ରାକୃତିକ ସୌନ୍ଦର୍ଯ୍ୟ

Digitized by srujanika@gmail.com

ସନ୍ଦର୍ଶନ କରି ଦୁଷ୍ମନ୍ତ ସେଠାରେ ଅବତରଣ କରିଛନ୍ତି ଏବଂ କଶ୍ୟପମୁନି ସସ୍ତ୍ରୀକ ସେଠାରେ ବାସ କରୁଥିବାର ଦେଖିଛନ୍ତି । ତାଙ୍କର ପଦବନ୍ଦନା କରିବାକୁ ଇଚ୍ଛା କରି ଯିବାବେଳେ ଦେଖିଛନ୍ତି ଯେ, ତପସ୍ୟାରତ ମୁନିଙ୍କର ପାଦଠାରୁ କଟି ପର୍ଯ୍ୟନ୍ତ ଉଇହୁଙ୍କା ଦ୍ୱାରା ଆଚ୍ଛାଦିତ ହୋଇଛି । ସର୍ପ ଚର୍ମ ଉପବୀତ ହୋଇଛି, ଜୀର୍ଣ୍ଣଲତା ଜାଲରେ କଣ୍ଠ ବେଷ୍ଟିତ ଏବଂ ସ୍କନ୍ଧ ବିଲମ୍ବିତ ଜଟା ମଣ୍ଡଳରେ ପକ୍ଷିଗଣ ବାସ କରିଛନ୍ତି । ଅଶୋକ ବୃକ୍ଷତଳେ ରାଜା ଅପେକ୍ଷା କରିଛନ୍ତି ଏବଂ ମାତଳି ଋଷିଙ୍କୁ ଖବର ଦେବାକୁ ଯାଇଛନ୍ତି । ଏହି ସମୟରେ "ଗ୍ରୁଡ଼ ଗ୍ରୁଡ଼ା ଦୁଷ୍ଟ ଗ୍ରୁଡ଼ରେ" ଶବ୍ଦଟି ନୃପତିଙ୍କ କର୍ଣ୍ଣଗୋଚର ହେବାରୁ ରାଜା ଦେଖିଛନ୍ତି ଯେ ଜଣେ ବାଳକ ସିଂହର କେଶର ଧରିଛି ଏବଂ ତାପସୀ ଜଣେ ଶିଶୁକୁ ଏହିରୁ ନିବୃତ୍ତ ହେବା ପାଇଁ ଆଦେଶ କରୁଛନ୍ତି । ରାଜା ବାଳକର ନିର୍ଭୀକତାରେ ସ୍ତମ୍ଭୀଭୂତ ହେଲାବେଳେ ଅନ୍ୟ ଜଣେ ତପସ୍ୱିନୀ ଏକ କ୍ରୀଡ଼ନକ ଦେବାର ପ୍ରଲୋଭନ ଦେଖାଉଛନ୍ତି । ଏହି ସମୟରେ ବାଳକର ହସ୍ତରେ ରାଜ ଚକ୍ରବର୍ତ୍ତୀ ଚିହ୍ନ ଥିବାର ଦେଖି ରାଜା ଅଧିକ ବିସ୍ମୟ ପ୍ରକାଶ କରିଛନ୍ତି । ପୁନଶ୍ଚ ତାପସୀ ରାଜାଙ୍କୁ ଏହିରୁ ନିବୃତ୍ତ କରିବାକୁ କହିବାରୁ ରାଜା ବାଳକକୁ ବୀରଭାବ ତ୍ୟାଗ କରି ତାପସ ସ୍ୱଭାବ ଧରିବାକୁ କହିବାରୁ ତାପସୀ "ଏ ଶିଶୁ ତାପସ ନନ୍ଦନ ନୁହେଁ" ବୋଲି କହିଛନ୍ତି । ଏ କଥା ପ୍ରକାଶନରେ ରାଜାଙ୍କ ହୃଦୟ ଶିଶୁ ପ୍ରତି ସ୍ନେହରେ ବିଗଳିତ ହୋଇ ସିଂହଶାବକଠାରୁ ତାକୁ ମୁକ୍ତ କରିଛନ୍ତି । ତାପସୀ ରାଜାଙ୍କ ନନ୍ଦନ ଶିଶୁଟିର ସାମଞ୍ଜସ୍ୟ ଦେଖି ବିସ୍ମିତ ହୋଇଛନ୍ତି । ରାଜା ପିଲାଟିର ବଂଶ ପରିଚୟ ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ଅନ୍ୟ ତାପସୀଟି ଏକ ମୃତ୍ତିକା-ମୟୂର ଆଣି ଶିଶୁକୁ ଏହି ଶକୁନ୍ତ-ଲାବଣ୍ୟ ଦେଖ ବୋଲି କହିବାରୁ ଶିଶୁଟି ଶକୁନ୍ତଳା ବୁଝି ତାର ଜନନୀ କାହିଁ ବୋଲି ପଚାରିଛି ଏବଂ ରାଜା ଶିଶୁଟିର ଜନନୀର ନାମ ଶକୁନ୍ତଳା ବୋଲି ବୁଝିଛନ୍ତି । ଶିଶୁଟି ମୃତ୍ତିକା-ମୟୂର ନେବାକୁ ଆସିବା-ବେଳେ ତାର ମଣିବନ୍ଧରେ ରକ୍ଷାକାଣ୍ଡ ନ ଥିବାର ଦେଖି ତାପସୀ ଇତସ୍ତତଃ ଅନ୍ୱେଷଣ କରିଛନ୍ତି । ଦୁଷ୍ମନ୍ତ ରକ୍ଷାକାଣ୍ଡକୁ ତଳୁ ଉଠାଇବାର ଦେଖି ତପସ୍ୱିନୀ "ଛୁଅଁନା ଛୁଅଁନା" ବୋଲି କହିବାରୁ ରାଜା "କ'ଣ ହେଲ"—କହି ବ୍ୟସ୍ତ ହୋଇଛନ୍ତି । ପିତା-ମାତା ଏବଂ ଶିଶୁ ବ୍ୟତିରେକେ ରକ୍ଷାକାଣ୍ଡ ସ୍ପର୍ଶରେ ତାହା ବିଷଧର ସର୍ପରେ ପରିଣତ ହେବା କଥା ତାପସୀ କହିବାରୁ ଦୁଷ୍ମନ୍ତ ନିଃସନ୍ଦେହ ଭାବେ ଶିଶୁଟି ତାଙ୍କର ପୁତ୍ର ବୋଲି ଜାଣି ତାକୁ ଆଲିଙ୍ଗନ କରି କୋଳାଗତ କରିଛନ୍ତି । ହଠାତ୍ ତାପସୀ ଶକୁନ୍ତଳାଙ୍କୁ ଏ ବିଷୟ ଜଣାଇବାରୁ ଶକୁନ୍ତଳା ଆସି ଦେଖନ୍ତି ତ ଶିଶୁଟି ତାର ପିତାଙ୍କ କୋଳମଣ୍ଡନ କରିଛି । ମାତାଙ୍କୁ ଦେଖି ଶିଶୁଟି ଜନନୀର ଗୋଟିଏ ହସ୍ତ ଧାରଣ କରିଛି ଏବଂ ଅନ୍ୟ ହସ୍ତଟି ରାଜାଙ୍କ ସ୍ନେହବନ୍ଧନରେ ବନ୍ଧା ହୋଇଛି । ଭଗୀରଥ ଗଙ୍ଗାଙ୍କୁ ସାଗରରେ ମିଳାଇଲା ପରି ଶିଶୁଟି ଜନକ ଜନନୀଙ୍କର ମିଳନ ଘଟାଇଛି । ରାଜା ଦୁଷ୍ମନ୍ତଙ୍କୁ ଦେଖି ଶକୁନ୍ତଳାଙ୍କ ହୃଦୟରେ ପ୍ରେମାଙ୍କୁର ଜାତ ହୋଇଛି । ଜନନୀ ମେନକାଙ୍କ ପାଇଁ ଶକୁନ୍ତଳା ସ୍ୱାମୀ ପରିତ୍ୟକ୍ତା ହୋଇଛନ୍ତି ଭାବି ଅପରାଧିନୀ ହେବା ସହିତ ରାଜା ଧର୍ମଲଙ୍ଘନ କରି ଅପରାଧୀ ହେବା ଚିନ୍ତା କଲାବେଳେ ଉଭୟଙ୍କ ମିଳନ ଉଭୟଙ୍କୁ ସୁଖ ସାଗରରେ ଭସାଇ ଦେଇଛି । ଏହି ସମୟରେ କଶ୍ୟପ ମୁନି ସେଠାରେ ଉପସ୍ଥିତ ହୋଇ ଉଭୟଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି ଏବଂ ଦୁର୍ବାସାଙ୍କ ଅଭିଶାପରେ କିପରି ଦୁଇଜଣ ଅଭିଶାପଗ୍ରସ୍ତ ହୋଇ ଦୁଃଖ ଭୋଗ କରିଛନ୍ତି

Digitized by srujanika@gmail.com

ତାହା ମଧ୍ୟ ଜଣାଇଛନ୍ତି । ଶକୁନ୍ତଳା ଓ ଦୁଷ୍ମନ୍ତ କଶ୍ୟପମୁନି ଓ ଅଦିତିଙ୍କୁ ପ୍ରଣାମ କରି ପତ୍ନୀ ପୁତ୍ର ସହିତ କିଛି ବାଟ ପଦବ୍ରଜରେ ଯାଇ ରଥାରୋହଣ ପୂର୍ବକ ହସ୍ତିନାରେ ପହଞ୍ଚିଛନ୍ତି । ଶକୁନ୍ତଳା ପାଟମହିଷୀ ରୂପେ ଏବଂ ପୁତ୍ର ଯୁବରାଜ ରୂପେ ଅଭିଷିକ୍ତ ହୋଇଛନ୍ତି ।

ମହାଭାରତରେ ବର୍ଣ୍ଣିତ କଥାବସ୍ତୁ :

ବ୍ୟାସଦେବଙ୍କ ସୃଷ୍ଟ ମହାଭାରତରେ ବର୍ଣ୍ଣିତ କଥାବସ୍ତୁକୁ କାଳିଦାସ ନାଟକୀୟ ଶୈଳୀରେ ଅନୁକରଣ ଓ ଅନୁସରଣ କରିଥିବାବେଳେ ରଙ୍ଗାଜୀବ ଗଙ୍ଗାଧର ଯନ୍ତ୍ରଣା ଜର୍ଜରିତ, ଦାରିଦ୍ର୍ୟ ନିଷ୍ପେଷିତ ଜୀବନରେ ଉପରୋକ୍ତ ଦୁଇଟି କଥାବସ୍ତୁକୁ ଆଖି ଆଗରେ ରଖି ପ୍ରଣୟର ଅମୃତ ବାରିଧି ‘ପ୍ରଣୟବଲ୍ଲରୀ’ କାବ୍ୟ ସୃଷ୍ଟି କରିଗଲେ । ଉକ୍ତ କାବ୍ୟ ତାଙ୍କୁ ଯୁଗେ ଯୁଗେ ଓଡ଼ିଆ କାବ୍ୟ ଜଗତରେ ଅମରକରି ରଖିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ପୁରୁବଂଶାଧିପତି ମହାପରାକ୍ରମୀ ରାଜା ଦୁଷ୍ମନ୍ତ ଶିକାର ଉଦ୍ଦେଶ୍ୟରେ ସୈନ୍ୟ-ସାମନ୍ତ ସହ ଗହନବନ ଅତିକ୍ରମକରି ମାଲିନୀ ନଦୀ ତଟସ୍ଥ ସୁଶୀତଳ ବାୟୁସେବିତ କଣ୍ୱ-ମୁନିଙ୍କର ଆଶ୍ରମ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ ସୈନ୍ୟ ସାମନ୍ତଙ୍କୁ ସେଠାରେ ଅବସ୍ଥାନ କରିବାକୁ ଆଦେଶଦେଇ ନିଜେ ଆଶ୍ରମର ଶୋଭା ସନ୍ଦର୍ଶନ କରିବାକୁ ଅଗ୍ରସର ହେଲେ । ସେ ସମୟରେ କଣ୍ୱ ମୁନି ଆଶ୍ରମରେ ଅନୁପସ୍ଥିତ ଥିଲେ । ଆଶ୍ରମରେ କାହାର ସାକ୍ଷାତ ନପାଇ ‘କିଏ ଅଛ’ ବୋଲି ଆହ୍ୱାନ କରନ୍ତେ ଉନ୍ନୀତ ଯୌବନା ତପସ୍ୱିନୀ ଶକୁନ୍ତଳା ବାହାରକୁ ଆସି ସମ୍ମୁଖରେ ଏକ ରାଜକୀୟ ପୋଷାକ ପରିଛଦ ପରିହିତ ରାଜା ଦୁଷ୍ମନ୍ତଙ୍କୁ ଦେଖି ଅତିଥି ସତ୍କାରପୂର୍ବକ ପାଦ୍ୟ, ଅର୍ଘ୍ୟ, ଆସନ ଦେଇ କୁଶଳ ଜିଜ୍ଞାସା କଲେ । ଆଶ୍ରମ ଶୋଭିତା ଶକୁନ୍ତଳାଙ୍କ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟହୋଇ ରାଜା ତାଙ୍କର ପ୍ରକୃତ ପରିଚୟ ଜାଣିବାକୁ ଇଚ୍ଛାକଲେ । ପ୍ରତ୍ୟୁତ୍ତରରେ ଶକୁନ୍ତଳା ବିଶ୍ୱାମିତ୍ର ଓ ମେନକାଙ୍କର କନ୍ୟାବୋଲି କହିଲେ । ଶକୁନ୍ତଳାଙ୍କଠାରୁ ଏହି ଉତ୍ତରପାଇ ଦୁଷ୍ମନ୍ତ ତାଙ୍କୁ ଗାନ୍ଧର୍ବ ମତରେ ବିବାହ କରିବାକୁ ଅନୁରୋଧ କଲେ; କିନ୍ତୁ ଶକୁନ୍ତଳା ଏକ ସର୍ତ୍ତ ରଖିଲେ ଯେ, ଯଦି ତାଙ୍କର ଗର୍ଭଜାତ ସନ୍ତାନ ପୁରୁବଂଶର ଉତ୍ତରାଧିକାରୀ ହେବ ତାହା-ହେଲେ ସେ ବିବାହ କରିବାକୁ ପ୍ରସ୍ତୁତ । ରାଜା ଅଗ୍ରପଶ୍ଚାତ୍ ବିଚାର ନକରି ଅଙ୍ଗୀକାର-ବଦ୍ଧ ହେଲେ ଏବଂ ଶକୁନ୍ତଳାଙ୍କୁ ବିବାହ କଲେ । କଣ୍ୱ ମୁନିଙ୍କ ପ୍ରତ୍ୟାବର୍ତ୍ତନ ପୂର୍ବରୁ ରାଜା ନଗରକୁ ପ୍ରସ୍ଥାନ କଲେ ଓ ଚତୁରଙ୍ଗବଳ ପଠାଇ ତାଙ୍କୁ ନେଇଯିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କଲେ ।

କଣ୍ୱ ମୁନିଙ୍କ ଆଗମନ ପରେ ପ୍ରେମୋନ୍ମାଦିନୀ ଶକୁନ୍ତଳା ପିତାଙ୍କ ଅବର୍ତ୍ତିକାଳରେ ରାଜା ଦୁଷ୍ମନ୍ତଙ୍କ ପ୍ରଣୟପାଶରେ ଆବଦ୍ଧ ହୋଇଥିବାରୁ ଲଜ୍ଜାବନତ ବଦନରେ ଭୟଭୀତ-ହୋଇ ମୁନିଙ୍କ ସମ୍ମୁଖକୁ ଯିବାକୁ କୁଣ୍ଠାବୋଧ କଲେ । କଣ୍ୱମୁନି ଶକୁନ୍ତଳାଙ୍କୁ ନିର୍ଭୟରେ ସମସ୍ତ ଘଟଣା ବର୍ଣ୍ଣନା କରିବାକୁ ଅଭୟ ପ୍ରଦାନ କରିବାରୁ ଶକୁନ୍ତଳା ଦୁଷ୍ମନ୍ତଙ୍କୁ ବିବାହ

Digitized by srujanika@gmail.com

କରିଥିବା ବିଷୟ ଉଲ୍ଲେଖ କଲେ । କଣ୍ୱମୁନି ଦିବ୍ୟଦୃଷ୍ଟି ବଳରେ ସମସ୍ତ ବିଷୟ ଜାଣି ଆନନ୍ଦିତ ହେଲେ ଏବଂ ରାଜଚକ୍ରବର୍ତ୍ତୀ ଲକ୍ଷଣଯୁକ୍ତ ପୁତ୍ର ସନ୍ତାନ ଲାଭ ହେବା କଥା ପ୍ରକାଶ କଲେ ।

ଦିନ ପରେ ଦିନ, ମାସ ପରେ ମାସ, ଏହିପରି ଦଶ ମାସ ବିତିଗଲା ପରେ ଶକୁନ୍ତଳାଙ୍କ ଗର୍ଭରୁ ରୂପବାନ୍ ପୁତ୍ରଟିଏ ଜନ୍ମଲାଭ କଲା । କଣ୍ୱମୁନି ପୁତ୍ରର ଜାତକର୍ମାଦି ଯଥାବିଧି ରୂପେ ସଂସ୍କାର କଲେ । ଆଶ୍ରମରେ ପୁତ୍ରଟି ଚନ୍ଦ୍ରକଳା ସଦୃଶ ବଢ଼ିବାକୁ ଲାଗିଲା । ସେ ଏପରି ନିର୍ଭୀକ, ବଳବାନ ଓ ସାହସୀ ହେଲା ଯେ, ଆଶ୍ରମରେ ଥିବା ସିଂହ, ବ୍ୟାଘ୍ର, ମହିଷ ଓ ହସ୍ତୀ ଇତ୍ୟାଦିଙ୍କୁ ବଳପୂର୍ବକ ବାନ୍ଧିବାରୁ ଏବଂ ଦୈତ୍ୟ, ପିଶାଚ ଇତ୍ୟାଦି ସମସ୍ତ ଜୀବଙ୍କୁ ଦମନ କରିବାରୁ ଋଷିମାନେ ତାଙ୍କୁ 'ସର୍ବଦମନ' ନାମରେ ନାମିତ କଲେ ।

ଦୁଷ୍ମନ୍ତ କୌଣସି ବ୍ୟକ୍ତିଙ୍କୁ ଆଶ୍ରମକୁ ପଠାଇ ଶକୁନ୍ତଳାଙ୍କୁ ନ ନେବାରୁ ଶକୁନ୍ତଳା ଚିନ୍ତିତା ହେଲେ ଏବଂ ତାଙ୍କର ଶାରୀରିକ ଅବସ୍ଥା କ୍ରମେ କ୍ଷୀଣରୁ କ୍ଷୀଣତର ହେଲା । ପୁନଶ୍ଚ ସର୍ବଦମନ ଦ୍ୱାଦଶବର୍ଷ ପଦାର୍ପଣ କରି ସମସ୍ତ ଶାସ୍ତ୍ରରେ ସୁନିପୁଣ ହେବାର ଦେଖି ମହର୍ଷି ତାଙ୍କୁ ଯୁବରାଜ କରିବାପାଇଁ ମାତା ପୁତ୍ର ଦ୍ୱୟଙ୍କୁ ଶିଷ୍ୟମାନଙ୍କ ସହିତ ଦୁଷ୍ମନ୍ତଙ୍କ ନିକଟକୁ ପଠାଇଦେଲେ । ରାଜସଭାରେ ଉପସ୍ଥିତ ହୋଇ ଶିଷ୍ୟ ବୃନ୍ଦ ମହର୍ଷିଙ୍କ ସମ୍ବାଦ ରାଜାଙ୍କୁ ଜଣାଇ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କଲେ । ଶକୁନ୍ତଳା ସର୍ବ-ଦମନକୁ ଯୁବରାଜପଦରେ ଅଭିଷିକ୍ତ କରାଇବାପାଇଁ ପୂର୍ବୋକ୍ତ ସର୍ତ୍ତ ପୂରଣ କରାଇଲେ । କିନ୍ତୁ ଦୁଷ୍ମନ୍ତ ତାଙ୍କୁ ପତ୍ନୀରୂପେ ଗ୍ରହଣ କରିବା ପାଇଁ ଅସ୍ୱୀକୃତ ହେଲେ । ଶକୁନ୍ତଳା ଓ ଦୁଷ୍ମନ୍ତଙ୍କ ମଧ୍ୟରେ ବହୁ ସମୟ ଧରି ବାକ୍ୟବାଣ ପ୍ରକ୍ଷେପିତ ହେଲାପରେ ଶକୁନ୍ତଳା ଅବଶେଷରେ ଦୁଃଖ, କ୍ଷୋଭ ଓ ଅପମାନରେ ପସ୍ଥାନୋଦ୍ୟତ ହୁଅନ୍ତେ ଆକାଶରୁ ଶୂନ୍ୟ-ବାଣୀ ହେଲା ଯେ ଶକୁନ୍ତଳା ଓ ସର୍ବଦମନକୁ ସ୍ତ୍ରୀ ପୁତ୍ର ରୂପେ ଗ୍ରହଣ କରିବାକୁ । ଶୂନ୍ୟବାଣୀ ଶ୍ରବଣ କରି ଦୁଷ୍ମନ୍ତ ଜନତାଙ୍କ ମୁଖାପବାଦରୁ ମୁକ୍ତିଲାଭ କଲେ । ଶକୁନ୍ତଳାଙ୍କଠାରେ ନିଜର କଟୁ ବଚନ ଓ ମନ୍ଦ ବ୍ୟବହାର ପାଇଁ କ୍ଷମା ପ୍ରାର୍ଥନା କରି ଶକୁନ୍ତଳା ଓ ସର୍ବଦମନକୁ ସମାଦରପୂର୍ବକ ଗ୍ରହଣ କଲେ । ଏହାହିଁ ବର୍ଣ୍ଣିତ ମହାଭାରତର କଥାବସ୍ତୁ ।

ଅଭିଜ୍ଞାନ ଶକୁନ୍ତଳମ୍‌ର ବିଷୟବସ୍ତୁ :

ମହାକବି କାଳିଦାସଙ୍କ ଅଭିଜ୍ଞାନ ଶକୁନ୍ତଳମ୍‌ରେ ପ୍ରଥମେ ନାନ୍ଦୀର ମଙ୍ଗଳା-ଚରଣ ପରେ ସୂତ୍ରଧାର ଓ ନଟୀ ପ୍ରବେଶହୋଇ ନାଟକ ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି । ତା'ପରେ ପ୍ରଥମ ଅଙ୍କ ଆରମ୍ଭ ହୋଇଛି । ମହାରାଜା ଦୁଷ୍ମନ୍ତ ଅଶ୍ୱ ପୃଷ୍ଠରେ ଆରୋହଣ କରି ଅରଣ୍ୟରେ ପ୍ରବେଶ କରନ୍ତେ ରାଜାଙ୍କୁ ଦେଖି କୃଷ୍ଣସାର ଦ୍ରୁତ-ଧାବନ ପୂର୍ବକ ଆଶ୍ରମାଭିମୁଖୀ ହୋଇଛି । ରାଜା ମୃଗଟିକୁ ଶରସନ୍ଧାନ କରିବାକୁ ଉଦ୍ୟତ ହେବାରୁ ଆଶ୍ରମର ତାପସ କୁମାରଙ୍କ ନିଷେଧାଜ୍ଞାରେ ରାଜା ଶରସନ୍ଧାନରୁ ନିବୃତ୍ତ

Digitized by srujanika@gmail.com

ହୋଇ 'ଚକ୍ରବର୍ତ୍ତୀ ଲକ୍ଷଣଯୁକ୍ତ ଗୁଣବାନ ପୁତ୍ର ଲଭ'ର ଆଶୀର୍ବାଦ ଲଭକରି ମାଲିନୀ ନଦୀ ତୀରରେ ଥିବା ଅନୁପସ୍ଥିତ କଣ୍ୱମୁନିଙ୍କ ଆଶ୍ରମର ପ୍ରାକୃତିକ ଶୋଭା ଉପଭୋଗ କରିଛନ୍ତି । ହଠାତ୍ ଲତାକୁଞ୍ଜରୁ ନାରୀ କଣ୍ଠର ମଧୁର ଧ୍ୱନି ଶ୍ରବଣ କରି ଅବଲୋକନ କଲେ ତିନିଜଣ ରମଣୀ ବୃକ୍ଷରେ ଜଳଦାନକରି ତାଙ୍କ ଆଡ଼କୁ ଅଗ୍ରସର ହୋଇଛନ୍ତି । ତାଙ୍କ କଥୋପକଥନରୁ ରାଜା ଅପରୂପା ସୁନ୍ଦରୀର ନାମ ଶକୁନ୍ତଳା ଓ ଅନ୍ୟ ଦୁଇ ସଖୀଙ୍କର ନାମ ପ୍ରିୟମ୍ବଦା ଓ ଅନସୂୟା ବୋଲି ଜାଣିଛନ୍ତି । ଠିକ୍ ସେତିକବେଳେ ନାଟକୀୟ ପରିବେଶରେ ମଧୁବ୍ରତର ଗୁଞ୍ଜଣା ଶକୁନ୍ତଳାଙ୍କୁ ବିବ୍ରତ କରିଛି । ମଧୁବ୍ରତର ଗୁଞ୍ଜଣା ସହିନପାରି ଶକୁନ୍ତଳା ସଖୀଙ୍କୁ ଆହ୍ୱାନ କରିବାରୁ ସଖୀଦ୍ୱୟ ଉପସ୍ଥିତ ରାଜାଙ୍କୁ ଆହ୍ୱାନ କରିଛନ୍ତି ଏବଂ ରାଜା ମଧ୍ୟ ତତ୍‌କ୍ଷଣାତ୍ ମଧୁବ୍ରତର ଗୁଞ୍ଜଣାରୁ ଶକୁନ୍ତଳାଙ୍କୁ ରକ୍ଷା କରିଛନ୍ତି । ସଖୀଦ୍ୱୟ ରାଜାଙ୍କୁ ସପ୍ତପର୍ଣ୍ଣ ବେଦିକାର ସୁଶୀତଳ ଛାୟାରେ ଉପବେଶନ କରାଇଲାବେଳେ ରାଜାଙ୍କ ଅନୁରୋଧରେ ସେମାନେ ମଧ୍ୟ ତାଙ୍କଠାରେ ଉପବେଶନ କରିଛନ୍ତି । ଏତିକବେଳେ ଶକୁନ୍ତଳାଙ୍କ ହୃଦୟରେ ପ୍ରେମାଙ୍କୁର ଜାତ ହୋଇଛି । ଆଜନ୍ମ ବ୍ରହ୍ମଚାରୀ କଣ୍ୱମୁନିଙ୍କର ସନ୍ତାନ ଉତ୍ପତ୍ତିର ରହସ୍ୟ ଜାଣିବାକୁ ରାଜା ଚାହିଁବାରୁ ଅନସୂୟା ତାହା ପ୍ରକାଶ କରିଛନ୍ତି । ବିଶ୍ୱାମିତ୍ରଙ୍କ ଔରସରୁ ମେନକାଙ୍କ ଗର୍ଭସମ୍ଭୂତା ଶକୁନ୍ତଳା କଣ୍ୱମୁନିଙ୍କ ଆଶ୍ରମରେ ପ୍ରତିପାଳିତା । ଏହା ଶ୍ରବଣ କଲାପରେ ଶକୁନ୍ତଳା ତାଙ୍କର ଯୋଗ୍ୟା ଏହା ଭାବି ରାଜାଙ୍କ ହୃଦୟ ପୁଲକିତ ହୋଇଛି । ତା'ପରେ ମତ୍ତଗଜର ଉପଦ୍ରବକୁ ଏଡ଼ାଇବା ପାଇଁ ରାଜା ତାଙ୍କଠାରୁ ବିଦାୟ ନେଇଛନ୍ତି । ଇତ୍ୟବସରରେ କଣ୍ୱମୁନିଙ୍କ ଅନୁପସ୍ଥିତିରେ ଦୁର୍ବୃତ୍ତ ରାକ୍ଷସବୃନ୍ଦ ଯଜ୍ଞରେ ବିଘ୍ନ ଘଟାଉଥିବାରୁ ମୁନିକୁମାର ଦ୍ୱୟଙ୍କ ଅନୁରୋଧ କ୍ରମେ ରାଜା ରାକ୍ଷସ କବଳରୁ ଆଶ୍ରମବାସୀଙ୍କୁ ଉଦ୍ଧାର କରିଛନ୍ତି । ଅନ୍ୟମନସ୍କା ଶକୁନ୍ତଳା ଦୁର୍ବାସାଙ୍କ ଆଗମନକୁ ଉପେକ୍ଷା କରି ଦୁର୍ବାର ଅଭିଶାପ ପାଇଛନ୍ତି—"ସେ ଯାହାକୁ ଚିନ୍ତା କରୁଛନ୍ତି ସେ ବିସ୍ମୃତ ହେବେ, ନିଜର ପରିଚୟ ଦେଲେ ମଧ୍ୟ ସେ ଚିହ୍ନିବେ ନାହିଁ ।" ଶକୁନ୍ତଳାଙ୍କର ଭବିଷ୍ୟତ ଆଶଙ୍କା କରି ଅନସୂୟା ଦୁର୍ବାସାଙ୍କୁ ଅଭିଶାପ ଖଣ୍ଡନ ପାଇଁ ପ୍ରାର୍ଥନା କରିବାରୁ ଋଷି କୌଣସି ନାମାଙ୍କିତ ଅଳଙ୍କାରର ଚିହ୍ନ ଦେଖାଇଲେ ଶାପମୁକ୍ତ ହେବା କଥା କହି ଚାଲିଯାଇଛନ୍ତି । ତତ୍ପରେ କଣ୍ୱମୁନି ଆଶ୍ରମକୁ ଫେରି ଅଗ୍ନି ଗୃହକୁ ପ୍ରବେଶ କଲାମାତ୍ରେ ଛନ୍ଦୋମୟ ଅଶରୀରୀ ବାଣୀ ଝଙ୍କୃତ ହେଲା ଯେ— "ହେ ବ୍ରାହ୍ମଣ, ଅଗ୍ନିଗର୍ଭା ଶମୀ ବୃକ୍ଷପରି ତୁମର କନ୍ୟା ପୃଥିବୀର ମଙ୍ଗଳ ପାଇଁ ତେଜଧାରଣ କରିଛନ୍ତି ।" ଏହାପରେ ହୃଷ୍ଟଚିତ୍ତ ଶକୁନ୍ତଳାଙ୍କୁ ଆଲିଙ୍ଗନ କରି ଋଷି ପ୍ରକୃତି ଦତ୍ତ ବହୁମୂଲ୍ୟ ଆଭରଣରେ କନ୍ୟାଙ୍କୁ ଭୂଷିତାକରି ଶାର୍ଙ୍ଗରବ, ଶାରଦ୍ୱତ ଓ ଗୌତମୀଙ୍କ ସହ ତାଙ୍କ ସ୍ୱାମୀ ଗୃହକୁ ପ୍ରେରଣ କରିଛନ୍ତି । କନ୍ୟାକୁ ବିଦାୟ ଦେବା ପୂର୍ବରୁ ଋଷି ଆଦର୍ଶନାରୀର କର୍ତ୍ତବ୍ୟ ଓ ଧର୍ମ ସମ୍ବନ୍ଧରେ ଉପଦେଶାବଳୀ ପ୍ରଦାନ କରିଛନ୍ତି । ଶକୁନ୍ତଳାଙ୍କ ଗହଣରେ ସେମାନେ ଦୁଷ୍ମନ୍ତଙ୍କ ସହିତ ଅଗ୍ନି ଗୃହରେ ସାକ୍ଷାତ୍ କରିଛନ୍ତି । ଦୁଷ୍ମନ୍ତଙ୍କର ପୂର୍ବକଥା ବିସ୍ମୃତ ହୋଇଛି । ଅନ୍ତଃସତ୍ତ୍ୱା ପରନାରୀଙ୍କୁ ରାଜା ଗ୍ରହଣ କରିବାକୁ ଅନିଚ୍ଛୁକ ହେବାରୁ ସଂଶୟ ଦୂରକରିବା ଶକୁନ୍ତଳା ମୁଦ୍ରିକା ଶୂନ୍ୟ ଅଙ୍ଗୁଳି ଦେଖି ହତାଶ ହୋଇଛନ୍ତି । ତା'ପରେ ସେଠାରୁ

Digitized by srujanika@gmail.com

ସେମାନେ ହତାଶ ଓ ବ୍ୟର୍ଥ ହୃଦୟରେ ରାଜପୁରୋହିତଙ୍କ ଗୃହକୁ ପ୍ରତ୍ୟାଗମନ କରିବା ସମୟରେ ଅକସ୍ମାତ ଏକ ଜ୍ୟୋତିର୍ମୟୀ ନାରୀମୂର୍ତ୍ତି ଆବିର୍ଭୂତା ହୋଇ ଶକୁନ୍ତଳାଙ୍କୁ ଅପ୍ସରା ତୀର୍ଥକୁ ନେଇଯାଇଛି । ସମୟର ଚକ ଗଡ଼ିଚାଲିଛି । ଶକୁନ୍ତଳା ଗଙ୍ଗାଜଳରେ ହରାଇଥିବା ମୁଦ୍ରିକାଟିକୁ ଦୁଷ୍ମନ୍ତ ଧୀବରଠାରୁ ଲାଭକରି ପୂର୍ବ ସ୍ମୃତି ଫେରପାଇ ଅନୁତାପାନଳରେ ଦଗ୍ଧୀଭୂତ ହୋଇଛନ୍ତି ।

ଏକଦା ଦେବାସୁର ଯୁଦ୍ଧରେ ଇନ୍ଦ୍ର ପରାଜିତ ହେବାରୁ ହରିଙ୍କ ନିର୍ଦ୍ଦେଶରେ ଇନ୍ଦ୍ର ମାତଳିଙ୍କୁ ପଠାଇ ଦୁଷ୍ମନ୍ତଙ୍କୁ ସ୍ୱର୍ଗକୁ ନେଇଯାଇଛନ୍ତି । ଦେବତାମାନଙ୍କୁ ବିପଦରୁ ମୁକ୍ତକରି ଦୁଷ୍ମନ୍ତ ମର୍ତ୍ତ୍ୟକୁ ଫେରିବା ସମୟରେ ହେମକୂଟ ନାମକ କିଂ ପୁରୁଷ ପର୍ବତରେ କାଶ୍ୟପ ଓ ଅଦିତିଙ୍କୁ ପ୍ରଦକ୍ଷିଣ କରିବା ପାଇଁ ସେଠାରେ ଅବତରଣ କରିଛନ୍ତି । ବନ ମଧ୍ୟରେ ଭ୍ରମଣ କରିବା ସମୟରେ ସେ ଦେଖିବାକୁ ପାଇଛନ୍ତି ଯେ, କ୍ଷୀର ପାନରତ ସିଂହଶାବକ ସହିତ ଏକ ବାଳକ ଯୁଦ୍ଧ କରୁଛି ଏବଂ ତାପସୀ ଦ୍ୱୟ ସିଂହଶାବକକୁ ମୁକ୍ତ କରିବା ପାଇଁ ଚେଷ୍ଟା କରୁଛନ୍ତି । ବାଳକଟିର ହସ୍ତରେ ରାଜ ଚକ୍ରବର୍ତ୍ତୀ ଲକ୍ଷଣ ଓ ଅମିତ ବିକ୍ରମ ଦେଖି ରାଜାଙ୍କ ହୃଦୟ ସ୍ନେହରେ ପୂରିଉଠିଛି । ରାଜାଙ୍କୁ ଦେଖି ତାପସୀ ସିଂହଶାବକକୁ ବାଳକ ହସ୍ତରୁ ମୁକ୍ତ କରିବାକୁ ଅନୁରୋଧ କଲାରୁ ରାଜା ବାଳକକୁ ସ୍ପର୍ଶ କରନ୍ତେ ତାଙ୍କର ଶରୀର ରୋମାଞ୍ଚିତ ହୋଇଛି । ଏହି ଅବସରରେ ଏକ ତାପସୀ ମୃତ୍ତିକା ମୟୂର ହସ୍ତରେ ଧରି କହିଛନ୍ତି—"ସର୍ବଦମନ, ଶକୁନ୍ତଲାବଣ୍ୟ ଦେଖ ।" ପିଲାଟି ତତ୍କ୍ଷଣାତ୍ ମୋ ମାଆ କାହିଁ ବୋଲି ପ୍ରଶ୍ନ କଲାରୁ ତାପସୀ ପକ୍ଷୀର ସୌନ୍ଦର୍ଯ୍ୟ ଅବଲୋକନ କରିବାକୁ କହିଛନ୍ତି । ରାଜା ପିଲାଟିର ମାଆର ନାମ ଶକୁନ୍ତଳା ବୋଲି ଅନୁମାନ କରିଛନ୍ତି । ହଠାତ୍ ତାପସୀ ପିଲାଟିର ହସ୍ତରେ ରକ୍ଷାକବଚ ନ ଦେଖି ବିଚଳିତ ହେବାରୁ ରାଜା ରକ୍ଷାକବଚଟିକୁ ତଳୁ ଉଠାଇଲେ ବେଳେ ତାପସୀ ଦ୍ୱୟ 'ଛୁଅଁ ନା-ଛୁଅଁ ନା' ବୋଲି ଚିତ୍କାର କରିଛନ୍ତି । ରାଜା ଏହାର କାରଣ ଜିଜ୍ଞାସା କରିବାରୁ ତାପସୀ ଦ୍ୱୟ କହିଛନ୍ତି—ଏହା ଅପରାଜିତା ନାମକ ଏକ ଔଷଧ । ଭଗବାନ ମାରୀଚ ପିଲାଟିର ଜନ୍ମ ସମୟରେ ଏହା ପ୍ରଦାନ କରିଥିଲେ । ପିତାମାତାଙ୍କ ବ୍ୟତୀତ ଏହାକୁ ଯେ, ସ୍ପର୍ଶ କରିବ ତାହା ସର୍ପ ହୋଇ ତାକୁ ଦଂଶନ କରିବ । ଦୁଷ୍ମନ୍ତ ଆନନ୍ଦ ବିହ୍ୱଳିତ ହୃଦୟରେ ପିଲାଟିକୁ ଆଲିଙ୍ଗନ କରିଛନ୍ତି । ତାପସୀଙ୍କଠାରୁ ସମ୍ବାଦ ପାଇ ତପସ୍ୱିନୀ ଶକୁନ୍ତଳା ସେଠାରେ ଉପସ୍ଥିତ ହୋଇ ସ୍ୱାମୀଙ୍କ ସାକ୍ଷାତ୍ ଲାଭରେ ହତବାକ୍ ହୋଇଛନ୍ତି । ଦୁଷ୍ମନ୍ତ ନିଜର ଭୁଲ ପାଇଁ ଶକୁନ୍ତଳାଙ୍କଠାରେ କ୍ଷମା ପ୍ରାର୍ଥନା କରିଛନ୍ତି । ଶକୁନ୍ତଳା ଏବଂ ଦୁଷ୍ମନ୍ତ ଭଗବାନ ମାରୀଚଙ୍କଠାରୁ ଅଭିଶାପର ବୃତ୍ତାନ୍ତ ଶ୍ରବଣ କରି ଆଶୀର୍ବାଦ ଭିକ୍ଷା ପୂର୍ବକ ଇନ୍ଦ୍ରଙ୍କ ରଥରେ ହସ୍ତିନା ଅଭିମୁଖେ ଯାତ୍ରା କରିଛନ୍ତି ।

□□□

Digitized by srujanika@gmail.com

ଚରିତ୍ର ଚିତ୍ରଣ

ଶକୁନ୍ତଳା :

ସ୍ରଷ୍ଟାଙ୍କର ସୃଷ୍ଟିରେ ନାରୀର ସୃଷ୍ଟି ବଡ଼ ବିଚିତ୍ର । ନାରୀର ରୂପସମ୍ଭାର ଓ ତା'ର ଗୁଣାବଳୀରେ ମୁଗ୍ଧ ହୋଇ କବି ସୃଷ୍ଟି କରିଯାଏ ଅନବଦ୍ୟ କାବ୍ୟ ଓ କବିତା । ସୃଷ୍ଟିରେ ସେ ହାସ୍ୟମୟୀ, ଲାସ୍ୟମୟୀ, ସ୍ନେହମୟୀ ଓ ରହସ୍ୟମୟୀ ଭାବରେ ପରିଚିତା । ଯେଉଁ କାବ୍ୟନାୟିକା ଚରିତ୍ରକୁ ନେଇ ବ୍ୟାସଦେବ, କାଳିଦାସ, ଗଙ୍ଗାଧର ମେହେର ଓ ଜର୍ମାନ କବି ମହାତ୍ମା ଗେଟେ ପ୍ରଭୃତି ଭାବତନ୍ମୟ ହୋଇଛନ୍ତି, ସେ ହେଉଛନ୍ତି ଅନିନ୍ଦ୍ୟସୁନ୍ଦରୀ ଶକୁନ୍ତଳା । ବ୍ୟାସଦେବଙ୍କ ଶକୁନ୍ତଳା ପ୍ରଗଲ୍ଭା ବୋଲିଉଥିବା ବେଳେ ଗଙ୍ଗାଧରଙ୍କ ଶକୁନ୍ତଳା ନମନୀୟା, କମନୀୟା, ସୁଶୀଳା ଓ ଅପରୂପା । ବିଶ୍ୱବନ୍ଦନୀୟ କବି କାଳିଦାସଙ୍କ ଅଭିଜ୍ଞାନମ୍ ଶକୁନ୍ତଳମ୍ ପାଠକରି ପାଶ୍ଚାତ୍ୟ କବି ମହାତ୍ମା ଗେଟେ ଶକୁନ୍ତଳାଙ୍କ ଚରିତ୍ରରେ ମୁଗ୍ଧହୋଇ ମୁକ୍ତ କଣ୍ଠରେ ଗାଇଛନ୍ତି—

> "Wouldst thau the earth and heaven
> itself in one sole name combine
> I name thee, O Sakuntaia
> and all at ance is said,"

ମହାପରାକ୍ରମଶାଳୀ ପୁରୁବଂଶାଧିପତି ଦୁଷ୍ମନ୍ତ ସୈନ୍ୟସାମନ୍ତ ସହିତ ମୃଗୟା ଉଦ୍ଦେଶ୍ୟରେ ରଥାରୋହଣ ପୂର୍ବକ ଗହନବନରେ ଇତସ୍ତତଃ ଭ୍ରମଣ କରିବା ସମୟରେ ହଠାତ୍ ଏକ ମୃଗ ରାଜାଙ୍କ ସମ୍ମୁଖବର୍ତ୍ତୀ ହୋଇଛି । ରାଜା ମୃଗକୁ ଶରମାରିବାକୁ ଉଦ୍ୟତ ହୁଅନ୍ତେ ମୃଗଟି ରାଜାଙ୍କୁ ଦେଖି ଦ୍ରୁତଧାବନ କରିବାକୁ ଉଦ୍ୟତ ହୋଇଛି । ରାଜା ମୃଗର ନିକଟବର୍ତ୍ତୀ ହୋଇ ତାକୁ ଶର ମାରିବାକୁ ଉଦ୍ୟତ ହେବାରୁ "ମାରନା-ମାରନା ଆଶ୍ରମ ମୃଗଏ" ଶବ୍ଦଶୁଣି ରାଜା ସମ୍ମୁଖରେ ଦୁଇଜଣ ତପସ୍ୱୀଙ୍କୁ ଦେଖି ବାଣ ସମ୍ବରଣ କରି ବିସ୍ମୟ-ବିସ୍ଫାରିତ ନେତ୍ରରେ ଅନାଇ ରହିଛନ୍ତି । ତପଃସିଦ୍ଧ ମୁନି ବିଶ୍ୱାମିତ୍ରଙ୍କ ତପସ୍ୟା ଭଙ୍ଗକାରୀ ସ୍ୱର୍ଗାପ୍ସରା ମେନକା ମୁନିଙ୍କୁ ରୂପ ଲୋଭରେ ପ୍ରଲୁବ୍ଧ କରିଛନ୍ତି ଏବଂ ମାଳିନୀନଦୀ ତୀରରେ ଶକୁନ୍ତଳାଙ୍କୁ ଜନ୍ମଦେଇ ଇନ୍ଦ୍ରଲୋକକୁ ପ୍ରତ୍ୟାଗମନ କରିଛନ୍ତି । ମେନକାଙ୍କ ଗର୍ଭସମ୍ଭୂତା ରୂପୈଶ୍ୱର୍ଯ୍ୟା ଶକୁନ୍ତଳାଙ୍କୁ ଦର୍ଶନ କରିବା ଅଭିପ୍ରାୟରେ ଫଳପୁଷ୍ପ ସୁରଭିତ, ବିହଙ୍ଗ କାକଳିରେ ମୁଖରିତ, ମାଳିନୀନଦୀତଟସ୍ଥ ସୁଶୀତଳ ବାୟୁସେବିତ କଣ୍ୱମୁନିଙ୍କ ଆଶ୍ରମ ଦର୍ଶନ ଅଭିମୁଖେ ଯାଉଥିବା ରାଜା ଏକ ବୃକ୍ଷାନ୍ତରାଳରୁ ଦେଖିଛନ୍ତି ତିନୋଟି ନାରୀମୂର୍ତ୍ତି । ସେମାନଙ୍କ କଥୋପକଥନରୁ ରାଜା ଜଣକର ନାମ ଶକୁନ୍ତଳା ଏବଂ ଅନ୍ୟ ଦୁଇଜଣ ତାଙ୍କର ସଖୀ ପ୍ରିୟମ୍ବଦା ଓ ଅନସୂୟା ବୋଲି ଜାଣିଛନ୍ତି । ପୀନପୟୋଧରା, ଉନ୍ନତ ଯୌବନା,

Digitized by srujanika@gmail.com

ବଲ୍କଳାଚ୍ଛାଦିତା ଶକୁନ୍ତଳାଙ୍କୁ ବୃକ୍ଷାନ୍ତରାଳରୁ ଦେଖି ତନ୍ମୟ ହୋଇଛନ୍ତି ଏବଂ ମୁନି ଆଶ୍ରମରେ ତାଙ୍କ ଜନ୍ମକଥା ଶୁଣି ଆତ୍ମବିସ୍ମୃତ ହୋଇ କହିଛନ୍ତି—

"ମୃଦୁ ମନୋହର କଳେବର ଦେଖି
ବଲ୍କଳର ପରିଚ୍ଛଦ
ବକ୍ଷରେ ଆହା ରାଜଲକ୍ଷ୍ମୀ ତନୁ
ଯେମନ୍ତ ଚନ୍ଦ୍ରାଆସ୍ପଦ ।
ବସ୍ତ୍ରାବୃତ ହୋଇ ପଡ଼ୁଛି ତଥାପି
ଲଳନା-ଲାବଣ୍ୟ-ପ୍ରଭା
ଯଥା ଶିବ-ଜଟା- ଚନ୍ଦ୍ରିକା ଶୈବାଳ-
ବେଷ୍ଟିତ ପଦ୍ମିନୀ ଅବା ।"

ଶକୁନ୍ତଳା ଆଶ୍ରମବାସିନୀ ଓ ବଲ୍କଳଧାରିଣୀ ହେଲେ ମଧ୍ୟ ତାଙ୍କର ସ୍ୱର୍ଗୀୟ ରୂପଲାବଣ୍ୟ ରୂପ ସୁଧାପାନକାଂକ୍ଷୀ ପ୍ରେମିକ ଦୁଷ୍ମନ୍ତଙ୍କୁ ଉନ୍ମତ୍ତ କରିଛି । ବାରିପୂର୍ଣ୍ଣ କୁମ୍ଭକୁ ତଳେରଖି ଶକୁନ୍ତଳା ଦଣ୍ଡାୟମାନ ହେବାରୁ ରାଜା ଶକୁନ୍ତଳାଙ୍କୁ ସ୍ୱର୍ଣ୍ଣ ଲତିକା ହିସ୍ବେ କଳ୍ପନା କରିଛନ୍ତି ଏବଂ ତାଙ୍କ ହସ୍ତର ପାପୁଲିକୁ ପଦ୍ମରାଗମଣି, ନଖ ପଂକ୍ତିକୁ ସ୍ୱର୍ଣ୍ଣ ପୁଷ୍ପକଳି ସହିତ ତୁଳନା କରିଛନ୍ତି । ତାଙ୍କ ମନ ମଧ୍ୟରେ ପ୍ରବାହିତ ହୋଇଛି ଅସୁମାର ଜୁଆର । ରାଜାଙ୍କ ସ୍ୱର୍ଗ୍ୟ ଉପବନରେ ଶକୁନ୍ତଳାଙ୍କ ଭଳି ଲତିକା ଶୋଭା ପାଇବ କି ନାହିଁ ଚିନ୍ତାକରି କହିଛନ୍ତି—

"ଶୁଣନ୍ତୁ ନରେଶ "ଏ ଶୋଭିବ କି ନା-
ନର-ସ୍ୱର୍ଗ୍ୟ-ଉପବନେ,
ଅବା ଚିରଦିନ ଥିବ ତପୋବନ-
ସଉନ୍ଦର୍ଯ୍ୟ ସମ୍ପାଦନେ ।
ଲତା ନୁହେଁ ବାମା ବିଧାତା-ମାନସ-
ଲତା-ବଡ଼ଶୋଭା ଫୁଲ
ସ୍ୱର୍ଗ୍ୟ ଦେବୀ ଶିର- ଯୋଗ୍ୟ ଏ ଭୂଷଣ
ଫୁଲ ଅମୂଲ୍ୟ ଅତୁଲ୍ୟ ।"

ଶକୁନ୍ତଳାଙ୍କ ଅଯତ୍ନ ବର୍ଦ୍ଧିତ କୃଷ୍ଣକୁନ୍ତଳ ଗଣ୍ଡ ଦେଶରେ ଆନ୍ଦୋଳିତ ହେଲାବେଳେ ବାଳ ଭ୍ରମର ତାଙ୍କ ମୁଖ-ପଦ୍ମକୁ ଚୁମ୍ବନ କଲାପ୍ରାୟ ଶୋଭା ପାଉଥାଏ । ଘନକୃଷ୍ଣ କେଶରାଜି ମଧ୍ୟରେ ଶୁଭ୍ରସରଳ ସୀମନ୍ତ ରେଖା, ଆକର୍ଣ୍ଣବିସ୍ତୃତ ଭ୍ରୂଲତା ଯୁଗଳ, ପକ୍ଷ୍ମ ସୁଶୋଭିତ ଆୟତନୟନ, ସୁଗଠିତ ନାସା, ବର୍ତ୍ତୁଳ, ଚିବୁକ, ମନୋହର ଅଧର ପଲ୍ଲବକୁ ଜୟ କରିବା ପାଇଁ ବ୍ୟାକୁଳ ହୋଇଥାନ୍ତି । ପୁନଶ୍ଚ ସୁନ୍ଦର ଶ୍ରବଣ ଯୁଗଳ ମୁଖମଣ୍ଡଳର ଶୋଭାକୁ ଦ୍ୱିଗୁଣ ବର୍ଦ୍ଧିତ କରୁଥିବା ବେଳେ ରାଜାଙ୍କର ବିସ୍ମୟ ବିସ୍ଫାରିତ ନୟନ ଯୁଗଳ ଶକୁନ୍ତଳାଙ୍କ ଅପରୂପ ରୂପରେ ଲାଖି ରହିଥାଏ । ଶକୁନ୍ତଳାଙ୍କ ସହିତ ରାଜାଙ୍କର ପ୍ରଥମ ଶୁଭଚକ୍ଷୁ ମିଳନରେ ରାଜାଙ୍କ

Digitized by srujanika@gmail.com

ମୃଦୁହାସ ବଦନ ସହିତ କବି ବର୍ଣ୍ଣିତ ଶକୁନ୍ତଳାଙ୍କ ପଙ୍କଜ ମୁଖମଣ୍ଡଳର ଶୋଭା ବାସ୍ତବିକ ଅବର୍ଣ୍ଣନୀୟ । ଶକୁନ୍ତଳାଙ୍କ ହସ୍ତାଙ୍ଗୁଳିରେ ଦୁଷ୍ମନ୍ତଙ୍କ ନାମାଙ୍କିତ ଅଙ୍ଗୁରୀୟ ପିନ୍ଧାଇଲାବେଳେ ଶକୁନ୍ତଳାଙ୍କ ସର୍ବାଙ୍ଗରେ ଖେଳିଯାଉଛି ଅପୂର୍ବ ଶିହରଣ । ରାଜା ମତ୍ତଗଜଭୟ ଦୂର କରିବା ପାଇଁ ଚାଲିଯାଆନ୍ତେ ଶକୁନ୍ତଳା ଅପଲକ ନେତ୍ରରେ ତାଙ୍କୁ ଅନାଇ ରହିଛନ୍ତି । ସଖୀ ଦ୍ୱୟ ଶକୁନ୍ତଳାଙ୍କୁ ଡାକିବାରୁ ପ୍ରେମ ବିବଶ ଚଳତ୍‌ଶକ୍ତିହୀନର ଛଳନାକରି ସେ କହିଉଠିଛନ୍ତି, କୁରୁବକ କଣ୍ଟା ଲୁଗାରେ ଲାଗିଯାଇଛି । ଯୌବନର ଆକର୍ଷଣ ମନର ପରିବର୍ତ୍ତନ ହିଁ ହୋଇଛି ଗୃହଷିକ ସ୍ଫୂର୍ତ୍ତିର ପ୍ରଧାନ କାରଣ । କସ୍ତୁରୀ ମୃଗ ଯେପରି ନାଭିମଧ୍ୟସ୍ଥ କସ୍ତୁରୀକୁ ଅତି ଗୋପନରେ ଧାରଣ କରିଥାଏ, ସେହିପରି ଶକୁନ୍ତଳା ହୃଦୟସ୍ଥ ପ୍ରେମୋଚ୍ଛଳ ଭାବକୁ ଗୋପନରଖି ରାଜାଙ୍କ ଆଗମନ ପଥକୁ ଲକ୍ଷ୍ୟ ରଖିଥାଆନ୍ତି । ଯଦିଓ ଏହା ବନଚାରିଣୀ ଆଶ୍ରମବାସିନୀ ପକ୍ଷରେ ଶୋଭନୀୟ ନୁହେଁ ତଥାପି ପ୍ରେମମନ୍ଦିର-ଦେବ-ପୂଜାରିଣୀ ଶକୁନ୍ତଳାଙ୍କ ପକ୍ଷରେ ବୟସ ଦୃଷ୍ଟିରୁ ସ୍ପୃହଣୀୟ ହୋଇଛି । କିଶୋରୀ ବୟସ ଅତିକ୍ରାନ୍ତ ହୋଇ ଲଜ୍ଜାବତୀ ଯୁବାବସ୍ଥାରେ ପରିଣତା ହୋଇଛନ୍ତି ଶକୁନ୍ତଳା । ଦୁଷ୍ମନ୍ତଙ୍କ ପ୍ରତ୍ୟାଗମନରେ ପ୍ରେମୋନ୍ମାଦିନୀ ଶକୁନ୍ତଳାଙ୍କର ମନର ଗତିକୁ କବି ନିମ୍ନପ୍ରକାରେ ବର୍ଣ୍ଣନା କରିଛନ୍ତି—

"ବିଦାୟ କାଳୀନ   ସତୃଷ୍ଣ ଦର୍ଶନ
ନୃପତିଙ୍କ ସ୍ମରି ସ୍ମରି
ପ୍ରଣୟ ପ୍ରମୋଦ   ବିମୁଗ୍ଧା ସୁନ୍ଦରୀ
ଯାପନ କଲେ ଶର୍ବରୀ ।"

ରାଜାଙ୍କ ପ୍ରସ୍ଥାନ ପରେ ଶକୁନ୍ତଳା ପ୍ରେମୋନ୍ମାଦିନୀ ହୋଇ ପୂର୍ବାଚରିତ ଆଶ୍ରମ କର୍ମରେ ବିମୁଖ ହୋଇଛନ୍ତି । ତାଙ୍କ ମନ-ଦର୍ପଣରେ ଝଲଝଲ ହୋଇଉଠିଛି ରାଜପୁର ଲବ୍ଧ ଐଶ୍ୱର୍ଯ୍ୟ । ଏପରି ଏକ ସ୍ୱପ୍ନବିଭୋର ଅବସ୍ଥା ବେଳେ ମହାକୋପୀ ଦୁର୍ବାସାଙ୍କ ଆଗମନ ହୋଇଛି । 'ମୁଁ ଅତିଥି' ବୋଲି କହିବା ଭିତରେ ଶକୁନ୍ତଳାଙ୍କର ସ୍ୱପ୍ନ ଭାଙ୍ଗି ନାହିଁ । ଅତିଥି ସତ୍କାରର ଅବହେଳା ପ୍ରଦର୍ଶନ ପାଇଁ ପାଇଛନ୍ତି ସେ ଋଷି ମୁଖରୁ ଦୁର୍ବାର ଅଭିଶାପ । ତଥାପି ଶକୁନ୍ତଳାଙ୍କ ମନ ହସ୍ତିନା ପୁରରେ ବନ୍ଦିନୀ ହୋଇ ରହିଛି । କଣ୍ୱମୁନି ଆଶ୍ରମକୁ ପ୍ରତ୍ୟାଗମନ କରିବା ପରେ ଶକୁନ୍ତଳା ତାଙ୍କୁ ସମ୍ମାନ ଜଣାଇଛନ୍ତି ସତ; କିନ୍ତୁ ଲଜ୍ଜାବନତ ବଦନରେ ସେଠାରୁ ଅନ୍ତର୍ହିତା ହୋଇ ସଖୀ ପଛରେ ଆତ୍ମଗୋପନ କରିଛନ୍ତି । ପିତାଙ୍କ ଅବର୍ତ୍ତମାନରେ କନ୍ୟା ଗାନ୍ଧର୍ବ ବିବାହକରି ସନ୍ତାନ ସମ୍ଭବା ହୋଇଥିବାରୁ ସେ ଅପରାଧିନୀ । ହେଲେ ସେ ତ ଋଷିକନ୍ୟା ନୁହନ୍ତି । କିନ୍ତୁ ସେ ଯାହା କରିଛନ୍ତି ନିଜର ମଙ୍ଗଳ ପାଇଁ । କଣ୍ୱମୁନି ଏହାଜାଣି ତାଙ୍କର ବିଦାୟକାଳୀନ ଉତ୍ସବ ପ୍ରସ୍ତୁତ କରିଛନ୍ତି । ବିଦାୟୀ ଶକୁନ୍ତଳା ଆଶ୍ରମରୁ ବିଦାୟ ନେବାବେଳେ ଶକୁନ୍ତଳାଙ୍କ ଅଶ୍ରୁମୋଚନରେ ସଖୀଦ୍ୱୟଙ୍କ ବଲ୍‌କଳାଞ୍ଚଳ ଲୋତକସିକ୍ତ ହୋଇଛି । ଅଭିଜ୍ଞାନମ୍ ଶକୁନ୍ତଳମ୍‌ରେ ବିଦାୟୀ ଶକୁନ୍ତଳାଙ୍କ ବିଦାୟ ବେଳାରେ ତାଙ୍କ ବାମଚକ୍ଷୁ ସ୍ଫୁରିତ ହେବାରୁ ସେ ଅଶୁଭ ତଥା ଅମଙ୍ଗଳର ସୂଚନା ଅନୁଭବ କରିଛନ୍ତି । କିନ୍ତୁ ମେହେରଙ୍କ—

Digitized by srujanika@gmail.com

"ଶକୁନ୍ତଳା ଏଣେ   ସିଂହଦ୍ୱାରେ ଆଇ
ଚମ୍କୁଛନ୍ତି ଅନ୍ତରେ
ଏହି କ୍ଷଣି କାନ୍ତ   ଆସି ସିବେପର
ମୋ ଆସିବା ଉଦନ୍ତରେ ।"

ଶକୁନ୍ତଳା ଆଉ ପୂର୍ବର ଆଶ୍ରମବାସିନୀ, ବଲ୍କଲାଚ୍ଛାଦନୀ ବନଚାରିଣୀ କଣ୍ୱଦୁହିତା ନୁହନ୍ତି । ସେ ଆଜି ପତିଗୃହ ଗାମିନୀ ରାଜଦର୍ଶନାଭିଳାଷୀ ରାଜକୁଳବଧୂ । ମନରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଯେ ହସ୍ତିନାର ପାଟରାଣୀ ହୋଇ ଜୀବନ ନିର୍ବାହିତ କରିବେ । ବଧୂ ଜୀବନର ସ୍ୱପ୍ନିଲ ବାସନା ତାଙ୍କର ଚରିତାର୍ଥ ହେବ । କିନ୍ତୁ ଫଳ ହୋଇଛି ବିପରୀତ । ଦୁର୍ବାସାଙ୍କର ଦୁର୍ବାର ଅଭିଶାପ ବାଣୀ କିଏ ବା ଖଣ୍ଡନ କରିବା ? ଦୁଷ୍ମନ୍ତଙ୍କଠାରୁ ମର୍ମନ୍ତୁଦବାଣୀ ଶ୍ରବଣକରି ଶକୁନ୍ତଳାଙ୍କ ହୃଦୟରେ ସୃଷ୍ଟି ହୋଇଛି ଦାରୁଣ ଆଘାତ । ପୁନଶ୍ଚ ଏହା ରାଜାଙ୍କର ଛଳନାପୂର୍ଣ୍ଣ ଉକ୍ତି ହୋଇଥିବ ଭାବି ଆଶା ବାନ୍ଧିଛନ୍ତି । ଯେହେତୁ ତାଙ୍କଠାରେ ରାଜାଙ୍କ ନାମାଙ୍କିତ ମୁଦ୍ରିକା ଅଛି । ରାଜା ତପସ୍ୱୀଙ୍କୁ କହିଛନ୍ତି, ମୁଦ୍ରିକା ଦର୍ଶନ କରାଇଲେ "ହେବ ଏହିକ୍ଷଣି ତୁମ୍ଭ ତପସ୍ୱିନୀ ହସ୍ତିନାର ପାଟରାଣୀ ।" ଯେତେବେଳେ ଶକୁନ୍ତଳା "ସୁନ୍ଦରୀ ଚାହିଁଲେ ଦେଖିଲେ ଅଙ୍ଗୁଳେ ଗଣ୍ଠି ନାହିଁ, ମୁଦି ନାହିଁ" ସମଗ୍ର ଜଗତ ତାଙ୍କୁ ଅନ୍ଧକାରମୟ ଦୃଶ୍ୟ ହୋଇଛି । ରାଜାଙ୍କର ନିଷ୍ଠୁର ବାଣୀ ଶକୁନ୍ତଳାଙ୍କ ପ୍ରାଣତନ୍ତ୍ରୀକୁ ଛିନ୍ନ କରିଦେଇଛି । ଆଶ୍ରମର ତାପସୀଦ୍ୱୟ ଏବଂ ଗୌତମୀ ତାଙ୍କୁ ଏହି ଅସହାୟ ଅବସ୍ଥାରେ ଛାଡ଼ି ଚାଲିଯାଇଛନ୍ତି । ଏହିଠାରେ ଗଙ୍ଗାଧରଙ୍କର ରଚନାରେ ଦୁର୍ବଳତା ପ୍ରକାଶ ପାଇଛି । ଅଭିଜ୍ଞାନମ୍ ଶକୁନ୍ତଳମ୍‌ରେ ଗୌତମୀ ରାଜଦରବାର ପରିତ୍ୟାଗ କରି ଚାଲିଯାଆନ୍ତେ ଶକୁନ୍ତଳା ପ୍ରଶ୍ନ କରିଛନ୍ତି ଯେ, ତାଙ୍କୁ ସତରେ ଛାଡ଼ି ଚାଲିଯିବେ ? ଶକୁନ୍ତଳା ପଛରେ ଆସୁଥିବା ବେଳେ ଗୌତମୀ ତାଙ୍କୁ ଦେଖି କହିଛନ୍ତି, ବତ୍ସ ଶାର୍ଙ୍ଗରବ ଅନୁଗଚ୍ଛତୀୟଂ ଖଳୁନଃ କରୁଣପରିଦେବନା ଶକୁନ୍ତଳା, ପ୍ରତ୍ୟାଦେଶ ପରୁଷେ ଭର୍ତ୍ତରି କିମ୍ବା ମେ ପୁତ୍ରିକା କରୋତୁ ।" ଶକୁନ୍ତଳାଙ୍କର ଏଭଳି ପରିସ୍ଥିତିରେ ଗୌତମୀଙ୍କର ଏ ପ୍ରକାର ବାକ୍ୟ କହିବା ଠିକ୍ ହୋଇନାହିଁ କି ? କିନ୍ତୁ ଗଙ୍ଗାଧରଙ୍କର ଶକୁନ୍ତଳା ଏ ପରିସ୍ଥିତିରେ "ଅଭାଗିନୀ ମନେକଲେ ଯାଉଛନ୍ତି ପ୍ରାଣେଶ-ନିବାସ-କକ୍ଷ ।" ମନେହୁଏ ଗଙ୍ଗାଧର ଶକୁନ୍ତଳାଙ୍କ ଚରିତ୍ରରେ ଯାହା ସତ୍ୟ ତାହା ପ୍ରକାଶ କରିଛନ୍ତି । ଶକୁନ୍ତଳାଙ୍କ ଭଳି ସରଳା ଅବଳା ହୃଦୟରେ ବିଷଜ୍ୱାଳା ହେଲେ ମଧ୍ୟ ସେ ପ୍ରକୃତ ପ୍ରେମର ପରିଚୟ ଦେଇଛନ୍ତି । ବିଷକୁ ପୀୟୁଷ ବୋଲି ଜ୍ଞାନକରି ଧୈର୍ଯ୍ୟହରା ନ ହୋଇ ଅନାଇଛନ୍ତି ଆଗତ ଭବିଷ୍ୟତକୁ । ବର୍ଷପରେ ବର୍ଷ ଅତିକ୍ରାନ୍ତ ହୋଇଛି । ପୁନଶ୍ଚ ଶକୁନ୍ତଳାଙ୍କର ମିଳନ ସମ୍ଭବ ହୋଇଛି ମାରୀଚ ଆଶ୍ରମରେ । ପୂର୍ବର ଶକୁନ୍ତଳା ଯେପରି ଜଣାଯାଇଛି ସଦ୍ୟପ୍ରସ୍ଫୁଟା ଫୁଲ୍ଲ । ନବପ୍ରସ୍ଫୁଟିତା କୁସୁମକାମିନୀ କଣ୍ୱଦୁହିତା, ଦିବ୍ୟ ସୌନ୍ଦର୍ଯ୍ୟରେ ସୌନ୍ଦର୍ଯ୍ୟାନ୍ୱିତା ।

ପୁନଶ୍ଚ — "କାନ୍ତ ଦରଶନେ   ପୁଲକ ଛଳରେ
ପ୍ରେମାଙ୍କୁର ହେଲା ଜାତ
ହସ ତା ଅଧରେ   ନ ଫୁଟି ବଦନେ
ନେତ୍ରେ ହେଲା ସଞ୍ଚାରିତ ।"

Digitized by srujanika@gmail.com

ମାରୀଚ ଆଶ୍ରମରେ ପିତା-ପୁତ୍ର ଓ ମାତାଙ୍କର ଅପୂର୍ବ ମିଳନ ସମ୍ଭବ ହୋଇଛି । କାଳିଦାସ ଏ ମିଳନର ଖବର କଣ୍ୱମୁନିଙ୍କ ଆଶ୍ରମକୁ ମାରୀଚ ତାଙ୍କର ଶିଷ୍ୟ ଗାଲବଙ୍କ ଦ୍ୱାରା ପଠାଇଛନ୍ତି । କିନ୍ତୁ ମେହେର ତାଙ୍କ ଶକୁନ୍ତଳାଙ୍କୁ ପିତା-ପୁତ୍ର ସହିତ ପଠାଇଛନ୍ତି ହସ୍ତିନା ପୁରକୁ । ଯେଉଁ ଆଶ୍ରମରେ ରହି ଶକୁନ୍ତଳା କଣ୍ୱମୁନି ଓ ସଖୀମାନଙ୍କୁ ଅତି ଆପଣାର କରିଥିଲ, ସେମାନଙ୍କୁ ଶକୁନ୍ତଳା ଭୁଲିଯିବା ଗଙ୍ଗାଧରଙ୍କର ରଚନାର ଦୁର୍ବଳତାର ପରିଚୟ ବୋଲି ମନେ ହୋଇଥାଏ । ମୋଟ ଉପରେ କହିବାକୁ ଗଲେ ମେହେର ଶକୁନ୍ତଳାଙ୍କ ଚରିତ୍ରରେ ମହନୀୟତା, କମନୀୟତା, ସରଳତା ଆଦି ସୃଷ୍ଟିକରି କାବ୍ୟଟିକୁ ରସବନ୍ତ କରିପାରିଛନ୍ତି । ଏତଦ୍ ବ୍ୟତୀତ ସଖୀମାନଙ୍କ ପ୍ରତି ଅପାର ସ୍ନେହ, ପ୍ରକୃତି ପ୍ରତି ସହିଷ୍ଣୁତା, ଗୁରୁଜନଙ୍କ ପ୍ରତି ଭକ୍ତିପ୍ରାଣତା, ବିଶ୍ୱଜନ ପ୍ରତି ପ୍ରୀତି, ଅସୀମ ଧୈର୍ଯ୍ୟ ପ୍ରଦର୍ଶନ କରି ଗଙ୍ଗାଧର ଶକୁନ୍ତଳାଙ୍କ ଚରିତ୍ରକୁ ନିଷ୍କଳଙ୍କ କରିବା ପାଇଁ ଆପ୍ରାଣ ଚେଷ୍ଟା କରିଛନ୍ତି ।

ପ୍ରିୟମ୍ବଦା ଓ ଅନସୂୟା :

କ୍ରାନ୍ତଦର୍ଶୀ କବି ଗଙ୍ଗାଧର ମେହେରଙ୍କ ପ୍ରଣୟବଲ୍ଲରୀ ଏକ ପୌରାଣିକ କାବ୍ୟ । ଅଭିଜ୍ଞାନ ଶାକୁନ୍ତଳମ୍ ଭଳି ଦୁର୍ବୋଧ ନାଟ୍ୟ ସାହିତ୍ୟ ମନ୍ଥନ କରି ସେ ରଚନା କରିଛନ୍ତି ଓଡ଼ିଆରେ ପ୍ରଣୟବଲ୍ଲରୀ କାବ୍ୟ । ଉକ୍ତ କାବ୍ୟରେ ନାୟକ ଦୁଷ୍ମନ୍ତ ନାୟିକା ଶକୁନ୍ତଳାଙ୍କୁ ବାଦ୍‌ଦେଲେ ଆଉ କେତୋଟି ଚରିତ୍ର ଆମର ଦୃଷ୍ଟିଗୋଚର ହୁଏ । ତନ୍ମଧ୍ୟରୁ ପ୍ରିୟମ୍ବଦା ଓ ଅନସୂୟା ନାମ୍ନୀ ତାପସୀ ସଖୀ ଦୁଇଜଣ ଗୌଣ ଚରିତ୍ର ହେଲେ ମଧ୍ୟ ତାଙ୍କରି ଦ୍ୱାରା କାବ୍ୟର କାହାଣୀ ବର୍ଦ୍ଧିତ ହୋଇଛି । କାବ୍ୟନାୟିକାଙ୍କୁ ନାୟକ ସହିତ ମିଳନ ଘଟାଇବା ବିରହାବସ୍ଥାରେ ବିରହ ଲାଘବ ପାଇଁ ବିଭିନ୍ନ ପନ୍ଥା ନିର୍ଦ୍ଦେଶ କରିବା, ଦୁଃଖ ବେଳେ ସମଭାବାପନ୍ନ ହୋଇ ତାଙ୍କୁ ଉପଦେଶ ଓ ଧୈର୍ଯ୍ୟ ପ୍ରଦାନ କରିବା ନିଜର ସୁଖକୁ ଜଳାଞ୍ଜଳି ଦେଇ ନାୟିକା ସୁଖରେ ସୁଖୀ ହେବା ଆଦି ଯାବତୀୟ ଘଟଣା ସଖୀ ବା ଦୂତୀର କର୍ତ୍ତବ୍ୟ । ପୁରାଣ ଯୁଗରେ ରାଧାଙ୍କର ଅଷ୍ଟସଖୀ ମଧ୍ୟରେ ଲଳିତା ଓ ବିଶାଖାଙ୍କର ନାମ ଉଲ୍ଲେଖଯୋଗ୍ୟ । ରାଧାଙ୍କୁ କୃଷ୍ଣଙ୍କଠାରେ ପହଞ୍ଚାଇବା, ରାଧାଙ୍କ ଦୁଃଖରେ ଦୁଃଖୀ ହୋଇ କୃଷ୍ଣଙ୍କର ନିନ୍ଦାଗାନ କରିବା ଆଦି ଭାଗବତ, ହରିବଂଶ ତଥା ବିଭିନ୍ନ ପଦାବଳୀ ସାହିତ୍ୟରେ ବର୍ଣ୍ଣିତ । ତେଣୁ କାବ୍ୟ ବା ନାଟକ ଆଦିରେ ସଖୀ ବା ଦୂତୀର ଆବିର୍ଭାବ ହୋଇଥାଏ । ପ୍ରିୟମ୍ବଦା ଓ ଅନସୂୟା ସଖୀ ଭୂମିକା ମଣ୍ଡନ କଲେ ମଧ୍ୟ ବାକ୍‌ଚାତୁର୍ଯ୍ୟ ଓ ବୁଦ୍ଧିରେ ପ୍ରବୀଣା । କଣ୍ୱମୁନିଙ୍କ ଆଶ୍ରମରେ ପ୍ରତିପାଳିତା ଶକୁନ୍ତଳାଙ୍କ ସହିତ ସୁଖଦୁଃଖର ଅନୁଗାମିନୀ ହୋଇ ସେମାନେ ସମସ୍ତ ସୁଖକୁ ଜଳାଞ୍ଜଳି ଦେଇଛନ୍ତି । ବ୍ୟାସଦେବଙ୍କ ରଚିତ ମହାଭାରତରେ କେବଳ ଦୁଷ୍ମନ୍ତ, ଶକୁନ୍ତଳା ଓ ପୁତ୍ର ଭରତ ବ୍ୟତୀତ ଅନ୍ୟ କୌଣସି ଚରିତ୍ର ପାଠକଙ୍କର ଦୃଷ୍ଟି-ଗୋଚର ହୁଏ ନାହିଁ । କିନ୍ତୁ କାଳିଦାସ କାହାଣୀଟିକୁ ପ୍ରସାରଣ କରିବା ନିମନ୍ତେ ଦୁର୍ବାସା ଚରିତ୍ରକୁ ଆଣିଛନ୍ତି । ଯାହା ଫଳରେ ଗୌତମୀ, ପ୍ରିୟମ୍ବଦା, ଅନସୂୟା, ଶାର୍ଙ୍ଗରବ ଆଦି ଚରିତ୍ର ସୃଷ୍ଟି ହୋଇଛି । କିନ୍ତୁ ଗଙ୍ଗାଧର କାଳିଦାସଙ୍କର ସମସ୍ତ ଚରିତ୍ରକୁ ଅକ୍ଷୁର୍ଣ୍ଣ ରଖି ଦେବକନ୍ୟା ଓ ରାକ୍ଷସୀ କନ୍ୟାଙ୍କ କଳହରେ ନୀଳାଚଳ ଧାମର ଉଲ୍ଲେଖ ବାସ୍ତବିକ୍ ଆକର୍ଷଣୀୟ ହୋଇଛି ।

Digitized by srujanika@gmail.com

ଅନସୂୟା ଓ ପ୍ରିୟମ୍ବଦା ନାମ୍ନୀ ଦୁଇଜଣଙ୍କ ସହିତ ପାଠକ ପରିଚୟ ପାଆନ୍ତି ପ୍ରଥମ ସର୍ଗରେ । ରାଜା ଦୁଷ୍ମନ୍ତ ବିହାର କରିବା ଉଦ୍ଦେଶ୍ୟରେ ବନଗମନ କରିବାବେଳେ ଆଶ୍ରମ ପଥରେ ରମଣୀର ମଧୁମୟ କଣ୍ଠଧ୍ୱନି ତାଙ୍କର ଶ୍ରୁତିଗୋଚର ହୋଇଛି । ପ୍ରିୟମ୍ବଦା ଓ ଅନସୂୟା ନାମ୍ନୀ ସଖୀଦ୍ୱୟଙ୍କ ସହିତ ଶକୁନ୍ତଳାଙ୍କର ଆଳାପରୁ ରାଜା ସେମାନଙ୍କର ନାମ ଜାଣିଛନ୍ତି । ରୂପ ଗୁଣରେ ତିନିଜଣଙ୍କୁ ତିନିଜଣ ଅତୁଳନୀୟା । ପାଦପରେ ଜଳଦାନ କରନ୍ତା ଶକୁନ୍ତଳା ହଠାତ୍ ଦେଖିବାକୁ ପାଇଛନ୍ତି ଯେ, ନାୟକ ସହକାର ସଙ୍ଗିନୀ ନଆଳୀ ଲତାରେ ଫୁଲ ଫୁଟିଛି । ଶକୁନ୍ତଳାଙ୍କ ମନରେ ନଅଳୀଲତାକୁ ଦେଖି ଯେଉଁ ଆନନ୍ଦ ସୃଷ୍ଟି ହୋଇଛି · ଚତୁରୀ ପ୍ରିୟମ୍ବଦା ତାଙ୍କର ମନର ଭାବକୁ ବ୍ୟକ୍ତ କରିଛନ୍ତି —

ପ୍ରିୟମ୍ବଦା ତହିଁ ବୋଇଲେ ସଙ୍ଗାତ
ହୋଇଛି ଶୁଭ ସମୟ
ସହକାର ସଙ୍ଗେ ବନ ତୋଷିଣୀର
କରିଦିଅ ପରିଣୟ ।"

ଉପରୋକ୍ତ ଉକ୍ତିଟି ଶ୍ଳେଷ ଭାବାପନ୍ନ ବୋଧ ହୋଇଥାଏ । ଶକୁନ୍ତଳା ସମ୍ପୂର୍ଣ୍ଣ ଯୌବନା । ବିବାହ ଲଗ୍ନ ସମାଗତ ପ୍ରାୟ । ଏଣୁ ଉପଯୁକ୍ତ ପାତ୍ର ସହିତ ଶକୁନ୍ତଳାଙ୍କର ପରିଣୟ ହେବା ଉଚିତ । ଶକୁନ୍ତଳା ଏହାର ଅର୍ଥ ବୁଝି ନ ବୁଝିଲା ପରି ପ୍ରିୟମ୍ବଦାଙ୍କୁ ପୁରୋହିତ ହୋଇ କାର୍ଯ୍ୟ ସମ୍ପାଦନ କରିବାକୁ କହିଛନ୍ତି —

ଶକୁନ୍ତଳା ତହିଁ ବୋଇଲେ, "କୁମାରି
କରିଥାଅ ତେବେ ସତ୍ୟ
ତୁମ୍ଭ ପରିଣୟ- ପୁରୋଧା ହେବାକୁ
ଅକ୍ଷୁଣ୍ଣ ଥିବ ମୋ ସ୍ୱତ୍ୱ ।"

ପୁଣି ଅନସୂୟା ବିନମ୍ର ଭାବରେ ଜଣାଇଛି ଯେ, ପ୍ରକୃତି କନ୍ୟାର ପରିଣୟରେ ପ୍ରକୃତି ହିଁ ଅଂଶ ଗ୍ରହଣ କରିବ । ନଅଳୀ ସମାଜର ଦ୍ୱିଜଗଣ ପୁରୋହିତ ହେବେ, ତାରା ଖଚିତ ଆକାଶ ବକ୍ଷରେ ରୂପୁଚନ୍ଦ୍ରାତପ ଲମ୍ବିତ ହେବ, ମହୀଧରଗଣ ଦହୁଡ଼ି ହସ୍ତରେ ଚତୁର୍ଦ୍ଦିଗରେ ଶୋଭା ବର୍ଦ୍ଧନ କରିବେ । ବାଉଁଶ ବଣରେ ବାଣ ଫୁଟିବ, ମଲ୍ଲୀ ବଣରେ ମଧୁପ ହୁଳହୁଳି ଦେଉଥିବେ, ଚକୋର, ଚେଣ୍ଢେଇ ଆନନ୍ଦ ମନରେ ମଙ୍ଗଳ ସଙ୍ଗୀତ ଗାନ କରୁଥିବେ । ଏହିପରି ଶୁଭ ଅବସରରେ ମନ୍ଦ ମଳୟ ହିଲ୍ଲୋଳରେ ନଅଳୀର ହସ୍ତ ସହକାର ହସ୍ତରେ ସମର୍ପିତ ହେବ । ତପସ୍ୱୀ କନ୍ୟା ଓ ଶକୁନ୍ତଳାଙ୍କର ମଧୁର ଆଳାପ ଭିତରେ ଦୁଷ୍ଟ ମକ୍ଷିକା ଦାଉରୁ ରକ୍ଷା ପାଇବା ପାଇଁ ଶକୁନ୍ତଳା ସଖୀମାନଙ୍କୁ ଆହ୍ୱାନ କରିଛି —

"କବାଅ ପରିତ୍ତହୁଂ, ଦୁସ୍ସୁଦଂ ଅକ୍କନ୍ତଳ, ରାଅ ରକ୍ଖିଅ ଦବ୍ୟାଂ ତପୋବଣା ଇଂଣାମ୍ ।।"

Digitized by srujanika@gmail.com

ମେହେର ଲେଖିଛନ୍ତି—

"ଜାଣି ନ ଜାଣିଲା   ପରି ପ୍ରିୟମ୍ବଦା
କହିଲା କରି ବ୍ୟଞ୍ଜନା
ପୁରୁବଂଶ୍ୟ ପୁଣି   ତପୋବନ ମଧ୍ୟେ
ମଧୁବ୍ରତର ଗଞ୍ଜନା
ସଜନୀକି ଆମ୍ଭ   ନଅଳି ମଣିଛୁ
ଅଳୀଏ ଥାଉଁ ଗହଣେ
କେଉଁ ଦୁର୍ଜନ ସେ   ଦୁଷ୍ମନ୍ତ-ପ୍ରତାପ
ପଡ଼ନାହିଁ କି ତା କର୍ଣ୍ଣେ ?"

ଏହା ସାଧାରଣ ଆଳାପ ନୁହେଁ । ଏହି ବ୍ୟଙ୍ଗୋକ୍ତିପୂର୍ଣ୍ଣ ଆଳାପ ହିଁ ଦୁଷ୍ମନ୍ତଙ୍କୁ ଶକୁନ୍ତଳାଙ୍କ ପାଖକୁ ଆସିବାର ପଥକୁ ସୁଗମ କରିଦେଇଛି । ସତେ କ'ଣ ଦୁଷ୍ମନ୍ତ ଆସିଗଲେ ? ଏହା ସଖୀଦ୍ୱୟଙ୍କ ବୁଦ୍ଧିମତ୍ତାର ପରିଚୟ ନୁହେଁ ତ ଆଉ କ'ଣ ? ପ୍ରଶାନ୍ତ-ଶାନ୍ତ-ବିମଳ-ଗମ୍ଭୀର ତେଜୋଦୀପ୍ତ ଦୁଷ୍ମନ୍ତଙ୍କୁ ସୁଶୀତଳ ଛାୟାତଳେ ଚିକ୍କଣ ପ୍ରସ୍ତର-ଖଣ୍ଡର ଉପରିଭାଗରେ ନେଇ ପ୍ରିୟମ୍ବଦା ଉପବେଶନ କରାଇବା ବେଳେ ଅନସୂୟାଙ୍କୁ ପାଦ୍ୟାର୍ଘ୍ୟ ପାଇଁ ଜଣାଇଛି । ପୁନଶ୍ଚ ପ୍ରିୟମ୍ବଦା ଆଉ ବିଳମ୍ବ ସହି ନପାରି ରାଜାଙ୍କର ପରିଚୟ ପାଇବା ପାଇଁ ଅଗ୍ରସର ହୋଇ କହୁଛି—

"ଧୀର ମଣି, କେଉଁ   ବଂଶ-ଭୂଷା, କେଉଁ
ରାଜ୍ୟ କରି ଅସୁନ୍ଦର,
ଏତେ ଅନୁରାଗେ   କଲେ ସୁଶୋଭିତ
ଏ ବନେ ଅର୍ପି ପୟର ।"

ସୁଚତୁରା ପ୍ରିୟମ୍ବଦାର ବଚନଭଙ୍ଗୀ ଦୁଷ୍ମନ୍ତଙ୍କ ଆଶାତରୁ କୁସୁମିତ କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ପରିଣୟ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଛି । ସଖୀ ହିସାବରେ ଯେଉଁ କର୍ତ୍ତବ୍ୟ ସମ୍ପାଦନ କରିବା କଥା ତାହା ପ୍ରିୟମ୍ବଦା ଓ ଅନସୂୟା ସଜାଗ ରହି ସୁବ୍ୟବସ୍ଥରୂପେ କରି ଚାଲିଛନ୍ତି । ଶକୁନ୍ତଳାଙ୍କର ବିଷର୍ଣ୍ଣ ମନ ଦେଖିଲେ ସଙ୍ଗୀତ ମାଧ୍ୟମରେ ତାଙ୍କ ମନକୁ ପ୍ରଫୁଲ୍ଲିତ କରିବା ସଖୀ ହିସାବରେ ପ୍ରିୟମ୍ବଦା ଅପ୍ରାଣ ଚେଷ୍ଟା କରିଛି । ପ୍ରିୟମ୍ବଦା ଅନସୂୟାକୁ ସଙ୍ଗୀତଟିଏ ଗାନ କରିବାକୁ କହିବାରୁ ହାସ୍ୟ ମିଶ୍ରିତ ବ୍ୟଙ୍ଗୋକ୍ତି ପ୍ରକାଶ କରି କହୁଛି—"ମୃଦୁଗୀତ ଗାଇଲେ ପରାଣ ଦେବତା ହୋଇଯିବେ ଉପଗତ ।" ପ୍ରେମର ନିଗୂଢ଼ ତତ୍ତ୍ୱ ପରିବେଷଣ କରିବା ଭିତରେ ଦୁଷ୍ମନ୍ତ ସେଠାରେ ଉପସ୍ଥିତ । ଶକୁନ୍ତଳା ସଲଜ୍ଜ ବଦନରେ ଅନସୂୟା ଓ ପ୍ରିୟମ୍ବଦାଙ୍କ ଆଡ଼େ ଅନାଇବା ସମୟରେ ଅନସୂୟା ଶକୁନ୍ତଳାଙ୍କୁ ପଦ ପ୍ରକ୍ଷାଳନ ପାଇଁ ଆଦେଶ ଦେଇଛି ଏବଂ ପ୍ରିୟମ୍ବଦା କୋମଳ ସ୍ୱରରେ ଆସନ ସଜାଇ ଦେଇଛି । ସଦାଚାର ଗଢବଦ୍ଧ ସହିତ ସଚେତନ ରହି ପ୍ରିୟମ୍ବଦା ରାଜାଙ୍କୁ ପ୍ରଶ୍ନ କରିଛି—

Digitized by srujanika@gmail.com

"ପ୍ରିୟମ୍ବଦା ସଖୀ ନୃପଙ୍କୁ କହିଲା
ବନଫୁଲ ସମାଦୃତ
ହେବ କି ପ୍ରମଦା- ଗଣ୍ୟ ସାରସ୍ୱଷ୍ଟ
ସବୁ ଠାଇଁ ସମାଦୃତ ।"

ଶକୁନ୍ତଳାଙ୍କର ମା' ଥିଲେ କନ୍ୟାର ଭବିଷ୍ୟତ ମଙ୍ଗଳ ପାଇଁ ବ୍ୟଗ୍ର ହୋଇ-ପଡ଼ିଥା'ନ୍ତେ । କିନ୍ତୁ ସଖୀ ଦୁଇଜଣ ଶକୁନ୍ତଳାଙ୍କୁ ଏପରି ସ୍ନେହ କରୁଥାନ୍ତି ଯେ ନାୟିକାର ଭବିଷ୍ୟତ ମଙ୍ଗଳ ପାଇଁ ପ୍ରିୟମ୍ବଦା ଦୁଷ୍ମନ୍ତଙ୍କୁ ପ୍ରଶ୍ନ କରିଛି—

"ସଖୀ ପରିଣଇ ସଖୀ ପ୍ରତି, ସଖୀ-
ନନ୍ଦନ ପାଇବ କି ସେ ?
ବିଶ୍ୱାସଭଞ୍ଜନ ଶୁଣନ୍ତି ଜଗତେ
ନଦୀ, ନାରୀ, ନରାଧୀଶ ।"

ଉପରୋକ୍ତ ଉକ୍ତିଟିରେ 'ନନ୍ଦନ ପାଇବ କି ସେ' ? ମହାକବି କାଳିଦାସର ପ୍ରଶ୍ନ ଉତ୍ଥାପନ ଭଙ୍ଗୀକୁ କେତେକ ସମାଲୋଚନା କରିଛନ୍ତି । କିନ୍ତୁ ସଂସାରରେ ବାସ୍ତ ରହିବାକୁ ହେଲେ ଭବିଷ୍ୟତ ପ୍ରତି ଧ୍ୟାନ ଦେବାକୁ ହୋଇଥାଏ । ପୁନଶ୍ଚ ରାଜ ପରିବାରରେ ତଥା ରାଜାଙ୍କ ପକ୍ଷରେ ଏକାଧିକ ମହିଷୀ ରହିବା ଅସମ୍ଭବ ନୁହେଁ । ସେହି ଦୃଷ୍ଟିରୁ ଗଙ୍ଗାଧରଙ୍କ ଦୃଷ୍ଟିରେ ପ୍ରିୟମ୍ବଦା ଦ୍ୱାରା ଦୁଷ୍ମନ୍ତଙ୍କ ପ୍ରତି ପ୍ରଶ୍ନ ଉତ୍ଥାପନ ବାସ୍ତବିକ୍ ପ୍ରଶଂସାର୍ହ । ସଖୀଦ୍ୱୟଙ୍କ ଅନୁପସ୍ଥିତିରେ ମହର୍ଷି ଦୁର୍ବାସାଙ୍କ ଆଗମନରେ ଦୁଷ୍ମନ୍ତ ଚିନ୍ତାରତା ଶକୁନ୍ତଳା ଅତିଥିଙ୍କୁ ଅବହେଳା ପ୍ରଦର୍ଶନ କରିବାରୁ ତାଙ୍କଠାରୁ ପାଇଛନ୍ତି ଦୁର୍ବାର ଅଭିଶାପ । ସେହିଦିନଠାରୁ ତାଙ୍କ ଜୀବନରେ ଦେଖାଦେଇଛି ଦୁର୍ଦ୍ଦିନ । ତଥାପି ସେ ଜାଣିପାରି ନାହାନ୍ତି, ଦୁର୍ବାସାଙ୍କ ଅଭିଶାପ । ସଖୀଦ୍ୱୟ ତାଙ୍କୁ ବୃକ୍ଷର ଅନ୍ତରାଳରେ ବଲ୍କଳ ସଦୃଶ ଘେରି ରହିଥିବାରୁ ତାଙ୍କୁ କୌଣସି ସମୟରେ ବିପଦ ଗ୍ରାସ କରିପାରି ନାହିଁ । ଯେଉଁ ମୁହୂର୍ତ୍ତିରୁ ଶକୁନ୍ତଳା ସଖୀଙ୍କଠାରୁ ଦୂରେଇ ଯାଇଛନ୍ତି ସେହି ମୁହୂର୍ତ୍ତିରୁ ତାଙ୍କର ଜୀବନରେ ବିପଦ ଘନେଇ ଆସିଛି । ସଖୀଦ୍ୱୟଙ୍କ ଠାରୁ ଶକୁନ୍ତଳା ବିଦାୟ ନେଲାବେଳେ ସଖୀ ପ୍ରିୟମ୍ବଦା ଅଙ୍ଗୁରୀୟ କଥା ସ୍ମରଣ କରାଇ ଦେଇ ତାଙ୍କର ଅଞ୍ଚଳ କୋଣରେ ବାନ୍ଧି ଦେଇଛନ୍ତି । ଏହିଠାରେ ଦୁଇଜଣ ସଖୀଙ୍କର କର୍ତ୍ତବ୍ୟ ଶେଷ ହୋଇଛି ।

ଦୁଷ୍ମନ୍ତ :

ପ୍ରଣୟବଲ୍ଲରୀ କାବ୍ୟରେ ଦୁଷ୍ମନ୍ତ ହେଉଛନ୍ତି ଧୀରୋଦାତ୍ତ ନାୟକ, ହସ୍ତିନାର ଅଧୀଶ୍ୱର ଏବଂ କଣ୍ୱମୁନିଙ୍କ ଆଶ୍ରମପାଳିତା ଶକୁନ୍ତଳାଙ୍କର ରୂପମୁଗ୍ଧ ନାୟକ । ଧୀର ଲଳିତ ସ୍ୱଭାବଯୁକ୍ତ ଦୁଷ୍ମନ୍ତଙ୍କ ରାଜକୀୟ ଜୀବନରେ ଅନେକ ପ୍ରଗଲ୍ଭା ନାୟିକାର ଆବିର୍ଭାବ ଘଟିବା ବିଚିତ୍ର ନୁହେଁ; କିନ୍ତୁ ଶକୁନ୍ତଳାଙ୍କ ପ୍ରୀତି ଶାଣ ବାଣ କଟାକ୍ଷ ଦ୍ୱାହାଣୀରେ ଶୃଙ୍ଗାରସକ୍ତ ଦୁଷ୍ମନ୍ତଙ୍କୁ ଆକର୍ଷଣ କରିବା ଗଙ୍ଗାଧରଙ୍କ ରଚନାର ସମ୍ପୂର୍ଣ୍ଣ ମୌଳିକ ।

Digitized by srujanika@gmail.com

ପ୍ରଣୟବଲ୍ଲରୀ କାବ୍ୟର ପ୍ରଥମ ସର୍ଗରେ ପାଠକ ଯେତେବେଳେ ପ୍ରବେଶ କରେ ସେତେବେଳେ ଦୁଷ୍ମନ୍ତଙ୍କୁ ଦେଖେ ଜଣେ ମୃଗୟାବିଳାସୀ ପୁରୁଷ ଭାବରେ ।

"ମୃଗୟା ବିନୋଦେ   ଦୁଷ୍ମନ୍ତ ନରେଶ
ବିହାର କରନ୍ତି ବନେ
ପ୍ରଫୁଲ୍ଲ ହୃଦୟେ   ଧନୁଶର କରେ
ଶୋଭିତ ହୋଇ ସ୍ୟନ୍ଦନେ ।"

ଆଶ୍ରମର କମନୀୟ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ ଦୁଷ୍ମନ୍ତ ସମ୍ମୁଖରେ ଯେତେବେଳେ ଶୁଣିବାକୁ ପାଉଛନ୍ତି ଯେ ମଧୁର ଆଳାପରତା ରୂପସୀତ୍ରୟଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଶକୁନ୍ତଳା ଓ ଅନ୍ୟ ଦୁଇଜଣ ତାଙ୍କର ପ୍ରିୟସଖୀ ଅନସୂୟା ଓ ପ୍ରିୟମ୍ବଦା । ଆର୍ଦ୍ର ବସନ-ଜଡ଼ିତା ପ୍ରସାର ଜଘନା ଶକୁନ୍ତଳାଙ୍କର ଅପରୂପ ରୂପ ଲାବଣ୍ୟ ଦୁଷ୍ମନ୍ତଙ୍କୁ ଆତ୍ମହରା କରିଛି । ଦୁର୍ବିନୀତ ଭ୍ରମରତାଡ଼ିତା ଶକୁନ୍ତଳାଙ୍କର ବ୍ୟସ୍ତବିଳାପ ଆହ୍ୱାନ ଶ୍ରବଣ କରି ଦୁଷ୍ମନ୍ତ ଯେତେବେଳେ ଆଗେଇ ଆସିଛନ୍ତି ସେତେବେଳେ ଶକୁନ୍ତଳାଙ୍କର ନୟନ ଯୁଗଳ ଦୁଷ୍ମନ୍ତଙ୍କ ନୟନ ଯୁଗଳ ସହିତ ମିଶିଛି । ଦୁଷ୍ମନ୍ତଙ୍କୁ ଦେଖି ଶକୁନ୍ତଳା ଭାବିଛନ୍ତି, "ମର୍ତ୍ତ୍ୟରେ ଏପରି ରୂପ ତ ଦୁର୍ଲ୍ଲଭ" । ଦୁଷ୍ମନ୍ତଙ୍କର ଉଜ୍ଜ୍ୱଳ ବଦନଶ୍ରୀ, ଶୁଭ୍ରନଖ ପଙ୍କ୍ତିରଞ୍ଜିତ ପଦ ଯୁଗଳ ଶକୁନ୍ତଳାଙ୍କୁ ଅଭିଭୂତ କରିଛି । ଶକୁନ୍ତଳାଙ୍କ ଆଖିରେ ଦୁଷ୍ମନ୍ତ ଜଣେ ଭାଗ୍ୟବାନ ପୁରୁଷ । ଦୁଷ୍ମନ୍ତଙ୍କ ମଧୁର ଆଳାପ ତଥା ରୂପ ଗୁଣରେ ଶକୁନ୍ତଳା ମୁଗ୍ଧ । ଅଶ୍ୱାରୋହୀ ଦୁଷ୍ମନ୍ତଙ୍କର ତୀକ୍ଷ୍ଣ ଶର ଯେତେବେଳେ ଷୀଣକାୟ ମୃଗଶିଶୁକୁ ବଧ କରିବାକୁ ଉଦ୍ୟତ, ମୁନିକୁମାରଙ୍କ 'ନହନ୍ତୁଂ-ନହନ୍ତୁଂ' ଏହି ନିଷେଧ ବାକ୍ୟପ୍ରତି ଦୁଷ୍ମନ୍ତଙ୍କର ଦୃଷ୍ଟି ଆସିଛି । ମୁନିକୁମାରଙ୍କୁ ସମ୍ମାନ ପ୍ରଦର୍ଶନ କରିବାରୁ ସୂଚିତ ହୁଏ ଯେ ସେ ଜଣେ ଆଦର୍ଶ ରାଜା, ଦୟାଶୀଳ ପୁରୁଷ, ଶାନ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଭାବରେ । ରାଜକୀୟ ଅତୁଳ ଐଶ୍ୱର୍ଯ୍ୟରେ ବିମଣ୍ଡିତ ଛତ୍ରଛାୟାକୁ ଉଲ୍ଲଙ୍ଘନ କରି ଶାନ୍ତ ଶୀତଳ ଆଶ୍ରମର ତରୁତଳ ଛାୟାକୁ ଆଦରରେ ତଥା ଉତ୍କଣ୍ଠାରେ ଆବୋରି ନେଇଛନ୍ତି । ଉଚ୍ଛଳ ଯୌବନା ଶକୁନ୍ତଳାଙ୍କର ଦେହ ଓ ରୂପର ଆକର୍ଷଣରେ ଦୁଷ୍ମନ୍ତ କାମୋନ୍ମତ୍ତ ନହୋଇ ବ୍ୟକ୍ତିତ୍ୱର ପରାକାଷ୍ଠା ପ୍ରଦର୍ଶନ ପୂର୍ବକ ସଜାଗ ରହି ମନ ଓ ବିବେକକୁ ଉଲ୍ଲଙ୍ଘନ କରି କହି ଉଠିଛନ୍ତି—

"ମନ ପ୍ରତି ରାଜା   ବିବେକ ହୋଇଲି
ସସ୍ନେହ-ମିଷ୍ଟ ଭର୍ତ୍ସନେ
ନବ ସ୍ୱାଧୀନତା   ଏକ ଆଜ ତୋର
ପର ଦ୍ରବ୍ୟ ପ୍ରଲୋଭନେ ।"

ଜଣେ ଯୌବନୋନ୍ମତ୍ତ ରାଜାଙ୍କ ପ୍ରଣୟ ଉଲ୍ଲାସର ଆଦ୍ୟୋଚ୍ଛ୍ୱାସରେ ସଂଯମତା ବାସ୍ତବିକ୍ ବ୍ୟକ୍ତିତ୍ୱର ପ୍ରଥମ ଲକ୍ଷଣ । ଶକୁନ୍ତଳା ମୁନି ଆଶ୍ରମରେ ମୁନିନନ୍ଦିନୀ ଭାବରେ ପ୍ରତିପାଳିତା । ମୁନିନନ୍ଦିନୀ ପ୍ରତି ଜଣେ ରାଜାଙ୍କର କ୍ଷତ୍ରିୟୋଚିତ ବର୍ବର ଆଚରଣ ଗର୍ହିତ ଅପରାଧ । ଶକୁନ୍ତଳାଙ୍କୁ ଅନ୍ୱେଷଣ କରିବା ପାଇଁ ଦୁଷ୍ମନ୍ତଙ୍କ ମନ ଯେତେ ଆଗେଇ

Digitized by srujanika@gmail.com

ଯାଉଥାଏ, ମୁନିକନ୍ୟା ପ୍ରତି ଏ ଅପରାଧ ଅକ୍ଷମଣୀୟ ଭାବି ମନ ଓ ବିବେକର କଶାଘାତରେ ସେ ଜର୍ଜରିତ ହେଉଥାନ୍ତି । ମଧୁବ୍ରତର ଗଞ୍ଜଣା ସମୟରେ ଅବଳା ଅସହାୟା ଶକୁନ୍ତଳାଙ୍କୁ ଆଶ୍ୱାସନା ଦେଇ ଦୁଷ୍ଟଦଳନ କରିବା କ୍ଷତ୍ରିୟର ପ୍ରଧାନ ଧର୍ମ । ଯାହା ଅବ୍ୟକ୍ତ, ଅନାସକ୍ତ, ବୀରତ୍ୱ, ଧୈର୍ଯ୍ୟ, କର୍ତ୍ତବ୍ୟପରାୟଣତା ତାହା ଦୁଷ୍ମନ୍ତଙ୍କ ପାଖରେ ନିହିତ ଥିବାରୁ କାବ୍ୟର ପ୍ରଧାନ ନାୟକ ରୂପେ ଗଙ୍ଗାଧରଙ୍କ ଲେଖନୀରେ ଜୀବନ୍ତ ପୁଣି ଦୁଷ୍ମନ୍ତଙ୍କ ମନରେ କୌତୂହଳୋଦ୍ଦୀପକ ପ୍ରଶ୍ନ ଜାଗ୍ରତ ହୋଇଛି—

"ଚିର ବ୍ରହ୍ମଚାରୀ କଣ୍ୱ ମହାଋଷି
ପୁତ୍ରୀ ପାଇଲେ କେସନେ ?"

ସଖୀମାନଙ୍କ ଦ୍ୱାରା ଶକୁନ୍ତଳାଙ୍କ ଜନ୍ମ ବୃତ୍ତାନ୍ତ ଶ୍ରବଣ କରି ବନଗଜ ଉପଦ୍ରବକୁ ପ୍ରତ୍ୟାହତ କରି ଫେରିବା ପରେ ଦ୍ୱିତୀୟ ସର୍ଗରେ ଶକୁନ୍ତଳାଙ୍କ ପ୍ରେମ ପାଶରେ ବନ୍ଧା ହୋଇଛନ୍ତି । ତୃତୀୟ ସର୍ଗରେ ପ୍ରକୃତିର ସୌନ୍ଦର୍ଯ୍ୟ ଅବଲୋକନ କରୁ କରୁ ବେତସ କୁଞ୍ଜ ନିକଟରେ ଏକ ପ୍ରସ୍ତର ଖଣ୍ଡରେ ଉପବେଶନ କରି ସଙ୍ଗୀତ ଝଙ୍କାର ଶ୍ରବଣରେ ନିମଗ୍ନମାନ ହୋଇଛନ୍ତି । ନୃତ୍ୟ ଗୀତ ପ୍ରତି କ୍ଷତ୍ରିୟ ରାଜାଙ୍କର ଗଭୀର ଆସକ୍ତି ଥିବାରୁ ସେ ତାହା କରିଛନ୍ତି । ମଧୁର ଲଳିତ ସଙ୍ଗୀତର ମଧ୍ୟମସ୍ୱ ମୂର୍ଚ୍ଛନାରେ ରାଜାଙ୍କ ହୃଦୟର ପ୍ରେମ ଉଦ୍‌ବେଳିତ ହୋଇଛି । ପଞ୍ଚମ ସର୍ଗରେ ରାଜା ଦୁଷ୍ମନ୍ତଙ୍କର ନିରପେକ୍ଷ ଶାସନଦକ୍ଷତା, ଧର୍ମ, ବିବେକ, ଦାନ, କ୍ଷମାଶୀଳତା, ସତ୍ୟପରାୟଣତା, ପ୍ରଜାବତ୍ସଳତା ଆଦି ରାଜାଙ୍କର ଆଦର୍ଶ ଗୁଣ ରୂପେ ଚିତ୍ରିତ । ରାଜ୍ୟ ଶାସନରେ ପ୍ରଜାପତି ଯେପରି ସେ ଦୟାର ଆକର ଥିଲେ ସେହିପରି ଦୋଷୀ ପ୍ରତି ବଜ୍ରପରି କଠୋର ଥିଲେ । କଣ୍ୱମୁନିଙ୍କ ଆଶ୍ରମରୁ ଗୌତମୀ, ଶାର୍ଙ୍ଗରବ ଓ ଶାରଦ୍ୱତଙ୍କ ସହିତ ଶକୁନ୍ତଳା ଏକ ପକ୍ଷ ସହିତ ପତି ଗୃହଯାତ୍ରା କରିଛନ୍ତି । ଅଗ୍ନି ଗୃହରେ ଦୁଷ୍ମନ୍ତଙ୍କ ସହିତ ସେମାନଙ୍କର ସାକ୍ଷାତ ହୋଇଛି । କଣ୍ୱଙ୍କ ପ୍ରେରିତ ପତ୍ର ପାଠକରି ଦୁଷ୍ମନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଶକୁନ୍ତଳାଙ୍କୁ ପତ୍ନୀ ରୂପେ ଗ୍ରହଣ କରିବା ପାଇଁ ଅସ୍ୱୀକାର କରିଛନ୍ତି । ଯଦି ଶକୁନ୍ତଳା କୁମାରୀ ହୋଇଥାନ୍ତେ ତାହାହେଲେ ତାଙ୍କୁ ସେ ଗ୍ରହଣ କରିଥାନ୍ତେ । ମାତ୍ର ସେ ଗର୍ଭବତୀ, ପରସ୍ତ୍ରୀ । ନିଜ ସ୍ତ୍ରୀ ଭାବରେ ଗ୍ରହଣ କରିବା ଏକ ଗର୍ହିତ ଅପରାଧ । ଦୁଷ୍ମନ୍ତଙ୍କ ପ୍ରଦତ୍ତ ଅଙ୍ଗୁରୀୟକଟି ହଜି ଯାଇଥିବାରୁ ସେ ଆଜି ବିସ୍ମୃତ । ଦୁର୍ବାସାଙ୍କ ଅଭିଶାପର ଚରମ ପରିଣାମ । ଏହିଠାରେ ଦୁଷ୍ମନ୍ତଙ୍କ ଚରିତ୍ରରେ ଦୁର୍ବଳତା ଦେଖା ଦେଇଛି । ଜଣେ ସରଳା, ଅବଳା ତଥା ଆଶ୍ରମ କନ୍ୟା ତପସ୍ୱିନୀଙ୍କ ପ୍ରତି ଏ ଆଚରଣ ଅଶୋଭନୀୟ । ଏହିଠାରେ ମନ ଓ ବିବେକର ଯୁଦ୍ଧ ହୋଇଛି । ରାଜା କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ମାନସିକ କଷ୍ଟ ଅନୁଭବ କରିଛନ୍ତି । ଏଠାରେ କବି ଦୁଷ୍ମନ୍ତଙ୍କୁ ଏକ ସାଧାରଣ ମଣିଷର ଚରିତ୍ର ପ୍ରଦାନ କରିଛନ୍ତି ।

"ବୋଇଲେ ତାପସ କୁମାର, ପଠନେ
ବୁଝିଲି ପତ୍ରିକା ମର୍ମ
ଯାହା ଲେଖିଛନ୍ତି ମୁନି ତାହା ମୋର
ଧର୍ମ ନୁହେଁ ନୁହେଁ କର୍ମ ।"

Digitized by srujanika@gmail.com

ମହାଭାରତକାର ଦୁଷ୍ମନ୍ତଙ୍କୁ ଜଣେ କାମପ୍ରବଣ ନାୟକ ଭାବରେ ଚିତ୍ରଣ କରିବା-ବେଳେ ମେହେର ତାଙ୍କ ନାୟକଙ୍କୁ ଜଣେ କର୍ତ୍ତବ୍ୟପରାୟଣ ଧର୍ମନିଷ୍ଠ ସେବକ ତଥା ଜଣେ ଆଦର୍ଶ ପ୍ରେମିକ ଭାବରେ ଚିତ୍ରଣ କରିଛନ୍ତି । ତାଙ୍କର ଅନେକ ସଦ୍‌ଗୁଣ ଥିବା ଭିତରେ ଶକୁନ୍ତଳାଙ୍କୁ ଯେ ପରସ୍ତ୍ରୀ ଭାବି ଗ୍ରହଣ କରିନାହାନ୍ତି, ଏହା ତାଙ୍କର ଦୁର୍ଗୁଣର ଏକ ପରିଚୟ ତାଙ୍କର କୀର୍ତ୍ତିରାଜିକୁ ମ୍ଳାନ କରୁଥିବାର ଜଣାଯାଇଥାଏ । ପରକ୍ଷଣରେ ନିଜର ବୁଦ୍ଧି-ବିବେକର ଦୁର୍ବଳତାରେ କଷ୍ଟ ଅନୁଭବ କରି କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଶକୁନ୍ତଳାଙ୍କୁ ବର୍ଜନ କରି ସ୍ଥିର ହୋଇପାରି ନାହାନ୍ତି । ପ୍ରିୟତମା ପତ୍ନୀ ଶକୁନ୍ତଳାଙ୍କ ରୂପ ତାଙ୍କର ଆଖିରେ ଅହର୍ନିଶି ଭାସି ବୁଲୁଛି । ତବାନଳି ତାଙ୍କୁ ନୀରବ ପ୍ରତାଡ଼ିତ ହୋଇଛି । ଅନୁତାପାନଳରେ ଦଗ୍ଧୀଭୂତ ହୋଇ ରାଜା ଦୁଷ୍ମନ୍ତ ଡାଳାଡ଼ିପାଡ଼ି କରୁଛନ୍ତି । ନଗର, ଉଦ୍ୟାନ, ମନୁଷ୍ୟ, ପକ୍ଷୀ, ତରୁଲତା ଯେପରି ଦୁଷ୍ମନ୍ତଙ୍କ ଅପଯଶ ଗାନ କରୁଛନ୍ତି—

ଗଗନ ବିହଙ୍ଗ ଦଳ କହୁଛନ୍ତି
ପୁରୁବଂଶେ ହୋଇ ଜନ୍ମ
ଦୁଷ୍ମନ୍ତ ନୃପତି ଧର୍ମ ପତ୍ନୀ ତେଜି
କଲେ ଅତି ନୀଚ କର୍ମ
ସରେ ହଂସ ଦଳ କହୁଛନ୍ତି କିସ
ଗ୍ରାସି କରି କଳ କଳ
ବନଖଣ୍ଡ ପ୍ରାନ୍ତେ ଶାପ କଲେ ରାଜା
ଘୋର ବିଷ ହଳାହଳ ।

ସପ୍ତମ ସର୍ଗରେ ମେହେର ଦୁଷ୍ମନ୍ତଙ୍କୁ ଜଣେ ଆଦର୍ଶ ବୀର ନୃପତି, ଧାର୍ମିକ, ଦେବପ୍ରତିମ, ନୀତିବନ୍ତ, ଚରିତ୍ରବାନ ରୂପେ ବର୍ଣ୍ଣନା କରିଛନ୍ତି । ଉପରୋକ୍ତ ଗୁଣଗୁଡ଼ିକ ତାଙ୍କଠାରେ ପରିଦୃଷ୍ଟ ହେତୁ ସୁରାସୁର ଯୁଦ୍ଧରେ ଈଶ୍ୱର ନାଶନେ ପାଇଁ ତାଙ୍କର ଉପସ୍ଥିତି ଏକାନ୍ତ ଉପାଦେୟ ହୋଇଛି ।

ପ୍ରକୃତି ବର୍ଣ୍ଣନା :

ଆଧୁନିକ ଓଡ଼ିଆ କାବ୍ୟର ପ୍ରାଣପ୍ରତିଷ୍ଠାତା ରୂପେ ରାଧାନାଥ ସୁପରିଚିତ । ସେ ତାଙ୍କ କାବ୍ୟର ଅଭିମୁଖ୍ୟ ଓ ଗତିପଥକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା ଭିତରେ ପ୍ରକୃତିଚିତ୍ରକୁ ମଧ ପରିବର୍ତ୍ତନ କରିପାରିଛନ୍ତି । ସେ ତାଙ୍କ କାବ୍ୟର ନାନା ସ୍ଥାନରେ ନିଜର ମତ ପ୍ରଖ୍ୟାପନ କରିଯାଇଛନ୍ତି । ନିର୍ଜନ ଓ ନିସର୍ଗ ପ୍ରକୃତି ପ୍ରତି ରାଧାନାଥଙ୍କର ନିବିଡ଼ ଆକର୍ଷଣ ଥିଲାପରି ଗଙ୍ଗାଧରଙ୍କର କାବ୍ୟମାନସ ମଧ ପୁଷ୍ପ ଉଦ୍ୟାନର ସୌରଭ ବିକିରଣ କରିଛି ଏଥିରେ ସନ୍ଦେହର ଅବକାଶ ନାହିଁ । ପ୍ରକୃତିର ସୌନ୍ଦର୍ଯ୍ୟ ନିତ୍ୟନୂତନ ଓ ଅପରିବର୍ତ୍ତନୀୟ । ପ୍ରକୃତିରୁ ସୌନ୍ଦର୍ଯ୍ୟାନୁଭୂତି ଲାଭ ନିମନ୍ତେ ଭାବୁକର ଦୃଷ୍ଟି ପ୍ରୟୋଜନ । ପ୍ରକୃତିରୁ ସୁଷମା ଭୟଙ୍କରତା, କଠୋରତା ଆଦି ଅନୁଭବ କରିବା ଭିତରେ ଯେ ଆହ୍ଲାଦ ଅନୁଭବ କରେ ସେ ହେଉଛି ପ୍ରକୃତରେ ପ୍ରକୃତି ଉପାସକ । ଗଙ୍ଗାଧରଙ୍କର କାବ୍ୟର ଭାଷା ଉଦାତ୍ତ ଗମ୍ଭୀର

Digitized by srujanika@gmail.com

ନୁହେଁ, ସୁଲଳିତ ମଧୁର । ମନୋଜ୍ଞ ଶବ୍ଦାବଳୀ ପ୍ରୟୋଗ ମଧ୍ୟରେ କାବ୍ୟର ବିଷୟ ନିର୍ବାଚନ କରି ବର୍ଣ୍ଣନା ନୈପୁଣ୍ୟର ବିଶୁଦ୍ଧତା ପ୍ରତି ସଚେତନ ରହିବା ଗଙ୍ଗାଧରଙ୍କର ଏକ ବିଶେଷ ଗୁଣ । ପ୍ରାଚୀନ କିମ୍ବା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ପ୍ରକୃତି ଚିତ୍ରଣ ଯେଉଁଭଳି ଭାବରେ ହୋଇଛି, ଆଧୁନିକ ଯୁଗରେ ତାର ରୂପ ପରିବର୍ତ୍ତିତ ହୋଇ ନୂତନ ଆକାର ଧାରଣ କରିଛି । ମାନବର ଶିକ୍ଷାଦାତ୍ରୀ ରୂପେ ରାଧାନାଥଙ୍କ କାବ୍ୟର ପ୍ରକୃତି ପ୍ରଧାନ ଦୃଷ୍ଟାନ୍ତ । ଗଙ୍ଗାଧର ତପସ୍ୱିନୀ ଓ ପ୍ରଣୟବଲ୍ଲରୀରେ ପ୍ରାଚୀନ ଓ ମଧ୍ୟଯୁଗୀୟ ପ୍ରକୃତି ଚିତ୍ର ସାଙ୍ଗକୁ ଆଧୁନିକ ଚିନ୍ତା ମଧ୍ୟ ସ୍ପଷ୍ଟ ସୂଚିତ । ପ୍ରଣୟବଲ୍ଲରୀର ନାମକରଣରେ କବିଙ୍କର ପ୍ରକୃତି ପ୍ରେମ-ପ୍ରବଣତା ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ପ୍ରଣୟବଲ୍ଲରୀରେ ସାତଗୋଟି ସର୍ଗକୁ କବି ଅଙ୍କୁର, ପଲ୍ଲବ, ପ୍ରସୂନ, ସୌରଭ, ପୁଷ୍ପକୀଟ, ଫଳ ଓ ଛାୟା ଭାବରେ ସୂଚିତ କରିବା କବିଙ୍କର ପ୍ରକୃତି ପ୍ରେମିକତାର ଜ୍ୱଳନ୍ତ ନିଦର୍ଶନ ।

ପ୍ରଣୟବଲ୍ଲରୀ ରଚନାକାଳରେ କବି ଗଙ୍ଗାଧର ପ୍ରକୃତି ଚିତ୍ର ଅଙ୍କିବାକୁ ଯାଇ ମହାକବି କାଳିଦାସଙ୍କ ଅନୁସରଣ କରିବା ଜଣାପଡ଼େ । କାଳିଦାସଙ୍କ ଶକୁନ୍ତଳା ଅନାଘ୍ରାତ ପୁଷ୍ପ, ଅନାବିଦ୍ଧ ରତ୍ନ, ଅଲୂନ କିଶଳୟ; କିନ୍ତୁ ଗଙ୍ଗାଧରଙ୍କ ଶକୁନ୍ତଳା ବିଧାତା-ମାନସ-ଲତା-ଚୂଡ଼ ଶୋଭି ଫୁଲ । ସେ ଫୁଲ ଅମୂଲ୍ୟ ଅତୁଳ୍ୟ । ସ୍ୱର୍ଗ୍ୟଦେବୀଙ୍କର ଯୋଗ୍ୟ ଶିରୋଭୂଷଣ । ସୌନ୍ଦର୍ଯ୍ୟ ରସିକ କବି ଗଙ୍ଗାଧର ମନର କଳ୍ପନା ଢାଳି ମାନସ କନ୍ୟାର ଯେଉଁ ଲାବଣ୍ୟ ମୂର୍ତ୍ତି ଅଙ୍କନ କରିଛନ୍ତି ତା'ର ପ୍ରକୃତ ପୂଜାରୀ ହେଉଛନ୍ତି ପ୍ରେମିକ ଦୁଷ୍ମନ୍ତ । ଦୁଷ୍ମନ୍ତ ଶକୁନ୍ତଳାଙ୍କୁ ଦେଖି ଭାବିଛନ୍ତି —

"ସ୍ୱର୍ଗୀୟ ଲତାର ନବକୁସୁମ ଏ
ସ୍ୱର୍ଗୀୟ ସୁଷମାନ୍ୱିତ
ସ୍ୱର୍ଗୀୟ ସୌରଭ ସ୍ୱର୍ଗୀୟ ମାର୍ଦ୍ଦବ
ଅନାଘ୍ରାତ ଅଚୁମ୍ବିତ ।"

କବି ଗଙ୍ଗାଧର କାବ୍ୟରେ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ପ୍ରେମଚିତ୍ର ବର୍ଣ୍ଣନା କରିବା-ବେଳେ ଦୁଷ୍ମନ୍ତଙ୍କୁ ଯେଉଁ ଶୋଭାରାଶି ଅନଳଖଣ୍ଡ ପ୍ରାୟ ପ୍ରତୀତ ହୋଇଛି, ପରିଚୟ ଲାଭ ପରେ ତାହା ତାଙ୍କୁ ରତ୍ନ ଦର୍ପଣ ବୋଧ ହେବା ସଙ୍ଗେ ସଙ୍ଗେ ପାଠକର ପ୍ରାଣକୁ ଉଲ୍ଲସିତ କରିଥାଏ । ପୁନଶ୍ଚ ଦୁଷ୍ମନ୍ତ ବୃକ୍ଷ ଅନ୍ତରାଳରୁ ନବକୁସୁମ ସଦୃଶ ଉଲ୍ଲସିତ ଉଚ୍ଛଳ ଯୌବନା ଶକୁନ୍ତଳାଙ୍କୁ ଦେଖି ଆତ୍ମବିସ୍ମୃତ ହୋଇ କହିଛନ୍ତି —

"ବିସ୍ତାରିତ ହୋଇ ପଡ଼ିଛି ତଥାପି
ଲଳନା-ଲାବଣ୍ୟ ପ୍ରଭା
ଯଥା ଶିବ ଜଟ- ଚନ୍ଦ୍ରିକା-ଶୈବାଳ
ବେଷ୍ଟିତ ପଦ୍ମିନୀ ଅବା ।

Digitized by srujanika@gmail.com

କଳଙ୍କ ହିଁ ଥାଇ   କଳାକର କୋଳେ
କରଇ ନେତ୍ର ରଞ୍ଜନ
ସ୍ୱଭାବ ସୁନ୍ଦର   ଅଙ୍ଗକୁ ଜଗତେ
ନହୁଏ କଣ ମଣ୍ଡନ ?"

ସନ୍ଧ୍ୟା ଆଗତପ୍ରାୟ । ପ୍ରେମିକ ପ୍ରେମିକାଙ୍କର ପୂର୍ବରାଗର ସୂଚନା ଦ୍ୱିତୀୟ ସର୍ଗରେ ପ୍ରତିଭାତ ।

"ଶକୁନ୍ତଳା ପୂର୍ବ   ସ୍ୱଭାବ ସହିତ
ଦିବାକର ହେଲେ ଅସ୍ତ,
ନବୀନ ପ୍ରକୃତି-   ସଙ୍ଗେ ତାରନବ-
ସନ୍ଧ୍ୟା ହେଲା ଉପଗତ ।
ଗଗନ ପବନ   ବନ ଅଭିନବ
ହେଲା ତା' ନବ ଯୌବନେ,
ସନ୍ଧ୍ୟାରାଗ ସହ   ନବ-ରାଗ ଜାତ
ହେଲା ନବୀନାର ମନେ ।"

ଶକୁନ୍ତଳା ଓ ଦୁଷ୍ମନ୍ତଙ୍କର ପ୍ରୀତି ସମ୍ଭାଷଣ ଭିତରେ ସୂର୍ଯ୍ୟ ଅସ୍ତାଚଳକୁ ଢଳିପଡ଼ି ରନ୍ଧ୍ର ପଥ ଦେଇ ପ୍ରେମିକ ପ୍ରେମିକାଙ୍କୁ ଅବଲୋକନ କରନ୍ତି । ପ୍ରେମିକର ପ୍ରୀତି ଭାବ ବିଶେଷ ଭାବରେ ସଞ୍ଚାରିତ ହେଲେ କିପରି ସେ ପ୍ରେମିକାକୁ କର ପ୍ରସାରଣ କରିଥାଏ, ତାହା ମେହେରଙ୍କ ତୂଳିରେ ଏଠାରେ ଜୀବନ୍ତ ରୂପ ଲାଭ କରିଛି ।

"ଏ ରୂପେ ବିବିଧ   କୌତୁକ ବିନୋଦେ
ବେଳ ହେଲା ଅବସାନ,
କୁଞ୍ଜ ରନ୍ଧ୍ର ପଥେ   ରଶ୍ମି ତାଙ୍କ ଗତି
ସ୍ନିଗ୍ଧ ହେଲେ ବିବସ୍ୱାନ ।
ପର ପ୍ରେମ ରଶ୍ମି   ନିଜ ପ୍ରେମ ସଦା
ହୋଇଥାଏ ବିସ୍ତାରିତ,
ଛାୟା ଲୋଭେ ତରୁ-   ମୂଳକୁ ଭାସ୍କର
କର କଲେ ପ୍ରସାରିତ ।
ଭାନୁ ଆଲିଙ୍ଗନେ   ପ୍ରଫୁଲ୍ଲ ବିଗ୍ରହେ
ଛାୟା ତେଜି ତରୁତଳ,
ହୃଦସ୍ଥାଦ୍ରି କୁଞ୍ଜ   ବିଳାସ ଲାଳସେ
ଚଳିଲା ହୋଇ ଚଞ୍ଚଳ ।
ଗଲାବେଳେ ଲମ୍ବ   ହୋଇପଡ଼ି ଛାୟା
ତରୁବର ପଦଧରି,

Digitized by srujanika@gmail.com

ବୋଇଲା ଆସିବ   ଆସିବେ ଯଦ୍ୟପି
ମୋ ଚନ୍ଦ୍ରିକା ସଙ୍ଗତସ୍ଥ ।"

କାବ୍ୟର ଷଷ୍ଠ ସର୍ଗଟି କବିଙ୍କ ଦ୍ୱାରା ବସନ୍ତ ଋତୁ ଆଗମନର ବର୍ଣ୍ଣନା ପ୍ରଦତ୍ତ ହୋଇଛି । ଋତୁ ବର୍ଣ୍ଣନାରେ କବିଙ୍କର ବସନ୍ତ ଋତୁ ଶିଶିରର ସନ୍ତାନ ରୂପେ ପରିକଳ୍ପିତ । ବସନ୍ତର ଆଗମନରେ ଧରାବକ୍ଷର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ପୁତ୍ର ଜନ୍ମମାତ୍ରେ ସମାଜର ରୀତିନୀତି ଅନୁଯାୟୀ ପିତା ପକ୍ଷରେ ଯାହା ପାଳନ କରିବା ପ୍ରକୃତି ମାଧ୍ୟମରେ ତାହା କରାଯାଇଛି । ବଡ଼ହେଲା ପରେ ପିତା ତାକୁ ସମସ୍ତ ଦାୟିତ୍ୱ ଦେଇ ବାନପ୍ରସ୍ଥ ଅବଲମ୍ବନର ଉଦାହରଣ ପ୍ରକୃତି ମାଧ୍ୟମରେ କବି ଏହି ସର୍ଗରେ ପ୍ରତିପାଦନ କରିଛନ୍ତି । କବି ଏହି କାବ୍ୟରେ ବହିଃପ୍ରକୃତି ଓ ଅନ୍ତଃପ୍ରକୃତି ଉଭୟର ଏକ ବାସ୍ତବ ଚିତ୍ର ପ୍ରଦର୍ଶନ କରିବାରେ ସିଦ୍ଧହସ୍ତତା ଅର୍ଜ୍ଜନ କରିଛନ୍ତି । ଯାହା ଫଳରେ ସେ ଜଣେ ଉଚ୍ଚକୋଟୀର କବିରୂପେ ଓଡ଼ିଆ ସାହିତ୍ୟାକାଶରେ ସୁପରିଚିତ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଆଶ୍ରମ ଚିତ୍ର :

ପୁରାଣର କଥାବସ୍ତୁ ଚୟନରେ କବି ଗଙ୍ଗାଧର ସିଦ୍ଧହସ୍ତ ଥିଲେ । ଭାରତର ପ୍ରାଚୀନ ସାହିତ୍ୟ ଓ ସଂସ୍କୃତର କଥାବସ୍ତୁର ଜୀବନାଲେଖ୍ୟ ତାଙ୍କ କାବ୍ୟରେ ପ୍ରଖ୍ୟାପନ କରିବା ଭିତରେ କଚଦେବ, ପ୍ରେମିକ, ଶାସକ ତଥା ଆଦର୍ଶ ପତ୍ନୀ ଓ ଆଦର୍ଶ ପ୍ରେମିକାଙ୍କର ଦୃଶ୍ୟପଟ୍ଟ ଅଙ୍କନ କରି ଯାଇଛନ୍ତି । କେବଳ ପ୍ରଣୟବଲ୍ଲରୀରେ ନୁହେଁ, ତପସ୍ୱିନୀ, ଇନ୍ଦୁମତୀ, କୀଚକବଧ ଆଦି ତା'ର ଜ୍ୱଳନ୍ତ ନିଦର୍ଶନ । ମୁନି ଋଷି ବା ତପସ୍ୱୀଙ୍କର ଜୀବନାଦର୍ଶ ଭିତରେ ତପୋବନ ବା ଆଶ୍ରମର ବାସ୍ତବଚିତ୍ର ଅଙ୍କନ କରି କବି ସ୍ୱକୀୟ ପ୍ରତିଭାର ମୌଳିକତା ପ୍ରଦର୍ଶନ କରିଛନ୍ତି । ବିଶେଷଭାବରେ ପାଠକ ତପସ୍ୱିନୀ ଓ ପ୍ରଣୟବଲ୍ଲରୀରେ ଆଶ୍ରମ ଜୀବନଯାପନ ପାଠକଲା ବେଳେ ସେ ନିଜକୁ ତହିଁରେ ସମ୍ପୂର୍ଣ୍ଣ ରୂପେ ହଜାଇ ଦେଇଥାଏ । ପ୍ରଣୟ ବଲ୍ଲରୀରେ ଆଶ୍ରମର ପ୍ରକୃତି ବର୍ଣ୍ଣନା ବାସ୍ତବିକ୍ କବି, ଭାବୁକ ତଥା ରସଲିପ୍ସୁ ପାଠକର ଚିତ୍ତକୁ ଦ୍ରବୀଭୂତ କରିଥାଏ ।

ପୁରୁବଂଶାଧିପତି ପ୍ରଥିତଯଶା ଦୁଷ୍ମନ୍ତ କଣ୍ୱାଶ୍ରମର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ବେଳେ ସେ ଏପରି ନିମଗ୍ନ ଯାଇଥିଲେ ଯେ, ହସ୍ତିନାର ଦ୍ୱିତଳ ତ୍ରିତଳ ପ୍ରାସାଦର ଅନୁପମ ସୌନ୍ଦର୍ଯ୍ୟ ମଧ୍ୟ ତାଙ୍କୁ ତୁଚ୍ଛବୋଧ ହୋଇଛି । ଆଶ୍ରମରେ ପଶୁପକ୍ଷୀଙ୍କର ଅବାଧ ଗତିବିଧି, ମୁନିକୁମାରଙ୍କ ହସ୍ତରୁ ମୃଗମାନଙ୍କର କୁଶାଙ୍କୁର ଭକ୍ଷଣ ଓ ବିଚରଣ କରିବା ଭିତରେ ରାଜାଙ୍କୁ ଦେଖି ଭୟଭୀତ ନ ହେବା ଆଦି ଦୃଶ୍ୟ ରାଜାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି ।

"ମୁନି କୁମାରଙ୍କ   ହସ୍ତ କୁଶାଙ୍କୁର
ଭକ୍ଷଣରେ ଚିରାଭ୍ୟସ୍ତ
ଚରୁଛନ୍ତି ମୃଗ-   ଗଣ କାହିଁ ନୃପ
ଦର୍ଶନେ ନ ହୋଇ ତ୍ରସ୍ତ ।"

Digitized by srujanika@gmail.com

ଆଶ୍ରମର ମନୋରମ ପରିବେଶର ପ୍ରକୃତ ଚିତ୍ର ଅଙ୍କନ କରିବାକୁ ଯାଇ କବି ଗଙ୍ଗାଧର ଅନିନ୍ଦ୍ୟ ସୁନ୍ଦରୀ ଶକୁନ୍ତଳାର ସୌନ୍ଦର୍ଯ୍ୟ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ବଲ୍‌କଳ ବସ୍ତ୍ର ପରିହିତା ଶକୁନ୍ତଳାଙ୍କ ସହିତ ସଖୀ ଅନସୂୟା ଓ ପ୍ରିୟମ୍ବଦାଙ୍କର ବୃକ୍ଷମୂଳରେ ବିଭିନ୍ନ ଭଙ୍ଗୀରେ ଜଳଦାନ, ନୃପତିଙ୍କ ମନକୁ ଭାବାବେଶରେ ମୁଗ୍ଧ କରିଛି । ଆଶ୍ରମରେ ଜୀବନଯାପନ କରିବା ବେଳେ ତପସ୍ୱୀ ଓ ତପସ୍ୱିନୀଙ୍କୁ ଆଶ୍ରମର ନିୟମାଦି ପାଳନ କରିବା ସଙ୍ଗେ ସଙ୍ଗେ କଠୋର କର୍ତ୍ତବ୍ୟାନୁବର୍ତ୍ତିତା ଦେବାକୁ ପଡ଼ିଥାଏ । ଏଥିରୁ ବ୍ୟତିକ୍ରମ ହେଲେ ତାଙ୍କୁ ବିପଦର ସମ୍ମୁଖୀନ ହେବାକୁ ପଡ଼େ । ଦୁର୍ବାସାଙ୍କ ପ୍ରତି ଅବହେଳାରୁ ହିଁ ଶକୁନ୍ତଳା ଲାଭ କରିଛନ୍ତି ଦୁର୍ବାର ଅଭିଶାପ । ଏକଦା ଶକୁନ୍ତଳା ଏକାକିନୀ ଦୁଷ୍ମନ୍ତଙ୍କ କଥା ଚିନ୍ତା କରୁଥିବାବେଳେ ମହର୍ଷି ଦୁର୍ବାସାଙ୍କର ଯେ ଆଗମନ ହୋଇଛି ତାହା ତାଙ୍କୁ ଅଜଣା ଥାଏ । ଆଶ୍ରମରେ ଜୀବନଯାପନ କଲାବେଳେ ଅତିଥିଙ୍କ ପ୍ରତି ପୂଜ୍ୟ ପୂଜା ବିଧାନର ବ୍ୟତିକ୍ରମ କରିବା ହେଉଛି ଅକ୍ଷମଣୀୟ ଅପରାଧ । ଏଣୁ କ୍ରୋଧରେ ଜର୍ଜରିତ ହୋଇ ମହାକୋପୀ ଦୁର୍ବାସା ଶକୁନ୍ତଳାଙ୍କୁ ଦେଇଛନ୍ତି ଦୁର୍ବାର ଅଭିଶାପ ଯେ, ଯାହା ଚିନ୍ତାରେ ସେ ଚିନ୍ତାନ୍ୱିତା ହୋଇଛନ୍ତି ସମ୍ମୁଖରେ ଥାଇ ପରିଚୟ ଦେଲେ ମଧ୍ୟ ସେ ତାଙ୍କୁ ଚିହ୍ନିବେ ନାହିଁ । ଏହାହିଁ ଆଶ୍ରମ ଜୀବନରେ ଏକ ମହାନ୍ କର୍ତ୍ତବ୍ୟ । ଆଶ୍ରମରେ ଆଶ୍ରମବାସୀଙ୍କର ବଲ୍‌କଳ ପରିଧାନ କରିବା, ଆଶ୍ରମରେ ଆଶ୍ରିତ ହୋଇ ଦୁଷ୍ମନ୍ତ ଆତିଥ୍ୟ ଗ୍ରହଣ କରିବା ଆଦି ଦୃଶ୍ୟ ଆଶ୍ରମ ଜୀବନର ପ୍ରଧାନ ଅବଲମ୍ବନ ଭାବରେ ସୂଚିତ । ଆଶ୍ରମରେ ବାସକରୁଥିବା ମୁନିମାନଙ୍କଠାରୁ କେତେକ ଅଲୌକିକତାର ସୂଚନା ମିଳିଥାଏ । ମୁନିଋଷିମାନେ ତ୍ରିକାଳଦର୍ଶୀ ଥିବାର ପ୍ରମାଣ ପୁରାଣମାନଙ୍କରେ ବର୍ଣ୍ଣିତ । ଶକୁନ୍ତଳାଙ୍କର ପତିଗୃହ ଯାତ୍ରାବେଳେ ହାରୀତ ନାମକ ଏକ ଋଷିପୁତ୍ର ଦ୍ୱାରା ଆନୀତ ଅଳଙ୍କାରପୂର୍ଣ୍ଣ ଥାଳିର ବିବରଣୀ କବି କାବ୍ୟରେ ଯାହା ପ୍ରଦତ୍ତ କରିଛନ୍ତି ତାହା ଭାବିଲେ ବାସ୍ତବିକ୍ ଆଶ୍ଚର୍ଯ୍ୟ ଲାଗେ ।

ଏତଦ୍‌ବ୍ୟତୀତ କାଶ୍ୟପ ଋଷିଙ୍କ ଆଶ୍ରମର ବର୍ଣ୍ଣନା କବି ଯାହା ପ୍ରଦତ୍ତ କରିଛନ୍ତି ତାହା କଣ୍ୱମୁନିଙ୍କର ଆଶ୍ରମର ବର୍ଣ୍ଣନାଠାରୁ ଆହୁରି ଚମତ୍କାର । ଦୁଷ୍ମନ୍ତ ସ୍ୱର୍ଗରୁ ଫେରି ଯେତେବେଳେ କାଶ୍ୟପ ଋଷିଙ୍କ ଆଶ୍ରମରେ ପହଞ୍ଚିଛନ୍ତି, ସେତେବେଳେ ଶିଶୁ ସର୍ବଦମନ ଗୋଟିଏ ସିଂହଶାବକକୁ ଧରି ସେଠାରେ ଖେଳୁଥାଏ । ଶିଶୁ ପାଖରେ ଥିବା ତାପସୀ ସିଂହକୁ ଛାଡ଼ିଦେବା ପାଇଁ ବାରମ୍ବାର ଅନୁରୋଧ କଲେ ମଧ୍ୟ ଶିଶୁଟି ଛାଡୁନଥାଏ । ତା'ପରେ ତାପସୀ ଦେଖିଛନ୍ତି ଯେ, ଶିଶୁ ହସ୍ତରେ ଥିବା ରକ୍ଷାକାଣ୍ଡଟି ତଳେ ପଡ଼ିଛି । କବିଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ରକ୍ଷାକାଣ୍ଡର ବିବରଣୀ ବାସ୍ତବିକ୍ ଅଲୌକିକତା ମଣ୍ଡିତ ।

କବି ପ୍ରଦତ୍ତ ବିଚିତ୍ର କାବ୍ୟରେ ଆଶ୍ରମ ଜୀବନର ବୈଶିଷ୍ଟ୍ୟ ପ୍ରତିପାଦନ କରିବାକୁ ଯାଇ ଅତି ଅଲୌକିକତା, ଅତିବାସ୍ତବତାର ପରିଚୟ ପ୍ରଦାନ କରିଛନ୍ତି । କିନ୍ତୁ ତାହା ଅସ୍ୱାଭାବିକତାରେ ପରିପୂର୍ଣ୍ଣ ନ ହୋଇ ଆଦର୍ଶବାଦିତାର ଉଜ୍ଜ୍ୱଳ ଚିତ୍ର ବହନ କରିଛି ।

□□□

Digitized by srujanika@gmail.com

କବିଙ୍କ ମାନସ ନନ୍ଦିନୀ ତପସ୍ୱିନୀ

ଆଧୁନିକ ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ମେହେର ସ୍ୱଭାବ କବି ରୂପେ ପରିଚିତ । ତାଙ୍କର ବିଭିନ୍ନ କାବ୍ୟ କବିତାରେ ଆଦର୍ଶ ଚରିତ୍ରକୁ ଆଦର୍ଶ ରୂପରେ ଚିତ୍ରଣକରି ଆଦର୍ଶ-ବାଦୀ କବି ହୋଇପାରିଛନ୍ତି । କବିର ଭାବରେ ଗଠିତ ହୁଏ କବିତା ଓ କବିତାର ଆଦର୍ଶରେ ପ୍ରକଟିତ ହୁଏ କବିର ପ୍ରତିଭା । ଗଙ୍ଗାଧରଙ୍କଠାରେ ରାଧାନାଥଙ୍କ ପରି ଯୋଗ୍ୟତା ନଥିଲେ ମଧ୍ୟ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଓଡ଼ିଆ ସାହିତ୍ୟାକାଶରେ ସେ ଯେ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ଥିଲେ ଏଥିରେ ସନ୍ଦେହର ଅବକାଶ ନାହିଁ । ତାଙ୍କର ସୃଷ୍ଟି ସମ୍ପଦ ଭିତରେ ରସଭୁକ୍ତ ରସିକଙ୍କ ପାଇଁ ରସ ଚେତନାର ଅଫୁରନ୍ତ ଗନ୍ଧ ରହିଛି । ଲଳିତ ଶବ୍ଦସମ୍ଭାର ପ୍ରୟୋଗ କରି ଚିନ୍ତା ରାଜ୍ୟରେ ସେ ଆଣିଛନ୍ତି ଅଭୂତପୂର୍ବ ଆଲୋଡ଼ନ । ମହାଭାରତୀୟ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ଉନ୍ନତ ଭାଷା ଓ ଭାବ ସ୍ଥାପନକରି ଓଡ଼ିଆ ସାହିତ୍ୟ ଜଗତରେ ହୋଇଛନ୍ତି ନମସ୍ୟ । ତନ୍ମଧ୍ୟରୁ 'ତପସ୍ୱିନୀ' ମେହେରଙ୍କର ସର୍ବଶ୍ରେଷ୍ଠ କୃତି ଓ ସୃଷ୍ଟି । 'ତପସ୍ୱିନୀ' କାବ୍ୟରେ ମେହେର ସୀତାଙ୍କୁ ଆଦର୍ଶ ପତ୍ନୀ ଓ ରାମଚନ୍ଦ୍ରଙ୍କୁ ଆଦର୍ଶ ସ୍ୱାମୀ ରୂପରେ ବର୍ଣ୍ଣନା କରିଛନ୍ତି । ଗଙ୍ଗାଧରଙ୍କର କାବ୍ୟ ରଚନାର ମୌଳିକତା, ଭାବ ଗମ୍ଭୀରତା, ଦୃଷ୍ଟିକୋଣର ଅନ୍ତର୍ମୁଖୀନତା ଓ ଭାଷାର ସରଳତା ତାଙ୍କର ସୃଷ୍ଟି ସମ୍ପଦକୁ ଉତ୍ତାଳ ତରଙ୍ଗ ଭିତରେ ବୁଡ଼ାଇ ରଖିଛି । ଚିରହାସ୍ୟମୟୀ, ଲାସ୍ୟମୟୀ ସୁନ୍ଦରୀ ପ୍ରକୃତି କେତେବେଳେ ମନୁଷ୍ୟ ସହିତ ଆଳାପ କରୁଛି ତ କେତେବେଳେ ବିଳାପ କରୁଛି । କେତେବେଳେ ହସୁଛି ତ କେତେବେଳେ ସମ୍ବେଦନା ପ୍ରକାଶ କରୁଛି । ମହାଭାରତୀୟ ଜୀବନର ଆଦର୍ଶ ଚରିତ୍ର ପ୍ରତୀକ ଭାବରେ ସୀତା, ଶକୁନ୍ତଳା, ଇନ୍ଦୁମତୀ, ରାମଚନ୍ଦ୍ର ଦୁଷ୍ମନ୍ତ ଆଦି ପ୍ରଧାନ । ଭାରତୀୟ ଜୀବନରେ ମହନୀୟ ଆଦର୍ଶ ରୂପେ ଏମାନଙ୍କୁ ଚିତ୍ରଣ କରି ମେହେର କାବ୍ୟ ଜଗତରେ ବୈପ୍ଳବିକ ସ୍ୱର ଉତ୍ତୋଳନ କରିଛନ୍ତି ।

ତପସ୍ୱିନୀ କାବ୍ୟଟି ଏକାଦଶ ସର୍ଗରେ ସମାପ୍ତ ହୋଇଛି । ଏହା ୧୯୧୩ ମସିହା ଅଗଷ୍ଟ ମାସ ୨୪ ତାରିଖରେ ସମ୍ପୂର୍ଣ୍ଣ ହୋଇଥିବା କଥା କବି ଶ୍ରୀ ବ୍ରଜମୋହନ ପଣ୍ଡାଙ୍କୁ ପତ୍ରଦ୍ୱାରା ଜଣାଇଥିଲେ । ୧୯୧୪ ମସିହାରେ ଉକ୍ତ କାବ୍ୟଟି ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା । ଏହି ଗ୍ରନ୍ଥ ସମ୍ବନ୍ଧରେ ଗ୍ରନ୍ଥାବଳୀରେ ପଣ୍ଡିତ ମାଧବ ମିଶ୍ର ଦର୍ଶାଇଛନ୍ତି— ସୁବିଖ୍ୟାତ 'ତପସ୍ୱିନୀ' କାବ୍ୟ ମଧ୍ୟ ସାହିତ୍ୟାମୋଦୀ ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର M. A. B. L.ଙ୍କ ଅର୍ଥ ସାହାଯ୍ୟରେ ପ୍ରକାଶିତ । କବିତ୍ୱର ସ୍ୱଚ୍ଛନ୍ଦ ଲୀଳା ବିଳାସ, ଚରିତ୍ର ଚିତ୍ରର ଗୌରବ ଓ ପ୍ରକୃତିର ରୂପ ବୈଭବ ପ୍ରଭୃତିର ଅଙ୍କନ-ନୈପୁଣ୍ୟରେ ଏହା ସର୍ବାଙ୍ଗସୁନ୍ଦର ତଥା ସର୍ବଜନ ସମାଦୃତ ହୋଇଅଛି । ଏହାର କାରୁଣ୍ୟ ରସାଶ୍ରିତ ଭାବମୟ ଶାନ୍ତକାନ୍ତ ପଦାବଳୀ ବାଣୀ-ବିପଞ୍ଚୀର ମନୋମୁଗ୍ଧକର ରାଗିଣୀରେ ଭରା । ପୁରାତନ ସାହିତ୍ୟର ଭାବ, ଭାଷା, ଛନ୍ଦ, ଅଳଙ୍କାର ଆଦିର ଭିତ୍ତି ଉପରେ ନବଯୁଗର ସରଳତା,

Digitized by srujanika@gmail.com

ପ୍ରାଞ୍ଜଳତା, ସରସତା ଓ ଶୁଦ୍ଧତା ସମନ୍ୱିତ ସୁକୁମାର କାବ୍ୟ-ଶିଳ୍ପ ସମୂହ ଦ୍ୱାରା ଏହି ସୌଧ ସୁଗଠିତ । 'ତପସ୍ୱିନୀ'ରେ ଦାରିଦ୍ର୍ୟ ପ୍ରପୀଡ଼ିତ ଗଙ୍ଗାଧରଙ୍କର କବି ପ୍ରତିଭା, ପତି ପରିତ୍ୟକ୍ତା ପତିବ୍ରତା ସୀତାଙ୍କ ପତିଭକ୍ତି ଭଳି ଓଜସ୍ୱିନୀ ଓ ଯଶସ୍ୱିନୀ ହୋଇପାରିଥିବା ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରୁଅଛନ୍ତି ।

ଓଡ଼ିଆ ସାହିତ୍ୟର ଶବ୍ଦଭଣ୍ଡାର ମନ୍ଥନ କରି ରୀତିଯୁଗର ସର୍ବଶ୍ରେଷ୍ଠ କବି ଉପେନ୍ଦ୍ର ଭଞ୍ଜ ରଚନା କରିଥିଲେ ବିରାଟ ଗ୍ରନ୍ଥ 'ବୈଦେହୀଶ ବିଳାସ' । ଯଦିଓ ସେ ରାମାୟଣର ବିଷୟବସ୍ତୁ ଗ୍ରହଣ କରିଥିଲେ ତଥାପି ତାଙ୍କର ମୌଳିକ ପ୍ରତିଭା ଓ ଓଜସ୍ୱିନୀ ଭାଷା ତାଙ୍କୁ ଯୁଗେ ଯୁଗେ ଅମରକରି ରଖିବ ଏଥିରେ ସନ୍ଦେହ ନାହିଁ । ଗଙ୍ଗାଧର ତପସ୍ୱିନୀ ରଚନା କଲାବେଳେ କବି କାଳିଦାସଙ୍କ 'ରଘୁବଂଶ' ଓ ଭବଭୂତିଙ୍କ 'ଉତ୍ତର ରାମ ଚରିତ'ର ଭାବସାମଗ୍ରୀ ଗ୍ରହଣ କରିଥିଲେ ସୁଦ୍ଧା ବିଷୟ ବିନ୍ୟାସ ତାଙ୍କର ନିଜସ୍ୱ ବୋଲି ଜଣା ପଡ଼ିଥାଏ । କାବ୍ୟରେ ପ୍ରକୃତି ବର୍ଣ୍ଣନା କବିଙ୍କର ମୌଳିକ ଓ ଅଭିନବ ରୂପେ ପ୍ରତିଭାତ ହୋଇଥାଏ । ସେ ତପସ୍ୱିନୀ କାବ୍ୟରେ ରାମଚନ୍ଦ୍ରଙ୍କର ଐତିହାସିକ ମହତ୍ତ୍ୱ ପ୍ରତି-ପାଦନ କରିବା ସଙ୍ଗେ ସଙ୍ଗେ କୋମଳପ୍ରାଣା ରାମଗତ ହୃଦୟା ସୀତାଙ୍କର ଅନାବିଳ ପ୍ରେମ ବର୍ଣ୍ଣନା କରିଛନ୍ତି । ମୁଖବନ୍ଧରେ କବି ନିଜେ ଦର୍ଶାଇଛନ୍ତି—"ପିତୃସତ୍ୟ ରକ୍ଷା ନିମନ୍ତେ ବନବାସୀ ହେବାରୁ ଓ ସ୍ୱାମୀଙ୍କର ଅନୁଗାମିନୀ ହେବାରୁ ସୀତାଙ୍କର ଯେଉଁ ମହାତ୍ମ୍ୟ ପରିସ୍ଫୁଟ ହୋଇଥିଲା, ସୀତାଙ୍କର ନିର୍ବାସନରେ ତାହା ଗୌରବମୟ ହେଲା । ନିର୍ବାସନ କଷ୍ଟ ସହିବାଦ୍ୱାରା ସୀତାଙ୍କର ପତି ଭକ୍ତି ଯେପରି ତେଜୋମୟୀ ହୋଇଗଲା, ତାଙ୍କର ହିରଣ୍ମୟୀ ପ୍ରତିକୃତି ରଖି ଅଶ୍ୱମେଧ-ଯଜ୍ଞ ନିର୍ବାହ କରିବା ଦ୍ୱାରା ରାମଙ୍କର ପତ୍ନୀପ୍ରେମ ସେହିପରି ପ୍ରଦୀପ୍ତ ହୋଇଉଠିଲା । ଉପଯୁକ୍ତ ପତିଙ୍କର ଉପଯୁକ୍ତା ପତ୍ନୀ । ସୀତା ମିଥ୍ୟାପବାଦରେ ସ୍ୱାମୀଙ୍କ କର୍ତ୍ତୃକ ପରିତ୍ୟକ୍ତା ହୋଇଥିଲେ ହେଁ ସ୍ୱାମୀଙ୍କ ହୃଦୟର ପ୍ରେମ ଲୁଟିପାରିଥିଲେ । ସେ ନିର୍ବାସନକୁ ନିଜର ଭାଗ୍ୟ ଦୋଷ ବୋଲି ପତି ଭକ୍ତିକୁ କିପରି ଦୃଢ଼ତର ଓ ଉଚ୍ଚତର କରିଥିଲେ ବନବାସକୁ ପତି-ହିତ-ସାଧନା ତପସ୍ୟାରେ ପରିଣତକରି ତପସ୍ୱିନୀ ରୂପେ କିପରି ଦିନ ଯାପନ କରିଥିଲେ ତାହା ପ୍ରକଟ କରିବା ଏହି ପୁସ୍ତକର ପ୍ରଧାନ ଉଦ୍ଦେଶ୍ୟ ।"

କବିଙ୍କର ଏହି ଉଦ୍ଦେଶ୍ୟକୁ ବିଚାର କରିବାକୁ ହେଲେ ତାଙ୍କର କାବ୍ୟକୁ ଅନୁଧ୍ୟାନ କରିବା କଥା ।

କାବ୍ୟ ରଚନା କରିବାକୁ ଯିବାବେଳେ କବି "ଆଶୀନମସ୍କ୍ରିୟା"ର ଆଶ୍ରୟ ନେଇ ପ୍ରଥମେ ମିଲ୍‌ଟନୀୟ ଶୈଳୀରେ ଶୁକ୍ଳବସ୍ତ୍ରାବୃତା ଶୁଭ୍ର ଶୁଭ୍ର ବେଶା ସରସ୍ୱତୀଙ୍କର କୃପା ଭିକ୍ଷାକରି ବିଷୟବସ୍ତୁରେ ଉପନୀତ ହୋଇଛନ୍ତି । ଭାଗୀରଥୀ ନଦୀ ତୀରସ୍ଥ କାନନରେ ଅଗ୍ରଜ ଆଜ୍ଞାବହ ଲକ୍ଷ୍ମଣ ରାମ ବିରହ ବିଧୁରା ସୀତାଙ୍କୁ ନିର୍ବାସନ ଦେଇ ଫେରିଲା ପରେ ତାଙ୍କ ନୟନରୁ ଅଶ୍ରୁ ଶ୍ରାବଣୀର ପ୍ରଳୟ ବନ୍ୟା ସୃଷ୍ଟି କରିଛି । ଅଯୋଧ୍ୟା ରାଜମହିଷୀର ଏ ଦୁର୍ବିସହ ବେଦନା ସହିତ ତାଳଦେଇ ନୟନର ନିଷ୍ଠୁର ପରିହାସ

Digitized by srujanika@gmail.com

ବାସ୍ତବକ୍ ତାଙ୍କ ଧୈର୍ଯ୍ୟର ସୀମାରେଖାକୁ ଲଙ୍ଘନ କରି ଦେଉଛୁ । ଅଯୋଧ୍ୟା ରାମ-ପ୍ରେମ-ବଧୂର ଜାନକୀଙ୍କର କ୍ରନ୍ଦନ ଧ୍ୱନିରେ ପ୍ରକୃତ ନିଜକୁ ସମବେଦନା ଜ୍ଞାପନ କରି ଭୁଜଙ୍ଗେନ ଖଡ୍ଗ ଧରି ଭୀଷଣ ଗର୍ଜ୍ଜନ କରି ଉଠିଛୁ । ଭୁଲୁଣ୍ଠିତା ସନ୍ତାପିନୀ ଜାନକୀଙ୍କୁ ଦର୍ଶନ କରି ନିଜ ବଂଶର କୁଳବଧୂ ଅମର୍ଯ୍ୟାଦା ପାଇଁ ଲଜ୍ଜାରେ ପ୍ରଭାକର ତାଙ୍କର ମୁଖ ଲୁଚାଇ ଦେଇଛନ୍ତି । ସତୀ ସାଧ୍ୱୀ ସୀତାଙ୍କୁ ରାମଚନ୍ଦ୍ର ନିର୍ବାସନ ଦେଇଥିଲେ ସୁଦ୍ଧା ସୀତା କେବେ ତାଙ୍କ ପ୍ରତି କୁମନୋଭାବ ପୋଷଣକରି ରଘୁକୁଳର ନିନ୍ଦା କରି ନାହାନ୍ତି । କାଳିଦାସ ପ୍ରକାଶ କରିଛନ୍ତି—

"ରାଜର୍ଷି ବଂଶସ୍ୟ ରବି ପ୍ରସୁତେ ଉପସ୍ଥିତଃ ପଶ୍ୟତ କୀଦୃଶୋଽୟମ୍
ମତ୍ତଃ ସଦାଚାରଶୁଚେ କଳଙ୍କଃ ପୟୋଦବାତାଦିବ ଦର୍ପଣସ୍ୟ
ସନ୍ତୁ ସାବଦୈର୍ଦ୍ଧୋପିତଂ ଭୂମି ପାଳୈଃ ଲୋକ ଶ୍ରେଷ୍ଠୈଃ ସାଧୁ ଶୁଦ୍ଧ ଚରିତଂ
ମତ୍ତ ସମ୍ବନ୍ଧାତ୍ତ କଷମଳାଂ କମ୍ପଦନ୍ତୀୟାଚେ ଦପିନ୍ ହୃନ୍ତଧ୍ୱଜ ମାମଧନେନ ।

(ରଘୁବଂଶ, ୧୪ଶ ସର୍ଗ)

ମେହେରଙ୍କ ଏହି ଭାବକୁ ତପସ୍ୱିନୀ କାବ୍ୟରେ ପ୍ରକାଶ କରିଛନ୍ତି—

"ବଂଶର ଜନକ ତୁମ୍ଭ ଏହି ଦିବାକର
ଭୁବନ ମଙ୍ଗଳ ଦାନେ ସଦା ମୁକ୍ତକର
ଧରାଧାତ୍ରୀ ସ୍ୱରୂପିଣୀ ଏହି ଭାଗୀରଥୀ
ତୁମର ବଂଶର ଚିର ବିଖ୍ୟାତ କୀରତି
କୀର୍ତ୍ତି ଅନୁରୋଧେ ଯିନା କଲ ମୋତେ ତ୍ୟାଗ
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ
ଏହି କୀର୍ତ୍ତି ପତାକାରେ ପାପିନୀର ବିନ୍ଦୁ
ରହିଯିବ ଏହା କଲ୍ପ ବିଷମ ବିଚାର
ଧିକ ମୋ ଜୀବନ, ନାଥ ! ଏକା ମୋହ ଲାଗି
ଅକଳଙ୍କ ଥାଇ ହେଲ ଅପଯଶ ଭାଗୀ ।"

(ତପସ୍ୱିନୀ-୯ମ ସର୍ଗ)

ଏହା ବ୍ୟତୀତ ରଘୁବଂଶ ୧୪ଶ ସର୍ଗର ୭୩, ୭୪, ୭୫ ଓ ୭୮ ଶ୍ଳୋକର ଭାବ ତପସ୍ୱିନୀର ୯ମ ସର୍ଗରେ ପ୍ରତିଫଳିତ ହୋଇଛୁ । ପୁନଶ୍ଚ ଦେଖାଯାଉ—

'ଉପସ୍ଥିତାଂ ପୂର୍ବମ ଆସ୍ୟ ଲକ୍ଷ୍ମୀଂ
ବନଂ ମୟା ସାର୍ଦ୍ଧମସି ପ୍ରପନ୍ନଃ
ତଦାସ୍ପଦଂ ପ୍ରାପ୍ୟ ତୟାତି ରୋଷାତ୍
ସୋଢାସ୍ମିନ୍ ତ୍ୱଦ୍ ଭବନେ ବସନ୍ତୀ ।' (୧୪।୬୩)

ମେହେରଙ୍କ ତପସ୍ୱିନୀରେ—

"ଅଯୋଧ୍ୟାର ରାଜଲକ୍ଷ୍ମୀ-ସୀରଭରେ ବଶ
ନ ହୋଇ ମୋ ସଙ୍ଗେ ଥିଲେ ବହୁତ ଦିବସ ।

Digitized by srujanika@gmail.com

ଅଯୁଷ୍ମାରେ ରାଜଲକ୍ଷ୍ମୀ ଲେଉଟ୍ ଥିଲା ଦାଉ
ବହୁଦିନ ସମ୍ଭାଳି ନ ପାରିଲା ତା ଆଉ ।
ତା' ଦୁଃଖରେ ସଙ୍ଗୀ ଥିଲେ କେଉଁ ପୁରଜନେ
ତାଙ୍କ ହେତୁ କରାଇଲା ମୋର ବିସର୍ଜନେ ।”

(ତପସ୍ୱିନୀ-୧ମ ସର୍ଗ)

କେତେକ ସ୍ଥଳରେ ମେହେର ଭବଭୂତିଙ୍କର ଉତ୍ତର ରାମଚରିତ ନାଟକର ଭାବ ଗ୍ରହଣ କରିବା ପରିଲକ୍ଷିତ ହୋଇଥାଏ । ରାମଚନ୍ଦ୍ର ଅଷ୍ଟାବକ୍ର ମୁନିଙ୍କୁ ପ୍ରଶ୍ନ କରିଛନ୍ତି । “କୁଳଗୁରୁ ବଶିଷ୍ଠ ତାଙ୍କ ପ୍ରତି କିଛି ଆଦେଶ କରିଛନ୍ତି କି ? ପ୍ରତ୍ୟୁତ୍ତରରେ ଅଷ୍ଟାବକ୍ର କହିଛନ୍ତି—

ଶ୍ରୂୟତାମ୍
ଜାମାତୃଯଜ୍ଞେନ ବୟଂ ନିରୁଦ୍ଧା-
ସ୍ତ୍ୱଂ ବାଲ ଏ ବାସି ନବଂଚ ରାଜ୍ୟମ୍
ଯୁକ୍ତଃ ପ୍ରଜାନାମ୍ ମନୁରଞ୍ଜନେସ୍ୟାସ୍ତ୍
ତସ୍ମାଦ୍ ଯଶୋଯତ୍ ପରମଂ ଧନଂ ବଚ ।”

ପୁନଶ୍ଚ ଅଷ୍ଟାବକ୍ର ମୁନିଙ୍କଠାରୁ ବଶିଷ୍ଠଙ୍କ ଆଦେଶ ଶୁଣି ରାମଚନ୍ଦ୍ର କହିଛନ୍ତି—

“ସ୍ନେହଂ ଦୟାଂ ତଥା ସୌଖ୍ୟଂ ଯଦିବା ଜାନକୀ ମପି
ଆରାଧନାୟ ଲୋକସ୍ୟ ମୁଞ୍ଚତୋ ନାସ୍ତି ମେ ବ୍ୟଥା ।”

ଏହାର ଅନୁସରଣରେ ମେହେର ରାମଚନ୍ଦ୍ରଙ୍କର ଗୁଣ ବର୍ଣ୍ଣନା କରି ସୀତାଙ୍କ ମୁଖରେ କହିଛନ୍ତି—

“ପ୍ରକୃତି ରଞ୍ଜନ ଯଦି ହୁଏ ପ୍ରୟୋଜନ
କରିପାରେ ପ୍ରାଣ ସମା ସୀତା ବିସର୍ଜନ ।”   (୧ମ ସର୍ଗ)

ପୁଣି ସେହି ପ୍ରଥମ ସର୍ଗରେ ପ୍ରକୃତି କୋଳରେ ବିଚରଣ କରୁଥିବା ମୃଗମୃଗୀମାନେ କିପରି ସୀତାଙ୍କ ସହିତ ସମବେଦନା ଜ୍ଞାପନ କରିଛନ୍ତି ତାହା ରଘୁବଂଶରୁ କିପରି ଉଦ୍ଧାର କରାଯାଇଛି । ଦେଖାଯାଉ—

ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷାଃ, ଦର୍ଭାନୁ ପାତ୍ତାନ୍ ବିଜହୁର୍ହରିଣ୍ୟ
ତସ୍ୟାଃ ପ୍ରପନ୍ନେ ସମଦୁଃଖ ଭାବ ମତ୍ୟନ୍ତ ମାସୀଦ୍ ରୁଦିତଂ ବନେଽପି ।”

(ରଘୁବଂଶ-୧୪/୬୯)

ତପସ୍ୱିନୀରେ ମେହେର ଦର୍ଶାଇଛନ୍ତି—

“ମୃଗ ଶିଶୁ ଜନନୀର ସ୍ତନ ମୁଖେ ଧରି
ନିଶ୍ଚଳେ ରହିଲା କ୍ଷୀର ଶୋଷଣ ନକରି
ମୁଖ ଦର୍ଭ ମୁଖେ ଧରି ମୃଗମୃଗୀମାନେ
ଗ୍ରୀବା ଭଙ୍ଗି ରହିଗଲେ ଶୋକଧ୍ୱନି ଧ୍ୟାନେ

Digitized by srujanika@gmail.com

ମୟୂର ମୟୂରୀ ଗଣ ଶାବକ ସହିତ
ଚକିତ ସତ୍ରସ୍ତେ ହେଲେ ଶୃପଳ ରହିତ ।

(ତପସ୍ୱିନୀ-୧ମ ସର୍ଗ)

ଗର୍ଭବତୀ ସୀତା ଗର୍ଭର ସନ୍ତାନ କଥା ଚିନ୍ତାକରି ନିଜର ଭାଗ୍ୟକୁ ନିନ୍ଦି ଅଧୀର ହୋଇପଡ଼ିଛନ୍ତି । ନିକଟସ୍ଥ ଆଶ୍ରମର ମୁନିକୁମାରଗଣ ସୀତାଙ୍କର କ୍ରନ୍ଦନ ଧ୍ୱନି ଶୁଣି ଘଟଣାସ୍ଥଳରେ ଯାଇ ପହଞ୍ଚିଛନ୍ତି । ଜଣୈକା ମୁନିକନ୍ୟା ବାଲ୍ମୀକଙ୍କୁ କ୍ରନ୍ଦନରତା ନାରୀର କଥା ଜଣାଇଛନ୍ତି । ବାଲ୍ମୀକ ଧ୍ୟାନବଳରେ ସୀତା ବୋଲି ଜାଣି ଘଟଣାସ୍ଥଳରେ ଉପସ୍ଥିତ ହୋଇଛନ୍ତି । ମୁନିଙ୍କ ସଙ୍ଗରେ ମୁନିକୁମାରବୃନ୍ଦ, ହରିଣ-ହରିଣୀ, ପିକ, ବକ, ଶୁକସାରୀ ପ୍ରଭୃତି ପକ୍ଷୀମାନେ ସୀତାଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ବାଲ୍ମୀକଙ୍କୁ ଦେଖି ସୀତାଙ୍କର ଭକ୍ତି ଉଦ୍ରେକ ହୋଇଛି । ମୁନି ବାଲ୍ମୀକ ସୀତାଙ୍କୁ ଆଶ୍ୱାସନା ଦେବା କଥା ରଘୁବଂଶରେ କାଳିଦାସ ନିମ୍ନମତେ ବର୍ଣ୍ଣନା କରିଛନ୍ତି ।

ତବୋରୁ କୀର୍ତ୍ତି ଶ୍ୱଶୁରଃ ସଖା ମେ
ସତାଂ ଭବୋଚ୍ଛେଦ କରଃ ପିତାତେ
ଧୂରି ସ୍ଥିତାତ୍ୱଂ ପତି ଦେବତାନାଂ
କିଂ ତନ୍ନ ଯେ ନାସି ସମାନୁକମ୍ପା ।"

ତପସ୍ୱିନୀରେ ବାଲ୍ମୀକଙ୍କ ମୁଖରେ ମେହେର କହିଛନ୍ତି—

ଶ୍ୱଶୁର ତୋ ମୋର ସୁହୃଦ ସେହିପରି ତୋ ପିତା
ଅସଙ୍କୋଚେ ରହ ଆଶ୍ରମେ ମଣି ସଂସାର ପିତା ।"

ପୁଣି—"ତାପସୀ ସଂସର୍ଗେ ବିନୀତ ସତ୍ତ୍ୱେ ତପୋବନେ ବୀତ ଭୟାବସାସ୍ମିନ୍
ଇତୋ ଭବିଷ୍ୟତ୍ୟ ନଘେ ପ୍ରସୂତେ ସତ୍ୟ ସସ୍କାର ମସ୍ୟୋ ବିଧସ୍ତେ ।"

(୧୪ ସର୍ଗ ୭୫ ଶ୍ଳୋକ)

"ମୋ ଆଶ୍ରମେ ତୋର ନଥିବ କିଛିହେଁ ଭାବନା
ଜନମିବ ଯେଉଁ ସନ୍ତାନ ତା'ର ପାଇଁ ଭାବନା ।"

(ତପସ୍ୱିନୀ-୨ୟ ସର୍ଗ)

ବାଲ୍ମୀକଙ୍କର ଆଶ୍ୱାସନା ବାଣୀରେ ବୈରୁଦ୍ୟମାନା ସୀତାଙ୍କ ନୟନରୁ ଅଶ୍ରୁବନ୍ୟା ସ୍ତିମିତ ହୋଇଛି ଓ ବନପଥକୁ ଆନନ୍ଦମୁଖର କରି ତାପସ ତାପସୀଙ୍କ ଗହଣରେ ସୀତା ଆଶ୍ରମ ଅଭିମୁଖେ ଯାତ୍ରା କରିଛନ୍ତି । ତତ୍ପରେ ମୁନିଙ୍କ ଆଶ୍ରମରେ ସନ୍ଧ୍ୟାର ଆଗମନରେ ବନ୍ଦାପନା ଦୀପଗୁଡ଼ି ଜଳିଉଠିଛି । ଆଶ୍ରମସ୍ଥ ଜନନୀ ରୂପିଣୀ ଅନୁକମ୍ପା ନାମ୍ନୀ ବୃଦ୍ଧା ଋଷି ସୀତାଙ୍କର ଶୋକ ଶାନ୍ତକରି ସସ୍ନେହେ କୋଳରେ ଧରିଛନ୍ତି । ତାହା କବିଙ୍କ ଭାଷାରେ—

"ମମତା ପ୍ରସାଦେ-ଯେସନେହି ସ୍ୱଚ୍ଛ ଉଜ୍ଜ୍ୱଳ ଜଳ
ସକାଇ ସତୀଙ୍କ ସନ୍ତାପ କରିଦେଲେ ଶୀତଳ ।" (ତପସ୍ୱିନୀ-୨ୟ ସର୍ଗ)

Digitized by srujanika@gmail.com

ରଘୁବଂଶରେ ଅଛି —

"ପୟୋ ଘଟୈରାଶ୍ରମ ବାଳ ବୃକ୍ଷାନ୍ ସଂବର୍ଦ୍ଧୟନ୍ତୀ ସ୍ୱବଳାନୁରୂପୈଃ
ଅସଂଶୟଂ ପ୍ରାକ୍ ତନୟୋପପତ୍ତେଃ ସ୍ତନନ୍ଧୟ ପ୍ରୀତିମବାପ୍ସ୍ୟସି ତ୍ୱମ୍ ।"

(ରଘୁବଂଶ-୧୪-୭୮)

ତପସ୍ୱିନୀ କାବ୍ୟରେ 'ଅନୁକମ୍ପା' ନାମ ମୂଳ ରାମାୟଣ, ରଘୁବଂଶ କିମ୍ବା ଉତ୍ତର ରାମଚରିତରେ ନାହିଁ । ଏହା ଗଙ୍ଗାଧରଙ୍କର ନିଜସ୍ୱ ପରିକଳ୍ପନା । ବୈଦେହୀଙ୍କର ଶୋକସନ୍ତପ୍ତ ଜୀବନକୁ ତାଙ୍କର ସ୍ନେହବାରିରେ ସିକ୍ତ କରାଇ ଅତି ଆଦରରେ କହୁଛନ୍ତି —

"ଖାଆ ମା' । ଖାଆ ମା' । ମା' ଘରେ ତୋର ଅଛୁ କି ଲାଜ
ରୁହି ରହିଛନ୍ତି ତୋତେ ତୋ ଏହି ସଖୀ ସମାଜ ।
ବୋଲି କାଛୁ ନେଇ ଧରାଇ ଦେଲେ ନାରଙ୍ଗୀ-କଳି
ଗୋଟି ଗୋଟି କରି କର୍ପୂର-କାନ୍ତି ପକ୍ୱ କଦଳୀ
ବୀଜ ଭିନ୍ନ କରି କୁଳିକ ଖଣ୍ଡ ଖଣ୍ଡ ପନସ
ସୁମଧୁର ପିଣ୍ଡ ଖର୍ଜୁର ସହକାର ସରସ
ବାରମ୍ବାର ବୋଲି ମଧୁରେ "ଧୀରେ ଭୁଞ୍ଜ ମା, ଭୁଞ୍ଜ
କରେ ଦେଲେ ସ୍ୱର୍ଣ୍ଣ କରକ-ମଣ୍ଡି ପୁଞ୍ଜକୁ ପୁଞ୍ଜ
ଅବଶେଷେ "ଆଉ ଦିଓଟି" ଆଉ ଦିଓଟି ବୋଲି
ଭୁଞ୍ଜାଇଲେ ସେହି ସତୀଙ୍କି ଆଠ ଦଶଟି କୋଳି ।"

ଅନୁକମ୍ପା ନାମ୍ନୀ ବୃଦ୍ଧା ଏ ଅତି ସନ୍ତର୍ପଣରେ ଧୀରେ ଭୁଞ୍ଜ ମା' ଭୁଞ୍ଜ' କହି କମଳା, କେନ୍ଦୁ, ପଣସ, କଦଳୀ, ଆମ୍ବ ପ୍ରଭୃତି ଫଳମୂଳ ସୀତାଙ୍କୁ ଖୁଆଇ ଦେଇଛନ୍ତି । ଗଙ୍ଗାଧର ମୂଳ ରାମାୟଣ, ଉତ୍ତର ରାମଚରିତ ଓ ରଘୁବଂଶରୁ ବିଷୟବସ୍ତୁ ଗ୍ରହଣ କରିଥିଲେ ସୁଦ୍ଧା ତହିଁରେ ଉତ୍କଳ ସମାଜର ରୀତିନୀତି, ଜଳବାୟୁ ଉପଯୁକ୍ତ ଖାପ ଖୁଆଇଲାଭଳି ଆଚାର-ବ୍ୟବହାର, ବ୍ୟବହାର ସଂଯୋଗ କରି ବିଷୟବସ୍ତୁକୁ ସରସ ସୁନ୍ଦର ତଥା ସୁଖପାଠ୍ୟ କରିପାରିଛନ୍ତି । ଏହାହିଁ ଗଙ୍ଗାଧରଙ୍କର ସୃଷ୍ଟି ସମ୍ପଦର ବୈଶିଷ୍ଟ୍ୟ । ରାତ୍ରି ଉପନୀତ ହେଲାପରେ ସୀତା ମୁନି ଆଶ୍ରମର ପଲ୍ଲବଶାୟିତ ମୃଗଚର୍ମ ଶଯ୍ୟାରେ ଶୟନ କଲାବେଳେ ତାଙ୍କର ଆଖି ଆଗରେ ଭାସିଉଠିଛି ଅତୀତର ରାମଚନ୍ଦ୍ରଙ୍କର ବିରହ ଭାବନା ଓ ଦେବର ସୌମିତ୍ରୀ ଲକ୍ଷ୍ମଣଙ୍କର ସୌମ୍ୟ ମୂର୍ତ୍ତି । ରଜନୀର ଶେଷଯାମରେ ଉଷାର ଆଗମନ ଆଶ୍ରମକୁ ନୂତନ ଜ୍ୟୋତିରେ ଉଦ୍ଭାସିତ କରିଛି । ଚତୁର୍ଥ ସର୍ଗରେ ମେହେର ତପସ୍ୱିନୀ ସୀତାଙ୍କ ଦୁଃଖର ଅପନୋଦନ ନିମିତ୍ତ ବିକଚ-ରାଜୀବ-ଦୃଶା-ଉଷା ଜାନକୀଙ୍କର ଦର୍ଶନାଭିଳାଷୀ ହୋଇଛି ଓ ପଲ୍ଲବ ରୂପକ ହସ୍ତରେ ନୀହାର ମୁକ୍ତାକୁ ଉପହାର ରୂପେ ଧରି କଳକଣ୍ଠର ମଧୁର ଗାନରେ ନିଜର ଅଭିଳାଷ ବ୍ୟକ୍ତ କରିଛନ୍ତି । ତା'ପରେ ସୀତା ତମସା ନଦୀରେ ଅବଗାହନ କରି ବାଲ୍ମୀକିଙ୍କ ପଦବନ୍ଦନା କଲାବେଳେ ବାଲ୍ମୀକି ସ୍ନେହ ଗଦ୍‌ଗଦ୍ କଣ୍ଠରେ କହୁଛନ୍ତି —

Digitized by srujanika@gmail.com

"ନନ୍ଦନ ! ତୁ ଏ ଆଶ୍ରମ- ପାଦପଙ୍କୁ ସ୍ନେହ-ଶ୍ରମ
ପ୍ରୟୋଗେ ନନ୍ଦନୋପମ କର ଯତନ
ଯେ ସ୍ନେହେ ତୋ ଅନୁଭବ ସ୍ୱଭାବେ ହେବ ସମ୍ଭବ
ତବେ କେମନ୍ତ ଦୁର୍ଲ୍ଲଭ ସୁତ-ରତନ
ଅନୁକମ୍ପା ଥିଲେ ନିଶ୍ଚିତ
ସକଳ ଅଭାବ ତୋର ମୋଚନେ ରତ ।"

ପୁଣି ବସନ୍ତକାଳ । ସୀତାଙ୍କର ଦର୍ଶନ ପାଇଁ ଉର୍ଦ୍ଧ୍ୱଗ୍ରୀବ ହୋଇ ଉଠିଛନ୍ତି ତରୁଲତାଗଣ । ଲାଗିରହିଛି ବସନ୍ତ ମହୋତ୍ସବ । ଉପବନର ଶୋଭା ମନୋମୁଗ୍ଧକର । ସୀତା ଆଶ୍ରମସ୍ଥ ସଖୀମାନଙ୍କ ସହିତ ଉପବନକୁ ପାଣି ଦେବାକୁ ଗମନ କରିବା ସମୟରେ ଆଶ୍ରମର ଶୋଭା ଦେଖି ସେ ତନ୍ମୟ ହୋଇଯାଇଛନ୍ତି । ବସନ୍ତକାଳର ପ୍ରଭାତରେ ଉପବନ ପୁଷ୍ପବୃକ୍ଷ ଓ ଫଳବୃକ୍ଷ ଉପରେ ବାଳାରୁଣ କର ପଡ଼ି ଅପରୂପ ସୌନ୍ଦର୍ଯ୍ୟ ଧାରଣ କରିଥାଏ । ତାହା କବିଙ୍କ ଭାଷାରେ—

"ଉଭା ହୋଇଥିଲେ ରମ୍ଭାସୁନ୍ଦରୀ
ପଂକ୍ତି ପଂକ୍ତି ପଦ୍ମ-ପତାକା ଧରି
କୁରୁ ମୁଚକୁନ୍ଦ କୁନ୍ଦ ବକୁଳ
ନିଆଳି ମାଧବୀ ବଲ୍ଲରୀ କୁଳ
ଚାହିଁ ଥିଲେ ଧରି ଫୁଲ
ନବୀନା ନବୀନା ଥିଲି ତାଙ୍କ ପାଶେ
କୁସୁମେ ସଜାଇ ଚୂଳ ।"

(ତପସ୍ୱିନୀ ୫ମ ସର୍ଗ)

ପୁଣି ଏହି ସର୍ଗରେ ବର୍ଣ୍ଣନା ଅଛି ଯେ, କୋମଳାଙ୍ଗୀ ସୀତା କଟିତଟରେ ବାସ ଅଞ୍ଚଳ ଭିଡ଼ି ଚଞ୍ଚଳ ଗତିରେ ମସ୍ତକରେ କଳସୀଭରି ପାଣି ବୋହି ନେଉଥିଲି ବେଳେ ଯେଉଁ ସ୍ୱେଦ ଲଲାଟପଟକୁ ଗଡ଼ିଯାଉଥାଏ ତାକୁ ଅବଲୋକନ କରି ଆଶ୍ରମସ୍ଥ ଅନୁକମ୍ପା ନାମ୍ନୀ ବୃଦ୍ଧା ମାତୃବତ୍ସଳା ହୃଦୟରେ ଚଞ୍ଚଳ ହୋଇ କହି ଉଠିଛନ୍ତି—"ସୀତା ମୋର ଜଳ ବୋହି ନ ଜାଣେ, କଷ୍ଟ ହେଉଥିବ କୋମଳ ପ୍ରାଣେ ।" ଆଦି ଭାଷାରେ ମେହେର କାବ୍ୟର ଉତ୍କର୍ଷ ପ୍ରତିପାଦନ କରିଛନ୍ତି । ପୁଣି—"ଦଶ ହୋଇଗଲା ଦଣ୍ଡଘଟିକା, କନ୍ୟାଗଣ ଯେଣେ ଶୂନ୍ୟ ଘଟିକା । ଅନୁକମ୍ପା ପାଶେ ସ୍ୱିନ୍ନ ଶରୀରେ, ଜଣଜଣ ହୋଇ ବସିଲେ ଧୀରେ ।" ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୋଇଛି ଯେ, ପ୍ରଥମ ତିନୋଟି ସର୍ଗରେ ସୀତା ପରିତ୍ୟାଗ, ତାଙ୍କର ବାଲ୍ମୀକି ଆଶ୍ରମକୁ ଗମନ ଭିତ୍ତିରେ ଅତୀତ ଘଟଣାବଳୀର ବିଶ୍ଳେଷଣ ଓ ପଞ୍ଚମ ସର୍ଗରେ ବସନ୍ତଋତୁର ବର୍ଣ୍ଣନା ଭିତରେ ଦଶ ଦଣ୍ଡଘଟିକା ପର୍ଯ୍ୟନ୍ତ ବିଷୟବସ୍ତୁର ବିସ୍ତରଣ ଷଷ୍ଠ ଓ ସପ୍ତମ ସର୍ଗରେ ବିରହୀ ଚକ୍ରବାକର କାରୁଣ୍ୟ କ୍ରନ୍ଦନ ଶ୍ରବଣକରି ସଖୀ ସୀତାଙ୍କୁ ଏହାର କାରଣ ଜିଜ୍ଞାସା କରିଛି । ଦୁଃଖିନୀ ସୀତା ଆଉ କୋହକୁ ଚାପିରଖି ନପାରି ଜୀବନର ଜୀର୍ଣ୍ଣ ପୃଷ୍ଠା ଉନ୍ମୋଚନ କରିବା ଭିତରେ ଆଖି ଦୁଇଟି ତାଙ୍କର ଅଶ୍ରୁସିକ୍ତ ହୋଇଯାଇଛି । ପର-

Digitized by srujanika@gmail.com

ପଡ଼ୁଛି ଦୁଇଫୋପା ଅଶ୍ରୁ । ସୀତାଙ୍କର ଅଶ୍ରୁସଜଳ ନୟନକୁ ଲକ୍ଷ୍ୟକରି ସଖୀ ସୀତାଙ୍କୁ କ୍ଷମାଭିକ୍ଷା କରିଛି । ତା'ପରେ ସୀତା ସଖୀଙ୍କ ନିକଟରେ ଖୋଲି ଦେଇଛନ୍ତି ଅତୀତ ଜୀବନର ଛିନ୍ନ ପୃଷ୍ଠା । ବସନ୍ତପରେ ଗ୍ରୀଷ୍ମ, ତା'ପରେ ବର୍ଷାଋତୁର ବର୍ଣ୍ଣନା ଅଷ୍ଟମ ସର୍ଗରେ ପ୍ରଦତ୍ତ ହୋଇଛି । ସୀତା ନିର୍ବାସନ ପାଇଲାବେଳକୁ ବସନ୍ତ, ଗ୍ରୀଷ୍ମ ଓ ବର୍ଷାର ସମୟକୁ ହିସାବକଲେ ଚାରିପାଞ୍ଚମାସ ଗର୍ଭବତୀ ହେବା ସ୍ୱାଭାବିକ । ଡକ୍ଟର ନଟବର ସାମନ୍ତରାୟଙ୍କ ଏହି ମନ୍ତବ୍ୟ ଉପରେ ମୁଁ ମଧ୍ୟ ଏକମତ । ଦ୍ୱିତୀୟ ସର୍ଗରେ ବର୍ଣ୍ଣିତ ଅଛି ଯେ—"ଦିନଯାକ କରିନଥିବୁ ପରି କିଛି ଆହାର, ପୁଅ କରୁଥିବ ଗରଭେ ଚାଲି ପାଦ ପ୍ରହାର ।" ଚାରି ପାଞ୍ଚମାସ ଗର୍ଭବତୀ ଜନନୀ ପକ୍ଷରେ ଏହା କେତେଦୂର ସମ୍ଭବ ତାହା ଉପରୋକ୍ତ ଉକ୍ତିରୁ ଜଣାଯାଏ । ତା'ପରେ ସୀତାଙ୍କର ଗର୍ଭର ଭାର ବୃଦ୍ଧି ପାଇଛି । ନବମ ସର୍ଗର ମଧ୍ୟଭାଗରେ ଘନନୀଳାମ୍ବର ଶ୍ରାବଣୀ ରଜନୀରେ କୁମାର ଦ୍ୱୟ ଜନ୍ମଲାଭ କରିଛନ୍ତି ଏବଂ ପ୍ରକୃତ ସଦନରେ ତାଙ୍କର ମହୋତ୍ସବ ପାଳିତ ହୋଇଛି । ତା'ପରେ ବାଲ୍ମୀକି ସେ ଦୁଇଜଣଙ୍କର ନାମ ଦେଇଛନ୍ତି ଲବକୁଶ । ଦୁର୍ଦ୍ଧର୍ଷ—ଦୁର୍ଜ୍ଜୟ ଲବଣାସୁରକୁ ବଧକରିବାକୁ ଯିବାବେଳେ ବାଲ୍ମୀକି ଆଶ୍ରମରେ ଶତ୍ରୁଘ୍ନ ଅବସ୍ଥାନ କରିଛନ୍ତି । କୁମାର ଦ୍ୱୟଙ୍କର ରୂପ ବିଭବ ଦେଖି ଶତ୍ରୁଘ୍ନ ତନ୍ମୟ ହୋଇ ଉଠିଛନ୍ତି । ଅତୀତର ଘଟଣାବଳୀ ସ୍ମରଣକରି ରାମଙ୍କ ବିରହରେ ସୀତା ଦୁଃଖରେ ଦିନ ଉଦ୍‌ଯାପନ କରୁଥିବା ବେଳେ ଲବକୁଶଙ୍କୁ ଲାଳନପାଳନ କରିବା ଭିତରେ ସେ ଦୁଃଖ ସେ ଭୁଲିଯାଆନ୍ତି କିଛି ସମୟ ପାଇଁ । ମହର୍ଷି ବାଲ୍ମୀକି ପିଲା ଦୁଇଜଣଙ୍କର ନାମ କୁଶଲବ ଦେବାର ଯଥାର୍ଥତା ରହିଛି ।

"କୁଶ ମୁଷ୍ଟିମୁପାଦାୟ ଲବଂ ଚୈବତୁ ସଦ୍ୱିଜଃ
ବାଲ୍ମୀକିଃ ପ୍ରଦଦୌ ତାଭ୍ୟାଂ ରକ୍ଷାଂ ଭୂତ ବିନାଶିନୀମ୍
ଯସ୍ତୟୋଃ ପୂର୍ବଜୋ ଜାତଃ ସ କୁଶୈ ମନ୍ତ୍ର ସତ୍କୃତୈଃ
ନିର୍ମାର୍ଜନୀୟସ୍ତୁ ତଦା କୁଶ ଇତ୍ୟାସ୍ୟ ନାମତଃ
ଯଶ୍ଚାବରେ ଭବେତ୍ତାଭ୍ୟାଂ ଲବେନ ସୁସମାହିତଃ ।।"

(ମୂଳ ରାମାୟଣ-ଉତ୍ତରକାଣ୍ଡ)

"କୁଶଗୁଚ୍ଛ ମୁନିବର ହସ୍ତେ ଘେନି
ମନ୍ତ୍ରି ଅଗ୍ର ଅଧ କଲେ ଖଣ୍ଡେବେନି
ଅନୁକମ୍ପା କରେ କରି ସମର୍ପଣ
ବୋଇଲେ, ଶିଶୁଙ୍କୁ କର ସମାର୍ଜ୍ଜନ
ଅଗ୍ରଜେ ପ୍ରଯୋଗ ଅଗ୍ରଭାଗକର
ଅଧୋଭାଗେ ତନୁ ମାଜ ଅନୁଜର
× × ×
କୁଶ ଲବ ଯୋଗେ ସମାର୍ଜ୍ଜିତ ତନୁ
ସମାର୍ଜିତ ହେଲା ଶାଣିତ ରତନୁ ।"

(ତପସ୍ୱିନୀ-ନବମ ସର୍ଗ)

Digitized by srujanika@gmail.com

ଆସ୍ତେ ଆସ୍ତେ ପିଲା ଦୁହେଁ ବଡ଼ ହୋଇ ନନ୍ଦନ୍ଦନରେ ଉପବନରେ ବିହାର କଲେ । ବନବାସୀ ରୂପେ ବନରେ ଜୀବନଯାପନ କରିବା ହିଁ ଥିଲା ସୀତାଙ୍କର ଅନ୍ତିମ କାମନା । ଏହି କାମନା ରାମଚନ୍ଦ୍ର ପୂରଣ କରିଛନ୍ତି ସତ; ହେଲେ କପରି ସେହି ପୁତ୍ରଦ୍ୱୟଙ୍କୁ ତାଙ୍କ ହସ୍ତରେ ସମର୍ପଣ କରିବେ ଏହି ଚିନ୍ତାରେ ସେ ଧନକୁନ୍ଦନ କୃଶ ହେବାକୁ ଲାଗିଲେ । ଆଶ୍ରମରେ ପୁତ୍ର ଦ୍ୱୟ ବଢ଼ିବା ଭିତରେ ବାଲ୍ମୀକି ରାମଚରିତକୁ ମହାକାବ୍ୟ ରୂପେ ରଚନା କରି କୁଶଲବଙ୍କୁ ଶିକ୍ଷା ଦେଲେ । ଏକଦା ବାଲ୍ମୀକି ଲବକୁଶଙ୍କର ଭବିଷ୍ୟତ କଥା ଚିନ୍ତାକଲେ । ତାପସମାନଙ୍କ ସଙ୍ଗରେ ଯଦି ଲବକୁଶ ସମସ୍ତ ବ୍ରତାଚରଣ କରନ୍ତି ତାହାହେଲେ ରାଜପୁତ୍ରଙ୍କର ରାଜଧର୍ମ ବ୍ୟର୍ଥ ହୋଇଯିବ । ରାମଚନ୍ଦ୍ର ଛଳନାକରି ଦୋହଦ ପୂରଣ ନିମିତ୍ତ ଦୋହଦବତୀ ଦୟିତା ସୀତାଙ୍କୁ ବନକୁ ପ୍ରେରଣ କରିଛନ୍ତି । ପୁନଶ୍ଚ ବାରବର୍ଷ ପରେ ରାମଚନ୍ଦ୍ରଙ୍କର ଯେ, ସନ୍ତାନପ୍ରତି ମମତା ଆସିବ ଏହା ଚିନ୍ତା କରୁଥିବା ଭିତରେ ରାଜଦୂତ ବାଲ୍ମୀକିଙ୍କ ହସ୍ତରେ ଏକ ପତ୍ର ପ୍ରଦାନ କରିଛି । ପତ୍ର ପାଠକରି ମହର୍ଷି ଜାଣିପାରିଛନ୍ତି ଯେ, ଜାନକୀଙ୍କ ଅନୁପସ୍ଥିତରେ ରାମଚନ୍ଦ୍ର ସ୍ୱର୍ଣ୍ଣ ସୀତା ନିର୍ମାଣକରି ଅଶ୍ୱମେଧ ଯଜ୍ଞର ଆୟୋଜନ କରିଛନ୍ତି । ଲବକୁଶଙ୍କୁ ସେଠାକୁ ନେବା ପାଇଁ ମହର୍ଷି ସୀତାଙ୍କଠାରେ ପ୍ରସ୍ତାବ ଦେବାରେ ସୀତା ସମର୍ଥନ ଜଣାଇଛନ୍ତି ଏବଂ ମହର୍ଷି ଯଜ୍ଞପୀଠରେ ବିଭୀଷଣ, ଲକ୍ଷ୍ମଣ, ଅଙ୍ଗଦ, ସୁଗ୍ରୀବ ଏବଂ ଅମିତ ବିକ୍ରମଶାଳୀ ବୀରହନୁମାନର ଖ୍ୟାତ ପୁତ୍ର ଦ୍ୱୟଙ୍କ ଆଗରେ ଜଣାଇଛନ୍ତି । ସ୍ୱର୍ଣ୍ଣ ସୀତା ନିର୍ମାଣକରି ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରୁଥିବା କଥା ଶ୍ରବଣରେ ସୀତାଙ୍କର ନୟନରୁ ଅଶ୍ରୁର ପ୍ଲାବନ ସୃଷ୍ଟି ହୋଇଛି । ଏହି ସମୟରେ ଲବକୁଶ ଦୁଇଜଣ ମାତାଙ୍କ ପାଖକୁ ଆସି ମାତାଙ୍କୁ ଜଣାଇଛନ୍ତି —

"—ଗୋ ମାତଃ, ଧନ୍ୟ ଧନ୍ୟ ରଘୁପତି
ଧନ୍ୟ ତାଙ୍କ ପ୍ରଣୟିନୀ ସତୀ ଭାଗ୍ୟବତୀ
ଅଶ୍ୱମେଧ କରୁଛନ୍ତି କୌଶଲ୍ୟାନନ୍ଦନ
ଦୂତ ଏକ ଆସିଅଛି ଧରି ନିମନ୍ତ୍ରଣ
ଦୂତକୁ ପଚାରି ଯାହା ହେଲୁ ଅବଗତ
ରାମଚନ୍ଦ୍ର ଯୋଗୁଁ ଆଜ ଧନ୍ୟ ଏ ଜଗତ
ଜନ ଅପବାଦ ରାମ କଲେ ବିଭଞ୍ଜନ
ପ୍ରାଣ-ପ୍ରଣୟିନୀ ସୀତା କରି ବିସର୍ଜ୍ଜନ
"ଅଶ୍ୱମେଧ ଯଜ୍ଞେ ସହଧର୍ମିଣୀ ସକାଶେ
ଜାନକୀ ଜାନକୀ ରାମ ରଖିଛନ୍ତି ପାଶେ
ଥିଲା କି ଜନନୀ, ତାଙ୍କୁ ଦୟିତା ଦୁର୍ଲ୍ଲଭ
ଅନ୍ୟ ଜାୟା ନ ଇଚ୍ଛିଲେ ଜାନକୀ-ବଲ୍ଲଭ
କାହିଁଗଲେ ଜାନକୀ ମା' ନଥିବେ ଜୀବନେ ?
ନପାରିଲୁଁ ଜାଣି ସେହି କଥା ରାମାୟଣେ ।"

(ତପସ୍ୱିନୀ—ଏକାଦଶ ସର୍ଗ)

Digitized by srujanika@gmail.com

ଏହିକଥା ପୁତ୍ର ଦ୍ୱୟଙ୍କଠାରୁ ଶ୍ରବଣକରି ରାମଚନ୍ଦ୍ରଙ୍କ ଭୁଲ ତ୍ରୁଟି ପଣ ଲେଖିବା ତାଙ୍କର ହୃଦ୍ଗତ ହୋଇଛି । ସେ ନିଜକୁ ଅପରାଧୀ ରୂପେ ସାବ୍ୟସ୍ତକରି ରାମଚନ୍ଦ୍ରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି । ଅଶ୍ୱମେଧ ଯଜ୍ଞ ଦେଖିବାକୁ ଯାଇ ମହର୍ଷିଙ୍କ ଦ୍ୱାରା ଯଜ୍ଞ ସଭାରେ ରାମଚରିତ ଗାୟନ କରିଛନ୍ତି । ଶିଶୁପୁତ୍ର ଦୁଇଜଣଙ୍କ କଣ୍ଠରୁ ସୀତା-ରାମଙ୍କ ଜୀବନ ଚରିତ ଶ୍ରବଣକରି ରାମଚନ୍ଦ୍ର ମୁଗ୍ଧ ହୋଇଛନ୍ତି ଏବଂ ତାଙ୍କର ପରିଚୟ ପାଇ ତାଙ୍କୁ ଆଲିଙ୍ଗନ କରିଛନ୍ତି । ଏହାହିଁ ତପସ୍ୱିନୀ କାବ୍ୟର ବିଷୟବସ୍ତୁ ।

ତପସ୍ୱିନୀ କାବ୍ୟର ଶେଷ ଦୁଇସର୍ଗ କଳ୍ପନା ବା ବାସ୍ତବଧର୍ମୀ ନହୋଇ ଗଳ୍ପଧର୍ମୀ ହୋଇପଡ଼ିଛି । ବିଷୟବସ୍ତୁକୁ ସମାପ୍ତ କରିବା ପାଇଁ କବିଙ୍କ ମନ ଚଞ୍ଚଳ ହୋଇ ଉଠିଛି । ଯାହାଦ୍ୱାରା କି ଲେଖାର ସାବଲୀଳତା ନଷ୍ଟ ହୋଇଛି । ଯେଉଁ ଆଶ୍ରମର ତାପସ-ତାପସୀଗଣ ସୀତାଙ୍କ ଦୁଃଖରେ ସମ୍ବେଦନଶୀଳ ଥିଲେ ସେମାନେ କୁମାର ଦ୍ୱୟଙ୍କ ଜନ୍ମ ପରେ ଅପସରି ଯିବାରୁ କାବ୍ୟର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଇଛି । କାବ୍ୟର ସମାପ୍ତି ଘଟିବା ପର୍ଯ୍ୟନ୍ତ ତଥା କୁମାର ଦ୍ୱୟଙ୍କ ବାଲ୍ୟକ୍ରୀଡ଼ାଠାରୁ ଆରମ୍ଭ କରି ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞକୁ ଯିବା ପର୍ଯ୍ୟନ୍ତ ଏହି ଦୀର୍ଘ ସମୟ ଭିତରେ ପ୍ରକୃତିର ଭୂମିକା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ବିବେଚିତ ହୋଇଥାଏ । କିନ୍ତୁ କବି ତାହାର କ୍ଷୀଣ ଆଭାସ ଦେଇ କାବ୍ୟଟିର ସମାପ୍ତି ଘଟାଇଛନ୍ତି ।

ତପସ୍ୱିନୀ ନାମକରଣର ସାର୍ଥକତା :

କାବ୍ୟ ରଚନା କଲାବେଳେ କବି ବିଷୟବସ୍ତୁ ଆହରଣ କରି ତାକୁ ବିଭିନ୍ନ ପର୍ଯ୍ୟାୟଭୁକ୍ତ ମାଧ୍ୟମରେ ବିସ୍ତାରିତ କରିଥାଏ । ବାକ୍ୟଂ ରସାତ୍ମକଂ କାବ୍ୟମ୍— (ସାହିତ୍ୟ ଦର୍ପଣ-ବିଶ୍ୱନାଥ କବିରାଜ) ରସ ହେଉଛି କାବ୍ୟର ପ୍ରାଣ । କାବ୍ୟରେ ବିଭିନ୍ନ ରସର ଅବତାରଣା କରାଯାଇଥାଏ । ଭାରତୀୟ ଅଲଙ୍କାର ଶାସ୍ତ୍ରର ଇତିହାସରେ ରସର ପ୍ରାଧାନ୍ୟ ସ୍ୱୀକୃତ । ଭରତ ମୁନି ଏହି ରସ ସମ୍ପ୍ରଦାୟର ପ୍ରତିଷ୍ଠାତା ଓ ତତ୍-ପରବର୍ତ୍ତୀ ଆଲଙ୍କାରିକ ବିଶ୍ୱନାଥ କବିରାଜ ହିଁ ରସ ସିଦ୍ଧାନ୍ତର ଜଣେ ବଳିଷ୍ଠ ସମର୍ଥକ । ଭୋଜରାଜ, ମମ୍ମଟ ଭଟ୍ଟ ମଧ୍ୟ ରସକୁ କାବ୍ୟର ଆତ୍ମା ସହିତ ସମନ୍ୱିତ କରିଛନ୍ତି । କାବ୍ୟର କଳେବର ବର୍ଦ୍ଧନ ଓ ନାମକରଣ କରିବାରେ କବି କେତେ-ଦୂର ସଫଳକାମ ହୋଇପାରିଛନ୍ତି ତାହା ହିଁ ଏଠାରେ ବିଚାର୍ଯ୍ୟବସ୍ତୁ । ପ୍ରତ୍ୟେକ କବି କାବ୍ୟ ରଚନା କଲାବେଳେ ନାମକରଣ ଉପରେ ବିଶେଷ ଗୁରୁତ୍ୱ ଦେଇଥାନ୍ତି । କବି କାବ୍ୟର ନାମକରଣ "ତପସ୍ୱିନୀ" ଦେବାକୁ ଯାଇ ସୀତାଙ୍କର ଉତ୍ତର ଜୀବନ ତପସ୍ୱିନୀ ଭାବରେ ଚିତ୍ରଣ କରିଛନ୍ତି । ସୀତାଙ୍କର ଉତ୍ତର ଜୀବନରେ କରୁଣ ରସର ଉଦ୍‌ବେଳ କଲ୍ଲୋଳ ସୃଷ୍ଟି ହୋଇଛି । କବି ମେହେର କାବ୍ୟର ନାମକରଣ "ତପସ୍ୱିନୀ" ରଖିବା ପାଇଁ ରଘୁବଂଶରୁ ସଙ୍କେତ ପାଇଥିବା ଜଣାଯାଏ । "ରସ ରତ୍ନାକର" ରଚନା କରିବା ପରେ "ତପସ୍ୱିନୀ" ରଚନା କରିବା ପର୍ଯ୍ୟନ୍ତ କବିଙ୍କର ଦୀର୍ଘ କୋଡ଼ିଏ ବର୍ଷ ବିତି ଯାଇଛି । ପ୍ରାଚୀନ ଓ ନବୀନର ସମ୍ମିଶ୍ରଣରେ ତପସ୍ୱିନୀ କାବ୍ୟରୂପ ଧାରଣ କରିଛି । ଡକ୍ଟର ନଟବର ସାମନ୍ତରାୟ ତାଙ୍କର "ଗଙ୍ଗାଧର ସାହିତ୍ୟ

Digitized by srujanika@gmail.com

ସମୀକ୍ଷା" ପୁସ୍ତକରେ ତପସ୍ୱିନୀ ନାମକରଣରେ ଯଥାର୍ଥତା ନିମ୍ନମତେ ପ୍ରଦର୍ଶନ କରିଛନ୍ତି । ରଘୁବଂଶରେ ରାମଚନ୍ଦ୍ରଙ୍କୁ ଲକ୍ଷ୍ୟକରି ନିର୍ବାସିତା ସୀତା କହିଛନ୍ତି, "ଅତଏବ ଆପଣ ମୋତେ ନିର୍ବାସିତା କଲେ ମଧ୍ୟ ସାମାନ୍ୟ ତପସ୍ୱିନୀ ଜ୍ଞାନରେ ଅବଶ୍ୟ ଦୃଷ୍ଟି ରଖିବେ ।" (୧୪।୬୭) (ତପସ୍ୱି ସାମାନ୍ୟମ୍ ବେକ୍ଷଣୀୟା) ପୁନର୍ବାର ସୀତାଙ୍କ ପ୍ରସଙ୍ଗରେ କବି ଲେଖିଛନ୍ତି, ବନେନଯା ବଲ୍କଲିନୀ ଶରୀରଂ ପ୍ରତ୍ୟୁ ପ୍ରଜାତନ୍ତ୍ରତସ୍ତେ ବଲ୍ଲଭ ।" (୧୪।୮୨) ଅର୍ଥାତ୍ ପତି ରାମଚନ୍ଦ୍ରଙ୍କ ସନ୍ତାନ ରକ୍ଷା ପାଇଁ ସେ ବଲ୍କଲିନୀ ରୂପରେ ବଣ୍ୟ ଫଳମୂଳ ଦ୍ୱାରା ନିଜ ଶରୀର ରକ୍ଷା କରିଥିଲେ । ସୀତାଙ୍କର ଏ ବଲକଲିନୀ ରୂପ "ତପସ୍ୱିନୀ"ର ରୂପ ମାତ୍ର । ଅଧ୍ୟାପକ ଡକ୍ଟର ନଗେନ୍ଦ୍ର ନାଥ ପ୍ରଧାନ, ଅଧ୍ୟାପକ ଡକ୍ଟର ଅସିତ୍ କବି ମଧ୍ୟ ଉପରୋକ୍ତ ମତକୁ ସ୍ୱୀକୃତ କରିଥିଲାବେଳେ ଆଲୋଚକ ମଧ୍ୟ ଉପରୋକ୍ତ ମତ ରଘୁବଂଶରେ ପ୍ରତିଫଳିତ ହୋଇଥିବା ଦୃଷ୍ଟାନ୍ତକୁ ସ୍ୱୀକୃତି ପ୍ରଦାନ କରିବା ସ୍ୱାଭାବିକ । ତପସ୍ୟାର ଅଭାବ ଯୋଗୁଁ ପୂର୍ବଜନ୍ମରେ କୃତକଳଙ୍କର ମାର୍ଜ୍ଜନା ପାଇଁ ସୀତା ପରଜନ୍ମରେ ତପସ୍ୱିନୀ ଭାବରେ ଜୀବନ ବିତାଇବା ପାଇଁ କାମନା କରିଥିଲେ । ଯାହାଙ୍କ ଦ୍ୱାରା ରଘୁବଂଶ କଳଙ୍କିତ, ଯାହାଙ୍କ ପାଇଁ କାବ୍ୟକାରଙ୍କର ଲେଖନୀ ସ୍ପନ୍ଦିତ, ସେହି କଳଙ୍କିନୀ ଜୀବନ ବାଲ୍ମୀକିଙ୍କ ଆଶ୍ରମରେ ଯାପନ କରି ବଣ୍ୟ ଫଳମୂଳ ଆହାର ଦ୍ୱାରା ନିଜର କଷ୍ଟମୟ ଜୀବନକୁ ଉଦ୍‌ଯାପନ କରିଥିଲେ । ଆଶ୍ରମରେ ତପସ୍ୱିନୀ ଭାବରେ ଜୀବନଯାପନ କରିବା ଭିତରେ ଅଯୋଧ୍ୟାର ରାଜମହିଷି ସୀତା ସ୍ୱାମୀଙ୍କର ମଙ୍ଗଳ କାମନା କରି ନିଜକୁ ଗୌରବାନ୍ୱିତା ରୂପେ ପରିଚୟ ଦେଇଥିବାରୁ କବି କାବ୍ୟର ନାମକରଣ "ତପସ୍ୱିନୀ" ଦେବା ଯଥାର୍ଥ ବୋଲି ମନେ ହୋଇଥାଏ । ପୁନଶ୍ଚ ପୁନର୍ଜନ୍ମ ପରେ ସୀତା ରାମଚନ୍ଦ୍ରଙ୍କ ସହିତ ମିଳନର କାମନା ରଖି କଠୋର ତପସ୍ୟା ଦ୍ୱାରା ଦୁଃଖମୟ ଜୀବନଯାପନ କରିଛନ୍ତି । ଆଶ୍ରମରେ ତାପସ ତାପସୀମାନେ ନିଷ୍ଠା, ସଂଯମ, କଠୋର ସାଧନାର ବଶବର୍ତ୍ତୀ ହୋଇ ଜୀବନଯାପନ କରିବା ଶାସ୍ତ୍ରସମ୍ମତ । ସୀତା ତାଙ୍କର ଉତ୍ତର ଜୀବନରେ ତହିଁରୁ ବାଦ୍ ପଡ଼ି ନାହାନ୍ତି । ସୀତା ବୃକ୍ଷମୂଳରେ ଜଳଦେବା ସମୟରେ ସୂର୍ଯ୍ୟଙ୍କର ଆତପଦହ୍ୟ ମୟୂଖକୁ ସହ୍ୟ କରି ନ ପାରି ଅଚଷ୍ଟା ହୋଇପଡ଼ିବା ବେଳେ ଆଶ୍ରମସ୍ଥ ଅନୁକମ୍ପାନାମ୍ନୀ ବୃଦ୍ଧା ସୀତାଙ୍କୁ ତହିଁରୁ ନିବୃତ୍ତ କରିଥିବା କଥା ମେହେର ତାଙ୍କ କାବ୍ୟରେ ସୂଚାଇଛନ୍ତି । ନିର୍ବାସିତା ସୀତା ତପସ୍ୱିନୀ ଜୀବନଯାପନ ପୂର୍ବକ ରାମଚନ୍ଦ୍ରଙ୍କ ପ୍ରତି ନିଷ୍ଠା, ପ୍ରଜାଙ୍କ ପ୍ରତି ସ୍ନେହ ତଥା ରଘୁବଂଶର ମାନମର୍ଯ୍ୟାଦା ଓ ଯଶ ରକ୍ଷାକରି ଯଶସ୍ୱିନୀ ହୋଇ ପାରିଛନ୍ତି । ଲଙ୍କାପୁରରେ ଅଗ୍ନିଦଗ୍ଧା ହୋଇ ସୀତା ନିଜ ସତୀତ୍ୱର ପରାକାଷ୍ଠା ଦର୍ଶାଇଥିଲେ ମଧ୍ୟ ଜୀବନରେ ସ୍ୱାମୀଙ୍କର ଅସାପତ୍ନ୍ୟ ସାନ୍ନିଧ୍ୟରୁ ବଞ୍ଚିତା ହୋଇ ଦୁଃଖସାଗରରେ ନିଜକୁ ଝମ୍ପପ୍ରଦାନ କରିଥିଲେ । କାବ୍ୟରେ ନାୟିକା ରୂପେ ସୀତାଙ୍କୁ ଚୟନ କରି କବି ରାମଚନ୍ଦ୍ରଙ୍କର କଠୋର ଆଦେଶରେ ଦୋହଦଜନର ଦୋହଦ ପୂରଣ ନିମିତ୍ତ ଅନୁଜ ଲକ୍ଷ୍ମଣଙ୍କ ଦ୍ୱାରା ନିର୍ଜନ ବନଭୂମିରେ ତାଙ୍କୁ ପରିତ୍ୟାଗ କରିଛନ୍ତି । ଯଦିଓ ମିଥ୍ୟାପବାଦରେ ସେ ସ୍ୱାମୀ ପରିତ୍ୟକ୍ତା ତଥାପି ସ୍ୱାମୀଙ୍କ ପ୍ରତି କେବେହେଲେ ସେ କ୍ରୋଧାନ୍ୱିତା ହୋଇନାହାନ୍ତି । କବି କାବ୍ୟର ନାମକରଣ ସହିତ ସୀତାଙ୍କର ତପସ୍ୱିନୀ ଜୀବନକୁ ସାର୍ଥକ କରିବା ପାଇଁ ସତୀନାରୀର ସତୀତ୍ୱ,

Digitized by srujanika@gmail.com

ଆଦର୍ଶ ପତିଭକ୍ତିର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ବାସ୍ତବରେ ଦେଖିବାକୁ ଗଲେ କବିଙ୍କ "ତପସ୍ୱିନୀ" ଓଡ଼ିଆ ସାହିତ୍ୟରେ ଏକ ସାର୍ଥକ ସୃଷ୍ଟି ଏଥିରେ ସନ୍ଦେହର ଅବକାଶ ନାହିଁ ।

ତପସ୍ୱିନୀ କାବ୍ୟରେ କବିଙ୍କର ଜୀବନଦର୍ଶନ :

ସବୁ କବି ଦାର୍ଶନିକ ନୁହନ୍ତି ଏହା ସତ୍ୟ; କିନ୍ତୁ ଦାର୍ଶନିକ ନ ହୋଇ କବି ନାହାନ୍ତି । କବି କାବ୍ୟକବିତା ରଚନା କଲାବେଳେ ନିଜ ଜୀବନର ଦର୍ଶନକୁ ତାହାର କାବ୍ୟ କବିତାରେ ରୂପାୟିତ କରିଥାଏ । ନିଜ ଜୀବନର ଦୁଃଖ ଓ ଅନୁଭୂତି ସହିତ ଜଡ଼ ଜଗତର ଦୁଃଖ ଓ ଅନୁଭୂତିକୁ ମିଶାଇ ସ୍ୱତଃସ୍ଫୂର୍ତ୍ତି ଭାବରେ କାବ୍ୟରେ ରୂପ ଦେଇଥାଏ । ଗଙ୍ଗାଧର ଥିଲେ ପ୍ରକୃତି କବି । ପ୍ରକୃତିର ଅବସ୍ଥିତିକୁ ଅବଲମ୍ବନ କରି କବି ତା'ର ଛନ୍ଦେଛନ୍ଦେ ନିଜଜୀବନର ଦାର୍ଶନିକ ବିଚାରଧାରା ପ୍ରକାଶ କରିଛନ୍ତି । ସେ ଦାର୍ଶନିକ ନ ହେଲେ ମଧ୍ୟ ତାଙ୍କର କାବ୍ୟ ଦର୍ଶନ ତତ୍ତ୍ୱରୁ ମୁକ୍ତ ନୁହେଁ । ତପସ୍ୱିନୀ କାବ୍ୟରେ ତାଙ୍କର ଜୀବନ ଦର୍ଶନ ପ୍ରତିଫଳିତ । ତପସ୍ୱିନୀ କାବ୍ୟରେ ସତୀ ଶିରୋମଣି ସୀତା ପତିପ୍ରେମର ମହତ୍ତ୍ୱକୁ ପ୍ରତିପାଦିତ କରିବାକୁ ଯାଇ ସକଳ ଦୁଃଖ ଓ ନିର୍ଯାତନା ସହ୍ୟକରିଛନ୍ତି । ଯଦି ଓ ସେ ପତି ପରିତ୍ୟକ୍ତା ତଥାପି ସେ ପତିହିତ ସାଧନା ତପସ୍ୟାରତା । ଏହି କାବ୍ୟର ରୂପ ଦେଲାବେଳେ ନିଜ ଜୀବନର ମାର୍ମିକ ଅନୁଭୂତି ସମ୍ବନ୍ଧରେ ପର୍ଯ୍ୟାଲୋଚନା କରିଛନ୍ତି । ତାଙ୍କର ଜୀବନ ଦୁଃଖ ଓ ଜଞ୍ଜାଳମୟ । ତାଙ୍କର ଜୀବନ-ସରୋବର ଦରିଦ୍ରତା—ପଙ୍କରେ ପରିପୂର୍ଣ୍ଣ । ତଥାପି ସେ ସରସ୍ୱତୀଙ୍କର ଅନୁକମ୍ପାଲାଭରୁ ବଞ୍ଚିତ ନୁହେଁ । ତେଣୁ ସେ କାବ୍ୟ ଆରମ୍ଭ କରିବାକୁ ଗଲାବେଳେ ପ୍ରଥମ ସର୍ଗରେ ବର୍ଣ୍ଣନା କରିଛନ୍ତି—

"ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ ଜୀବନ ସର
ଜଞ୍ଜାଳ ଜଳଦ-ଜଳେ ଆବିଳ ଉଦର
ଶରଦ ସଦୃଶ ତୋତେ କରି ଦରଶନ
ହୋଇ ଯାଉଅଛୁ ସେତ ସ୍ୱତଃ ପରସନ୍ନ ।"

ସକଳ ଯନ୍ତ୍ରଣା କବି ଅନୁଭବ କରୁଥିଲେ ମଧ୍ୟ ତାହାରି ମଧ୍ୟରେ ସେ ଆନନ୍ଦ ଉପଲବ୍ଧି କରିଛନ୍ତି । ଭାଗ୍ୟଫଳରୁ କେହି ରକ୍ଷା ପାଇପାରନ୍ତି ନାହିଁ ବୋଲି ସୀତାଙ୍କର ନିର୍ବାସନ ମୂଳରେ ହିଁ ତାଙ୍କର ଭାଗ୍ୟଦାୟୀ । ବାଲ୍ମୀକି ମୁନିଙ୍କ ଆଶ୍ରମରେ ଅଯୋଧ୍ୟାର ରାଜା ରାମଚନ୍ଦ୍ରଙ୍କର ପୁତ୍ରଯୁଗଳ ଜନ୍ମଲାଭ କଲେ । ପୁଣି ଗଙ୍ଗାଧର ଦାମ୍ପତ୍ୟ ପ୍ରେମର ମହତ୍ତ୍ୱକୁ ପ୍ରତିପାଦନ କରିବାକୁ ଯାଇ ଦର୍ଶାଇଛନ୍ତି ଯେ—'ପତି ଏକା ସତୀ ମତି ଶରଣ'—ସୀତା ନିର୍ବାସନ ଦଣ୍ଡ ପାଇଥିଲେ ମଧ୍ୟ ସମଗ୍ର ଜଗତକୁ ସେ ରାମଚନ୍ଦ୍ରମୟ ମନେକରିଛନ୍ତି । କାମ, କ୍ରୋଧ, ଲୋଭ ଅହଂକାର ଆଦି ଆସୁରିକ ଭାବକୁ ସେ ଗ୍ରହଣ ନକରି ଶ୍ରଦ୍ଧା, ପ୍ରେମ, ଶାନ୍ତି, ଦୟା ଆଦି ଦୈବୀଗୁଣକୁ ଶ୍ରେଷ୍ଠରୂପେ ବିବେଚନା କରିଛନ୍ତି । ଏହି ଦୃଷ୍ଟିରୁ ସୀତା ରାମଚନ୍ଦ୍ରଙ୍କୁ କହିଛନ୍ତି—

"ଶ୍ରୀ ଚରଣେ ମତି ମୋର, ଶ୍ରୀ ଚରଣେ ଗତି
ତୁମ୍ଭବିନା ନ ବାଞ୍ଛଇ ସରଗ ସମ୍ପତ୍ତି
× × ×

Digitized by srujanika@gmail.com

ସେ ମୁଖୁଁ ବଞ୍ଚିତା ହେଲେ ନ ବଞ୍ଚିବ ସୀତା
ପ୍ରଭୁ ପାଦ ସେବାବିନା ବିଶ୍ୱ ତାଙ୍କୁ ତିତା ।''

ପୁଣି ପତି ଓ ପତ୍ନୀର ସ୍ୱର୍ଗୀୟ ପ୍ରେମର ସାର୍ଥକ ରୂପ ପ୍ରଦାନ କରିବାକୁ ଯାଇ କବି ଲେଖିଛନ୍ତି—

"କାନ୍ତାବିନା କାନ୍ତ ପ୍ରାଣ ସ୍ୱଭାବେ ବିକଳ
ବିକଳ ଜୀବନ ମଣେ ଜଗତ ନିଷ୍ଫଳ
ଭାସୁଥାଏ ଜୀବ ଯେବେ ସଂସାର ସାଗରେ
ତରିବା ଭରସା ଥାଏ ବନିତା-ନାବରେ ।''

ଏହାହିଁ ତପସ୍ୱିନୀ କାବ୍ୟରେ ଗଙ୍ଗାଧରଙ୍କର ଜୀବନଦର୍ଶନ । ସୀତା ରାମଚନ୍ଦ୍ରଙ୍କ ଦ୍ୱାରା ବର୍ଜିତା ସତ; ତଥାପି ସେ କେବେହେଲେ ରାମଚନ୍ଦ୍ରଙ୍କୁ ମନ୍ଦ ମଣି ନାହାନ୍ତି କିମ୍ବା ନିନ୍ଦା କରିନାହାନ୍ତି । ରାମଚନ୍ଦ୍ର ପ୍ରଜାସାଧାରଣଙ୍କର ଶାସକ ମାତ୍ର । ପ୍ରଜାମାନଙ୍କୁ ପ୍ରତିପାଳନ କରିବା ତାଙ୍କର ଧର୍ମ ଓ କର୍ତ୍ତବ୍ୟ । ସୀତା ରାମଚନ୍ଦ୍ରଙ୍କର ସତୀନାରୀ ହେଲେ ବି ଅଗଣିତ ଜନସାଧାରଣଙ୍କର ଉକ୍ତିକୁ ସେ ମାନିବାକୁ ବାଧ୍ୟ । ତେଣୁ—

"ମିଥ୍ୟା କଥା ଯେବେ ପ୍ରଜାଏ କହିବେ
ମେଳ ହୋଇ ଶତ ଶତ
ମିଥ୍ୟା ଜାଣି ଜାଣି ତାଙ୍କୁ ମାନି ମାନି
ବୋଲିଯାଏ ସତ ସତ ।''

ଏହା ହେଉଛି ରାଜାର ଧର୍ମ ଓ ପ୍ରଜା ପାଳନର କର୍ତ୍ତବ୍ୟ । ଏଣୁ ରାମଚନ୍ଦ୍ର ବିଶ୍ୱ ଦରବାରରେ ନନ୍ଦିତ । ଧର୍ମ ଓ ସତୀତ୍ୱ ବଳରେ ସିନା ସତୀ ନାରୀର ନାରୀତ୍ୱ ଅକ୍ଷୁର୍ଣ୍ଣ ରହେ; କିନ୍ତୁ ଜନସାଧାରଣ ସେ କଥା ଚିନ୍ତା ନକରି ଦୋଷାରୋପ କରିଥାନ୍ତି । କାବ୍ୟରେ କବି ସର୍ବଦା ବିଧାତାଙ୍କ ଉପରେ ଭାଗ୍ୟଡୋରି ବାନ୍ଧି କହିଛନ୍ତି—"କିନ୍ତୁ କେ ଲଙ୍ଘିବ ବିଧାତାର ହାତ ?'' ଭାଗ୍ୟବାଦୀ କବି ଗଙ୍ଗାଧର ଉକ୍ତ କାବ୍ୟରେ ଭାଗ୍ୟ, ବିଧିବିଧାନ ତଥା ବିଧାତା ଉପରେ ନିର୍ଭର କରିଛନ୍ତି । ତାଙ୍କର ଦର୍ଶନ କହେ—ବିଧିର ବିଧାନକୁ ଲଙ୍ଘିବା ପାଇଁ ଜନସାଧାରଣଙ୍କର କ୍ଷମତା ନାହିଁ । ପ୍ରଜାନୁରଞ୍ଜନ ରାଜା ଯଦି ପ୍ରଜାଙ୍କର ମନରଞ୍ଜନ ପାଇଁ ବ୍ୟବସ୍ଥା ନ କରନ୍ତି କିମ୍ବା ପ୍ରଜାଙ୍କର ମନ୍ତବ୍ୟରେ କର୍ଣ୍ଣପାତ ନ କରନ୍ତି ତାହାହେଲେ ପ୍ରଜାଙ୍କ ତରଫରୁ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ ସୃଷ୍ଟି ହୁଏ । ରାମଚନ୍ଦ୍ର ଜଣେ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠ ଶାସକ ହୋଇଥିବାରୁ ପ୍ରଜାଙ୍କ ଆବେଦନ କିମ୍ବା ହାରି ଗୁହାରି ନ ଶୁଣନ୍ତେ କିପରି ? ପ୍ରକୃଷ୍ଟ କବି ଗଙ୍ଗାଧର ଜଣେ ଆଦର୍ଶବାଦୀ କବି ହୋଇଥିବାରୁ ସମାଜର ରୀତିନୀତିକୁ ଲକ୍ଷ୍ୟ କରି ବିଷୟର ମାଧ୍ୟମରେ କାବ୍ୟରେ ଜୀବନଦର୍ଶନକୁ ଉପସ୍ଥାପିତ କରିଛନ୍ତି । ସେ ଥିଲେ ଧର୍ମ ଓ କର୍ମର ଉପାସକ । ପ୍ରବଳ ନିଷ୍ଠା ଓ ନୈତିକତା ଭିତରେ ସେ ଗତି କରୁଥିଲେ । ଦାମ୍ପତ୍ୟ ପ୍ରେମର ଜୀବନ୍ତସ୍ୱରୂପ ଅନୁସାରୀ ମେହେର ରାମଚନ୍ଦ୍ର ଓ ସୀତାଙ୍କର ଚରିତ୍ର ଦର୍ଶାଇ କାବ୍ୟଟିକୁ ସରସ ସୁନ୍ଦର ତଥା ସୁଖ ପାଠ୍ୟ କରିପାରିଛନ୍ତି ।

Digitized by srujanika@gmail.com

ପ୍ରକୃତରେ ଦେଖିବାକୁ ଗଲେ ଗଙ୍ଗାଧରଙ୍କର ଜୀବନଦର୍ଶନ ସତୀର ସତୀତ୍ୱ, ଦାମ୍ପତ୍ୟପ୍ରେମ, ରାମଚନ୍ଦ୍ରଙ୍କର ଆଦର୍ଶଶାସନ, ପ୍ରଜାପାଳନ, ବହିଃ ପ୍ରକୃତି ସହିତ ଅନ୍ତଃ ପ୍ରକୃତିର ମିଳନ, ନୀତିନିୟମ, ଭାଗ୍ୟ-ଭଗବାନଙ୍କ ଉପରେ ନିର୍ଭର କରିଛି । କବିଙ୍କର ଜୀବନ ସହିତ ତପସ୍ୱିନୀରେ ଦୁଃଖସନ୍ତପ୍ତା ସୀତାଙ୍କର ଦୟନୀୟ ବେଦନା ଏପରି ଭାବରେ ଫୁଟିଉଠିଛି ଯେ, ଯେ କେହି ସହୃଦୟ ପାଠକ ପାଠ କଲାମାତ୍ରେ ମର୍ମେ ମର୍ମେ ଅନୁଭବ କରିପାରିବ । ତାଙ୍କର ସମଗ୍ର ଜୀବନଟି ଦୁଃଖ ଦାରିଦ୍ର୍ୟ ମଧ୍ୟରେ କଟିଥିଲା । ନିଜ ମାନସିକ ଅବସ୍ଥାର ସ୍ଥିତି ସ୍ଥାପକତା ପାଇଁ ସେ ବାଛି ନେଇଥିଲେ କେତୋଟି ଚରିତ୍ର । ନିଜକୁ ଅଭିଶପ୍ତ ବ୍ୟକ୍ତି ରୂପେ ସାବ୍ୟସ୍ତ କରି ଓ ନିଜକୁ ତିଳତିଳ କରି ହତ୍ୟା କରିବାକୁ ସେ କୁଣ୍ଠିତ ହୋଇନାହାନ୍ତି । ସଂସାରର ଆବିଳତା ଠାରୁ ଦୂରରେ ରହିବାକୁ ସେ ଚେଷ୍ଟା କରିଛନ୍ତି । ସହାନୁଭୂତି ଶୂନ୍ୟ ବାସ୍ତବ ଦୁନିଆରେ ଅତି କଷ୍ଟରେ ସେ ବଞ୍ଚି ରହିବାକୁ ବାଧ୍ୟ ହୋଇଥିଲେ । "ଦଇବ ଦଉଡ଼ି ମଣିଷ ଗାଈ" ଭଳି ଦୈବ ଉପରେ ନିର୍ଭର କରି ନିଜକୁ ତଥା ତାଙ୍କର କାବ୍ୟନାୟକ ଓ ନାୟିକାଙ୍କ ଜୀବନକୁ ଲାଞ୍ଛିତ, ନିକ୍ଷେପିତ ଭାବରେ ଚିତ୍ରଣ କରିଛନ୍ତି । ତାଙ୍କ କାବ୍ୟର ଚରିତ୍ର-ଗୁଡ଼ିକ ଏଭଳି ସୃଷ୍ଟି ହେଲେ ମଧ୍ୟ ପରିଣତିରେ ହୋଇଯାଇଛି ନିର୍ମଳ, ପବିତ୍ର, ଆଦର୍ଶ ଓ କମନୀୟ ।

ତପସ୍ୱିନୀରେ ପ୍ରକୃତି (ବହିଃପ୍ରକୃତି ଓ ଅନ୍ତଃପ୍ରକୃତିର ସମନ୍ୱୟ) :

ସ୍ରଷ୍ଟାଙ୍କର ସୃଷ୍ଟିରେ ଚିର ହାସ୍ୟମୟୀ ଲାସ୍ୟମୟୀ ନାରୀ ଯେପରି ଆଦର୍ଶସ୍ଥାନୀୟା ଓ ମହନୀୟା ସେହିପରି ମେଧାବୀଙ୍କ ସୃଷ୍ଟିରେ ପ୍ରକୃତି ହୋଇଛି ଚିରପୂଜ୍ୟା ଓ ବନ୍ଦନୀୟା । ଓଡ଼ିଆ ସାହିତ୍ୟର ପୂଜନୀୟ ଓ ବନ୍ଦନୀୟ କବି ସାରଳାଦାସ ଏହି ପ୍ରକୃତିର ରୂପ ଦେବାକୁ ଯାଇ ମହାଭାରତ ଯୁଦ୍ଧର କୌରବ ଓ ପାଣ୍ଡବଙ୍କର ଭୟାନକ କରୁଣ ଦୃଶ୍ୟକୁ ସଜାଇଥିବା ବେଳେ ଅନାସକ୍ତ ଯୋଗୀଭଳି ପାର୍ଥିବ ଜଗତରୁ ଦୂରେଇ ଯାଇ ମଠମାନଙ୍କରେ ପରଂ-ବ୍ରହ୍ମଙ୍କ ସାଧନାରେ ନିମଗ୍ନ ରହିଛନ୍ତି । ରୀତିଯୁଗର ସର୍ବଶ୍ରେଷ୍ଠ କବି ଉପେନ୍ଦ୍ର ଭଞ୍ଜ ସନ୍ନ୍ୟାସ ପ୍ରତି ବିମୁଖ ହୋଇ ସ୍ୱର୍ଣ୍ଣଖଚିତ କେଳି ସଦନରେ ସ୍ୱର୍ଣ୍ଣପ୍ରଦୀପ ଜାଳି ପ୍ରଣୟ-ପ୍ରଣୟିନୀର ଗୁପ୍ତକେଳିର ଚିତ୍ର ପ୍ରଦାନ କରି ଧନ୍ୟ ହୋଇଥିବାବେଳେ ମଧ୍ୟଯୁଗୀୟ କବି ରାଧାନାଥ ଆଶ୍ରୟ ନେଇଛନ୍ତି ପ୍ରକୃତିର ପ୍ରଶାନ୍ତ ବକ୍ଷରେ । କେତେବେଳେ ଅବା କେଉଁ ସମୟରେ ପ୍ରକୃତିର ନମ୍ର କମ୍ର ରୂପରେ ହସି ଉଠିଛନ୍ତି ତ କେତେବେଳେ ଭୀମ ଭୟଙ୍କର ରୁଦ୍ରମୂର୍ତ୍ତିଠାରୁ ଦୂରରେ ରହି ପ୍ରୀତ ହୋଇଉଠିଛନ୍ତି । କବି ମଧୁସୂଦନ ପ୍ରକୃତି କୋଳରେ ବ୍ରହ୍ମସ୍ୱାଦନ କରିଥିବା ବେଳେ ନନ୍ଦକିଶୋର ପଲ୍ଲୀ ପ୍ରକୃତିରେ ନିଜକୁ ହଜାଇ ଦେଇଛନ୍ତି । ଆଉ ଗଙ୍ଗାଧର ପ୍ରକୃତିର ଅନ୍ତରାଳରୁ ରହସ୍ୟ ଉଦ୍ଘାଟନ କରି ତପସ୍ୱିନୀରେ ସଜାଡ଼ିଛନ୍ତି ପୃଷ୍ଠାପରେ ପୃଷ୍ଠା । ତାଙ୍କର ଅପୂର୍ବ କବିତ୍ୱ ପ୍ରତ୍ୟେକ ବସ୍ତୁକୁ ସ୍ୱର୍ଗୀୟ ସୁଷମାରେ ସଜାଇ ଦେଇଛି । ପ୍ରକୃତିର ଅନ୍ତରାଳରୁ ମଣିଷ ପାଇଁ ସେ ସଜାଇ ଦେଇଛନ୍ତି ସନ୍ଧାନ । ବହିଃ-ପ୍ରକୃତିକୁ ଅବଲୋକନ କରିବା ସଙ୍ଗେ ସଙ୍ଗେ ଅନ୍ତଃପ୍ରକୃତିକୁ ସେ ପର୍ଯ୍ୟବେକ୍ଷଣ କରିଛନ୍ତି । ତେଣୁ ତାଙ୍କର କାବ୍ୟକୃତି ଅପରୂପ ସୁଷମାମଣ୍ଡିତ ହେବା ସଙ୍ଗେ ସଙ୍ଗେ ମହିମା ମଣ୍ଡିତ ହୋଇପାରିଛି । ରୀତିଯୁଗୀୟ କବି ତାଙ୍କର କାବ୍ୟ କୃତୀରେ ଯେଉଁ ପ୍ରକୃତି ବର୍ଣ୍ଣନା

Digitized by srujanika@gmail.com

ଉପସ୍ଥାପନ କରିଛନ୍ତି, ତାହା ନିର୍ଜୀବ ପରି ବୋଧ ହୋଇଥାଏ । କିନ୍ତୁ ଗଙ୍ଗାଧରଙ୍କର ପ୍ରକୃତି କେତେବେଳେ ସଜୀବ ହୋଇଛି ତ କେତେ ପ୍ରାଣପ୍ରାଚୁର୍ଯ୍ୟ ଭିତରେ ନିଜକୁ ହଜାଇ ଦେଇଛି । ଇଂରାଜୀ ସାହିତ୍ୟରେ ଓ୍ୱାର୍ଡସ୍‌ୱାର୍ଥ, ଶେଲି, କୀଟ୍‌ସ ଓ ଟେନିସନଙ୍କ ପରି ଗଙ୍ଗାଧର ପ୍ରକୃତି ଦେହରେ ବ୍ୟକ୍ତିତ୍ୱ ଆରୋପ କରିଥିବାର ପରିଲକ୍ଷିତ ହୁଏ । ଭାଗୀରଥୀ ତୀରସ୍ଥ ଜନାକୀର୍ଣ୍ଣ ଅରଣ୍ୟାନୀରେ ଅଗ୍ରଜ ଆଜ୍ଞାବହ ଅନୁଜ ଲକ୍ଷ୍ମଣ ରାମହୃଦ ଜ୍ୟୋତ୍ସ୍ନା ସତୀ ବୈଦେହୀଙ୍କୁ ବିସର୍ଜନ ଦେଇଦେଲେ ସେ ବିକଳ ବିଳାପରେ ମୂର୍ଚ୍ଛିତା ହୋଇ ଭୂପତିତା ହୋଇଛନ୍ତି । ବନ ପକ୍ଷିମାନେ ସୀତାଙ୍କ ଦୁଃଖରେ ସମବେଦନା ଜ୍ଞାପନ କରି କାନ୍ଦିବାକୁ ଲାଗିଛନ୍ତି । ବୈଦେହୀଙ୍କ ପ୍ରତି ରାମଚନ୍ଦ୍ରଙ୍କର ଏହା ଏକ ଘୋର ଅବିଚାର । ଏ ଅବିଚାର ବିରୁଦ୍ଧରେ ପ୍ରକୃତି ବିଦ୍ରୋହ ଘୋଷଣା କରି କହିଉଠିଛି—

"କରିବାକୁ ନିଷ୍ଠୁରର ସହିତ ସମର
ଭୃଙ୍ଗରାଜ ଖଡ୍‌ଗ କରେ ଗର୍ଜିଲା ପ୍ରଖର
ବାଷ୍ପ ଦଣ୍ଡ ତୂଣୀରକୁ ଝାଡ଼ି ବାରମ୍ବାର
ପଥିକଙ୍କ ପଥ କଲା କଅଦା ବାହାର ?"

କେବଳ ଏତିକି ନୁହେଁ । ସୀତାଙ୍କ ଦୁଃଖରେ ସମବେଦନା ପ୍ରକାଶକରି ଭାଗୀରଥୀ ଯେତେବେଳେ ନିଷ୍ଠୁର ସହିତ ସଂଗ୍ରାମ କରିଛି—

"ଭରିକି ସୀସକଗୁଳି ତରଙ୍ଗର ତୋପେ
ନିଷ୍ଠୁରକୁ ଭାଗୀରଥୀ ପ୍ରହାରିଲା କୋପେ ।"

ସେହି ଭାଗୀରଥୀ ସୀତାଙ୍କ ଦୁଃଖରେ ମ୍ରିୟମାଣା ହୋଇ ସତେସେପରି ତାଙ୍କର ସଙ୍କୋ ଫେରାଇ ଆଣିଛି । ସୀତା ହେଉଛନ୍ତି ସୂର୍ଯ୍ୟବଂଶର ବଧୂ । ତାଙ୍କର ଏହି ଦୁଃଖ ଦୁର୍ବିପାକ ଦେଖି—

"ସାଧ୍ୱୀ କୁଳବଧୂଙ୍କର ଦୁର୍ବିପାକ ଗୁହି
ଲଜ୍ଜାଭରେ ଭାନୁ ଦେଲେ ବଦନ ଲୁଚାଇ ।"

ସତୀ ସୀତାଙ୍କର ବିକଳ ବିଳାପ ଶୁଣି ଜାହ୍ନବୀ ସ୍ତମ୍ଭୀଭୂତା ହୋଇଛନ୍ତି । ତାହା କବିଙ୍କ ଲେଖନୀରେ—

"ସ୍ତମ୍ଭୀଗଲା ଜାହ୍ନବୀର ତରଙ୍ଗ ଆବଳୀ
ବନ୍ଦ ହୋଇଗଲା ବନେ ବିହଙ୍ଗ କାକଳି ।
ନ ହଲିଲା ପାଦପର ଗୋଟିଏ ପତର
ନ ଟଳିଲା ନୀଳା ଶାଳୀ-ବଲ୍ଲୀ କଳେବର
ଡାଳେ ଡାଳେ ବସି ପକ୍ଷୀ ପାତିଲେ ଶ୍ରବଣ
ତାଳେ ତାଳେ ପ୍ରାଣେ ଭରି ଶୋକ ପ୍ରସ୍ରବଣ ।"

ସମଗ୍ର ପ୍ରକୃତି ସୀତାଙ୍କ ଦୁଃଖରେ ସମବେଦନା ଜ୍ଞାପନ କରି ଆତ୍ମହରା ହୋଇ ଉଠିଛି । ଗଙ୍ଗାଧରଙ୍କର ଅନ୍ତଃ ପ୍ରକୃତି ମାନବୀୟ ପ୍ରକୃତିର ରୂପରସ ଛନ୍ଦରେ ଛନ୍ଦାୟିତ

Digitized by srujanika@gmail.com

ହୋଇଛୁ । ପ୍ରକୃତିକୁ ସଜ୍ଜିତ କରିବା ପାଇଁ ଗଙ୍ଗାଧର କାବ୍ୟର ପ୍ରତ୍ୟେକ ପର୍ଯ୍ୟାୟକୁ ସନ୍ଧ୍ୟା ପ୍ରଭାତ, ଉଷା, ମଧ୍ୟାହ୍ନ, ଋତୁ ଚକ୍ରର ଆବର୍ତ୍ତନକୁ ଅତି ନିପୁଣତାର ସହିତ ସଜ୍ଜିତ କରିଛନ୍ତି । ବାଲ୍ମୀକିଙ୍କ ଆଶ୍ରମରେ ତପସ୍ୱିନୀ ଜୀବନକୁ ସ୍ୱାଗତ କରିବା ପାଇଁ ଉଷା ଦଣ୍ଡାୟମାନା ହୋଇଛନ୍ତି । ଆଲୋକକନ୍ୟା ଉଷାର ଆଗମନରେ ଧରଣୀ ହୋଇଛୁ ଧନ୍ୟା । ସମଗ୍ର ଜଗତରେ ଦେଖାଦେଇଛୁ ବସନ୍ତ ମହୋତ୍ସବ । ପ୍ରକୃତି ଅଙ୍ଗରେ ଖେଳିଯାଇଛୁ ବୈଦ୍ୟୁତିକ ତରଙ୍ଗ । ସେହି ଉଷାର ଉଦ୍ଦେଶରେ—

"ସମୀର ସଙ୍ଗୀତ ଗାଏ ଭ୍ରମର ବୀଣା ବଜାଏ
ସୁରଭି ନର୍ତ୍ତନେଥାଏ ଉଷା ଉଦ୍ଦେଶେ
କୁମ୍ଭାଟୁଆ ହୋଇ ଭଟ୍ଟ ଆରମ୍ଭିଲ ସ୍ତବପାଠ
କଳିଙ୍ଗ ଅଇଲ୍ ପାଟ ମାଗଧ ବେଶେ
ଲଳିତ ମଧୁରେ କହିଲ,
ଉଠ ସତୀ ରାଜରାଣି, ରାତି ପାହିଲ"

ଆଶ୍ରମରେ ସୃଷ୍ଟି ହେଲା ଏକ ପବିତ୍ର ପରିବେଶ । ଓଁକାର ବେଦ ମନ୍ତ୍ରର ରସାପ୍ଲୁତ ସଞ୍ଜୀବନୀ ଧାରା ମୁନି ମୁଖରୁ ଝରିଆସିଲା । ଶଯ୍ୟା ତ୍ୟାଗକରି ସୀତା ତମସାକୁ ସ୍ନାନ କରିବାକୁ ଗଲବେଳେ ବାତ୍ସଲ୍ୟ ରସର ମୂର୍ତ୍ତିମତୀ ଜନନୀ ତମସା ସୀତାଙ୍କୁ କୋଳରେ ଧରି ସେ ଧନ୍ୟା ହୋଇଛୁ । ବହିଃ ପ୍ରକୃତି ସହିତ ଅନ୍ତଃ ପ୍ରକୃତିର ହୋଇଛୁ ସୁମଧୁର ସମନ୍ୱୟ । ଆଶ୍ରମ ବନଭୂମିରେ ବିଚରଣ କରୁଥିବା ସମୟରେ ପ୍ରକୃତି ତାଙ୍କର ସତ୍କାର କରିବା ପାଇଁ ହୋଇଛୁ ଯତ୍ନଶୀଳା—

"ସତୀ ସତ୍କାର କରିବା ଲାଗି
ଲତା ଗଣ ସାରି ସଜ୍ଜଙ୍କ ଲାଗି
ବୃକ୍ଷରୁ ଚନ୍ଦ୍ରାତପ କରି ମଣ୍ଡନ
ରଚିଥିଲେ ହେମ ସୁଷ୍ଠୋଳମ୍ବନ
ପକ୍ୱ ନାନା ରଙ୍ଗ ମାନ
ସୁବର୍ଣ୍ଣ ଗୋଲକ ରୂପେ ଶତ ଶତ
ହେଉଥିଲେ ଲମ୍ବମାନ ।"

ଋତୁ ବର୍ଣ୍ଣନା ସମୟରେ ଗଙ୍ଗାଧର ବହିଃ ପ୍ରକୃତି ସହିତ ଅନ୍ତଃ ପ୍ରକୃତିର ମିଳନ କରିଛନ୍ତି । ଏଭଳି ବର୍ଣ୍ଣନା କବି ରାଧାନାଥଙ୍କ ଆଗରୁ ଅନ୍ୟ କେହି ଓଡ଼ିଆ ସାହିତ୍ୟରେ କରିଥିବା ଜଣାଯାଏ ନାହିଁ । ପ୍ରକୃତି ବର୍ଣ୍ଣନା ମାଧ୍ୟମରେ କବି ସାଂସାରିକତା ପ୍ରତି ଆକ୍ଷେପ କରି ଗାଇଉଠିଛନ୍ତି—

"ଜୀବନ ଯଉବନ ବଳ୍କଲସମ
ବସନ୍ତ ବର୍ତ୍ତି ବନେ ହେଲା ଗ୍ରୀଷମ

Digitized by srujanika@gmail.com

ଯୁବା ଶକତ ଯଥା ହୁଏ ପ୍ରଖର
ପ୍ରଚଣ୍ଡ ତର ହୋଇ ଆସିଲା ଖର
ସୁଖ-ବିପକ୍ଷ ଭୋଗ ତୃଷ୍ଣାର ପରି
ଫସ୍ଫୁର କଲା ମୃଗତୃଷ୍ଣା ସୁନ୍ଦରୀ
ତୂଳା ଉଡ଼ିଲା ଫାଟି ଶାଳ୍ମଳୀ ତରୁ
କୃପଣଧନ କୋଳେ ଝଡ଼େ ଖାତରୁ ।"

ଲବକୁଶ ଜନ୍ମ ବେଳପରେ ରାଜହଂସ କୈଳାସ ପର୍ବତକୁ ଶୁଭ ଦେବାକୁ ଉଡ଼ିଯାଇଛି । ଶାରଦୀୟ ପ୍ରକୃତିର କମନୀୟ ଚିତ୍ରଣ କବି ଗଙ୍ଗାଧର କାବ୍ୟରେ ଅଲୌକିକ ଭାବରେ ପ୍ରଦର୍ଶନ କରିଛନ୍ତି । ପ୍ରତ୍ୟେକ ସର୍ଗରେ ବହିଃପ୍ରକୃତି ସହିତ ଅନ୍ତଃପ୍ରକୃତିକୁ ମିଳାଇ କବି ନିଜ ପ୍ରତିଭାର ଯଥାର୍ଥ ପରିଚୟ ପ୍ରଦାନକରି ଓଡ଼ିଆ ସାହିତ୍ୟରେ ଅମର ହୋଇଛନ୍ତି । ସେହେତୁ ପ୍ରାଚୀନପନ୍ଥୀ କବିଙ୍କର ପ୍ରାକୃତିକ ବର୍ଣ୍ଣନାକୁ ପର୍ଯ୍ୟବେକ୍ଷଣ କରିଥିଲେ ମଧ୍ୟ ପ୍ରାଚୀନ ପରିବେଶ ମଧ୍ୟରେ ନୂତନ ଶୈଳୀ ସ୍ଥାପନକରି ତାଙ୍କର କାବ୍ୟରାଜିକୁ ଉଚ୍ଚତର ସୋପାନରେ ଅଧିଷ୍ଠିତ କରାଇ ପାରିଛନ୍ତି । ଏହିପରି ଭାବରେ ତାଙ୍କର ପ୍ରକୃତି ଚିତ୍ରଣ ହୃଦୟସ୍ପର୍ଶୀ ହୋଇଥିବାରୁ ଓଡ଼ିଆ ସାହିତ୍ୟରେ ସେ ପ୍ରକୃତି କବି ଭାବରେ ପ୍ରତିଷ୍ଠିତ ହୋଇଛନ୍ତି ।

□□□

ତପସ୍ୱିନୀରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଶୈଳୀ

ପ୍ରାଚ୍ୟ :

ମଧୁପ ସୁରଭିତ ପୁଷ୍ପୋଦ୍ୟାନର ଗୋଟିଏ ପୁଷ୍ପର ମଧୁ ଆହରଣ କରି ସାରିବା ପରେ ଯେପରି ଅନ୍ୟ ଗୋଟିଏ ପୁଷ୍ପକୁ ଉଡ଼ିଯାଏ, ସେହିପରି ଶାସ୍ତ୍ରଜ୍ଞ କବି ଶାସ୍ତ୍ର ପରେ ଶାସ୍ତ୍ର ପର୍ଯ୍ୟବେକ୍ଷଣ କରି ତହିଁରୁ ନିର୍ଯ୍ୟାସଟିକୁ ସେ ଆହରଣ କରିବାକୁ କୁଣ୍ଠାବୋଧ କରେ ନାହିଁ । ଏହି ଆହରଣକୁ ନିଜର ଜ୍ଞାନ ଓ ଭାବରେ ସୁଭିମନ୍ତ କରେ ଯାହାଫଳରେ ତା'ର କାବ୍ୟ ହୁଏ ଉଚ୍ଚ ଓ ଆଦର୍ଶ । ପୁରାତନରେ ନୂତନତା ଏବଂ ପ୍ରତିଭା ବଳରେ ମୌଳିକତା ପ୍ରଦାନ କରି ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତାଧାରାରେ ନିଜର ଜ୍ଞାନକୁ ଉନ୍ମେଷ କରିବାରେ ସେ ପାଏ ଆନନ୍ଦ । ଗଙ୍ଗାଧରଙ୍କର କାବ୍ୟକୃତି ଏହି ପ୍ରାଚ୍ୟ ଚେତନାରୁ କକ୍ଷଚ୍ୟୁତ ହୋଇନାହିଁ । କବିଙ୍କ ତପସ୍ୱିନୀ ଓଡ଼ିଆ ସାହିତ୍ୟରେ ଏକ ମାଇଲ ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଧାନାଥ, ବ୍ୟାସଦେବ, ଭବଭୂତି, କାଳିଦାସ, ବାଲ୍ମୀକି, ସାରଳା, ଭଞ୍ଜ, ମାଇକେଲ୍

Digitized by srujanika@gmail.com

ମଧୁସୂଦନ ଆଦି କବିଙ୍କ ନିକଟରୁ ଗଙ୍ଗାଧର ବିଷୟବସ୍ତୁ ଆହରଣ କରିଛନ୍ତି । ପ୍ରାଚ୍ୟ ଚେତନା ହେଉଛି କବିଙ୍କ ପ୍ରାଣପିଣ୍ଡ । ପ୍ରାଚୀନ ସାହିତ୍ୟର କଥାବସ୍ତୁ, ଚରିତ୍ରଚିତ୍ରଣ ଓ ଶୈଳୀକୁ ବାଦ୍ ଦେଲେ ମେହେର ତାଙ୍କ ସାହିତ୍ୟରେ ନିଜର ମୌଳିକ ଚିନ୍ତାଧାରା ଉପସ୍ଥାପନ କରିଛନ୍ତି । ସେ ଦୁଃଖ, ଦୈନ୍ୟ ଭିତରେ ଗତି କରିଥିଲେ ସୁଦ୍ଧା ତାଙ୍କର ବର୍ଣ୍ଣନାଶୈଳୀରେ ଦୈନ୍ୟବୋଧ ଦେଖାଯାଏ ନାହିଁ । ଭକ୍ତ ଭଗବାନଙ୍କ ପାଖରେ ପ୍ରାର୍ଥନା କଲାଭଳି ସେ ବାଗ୍‌ଦେବୀଙ୍କ ନିକଟରେ ନିଜକୁ ଅତି ଦୀନହୀନ ବୋଲି ପରିଚୟ ଦେଇ କାବ୍ୟ ଆରମ୍ଭ କରିଛନ୍ତି । ଏହି ଦୈନ୍ୟଭାବ ଆଧ୍ୟାତ୍ମିକତାର ଜନ୍ମ । ବିଦଗ୍ଧ ଚିନ୍ତାମଣି କାବ୍ୟରେ ଅଭିମନ୍ୟୁ ସାମନ୍ତସିଂହାର ନିଜକୁ ଅତି ଦୀନ ଭାବରେ ଚିତ୍ରଣ କରି ଲେଖିଛନ୍ତି—

"ଓଷଧୀଶାନନ ହେ ମାଗୁଛି କରଧରି
ଓ' କରିବ ଆଲେଦାସୀ ଡାକଲେ କଣୋଗ୍ରି ।"

ଉପରୋକ୍ତ ଉକ୍ତିରୁ କବିଙ୍କର ଦୈନ୍ୟଭାବ ସୂଚିତ ହୋଇଥାଏ । ତପସ୍ୱିନୀର ସପ୍ତମ ସର୍ଗରେ କବି ମଧ୍ୟଯୁଗୀୟ ଗୌଡ଼ୀୟ ଚିନ୍ତାଚେତନା ସୃଷ୍ଟି କରିଛନ୍ତି । ଭଗବାନଙ୍କୁ ପାଇବାକୁ ହେଲେ ଗୌଡ଼ୀୟ ବୈଷ୍ଣବଙ୍କ ମତାନୁସାରେ ନବଧା ଭକ୍ତି ଅତିକ୍ରମ କରିବାକୁ ପଡ଼େ । (ଶ୍ରବଣଂ କୀର୍ତ୍ତନଂ ବିଷ୍ଣୁ ସ୍ମରଣଂ ପାଦ ସେବନମ୍ । ଅର୍ଚ୍ଚନଂ ବନ୍ଦନଂ ଦାସୀ ସଖ୍ୟ ମାତ୍ମନିବେଦନମ୍) ଶେଷ ସୋପାନଟି ହେଉଛି ଆତ୍ମସମର୍ପଣ । ଏହି ସୋପାନରେ ଭଗବାନ ଓ ଭକ୍ତଙ୍କ ଭିତରେ କୌଣସି ବ୍ୟବଧାନ ନଥାଏ । ଏହା କେବଳ ଗୋପୀ ଓ ଦ୍ରୌପଦୀଙ୍କ ଦ୍ୱାରା ସମ୍ଭବ ହୋଇଛି । ମେହେର ସୀତାଙ୍କଠାରେ ଏହି ଭାବ ଆରୋପିତ କରି ଲେଖିଛନ୍ତି—

"ମୋ ତନୁ ଦଗ୍ଧ ହେଲେ ହେବ ତ ଖାର
ତାହାକୁ କରାଇବ ପାଦପେ ସାର
ସେ ତରୁ କାଷ୍ଠ ଦେଇ ବର୍ଦ୍ଧକୀ ହସ୍ତେ
କରାଇ ଦେବ ପ୍ରଭୁ ପାଦୁକା ମତେ ।"

ଆତ୍ମସମର୍ପଣର ଭାବ ଓ ଆଦର୍ଶ କବି ସୀତାଙ୍କ କଣ୍ଠରେ ଭରିଦେଇ ଭାରତୀୟ ନାରୀର ଉତ୍କର୍ଷତା ପ୍ରତିପାଦନ କରିଛନ୍ତି ।

ପାଶ୍ଚାତ୍ୟ :

ଗଙ୍ଗାଧରଙ୍କ ତପସ୍ୱିନୀ କାବ୍ୟରେ ପାଶ୍ଚାତ୍ୟ ପ୍ରଭାବ ପରୋକ୍ଷ ଭାବରେ ଅତି ସାମାନ୍ୟ ରୂପେ ଦେଖିବାକୁ ମିଳିଥାଏ । ତପସ୍ୱିନୀର ପ୍ରାରମ୍ଭରେ ମେହେର ଆଶୀର୍ନମସ୍କ୍ରିୟା ବିଧାନ କରିଥିଲେ ହେଁ ତାହା ପ୍ରାଚ୍ୟ ଶୈଳୀରେ ନ ହୋଇ ପାଶ୍ଚାତ୍ୟ ଢଙ୍ଗରେ ଦେଖିବାକୁ ମିଳିଥାଏ । ଉକ୍ତ କାବ୍ୟରେ ଯେଉଁ ଭାବରେ ଦେବୀଙ୍କୁ ପ୍ରାର୍ଥନା କରାଯାଇଛି ତାହା ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପ୍ରଚଳିତ ନମସ୍କାର ନୁହେଁ । ଏହି ଆରାଧନା ବା ଆବାହନରେ ଇଂରେଜୀ ମିଲ୍‌ଟନଙ୍କ ଶୈଳୀକୁ ବଙ୍ଗଳା କବି ମାଇକେଲ ମଧୁସୂଦନ ଦତ୍ତ ଅନୁକରଣ କରିଥିବାବେଳେ ତାଙ୍କୁ ରାଧାନାଥ ଓ ରାଧାନାଥଙ୍କୁ ଗଙ୍ଗାଧର ଅନୁକରଣ କରିଥିବାର ପ୍ରମାଣ ମିଳିଥାଏ ।

Digitized by srujanika@gmail.com

ଇଂରେଜ କବି ଭର୍ଜିଲଙ୍କର "Ariol" କାବ୍ୟର ଆରମ୍ଭରେ ରୋମୀୟ ସପ୍ତ ଦେବ ବାଗ୍‌ଦେବୀ "Muse"ଙ୍କୁ ଅତୀତର ଇତିହାସ ଉନ୍ମୋଚନ କରିବା ପାଇଁ କୁହାଯାଇଛି । ସେହି କାବ୍ୟରେ ବର୍ଣ୍ଣନା ଅଛି—

'O muse ! the cause and the crimes relate
What Godness was provoked and where her hate.'

Miltonଙ୍କ Paradise lost କାବ୍ୟରେ ତାହାର ଅନୁରୂପ ବର୍ଣ୍ଣନା ପ୍ରଦତ୍ତ ହୋଇଛି ।

"Restore us, and regain
the bilssful seat.
Sing. Heavenly Muse,
that on the secret top
of oreb, or of Sinai, didst inspire."
Paradise lost, Book-1 (5 to 7)

ମାଇକେଲ ମଧୁସୂଦନ ଦତ୍ତ ତାଙ୍କର 'ମେଘନାଦ ବଧ' କାବ୍ୟର ଆରମ୍ଭରେ ଲେଖିଛନ୍ତି—

"ସମ୍ମୁଖ ସମରେ ପଡ଼ି ବୀର ଚୂଡ଼ାମଣି
ବୀର ବାହୁ ଚଳି ଯେବେ ଗେଲ ଯମ ପୁରେ
ଅକାଳେ, କହ, ହେ ଦେବୀ ଅମୃତ ଭାଷିଣୀ
କୋନ୍ ବୀର ବରେ ବରି ସେନାପତି ପଦେ
ପଠାଇଲା ରଣେ ପୁନଃ ରକ୍ଷଃ କୁଳ ନିଧି ।"

କବିବର ରାଧାନାଥ ଅର୍ଚ୍ଚନା କମ୍ବା ଆବାହନରେ ଇଂରାଜୀ ଓ ବଙ୍ଗୀୟ କବିଙ୍କର ପନ୍ଥାନୁସରଣ କରିଛନ୍ତି—

"ପଙ୍କଜ ବାସିନୀ ଦେବୀ ଉତ୍କଳ ଭାରତୀ
ହାରଲେ ! କି କଲେ କହ, କୁରୁଚୂଡ଼ାମଣି
ଶୁଣିଲେ ଯେ କାଳେ ବୀର ବାର୍ତ୍ତାବହ ମୁଖୁ ।"

ମେହେର ତପସ୍ୱିନୀ କାବ୍ୟର ଆରମ୍ଭରେ ଲେଖିଛନ୍ତି—

"କିଏ ଗୋ ତୁ ଜ୍ୟୋତିର୍ମୟୀ ଶୁକ୍ଳ-ଶୁଭ୍ର ବେଶା
ଇନ୍ଦ୍ର ନୀଳ-ଦ୍ୟୁତି ଜିତ-ମନୋହର-କେଶା ?
× × ×
କେମନ୍ତେ ସେ କଲେ ଜୀର୍ଣ୍ଣ ହୃଦୟ ଯୌବନ ?
କାହା ସଙ୍ଗେ କେମନ୍ତେ ବା ଯାପିଲେ ଜୀବନ ?"

Digitized by srujanika@gmail.com

ସେ ରାଧାନାଥଙ୍କ ଆଦର୍ଶରେ ପାଶ୍ଚାତ୍ୟ ଶୈଳୀକୁ ଅନୁକରଣ କରିଥିଲେ ମଧ୍ୟ ପ୍ରାଚ୍ୟ ଚେତନା ସହିତ ଖାପ ଖୁଆଇ ଲେଖିଛନ୍ତି—

"କୃପା କରି କୃପାମୟୀ, ଶକ୍ତି ଦାନ କର
ସଫଳ ହେଉ ମୋ ମନ ଦେଖି, ଲେଖିନର ।"

ଉପରୋକ୍ତ ଉଦ୍ଧୃତିରୁ ମେହେରଙ୍କର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଶୈଳୀ ସମ୍ବନ୍ଧରେ ସମ୍ୟକ୍ ସୂଚନା ପାଇଥାଉ ।

ତପସ୍ୱିନୀ କାବ୍ୟରେ ତପୋବନର ସୌନ୍ଦର୍ଯ୍ୟ ଓ ତପ ସାଧନା :

ବୈଦିକ ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ଏହି ଭାରତର ସଂସ୍କୃତି ଓ ଐତିହ୍ୟକୁ ଗ୍ରହଣ କରି ପ୍ରକୃତି କବି ଗଙ୍ଗାଧର ରଚନା କରିଛନ୍ତି ତପସ୍ୱିନୀ, ପ୍ରଣୟବଲ୍ଲରୀ ପ୍ରଭୃତି କାବ୍ୟସମୂହ । ବୈଦିକ ସଂସ୍କୃତି ଓ ଆଧ୍ୟାତ୍ମିକ ଭାବନାରେ ଉଦ୍‌ବୁଦ୍ଧ ହୋଇ ରାମାୟଣ କଥାବସ୍ତୁ ଅବଲମ୍ବନରେ ରଚନା କରିଛନ୍ତି ତପସ୍ୱିନୀ । ସତ୍ୟସନ୍ଧ ପ୍ରଜାନୁରଞ୍ଜକ ରାଜା ରାମଚନ୍ଦ୍ର ସତୀ ଶିରୋମଣି ଜାନକୀଙ୍କୁ ନିର୍ବାସନ ଦଣ୍ଡ ଭୋଗାଇଲେ ଅନୁଜ ଲକ୍ଷ୍ମଣଙ୍କ ଦ୍ୱାରା ଭାଗୀରଥୀ ନଦୀ-ତୀରସ୍ଥ ଏକ ନିର୍ଜନ ଅରଣ୍ୟରେ । ଅଗ୍ନିଦଗ୍‌ଧା ସୀତା ଲଙ୍କାପୁରୀରେ ଅଗ୍ନିପରୀକ୍ଷା ଦେଇ ସତୀର ପରାକାଷ୍ଠା ପ୍ରଦର୍ଶନ କରିଥିଲାବେଳେ ପ୍ରଜାଙ୍କର ଭୁଲ ବୁଝାମଣାରେ ରାମଚନ୍ଦ୍ର ସୀତାଙ୍କୁ ନିର୍ବାସିତ କରିଥିଲେ । ଦୋହଦଦାନର ଦୋହନ ପୂରଣ କରିବା ପାଇଁ ରାମଚନ୍ଦ୍ର ତାଙ୍କୁ ଯେ ବନକୁ ପଠାଇଥିଲେ ଏକଥା ସମାଜ ବା ଜାଣିବ କାହିଁକି ? ସେ ସନ୍ଦେହ ରାମଚନ୍ଦ୍ରଙ୍କୁ ଦୋଷାରୋପ କରେ । ଭାଗୀରଥୀ ନଦୀ ତୀରସ୍ଥ ନିର୍ଜନ ଅରଣ୍ୟାନୀରେ ବାଲ୍ମୀକି ମୁନିଙ୍କ ଆଶ୍ରମ । ପୂର୍ବକାଳରେ ମୁନିଋଷିମାନେ ଘନ ବନାନୀରେ ଆଶ୍ରମ ନିର୍ମାଣ କରି ତପସାଧନା କରୁଥିଲେ । ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଷ୍ଟିତ ଆଶ୍ରମରେ ଆବାଳବୃଦ୍ଧ ବନିତା ପର୍ଯ୍ୟନ୍ତ ରହି ସାଧନା କରୁଥିଲେ । ନାରୀମାନଙ୍କର ମଧ୍ୟ ତପସାଧନା କରିବାର ନିୟମ ଥିଲା । କଠୋର ତପ ମାଧ୍ୟମରେ ମୁନିଋଷିମାନେ ଆଗତ ଭବିଷ୍ୟତ ସବୁକଥା ଜାଣିପାରୁଥିଲେ । ଭାଗୀରଥୀ ନଦୀ ତୀରସ୍ଥ ଘନ ଘଞ୍ଚ ବନାନୀରେ ଲକ୍ଷ୍ମଣ ସୀତାଙ୍କୁ ବିସର୍ଜନ ଦେଇ ଆସିଲା ପରେ ସୀତାଙ୍କର କରୁଣ କ୍ରନ୍ଦନ ବନଭୂମିକୁ ପ୍ରମ୍ଳୀତ କରିଦେଇଥିଲା । ମୁନିକୁମାରଙ୍କ ସରଳ ହୃଦୟକୁ ସ୍ପର୍ଶ କରିଥିଲା ରୋରୁଦ୍ୟମାନା ସୀତାଙ୍କର କରୁଣ ବିଳାପ । ଅଶ୍ରୁସଜଳ ନୟନରେ ସେମାନେ ମଧ୍ୟ ସୀତାଙ୍କର ସମବେଦନା ଜ୍ଞାପନ କରିଥିଲେ । ବନ ମଧ୍ୟରେ ଏକ ଅପୂର୍ବ ନାରୀ କ୍ରନ୍ଦନର ଖବର ମୁନିକନ୍ୟାଗଣ ଋଷିଙ୍କୁ ଦେବାପରେ ଋଷି କାୟ ଶିର ଗ୍ରୀବା ସଳଖି ନିମୀଳିତ ଈକ୍ଷଣରେ ବସି ଧ୍ୟାନସ୍ଥ ହେଲେ । କବିଙ୍କ ଭାଷାରେ—

"ଶୁଣି ମୁନିବର ମଉନେ ନିମୀଳିତ ଈକ୍ଷଣେ
କାୟ, ଶିର, ଗ୍ରୀବା ସଳଖି ବସି ରହିଲେ କ୍ଷଣେ ।"

ତାପରେ ଧ୍ୟାନବଳରେ ସମସ୍ତ ବିଷୟ ଅବଗତ ହୋଇ ସୀତାଙ୍କ ସମ୍ମୁଖରେ ପହଞ୍ଚି ତାଙ୍କୁ ପ୍ରବୋଧନା ଦେଇ ଆଶ୍ରମକୁ ନେଇ ଆସିଲେ । ଆଶ୍ରମର ନିୟମାନୁସାରେ ପ୍ରତ୍ୟୁଷରୁ

Digitized by srujanika@gmail.com

ଶଯ୍ୟାତ୍ୟାଗ କରି ସ୍ନାନ ସମାପନାନ୍ତେ ବେଦାଧ୍ୟୟନ କରିବାକୁ ହୋଇଥାଏ । ଉପବନର ବୃକ୍ଷଲତାମାନଙ୍କରେ ପାଣି ଦେବାକୁ ହୋଇଥାଏ । ଘନତମିସ୍ରାର ଅନ୍ତକାଳୀନ ସମୟ । ଲୋହିତ ବର୍ଣ୍ଣରେ ପୂର୍ବାକାଶ ରଞ୍ଜିତ ହେବାର ପୂର୍ବମୁହୂର୍ତ୍ତ ହିଁ ପ୍ରତ୍ୟୁଷ । ମୁନିମାନଙ୍କର ବେଦଧ୍ୱନିରେ ଆଶ୍ରମକାନନ ମୁଖରିତ ।

"ମୁନି ମୁଖ ବେଦସ୍ୱନ   ସୁଷ୍ଠୁ କଲା ଶ୍ୟାମବନ
ଜଟିଳ ଭେଦ ଗଗନ ଉଚ୍ଚ ଝିଁକାର
ବୈକୁଣ୍ଠ ଦେଇ ଲୁପତ   ଅନନ୍ତ ଶ୍ରୁତିକ ଗତ
ବହିଲି କି ସରସ୍ୱତୀ ବୀଣା ଝିଁକାର
ବେତ୍ରୁଁ ବେଲ ବନ ଉଜ୍ଜ୍ୱଳ
ମନ୍ତ୍ରବଳେ ଯେସନ୍ତେ ବନ୍ଧି ଆସିଲା ବଳ ।"

ଆଶ୍ରମ ନିକଟସ୍ଥ ତମସାନଦୀ ପ୍ରବାହିତ । ଅଶ୍ରମରେ ବାସ କରୁଥିବା ତାପସ ତାପସୀଗଣ ତମସାରେ ପ୍ରତିଦିନ ପ୍ରତ୍ୟୁଷରେ ସ୍ନାନସାରି ବେଦାଧ୍ୟୟନ କରିଥାନ୍ତି । ଆଶ୍ରମସ୍ଥ ଅନୁକମ୍ପା ନାମ୍ନୀ ବୃଦ୍ଧା ତପସ୍ୱିନୀ ଆଶ୍ରମର ନିୟମଗୁଡ଼ାକୁ ସେମାନଙ୍କୁ କହି ଦେଇଥାନ୍ତି । ମଣିଷ ଆସୁରିକ ଭାବ ତ୍ୟାଗ କରି ଋଜୁତା, ଶ୍ରଦ୍ଧା ଆଦି ସହିତ ପ୍ରାର୍ଥନା କଲେ ଅଚିରେ ସିଦ୍ଧିଲାଭ କରିଥାଏ । ସୀତା ତମସାରୁ ସ୍ନାନ ସାରି ଆସିଲା ପରେ ଅନୁକମ୍ପା ଏହିପରି ଅନେକ ଉପଦେଶ ସୀତାଙ୍କୁ ମଧ୍ୟ ଦେଉଥିଲେ । ତପୋବନର କର୍ମନିଷ୍ଠା ମଧ୍ୟରେ ଗତି କରୁଥିଲେ ତପସ୍ୱିନୀ ଜାନକୀ । ସୀତାଙ୍କର ମୃଦୁମଞ୍ଜୁଳ ଶରୀର କାନ୍ତିର ମାର୍ଦ୍ଦବ ଓ ମାଞ୍ଜବରେ ପୁଷ୍ପଗଣ ପ୍ରଶମସ୍ତ ହେଉଥିଲେ ସତ; କିନ୍ତୁ ସୀତା ହେଉଥିଲେ ପ୍ରଶସ୍ତିନୀ ବିଷାଦିନୀ । ତପୋବନରେ ସୀତାଙ୍କର ତପଶ୍ଚରଣ ଉଗ୍ର ବା ଆସୁରିକ ନ ଥିଲା । ମହାକବି କାଳିଦାସ "କୁମାର ସମ୍ଭବ"ରେ ପାର୍ବତୀଙ୍କର ଉଗ୍ରତପସ୍ୟା ପ୍ରଧାନ କରିବା ଭିତରେ କବି ମେହେର ଅନୁକମ୍ପାଙ୍କ ମୁଖରେ ଉକ୍ତ ତପସ୍ୟାର ଅସାରତା ପ୍ରତିପାଦନ କରି ସୀତାଙ୍କୁ କହିଥିଲେ—

"ଦମ୍ଭେ ଅହଙ୍କାରେ କାମପୋଷଣେ
ରାଗେ ଦେହବଳେ ଆତ୍ମାକର୍ଷଣେ
ତପ କରିଥାନ୍ତି ଅସୁର ଭାବେ
ସମ୍ଭବ ନୁହେଁ ତା ତୋର ସ୍ୱଭାବେ ।
ଦେବ ଦ୍ୱିଜ ଗୁରୁ ବୁଧେ
ଶଉଚ ଆର୍ଜବ   ଶ୍ରଦ୍ଧା ସମନ୍ୱୟେ
ପୂଜୁଥାଉ ଚିତ୍ତ ଶୁଦ୍ଧେ ।"

Digitized by srujanika@gmail.com

ଶ୍ରୀମଦ୍ ଭଗବତ୍ ଗୀତାର ଷୋଡ଼ଶ ଅଧ୍ୟାୟ ଦୈବାସୁର ସମ୍ପଦ ବିଭାଗ ଯୋଗରେ ବର୍ଣ୍ଣିତ ଅଛି—

"ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋଜନାଃ
ଦମ୍ଭାହଂକାର ସଂଯୁକ୍ତାଃ କାମ ରାଗବଲାନ୍ୱିତାଃ
କର୍ଷୟନ୍ତଃ ଶରୀରସ୍ଥଂ ଭୂତ ଗ୍ରାମ ମଚେତସଃ
ମାଂ ଚୈବାନ୍ତଃ ଶରୀରସ୍ଥଂ ତା ନ୍ୱିଦ୍ଧ୍ୟାସୁର ନିଶ୍ଚୟାନ୍ ।"

ଆଶ୍ରମରେ ବାସ କରୁଥିବା ପଶୁପକ୍ଷୀଙ୍କର ଅବାଧ ବିଚରଣ । ସ୍ନିଗ୍ଧ ଶୀତଳ ବନାନୀ । ତପୋବନର ସୌନ୍ଦର୍ଯ୍ୟ ଅତୀବ ରମଣୀୟ । ତାପସ ତାପସୀଙ୍କର ବେଦାଧ୍ୟୟନ । ଝରଝର ଶବ୍ଦରେ ଆଶ୍ରମ ଦେଇ ବହିଯାଉଥିବା ପୁଣ୍ୟତୋୟା ତମସା । ଶାନ୍ତ ଦେବୀ ଯେପରି ସବୁ ସ୍ଥାନ ତ୍ୟାଗକରି ସେହିଠାରେ ଆବିର୍ଭୂତା ।

"ବାଲ୍ମୀକି ଆଶ୍ରମ ରାଜ୍ୟରେ ଶାନ୍ତ ରାଜତ୍ୱ କରେ
କୋଷ ପୂର୍ତ୍ତିକର ପାଦପ ଦଣ୍ଡ ସୁଚ୍ଛାୟା କରେ
ଅକପଟେ ତାହା ଦିଅନ୍ତି, ସେହି ପାଦପମାନେ
ଅଯାଚତେ ନିଜ ଶରୀର-ମାନଦଣ୍ଡର ମାନେ ।"

ସୀତା ମୁନିକୁମାରୀମାନଙ୍କ ସହିତ ଉପବନରେ ଜଳଦେବାକୁ ଗଲାବେଳେ ଉପବନର ଶୋଭା ସନ୍ଦର୍ଶନ କରି ତନ୍ମୟ ହେଲେ । ମଧୁମୟ ବସନ୍ତ ପ୍ରଭାତର ମଧୁର କାକଳି । ବାଲାରୁଣଙ୍କର ସ୍ୱର୍ଣ୍ଣାଭ ରଶ୍ମିସମ୍ପାତ ଆଶ୍ରମର ଶୋଭାକୁ ବହୁଗୁଣରେ ବଢ଼ାଇ ଦେଇଥିଲେ ।

"ଉଭା ହୋଇଥିଲେ ରମ୍ଭା ସୁନ୍ଦରୀ
ପଂକ୍ତି ପଂକ୍ତି ପତ୍ର-ପତାକା ଧରି
ଝୁରୁ ମୁଚୁକୁନ୍ଦ କୁନ୍ଦ ବକୁଳ
ନିଆଳୀ ମାଧବୀ ବଲ୍ଲରୀ କୁଳ
ଗୁନ୍ଥିଁ ଥିଲେ ଧରି ଫୁଲ
ନବୀନା ନବୀନା ଥିଲ ତାଙ୍କ ପାଶେ
କୁସୁମେ ସଜାଇ ଚୂଳ ।"

ବିଜନ ବନ୍ୟ ପ୍ରକୃତିର ମଧୁମୟ କୋଡ଼ରେ ଶାନ୍ତକାନ୍ତ ବିଭୂଷିତ ଆଶ୍ରମର କମନୀୟ ଶୋଭା କବି ଏହିପରି ଭାବରେ ବର୍ଣ୍ଣନା କରିଛନ୍ତି ।

ତପସ୍ୱିନୀରେ କରୁଣ ରସ :

ମନୁଷ୍ୟ ଶରୀରର ଆତ୍ମାପରି କାବ୍ୟର ଆତ୍ମା ହେଉଛି ରସ । ତେଣୁ କୁହାଯାଇଛି—ରସାତ୍ମକଂ ବାକ୍ୟଂ କାବ୍ୟମ୍" । ରସହୀନ କାବ୍ୟ କଦାପି କାବ୍ୟ ବାଚ୍ୟ ନୁହେଁ । ପ୍ରାଚୀନ ଭାରତର ଋଷିମାନେ ନିର୍ବିକଳ୍ପ ଆନନ୍ଦ ରୂପରେ ବର୍ଣ୍ଣନା କରିଛନ୍ତି । ବିଭିନ୍ନ ଅଳଙ୍କାର ଶାସ୍ତ୍ରରେ ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ, ଭୟାନକ, ବିଭତ୍ସ, ରୌଦ୍ର

Digitized by srujanika@gmail.com

ଓ ଶାନ୍ତ ପ୍ରଭୃତ ନଅଗୋଟି ରସର ଅବତାରଣା କରାଯାଇଥିବାବେଳେ ବୈଷ୍ଣବ ଶାସ୍ତ୍ରରେ ହାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ଶୃଙ୍ଗାର ଏହି ଚାରି ରସକୁ ମୁଖ୍ୟ ରସ ଭାବରେ ଗ୍ରହଣ କରାଯାଇଛି । ଯେଉଁ ରଚନା ଶ୍ରବଣ ମାତ୍ରକେ ପାଠକର ଚିତ୍ତ ଦ୍ରବୀଭୂତ ହୋଇଯାଏ ତାହା କରୁଣ ରସ ଭିତରେ ଅନ୍ତର୍ଭୁକ୍ତ । ଇଂରେଜ କବି Selly କହନ୍ତି—Our sweetest songs are those that tell of saddest thoughts". ତପସ୍ୱିନୀରେ ସୀତାଙ୍କର କାରୁଣ୍ୟମୟ କାହାଣୀ ଶ୍ରବଣ କରୁକରୁ ପାଠକର ଚିତ୍ତ ଦ୍ରବୀଭୂତ ହୋଇଯାଏ । ସୀତାଙ୍କର ଶେଷ ଜୀବନ ପାଇଁ ଏହି ରସ ଯଥାର୍ଥ ବୋଲି କବି ବିବେଚନା କରିଛନ୍ତି । "ତପସ୍ୱିନୀ" କାବ୍ୟରେ ଅନ୍ୟାନ୍ୟ ରସ ଥିଲେ ହେଁ କରୁଣ ରସ ମୁଖ୍ୟସ୍ଥାନ ଅଧିକାର କରିଛି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତପସ୍ୱିନୀ କାବ୍ୟଟି କରୁଣ ରସ ଧ୍ୱନିରେ ଧ୍ୱନିତ ହୋଇଛି । ପ୍ରତ୍ୟେକ ସ୍ଥଳରେ କରୁଣ ରସ ନିହିତ ଏହା ସ୍ୱୀକାର କରିବାକୁ ହେବ । ଏହି କରୁଣ ରସର ଉଦ୍‌ବେଳ ସୃଷ୍ଟିକର ଗଙ୍ଗାଧର କାବ୍ୟର ଆରମ୍ଭରେ ଯେତେବେଳେ ସୀତାଙ୍କୁ ନିର୍ଜନ ବନରେ ଲକ୍ଷ୍ମଣଙ୍କ ଦ୍ୱାରା ନିର୍ବାସନ ଦଣ୍ଡ ଭୁଆଇଛନ୍ତି ସେତେବେଳେ ଅସହାୟ ଅବସ୍ଥାରେ ସୀତାଙ୍କ ଅନ୍ତରରେ ସୃଷ୍ଟି ହୋଇଛି ବିଷାଦର ପ୍ରକମ୍ପନ । ଘନଘୋର ଅରଣ୍ୟାନୀରେ ସୀତା ଏକାକିନୀ । ସ୍ୱାମୀ ସେବାରୁ ବଞ୍ଚିତା ହୋଇ ସେ କିପରି ପ୍ରାଣ ଧାରଣ କରିବେ ଏହା ଚିନ୍ତା କରିବା ଭିତରେ ତାଙ୍କ ଆଖିରେ ସୃଷ୍ଟି ହୋଇଛି ଅଶ୍ରୁର ପ୍ଳାବନ । କଣ୍ଠରୁ ଭାସି ଆସିଛି ବିକଳ କ୍ରନ୍ଦନ । କବିଙ୍କ ଭାଷାରେ—

"ସୀତାଙ୍କ ରୋଦନେ ଗଢ ସ୍ତମ୍ଭିଲା ବାତର
ଜଳସ୍ଥଳ ଯେସନ ହେଲେ ନିସର୍ଗ କାତର

ସ୍ତମ୍ଭିଗଲା ଜାହ୍ନବୀର ତରଙ୍ଗ-ଆବଳୀ
ବନ୍ଦ ହୋଇ ଗଲାବନେ ବିହଙ୍ଗ-କାକଳି

ନହଲିଲା ପାଦପର ଗୋଟିଏ ପତର
ନ ଚଳିଲା ନୀଳା-ଶିଳା ବଲ୍ଲୀ-କଳେବର

ଡାଳେ ଡାଳେ ପକ୍ଷୀ ବସି ପାତିଲେ ଶ୍ରବଣ
ଡାଳେ ଡାଳେ ପ୍ରାଣେ ଭରି ଶୋକ ପ୍ରସ୍ରବଣ ।"

ଭବିଷ୍ୟତ ସନ୍ତାନଙ୍କର ଦୁଃଖ ଦୁର୍ଦ୍ଦଶା କଥା କଳ୍ପନା କଲାବେଳେ ସୀତା ମର୍ମାହତା ହୋଇପଡ଼ିଛନ୍ତି । ମୁନି କୁମାରୀମାନେ ସୀତାଙ୍କର କରୁଣ ବିଳାପ ଶ୍ରବଣକରି ସ୍ତମ୍ଭୀଭୂତା ହୋଇ ଭାବିଛନ୍ତି, ସତେ ଅବା ଜାହ୍ନବୀ ମୂର୍ତ୍ତିମତୀ ହୋଇ ବସୁମତୀକୁ ଲୋତକ କଲ୍ଲୋଳେ ଭସାଇ ଦେଉଛି । ତା'ପରେ ମୁନିକୁମାରୀ ବୃନ୍ଦ ବାଲ୍ମୀକିଙ୍କୁ ଏହି ବୃତ୍ତାନ୍ତ ଜଣାଇବାରୁ ବାଲ୍ମୀକି ଧ୍ୟାନରେ ଜାଣି ସୀତାଙ୍କୁ ପ୍ରବୋଧନା ଦେଇ ଆଶ୍ରମକୁ ନେଇଯାଇଛନ୍ତି । କୌଣସି ଏକ ବାସନ୍ତୀ ସନ୍ଧ୍ୟାରେ ସୀତା ମୁନି କୁମାରୀମାନଙ୍କ ଗହଣରେ ବସିଥିଲାବେଳେ ଚକ୍ରବାକ୍‌ପକ୍ଷୀର କରୁଣବିଳାପ ଭାସି ଆସୁଛି । ଏହି ବିଳାପ ଶ୍ରବଣକରି ସୀତାଙ୍କ ଆଗରେ

Digitized by srujanika@gmail.com

ମଧୁମୟ ସ୍ମୃତି ଜାଗରୁକ ହୋଇଛି । ତା'ପରେ ଜନ୍ମ ନେଇଛନ୍ତି ଯମଜ ସନ୍ତାନ । ରାମଚନ୍ଦ୍ରଙ୍କ ନିକଟକୁ ଅଶ୍ରୁ ଛଳ ଛଳ ଆଖିରେ ସେ ଯେଉଁ ଚିଠି ଲେଖିଛନ୍ତି ତାହା କରୁଣ ଭାବବ୍ୟଞ୍ଜକ ବୋଲି ଜଣାଯାଇଥାଏ ।

"ଆଜ୍ଞା ଏକ କଥା ମାତ୍ର ଅଛି ଅନୁରୋଧ
ଦୁଃଖିନୀର ପୁତ୍ର ଯୁଗ ଅତ୍ୟନ୍ତ ଅବୋଧ
ନାହିଁ ତାଙ୍କ ପିତୃକୋଳ ଆରୋହଣ ଭାଗ୍ୟ
ନ ଜାଣନ୍ତି ଜନ୍ମ କାଳୁ ପିତୃ ଅନୁରାଗ
ଜାଣିଛନ୍ତି ଜନନୀର ଜୀବନ କନ୍ଦାଇ
ବୀଣାତନ୍ତ୍ରୀ ଝଙ୍କାରରେ ରାମାୟଣ ଗାଇ
କିଏ ନ କାନ୍ଦିବ ବନ୍ଧୁ ମାନବ ହୃଦୟ ?
ତରୁ ଲତାଚୟ ଯହିଁ ହୁଅନ୍ତି ଅଥୟ ।"

କାବ୍ୟର ପ୍ରତ୍ୟେକ ପୃଷ୍ଠାରେ କବି କରୁଣ ରସ ସୃଷ୍ଟିକରି କାବ୍ୟକୁ ସରସ ସୁନ୍ଦର ତଥା ସୁଖପାଠ୍ୟ କରି ପାରିଛନ୍ତି । ସୀତାଙ୍କର ନିର୍ବାସନ ଦଣ୍ଡ, ଆଶ୍ରମରେ ତାଙ୍କର ଦୁଃଖମୟ ଜୀବନଯାପନ, ରାମଚନ୍ଦ୍ରଙ୍କ ଯଜ୍ଞ କଥା ଶ୍ରବଣରେ ସୀତାଙ୍କ ମନରେ ପ୍ରତିକ୍ରିୟା ଆଦି ବିଷୟକୁ କବି ଗଙ୍ଗାଧର ଅତି ମର୍ମସ୍ପର୍ଶୀ ଭାବରେ ବର୍ଣ୍ଣନା କରିଛନ୍ତି । ଭାରତର ନାରୀ ସମାଜର ଆଦର୍ଶ ରୂପେ ଚିହ୍ନିତ ହୋଇଥିବା ସୀତା ଉତ୍ତର ଜୀବନରେ କିପରି ନିର୍ବାସନ ଦଣ୍ଡ ଜନିତ କ୍ଲେଶ ଭୋଗ କରିଥିଲେ ତାହା ଉକ୍ତ କାବ୍ୟର ବିଷୟବସ୍ତୁ ରୂପେ ଗୃହୀତ । ଯେଉଁ ସୀତା ସ୍ୱାମୀ ରାମଚନ୍ଦ୍ରଙ୍କୁ ଶୟନେ ସପନେ ଅବା ଜାଗରଣେ ଭୁଲି ପାରୁ ନଥିଲେ ସେ କିପରି ଦୀର୍ଘ ସମୟ ଧରି ଏକାକିନୀ ବିଷାଦିନୀ ଭାବରେ ଜୀବନ-ଯାପନ କରିଥିଲେ ତାହା ବାସ୍ତବିକ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସତୀ ନାରୀ ପକ୍ଷରେ ଏହା କମ୍ ଦୁଃଖଦାୟକ ନୁହେଁ । ରାମଚନ୍ଦ୍ରଙ୍କର ନିର୍ବାସନ ପରି କଠୋର ଦଣ୍ଡକୁ ସେ ମଥାପାତି ବହି ନେଇଛନ୍ତି; ପରନ୍ତୁ ତାଙ୍କୁ ଭୁଲେହେଲେ ସେ ନିନ୍ଦା କରି ନାହାନ୍ତି । ଜଣେ ସାଧାରଣ ନାରୀ ପକ୍ଷରେ ଘୋର ଅରଣ୍ୟାନୀରେ ଏକାକିନୀ ବିଚରଣ କରିବା କିମ୍ବା ରାଜୈଶ୍ୱର୍ଯ୍ୟ ପରିତ୍ୟାଗ କରି ମୁନି ଆଶ୍ରମରେ ଜୀବନଯାପନ କରିବା କମ୍ ଭୀତିପ୍ରଦ ନୁହେଁ । କବି ମେହେର କାବ୍ୟାରମ୍ଭରୁ କାବ୍ୟର ସମାପ୍ତି ଘଟିବା ପର୍ଯ୍ୟନ୍ତ କରୁଣ ରସର ପ୍ଲାବନ ଛୁଟାଇଛନ୍ତି । ଯେ କେହି ପାଠକ ଏହି କାବ୍ୟକୁ ଅଧ୍ୟୟନ କଲେ ମାତ୍ରେ ତା'ର ନୟନ ଯୁଗଳ ଅଶ୍ରୁସଜଳ ହୋଇ ଉଠିବ । ଉପରୋକ୍ତ କାରଣ ଦୃଷ୍ଟିରୁ କରୁଣ ରସ କାବ୍ୟଟିକୁ ଜୀବନ୍ତ ଓ ମହିମାନ୍ୱିତ କରିଛି, ଏଥିରେ ସନ୍ଦେହର ଅବକାଶ ନାହିଁ ।

□□□

Digitized by srujanika@gmail.com

ତପସ୍ୱିନୀରେ ଚରିତ୍ର ଚିତ୍ରଣ

ରାମଚନ୍ଦ୍ର :

ଅଗାଧ ସାହିତ୍ୟ ସିନ୍ଧୁ ମନ୍ଥନକରି ରାମ ଚରିତକୁ ରାମାୟଣରୁ ସଂଗ୍ରହକରି ଯେଉଁ ଓଡ଼ିଆ କବିବୃନ୍ଦ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରେ ବୈଦେହୀଶ ବିଳାସର କବି ଉପେନ୍ଦ୍ରଭଞ୍ଜ ସର୍ବଶ୍ରେଷ୍ଠ । ଅଶେଷ ଗୁଣସମ୍ପନ୍ନ ରାମଚନ୍ଦ୍ରଙ୍କର ମହାତ୍ମ୍ୟ କଳ୍ପନାକରି ଯେଉଁ ମୁନିଋଷିମାନେ ସ୍ତମ୍ଭିତ ହୋଇଥାନ୍ତି ମରଜଗତର ମାନବ ବା କିପରି ବର୍ଣ୍ଣିବାରେ ସମର୍ଥ ହେବ ? ରାମଚନ୍ଦ୍ରଙ୍କର ଅତନ୍ଦ୍ର ସ୍ୱ ଗାର୍ହସ୍ଥିକ ଆଦର୍ଶ, ସୁଶାସନର ଦକ୍ଷତା, ଭବିଷ୍ୟ ଜୀବନରେ ଜାନକୀଙ୍କର ନିର୍ଜ୍ଜନ ବନାନୀରେ ବିରହ ଓ ବିଳାପ, ସର୍ବଶେଷରେ ଧରା ଗର୍ଭରେ ବିଲୀନ ହେବା ଆଦି ଅତି ମର୍ମନ୍ତୁଦ କରୁଣ ଦୃଶ୍ୟକୁ ବର୍ଣ୍ଣନା କରି ରଙ୍ଗାଜୀବ ଗଙ୍ଗାଧର ଓଡ଼ିଆ ସାହିତ୍ୟରେ ଅମର ହୋଇଛନ୍ତି । ବହିଃ ପ୍ରକୃତି ସହିତ ଅନ୍ତଃ ପ୍ରକୃତିର ମଧୁର ସମନ୍ୱୟ କରିବା ସଙ୍ଗେ ସଙ୍ଗେ ଭାରତୀୟ ସାହିତ୍ୟ ପରମ୍ପରାର ଯେଉଁ ଉଜ୍ଜ୍ୱଳ ଆଦର୍ଶ ତାହା ତାଙ୍କର ଆଧ୍ୟାତ୍ମ୍ୟ ଆଲୋକରେ ଉଦ୍ଭାସିତ । ସଂସ୍କୃତ ସାହିତ୍ୟରୁ ସେ ଉପାଦାନ ସଂଗ୍ରହକରି କାବ୍ୟିକରୂପ ପ୍ରଦାନ କରିଛନ୍ତି ତପସ୍ୱିନୀରେ । ବାଲ୍ମୀକିଙ୍କ ରାମାୟଣର ମୁଖ୍ୟ ଚରିତ୍ର ରାମଚନ୍ଦ୍ର । ଭାରତୀୟ ଆର୍ଯ୍ୟ ହମାଜରେ ରାମ ହେଉଛନ୍ତି ଦେବତା ଓ ସୀତା ହେଉଛନ୍ତି ଦେବୀ । ପୁନଶ୍ଚ କବି ଏହି ରାମଙ୍କୁ ଅମର ଦେହ ଓ ମନପ୍ରାଣ ଏବଂ ହୃଦୟ ମଧ୍ୟରେ ଅଭେଦ କଳ୍ପନା କରିଛନ୍ତି । ରାମଚନ୍ଦ୍ରଙ୍କର ଚରିତ୍ରକୁ ଆଧାର କରି ଅପର୍ଯ୍ୟାପ୍ତ କବି ତାଙ୍କର ତୁଳି କାଳିରେ ରୂପଦେଇ ଗଲେଣି । ତଥାପି ସେ ନିତ୍ୟ ସୁନ୍ଦର, ଆଦର୍ଶ ଓ ମହନୀୟ । ମୁନିଋଷି-ମାନଙ୍କର ତପସ୍ୟା ସାଧନର ସୁରକ୍ଷା ନିମିତ୍ତ ସେ ଅସଂଖ୍ୟ ରାକ୍ଷସଙ୍କୁ ନିଧନ କରିଛନ୍ତି । ଦୁର୍ମତି ରାବଣକୁ ବିନାଶକରି ମହାସତୀ ସୀତାଙ୍କୁ ଉଦ୍ଧାର କରିଛନ୍ତି । ସେ ପୁଣି ସାମାନ୍ୟ ଲୋକାପ-ବାଦକୁ ଭୟକରି ସତୀ ଶିରୋମଣି ସୀତାଙ୍କୁ ନିର୍ବାସନ ଦେଲେ କିପରି ? ଜଣେ ଆଦର୍ଶ ଶାସକ, ବିଚାରକ, ପ୍ରଜାରଞ୍ଜନ ହିସାବରେ ଗଙ୍ଗାଧର ରାମଚନ୍ଦ୍ରଙ୍କୁ ଏହି ଦୃଷ୍ଟିକୋଣରୁ ବିଚାରକରି ସେ ସୀତାଙ୍କୁ ନିର୍ବାସନ ଦେବା ଅଯୌକ୍ତିକ ନୁହେଁ ବୋଲି ଭାବିଛନ୍ତି ।

"ପ୍ରକୃତି ରଞ୍ଜନେ ଯେବେ ହୁଏ ପ୍ରୟୋଜନ
କରିପାରେ ପ୍ରାଣ ସମା ସୀତା ବିସର୍ଜ୍ଜନ ।"

ସେ ସୀତାଙ୍କୁ ନିର୍ବାସନ ଦଣ୍ଡଦେଇ ନିଜମନକୁ ଅନେକ ପ୍ରବୋଧନା ଦେଉଛନ୍ତି । ପ୍ରଜାର ହିତ ସାଧନ କରିବା ହିଁ ରାଜାର କର୍ତ୍ତବ୍ୟ । ଏଣୁ ସେ ଯାହା କରିଛନ୍ତି, ଠିକ୍ କରିଛନ୍ତି ।

Digitized by srujanika@gmail.com

"ମିଥ୍ୟା କଥା ଯେବେ   ପ୍ରଜାଏ କହିବେ
ମେଳ ହୋଇ ଶତ ଶତ
ମିଥ୍ୟା ଜାଣି ଜାଣି   ତାଙ୍କୁ ମାନି ମାନି
ବୋଲିଯାଏ ଶତ ଶତ ।"

ପ୍ରଜାନୁରଞ୍ଜକ ସତ୍ୟସନ୍ଧ ରାମଚନ୍ଦ୍ର । ପ୍ରଜାଙ୍କ ଇଚ୍ଛାର ବିରୁଦ୍ଧାଚରଣ କରିବା ରାଜାର କର୍ତ୍ତବ୍ୟ ନୁହେଁ । ତେଣୁ ସେ ଯାହା କରିଛନ୍ତି ଠିକ୍ କରିଛନ୍ତି । ରାଜାହିସାବରେ ସୀତାଙ୍କୁ ନିର୍ବାସନ ଦଣ୍ଡଦେଇ ସେ ଭୁଲ କରି ନାହାନ୍ତି । ପ୍ରଣୟିନୀ ସୀତାଙ୍କ ପ୍ରଣୟସ୍ମୃତି ସ୍ମରଣରେ ମଝେ ମଝେ ତାଙ୍କର ନୟନରୁ ଝରିଯାଉଛି ଅବାରିତ ଅଶ୍ରୁ । ସେ ପରମେଶ୍ୱର ବିଷ୍ଣୁ । ସେ ମର୍ତ୍ତ୍ୟରେ ନର ରୂପରେ ଅବତୀର୍ଣ୍ଣ । ରାଜକାର୍ଯ୍ୟର ଦାୟିତ୍ୱରେ ଥିଲାବେଳେ ବ୍ୟକ୍ତିଗତ ଜୀବନର ସୁଖରୁ ସେ ବଞ୍ଚିତ ହୋଇଯାଇଛନ୍ତି ।

"ମାୟାକାର ପରି   ଦଣ୍ଡଗୋଟି ଧରି
ସମଦୃଷ୍ଟି ସମଭାବେ
ରାଜତ୍ୱ ରଙ୍ଗରେ   ବଳସି ଭୁଜରେ
ନିଜ ଜୀବନ ନ ଭାବେ ।"

ଦଣ୍ଡ ପାଇ ମଧ୍ୟ ସୀତା ରାମଚନ୍ଦ୍ରଙ୍କ କର୍ମକୁ ପ୍ରଶଂସା କରିଛନ୍ତି ।

"କୀର୍ତ୍ତି ଅନୁରୋଧେ ସିନା କଲ ମୋତେ ତ୍ୟାଗ
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ ।
×   ×   ×
ହେଉ ମୋର ନିର୍ବାସନ ପ୍ରକୃତିର ଦୋଷ
ପ୍ରଭୁଙ୍କର ବ୍ରତ ହେଉ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ।"

ଜଣେ ଆଦର୍ଶ ରାଜା, ବିଚାରକ ହିସାବରେ ରାମଚନ୍ଦ୍ର ଅନ୍ତଃସତ୍ତ୍ୱା ଅବସ୍ଥାରେ ପ୍ରାଣପ୍ରିୟା ସୀତାଙ୍କୁ ଯେ ନିର୍ବାସନ ଦେବା କେତେଦୂର ଅପରାଧସାପେକ୍ଷ ତାହା ବିଚାର କରିବା କଥା । କର୍ତ୍ତବ୍ୟ ତାଡ଼ନାରେ ସେ ବିସର୍ଜନ ଦେଇଛନ୍ତି ସିନା; କିନ୍ତୁ ହୃଦୟ ରାଜ୍ୟ କଥା ଚିନ୍ତାକଲେ ସେ କେବେ ବିସର୍ଜନ ଦେବା କଥା ଚିନ୍ତା କରିନାହାନ୍ତି ବରଂ ପ୍ରିୟତମା ପତ୍ନୀଙ୍କର ପ୍ରଣୟ ସ୍ମୃତି ଚିନ୍ତନରେ ତାଙ୍କର ନୟନ ଲୋତକ ବାଧା ମାନିନି, ବରଂ ଅବିରତ ଭାବରେ ଝରିଚାଲିଛି ।

"ନାହିଁ ସିନା ଘରେ   ହୃଦ ପ୍ରେମ ସରେ
ମୋ ପ୍ରିୟା କମଳ କଳି
ପଡ଼ିଅଛି ଫୁଟି   ମକରନ୍ଦ ଲୁଟି
କରୁ ଅଛି ମନ ଅଳି
ନୟନ ଯୁଗଳ   କାହିଁକି ବିକଳ
ହୋଇ ଝୁରୁଅଛି ଜଳ
ଶୁଖି ଗଲେ ସର   କମଳିନୀ ମୋର
ହୋଇଯିବ ଟଳମଳ ।"

Digitized by srujanika@gmail.com

ବିରହ, ବିଚ୍ଛେଦ ମଧ୍ୟରେ ପ୍ରେମର ସ୍ୱର୍ଗୀୟ ଆଭା ପ୍ରକଟିତ ହୋଇଥାଏ । ତାଙ୍କ ପ୍ରାଣରେ ଏହା ବାରମ୍ବାର ଆଘାତ ଦେଲେ ସୁଦ୍ଧା ପରକ୍ଷଣରେ ପ୍ରଜାନୁରଞ୍ଜକ ରାଜା ଭାବରେ ସେ ତାହା ଭୁଲିଯିବାକୁ ଚେଷ୍ଟା କରିଛନ୍ତି । ଚକ୍ରବାକ ପକ୍ଷୀର କରୁଣ ବିଳାପ ତାଙ୍କ ଅନ୍ତରରେ ଦାରୁଣ ଝଡ଼ ସୃଷ୍ଟି କରିଛି । ଯେତେବେଳେ ସେ ପିତା ଦଶରଥଙ୍କ ବାକ୍ୟ ପାଳନ କରି ବନକୁ ଯିବା ପାଇଁ ବାହାରିଛନ୍ତି, ସେତେବେଳେ ସେ ସୀତାଙ୍କୁ ବୁଝାଇଛନ୍ତି—

"ଜୀବନ ସଙ୍ଗିନୀ ରହି ତୋ' ପାଶେ ଜୀବନ
ପିତାଙ୍କ ଆଦେଶେ ଆଜ ଯାଉଅଛି ବନ
ଯୁବରାଜ ହେବ ପ୍ରିୟଭାଇ ମୋ ଭରତ
ରାଜଲକ୍ଷ୍ମୀ ହେଲେ ତାଙ୍କ ପ୍ରଣୟରେ ରତ
ନ ରଖି ମାନିନୀ ନିଜ ଜ୍ୟେଷ୍ଠା ଅଭିମାନ
ଭରତେ କରିବୁ ରାଜା-ମାନ୍ୟରେ ସମ୍ମାନ ।

ଏଥିରୁ ରାମଚନ୍ଦ୍ରଙ୍କର ସରଳ ଓ ନିଷ୍କପଟ ମନର ପରିଚୟ ମିଳିଥାଏ । ପୁଣି ଦେଖାଯାଉ ଅଶ୍ୱମେଧ ଯଜ୍ଞକଥା । ନିମନ୍ତ୍ରଣ ପତ୍ର ନେଇ ଦୂତ ଆସିଛି ବାଲ୍ମୀକିଙ୍କ ପାଖକୁ । ସୀତାଙ୍କ ମନ ଆକାଶରେ ଭାସିଉଠିଛି ନାନା ଦୁଃସ୍ୱପ୍ନ ବାଦଲ । ସତରେ କ'ଣ ରାମଚନ୍ଦ୍ର ଅନ୍ୟପତ୍ନୀ ଗ୍ରହଣକରି ତାଙ୍କୁ ସବୁଦିନ ପାଇଁ ହୃଦୟ ସିଂହାସନରୁ ବିତାଡ଼ିତ କଲେ ? ହେନ୍ତ ମୁହୂର୍ତ୍ତରେ ଲବକୁଶ ଜାନକୀଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଦୂତ ଘେନି ଆସିଥିବା ନିମନ୍ତ୍ରଣ ପତ୍ରର ସମ୍ବାଦ ଉପସ୍ଥାପନ କରିଛନ୍ତି ।

"ଜନ ଅପବାଦେ ରାମ କଲେ ବିଭଞ୍ଜନ
ପ୍ରାଣ ପ୍ରଣୟିନୀ ସୀତା କରି ବିସର୍ଜ୍ଜନ
ଅଶ୍ୱମେଧ ଯଜ୍ଞେ ସହଧର୍ମିଣୀ ସକାଶେ
ଜାନକୀ ଜାନକୀ ରାମ ରଚିଛନ୍ତି ପାଶେ
ଥିଲା କି ଜନନୀ ତାଙ୍କୁ ଦୟିତା ଦୁର୍ଲ୍ଲଭ
ଅନ୍ୟ ଜାୟା ନ ଲଭିଲେ ଜାନକୀ ବଲ୍ଲଭ
କାନ୍ଦି ଗଲେ ଜାନକୀ ମା' ନଥିବେ ଜୀବନେ
ନ ପାରିଲୁ ଜାଣି ସେହିକଥା ରାମାୟଣେ ।"

ଇଚ୍ଛା କରିଥିଲେ ରାମଚନ୍ଦ୍ର ଅନ୍ୟ ଜଣେ ପତ୍ନୀ ଗ୍ରହଣ କରି ପାରିଥାନ୍ତେ । କିନ୍ତୁ ତାହା ସେ କରିନାହାନ୍ତି । ସେ ତାଙ୍କୁ ଏତେ ଭଲପାଉଥିଲେ ଯେ, କାନକୀ ଜାନକୀ ନିର୍ମାଣକରି ସେ ଅଶ୍ୱମେଧ ଯଜ୍ଞ ସମାପନ କରିଛନ୍ତି । ଉକ୍ତ ତପସ୍ୱିନୀ କାବ୍ୟରେ ଗଙ୍ଗାଧର ରାମଚନ୍ଦ୍ରଙ୍କୁ ଜଣେ ଆଦର୍ଶ ଶାସକ ଭାବରେ ଖାଲି ବର୍ଣ୍ଣନା କରିନାହାନ୍ତି; ପରନ୍ତୁ ଜଣେ ଆଦର୍ଶ ପ୍ରେମିକ ଭାବରେ ବର୍ଣ୍ଣନା କରିଛନ୍ତି । ଶିଶୁକୁମାର ଦ୍ୱୟଙ୍କର ମନର ଉତ୍କଣ୍ଠା ଓ କୌତୂହଳ ପୂରଣ କରିବା ଦୂରେଥାଉ ନିଜ ମନର ଦୁର୍ବଳତା ଦୂରୀଭୂତ ହୋଇ ନିଜକୁ ସେ ଦୋଷୀ ସାବ୍ୟସ୍ତ କରି ପକାଇଛନ୍ତି । ରାମଚନ୍ଦ୍ରଙ୍କ ପ୍ରତି ଆତ୍ମକୃତ ପାପର ପାପାଗ୍ନିରେ ଦଗ୍‌ଧୀଭୂତ ହୋଇ ସେ କହି ଉଠିଛନ୍ତି—

Digitized by srujanika@gmail.com

"ମନେ ମନେ ବୋଇଲେ, ହା ! ମୁଁ ଶଠ ପାପିନୀ
ଲେଖିଥିଲି ଶ୍ଳେଷ ପ୍ରଭୁ-ହୃଦୟ ତାପିନୀ
ମୁଁ ପିନା ଅବଳା ଅତି ଦୁର୍ବଳ-ହୃଦୟା
ଅନନ୍ତ ଅଗାଧ ମୋର ପ୍ରଭୁଙ୍କର ଦୟା
ଅପରାଧ କ୍ଷମ ନାଥ ! କ୍ଷମାର ସାଗର
ବିଧି କଲ ମୋତେ ତୁମ୍ଭ ହୃଦୟର ଗାର ।"

ଏଥିରୁ ରାମଚନ୍ଦ୍ରଙ୍କର ଚରିତ୍ରର ମହନୀୟତା ପରିସ୍ଫୁଟ ହୋଇଉଠିଛି । ଏଥିରୁ ମଧ୍ୟ କବିଙ୍କର ଚରିତ୍ର ଚିତ୍ରଣ ଗତ ବିରାଟ କୌଶଳ ପ୍ରତିଭାତ ।

ବାଲ୍ମୀକି :

ମେହେର ତାଙ୍କ କାବ୍ୟରାଜିରେ ଯେଉଁ ଚରିତ୍ରଶାଳା ସୃଷ୍ଟି କରିଛନ୍ତି ତନ୍ମଧ୍ୟରୁ ବାଲ୍ମୀକିଙ୍କ ଚରିତ୍ର ଶ୍ରେଷ୍ଠତମ । କଲ୍ୟାଣନାମୀ ଚରିତ୍ର ମଧ୍ୟରୁ ବାଲ୍ମୀକିଙ୍କ ଚରିତ୍ର ବାହ୍ୟ ଜମ୍ବା ଆନ୍ତଃ ଚରିତ୍ରର ଊର୍ଦ୍ଧ୍ୱରେ । ସେ ହେଉଛନ୍ତି ସ୍ଥିତପ୍ରଜ୍ଞ, ପ୍ରଶାନ୍ତ ମହର୍ଷି । ଆଧ୍ୟାତ୍ମିକ ଜଗତରେ ତାଙ୍କର ସ୍ଥାନ ଅତି ଊର୍ଦ୍ଧ୍ୱରେ । ସେ ଜଣେ ସଂସାର ନିର୍ଲିପ୍ତ ଊର୍ଦ୍ଧ୍ୱରେତା ତପସ୍ୱୀ । ପୁରାଣ ଯୁଗରେ ମୁନିଋଷିମାନଙ୍କ ପରି ପଞ୍ଚବଟୀର ନିର୍ଜ୍ଜନ କୋଳରେ କୁଟୀର ନିର୍ମାଣ କରି ସେ ତପ ସାଧନାରେ ଜୀବନ ବିତାଉଛନ୍ତି । ଯେହେତୁ ସେ ଜଣେ ତପସ୍ୱୀ, ତ୍ରିକାଳଦର୍ଶୀ । ସଂସାର ପ୍ରତି ଲୋଭ ନାହିଁ, ପାର୍ଥିବ ଅଭିଳାଷ ନାହିଁ, ରାମାୟଣର ସେ ସ୍ରଷ୍ଟା । ଶାନ୍ତ ପ୍ରକୃତିର ନିର୍ଜ୍ଜନ କୋଳରେ ସେ ଜନସାଧାରଣଙ୍କର ମଙ୍ଗଳ କାମନା ପାଇଁ ଅଭିପ୍ରେତ । ନିଷ୍କାମ ଭାବରେ ଲୋକଙ୍କର ଶୁଭଇଚ୍ଛା ମନାସିଛନ୍ତି । ପ୍ରେମ ଓ ଅନାବିଲ ସ୍ନେହର ରଶ୍ମିରେ ଲୋକଙ୍କ ମନରୁ ବିଷାଦ କାଳିମା ହରଣ କରି ଅମୃତ ସିଞ୍ଚନ କରିଛନ୍ତି । ତପସ୍ୱିନୀ କାବ୍ୟରେ ନିର୍ଜ୍ଜନ ବନରେ ସୀତାଙ୍କ ପ୍ରତି ବାଲ୍ମୀକିଙ୍କର ଆଶ୍ୱାସନା କାବ୍ୟଟିକୁ ରୁଚିମନ୍ତ କରିବାରେ ସାହାଯ୍ୟ କରିଛି । ବାଲ୍ମୀକିଙ୍କର ଚରିତ୍ରକୁ ଅନୁଧ୍ୟାନ କଲେ ପାଠକର କ୍ଷୁବ୍ଧ ଅନ୍ତରକୁ ଶାନ୍ତି ପ୍ରଦାନ କରିଥାଏ । ବାଲ୍ମୀକିଙ୍କର ଆଶ୍ରମ ରାଜ୍ୟରେ ସଦାସର୍ବଦା ଶାନ୍ତି ବିରାଜମାନ କରେ । ସେହି ଆଶ୍ରମର ଅନତି ଦୂରରେ ରାମଚନ୍ଦ୍ରଙ୍କର ଆଦେଶବାର୍ତ୍ତା ଲକ୍ଷ୍ମଣ ସତୀ ଶିରୋମଣି ସୀତାଙ୍କୁ ନିର୍ବାସନ ଦଣ୍ଡ ଦେଇଛନ୍ତି । ସୀତାଙ୍କର ହଦ୍ୟଜାତ ବିଚ୍ଛେଦ, ଦୁଃଖ, ଆଶଙ୍କାରେ ଆଶ୍ୱାସନା ଦେଇ ବାଲ୍ମୀକି କହି ଉଠିଛନ୍ତି—

"ଶ୍ୱଶୁର ତୋ' ମୋର ସୁହୃଦ
ସେହି ପରି ତୋ' ପିତା
ଅସଙ୍କୋଚେ ରହ ଆଶ୍ରମେ
ମଣି ସଂସାର ପିତା ।
ମୋ' ଆଶ୍ରମେ ତୋର ନଥିବ
କଉଣସି ଭାବନା
ଜନମିବ ଯେଉଁ ସନ୍ତାନ
ତା'ର ପାଇଁ ଭାବନା ।"

Digitized by srujanika@gmail.com

ଏହାପରେ ସୀତାଙ୍କୁ ଆଶ୍ୱାସନା ଦେଇ ମହର୍ଷି ବାଲ୍ମୀକି ତାଙ୍କୁ ଆଶ୍ରମକୁ ନେଇଛନ୍ତି । ସୀତାଙ୍କର ସମସ୍ତ ଦାୟିତ୍ୱ ବହନ କରିବାକୁ ମୁନି ଅନୁକମ୍ପାଙ୍କୁ ପ୍ରଦାନ କରିଛନ୍ତି । ଅନୁକମ୍ପା ତାଙ୍କୁ କନ୍ୟାପରି ଆଦର କରିଛନ୍ତି । ରାତ୍ରିର ଅବସାନ ପରେ ସୀତା ତମସାରେ ଅବଗାହନ କରି ପ୍ରଥମେ ବାଲ୍ମୀକିଙ୍କର ପଦବନ୍ଦନା କଲାବେଳେ ମୁନି ଆଶୀର୍ବାଦ ଦେଇ କହିଛନ୍ତି—

"ନନ୍ଦନ ! ରୁ ଏ ଆଶ୍ରମ
ପାଦ ତାଙ୍କୁ ସ୍ନେହ-ଶ୍ରମ
ପ୍ରସ୍ତୋଗେ ନନ୍ଦନୋପମ କର ସତନ,
ସେ ଭାବେ ତୋ' ଅନୁଭବ
ସ୍ୱଭାବେ ହେବ ସମ୍ଭବ
ଭବେ କେମନ୍ତ ଦୁର୍ଲଭ ସୁତ-ରତନ
ଅନୁକମ୍ପା ଥିବେ ନିଯୁକ୍ତ,
ସକଳ ଅଭାବ ତୋର ମୋଚନେ ରତ ।"

ବାଲ୍ମୀକିଙ୍କ ଅପାର କରୁଣା ଓ ସ୍ନେହଲାଭ କରି ସୀତା ଅତୀତ ଜୀବନକୁ ଭୁଲିବାରେ ଲାଗିଛନ୍ତି । ତା'ପରେ ସୀତାଙ୍କ ଗର୍ଭରୁ ଜନ୍ମଲାଭ କରିଛନ୍ତି ଯମଳ ସନ୍ତାନ । ବାଲ୍ମୀକି ଆସି ପୁତ୍ର ଦ୍ୱୟଙ୍କୁ ସନ୍ଦର୍ଶନ କରିଛନ୍ତି ।

"ବାଲ୍ମୀକି ମହର୍ଷି ଆସି ତତକ୍ଷଣ
କୁମାର ଦ୍ୱୟଙ୍କୁ କଲେ ସନ୍ଦର୍ଶନ ।
ଭାବିଲେ ଏ ଗୁରୁ-ଶୁକ୍ର-ଗ୍ରହ-ଦ୍ୱୟ
ଏକାଠି ଆଶ୍ରମ-ଆକାଶେ ଉଦୟ ।
ମହର୍ଷି ହୃଦୟ ପ୍ରଭାତର ପରି
ଆନନ୍ଦ-କୁସୁମ-ବାସେ ଗଲା ଭରି ।
କୁଶ ଗୁଚ୍ଛ ମୁନି-ବର ହସ୍ତେ ଘେନି
ମନ୍ତ୍ରି ଅଗ୍ର ଅଧ କଲେ ଖଣ୍ଡ ବେନି ।
ଅନୁକମ୍ପା କରେ କରି ସମର୍ପଣ
ବୋଇଲେ ଶିଶୁଙ୍କୁ କର ସମାର୍ଜନ ।
ଅଗ୍ରକେ ପ୍ରସ୍ତୋଗ ଅଗ୍ରଜାଗ କର
ଅଧୋଭାଗେ ତନୁ ମାଜ ଅନୁଜର ।
କଲେ ଅନୁକମ୍ପା ମୁନି ଆଜ୍ଞାମତେ
ଭୂତ-ବିନାଶିନୀ ରକ୍ଷା ସେହି ମତେ ।"

ଶାସ୍ତ୍ରାନୁମୋଦିତ ସିଦ୍ଧାନ୍ତକରଣରେ ବାଲ୍ମୀକି ସନ୍ତାନ ଦୁହିଙ୍କର ନାମକରଣ କରିଛନ୍ତି ଲବ ଓ କୁଶ । ସନ୍ତାନ ଦ୍ୱୟଙ୍କର ଜନ୍ମଲାଭରେ ଆଶ୍ରମବାସୀ ଅତ୍ୟନ୍ତ ହର୍ଷିତ ହୋଇଛନ୍ତି । ଅତି ନିଷ୍ଠାର ସହିତ ପୁତ୍ରଦ୍ୱୟ ଆଶ୍ରମ ଜୀବନ ଅତିବାହିତ କରିବା ଭିତରେ ରାମାୟଣର ବିଷୟବସ୍ତୁ ବାଲ୍ମୀକି ଗୀତ ଆକାରରେ ତାଙ୍କୁ ଶିକ୍ଷା ଦେଇଛନ୍ତି । ବେଦାଧ୍ୟୟନ

Digitized by srujanika@gmail.com

ସହିତ ରାଜଧର୍ମ ଶିକ୍ଷା, ତତ୍ ସଙ୍ଗରେ ଧନୁର୍ବିଦ୍ୟା, ଅସ୍ତ୍ରଚାଳନା ଆଦିରେ ପ୍ରତିଦ୍ୱୟ ଖୁବ୍ ଧୁରନ୍ଧର ହୋଇ ଉଠିଛନ୍ତି । ଏକଦା ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞର ବିପୁଳ ଉତ୍ସବ ଆୟୋଜନ କରିବା ସମୟରେ ଜଣେ ପତ୍ରବାହକକୁ ପତ୍ର ଦେଇ ବାଲ୍ମୀକିଙ୍କ ପାଖକୁ ପଠାଇଛନ୍ତି । ବାଲ୍ମୀକି ପତ୍ରନେଇ ଆନନ୍ଦ ମନରେ ସୀତାଙ୍କୁ କହୁଛନ୍ତି—

"ଯଜ୍ଞ ଦରଶନ ପାଇଁ ମୁନି ପୁତ୍ର ବେଶେ
କୁମାରଙ୍କୁ ନେଇଯିବା ଶିଷ୍ୟ ବ୍ୟପଦେଶେ ।
କୁଶ ଲବ ଯଜ୍ଞକ୍ଷେତ୍ରେ ବୁଲି ସ୍ଥାନ ସ୍ଥାନ
କରିବେ ନବୀନ କାବ୍ୟ ରାମାୟଣ ଗାନ ।
ରାମ କଥାକର ପ୍ରୀତି-ପୀୟୂଷ ବର୍ଷଣ
ନିଶ୍ଚୟ କରିବ ଜନ ମନ ଆକର୍ଷଣ ।
ଶ୍ରୀରାମ ସଦୃଶ ଦେଖି କୁମାରଙ୍କୁ ଜନେ
ରାମ-ପୁତ୍ର ବୋଲି ନିଶ୍ଚେ ବିଚାରିବେ ମନେ ।"

ତା'ପରେ ବାଲ୍ମୀକି ସୀତାଙ୍କୁ ଜଣାଇ ଲବକୁଶଙ୍କୁ ରାମଙ୍କ ଦ୍ୱାରା ଆୟୋଜିତ ଅଶ୍ୱମେଧ ଯଜ୍ଞ ଦେଖିବାକୁ ନେଇଛନ୍ତି । ପୁତ୍ର ଦୁଇଜଣଙ୍କର ପରିଚୟ ପଚାରିବା ମାତ୍ରେ ସେମାନେ ବାଲ୍ମୀକିଙ୍କର ଶିଷ୍ୟ ବୋଲି ପରିଚୟ ଦେଇଛନ୍ତି । ବାଲ୍ମୀକିଙ୍କ ଆଦେଶରେ ଲବକୁଶ ଦୁଇଜଣ ଯଜ୍ଞସଭାରେ ରାମାୟଣ ଗାନ କରିଛନ୍ତି । ରାମଚନ୍ଦ୍ରଙ୍କ ସହିତ ଲବକୁଶଙ୍କର ମିଳନ ଘଟାଇବାରେ ବାଲ୍ମୀକିଙ୍କର ଚେଷ୍ଟା ବାସ୍ତବିକ୍ ପ୍ରଶଂସାର୍ହ । ଅବଶ୍ୟ ଏ ପ୍ରସଙ୍ଗ ତପସ୍ୱିନୀରେ ନ ଥିଲେ ମଧ୍ୟ ଏହା ରାମାୟଣରେ ବର୍ଣ୍ଣିତ । ଚରିତ୍ର ଚିତ୍ରଣ ଦୃଷ୍ଟିରୁ ମେଦ୍ଦେର ତପସ୍ୱିନୀରେ ବାଲ୍ମୀକିଙ୍କର ଚରିତ୍ରକୁ ଅତି ସୂକ୍ଷ୍ମାତିସୂକ୍ଷ୍ମ ଦୃଷ୍ଟିରେ ବିଚାର କରି କାବ୍ୟର ଉତ୍କର୍ଷ ପ୍ରତିପାଦନ କରିଛନ୍ତି । ତପସ୍ୱିନୀ କାବ୍ୟରେ ବାଲ୍ମୀକିଙ୍କର ମୁଖ୍ୟ ଭୂମିକା ମଧ୍ୟରେ କ୍ରନ୍ଦନରତା ସୀତାଙ୍କୁ ନେଇ ତାଙ୍କ ଆଶ୍ରମରେ ଆଶ୍ରୟ ଦେବା, ତାଙ୍କ ଦୁଃଖର ଅପନୋଦନ ପାଇଁ ବହୁତ ବ୍ୟବସ୍ଥା କରିବା, ସୀତାଙ୍କ ଗର୍ଭରୁ ଯମଜ ସନ୍ତାନ ଜନ୍ମଲଭ ପରେ ତାଙ୍କର ନାମକରଣ କରିବା, ବେଦାଧ୍ୟୟନ ସହିତ ରାଜୋଚିତ କର୍ମ-ଧର୍ମ ଓ ଧନୁର୍ବିଦ୍ୟା ତଥା ଅସ୍ତ୍ରଚାଳନାରେ ଦକ୍ଷତା ଅର୍ଜ୍ଜନ କରାଇବା, ଅଶ୍ୱମେଧ ଯଜ୍ଞୋତ୍ସବକୁ ନେଇ ରାମଚନ୍ଦ୍ରଙ୍କ ସହିତ ମିଳନ ଘଟାଇବା ଆଦି ଯାବତୀୟ କାର୍ଯ୍ୟ ବାଲ୍ମୀକିଙ୍କ ଦ୍ୱାରା ସମାହିତ ହୋଇଛି ।

ଅନୁକମ୍ପା ଚରିତ୍ର :

ମେଦ୍ଦେରଙ୍କ ତପସ୍ୱିନୀ କାବ୍ୟରେ ଅନୁକମ୍ପା ଚରିତ୍ର ଏକ ଅଭିନବ ସୃଷ୍ଟି । ସେ ଦେବୀ ରୂପରେ ସ୍ୱର୍ଗରୁ ଆସିନାହାନ୍ତି । ସେ ମେଦ୍ଦେରଙ୍କ ଦ୍ୱାରା ମାତୃମୟୀ ମାନବୀ ଭାବରେ ସୃଷ୍ଟି ହୋଇଛନ୍ତି । ମେଦ୍ଦେରଙ୍କ ସାହିତ୍ୟର ନାୟିକାମାନେ ଫକୀରମୋହନ କମ୍ପା ରାଧାନାଥଙ୍କ ସାହିତ୍ୟର ନାୟିକା ପରି ନୁହନ୍ତି । ମେଦ୍ଦେରଙ୍କ କାବ୍ୟନାୟିକାମାନେ ଯେପରି କୌଣସି ଉଦ୍ୟାନର ସୁରଭିତ ପୁଷ୍ପକଳି ପ୍ରତୀୟମାନ ହୁଅନ୍ତି । ରାମଚନ୍ଦ୍ରଙ୍କ ଦ୍ୱାରା ନିର୍ବାସନ ଦଣ୍ଡରେ ଦଣ୍ଡିତା ହୋଇ ସୀତାଙ୍କୁ ଲକ୍ଷ୍ମଣ ଭାଗୀରଥୀ ନଦୀର ପାର୍ଶ୍ୱ ଅରଣ୍ୟରେ ବିସର୍ଜ୍ଜନ ଦେଇଗଲାପରେ ବାଲ୍ମୀକିଙ୍କ ଦ୍ୱାରା ସେ ତାଙ୍କ ଆଶ୍ରମକୁ ଆସିଛନ୍ତି । ଅନୁକମ୍ପା ନାମରେ

Digitized by srujanika@gmail.com

ଏକ ବୃଦ୍ଧା ତପସ୍ୱିନୀ ମାତୃତ୍ୱର ଅଭିନୟ ନେଇ ସୀତାଙ୍କ ନୟନ ଯୁଗଳରୁ ଅଶ୍ରୁ ପୋଛୁ ସ୍ନେହସୁଲଭ କଣ୍ଠରେ କହୁଛନ୍ତି—

"ରାଜ ରାଜେଶ୍ୱରୀ ମାଆ ତୁ ସ୍ୱର୍ଣ୍ଣ-ମନ୍ଦିର ତୋର
ତମଃ ପୂର୍ଣ୍ଣ କରି ଉଜ୍ଜ୍ୱଳ କଲୁ କୁଟୀର ମୋର
ଧନଯାକ କରି ନଥିବୁ ସରି କଞ୍ଚ ଆହାର
ପୁଅ କରୁଥିବ ଗରଭେ ତଳି ପାଦ ପ୍ରହାର
ଖାଆ ମା', ଖାଆ ମା' ! ମା' ଘରେ
ତୋର କି ଅଛି ଲାଜ
ଗୁହାରି ରହିଛନ୍ତି ତୋତେ ତୋ'
ଏହି ସଖୀ ସମାଜ ।"

ନିର୍ଜନ ବନାନୀରେ ସହାୟହୀନା ସୀତାଙ୍କୁ ପ୍ରବୋଧନା ଦେଇ ମାତୃସୁଲଭ ସ୍ନେହରେ ଜର୍ଜ୍ଜରିତା କରିବାରେ ଅନୁକମ୍ପା ଚରିତ୍ରର ଆବଶ୍ୟକତା ଅନୁଭବ କରି ଗଙ୍ଗାଧର ସୃଷ୍ଟି କରିଛନ୍ତି ଏହି ଅପୂର୍ବ ଚରିତ୍ରଟିକୁ । ତାଙ୍କର ଅମୃତ ସୁଲଭ ଉପଦେଶ, ଆଶା ଓ ଆଶ୍ୱାସନା ଜନନୀ ବ୍ୟତିରେକେ ଆଉ କିଏ ବା ଦେବ; ମୁନି ଆଶ୍ରମରେ ରାଜକୀୟ ଖାଦ୍ୟ ଅବା ମିଳିବ କାହୁଁ ? ଫଳମୂଳାହାରରେ ତାପସ ତାପସୀମାନେ ଜୀବନ ଅତିବାହିତ କରିବା-ବେଳେ ସୀତା ମଧ୍ୟ ସେଥିରୁ ବାଦ ଯାଆନ୍ତେ କିପରି ? ସେହି ଜନନୀ ଅନୁକମ୍ପା ସୀତାଙ୍କୁ ପେଟପୂରା ଖାଇବାକୁ ଦେଇ କହନ୍ତି—

"ଅବଶେଷେ "ଆଉ ଦିଅଟି,
ଆଉ ଦିଅଟି" ବୋଲି
ଭୁଞ୍ଜାଇଲେ ସେହି ସଖୀଙ୍କି
ଆଠ ଦଶଟି କୋଳି ।"

ସୀତାଙ୍କ ଜନନୀ କିଏ ଏକଥା ଜାଣିବା କଷ୍ଟକର । ରହସ୍ୟମୟୀ ସୀତା ମାତୃ-ସ୍ନେହରୁ ବଞ୍ଚିତା ହୋଇ ବାଲ୍ମୀକିଙ୍କର ତପୋବନରେ ଅନୁକମ୍ପାଙ୍କଠାରୁ ମାତୃସ୍ନେହ ଲାଭକରି ସନ୍ତୋଷ ଲାଭ କରିଛନ୍ତି ।

"ମାତୃ-ସ୍ନେହ-ସୁଖ ନଥିଲେ ବୁଝି ବାଲ୍ୟ ଜୀବନେ
ସେହି ସୁଖ ସତ୍ତା ବୁଝିଲେ ଆଜି ବାଲ୍ମୀକି ବନେ ।"

ଜନନୀ ବିନା ପିଲାର ଅନ୍ତର ବୁଝେ । ତାଠାରୁ ଦ୍ୱିତୀୟ ବ୍ୟକ୍ତି ଏ ଜଗତରେ କେହି ନାହିଁ । ସ୍ନେହବତ୍ସଳା ଅନୁକମ୍ପା ଜନନୀ ପ୍ରାୟ ସୀତାଙ୍କ ପାଖେ ପାଖେ ରହି ତାଙ୍କ ଦୁଃଖ ହରଣ କରିବାରେ ସହାୟକ ହୋଇଛନ୍ତି । ଆଶ୍ରମର ତାପସ ତାପସୀଙ୍କ ଗହଣରେ ସୀତା କଟିତଟରେ ବାସ ଅଞ୍ଚଳ ଭିଡ଼ି ଯେତେବେଳେ ଉଦ୍ୟାନରେ ଜଳ ଦେବାକୁ ତତ୍ପର ସେତେବେଳେ ଅନୁକମ୍ପା ରାଜମହିଷୀ କୋମଳାଙ୍ଗୀ ସୀତାଙ୍କ ଅବସନ୍ନତା ଲକ୍ଷ୍ୟ କରି ସ୍ନେହ ଗଦ୍‌ଗଦ୍ କଣ୍ଠରେ କହୁଛନ୍ତି—

ସୀତା ମୋର ଜଳ ବହି ନ ଜାଣେ,   କଷ୍ଟ ହେଉଥିବ କୋମଳ ପ୍ରାଣେ
ନ କରୁ ଅଧିକ ଶ୍ରମ

Digitized by srujanika@gmail.com

ଉଦ୍ୟାନକୁ ଥରେ   ଦେଖି ନେଇ ମାତ୍ର
ଆସିଛୁ ହୋଇ ପ୍ରଥମ ।
ଆସ ମା, ଶୀତଳ ଗୁମ୍ଫାକୁ ଯାଇ, ବସିବା, ନକର ଅନ୍ୟ ପ୍ରସ୍ତାବ
କହିଦେବ କିଛୁ ଆଶ୍ରମ ଗତ,   ବୋଲି ଘେନିଗଲେ ଦେଖାଇ ପ୍ରୀତ
ଅନୁକମ୍ପା ସଙ୍ଗେ ସତୀ
ବସିଲେ ଗୁମ୍ଫାରେ   ଜଳ ଆନନ୍ଦନେ
ଲଗିଲେ ତାପସୀ ଉକ୍ତ ।"

ତତ୍ପରେ ଅନୁକମ୍ପା ସୀତାଙ୍କୁ ଆଶ୍ରମ ଜୀବନରେ ତପସ୍ୟା ସମ୍ବନ୍ଧୀୟ ଜ୍ଞାନଗର୍ଭକ ଉପଦେଶମାନ ପ୍ରଖ୍ୟାପନ କରିଛନ୍ତି, ତାହା ବାସ୍ତବିକ୍ ପ୍ରଣିଧାନଯୋଗ୍ୟ । ଉତ୍ତର ଜୀବନରେ ସୀତାଙ୍କ ତପସ୍ୟା ସମ୍ବନ୍ଧ ମନେପଡ଼େ ମହାକବି କାଳିଦାସଙ୍କ ବର୍ଣ୍ଣିତ 'କୁମାର ସମ୍ଭବ'ରେ ପାର୍ବତୀଙ୍କ ତପସ୍ୟା । ଉଦ୍ଦାମ କାମନା ଦ୍ୱାରା ତାଙ୍କର ଉଗ୍ର ତପସ୍ୟା ସମ୍ଭୂତ । କିନ୍ତୁ ସେ ଦୈବୀଶକ୍ତି ବଳରେ ଲାଭ କରିଥିଲେ ମହେଶ୍ୱରଙ୍କୁ । ଏଠାରେ ସୀତାଙ୍କ ତପସ୍ୟା ତାଙ୍କଠାରୁ ସମ୍ପୂର୍ଣ୍ଣ ବିପରୀତ । ସୀତା କେବେ ରାମଚନ୍ଦ୍ରଙ୍କ ଦ୍ୱାରା ଉପେକ୍ଷିତା ନୁହନ୍ତି । ସହଧର୍ମିଣୀର କର୍ତ୍ତବ୍ୟ ପାଳନ ପାଇଁ ସେ ତାଙ୍କଠାରୁ ତପଶ୍ଚରଣ ନେଉଛନ୍ତି । ପାର୍ବତୀଙ୍କ ପରି ଉଗ୍ର ତପସ୍ୟାର ଅସାରତା ପ୍ରତିପାଦନ କରି ମେହେରଙ୍କ କାବ୍ୟର ବୃଦ୍ଧା ତାପସୀ ଅନୁକମ୍ପା କହିଛନ୍ତି — "ଦମ୍ଭେ ଅହଙ୍କାରେ କାମ-ପୋଷଣେ
ରାଗେ ଦେହବଳେ ଆତ୍ମା କର୍ଷଣେ
ତପ କରିଥାନ୍ତି ଅସୁର ସବେ
ସମ୍ଭବ ନୁହେଁ ତା'   ତୋର ସ୍ୱଭାବେ
ଦେବଦ୍ୱିଜ ଗୁରୁ ବୁଧେ
ଶାନ୍ତି ଆର୍ଜବ   ଶ୍ରଦ୍ଧା ସମନ୍ୱୟେ
ପୂଜିଥାଉ ଚିରଶୁଦ୍ଧେ ।"

ସୀତାଙ୍କ ଉତ୍ତର ଜୀବନର ବିଷୟ ବାସନା ପ୍ରତି ଅନୁରକ୍ତ ନଥିଲ । ସେ ସମସ୍ତ କର୍ତ୍ତବ୍ୟ ସମ୍ପାଦନରେ ନିପୁଣା । ତପଶ୍ଚରଣରେ ସିଦ୍ଧା ତପସ୍ୱିନୀ । ନିର୍ଜ୍ଜନ ବାଲ୍ମୀକିଙ୍କ ଆଶ୍ରମରେ ତାପସୀ ଅନୁକମ୍ପା ତପସ୍ୟା କର୍ମର ଏକ ସୁନ୍ଦର ଝଲକା ପ୍ରସ୍ତୁତ କରି ସୀତାଙ୍କୁ ଉପଦେଶ ମାଧ୍ୟମରେ ଅବହିତ କରିଛନ୍ତି । ଆଶ୍ରମ ଜୀବନରେ ମେହେରଙ୍କ ସୃଷ୍ଟ ତପସ୍ୱିନୀ ବୃଦ୍ଧା ଅନୁକମ୍ପାଙ୍କ ଭୂମିକା ବାସ୍ତବିକ୍ ଚମକପ୍ରଦ । ବାଲ୍ମୀକି ରାମାୟଣ କିମ୍ବା ଭବଭୂତିଙ୍କ ଉତ୍ତର ରାମଚରିତରେ 'ଅନୁକମ୍ପା' ବୋଲି କେହି ବୃଦ୍ଧା ତାପସୀ ପ୍ରଦତ୍ତ ହୋଇନାହିଁ । ଏହା ଗଙ୍ଗାଧରଙ୍କର ମୌଳିକ ସୃଷ୍ଟି । ଉକ୍ତ ତପସ୍ୱିନୀ କାବ୍ୟରେ ଅନୁକମ୍ପା ଚରିତ୍ର ଯେ ଅନନ୍ୟ ସାଧାରଣ ଏଥିରେ ସନ୍ଦେହର ଅବକାଶ ନାହିଁ ।

ସୀତାଙ୍କ ଚରିତ୍ର :

ମେହେରଙ୍କ କାବ୍ୟ ମଧ୍ୟରେ 'ତପସ୍ୱିନୀ' ଏକ ଶ୍ରେଷ୍ଠ କାବ୍ୟ । ସୀତାଙ୍କର ଉତ୍ତର-ଜୀବନ ପ୍ରବାହ 'ତପସ୍ୱିନୀ' ନାମରେ ନାମିତ । ପୂର୍ବ ଜନ୍ମରେ ତପସ୍ୟାର ଅଭାବ ହେତୁ ସୀତା ପରଜନ୍ମରେ ତପଶ୍ଚରଣ ଦ୍ୱାରା ତାହା ପୂରଣ କରିପାରିବେ ବୋଲି ଆଶାକରି ତପସ୍ୱିନୀ

Digitized by srujanika@gmail.com

ରୂପରେ ବାଲ୍ମୀକଙ୍କ ତପୋବନରେ ଜୀବନ ଅତିବାହିତ କରିଥିଲେ । 'ତପସ୍ୱିନୀ' କାବ୍ୟରେ ସୀତା ମୁଖ୍ୟ ଚରିତ୍ର ରୂପରେ ବର୍ଣ୍ଣିତା । ଯେଉଁ ରହସ୍ୟମୟୀ ସୀତାଙ୍କ ଜନ୍ମ ରହସ୍ୟରେ ଭରା, ସେହି ସୀତା ବାଲ୍ୟକାଳରୁ ଐଶ୍ୱର୍ଯ୍ୟ ଭୋଗ ବିଳାସ ମଧ୍ୟରେ ଜୀବନ ବିତାଇ ଯୌବନରେ ରାମଚନ୍ଦ୍ରଙ୍କର ପ୍ରେମମୁଗ୍ଧା ହୋଇ ବିମାତାର ଚକ୍ରାନ୍ତରେ ପିତୃସତ୍ୟ ପାଳନ ପାଇଁ ରାମଚନ୍ଦ୍ରଙ୍କ ବନବାସ ଗମନରେ ସେ ହେଲେ ଅନୁଗାମିନୀ । ଦୋହଦିନୀ ସୀତାଙ୍କର ଦୋହଦ ପୂରଣ ନିମିତ୍ତ ରାଜପୁର ପ୍ରଜାଗଣଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଜନ୍ମାଇ ତାଙ୍କର ମନସ୍କାମନା ପୂର୍ଣ୍ଣ କରି ରାମଚନ୍ଦ୍ର ଉପଯୁକ୍ତ ସୁଯୋଗରେ ସୀତାଙ୍କୁ ଅନୁଜ ଲକ୍ଷ୍ମଣଙ୍କ ଦ୍ୱାରା ଭାଗୀରଥୀ ତଟରେ ସ୍ୱବା ନିର୍ଜନ ବିପିନରେ ବିସର୍ଜନ ଦେଇଛନ୍ତି । ସୀତା ସଂଜ୍ଞାଶୂନ୍ୟା ହୋଇଥିବା ବେଳେ ବାଲ୍ମୀକି ସେଠାରେ ଉପସ୍ଥିତ ହୋଇ ସୀତାଙ୍କର ଗର୍ଭ ଲକ୍ଷଣ ଦେଖି ତାଙ୍କୁ ପ୍ରବୋଧନା ଦେଇଛନ୍ତି । ସୀତାଙ୍କର ଚେତା ଫେରି ଆସିଛି । ସମ୍ମୁଖରେ ମହର୍ଷି ବାଲ୍ମୀକି ଦଣ୍ଡାୟମାନ ହୋଇଥିବାର ଦେଖି ସୀତା ଅଶ୍ରୁବିଧୌତ ଗଣ୍ଡଯୁଗଳକୁ ନିଜ ବସନାଞ୍ଚଳରେ ପୋଛି ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ଆଶ୍ରମ-ତାପସୀମାନଙ୍କ ମେଳରେ ଆଶ୍ରମରେ ଉପସ୍ଥିତ ହୋଇଛନ୍ତି । ଜ୍ୟୋସ୍ନାବିଧୌତ ଉଜ୍ଜ୍ୱଳ ଯାମିନୀ । ଆଶ୍ରମରେ ପ୍ରସ୍ଫୁଟିତ ବିଭିନ୍ନ ପୁଷ୍ପରାଜିର ବର୍ଣ୍ଣିଳ ବକ୍ଷରେ ଆଶ୍ରମ ବିଭୂଷିତ । କୁଟୀରର ଅନତିଦୂରରେ ଏକ ତାପସୀ ସଖୀ ସହିତ ସୀତା ବସିଥିବା-ବେଳେ ହଠାତ୍ ଭାସିଆସିଛି ଚକ୍ରବାକର ବିରହକାକଳି । ଅଶ୍ରୁସିକ୍ତ ହୋଇ ଉଠିଛି ସୀତାଙ୍କର ନୟନଯୁଗଳ । ସଖୀ ଏ ଶବ୍ଦ ଶ୍ରବଣ କରି ସୀତାଙ୍କୁ ତାହାର କାରଣ ଜିଜ୍ଞାସା କରିବାରୁ ସୀତାଙ୍କ ନୟନରୁ ଝରିଆସିଛି ଅବାରିତ ଅଶ୍ରୁ । ସୀତାଙ୍କୁ ଦେଖି ସଖୀଟି ତାଙ୍କ ପାଖରେ କ୍ଷମାଭିକ୍ଷା କରିଛି । ତାପରେ ସୀତା ଖୋଲି ଦେଇଛନ୍ତି ସଖୀ ନିକଟରେ ଅନ୍ତରର ଇତିହାସ । ସଖୀ ଅନ୍ତର୍ହିତା ହୋଇଛି ସୀତାଙ୍କଠାରୁ । ଯାମିନୀର ପ୍ରଶାନ୍ତ ବୁକୁରେ ଆଶ୍ରୟ ନେଇଛନ୍ତି ସୀତା । ଶୋଇଥିବା ବେଳେ ମନପର୍ଦ୍ଦାରେ ତାଙ୍କର ପ୍ରତିଭାତ ହୋଇଛି ଗୋଟିକ ପରେ ଗୋଟିଏ ରାମଚନ୍ଦ୍ରଙ୍କର ପ୍ରେମମୟ ମୂର୍ତ୍ତି । ନିଜ କର୍ତ୍ତବ୍ୟରେ ଚିହ୍ନାଏ ହେଲେ ସେ ତ ତ୍ରୁଟି କରି ନାହାନ୍ତି । ରାତ୍ରି ପାହି ଆସିଛି । ତନ୍ଦ୍ରା ବିଜଡ଼ିତ ଅଳସତନୁ ତ୍ୟାଗ କରି ସୀତା ଭକ୍ତିପୂତ ହୃଦୟରେ ଅନୁକମ୍ପାଙ୍କ ସମ୍ମୁଖ ବନ୍ଦନା କରିଛନ୍ତି ।

"ପଦ୍ମା ହ୍ରଦ-ଶିଶିର- ବିନ୍ଦୁରେ ଖର-ରଶ୍ମିର
ପ୍ରତିବିମ୍ବ ପରି ଭାବି ରାମ-ମୂରତି
ଶୋକ ଜର୍ଜରିତ ଚିତ୍ତ ଫଳକେ କରି ଚିତ୍ରିତ
ହେଲେ ଆସନୁ ଉତ୍‌ଥିତ ଜାନକୀ ସତୀ
ନମି ଅନୁକମ୍ପା ସମ୍ମୁଖରେ
ବନ୍ଦିଲେ ଉଷାର ପଦ ସବିନୟରେ ।"

ଦିନ ପରେ ଦିନ ଗଡ଼ିଯାଏ । ଶ୍ରାବଣର ଏକ ବର୍ଷୁଳ ରଜନୀରେ ସୀତାଙ୍କ ଗର୍ଭରୁ ଜନ୍ମ ନିଅନ୍ତି ଦୁଇଟି ଯମଜ ସନ୍ତାନ, ଲବ ଓ କୁଶ । ରାମଚନ୍ଦ୍ରଙ୍କ ସହିତ ଲବ ଓ କୁଶଙ୍କର କିପରି ମିଳନ ହେବ ଭାବି ବାଲ୍ମୀକି ଏହି କଥା ଚିନ୍ତା କରୁଥିବା ବେଳେ ଜଣେକ ରାଜଦୂତ ରାମଚନ୍ଦ୍ରଙ୍କ ପ୍ରଦତ୍ତ ଏକ ପତ୍ର ବାଲ୍ମୀକିଙ୍କ ହସ୍ତକୁ ବଢ଼ାଇ ଦେଇଛି । ସୀତା ସେ ସମୟରେ ରାମଚନ୍ଦ୍ରଙ୍କ ନିକଟକୁ ଏକ ପତ୍ର ଲେଖୁଥାନ୍ତି । ଅଶ୍ୱମେଧ ଯଜ୍ଞର ଆମନ୍ତ୍ରଣ । ଏଥିରେ ବାଲ୍ମୀକି

Digitized by srujanika@gmail.com

ଆନନ୍ଦିତ ହୋଇଛନ୍ତି । ଲବ-କୁଶଙ୍କ ସଙ୍ଗରେ ନେବାପାଇଁ ସ୍ଥିର କରି ଜାନକୀଙ୍କୁ ଏହା ଜଣାଇଛନ୍ତି । କିନ୍ତୁ ପର ମୁହୂର୍ତ୍ତରେ ସୀତାଙ୍କ ହୃଦୟରେ ସୃଷ୍ଟି ହୋଇଛି ବିଷାଦର ଛାୟା । ସହଧର୍ମିଣୀ ହେବା ଯଜ୍ଞ ଅସମ୍ଭବ । କିନ୍ତୁ କେଉଁ ରମଣୀ ଗଭୀର ତପସ୍ୟାବଳରେ ପାଇଛି ରାମଚନ୍ଦ୍ରଙ୍କ ପରି ସ୍ୱାମୀଙ୍କୁ । ନୟନରୁ ଝରିପଡୁଥିବା ଅଗଣିତ ବାରିଧାରରେ ପତ୍ରଟି ତାଙ୍କର ସିକ୍ତ ହୋଇଯାଇଛି । ତଥାପି ସୀତାଙ୍କର ତପସ୍ୟାଠାରୁ ସ୍ଥାନ ପାଇଥିବା ଯଜ୍ଞରମଣୀର ତପସ୍ୟା ଆହୁରି ଅନାବିଳ ଓ କଠୋର ମନେ କରି ଏଠିରେ ଉଲ୍ଲେଖ କରିଛନ୍ତି—

"ଯେ ହୋଇଛି ଆଜ ତୁମ ଅଙ୍କର ଭୂଷଣ
ଭକ୍ତିଭରେ ଦେଖୁଥିବେ ଜଗତର ଜନ ।
ପୂର୍ବେ ସେହୁ କରିଥିଲା କେଉଁ ଘୋର ତପ
କେଉଁଠାରେ କେତେକାଳ କେଉଁ ମନ୍ତ୍ରଜପ ।
ଏହା ମାତ୍ର ପ୍ରଭୁ ମୋତେ ଦେବଟି ଜଣାଇ
ଅନ୍ୟ କିଛି ଧନେ ମୋର ପ୍ରୟୋଜନ ନାହିଁ ।"

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସୀତା କିପରି ନିର୍ମଳହୃଦୟା, ପତି ବିରହିଣୀ ଓ ପତିବ୍ରତା । ସୀତାଙ୍କର ଜୀବନାଦର୍ଶ ପ୍ରତିଷ୍ଠା ପାଇଁ କବି ପୁଣି ଲେଖିଛନ୍ତି—

"ବୈଦେହୀର ପ୍ରଣୟକୁ ମଣିବ ସପନ
ଗୃହିଁ ନବ ପ୍ରଣୟିନୀ ପ୍ରଫୁଲ୍ଲ ଲପନ ।"

ପତିଗତପ୍ରାଣା ସୀତା ନିର୍ବାସନ ଦଣ୍ଡକୁ ଅକାତରରେ ବରଣ କରି ନେଇଥିବା ବେଳେ ଏହା କ'ଣ ପ୍ରକୃତରେ ରାମଙ୍କ ଦ୍ୱାରା ସମ୍ଭବ ହୋଇପାରେ ଭାବି ତାଙ୍କର ଦୃଷ୍ଟିପଥ ଭ୍ରମିତ ହୋଇଛି । ପୁନର୍ବାର ନିଜର ପ୍ରଶ୍ନବାଚୀକୁ ଫେରାଇଆଣି ଅନୁତାପ କରିଛନ୍ତି । ତାଙ୍କର ହୃଦୟ ଅତି ଦୁର୍ବଳ ହୋଇଥିବାରୁ ସେ ଏହା କରିଛନ୍ତି ।

"ମୁଁ ସିନା ଅବଳା ଅତି ଦୁର୍ବଳ ହୃଦୟା
ଅନନ୍ତ ଅଗାଧ ମୋର ପ୍ରଭୁଙ୍କର ଦୟା
ଅପରାଧ କ୍ଷମନାଥ କ୍ଷମାର ସାଗର
ବାନ୍ଧି ଦିଅ ମୋତେ ତୁମ୍ଭ ହୃଦୟର ନୀର ।"

ଅତି ଦୁର୍ବଳ ହୃଦୟା ନାରୀ ମନର (ସୀତା) କରୁଣ ଆର୍ତ୍ତି; ଏଠାରେ ପ୍ରକାଶ କରି କବି ମେହେର କାବ୍ୟକ ପ୍ରତିଭା ପ୍ରତିଷ୍ଠା କରିଛନ୍ତି । ତାପରେ ଲବ-କୁଶ ଦୁଇଜଣ ଆସି ମାଆଙ୍କୁ ପ୍ରଶ୍ନ କରିଛନ୍ତି କାନକା ଜାନକୀ କଥା । ସ୍ୱାମୀଙ୍କୁ ଭୁଲ ବୁଝି ସେ ଯେଉଁ ପତ୍ର ଲେଖିଥିଲେ, କ୍ଷଣକ ମଧ୍ୟରେ ତାଙ୍କର ଦୁଃଖ କୁଆଡ଼େ ଉଭେଇ ଯାଇଛି । ତତ୍ପରେ ସୀତା ପତ୍ରଟିକୁ ଲୁଚାଇ ରଖି ଲବ-କୁଶ ଦୁହିଙ୍କୁ ଅଯୋଧ୍ୟା ଗଲେ କାହାକୁ କିପରି ସମ୍ମାନ ପ୍ରଦର୍ଶନ କରିବାକୁ ହେବ ତାହା ସେ ଶିକ୍ଷା ଦେଇଛନ୍ତି । ଏହା ହେଉଛି ମେହେରଙ୍କର ତପସ୍ୱିନୀ କାବ୍ୟର ବିଷୟବସ୍ତୁ । ଏହାରି ଭିତରେ ଆମେ ଦେଖୁଁ, ସ୍ୱଭାବକବି ଗଙ୍ଗାଧର ମେହେରଙ୍କର ତପସ୍ୱିନୀ କାବ୍ୟରେ ସୀତାଙ୍କ ଚରିତ୍ର ଚିତ୍ରଣ ଖୁବ୍ ଦୁଃଖଦ ଓ ମର୍ମନ୍ତୁଦ ହୋଇଛି । ଯେ କେହି ପାଠକ ଏହା ପାଠ କଲାମାତ୍ରେ ~~ତାଙ୍କ ହୃଦୟ~~ ନିଶ୍ଚୟ ବିଷାଦସିକ୍ତ ହେବ, ଏଥିରେ କୌଣସି ସନ୍ଦେହ ନାହିଁ । □□□

Digitized by srujanika@gmail.com